ହିତ୍ୱାନ୍ୟାନ୍ ଭଜତେ ଯଂ ଶ୍ରୀଃ ପାଦସ୍ପର୍ଶାଶୟାସକୃତ୍ ।
ଆତ୍ମଦୋଷାପବର୍ଗେଣ ତଦ୍‌ଯାଚ୍ଞା ଜନମୋହିନୀ ॥ ୪୬

ଦେଶଃ କାଳଃ ପୃଥଗ୍‌ଦ୍ରବ୍ୟଂ ମନ୍ତ୍ରତନ୍ତ୍ରର୍ତ୍ୱିଜୋଽଗ୍ନୟଃ ।
ଦେବତା ଯଜମାନଶ୍ଚ କ୍ରତୁର୍ଧର୍ମଶ୍ଚ ଯତ୍ପ୍ରୟଃ ॥ ୪୭

ସ ଏଷ ଭଗବାନ୍ ସାକ୍ଷାଦ୍ ବିଷ୍ଣୁର୍ଯୋଗେଶ୍ୱରେଶ୍ୱରଃ ।
ଜାତୋ ଯଦୁଷ୍ୱିତ୍ୟଶୃଣ୍ମ ହ୍ୟପି ମୂଢା ନ ବିଦ୍ମହେ ॥ ୪୮

ଅହୋ ବତ୍ୟଂ ଧନ୍ୟତମା ଯେଷାଂ ନସ୍ତାଦୃଶାଃ ସ୍ତ୍ରିୟଃ ।
ଭକ୍ତ୍ୟା ଯାସାଂ ମତିର୍ଜାତା ଅସ୍ମାକଂ ନିଶ୍ଚଳା ହରୌ ॥ ୪୯

ନମସ୍ତୁଭ୍ୟଂ ଭଗବତେ କୃଷ୍ଣାୟାକୁଣ୍ଠମେଧସେ ।
ଯନ୍ମାୟାମୋହିତଧିୟୋ ଭ୍ରମାମଃ କର୍ମବର୍ତ୍ମସୁ ॥ ୫୦

ସ ବୈ ନ ଆଦ୍ୟଃ ପୁରୁଷଃ ସ୍ୱମାୟାମୋହିତାତ୍ମନାମ୍ ।
ଅବିଜ୍ଞାତାନୁଭାବାନାଂ କ୍ଷନ୍ତୁମର୍ହତ୍ୟତିକ୍ରମମ୍ ॥ ୫୧

ଇତି ସ୍ୱାଘମନୁସ୍ମତ୍ୟ କୃଷ୍ଣେ ତେ କୃତହେଳନାଃ ।
ତିଷ୍ଠନ୍ତ୍ୟବୋଽପ୍ୟଚ୍ୟୁତୟୋଃ କଂସାଦ୍ ଭୀତା ନ ଚ୍ୟବନ୍ତି ॥ ୫୨

ସଚେତ କରିଦେବାକୁ ଗ୍ରନ୍ଥଟି ନ ଥାନ୍ତେ, ତେବେ ଆମ ପରି କ୍ଷୁଦ୍ର ଜୀବଙ୍କ ଠାରେ ତାଙ୍କର କି ପ୍ରୟୋଜନ ଥିଲା ? ଏକଥା ନିଶ୍ଚିତ ଯେ, ଆମକୁ ଚେତାଇଦେବା ନିମନ୍ତେ ହିଁ ସେ ଖାଦ୍ୟ ମଗାଇବାର ବାହାନା କଲେ। ନଚେତ୍ ତାଙ୍କର ଖାଦ୍ୟ ମଗାଇ ପଠାଇବାର ବା କି ଆବଶ୍ୟକତା ଥିଲା ! ॥ ୪୫ ॥ ଅନ୍ୟସବୁ ଦେବତାଙ୍କୁ ଛାଡ଼ିଦେଇ, ନିଜର ଚଞ୍ଚଳତା ତ୍ୟାଗ କରିଦେଇ, ଗର୍ବ ଆଦି ଦୋଷ ପରିତ୍ୟାଗ କରିଦେଇ ସ୍ୱୟଂ ଲକ୍ଷ୍ମୀ ଯାହାଙ୍କର ଚରଣକମଳର ସ୍ପର୍ଶ ପାଇବାକୁ ନିରନ୍ତର ସେବା କରି ଗଲିଛନ୍ତି, ସେହି ପ୍ରଭୁ ଯଦି କାହାକୁ ଗଣ୍ଡିଏ ଖାଇବାକୁ ମାଗିବେ, ତେବେ ତାହା ଲୋକଙ୍କୁ ମୋହିତ କରିବା ପାଇଁ ନୁହେଁ ତ ଆଉ କଣ ପାଇଁ ? ॥ ୪୬ ॥ ଦେଶ, କାଳ, ବିଭିନ୍ନ ସାମଗ୍ରୀ, ସେହି ସେହି କର୍ମରେ ନିଯୁକ୍ତ ମନ୍ତ୍ର, ଅନୁଷ୍ଠାନର ପଦ୍ଧତି, ଋତ୍ୱିଜ, ଅଗ୍ନି, ଦେବତା, ଯଜମାନ, ଯଜ୍ଞ ଓ ଧର୍ମ—ସବୁ ଭଗବାନଙ୍କର ହିଁ ସ୍ୱରୂପ ॥ ୪୭ ॥ ଯୋଗେଶ୍ୱରମାନଙ୍କର ଈଶ୍ୱର ସ୍ୱୟଂ ସେହି ଭଗବାନ ବିଷ୍ଣୁ ହିଁ ଶ୍ରୀକୃଷ୍ଣରୂପରେ ଯଦୁବଂଶରେ ଅବତୀର୍ଣ୍ଣ ହୋଇଛନ୍ତି ବୋଲି ଆମେ ଶୁଣିଥିଲୁ; କିନ୍ତୁ ଆମେ ଏତେ ମୂଢ଼ ଯେ, ତାଙ୍କୁ ଚିହ୍ନି ପାରିଲୁ ନାହିଁ ॥ ୪୮ ॥ ଏତେସବୁ ହୋଇଯିବା ପରେ ମଧ୍ୟ ଆମେ ଧନ୍ୟାତିଧନ୍ୟ; ଆମର ଅହୋଭାଗ୍ୟ; ସେଥିପାଇଁ ତ ଆମେ ଏପରି ପତ୍ନୀ ପାଇଛୁ। ସେହିମାନଙ୍କର ଭକ୍ତିଫଳରେ ଆଜି ଆମମାନଙ୍କର ବୁଦ୍ଧିରେ ମଧ୍ୟ ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରତି ଅବିଚଳ ଭକ୍ତି ଜାତ ହୋଇଗଲା ॥ ୪୯ ॥ ହେ ପ୍ରଭୁ ! ଆପଣ ହେଉଛନ୍ତି ଅଚିନ୍ତ୍ୟ ଓ ଅନନ୍ତ ଐଶ୍ୱର୍ଯ୍ୟର ସ୍ୱାମୀ। ହେ ଶ୍ରୀକୃଷ୍ଣ ! ଆପଣ ସର୍ବଜ୍ଞ। ଆପଣଙ୍କ ମାୟାରୁ ହିଁ ଆମର ବୁଦ୍ଧି ମୋହିତ ହୋଇଯାଉଛି ଏବଂ ଆମେ କର୍ମର ଜଞ୍ଜାଳରେ ପଡ଼ି ବାଟବଣା ହୋଇଯାଉଛୁ। ଆମେ ଆପଣଙ୍କୁ ନମସ୍କାର କରୁଛୁ ॥ ୫୦ ॥ ଆଦିପୁରୁଷ ଭଗବାନ ଶ୍ରୀକୃଷ୍ଣ ଆମର ଏହି ଅପରାଧ କ୍ଷମା କରନ୍ତୁ। ଆମର ବୁଦ୍ଧି ତାଙ୍କର ମାୟାରେ ମୋହିତ ହୋଇଯାଉଛି ଏବଂ ଆମେ ହେଉଛୁ ତାଙ୍କର ପ୍ରଭାବକୁ ଜାଣି ନ ଥିବା ଅଜ୍ଞାନୀ।" ॥ ୫୧ ॥

ହେ ପରୀକ୍ଷିତ ! ସେହି ବ୍ରାହ୍ମଣମାନେ ଶ୍ରୀକୃଷ୍ଣଙ୍କୁ ଅବଜ୍ଞା କରିଥିଲେ। ତେଣୁ ସେମାନେ ନିଜର ଅପରାଧ ମନେପକାଇ ବହୁ ଅନୁତାପ କଲେ। ସେମାନଙ୍କ ହୃଦୟରେ ଶ୍ରୀକୃଷ୍ଣ-ବଳରାମଙ୍କୁ ଦର୍ଶନ କରିବାର ପ୍ରବଳ ଇଚ୍ଛା ଜାଗ୍ରତ ହେଲା; କିନ୍ତୁ କଂସର ଭୟରେ ସେମାନେ ତାଙ୍କୁ ଦର୍ଶନ କରିବାକୁ ଯାଇପାରିଲେ ନାହିଁ ॥ ୫୨ ॥

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟଂ ସଂହିତାୟାଂ ଦଶମସ୍କନ୍ଧେ ପୂର୍ବାର୍ଦ୍ଧେ ଯଜ୍ଞପତ୍ନୀଚରିତଂ
ନାମ ତ୍ରୟୋବିଂଶୋଽଧ୍ୟାୟଃ ॥ ୨୩ ॥

+++

ଅଥ ଚତୁର୍ବିଂଶୋଽଧ୍ୟାୟଃ

ଇନ୍ଦ୍ରଯଜ୍ଞ-ନିବାରଣ

ଶ୍ରୀଶୁକ ଉବାଚ

ଭଗବାନପି ତତ୍ରୈବ ବଳଦେବେନ ସଂଯୁତଃ।
ଅପଶ୍ୟନ୍ନିବସନ୍ ଗୋପାନିନ୍ଦ୍ରଯାଗକୃତୋଦ୍ୟମାନ୍ ॥ ୧

ତଦଭିଜ୍ଞୋଽପି ଭଗବାନ୍ ସର୍ବାତ୍ମା ସର୍ବଦର୍ଶନଃ।
ପ୍ରଶ୍ରଯାବନତୋଽପୃଚ୍ଛଦ୍ ବୃଦ୍ଧାନ୍ ନନ୍ଦପୁରୋଗମାନ୍ ॥ ୨

କଥ୍ୟତାଂ ମେ ପିତଃ କୋଽୟଂ ସମ୍ଭ୍ରମୋ ବ ଉପାଗତଃ।
କିଂ ଫଳଂ କସ୍ୟ ଉଦ୍ଦେଶଃ କେନ ବା ସାଧ୍ୟତେ ମଖଃ ॥ ୩

ଏତଦ୍ ବୃହି ମହାନ୍ କାମୋ ମହ୍ୟଂ ଶୁଶ୍ରୁଷବେ ପିତଃ।
ନ ହି ଗୋପ୍ୟଂ ହି ସାଧୂନାଂ କୃତ୍ୟଂ ସର୍ବାତ୍ମନାମିହ ॥ ୪

ଅସ୍ତ୍ୟସ୍ୱପରଦୃଷ୍ଟୀନାମମିତ୍ରୋଦାସ୍ତବିଦ୍ବିଷାମ୍ ।
ଉଦାସୀନୋଽରିବଦ୍ ବର୍ଜ୍ୟ ଆତ୍ମବତ୍ ସୁହୃଦୁଚ୍ୟତେ ॥ ୫

ଜ୍ଞାତ୍ୱାଜ୍ଞାତ୍ୱା ଚ କର୍ମାଣି ଜନୋଽୟମନୁତିଷ୍ଠତି।
ବିଦୁଷଃ କର୍ମସିଦ୍ଧିଃ ସ୍ୟାଦଥା ନାବିଦୁଷୋ ଭବେତ୍ ॥ ୬

ତତ୍ର ତାବତ୍ କ୍ରିୟାଯୋଗୋ ଭବତାଂ କିଂ ବିଗର୍ହିତଃ।
ଅଥବା ଲୌକିକସ୍ତନ୍ନୋ ପୃଚ୍ଛତଃ ସାଧୁ ଭଣ୍ୟତାମ୍ ॥ ୭

ଶ୍ରୀଶୁକଦେବ କହିଗ୍ଲଲିଲେ—ହେ ପରୀକ୍ଷିତ ! ବଳରାମଙ୍କ ସହିତ ଗହି ଭଗବାନ ଶ୍ରୀକୃଷ୍ଣ ବୃନ୍ଦାବନରେ ଏହିପରି ଅନେକ ପ୍ରକାର ଲୀଳା କରୁଥାନ୍ତି। ସେ ଦିନେ ଦେଖିଲେ ଯେ, ସେଠାକାର ଗୋପାଳମାନେ ମିଶି ଇନ୍ଦ୍ରପୂଜା କରିବାକୁ ଆୟୋଜନ କରୁଛନ୍ତି ॥ ୧ ॥ ଭଗବାନ ଶ୍ରୀକୃଷ୍ଣ ତ ହେଉଛନ୍ତି ସମସ୍ତଙ୍କର ଅନ୍ତର୍ଯାମୀ ଓ ସର୍ବଜ୍ଞ। ତାଙ୍କୁ କୌଣସି ବିଷୟ ଅଜଣା ନ ଥିଲା। ସେ ସବୁ କଥା ଜାଣିଥିଲେ। ତଥାପି ଅତ୍ୟନ୍ତ ବିନୟର ସହିତ ସେ ନନ୍ଦ ଆଦି ବୁଢ଼ା ବୁଢ଼ା ଗୋପାଳମାନଙ୍କୁ ପଗ୍ଧରିଲେ ॥ ୨ ॥ "ବାପା ! କଣ ଏଭଳି ଗୋଟାଏ ଉତ୍ସବ ଆସିଗଲା ଯେ, ଆପଣମାନେ ଏତେ ବ୍ୟସ୍ତ ଅଛନ୍ତି ! କଣ ପାଇଁ ଏ ଯଜ୍ଞ ହେଉଛି ? ଏଥିରୁ କି ଫଳ ମିଳିବ ? ଏହି ଯଜ୍ଞ କରିବାର ଉଦ୍ଦେଶ୍ୟ କଣ ? ବାପା ! ମତେ ଏସବୁ ଟିକିଏ ବୁଝାଇଦିଅନ୍ତୁ ॥ ୩ ॥ ଏ ବିଷୟରେ ଶୁଣିବା ପାଇଁ ମୋର ଭାରି ଇଚ୍ଛା ହେଉଛି। ବାପା ! ଯେଉଁ ସାଧୁପୁରୁଷମାନେ ସମସ୍ତଙ୍କୁ ନିଜର ଆତ୍ମା ବୋଲି ଭାବନ୍ତି, ଯାହାଙ୍କ ଦୃଷ୍ଟିରେ ନିଜ-ପର ଭେଦଭାବ ନାହିଁ, ଯାହାଙ୍କ ବିଗ୍ଧରରେ କେହି ଶତ୍ରୁ-ମିତ୍ର ଅଥବା ଉଦାସୀନ ନାହାନ୍ତି, ସେମାନଙ୍କ ମନରେ ଲୁଗ୍ଧଛପା ରଖିବା ଭଳି ତ କୌଣସି ବିଷୟ ଆଦୌ ନ ଥାଏ; ତଥାପି ଯଦି ସେପରି କିଛି ଘଟଣା ହୋଇଥାଏ, ତେବେ ଗୁପ୍ତ ବିଷୟ ଶତ୍ରୁକୁ ଯେପରି କୁହାଯିବା ଅନୁଚିତ, ଉଦାସୀନକୁ ମଧ୍ୟ ସେହିପରି କୁହାଯିବା ଅନୁଚିତ। କିନ୍ତୁ ମିତ୍ର ତ ନିଜ ସମାନ ବୋଲି କୁହାଯାଏ; ତେଣୁ ମିତ୍ର ପାଖରେ କୌଣସି ବିଷୟ ଲୁଗ୍ଧଛପା ରଖିବା ଅନୁଚିତ ॥ ୪,୫ ॥ ସଂସାରୀ ମନୁଷ୍ୟ ନ ଜାଣି, ନ ବୁଝି ଅନେକପ୍ରକାର କର୍ମ କରେ। ସବୁ କଥା ବୁଝିଶୁଣି କରୁଥିବା ଲୋକର କର୍ମ ଯେପରି ସଫଳ ହୁଏ, ନ ବୁଝି ନ ଶୁଣି କରୁଥିବା ଲୋକର କର୍ମ ସେପରି ସଫଳ ହୁଏ ନାହିଁ ॥ ୬ ॥ ତେଣୁ ବର୍ତ୍ତମାନ ଆପଣମାନେ ଏହି ଯେଉଁ ଯଜ୍ଞ କରିବାକୁ ଯାଉଛନ୍ତି, ତାହା ବିଜ୍ଞ ଲୋକଙ୍କ ସହିତ ବିଗ୍ଧରବିମର୍ଶ କରି କରୁଛନ୍ତି, ନା ନାହିଁ; ତାହା ଶାସ୍ତ୍ରସମ୍ମତ, ନା ଲୌକିକ— ଏସବୁ ବିଷୟ ଜାଣିବାକୁ ମୋର ଭାରି ଇଚ୍ଛା ହେଉଛି। ଦୟାକରି ମୋତେ ସବୁକଥା ସ୍ପଷ୍ଟରୂପେ ବୁଝାଇଦିଅନ୍ତୁ ॥ ୭ ॥

ନନ୍ଦ ଉବାଚ

ପର୍ଜନ୍ୟୋ ଭଗବାନିନ୍ଦ୍ରୋ ମେଘାସ୍ତସ୍ୟାମୃମୂର୍ତ୍ତୟଃ ।
ତେଽଭିବର୍ଷନ୍ତି ଭୂତାନାଂ ପ୍ରାଣନଂ ଜୀବନଂ ପୟଃ ॥ ୮

ତଂ ତାତ ବୟମନ୍ୟେ ଚ ବାର୍ମୁଚ୍ଚଂ ପତିମାଶ୍ୱରମ୍ ।
ଦ୍ରବ୍ୟୈସ୍ତଦ୍ରେତସା ସିଦ୍ଧୈର୍ଯଜନ୍ତେ କ୍ରତୁଭିର୍ନରାଃ ॥ ୯

ତଚ୍ଛେଷେଣୋପଜୀବନ୍ତି ତ୍ରିବର୍ଗଫଳହେତବେ ।
ପୁଂସାଂ ପୁରୁଷକାରାଣାଂ ପର୍ଜନ୍ୟଃ ଫଳଭାବନଃ ॥ ୧୦

ଯ ଏବଂ ବିସୃଜେଦ୍ ଧର୍ମଂ ପାରମ୍ପର୍ଯ୍ୟାଗତଂ ନରଃ ।
କାମାଲ୍ଲୋଭାଦ୍ ଭୟାଦ୍ ଦ୍ୱେଷାତ୍ ସ ବୈ ନାପ୍ନୋତି ଶୋଭନମ୍ ॥ ୧୧

ଶ୍ରୀଶୁକ ଉବାଚ

ବଚ୍ଚୋ ନିଶମ୍ୟ ନନ୍ଦସ୍ୟ ତଥାନ୍ୟେଷାଂ ବ୍ରଜୌକସାମ୍ ।
ଇନ୍ଦ୍ରାୟ ମନ୍ୟୁଂ ଜନୟନ୍ ପିତରଂ ପ୍ରାହ କେଶବଃ ॥ ୧୨

ଶ୍ରୀଭଗବାନୁବାଚ

କର୍ମଣା ଜାୟତେ ଜନ୍ତୁଃ କର୍ମଣୈବ ବିଲୀୟତେ ।
ସୁଖଂ ଦୁଃଖଂ ଭୟଂ କ୍ଷେମଂ କର୍ମଣୈବାଭିପଦ୍ୟତେ ॥ ୧୩

ଅସ୍ତି ଚେଦୀଶ୍ୱରଃ କଶ୍ଚିତ୍ ଫଳରୂପ୍ୟନ୍ୟକର୍ମଣାମ୍ ।
କର୍ତ୍ତାରଂ ଭଜତେ ସୋଽପି ନ ହ୍ୟକର୍ତ୍ତୁଃ ପ୍ରଭୁର୍ହି ସଃ ॥ ୧୪

କିମିନ୍ଦ୍ରେଣେହ ଭୂତାନାଂ ସ୍ୱସ୍ୱକର୍ମାନୁବର୍ତ୍ତିନାମ୍ ।
ଅନାଶେନାନ୍ୟଥା କର୍ତ୍ତୁଂ ସ୍ୱଭାବବିହିତଂ ନୃଣାମ୍ ॥ ୧୫

ସ୍ୱଭାବତନ୍ତ୍ରୋ ହି ଜନଃ ସ୍ୱଭାବମନୁବର୍ତ୍ତତେ ।
ସ୍ୱଭାବସ୍ଥମିଦଂ ସର୍ବଂ ସଦେବାସୁରମାନୁଷମ୍ ॥ ୧୬

ଦେହାନୁଚ୍ଚାବଜନ୍ତୁଃ ପ୍ରାପ୍ୟୋତ୍ସୃଜତି କର୍ମଣା ।
ଶତ୍ରୁର୍ମିତ୍ରମୁଦାସୀନଃ କର୍ମୈବ ଗୁରୁରୀଶ୍ୱରଃ ॥ ୧୭

ନନ୍ଦ କହିଲେ—ବାବୁରେ ! ଭଗବାନ ଇନ୍ଦ୍ର ହେଉଛନ୍ତି ବର୍ଷା କରୁଥିବା ମେଘମାନଙ୍କର ରାଜା । ଏସବୁ ମେଘ ହେଉଛନ୍ତି ତାଙ୍କରି ରୂପ । ଏମାନେ ପ୍ରାଣୀମାନଙ୍କୁ ତୃପ୍ତ କରୁଥିବା ଏବଂ ଜୀବନ ଦାନ କରୁଥିବା ଜଳ ବର୍ଷା କରନ୍ତି ॥ ୮ ॥ ବୁଝିଲୁ ଧନ ! କେବଳ ଆମେ ନୋହୁଁ, ଅନ୍ୟମାନେ ମଧ୍ୟ ମେଘପତି ଇନ୍ଦ୍ରଙ୍କୁ ଯଜ୍ଞଦ୍ୱାରା ପୂଜା କରନ୍ତି । ଯେଉଁସବୁ ସାମଗ୍ରୀରେ ପୂଜା କରାଯାଏ, ତାହା ମଧ୍ୟ ଇନ୍ଦ୍ର ବର୍ଷାଉଥିବା ଜଳ ହେତୁ ଉତ୍ପନ୍ନ ହୁଏ ॥ ୯ ॥ ତାଙ୍କର ଯଜ୍ଞ କରିବା ପରେ ଯାହା କିଛି ବଳେ, ସେହି ଅନ୍ନ ଗ୍ରହଣ କରି ଆମେ ମନୁଷ୍ୟମାନେ ଧର୍ମ, ଅର୍ଥ ଓ କାମ ଲାଭ କରିବା ନିମନ୍ତେ ନିଜର ଜୀବନ ନିର୍ବାହ କରୁ । ମନୁଷ୍ୟମାନେ କୃଷିକାର୍ଯ୍ୟ ଆଦି ଯେଉଁ କର୍ମ କରନ୍ତି, ଇନ୍ଦ୍ର ହିଁ ସେହି କର୍ମର ଫଳ ପ୍ରଦାନ କରନ୍ତି ॥ ୧୦ ॥ ଏହି ଧର୍ମ ଆମର କୁଳପରମ୍ପରାକ୍ରମେ ଚଳିଆସୁଛି । ଯେଉଁ ଲୋକ କାମ, ଲୋଭ, ଭୟ ଅଥବା ଦ୍ୱେଷବଶତଃ ଏପରି ପରମ୍ପରାଗତ ଧର୍ମ ଛାଡ଼ିଦିଏ, ତାର କଦାପି ମଙ୍ଗଳ ହୁଏ ନାହିଁ ॥ ୧୧ ॥

ଶ୍ରୀଶୁକଦେବ କହିଚାଲିଲେ—ହେ ପରୀକ୍ଷିତ ! ଭଗବାନ କେଶବ ନନ୍ଦ ଓ ଅନ୍ୟାନ୍ୟ ବ୍ରଜବାସୀମାନଙ୍କର କଥା ଶୁଣି ଇନ୍ଦ୍ରଙ୍କୁ କ୍ରୁଦ୍ଧ କରିବା ନିମନ୍ତେ ପିତାଙ୍କୁ କହିଲେ—॥ ୧୨ ॥

ଶ୍ରୀଭଗବାନ କହିଲେ—ବାପା ! ପ୍ରାଣୀ ନିଜର କର୍ମ ଅନୁସାରେ ଜନ୍ମ ହୁଏ ଏବଂ କର୍ମ ଅନୁସାରେ ହିଁ ମରେ । ତାକୁ ତାର କର୍ମ ଅନୁସାରେ ହିଁ ସୁଖ, ଦୁଃଖ, ଭୟ, ମଙ୍ଗଳ ଓ ଅମଙ୍ଗଳ ଫଳ ମିଳିଥାଏ ॥ ୧୩ ॥ ଯଦି କର୍ମରୁ ସବୁ କିଛି ମିଳେ ବୋଲି ନ ମାନି, ଈଶ୍ୱରଙ୍କୁ ହିଁ କର୍ମଫଳଦାତା ବୋଲି ଧରାଯାଏ, ତେବେ ମଧ୍ୟ ସେ କର୍ମ କରୁଥିବା ମନୁଷ୍ୟକୁ ହିଁ ତାର କର୍ମାନୁସାରେ ଫଳ ଦେବେ । ଯେ କର୍ମ କରୁନାହିଁ, ତା'ଉପରେ ତାଙ୍କର ପ୍ରଭୁତ୍ୱ ଚଳିବ ନାହିଁ । (ତାକୁ ସେ ଫଳ ଦେଇପାରିବେ ନାହିଁ) ॥ ୧୪ ॥ ଯଦି ସବୁ ପ୍ରାଣୀ ନିଜ ନିଜର କର୍ମଫଳ ହିଁ ଭୋଗ କରୁଛନ୍ତି, ତେବେ ଆମର ଇନ୍ଦ୍ରଙ୍କ ଠାରେ କି ଆବଶ୍ୟକତା ଅଛି? ଯଦି ଇନ୍ଦ୍ର ମନୁଷ୍ୟର ପୂର୍ବସଂସ୍କାର ଅନୁସାରେ ପ୍ରାପ୍ତ କର୍ମଫଳକୁ ବଦଳାଇ ପାରିବେ ନାହିଁ, ତେବେ ତାଙ୍କଠାରେ ଆମର କି ପ୍ରୟୋଜନ? ॥ ୧୫ ॥ ମନୁଷ୍ୟ ତାର ସ୍ୱଭାବ (ପୂର୍ବସଂସ୍କାର)ର ଅଧୀନ । ସେ ସେହି ସ୍ୱଭାବକୁ ଅନୁସରଣ କରେ । ଏପରି କି ଦେବତା, ଅସୁର, ମନୁଷ୍ୟ ଆଦିଙ୍କ ସମଷ୍ଟିରେ ଗଢ଼ି ଉଠିଥିବା ଏହି ସମଗ୍ର ଜଗତ୍ ସ୍ୱଭାବ ଉପରେ ହିଁ ଆଧାରିତ ॥ ୧୬ ॥ ଜୀବ ନିଜର କର୍ମାନୁସାରେ ହିଁ ଉତ୍ତମ ଓ ଅଧମ ଶରୀର ଗ୍ରହଣ କରେ ଓ

ତସ୍ମାତ୍ ସମ୍ମୃଜ୍ୟେତ୍ କର୍ମ ସ୍ୱଭାବସ୍ଥଃ ସ୍ୱକର୍ମକୃତ୍ ।
ଅଞ୍ଜସା ଯେନ ବର୍ତ୍ତେତ ତଦେବାସ୍ୟ ହି ଦୈବତମ୍ ॥ ୧୮

ଆଜୀବ୍ୟୈକତରଂ ଭାବଂ ଯସ୍ତ୍ୱନ୍ୟମୁପଜୀବତି ।
ନ ତସ୍ମାଦ୍ ବିନ୍ଦତେ କ୍ଷେମଂ ଜାରଂ ନାର୍ଯ୍ୟସତୀ ଯଥା ॥ ୧୯

ବର୍ତ୍ତେତ ବ୍ରହ୍ମଣା ବିପ୍ରୋ ରାଜନ୍ୟୋ ରକ୍ଷୟା ଭୁବଃ ।
ବୈଶ୍ୟସ୍ତୁ ବାର୍ତ୍ତୟା ଜୀବେଚ୍ଛୂଦ୍ରସ୍ତୁ ଦ୍ୱିଜସେବୟା ॥ ୨୦

କୃଷିବାଣିଜ୍ୟଗୋରକ୍ଷା କୁସୀଦଂ ତୁର୍ଯ୍ୟମୁଚ୍ୟତେ ।
ବାର୍ତ୍ତା ଚତୁର୍ବିଧା ତତ୍ର ବୟଂ ଗୋବୃତ୍ତ୍ୟୋଽନିଶମ୍ ॥ ୨୧

ସତ୍ତ୍ୱଂ ରଜସ୍ତମ ଇତି ସ୍ଥିତ୍ୟୁତ୍ପତ୍ତ୍ୟନ୍ତହେତବଃ ।
ରଜସୋପଚ୍ୟତେ ବିଶ୍ୱମନ୍ୟୋନ୍ୟଂ ବିବିଧଂ ଜଗତ୍ ॥ ୨୨

ରଜସା ଚୋଦିତା ମେଘା ବର୍ଷନ୍ତ୍ୟମ୍ବୂନି ସର୍ବତଃ ।
ପ୍ରଜାସ୍ତୈରେବ ସିଦ୍ଧ୍ୟନ୍ତି ମନ୍ୟେନ୍ଦ୍ରଃ କିଂ କରିଷ୍ୟତି ॥ ୨୩

ନ ନଃ ପୁରୋ ଜନପଦା ନ ଗ୍ରାମା ନ ଗୃହା ବୟମ୍ ।
ନିତ୍ୟଂ ବନୌକସସ୍ତାତ ବନଶୈଳନିବାସିନଃ ॥ ୨୪

ତସ୍ମାଦ୍ ଗବାଂ ବ୍ରାହ୍ମଣାନାମଦ୍ରେଶ୍ଚାରଭ୍ୟତାଂ ମଖଃ ।
ଯ ଇନ୍ଦ୍ରଯାଗସମ୍ଭାରାସ୍ତୈରୟଂ ସାଧ୍ୟତାଂ ମଖଃ ॥ ୨୫

ପଚ୍ୟନ୍ତାଂ ବିବିଧାଃ ପାକାଃ ସୂପାନ୍ତାଃ ପାୟସାଦୟଃ ।
ସଂଯାବାପୂପଶଷ୍କୁଲ୍ୟଃ ସର୍ବଦୋହଶ୍ଚ ଗୃହ୍ୟତାମ୍ ॥ ୨୬

ହୂୟନ୍ତାମଗ୍ନୟଃ ସମ୍ୟଗ୍ ବ୍ରାହ୍ମଣୈର୍ବ୍ରହ୍ମବାଦିଭିଃ ।
ଅନ୍ନଂ ବହୁଗୁଣଂ ତେଭ୍ୟୋ ଦେୟଂ ବୋ ଧେନୁଦକ୍ଷିଣାଃ ॥ ୨୭

ତ୍ୟାଗ କରେ । ନିଜର କର୍ମ ହିଁ ଶତ୍ରୁ, ମିତ୍ର ଓ ଉଦାସୀନରୂପେ ଦେଖାଦିଏ; ଏପରି କି କର୍ମ ହିଁ ଗୁରୁ ଓ କର୍ମ ହିଁ ଈଶ୍ୱର ॥ ୧୭ ॥ ତେଣୁ ମନୁଷ୍ୟ ନିଜର ପୂର୍ବସଂସ୍କାର ଅନୁସାରେ ମିଳିଥିବା ବର୍ଣ୍ଣ ଓ ଆଶ୍ରମର ଅନୁକୂଳ ଧର୍ମ ପାଳନ କରି କର୍ମକୁ ହିଁ ଆଦର କରିବା ଆବଶ୍ୟକ । ଯାହାଦ୍ୱାରା ମନୁଷ୍ୟର ସହଜରେ ଜୀବିକା ନିର୍ବାହ ହୁଏ, ତାହା ହିଁ ତାର ଇଷ୍ଟଦେବ ॥ ୧୮ ॥

ଯେ ପ୍ରାଣୀ ନିଜ କର୍ମ ଛାଡ଼ି । ଅନ୍ୟ ଜୀବିକା ଲୋଭେ ଲୋଡ଼ି ॥
ଦୁର୍ଗତି ପଥ ଆବୋରନ୍ତି । ଯେସନେ ବିଟପା ଯୁବତୀ ॥

ନିଜର ଜୀବିକା ଚଳାଉଥିବା ଦେବତାଙ୍କୁ ଛାଡ଼ିଦେଇ ଅନ୍ୟ କାହାର ଉପାସନା କରୁଥିବା ମନୁଷ୍ୟ ତାଙ୍କ ଠାରୁ ଜେବେ ବି ସୁଖ ପାଏ ନାହିଁ ॥ ୧୯ ॥ ବ୍ରାହ୍ମଣ ବେଦ ଅଧ୍ୟୟନ-ଅଧ୍ୟାପନାଦ୍ୱାରା, କ୍ଷତ୍ରିୟ ପ୍ରଜାପାଳନଦ୍ୱାରା, ବୈଶ୍ୟ କୃଷିବୃତ୍ତିଦ୍ୱାରା ଏବଂ ଶୂଦ୍ର ବ୍ରାହ୍ମଣାଦି ଅନ୍ୟ ବର୍ଣ୍ଣମାନଙ୍କର ସେବା କରିବାଦ୍ୱାରା ନିଜର ଜୀବିକା ନିର୍ବାହ କରିବା ଆବଶ୍ୟକ ॥ ୨୦ ॥ ବୈଶ୍ୟମାନଙ୍କର ବୃତ୍ତି ଚାରିପ୍ରକାର— କୃଷି, ବାଣିଜ୍ୟ, ଗୋରକ୍ଷା ଏବଂ ମହାଜନୀ (ଜରିଜ ଦେଇ ସୁଧ ନେବା) । ଏହି ଚାରିଟି ମଧ୍ୟରୁ ଆମ୍ଭେମାନେ ମାତ୍ର ଗୋଟିଏ—ଗୋପାଳନ ହିଁ ସର୍ବଦା କରୁଥାଇଁ ॥ ୨୧ ॥ ବାପା ! ଏହି ସଂସାରର ସ୍ଥିତି, ଉତ୍ପତ୍ତି ଓ ଲୟର କାରଣ ହେଉଛି ଯଥାକ୍ରମେ ସତ୍ତ୍ୱଗୁଣ, ରଜୋଗୁଣ ଓ ତମୋଗୁଣ । ଏହି ବିଭିନ୍ନ ପ୍ରକାର ଜୀବଜଗତ୍ ସ୍ତ୍ରୀପୁରୁଷଙ୍କ ସଂଯୋଗ ହେତୁ ରଜୋଗୁଣଦ୍ୱାରା ଉତ୍ପନ୍ନ ହୁଏ ॥ ୨୨ ॥ ସେହି ରଜୋଗୁଣର ପ୍ରେରଣାରୁ ମେଘମାନେ ସବୁଆଡ଼େ ଜଳ ବୃଷ୍ଟି କରନ୍ତି । ତା'ଦ୍ୱାରା ଅନ୍ନ ଉତ୍ପନ୍ନ ହୁଏ ଓ ଅନ୍ନଦ୍ୱାରା ହିଁ ସକଳ ଜୀବଙ୍କର ଜୀବିକା ନିର୍ବାହ ହୁଏ । ଏଥିରେ ଭଲା ଇନ୍ଦ୍ରଙ୍କର କି ହାତ ରହିଲା ! ସେ ଭଲା କଣ କରିପାରିବେ ! ॥ ୨୩ ॥

ଦେଖନ୍ତୁ, ଆମ ପାଖରେ କୌଣସି ଦେଶର ରାଜ୍ୟାଧିକାର ନାହିଁ, କି କୌଣସି ନଗର ମଧ୍ୟ ଆମ ଅଧୀନରେ ନାହିଁ । ଆମର ଗାଆଁ କି ଘର ମଧ୍ୟ ନାହିଁ । ଆମେ ତ ସବୁବେଳେ ବନବାସୀ; ବଣପାହାଡ଼ ହିଁ ଆମର ଘର ॥ ୨୪ ॥ ତେଣୁ, ଚାଲ ଆମେ ଗୋ, ବ୍ରାହ୍ମଣ ଓ ଗିରିରାଜଙ୍କ ପୂଜାର୍ଚ୍ଚନା କରିବାକୁ ପ୍ରସ୍ତୁତ ହେବା । ଇନ୍ଦ୍ରପୂଜା ନିମନ୍ତେ ଯେଉଁସବୁ ସାମଗ୍ରୀ ସଂଗ୍ରହ କରାଯାଇଛି, ସେହିଥିରେ ଏହି ପୂଜାନୁଷ୍ଠାନ କରାଯାଉ ॥ ୨୫ ॥ ଖିରି, ପୁରି, ହାଲୁଆ, ବୁନ୍ଦିଠାରୁ ଆରମ୍ଭ କରି ମୁଗଡାଲି ପର୍ଯ୍ୟନ୍ତ ନାନାପ୍ରକାର ଖାଦ୍ୟଦ୍ରବ୍ୟ ପ୍ରସ୍ତୁତ କରାଯାଉ । ବ୍ରଜର ସବୁଯାଜ ଯୋଗ ସଂଗ୍ରହ କରାଯାଉ ॥ ୨୬ ॥ ବୈଦିକ ବ୍ରାହ୍ମଣମାନଙ୍କ ଦ୍ୱାରା ଭଲରୂପେ ହୋମ କରାଯାଉ । ସେମାନଙ୍କୁ ବିଭିନ୍ନ ପ୍ରକାର

ଅନ୍ୟେଭ୍ୟଶ୍ଚାଶ୍ୱଗ୍ନ୍ଧାଳପତିତେଭ୍ୟୋ ଯଥାର୍ହତଃ ।
ଯବସଂ ଚ ଗବାଂ ଦତ୍ତ୍ୱା ଗିରୟେ ଦାପ୍ୟତାଂ ବଲିଃ ॥ ୨୮

ସ୍ୱଳଙ୍କୃତା ଭୁକ୍ତବନ୍ତଃ ସ୍ୱନୁଲିପ୍ତାଃ ସୁବାସସଃ ।
ପ୍ରଦକ୍ଷିଣଂ ଚ କୁରୁତ ଗୋବିପ୍ରାନଳପର୍ବତାନ୍ ॥ ୨୯

ଏତନ୍ମମ ମତଂ ତାତ କ୍ରିୟତାଂ ଯଦି ରୋଚତେ ।
ଅୟଂ ଗୋବ୍ରାହ୍ମଣାଦ୍ରୀଣାଂ ମହ୍ୟଂ ଚ ଦୟିତୋ ମଖଃ ॥ ୩୦

ଶ୍ରୀଶୁକ ଉବାଚ

କାଳାତ୍ମନା ଭଗବତା ଶକ୍ରଦର୍ପଂ ଜିଘାଂସତା ।
ପ୍ରୋକ୍ତଂ ନିଶମ୍ୟ ନନ୍ଦାଦ୍ୟାଃ ସାଧ୍ୱଗୃହ୍ଣନ୍ତ ତଦ୍ବଚଃ ॥ ୩୧

ତଥା ଚ ବ୍ୟଦଧୁଃ ସର୍ବଂ ଯଥାଽଽହ ମଧୁସୂଦନଃ ।
ବାଚୟିତ୍ୱା ସ୍ୱସ୍ତ୍ୟୟନଂ ତଦ୍ ଦ୍ରବ୍ୟେଣ ଗିରିଦ୍ୱିଜାନ୍ ॥ ୩୨

ଉପହୃତ୍ୟ ବଳୀନ୍ ସର୍ବାନାଦୃତା ଯବସଂ ଗବାମ୍ ।
ଗୋଧନାନି ପୁରସ୍କୃତ୍ୟ ଗିରିଂ ଚକ୍ରୁଃ ପ୍ରଦକ୍ଷିଣମ୍ ॥ ୩୩

ଅନାଂସ୍ୟନଡୁଦ୍ୟୁକ୍ତାନି ତେ ଗୃହ୍ୟ ସ୍ୱଳଙ୍କୃତାଃ ।
ଗୋପ୍ୟଶ୍ଚ କୃଷ୍ଣବୀର୍ଯ୍ୟାଣି ଗାୟନ୍ତ୍ୟଃ ସଦ୍ଦିଜାଶିଷଃ ॥ ୩୪

କୃଷ୍ଣସ୍ତନ୍ୟତମଂ ରୂପଂ ଗୋପବିଶ୍ରମ୍ଭଣଂ ଗତଃ ।
ଶୈଲୋଽସ୍ମୀତି ବ୍ରୁବନ୍ ଭୂରି ବଳିମାଦତ୍ ବୃହଦ୍ବପୁଃ ॥ ୩୫

ଖାଦ୍ୟଦ୍ରବ୍ୟ ଭୋଜନ କରାଇ ଓ ଧେନୁଦାନ କରି ଭଲରୂପେ ଦକ୍ଷିଣା ଦିଆଯାଉ ॥ ୨୭ ॥ ତା'ଛଡ଼ା ଗୃଞ୍ଜାଳ, ପତିତ— ଏପରି କି, ବିରାଡ଼ି-କୁକୁର ପର୍ଯ୍ୟନ୍ତ ସମସ୍ତଙ୍କୁ ଯଥାଯୋଗ୍ୟ ଖାଦ୍ୟାଦି ଦିଆଯାଉ, ଗାଈଗୋରୁଙ୍କୁ ଭଲ ଭଲ ଘାସ ଖାଇବାକୁ ଦିଆଯାଉ ଏବଂ ଗିରିରାଜଙ୍କୁ ଭୋଗ ଲଗାଯାଉ ॥ ୨୮ ॥ ଏସବୁ କରିସାରି ଆମେ ସମସ୍ତେ ଭଲଭାବରେ ପ୍ରସାଦ ପାଇବା ଓ ଭଲ ଭଲ ଲୁଗାପଟା ପିନ୍ଧି, ଗହଣାଗାଣ୍ଠିରେ ସଜବାଜ ହୋଇ, ବନ୍ଦନ ଲଗାଇ ଗୋ, ବ୍ରାହ୍ମଣ, ଅଗ୍ନି ତଥା ଗିରିରାଜ ଗୋବର୍ଦ୍ଧନଙ୍କୁ ପରିକ୍ରମା କରିବା ॥ ୨୯ ॥ ବାପା ! ମୋ ମତରେ, ଏହା ହିଁ କରାଯିବା ଉତ୍ତମ। ଯଦି ଆପଣମାନଙ୍କୁ ମୋ'କଥା ଭଲ ଲାଗୁଛି, ତେବେ ଏହା ହିଁ କରାଯାଉ। ଏହି ପୂଜା ଓ ଯଜ୍ଞ ଗୋ, ବ୍ରାହ୍ମଣ ତଥା ଗିରିରାଜଙ୍କୁ ନିଶ୍ଚୟ ଭଲ ଲାଗିବ। ମୋତେ ତ ଏଭଳି କାର୍ଯ୍ୟ ଖୁବ୍ ଭଲ ଲାଗେ ॥ ୩୦ ॥

ଶ୍ରୀଶୁକଦେବ କହିଗ୍ଲିଲେ—ହେ ପରୀକ୍ଷିତ ! କାଳସ୍ୱରୂପ ଭଗବାନ ଇନ୍ଦ୍ରଙ୍କ ଗର୍ବ ଚୂର୍ଣ୍ଣ କରିଦେବାକୁ ଗ୍ଭହୁଁଥିଲେ। ଭଗବାନ ଏପରି କହିବାରୁ ତାଙ୍କ କଥାରେ ନନ୍ଦ ଆଦି ଗୋପାଳମାନେ ଆନନ୍ଦର ସହିତ ରାଜି ହୋଇଗଲେ ॥ ୩୧ ॥ ଶ୍ରୀକୃଷ୍ଣ ଯେଉଁରୂପେ ପୂଜା ଇତ୍ୟାଦି କରିବାକୁ କହିଥିଲେ, ସେହି ଅନୁସାରେ ପୂଜା, ହୋମ ଆଦି ଆରମ୍ଭ କରାଗଲା। ପ୍ରଥମେ ବ୍ରାହ୍ମଣମାନେ ସ୍ୱସ୍ତିବାଚନ କଲେ। ତା'ପରେ ଇନ୍ଦ୍ରଙ୍କ ପୂଜାପାଇଁ ପ୍ରସ୍ତୁତ କରାଯାଇଥିବା ସମସ୍ତ ସାମଗ୍ରୀ ଆଦରର ସହିତ ବ୍ରାହ୍ମଣମାନଙ୍କୁ ତଥା ଗିରିରାଜଙ୍କୁ ପ୍ରଦାନ କରାଗଲା। ଗାଈଗୋରୁଙ୍କୁ ତଟକା ଘାସ ଖାଇବାକୁ ଦିଆଗଲା। ଏପରିଭାବରେ ସମସ୍ତଙ୍କୁ ସନ୍ତୁଷ୍ଟ କରି, ନନ୍ଦ ଆଦି ଗୋପାଳମାନେ ତଥା ଗୋପୀ-ଗୋପୀକୁଣୀମାନେ ଭଲ ଭଲ ଲୁଗାପଟା ପିନ୍ଧି ବେଶଭୂଷା ହୋଇଗଲେ। ଆଗେ ଆଗେ ଗାଈପଲ ଗୁଲିଥାନ୍ତି। ବ୍ରାହ୍ମଣମାନେ ଆଶୀର୍ବଚନ ପାଠ କରୁଥାନ୍ତି। ଏପରିଭାବରେ ସମସ୍ତେ ଶଗଡ଼ମାନଙ୍କରେ ବସି, ଶ୍ରୀକୃଷ୍ଣଙ୍କର ଲୀଳା ଗାନ କରି କରି ଗିରିରାଜ ଗୋବର୍ଦ୍ଧନଙ୍କୁ ପରିକ୍ରମା କଲେ ॥ ୩୨-୩୪ ॥ ଗୋପାଗୋପାଳମାନଙ୍କ ମନରେ ବିଶ୍ୱାସ ଜନ୍ମାଇବା ନିମନ୍ତେ ଭଗବାନ ଶ୍ରୀକୃଷ୍ଣ ଇତିମଧ୍ୟରେ ଏକ ଭିନ୍ନ ଓ ବିରାଟ ରୂପ ଧରି ଗୋବର୍ଦ୍ଧନ ପର୍ବତ ଉପରେ ଆବିର୍ଭୂତ ହୋଇଗଲେ ଏବଂ 'ମୁଁ ହେଉଛି ଗିରିରାଜ' ଏଭଳି ପରିଚୟ ଦେଇ ଗିରିରାଜଙ୍କୁ ଅର୍ପଣ କରାଯାଇଥିବା ସକଳ ନୈବେଦ୍ୟ ଗ୍ରହଣ କରିବାକୁ ଲାଗିଲେ ॥ ୩୫ ॥

ତସ୍ମୈ ନମୋ ବ୍ରଜଜନୈଃ ସହ ଚକ୍ରେଽମ୍ବୁନାଽମ୍ବୁନେ ।
ଅହୋ ପଶ୍ୟତ ଶୈଲୋଽସୌ ରୂପୀ ନୋଽନୁଗ୍ରହଂ ବ୍ୟଧାତ୍ ॥ ୩୬

ଏଷୋଽବଜ୍ଞାନତୋ ମର୍ତ୍ୟାନ୍ କାମରୂପୀ ବନୌକସଃ ।
ହନ୍ତି ହ୍ୟସ୍ମୈ ନମସ୍ୟାମଃ ଶର୍ମଣେ ଆତ୍ମନୋ ଗବାମ୍ ॥ ୩୭

ଇତ୍ୟଦ୍ରିଗୋଦ୍ୱିଜମଖଂ ବାସୁଦେବପ୍ରଣୋଦିତାଃ ।
ଯଥା ବିଧାୟ ତେ ଗୋପାଃ ସହକୃଷ୍ଣା ବ୍ରଜଂ ଯଯୁଃ ॥ ୩୮

ବ୍ରଜବାସୀମାନେ ସେହି ରୂପକୁ ପ୍ରଣାମ କଲେ ଏବଂ ଭଗବାନ ଶ୍ରୀକୃଷ୍ଣ ମଧ୍ୟ ସେମାନଙ୍କ ସହିତ ମିଶି ସେହି ରୂପକୁ ପ୍ରଣାମ କରି କହିଲେ, "ଦେଖ ! ଦେଖ ! କି ଆଶ୍ଚର୍ଯ୍ୟ କଥା ! ସ୍ୱୟଂ ଗିରିରାଜ ପ୍ରକଟିତ ହୋଇ ଆମକୁ କୃପା କରୁଛନ୍ତି ॥ ୩୬ ॥ ସେ ତ ଯେପରି ଗ୍ରହିଁବେ, ସେପରି ରୂପ ଧରିପାରିବେ । ଯେଉଁ ବନବାସୀ ଜୀବ ତାଙ୍କୁ ଅନାଦର କରିବ, ସେ ତାକୁ ନଷ୍ଟ କରିଦେବେ । ଆସ, ଆସ ! ଆମେ ସମସ୍ତେ ନିଜ ନିଜର ତଥା ଆମ ଗାଈଗୋରୁଙ୍କର ମଙ୍ଗଳ ନିମନ୍ତେ ଗିରିରାଜଙ୍କୁ ନମସ୍କାର କରିବା ।" ॥ ୩୭ ॥ ଶ୍ରୀକୃଷ୍ଣଙ୍କ ପ୍ରେରଣାରେ ନନ୍ଦ ଆଦି ବୁଢ଼ା ବୁଢ଼ା ଗୋପାଳମାନେ ଏପରିଭାବରେ ଗୋବର୍ଦ୍ଧନ ପର୍ବତ, ଗୋରୁ ଓ ବ୍ରାହ୍ମଣମାନଙ୍କୁ ବିଧିପୂର୍ବକ ପୂଜା କଲେ । ଶେଷରେ ଶ୍ରୀକୃଷ୍ଣଙ୍କ ସହିତ ସମସ୍ତେ ବ୍ରଜକୁ ଫେରି ଆସିଲେ ॥ ୩୮ ॥

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ଦଶମସ୍କନ୍ଧେ ପୂର୍ବାର୍ଦ୍ଧେ ଚତୁର୍ବିଂଶୋଽଧ୍ୟାୟଃ ॥ ୨୪ ॥

✦✦✦

ଅଥ ପଞ୍ଚବିଂଶୋଽଧ୍ୟାୟଃ

ଗୋବର୍ଦ୍ଧନ ଧାରଣ

ଶ୍ରୀଶୁକ ଉବାଚ

ଇନ୍ଦ୍ରସ୍ତଦାଽତ୍ମନଃ ପୂଜାଂ ବିଜ୍ଞାୟ ବିହତାଂ ନୃପ ।
ଗୋପେଭ୍ୟଃ କୃଷ୍ଣନାଥେଭ୍ୟୋ ନନ୍ଦାଦିଭ୍ୟଶ୍ଚୁକୋପ ସଃ ॥ ୧

ଗଣଂ ସାଂବର୍ତ୍ତକଂ ନାମ ମେଘାନାଂ ଘ୍ନତ୍ତକାରିଣାମ୍ ।
ଇନ୍ଦ୍ରଃ ପ୍ରାଗ୍ଘେଦଯତ୍ କ୍ରୁଦ୍ଧୋ ବାକ୍ୟଂ ଘ୍ନହେଶମାନ୍ୟତ ॥ ୨

ଅହୋ ଶ୍ରୀମଦମାହାତ୍ମ୍ୟଂ ଗୋପାନାଂ ଜାନନୌକସାମ୍ ।
କୃଷ୍ଣଂ ମର୍ତ୍ୟମୁପାଶ୍ରିତ୍ୟ ଯେ ଚକ୍ରୁର୍ଦେବହେଳନମ୍ ॥ ୩

ଯଥାଦୃଢୈଃ କର୍ମମୟୈଃ କ୍ରତୁଭିର୍ନାମନୌନିଭୈଃ ।
ବିଦ୍ୟାମାନ୍ୱୀକ୍ଷିକୀଂ ହିତ୍ୱା ତିତୀର୍ଷନ୍ତି ଭବାର୍ଣ୍ଣବମ୍ ॥ ୪

ଶ୍ରୀଶୁକଦେବ କହିଗ୍‌ଲିଲେ—ହେ ପରୀକ୍ଷିତ ! ଇନ୍ଦ୍ର ନିଜର ପୂଜା ବନ୍ଦ କରିଦିଆଗଲା ବୋଲି ଜାଣିବାକୁ ପାଇ ନନ୍ଦ ଓ ଅନ୍ୟାନ୍ୟ ଗୋପାଳମାନଙ୍କ ଉପରେ ଭୀଷଣ କ୍ରୁଦ୍ଧ ହୋଇଗଲେ । କିନ୍ତୁ ସେ କ୍ରୋଧ କଲେ ହେବ କଣ ! ଭଗବାନ ଶ୍ରୀକୃଷ୍ଣ ତ ଗୋପାଳମାନଙ୍କୁ ରକ୍ଷା କରୁଥିଲେ ॥ ୧ ॥ ଇନ୍ଦ୍ର ନିଜର ପଦବୀ ହେତୁ ବଡ଼ ଅଭିମାନୀ ହୋଇଯାଇଥିଲେ । ସେ ଭାବୁଥିଲେ, ସେ ହିଁ ତ୍ରିଲୋକର ଈଶ୍ୱର । ସେ ରାଗିଯାଇ ସାଂବର୍ତ୍ତକ ନାମକ ପ୍ରଳୟଙ୍କର ମେଘଗଣଙ୍କୁ ଡକାଇ ବ୍ରଜ ଉପରେ ଆକ୍ରମଣ କରିବାକୁ ଆଜ୍ଞା ଦେଇ କହିଲେ—॥ ୨ ॥ "ଆରେ ! ସେ ବଣୁଆ ଗଉଡ଼ଗୁଡ଼ାଙ୍କର କେଡ଼େ ଗର୍ବ ! ସତରେ, ଏସବୁ ଧନର ନିଶା ଛଡ଼ା ଆଉ କିଛି ନୁହେଁ । ଦେଖିଲ, ଗୋଟାଏ ସାମାନ୍ୟ ମଣିଷ କୃଷ୍ଣର କଥାରେ ପଡ଼ି ସେମାନେ ମୋ ପରି ଦେବରାଜଙ୍କୁ ବି ଅପମାନିତ କରୁଛନ୍ତି ॥ ୩ ॥ ପୃଥିବୀରେ ତ ମୂର୍ଖଙ୍କ ସଂଖ୍ୟା କିଛି କମ୍ ନୁହେଁ ରେ ! ମୂର୍ଖମାନେ ଯେପରି ଭବସାଗରକୁ ପାରି ହେବାର ପ୍ରକୃତ ସାଧନ ବ୍ରହ୍ମବିଦ୍ୟା ଛାଡ଼ିଦେଇ, ନାଆଁକୁ ମାତ୍ର ଡଙ୍ଗା ବୋଲାଉଥିବା ଭଙ୍ଗାନାଆରେ ବସି ଅର୍ଥାତ୍ କର୍ମମୟ ଯଜ୍ଞ କରି ଏହି ଘୋର ସଂସାରସାଗରକୁ ପାରିହେବାକୁ

ବାଗ୍ୱଳଂ ବାଳିଶଂ ସ୍ତବ୍ଧମଜ୍ଞଂ ପଣ୍ଡିତମାନିନମ୍ ।
କୃଷ୍ଣଂ ମର୍ତ୍ତ୍ୟମୁପାଶ୍ରିତ୍ୟ ଗୋପା ମେ ଚକ୍ରୁରପ୍ରିୟମ୍ ॥ ୫

ଏଷାଂ ଶ୍ରିୟାବଲିପ୍ତାନାଂ କୃଷ୍ଣେନାଧ୍ମାୟିତାତ୍ମନାମ୍ ।
ଧୁନୁତ ଶ୍ରୀମଦସ୍ତମ୍ଭଂ ପଶୂନ୍ ନୟତ ସଂକ୍ଷୟମ୍ ॥ ୬

ଅହଂ ଚୈରାବତଂ ନାଗମାରୁହ୍ୟାନୁବ୍ରଜେ ବ୍ରଜମ୍ ।
ମରୁଦ୍‌ଗଣୈର୍ମହାବୀର୍ଯ୍ୟୈର୍ନନ୍ଦଗୋଷ୍ଠଜିଘାଂସୟା ॥ ୭

ଶ୍ରୀଶୁକ ଉବାଚ

ଇତ୍ଥଂ ମଘବତାଽଽଜ୍ଞପ୍ତା ମେଘା ନିର୍ମୁକ୍ତବନ୍ଧନାଃ ।
ନନ୍ଦଗୋକୁଳମାସାରୈଃ ପୀଡ଼ୟାମାସୁରୋଜସା ॥ ୮

ବିଦ୍ୟୋତମାନା ବିଦ୍ୟୁଭିଃ ସ୍ତନନ୍ତଃ ସ୍ତନୟିତ୍ନୁଭିଃ ।
ତୀବ୍ରୈର୍ମରୁଦ୍‌ଗଣୈର୍ନୁନ୍ନା ବବୃଷୁର୍ଜଳଶର୍କରାଃ ॥ ୯

ସୂଣାସୂଳା ବର୍ଷଧାରା ମୁଞ୍ଚଦ୍‌ସ୍ୱଭ୍ରେଷ୍ୱଭୀକ୍ଷ୍ମଶଃ ।
ଜଳୌଘୈଃ ପ୍ଲାବ୍ୟମାନା ଭୂର୍ନାଦୃଶ୍ୟତ ନତୋନ୍ନତମ୍ ॥ ୧୦

ଅତ୍ୟାସାରାତିବାତେନ ପଶବୋ ଜାତବେପନାଃ ।
ଗୋପା ଗୋପ୍ୟଶ୍ଚ ଶୀତାର୍ତ୍ତା ଗୋବିନ୍ଦଂ ଶରଣଂ ଯୟୁଃ ॥ ୧୧

ଶିରଃ ସୁତାଂଶ୍ଚ କାୟେନ ପ୍ରଚ୍ଛାଦ୍ୟାସାରପୀଡ଼ିତାଃ ।
ବେପମାନା ଭଗବତଃ ପାଦମୂଳମୁପାୟୟୁଃ ॥ ୧୨

କୃଷ୍ଣ କୃଷ୍ଣ ମହାଭାଗ ତ୍ୱନ୍ନାଥଂ ଗୋକୁଳଂ ପ୍ରଭୋ ।
ତ୍ରାତୁମର୍ହସି ଦେବାନ୍ନଃ କୁପିତାଦ୍ ଭକ୍ତବତ୍ସଳ ॥ ୧୩

ଗ୍ରହାନ୍ତି, ସେମାନେ ସେହିପରି ମୋ ପରି ଦେବରାଜଙ୍କୁ ହେୟ ଜ୍ଞାନ କରି, ସେହି କୃଷ୍ଣ କହିବା ଅନୁସାରେ କର୍ମ କଲେ ॥ ୪ ॥ ସେ ବାଗ୍ୱଳ କୃଷ୍ଣ ନିତାନ୍ତ ଅବୋଧ ବାଳକ, ଅଭିମାନୀ ଓ ଅଜ୍ଞାନୀ ହୋଇ ମଧ୍ୟ ନିଜକୁ ବିରାଟ ପଣ୍ଡିତ ଭାବୁଛି । ତାକୁ ମରଣ ଗୋଡ଼େଇଲାଣି; ତଥାପି ଏ ଗଉଡ଼ଗୁଡ଼ାକ ତାରି ଭରସାରେ ମୋତେ ଅବହେଳା କଲେ ॥ ୫ ॥ ଏକେ ତ ସେଗୁଡ଼ାକ ଧନନିଶାରେ ମାତାଲ ହେଉଥିଲେ; ତା'ଉପରେ ସେହି କୃଷ୍ଣ ସେମାନଙ୍କୁ ଆହୁରି ଉସୁକାଇ ଦେଲା । ତେଣୁ ତୁମେସବୁ ଯାଇ ସେମାନଙ୍କର ଧନଗର୍ବ ଓ ଟାଣପଣ ଭାଙ୍ଗିଦିଅ ଏବଂ ସେମାନଙ୍କର ଗାଈଗୋରୁ ଆଦି ଯେତେ ପଶୁ ଅଛନ୍ତି, ସମସ୍ତଙ୍କୁ ବିଧ୍ୱଂସ କରିଦିଅ ॥ ୬ ॥ ମୁଁ ବି ସବୁ ପବନଙ୍କୁ ସଙ୍ଗରେ ଧରି ସେହି ନନ୍ଦର ବ୍ରଜକୁ ବିଧ୍ୱଂସ କରିଦେବା ନିମନ୍ତେ ଐରାବତ ହାତୀରେ ବସି ତୁମ ପଛେ ପଛେ ଯାଉଛି ଗ୍ୱଳ ।'' ॥୭ ॥

ଶ୍ରୀଶୁକଦେବ କହିଗ୍ୱଲିଲେ—ହେ ପରୀକ୍ଷିତ ! ପ୍ରଳୟଙ୍କର ମେଘମାନଙ୍କୁ ଏହିପରି ଆଜ୍ଞା ଦେଇ ଇନ୍ଦ୍ର ସେମାନଙ୍କର ବନ୍ଧନ ଖୋଲିଦେଲେ । ବନ୍ଧନମୁକ୍ତ ହୋଇ ମେଘମାନେ ପ୍ରବଳ ବେଗରେ ନନ୍ଦରାଜାଙ୍କ ବ୍ରଜ (ବୃନ୍ଦାବନ) ଉପରକୁ ମାଡ଼ି ଆସିଲେ ଏବଂ ମୁଷଳଧାରାରେ ବର୍ଷା କରି ସମଗ୍ର ବ୍ରଜଟାକୁ ବ୍ୟତିବ୍ୟସ୍ତ କରିଦେଲେ ॥ ୮ ॥ ଚତୁର୍ଦ୍ଦିଗରେ ବିଜୁଳି ଚମକିଲା । ମେଘମାନେ ପରସ୍ପର ସହିତ ପିଟି ହୋଇ ଭୀଷଣ ଗର୍ଜନ କଲେ ଏବଂ ପ୍ରଚଣ୍ଡ ଝଡ଼ ଉଠି ବଡ଼ ବଡ଼ କୁଆପଥର ବୃଷ୍ଟି ହେଲା ॥ ୯ ॥ ଏପରିଭାବରେ ଦଳ ଦଳ ବାଦଲ ଘୋଟି ଆସି ତୁହାକୁ ତୁହା ମୁଷଳଧାରାରେ ବର୍ଷା କରିବାରୁ ସମଗ୍ର ବ୍ରଜଭୂମି ଜଳମଗ୍ନ ହୋଇଗଲା ଓ ଖାଲ କେଉଁଠି, ଢିପ କେଉଁଠି, ଜାଣିବା କଷ୍ଟକର ହୋଇଗଲା ॥ ୧୦ ॥ ଭୀଷଣ ବର୍ଷା ଓ ବାତ୍ୟାର ଦାଉରେ ଯେତେବେଳେ ସବୁ ଗାଈଗୋରୁ ଥରହର ହୋଇ କମ୍ପିଲେ, ଗୋପାଳ ଓ ଗୋପାଳୁଣୀମାନେ ମଧ୍ୟ ବର୍ଷା ଓ ଶୀତରେ ବ୍ୟାକୁଳ ହୋଇଗଲେ, ସେତେବେଳେ ସମସ୍ତେ ଆସି ଭଗବାନ ଶ୍ରୀକୃଷ୍ଣଙ୍କ ଶରଣ ପଶିଲେ ॥ ୧୧ ॥ ଭୀଷଣ ବର୍ଷାମାଡ଼ରେ ଅଥୟ ହୋଇଯିବାରୁ ସମସ୍ତେ ମୁଣ୍ଡପୋତି ଓ ଛୁଆଙ୍କୁ ଜାକିଜୁକି ଛାତିରେ ଗ୍ରପି ଧରି ଥରି ଥରି ଆସି ଭଗବାନଙ୍କ ଚରଣ ପାଖରେ ପହଞ୍ଚିଗଲେ ॥ ୧୨ ॥ କହିଲେ, ''ହେ ଶ୍ରୀକୃଷ୍ଣ । ହେ ପ୍ରାଣପ୍ରିୟ ! ହେ ମହାଭାଗ ! ହେ ପ୍ରଭୁ ! ଏପରି ଅବସ୍ଥାରେ କେବଳ ତୁମେ ହିଁ ଆମର ରକ୍ଷକ । ହେ ସମଗ୍ର ଗୋକୁଳର ଏକମାତ୍ର ସ୍ୱାମୀ ! ହେ ଭକ୍ତବତ୍ସଳ ! କେବଳ ତୁମେ ହିଁ ଆମକୁ ଇନ୍ଦ୍ରଙ୍କ କ୍ରୋଧରୁ ରକ୍ଷା କରିପାରିବ ।'' ॥ ୧୩ ॥

ଶିଳାବର୍ଷନିପାତେନ ହନ୍ୟମାନମଚେତନମ୍ ।
ନିରୀକ୍ଷ୍ୟ ଭଗବାନ୍ ମେନେ କୁପିତେନ୍ଦ୍ରକୃତଂ ହରିଃ ॥ ୧୪

ଅପର୍ତ୍ତୁତ୍ୟଲ୍‌ବଣଂ ବର୍ଷମତିବାତଂ ଶିଳାମୟମ୍ ।
ସ୍ୱଯାଗେ ବିହତେଽସ୍ମାଭିରିନ୍ଦ୍ରୋ ନାଶାୟ ବର୍ଷତି ॥ ୧୫

ତତ୍ର ପ୍ରତିବିଧିଂ ସମ୍ୟଗାତ୍ମଯୋଗେନ ସାଧୟେ ।
ଲୋକେଶମାନିନାଂ ମୌଢ୍ୟାଦ୍ଧରିଷ୍ୟେ ଶ୍ରୀମଦଂ ତମଃ ॥ ୧୬

ନ ହି ସଦ୍ଭାବଯୁକ୍ତାନାଂ ସୁରାଣାମୀଶବିସ୍ମଯଃ ।
ମତ୍ତୋଽସତାଂ ମାନଭଙ୍ଗଃ ପ୍ରଶମାଯୋପକଲ୍ପତେ ॥ ୧୭

ତସ୍ମାନ୍ମଦ୍ଭରଣଂ ଗୋଷ୍ଠଂ ମନ୍ନାଥଂ ମତ୍‌ପରିଗ୍ରହମ୍ ।
ଗୋପାଯେ ସ୍ୱାତ୍ମଯୋଗେନ ସୋଽଯଂ ମେ ବ୍ରତ ଆହିତଃ ॥ ୧୮

ଇତ୍ୟୁକ୍ତ୍ୱୈକେନ ହସ୍ତେନ କୃତ୍ୱା ଗୋବର୍ଦ୍ଧନାଚଳମ୍ ।
ଦଧାର ଲୀଳୟା କୃଷ୍ଣଶ୍ଛତ୍ରାକମିବ ବାଳକଃ ॥ ୧୯

ଅଥାହ ଭଗବାନ୍ ଗୋପାନ୍ ହେମ୍ନ ତାତ ବ୍ରଜୌକସଃ ।
ଯଥୋପଜୋଷଂ ବିଶତ ଗିରିଗର୍ତ୍ତଂ ସଗୋଧନାଃ ॥ ୨୦

ନ ତ୍ରାସ ଇହ ବଃ କାର୍ଯ୍ୟୋ ମଦ୍ଧସ୍ତାଦ୍ରିନିପାତନେ ।
ବାତବର୍ଷଭଯେନାଳଂ ତତ୍ତ୍ରାଣଂ ବିହିତଂ ହି ବଃ ॥ ୨୧

ଭଗବାନ ଦେଖିଲେ, ବର୍ଷା ଓ କୁଆପଥରମାଡ଼ରେ ଆକ୍ରାନ୍ତ ହୋଇ ସମସ୍ତେ ବେହୋସ ପ୍ରାୟ ହୋଇଗଲେଣି । ସେ ଜାଣିଗଲେ ଯେ, ଏ ସମସ୍ତ କୃତିତ୍ୱ ହେଉଛି ଇନ୍ଦ୍ରଙ୍କର । ସେ ହିଁ କ୍ରୋଧ ପ୍ରକାଶ କରି ଏପରି କରିଛନ୍ତି ॥ ୧୪ ॥ ସେ ମନେ ମନେ ଭାବିଲେ, "ଆମେ ଇନ୍ଦ୍ରଙ୍କ ପୂଜା ବନ୍ଦ କରିଦେଲୁ; ସେହି ରାଗରେ ସେ ବ୍ରଜପୁରଟାକୁ ଧ୍ୱଂସ କରିଦେବା ନିମନ୍ତେ ଅକାଳରେ ଝଡ଼ତୋଫାନ ଓ କୁଆପଥର ସାଙ୍ଗକୁ ଘୋର ବର୍ଷା କରୁଛନ୍ତି ॥ ୧୫ ॥ ଠିକ୍ ଅଛି । ମୁଁ ବି ମୋ ଯୋଗମାୟାବଳରେ ଏହାର ଉପଯୁକ୍ତ ଜବାବ ଦେବି । ସେ ମୂର୍ଖତାବଶତଃ ନିଜକୁ ଲୋକପାଳ ବୋଲି ଭାବୁଛନ୍ତି; ମୁଁ ତାଙ୍କ ଧନ ଓ ଐଶ୍ୱର୍ଯ୍ୟର ଗର୍ବ ତଥା ଅଜ୍ଞାନକୁ ଚୂରମାର କରିଦେବି ॥ ୧୬ ॥ ଦେବତାମାନେ ତ ସତ୍ତ୍ୱପ୍ରଧାନ ହେବା କଥା; ସେମାନଙ୍କ ଠାରେ ଐଶ୍ୱର୍ଯ୍ୟ ଓ ପଦପଦବୀର ଅଭିମାନ ରହିବା ଠିକ୍ ନୁହେଁ । ତେଣୁ ସତ୍ତ୍ୱଗୁଣରୁ ଚ୍ୟୁତ ହୋଇଯାଇଥିବା ଏହି ଦୁଷ୍ଟ ଦେବତାମାନଙ୍କର ମୁଁ ମାନଭଙ୍ଗ କରିଦେବି; ଏପରି କରିବା ହିଁ ଉଚିତ ହେବ । ଗର୍ବଚୂର୍ଣ୍ଣ ହୋଇଗଲେ ଏହାର ପରିଣାମରେ ସେମାନଙ୍କୁ ମଧ୍ୟ ଶାନ୍ତି ମିଳିପାରିବ ॥ ୧୭ ॥ ସମଗ୍ର ବ୍ରଜ ମୋର ଆଶ୍ରିତ; ଏମାନଙ୍କୁ ମୁଁ 'ମୋର' ବୋଲି ସ୍ୱୀକାର କରିଛି । ମୁଁ ହେଉଛି ଏମାନଙ୍କର ରକ୍ଷକ । ସାଧୁଜନଙ୍କୁ ରକ୍ଷା କରିବା ତ ମୋର ବ୍ରତ । ବର୍ତ୍ତମାନ ସେହି ବ୍ରତ-ପାଳନର ଅବସର ଆସି ପହଞ୍ଚିଛି ।* ତେଣୁ ମୁଁ ମୋ ଯୋଗମାୟାବଳରେ ଏମାନଙ୍କୁ ରକ୍ଷା କରିବି ।" ॥ ୧୮ ॥

ଏପରି କହି ଭଗବାନ ଶ୍ରୀକୃଷ୍ଣ ଗୋଟିଏ ହାତରେ ହିଁ ଗୋବର୍ଦ୍ଧନ ପର୍ବତକୁ ଖେଳ ଖେଳିଲା ପରି ଉପାଡ଼ିଦେଲେ ଏବଂ ଛୋଟ ପିଲାମାନେ ବର୍ଷାଦିନିଆ ଛତୁ ଉପାଡ଼ି ଟେକିଧରିଲା ପରି ପର୍ବତଟାକୁ ଗୋଟିଏ ହାତରେ ଟେକିଧରିଲେ ॥ ୧୯ ॥ ତା'ପରେ ସେ ଗୋପାଳମାନଙ୍କୁ ଡାକ ପକାଇ କହିଲେ, "ମାଆ ! ବାପା ! ବ୍ରଜବାସୀମାନେ ! ଆପଣମାନେ ସମସ୍ତେ ନିଜ ନିଜର ଗାଈବାଛୁରୀ, ପିଲାଛୁଆ ଓ ଜିନିଷପତ୍ର ଧରି ଏହି ପର୍ବତତଳକୁ ଗଲି ଆସନ୍ତୁ : ଏଠାରେ ଆରାମରେ ନିର୍ଭୟ ହୋଇ ବସିଯାଆନ୍ତୁ ॥ ୨୦ ॥ ଦେଖନ୍ତୁ, ଏହି ପର୍ବତଟି ମୋ ହାତରୁ ଖସିପଡ଼ିବ ବୋଲି ଭାବି ଟିକିଏ ବି ଭୟ କରନ୍ତୁ ନାହିଁ । ଏହି ଝଡ଼ବର୍ଷା ବାଉରୁ ଆପଣମାନଙ୍କୁ ରକ୍ଷା କରିବା ନିମନ୍ତେ ହିଁ ମୁଁ ଏହି ଉପାୟ କରିଛି ।" ॥ ୨୧ ॥

---

* ଭଗବାନ କହିଛନ୍ତି—

ସକୃଦେବ ପ୍ରପନ୍ନାୟ ତବାସ୍ମୀତି ଚ ଯାଚତେ । ଅଭୟଂ ସର୍ବଭୂତେଭ୍ୟୋ ଦଦାମ୍ୟେତଦ୍‌ବ୍ରତଂ ମମ ॥

ଅର୍ଥାତ୍—'ଯେ କେବଳ ଥରଟିଏ ମୋର ଶରଣକୁ ଆସିଯାଏ ଓ 'ପ୍ରଭୁ ! ମୁଁ ତୁମର' ବୋଲି ଯାଚନା (ପ୍ରାର୍ଥନା) କରେ, ତାକୁ ମୁଁ ସକଳପ୍ରାଣୀଙ୍କ ଭୟରୁ ମୁକ୍ତ କରିଦିଏ । ଏହା ହେଉଛି ମୋର ବ୍ରତ ।'

ତଥା ନିର୍ବିବିଶୁର୍ଗିରିଂ କୃଷ୍ଣାଶ୍ୱାସିତମାନସାଃ ।
ଯଥାବକାଶଂ ସଧନାଃ ସବ୍ରଜାଃ ସୋପଜୀବିନଃ ॥ ୨୨

ଭଗବାନ ଶ୍ରୀକୃଷ୍ଣ ଏପରିଭାବରେ ସମସ୍ତଙ୍କୁ ସାନ୍ତ୍ୱନା ଦେବାରୁ, ବିଶ୍ୱାସ ଓ ଅଭୟ ପ୍ରଦାନ କରିବାରୁ, ବ୍ରଜର ସବୁ ଗୋପାଳ ନିଜ ନିଜର ଗୋଧନ, ଶଗଡ଼, ଆଶ୍ରିତଲୋକ, ପୁରୋହିତ ଓ ବ୍ରଜରବାଳକଙ୍କୁ ସାଥିରେ ଧରି ପର୍ବତ ତଳକୁ ଆସିଗଲେ ଏବଂ ଯାହାକୁ ଯେଉଁଠି ସୁବିଧା ମିଳିଲା, ସେଠାରେ ବସିଗଲେ ॥ ୨୨ ॥

କ୍ଷୁତ୍ତୃଡ୍‌ବ୍ୟଥାଂ ସୁଖାପେକ୍ଷାଂ ହିତ୍ୱା ତୈର୍ବ୍ରଜବାସିଭିଃ ।
ବୀକ୍ଷ୍ୟମାଣୋ ଦଧାବଦ୍ରିଂ ସପ୍ତାହଂ ନାଚଳତ୍ ପଦାତ୍ ॥ ୨୩

ସେହି ବ୍ରଜବାସୀମାନେ ଭୋଜଶୋଷ ଭୁଲି, ଆରାମ-ବିଶ୍ରାମର ଆବଶ୍ୟକତା ଆଦି ଛାଡ଼ିଦେଇ ଶ୍ରୀକୃଷ୍ଣଙ୍କ ମୁଖକୁ ଚାହିଁଥାନ୍ତି । ଶ୍ରୀକୃଷ୍ଣ ଏକାଦିକ୍ରମେ ସାତଦିନ ସାତରାତି ଅବିଚଳିତ ଭାବରେ ସେହି ପର୍ବତଟିକୁ ହାତରେ ଟେକି ଧରିଲେ ॥ ୨୩ ॥ ଶ୍ରୀକୃଷ୍ଣଙ୍କ ଯୋଗମାୟାର ଏହି ପ୍ରଭାବ ଦେଖି ଇନ୍ଦ୍ରଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ତାଙ୍କ ସଂକଳ୍ପ ପୂର୍ଣ୍ଣ ନ ହେବାରୁ ତାଙ୍କର ସବୁ ଗର୍ବ ଭାଙ୍ଗିଗଲା; ସେ ଭକୁଆଙ୍କ ପରି ଗୁହିଁ ଗହିଲେ । ଶେଷରେ ସେ ସ୍ୱୟଂ ମେଘମାନଙ୍କୁ ଆଦେଶ ଦେଲେ ଯେ, ସେମାନେ ଆଉ ବର୍ଷା କରନ୍ତୁ ନାହିଁ ॥ ୨୪ ॥ ତା'ପରେ ଭୟଙ୍କର ଝଡ଼ତୋଫାନ ଓ ଘୋର ବର୍ଷା ବନ୍ଦ ହୋଇଗଲା; ଆକାଶରୁ ମେଘମାନେ ହଟିଗଲେ । ସୂର୍ଯ୍ୟ ବି ଦର୍ଶନ ଦେଲେ । ଏହା ଦେଖି ଗୋବର୍ଦ୍ଧନଧାରୀ ଭଗବାନ ଶ୍ରୀକୃଷ୍ଣ ଗୋପାଳମାନଙ୍କୁ କହିଲେ—॥ ୨୫ ॥ "ପ୍ରିୟ ଗୋପାଳମାନେ ! ଏଥର ଆପଣମାନେ କୌଣସି ଭୟ ନ କରି ନିଜ ନିଜର ସ୍ତ୍ରୀ-ପିଲା, ଗାଈଗୋରୁ ଓ ଜିନିଷପତ୍ର ଧରି ଏଠାରୁ ବାହାରକୁ ବାହାରିଯାଆନ୍ତୁ । ଦେଖନ୍ତୁ, ଏବେ ଆଉ ଝଡ଼ବତାସ ନାହିଁ, ଜି ବର୍ଷା ହେଉ ନାହିଁ । ନଦୀନାଳର ପାଣି ମଧ୍ୟ କମି ଆସିଲାଣି । (ତେଣୁ ନିର୍ଭୟରେ ଘରକୁ ଯାଆନ୍ତୁ ।)" ॥ ୨୬ ॥ ଭଗବାନଙ୍କର ଏପରି ଆଜ୍ଞା ପାଇ, ଗୋପାଳମାନେ ନିଜ ନିଜର ଗୋଧନ, ସ୍ତ୍ରୀ-ପିଲା ଓ ବୁଢ଼ାବୁଢ଼ୀଙ୍କୁ ଧରି ତଥା ଜିନିଷପତ୍ର ଶଗଡ଼ରେ ଲଦି ସେଠାରୁ ଧୀରେ ଧୀରେ ବାହାରି ଆସିଲେ ॥ ୨୭ ॥ ସମସ୍ତେ ଗୁହିଁଛନ୍ତି ସର୍ବଶକ୍ତିମାନ୍ ଭଗବାନ ଶ୍ରୀକୃଷ୍ଣ, ଖେଳ ଖେଳିଲା ପରି ଗିରିରାଜ ଗୋବର୍ଦ୍ଧନକୁ ଆଗ ପରି ତା ନିଜ ସ୍ଥାନରେ ଥୋଇଦେଲେ ॥ ୨୮ ॥

ନିଃସମ୍ଭୋ ଭ୍ରଷ୍ଟସଙ୍କଳ୍ପଃ ସ୍ୱାତ୍ ମେଘାତ୍ ସଂନ୍ୟବାରୟତ୍ ॥ ୨୪

ଖଂ ବ୍ୟଭ୍ରମୁଦିତାଦିତ୍ୟଂ ବାତବର୍ଷଂ ଚ ଦାରୁଣମ୍ ।
ନିଶାମ୍ୟୋପରତଂ ଗୋପାନ୍ ଗୋବର୍ଦ୍ଧନଧରୋଽବ୍ରବୀତ୍ ॥ ୨୫

ନିର୍ଯାତ ତ୍ୟଜତ ତ୍ରାସଂ ଗୋପାଃ ସସ୍ତ୍ରୀଧନାର୍ଭକାଃ ।
ଉପାରତଂ ବାତବର୍ଷଂ ବ୍ୟୁଦପ୍ରାୟାଶ୍ଚ ନିମ୍ନଗାଃ ॥ ୨୬

ତତସ୍ତେ ନିର୍ଯଯୁର୍ଗୋପାଃ ସ୍ୱଂ ସ୍ୱମାଦାୟ ଗୋଧନମ୍ ।
ଶକଟୋଢୋପକରଣଂ ସ୍ତ୍ରୀବାଳସ୍ଥବିରାଃ ଶନୈଃ ॥ ୨୭

ଭଗବାନପି ତଂ ଶୈଳଂ ସ୍ୱସ୍ଥାନେ ପୂର୍ବବତ୍ ପ୍ରଭୁଃ ।
ପଶ୍ୟତାଂ ସର୍ବଭୂତାନାଂ ସ୍ଥାପୟାମାସ ଲୀଳୟା ॥ ୨୮

ତଂ ପ୍ରେମବେଗାନ୍ନିଭୃତା ବ୍ରଜୌକସୋ
ଯଥା ସମାୟୁଃ ପରିରମ୍ଭଣାଦିଭିଃ ।
ଗୋପ୍ୟଶ୍ଚ ସସ୍ନେହମପୂଜୟନ୍ ମୁଦା
ଦଧ୍ୟକ୍ଷତାଭିର୍ଯୁଯୁଜୁଃ ସଦାଶିଷଃ ॥ ୨୯

ବ୍ରଜବାସୀମାନଙ୍କର ହୃଦୟ ପ୍ରେମର ଆବେଗରେ ଉଛୁଳି ଉଠୁଥାଏ । ପର୍ବତ ଯଥା ସ୍ଥାନରେ ରଖୁ ରଖୁ ସେମାନେ ଶ୍ରୀକୃଷ୍ଣଙ୍କ ପାଖକୁ ଧାଇଁ ଆସିଲେ । କିଏ ତାଙ୍କୁ ଛାତିରେ ଭିଡ଼ି ଧରିଲା ତ, କିଏ ତାଙ୍କୁ ସ୍ନେହରେ ଚୁମା ଦେଲା । ସମସ୍ତେ ତାଙ୍କୁ ଅଭିନନ୍ଦନ ଅଭ୍ୟର୍ଥନା ଜଣାଇ ଧନ୍ୟ ଧନ୍ୟ କହିଲେ । ବୟସ୍କା ଗୋପୀମାନେ ଅତିଶୟ ଆନନ୍ଦ ଓ ସ୍ନେହରେ ଦହି, ଗୁଉଳ ଓ ଜଳରେ ତାଙ୍କ ଲଲାଟରେ ମଙ୍ଗଳ ତିଳକ ଲଗାଇଦେଲେ ଏବଂ ଉନ୍ମୁକ୍ତ ହୃଦୟରେ ତାଙ୍କୁ ଶୁଭ ଆଶୀର୍ବାଦ ଦେଲେ ॥ ୨୯ ॥

ଯଶୋଦା ରୋହିଣୀ ନନ୍ଦୋ ରାମଶ୍ଚ ବଳିନାଂ ବରଃ ।
କୃଷ୍ଣମାଲିଙ୍ଗ୍ୟ ଯୁଯୁଜୁରାଶିଷଃ ସ୍ନେହକାତରାଃ ॥ ୩୦

ଦିବି ଦେବଗଣାଃ ସାଧ୍ୟାଃ ସିଦ୍ଧଗନ୍ଧର୍ବଚାରଣାଃ ।
ତୁଷ୍ଟୁବୁର୍ମୁମୁଚୁସ୍ତୁଷ୍ଟାଃ ପୁଷ୍ପବର୍ଷାଣି ପାର୍ଥିବ ॥ ୩୧

ଶଙ୍ଖଦୁନ୍ଦୁଭୟୋ ନେଦୁର୍ଦିବି ଦେବପ୍ରଣୋଦିତାଃ ।
ଜଗୁର୍ଗନ୍ଧର୍ବପତୟସ୍ତୁମ୍ବୁରୁପ୍ରମୁଖା ନୃପ ॥ ୩୨

ତତୋଽନୁରକ୍ତୈଃ ପଶୁପୈଃ ପରିଶ୍ରିତୋ
ରାଜନ୍ ସ ଗୋଷ୍ଠଂ ସବଲୋଽବ୍ରଜଦ୍ଧରିଃ ।
ତଥାବିଧାନ୍ୟସ୍ୟ କୃତାନି ଗୋପିକା
ଗାୟନ୍ତ୍ୟ ଈୟୁର୍ମୁଦିତା ହୃଦିସ୍ପୃଶଃ ॥ ୩୩

ଯଶୋଦାରାଣୀ, ରୋହିଣୀ, ନନ୍ଦରାଜା ଏବଂ ମହାବଳୀ ବଳରାମ ସ୍ନେହାତୁର ହୋଇ ଶ୍ରୀକୃଷ୍ଣଙ୍କୁ ଆଲିଙ୍ଗନ କଲେ ତଥା ଆଶୀର୍ବାଦ ଦେଲେ ॥ ୩୦ ॥ ହେ ପରୀକ୍ଷିତ ! ଆକାଶରେ ରହି, ସେହି ଘଟଣା ଦେଖୁଥିବା ଦେବତା, ସାଧ୍ୟ, ସିଦ୍ଧ, ଗନ୍ଧର୍ବ, ଚାରଣ ପ୍ରଭୃତି ପ୍ରସନ୍ନ ହୋଇ ଭଗବାନଙ୍କର ସ୍ତୁତିଗାନ କରିବା ସହିତ ତାଙ୍କ ଉପରେ ପୁଷ୍ପବୃଷ୍ଟି କଲେ ॥ ୩୧ ॥ ସ୍ୱର୍ଗରେ ଦେବତାମାନେ ଶଙ୍ଖ ଓ ଦୁନ୍ଦୁଭି ବଜାଇଲେ । ତୁମ୍ବୁରୁ ଆଦି ଗନ୍ଧର୍ବରାଜମାନେ ଭଗବାନଙ୍କର ମାଧୁର୍ଯ୍ୟମୟୀ ଲୀଳା ଗାନ କଲେ ॥ ୩୨ ॥ ତା'ପରେ ଶ୍ରୀକୃଷ୍ଣ ବ୍ରଜକୁ ଯାତ୍ରା କଲେ । ତାଙ୍କ ପାର୍ଶ୍ୱରେ ବଳରାମ ଚାଲିଥାନ୍ତି ଓ ତାଙ୍କର ପ୍ରେମୀ ଗୋପାଳବାଳକମାନେ ତାଙ୍କର ସେବା କରିବାରେ ଲାଗିଥାନ୍ତି । ସେମାନଙ୍କ ସହିତ ପ୍ରେମଶୀଳା ଗୋପୀମାନେ ମଧ୍ୟ ସେମାନଙ୍କ ହୃଦୟର ଆକର୍ଷଣକାରୀ ତଥା ସେମାନଙ୍କ ହୃଦୟରେ ପ୍ରେମାଙ୍କୁରଣକାରୀ ଭଗବାନଙ୍କର ଗୋବର୍ଦ୍ଧନଧାରଣ ଆଦି ଲୀଳାମାନ ଗାଇ ଗାଇ ବଡ଼ ଆନନ୍ଦରେ ବ୍ରଜକୁ ଫେରି ଆସିଲେ ॥ ୩୩ ॥

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ବୈୟାସକ୍ୟାଂ
ପୂର୍ବାର୍ଦ୍ଧେ ପଞ୍ଚବିଂଶୋଽଧ୍ୟାୟଃ ॥ ୨୫ ॥

+++

ଅଥ ଷଡ୍‌ବିଂଶୋଽଧ୍ୟାୟଃ

ଶ୍ରୀକୃଷ୍ଣଙ୍କ ପ୍ରଭାବ ବିଷୟରେ ନନ୍ଦଙ୍କ ସହିତ ଗୋପାଳମାନଙ୍କର କଥାଭାଷା

ଶ୍ରୀଶୁକ ଉବାଚ

ଏବଂବିଧାନି କର୍ମାଣି ଗୋପାଃ କୃଷ୍ଣସ୍ୟ ବୀକ୍ଷ୍ୟ ତେ ।
ଅତଦ୍ବୀର୍ଯ୍ୟବିଦଃ ପ୍ରେତ୍ୟ ସମଭେତ୍ୟ ସୁବିସ୍ମିତାଃ ॥ ୧

ବାଳକସ୍ୟ ଯଦେତାନି କର୍ମାଣ୍ୟତ୍ୟଦ୍ଭୁତାନି ବୈ ।
କଥମର୍ହତ୍ୟସୌ ଜନ୍ମ ଗ୍ରାମ୍ୟେଷ୍ୱାତ୍ମଜୁଗୁପ୍ସିତମ୍ ॥ ୨

ଯଃ ସପ୍ତହାୟନୋ ବାଳଃ କରେଣୈକେନ ଲୀଳୟା ।
କଥଂ ବିଭ୍ରଦ୍ ଗିରିବରଂ ପୁଷ୍କରଂ ଗଜରାଡିବ ॥ ୩

ଶ୍ରୀଶୁକଦେବ କହିଗଲେ—ହେ ପରୀକ୍ଷିତ ! ଭଗବାନ ଶ୍ରୀକୃଷ୍ଣଙ୍କର ଏପରି ଅଲୌକିକ କର୍ମମାନ ଦେଖି ବ୍ରଜର ଗୋପାଳମାନେ ଆଶ୍ଚର୍ଯ୍ୟାନ୍ୱିତ ହୋଇଗଲେ । ସେମାନଙ୍କୁ ତ ଭଗବାନଙ୍କର ଅନନ୍ତ ଶକ୍ତି ବିଷୟରେ କିଛି ଜଣା ନ ଥିଲା; ସେମାନେ ଏକାଠି ବସି ପରସ୍ପର ମଧ୍ୟରେ ଏହିପରି ଆଲୋଚନା କଲେ—॥ ୧ ॥ "ଏ ପିଲାଟିର ଏସବୁ କର୍ମ ତ ବଡ଼ ଅଲୌକିକ ! ଏଭଳି ପିଲା ଆମ ଭଳି ମୂର୍ଖ ଗାଉଁଲୀମାନଙ୍କ ଘରେ ଜନ୍ମ ହେବାଟା ବାସ୍ତବରେ ତା ପାଇଁ ବଡ଼ ଦୁର୍ଭାଗ୍ୟର କଥା; ଏହା କିଛି ଉଚିତ ହେଲାନି ॥ ୨ ॥ ଦତ୍ତାହାତୀ ପଦୁଟିଏ ଉପାଡ଼ି ତା'ଶୁଣ୍ଢରେ ଉପରକୁ ଟେକି ଧରିଲା ପରି, ଏ ଏଡ଼ିକି ବଡଟେ ସାତବର୍ଷର ପିଲା ଏତେ ବଡ଼ ଗୋବର୍ଦ୍ଧନ ପର୍ବତଟାକୁ ଗୋଟିଏ ହାତରେ ଉପାଡ଼ିଦେଇ ସେହି ଗୋଟିଏ ହାତରେ ସାତଦିନ କାଳ ଖେଳିଲା ପରି ଟେକି ଧରିଲା ! ॥ ୩ ॥

ତୋକେନାମାଳିତାକ୍ଷେଣ ପୂତନାୟା ମହୌଜସଃ।
ପାତଃ ସ୍ତନଃ ସହ ପ୍ରାଣୈଃ କାଳେନେବ ବୟସ୍ତନୋଃ ॥ ୪

ହିନ୍ନତୋଽଧଃ ଶୟାନସ୍ୟ ମାସ୍ୟସ୍ୟ ଚରଣାବୁଦକ୍।
ଅନୋଽପତଦ୍ ବିପର୍ଯ୍ୟସ୍ତଂ ରୁଦତଃ ପ୍ରପଦାହତମ୍ ॥ ୫

ଏକହାୟନ ଆସୀନୋ ହ୍ରିୟମାଣୋ ବିହାୟସା।
ଦୈତ୍ୟେନ ଯସ୍ତୃଣାବର୍ତ୍ତମହନ୍ କଣ୍ଠଗ୍ରହାତୁରମ୍ ॥ ୬

କ୍ୱଚିଦ୍ଧୈୟଙ୍ଗବସ୍ତୈନ୍ୟେ ମାତ୍ରା ବଦ୍ଧ ଉଲୂଖଳେ।
ଗଚ୍ଛନ୍ତ୍ଯର୍ଜୁନୟୋର୍ମଧ୍ୟେ ବାହୁଭ୍ୟାଂ ତାବପାତୟତ୍ ॥ ୭

ବନେ ସଞ୍ଚାରୟନ୍ ବତ୍ସାନ୍ ସରାମୋ ବାଳକୈର୍ବୃତଃ।
ହନ୍ତୁକାମଂ ବକଂ ଦୋର୍ଭ୍ୟାଂ ମୁଖତୋଽରିମପାଟୟତ୍ ॥ ୮

ବତ୍ସେଷୁ ବତ୍ସରୂପେଣ ପ୍ରବିଶନ୍ତଂ ଜିଘାଂସୟା।
ହତ୍ୱା ନ୍ୟପାତୟତ୍ତେନ କପିତ୍ଥାନି ଚ ଲୀଳୟା ॥ ୯

ହତ୍ୱା ଗାସଭଦୈତେୟଂ ତଦ୍ବନ୍ଧୂଂଶ୍ଚ ବଳାନ୍ୱିତଃ।
ଚକ୍ରେ ତାଳବନଂ କ୍ଷେମଂ ପରିପକ୍ୱଫଳାନ୍ୱିତମ୍ ॥ ୧୦

ପ୍ରଲମ୍ବଂ ଘାତୟିତ୍ୱୋଗ୍ରଂ ବଳେନ ବଳଶାଳିନା।
ଅମୋଚୟଦ୍ ବ୍ରଜପଶୂନ୍ ଗୋପାଂଶ୍ଚାରଣ୍ୟବହ୍ନିତଃ ॥ ୧୧

ଇଏ ଯେତେବେଳେ ଜୁନି ଛୁଆଟିଏ ହୋଇଥିଲା, ଯେତେବେଳେ ପରା ଭୟଙ୍କରୀ ରାକ୍ଷସୀ ପୂତନା ଆସିଥିଲା। କିନ୍ତୁ ଇଏ ଆଖି ବୁଜିଦେଇ ତା'କ୍ଷୀର ତ ପିଇଗଲା ଏବଂ କ୍ଷୀର ସହିତ ତା'ର ପ୍ରାଣକୁ ମଧ୍ୟ ପିଇଗଲା। ଶରୀରର ଆୟୁକୁ କାଳ ଶୋଷିନେଲା ପରି ଏ ତାର ପ୍ରାଣକୁ ଶୋଷି ନେଲା ॥ ୪ ॥ ଇଏ ଯେତେବେଳେ ତିନିମାସର ହୋଇଥିଲା, ଯେତେବେଳେ ଶଗଡ଼ ତଳେ ଶୋଇ କୁଆଁ କୁଆଁ ହୋଇ କାନ୍ଦୁ କାନ୍ଦୁ ଏପରି ଗୋଇଠାଟାଏ ମାରିଦେଲା ଯେ, ସେହି ଏକା ଗୋଇଠାକେ ଏଡ଼େ ବଡ଼ ଶଗଡ଼ଟା ଓଲଟି ପଡ଼ିଲା ॥ ୫ ॥ ଏ ଯେତେବେଳେ ମାତ୍ର ବର୍ଷକର ହୋଇଥିଲା, ସେତେବେଳେ ତୃଣାବର୍ତ୍ତ ଦୈତ୍ୟ କିପରି ଖଣ୍ଡିଆଭୂତ ହୋଇ ଆମ ଏଠାକୁ ମାଡ଼ି ଆସିଥିଲା ଓ ଏହାକୁ ଆକାଶକୁ ଉଡ଼ାଇ ନେଇଥିଲା, ତାହା ତ ଆମେ ସମସ୍ତେ ଜାଣୁ। କିନ୍ତୁ ଦୈତ୍ୟ କଣ ଯାକୁ ମାରିବ, ଇଏ ତାକୁ ତଣ୍ଟି ଚିପି ମାରିଦେଲା ॥ ୬ ॥ ଆଉ ଇଏ ଲବଣି ଗ୍ରେରି କରିବାରୁ, ଯଶୋଦାରାଣୀ ଯେତେବେଳେ ଯାକୁ ଉଦୂଖଳରେ ବାନ୍ଧିଦେଲେ, ସେତେବେଳର ଘଟଣା ବି ସମସ୍ତେ ଜାଣନ୍ତି। ଏ ଆଣ୍ଠେଇ ଆଣ୍ଠେଇ ଯାଇ ଅର୍ଜୁନ ଗଛ ଦୁଇଟା ମଝିରେ ପଶିଗଲା ଯେ, ଏହାର ଟଣାରେ ଏଡ଼େ ବଡ଼ ଗଛ ଦୁଇଟା ଉପୁଡ଼ି ପଡ଼ିଲା ॥ ୭ ॥ ଟିକିଏ ବଡ଼ ହେଲା ପରେ ଇଏ ଯେତେବେଳେ ବଳରାମଙ୍କୁ ସଙ୍ଗରେ ନେଇ ଆମ ପିଲାଙ୍କ ସହିତ ବାଛୁରୀ ଚରାଇବାକୁ ଯାଇଥିଲା, ସେତେବେଳେ ଏହାକୁ ମାରିଦେବା ନିମନ୍ତେ ଗୋଟିଏ ରାକ୍ଷସ ବଗରୂପ ଧରି ଆସିଥିଲା; କିନ୍ତୁ ଇଏ ଦୁଇ ହାତରେ ତା ଥଣ୍ଟକୁ ଧରି, ଘାସଟିଏ ଚିରିଲା ପରି ତାକୁ ଦୁଇଫାଳ କରି ଚିରିଦେଲା ॥ ୮ ॥ ଆଉ ଥରେ ଏହାକୁ ମାରିଦେବା ନିମନ୍ତେ ଗୋଟିଏ ଅସୁର ବାଛୁରୀରୂପରେ ଗୋଠରେ ପଶିଗଲା; କିନ୍ତୁ ଇଏ ତାକୁ ଖେଳିଲା ପରି ଧରିପକାଇ କଇଁଥ ଗଛରେ ପିଟିଦେଲା ଯେ, ଅସୁର ତ ମଲା, ସେହି ଏକାମାଡ଼କେ କେତେଟା କଇଁଥଗଛ ମଧ୍ୟ ଉପୁଡ଼ିପଡ଼ିଲା ॥ ୯ ॥ ଇଏ ବଳରାମଙ୍କ ସହିତ ମିଶି ଗଧରୂପରେ ରହୁଥିବା ଧେନୁକାସୁର ଓ ତାର ଭାଇବନ୍ଧୁଙ୍କୁ ମାରିଦେଲା ଏବଂ ପାଚିଲା ତାଳ ଖୁନ୍ଦିହୋଇ ରହିଥିବା ତାଳବନକୁ ସମସ୍ତଙ୍କର ଉପକାରରେ ଲଗାଇବା ସହିତ ତାହାକୁ ମଙ୍ଗଳମୟ କରିଦେଲା ॥ ୧୦ ॥ ଟିକିଏ ବଡ଼ ହେଉ ହେଉ ଏହି କୃଷ୍ଣ କୁଉ ପ୍ରଳମ୍ବାସୁରକୁ ବଳରାମଙ୍କ ଦ୍ୱାରା ମରାଇଦେଲା ଏବଂ ଚାବାନଳରୁ ଗାଈଗୋରୁଙ୍କୁ ଓ ଆମ ପିଲାମାନଙ୍କୁ ଉଦ୍ଧାର କଲା ॥ ୧୧ ॥

ଆଶୀବିଷତମାହୀନ୍ଦ୍ରଂ ଦମିତ୍ୱା ବିମଦଂ ହ୍ରଦାତ୍ ।
ପ୍ରସହ୍ୟୋଦ୍ୱାସ୍ୟ ଯମୁନାଂ ଚକ୍ରେଽସୌ ନିର୍ବିଷୋଦକାମ୍ ॥ ୧୨

ଦୃଷ୍ଟ୍ୟଜଶ୍ଚାନୁରାଗୋଽସ୍ମିନ୍ ସର୍ବେଷାଂ ନୋ ବ୍ରଜୌକସାମ୍ ।
ନନ୍ଦ ତେ ତନୟେଽସ୍ମାସୁ ତସ୍ୟାପ୍ୟୌହତ୍ତିକଃ କଥମ୍ ॥ ୧୩

କ୍ୱ ସପ୍ତହାୟନୋ ବାଳଃ କ୍ୱ ମହାଦ୍ରିବିଧାରଣମ୍ ।
ତତୋ ନୋ ଜାୟତେ ଶଙ୍କା ବ୍ରଜନାଥ ତବାତ୍ମଜେ ॥ ୧୪

ନନ୍ଦ ଉବାଚ

ଶ୍ରୂୟତାଂ ମେ ବଚୋ ଗୋପା ବ୍ୟେତୁ ଶଙ୍କା ଚ ବୋଽର୍ଭକେ ।
ଏନଂ କୁମାରମୁଦ୍ଦିଶ୍ୟ ଗର୍ଗୋ ମେ ଯଦୁବାଚ ହ ॥ ୧୫

ବର୍ଣ୍ଣାସ୍ତ୍ରୟଃ କିଲାସ୍ୟାସନ୍ ଗୃହ୍ଣତୋଽନୁଯୁଗଂ ତନୂଃ ।
ଶୁକ୍ଲୋ ରକ୍ତସ୍ତଥା ପୀତ ଇଦାନୀଂ କୃଷ୍ଣତାଂ ଗତଃ ॥ ୧୬

ପ୍ରାଗୟଂ ବସୁଦେବସ୍ୟ କ୍ୱଚିଜ୍ଜାତସ୍ତବାତ୍ମଜଃ ।
ବାସୁଦେବ ଇତି ଶ୍ରୀମାନଭିଜ୍ଞାଃ ସମ୍ପ୍ରଚକ୍ଷତେ ॥ ୧୭

ବହୂନି ସନ୍ତି ନାମାନି ରୂପାଣି ଚ ସୁତସ୍ୟ ତେ ।
ଗୁଣକର୍ମାନୁରୂପାଣି ତାନ୍ୟହଂ ବେଦ ନୋ ଜନାଃ ॥ ୧୮

ଏଷ ବଃ ଶ୍ରେୟ ଆଧାସ୍ୟଦ୍ ଗୋପଗୋକୁଳନନ୍ଦନଃ ।
ଅନେନ ସର୍ବଦୁର୍ଗାଣି ଯୂୟମଞ୍ଜସ୍ତରିଷ୍ୟଥ ॥ ୧୯

ପୁରାନେନ ବ୍ରଜପତେ ସାଧବୋ ଦସ୍ୟୁପାଡ଼ିତାଃ ।
ଅରାଜକେ ରକ୍ଷ୍ୟମାଣା ଜିଗ୍ୟୁର୍ଦସ୍ୟୂନ୍ ସମେଧିତାଃ ॥ ୨୦

ଯମୁନାଜଳରେ ରହୁଥିବା କାଳିୟନାଗ କେଡ଼େ ବିଷାକ୍ତ ନ ଥିଲା ! କିନ୍ତୁ ଇଏ ତା ଗର୍ବ ଭାଙ୍ଗିଦେଇ, ତାକୁ ସେହି ହ୍ରଦରୁ ବାହାର କରିଦେଲା ଏବଂ ଯମୁନାଜଳକୁ ସବୁଦିନ ପାଇଁ ବିଷଶୂନ୍ୟ କରିଦେଲା ॥ ୧୨ ॥ ହେ ନନ୍ଦରାଜ ! ଆମେ ଏକଥା ବି ଦେଖୁଛୁ ଯେ, ତୁମର ଏହି ଶ୍ୟାମଳସୁନ୍ଦର ପୁଅଟିକୁ ଆମ ବ୍ରଜର ସମସ୍ତେ ଭଲ ପାଆନ୍ତି; ପୁଣି ତା'ର ବି ଆମ ଉପରେ ଖୁବ୍ ସ୍ନେହ ରହିଛି। କିନ୍ତୁ ଏହାର କାରଣ କଣ, ଆପଣ କହିପାରିବେ କି? ॥ ୧୩ ॥ କାହିଁ ଏ ସାତବର୍ଷର ଛୋଟ ପିଲା, ଆଉ କାହିଁ ସେ ବିରାଟ ଗିରିରାଜ ! ଇଏ ପରା ସେହି ପର୍ବତକୁ ସାତଦିନ ଯାଏ ଟେକି ଧରିଲା ! ହେ ବ୍ରଜରାଜ ! ଏଇଥିପାଇଁ ତୁମ ପୁଅ ବିଷୟ ନେଇ ଆମ ମନରେ ବଡ଼ ସନ୍ଦେହ ଉଠୁଛି ।"॥୧୪॥

ନନ୍ଦ କହିଲେ—ଭାଇମାନେ ! ମୋ କଥା ଟିକିଏ ମନ ଦେଇ ଶୁଣ; ତା'ହେଲେ ମୋ ପୁଅ ବିଷୟରେ ଆପଣମାନଙ୍କର ସନ୍ଦେହ ଦୂର ହୋଇଯିବ। ମୋ ପୁଅକୁ ଦେଖି ଗର୍ଗାଚାର୍ଯ୍ୟ କହିଥିଲେ, ॥ ୧୫ ॥ "ତୁମର ଏହି ପୁଅଟି ପ୍ରତ୍ୟେକ ଯୁଗରେ ଦେହ ଧରିଥାଏ। ପୂର୍ବରୁ ବିଭିନ୍ନ ଯୁଗରେ ଏ ପୁଅ ଶ୍ୱେତ, ରକ୍ତ (ନାଲି) ଓ ପୀତ (ହଳଦିଆ)—ଏପରି ଭିନ୍ନ ଭିନ୍ନ ରଙ୍ଗ ଧରି ଜନ୍ମ ହୋଇଥିଲା; ଏଥର ଏ କୃଷ୍ଣ (କଳା) ରଙ୍ଗ ଧରିଛି ॥ ୧୬ ॥ ଆହେ ନନ୍ଦ ! ତୁମର ଏହି ପୁଅଟି ପୂର୍ବେ କେତେ ବସୁଦେବଙ୍କ ଘରେ ବି ଜନ୍ମ ହୋଇଥିଲା; ତେଣୁ ସେହି ରହସ୍ୟ ଜାଣିଥିବା ଲୋକେ ଏହାର ନାମ 'ଶ୍ରୀମାନ୍ ବାସୁଦେବ' ବୋଲି ମଧ୍ୟ କହନ୍ତି ॥ ୧୭ ॥ ତୁମର ଏହି ପୁଅର ଗୁଣ ଓ କର୍ମ ଅନୁଯାୟୀ ଆହୁରି ବହୁତ ନାମ ଓ ବହୁତ ରୂପ ମଧ୍ୟ ଅଛି। ମୁଁ ସେସବୁ ନାମ ଓ ରୂପ ଜାଣେ; କିନ୍ତୁ ସାଧାରଣ ଲୋକେ ତାହା ଜାଣନ୍ତି ନାହିଁ ॥ ୧୮ ॥ ଏ ପୁଅ ତୁମମାନଙ୍କର ପରମ କଲ୍ୟାଣ କରିବ; ଗୋପୀ, ଗୋପାଳ ଓ ଗୋରୁମାନଙ୍କୁ ଏ ନ୍ୟନା ଭାବରେ ଆନନ୍ଦିତ କରିବ। ଏହା ସାହାଯ୍ୟରେ ତୁମେମାନେ ବଡ଼ ବଡ଼ ବିପଦରୁ ମଧ୍ୟ ସହଜରେ ଉଦ୍ଧାର ପାଇଯିବ ॥ ୧୯ ॥ ହେ ବ୍ରଜରାଜ ! ପୂର୍ବକାଳରେ ଏକଦା ପୃଥିବୀରେ କେହି ରାଜା ନ ଥିଲେ। ସେତେବେଳେ ଡାକୁମାନେ ଘୋଡ଼ାଚଢ଼େ ଲୁଟତରାଜ କରି ଲୋକଙ୍କୁ ହଇରାଣ କରୁଥାନ୍ତି। ସେତେବେଳେ ତୁମର ଏହି ପୁଅ ସଜ୍ଜନମାନଙ୍କୁ ରକ୍ଷା କରିଥିଲା ଏବଂ ଏହାରି ବଳ ପାଇ ଲୋକେ ଲୁଟପାଟ କରୁଥିବା ଡାକୁମାନଙ୍କୁ ଜୟ କରିଥିଲେ ॥ ୨୦ ॥

ଯ ଏତସ୍ମିନ୍ ମହାଭାଗାଃ ପ୍ରୀତିଂ କୁର୍ବନ୍ତି ମାନବାଃ ।
ନାରୟୋଽଭିଭବନ୍ତ୍ୟେତାନ୍ ବିଷ୍ଣୁପକ୍ଷାନିବାସୁରାଃ ॥ ୨୧

ହେ ନନ୍ଦ ! ଯେଉଁମାନେ ତୁମର ଏହି କଳାକାହ୍ନୁଟିକୁ ପ୍ରେମ କରନ୍ତି, ସେମାନେ ସତରେ ବଡ଼ ଭାଗ୍ୟବାନ୍ । ବିଷ୍ଣୁ ଭଗବାନଙ୍କର କରକମଳର ଛତ୍ରଛାୟାରେ ରହିଥିବା ଦେବତାମାନଙ୍କୁ ଯେପରି ଅସୁରମାନେ ଜୟ କରିପାରନ୍ତି ନାହିଁ, ତୁମର ଏହି ପୁଅକୁ ପ୍ରେମ କରୁଥିବା ଲୋକଙ୍କୁ ସେହିପରି ବାହ୍ୟ ବା ଅଭ୍ୟନ୍ତରର କୌଣସି ଶତ୍ରୁ ଜିଣିପାରିବେ ନାହିଁ ॥ ୨୧ ॥

ତସ୍ମାନ୍ନନ୍ଦ କୁମାରୋଽୟଂ ନାରାୟଣସମୋ ଗୁଣୈଃ ।
ଶ୍ରିୟା କୀର୍ତ୍ତ୍ୟାନୁଭାବେନ ତତ୍କର୍ମସୁ ନ ବିସ୍ମୟଃ ॥ ୨୨

ନନ୍ଦ ମହାଶୟ ! ଗୁଣ, ଐଶ୍ୱର୍ଯ୍ୟ ଓ ସୌନ୍ଦର୍ଯ୍ୟ ଦୃଷ୍ଟିରୁ, କୀର୍ତ୍ତି ଓ ପ୍ରଭାବ ଦୃଷ୍ଟିରୁ— ଯେକୌଣସି ଦୃଷ୍ଟିରୁ ଦେଖ ନା କାହିଁକି, ତୁମର ଏହି ପୁଅ ହେଉଛି ସ୍ୱୟଂ ଭଗବାନ ନାରାୟଣଙ୍କ ସମାନ । ତେଣୁ ଏହି ବାଳକର ଅଲୌକିକ କାର୍ଯ୍ୟାବଳୀ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେବ ନାହିଁ ।" ॥ ୨୨ ॥

ଇତ୍ୟଦ୍ଧା ମାଂ ସମାଦିଶ୍ୟ ଗର୍ଗେ ଚ ସ୍ୱଗୃହଂ ଗତେ ।
ମନ୍ୟେ ନାରାୟଣସ୍ୟାଂଶଂ କୃଷ୍ଣମକ୍ଲିଷ୍ଟକାରିଣମ୍ ॥ ୨୩

ହେ ଭାଇମାନେ ! ମୋତେ ସ୍ୱୟଂ ଗର୍ଗାଚାର୍ଯ୍ୟ ଏହି କଥା କହି ନିଜ ଗୃହକୁ ଚାଲିଗଲେ । ସେହିଦିନୁ ଅତ୍ୟନ୍ତ ଅଲୌକିକ ଓ ମଙ୍ଗଳକର କାର୍ଯ୍ୟ କରୁଥିବା ଏହି ବାଳକଟିକୁ ମୁଁ ଭଗବାନ ନାରାୟଣଙ୍କ ଅଂଶ ବୋଲି ଭାବୁଛି ॥ ୨୩ ॥ ନନ୍ଦଙ୍କ ମୁହଁରୁ ଗର୍ଗାଚାର୍ଯ୍ୟଙ୍କର ଏହି କଥା ଶୁଣିବାକୁ ପାଇ ବ୍ରଜବାସୀମାନଙ୍କର ବିସ୍ମୟ ଦୂର ହୋଇଗଲା; କାରଣ ଏଭିତରେ ସେମାନେ ଅମିତତେଜସ୍ୱୀ ଶ୍ରୀକୃଷ୍ଣଙ୍କର ପ୍ରଭାବ ପୂର୍ଣ୍ଣରୂପେ ଦେଖି ସାରିଥିଲେ; ଶୁଣି ବି ସାରିଥିଲେ । ସେମାନେ ଆନନ୍ଦରେ ଉଲ୍ଲସିତ ହୋଇ ଗୋପପତି ନନ୍ଦଙ୍କର ଓ ଶ୍ରୀକୃଷ୍ଣଙ୍କର ଭୂରି ଭୂରି ପ୍ରଶଂସା କଲେ ॥ ୨୪ ॥

ଇତି ନନ୍ଦବଚଃ ଶ୍ରୁତ୍ୱା ଗର୍ଗଗୀତଂ ବ୍ରଜୌକସଃ ।
ଦୃଷ୍ଟଶ୍ରୁତାନୁଭାବାସ୍ତେ କୃଷ୍ଣସ୍ୟାମିତତେଜସଃ ।
ମୁଦିତା ନନ୍ଦମାନର୍ଚୁଃ କୃଷ୍ଣଂ ଚ ଗତବିସ୍ମୟାଃ ॥ ୨୪

ନିଜର ପୂଜା ବନ୍ଦ କରିଦିଆଯିବାରୁ ଇନ୍ଦ୍ର ଯେତେବେଳେ ଅଗ୍ନିଶର୍ମା ହୋଇ, ମୁଷଳଧାରାରେ ବର୍ଷା କରାଇଥିଲେ, ସେତେବେଳେ ବଜ୍ରପାତ ଓ କୁଆପଥର ମାଡ଼ ଖାଇ ଓ ପ୍ରଚଣ୍ଡ ଝଡ଼ତୋଫାନରେ ବ୍ୟତିବ୍ୟସ୍ତ ହୋଇ ବ୍ରଜର ଛାଲୋକେ, ଗାଈଗୋରୁ ତଥା ଗୋପାଳମାନେ ଅତ୍ୟନ୍ତ ପୀଡ଼ିତ ହୋଇଯାଇଥିଲେ । ଯେତେବେଳେ ଭଗବାନ ତାଙ୍କର ଆଶ୍ରିତ ବ୍ରଜବାସୀମାନଙ୍କର ଏଭଳି ଦୁର୍ଦଶା ଦେଖି ଜଗୁଣିତ ହୋଇଯାଇଥିଲେ । କିନ୍ତୁ ପୁଣି ଏକ ନୂଆ ଲୀଳା କରିବାକୁ ଇଚ୍ଛା କରି ସେ ମୃଦୁ ମୃଦୁ ହସିଥିଲେ । ଗୋଟିଏ ଦୁର୍ବଳ ବାଳକ ଅନାୟାସରେ ବର୍ଷାଦିନିଆ ଛତୁଟିଏ ଉପାଡ଼ିଦେଲା ପରି, ଭଗବାନ ଗିରିରାଜ ଗୋବର୍ଦ୍ଧନକୁ ଗୋଟିଏ ହାତରେ ହିଁ ଉପାଡ଼ିଦେଇ ଟେକି ଧରିଥିଲେ ଓ ସମଗ୍ର ବ୍ରଜକୁ ରକ୍ଷା କରିଥିଲେ । ଇନ୍ଦ୍ରଙ୍କର ଗର୍ବ ଚୂର୍ଣ୍ଣ କରିଦେଇଥିବା ସେହି ଭଗବାନ ଗୋବିନ୍ଦ ଆମ ଉପରେ ପ୍ରସନ୍ନ ହୁଅନ୍ତୁ ॥ ୨୫ ॥

ଦେବେ ବର୍ଷତି ଯଜ୍ଞବିପ୍ଲବରୁଷା
ବଜ୍ରାଶ୍ମପର୍ଷାନିଲୈଃ
ସାଦତ୍ପାଳପଶୁସ୍ତ୍ରି ଆତ୍ମଶରଣଂ
ଦୃଷ୍ଟ୍ୱାନୁଜଗ୍ଧ୍ୟୁତ୍ସ୍ମୟନ୍ ।
ଉତ୍ପାଟ୍ୟୈକକରେଣ ଶୈଳମବଲୋ
ଲୀଲୋଚ୍ଛିଲୀନ୍ଧ୍ରଂ ଯଥା
ବିଭ୍ରତ୍ ଗୋଷ୍ଠମପାତ୍ମହେନ୍ଦ୍ରମଦଭିତ୍
ପ୍ରୀୟାନ୍ନ ଇନ୍ଦ୍ରୋ ଗବାମ୍ ॥ ୨୫

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ଦଶମସ୍କନ୍ଧେ ପୂର୍ବାର୍ଦ୍ଧେ ଷଡ୍ବିଂଶୋଽଧ୍ୟାୟଃ ॥ ୨୬ ॥

+++

ଅଥ ସପ୍ତବିଂଶୋଽଧ୍ୟାୟଃ

ଶ୍ରୀକୃଷ୍ଣଙ୍କ ଅଭିଷେକ

ଶ୍ରୀଶୁକ ଉବାଚ

ଗୋବର୍ଦ୍ଧନେ ଧୃତେ ଶୈଳ ଆସାରାଦ୍ ରକ୍ଷିତେ ବ୍ରଜେ ।
ଗୋଲୋକାଦାବ୍ରଜତ୍ କୃଷ୍ଣଂ ସୁରଭିଃ ଶକ୍ର ଏବ ଚ ॥ ୧

ବିବିକ୍ତ ଉପସଙ୍ଗମ୍ୟ ବ୍ରୀଡ଼ିତଃ କୃତହେଳନଃ ।
ପସ୍ପର୍ଶ ପାଦଯୋରେନଂ କିରୀଟେନାର୍କବର୍ଚସା ॥ ୨

ଦୃଷ୍ଟଶ୍ରୁତାନୁଭାବୋଽସ୍ୟ କୃଷ୍ଣସ୍ୟାମିତତେଜସଃ ।
ନଷ୍ଟତ୍ରିଲୋକେଶମଦ ଇନ୍ଦ୍ର ଆହ କୃତାଞ୍ଜଳିଃ ॥ ୩

ଇନ୍ଦ୍ର ଉବାଚ

ବିଶୁଦ୍ଧସତ୍ତ୍ୱଂ ତବ ଧାମ ଶାନ୍ତଂ
ତପୋମୟଂ ଧ୍ୱସ୍ତରଜସ୍ତମସ୍କମ୍ ।
ମାୟାମୟୋଽୟଂ ଗୁଣସମ୍ପ୍ରବାହୋ
ନ ବିଦ୍ୟତେ ତେଽଗ୍ରହଣାନୁବନ୍ଧଃ ॥ ୪

କୁତୋ ନୁ ତଦ୍ଧେତବ ଈଶ ତତ୍କୃତା
ଲୋଭାଦୟୋ ଯେଽବୁଧଲିଙ୍ଗଭାବାଃ ।
ତଥାପି ଦଣ୍ଡଂ ଭଗବାନ୍ ବିଭର୍ତ୍ତି
ଧର୍ମସ୍ୟ ଗୁପ୍ତ୍ୟୈ ଖଳନିଗ୍ରହାୟ ॥ ୫

ପିତା ଗୁରୁସ୍ତ୍ୱଂ ଜଗତାମଧୀଶୋ
ଦୁରତ୍ୟୟଃ କାଳ ଉପାତ୍ତଦଣ୍ଡଃ ।

ଶ୍ରୀଶୁକଦେବ କହିଗଲିଲେ—ହେ ପରୀକ୍ଷିତ ! ଭଗବାନ ଶ୍ରୀକୃଷ୍ଣ ଗୋବର୍ଦ୍ଧନ ଗିରିକୁ ଧାରଣ କରି ବ୍ରଜକୁ ମୁଷଳଧାର ବର୍ଷାରୁ ରକ୍ଷା କରିଦେଲେ । ତାହା ଦେଖି (ତାଙ୍କୁ ଅଭିନନ୍ଦନ ଜଣାଇବାକୁ) ଗୋଲୋକରୁ କାମଧେନୁ ଏବଂ (କ୍ଷମା ମାଗିବାକୁ) ସ୍ୱର୍ଗରୁ ଦେବରାଜ ଇନ୍ଦ୍ର ଗୋପପୁରକୁ ଆସିଲେ ॥ ୧ ॥ ଭଗବାନଙ୍କୁ ଅପମାନିତ କରିଥିବାରୁ ଇନ୍ଦ୍ର ତ ଅତ୍ୟନ୍ତ ଲଜ୍ଜିତ ହୋଇଯାଇଥିଲେ । ତେଣୁ ସେ ଗୋଟିଏ ଏକାନ୍ତ ସ୍ଥାନରେ ଭଗବାନଙ୍କୁ ପାଏାର୍ କଲେ ଓ ନିଜର ସୂର୍ଯ୍ୟ ସମାନ ତେଜିୟାନ୍ ମୁକୁଟମଣ୍ଡିତ ମୁଣ୍ଡ ଲଗାଇ ଭଗବାନଙ୍କର ଚରଣରେ ପ୍ରଣାମ କଲେ ॥ ୨ ॥ ନିଜକୁ ତ୍ରିଲୋକର ସ୍ୱାମୀ ବୋଲି ଭାବି ଇନ୍ଦ୍ରଙ୍କର ଯେଉଁ ଗର୍ବ ହୋଇଯାଇଥିଲା, ପରମତେଜସ୍ୱୀ ଭଗବାନ ଶ୍ରୀକୃଷ୍ଣଙ୍କର ପ୍ରଭାବ ଦେଖି-ଶୁଣି ସେହି ଗର୍ବ ଖର୍ବ ହୋଇଗଲା । ସେ ବର୍ତ୍ତମାନ ଦୁଇକର ଯୋଡ଼ି ପ୍ରଭୁଙ୍କୁ ସ୍ତୁତି କଲେ ॥ ୩ ॥

ଇନ୍ଦ୍ର କହିଲେ—ଭଗବନ୍ ! ଆପଣଙ୍କର ସ୍ୱରୂପ ହେଉଛି ପରମଶାନ୍ତ, ଜ୍ଞାନମୟ ଏବଂ ରଜୋଗୁଣ ଓ ତମୋଗୁଣରୁ ରହିତ ତଥା ବିଶୁଦ୍ଧ ଅପ୍ରାକୃତ ସତ୍ତ୍ୱମୟ । ଗୁଣମାନଙ୍କର ପ୍ରବାହରୂପରେ ପ୍ରତୀତ ହେଉଥିବା ଏହି ଜଗତ ହେଉଛି କେବଳ ମାୟାମୟ । ଆପଣଙ୍କ ସ୍ୱରୂପ ବିଷୟରେ ଜ୍ଞାନ ନ ଥିବାରୁ ଅର୍ଥାତ୍ ଅଜ୍ଞାନ ହେତୁ ହିଁ ଏହା ଆପଣଙ୍କ ଠାରେ ରହିଥିବା ପରି ବୋଧ ହେଉଛି ॥ ୪ ॥ ଅଜ୍ଞାନ ସହିତ ଆପଣଙ୍କର କୌଣସି ସମ୍ବନ୍ଧ ନାହିଁ, କି ଅଜ୍ଞାନ ହେତୁ ଯତ ପରି ମନେ ହେଉଥିବା ଦେହାଦି ସହିତ ମଧ୍ୟ ଆପଣଙ୍କର କୌଣସି ସମ୍ବନ୍ଧ ନାହିଁ; ତେଣୁ ଦେହ ଆଦି ହେତୁ ଜାତ ହେଉଥିବା ଲୋଭ-କ୍ରୋଧ ଆଦି ଦୋଷର ଆପଣଙ୍କ ଠାରେ ବା ସ୍ଥାନ କାହିଁ ? ହେ ପ୍ରଭୁ ! ଏସବୁ ଦୋଷ ରହିବା ତ ଅଜ୍ଞାନର ଲକ୍ଷଣ । ଏପରିଭାବରେ ଯଦିବା ଅଜ୍ଞାନ ଓ ସେଥିରୁ ଜାତ ହୋଇଥିବା ଜଗତ୍ ସହିତ ଆପଣଙ୍କର କୌଣସି ସମ୍ବନ୍ଧ ନାହିଁ, ତଥାପି ଧର୍ମରକ୍ଷା ଓ ଦୁଷ୍ଟଦଳନ ନିମନ୍ତେ ଆପଣ ଅବତାର ଗ୍ରହଣ କରନ୍ତି ଏବଂ ନିଗ୍ରହ-ଅନୁଗ୍ରହ ମଧ୍ୟ କରନ୍ତି ॥ ୫ ॥ ଆପଣ ହେଉଛନ୍ତି ଜଗତର ପିତା, ଗୁରୁ ଓ ସ୍ୱାମୀ । ଆପଣ ହେଉଛନ୍ତି ଜଗତକୁ ନିୟନ୍ତ୍ରଣ କରିବା ନିମନ୍ତେ ଦଣ୍ଡ ଧାରଣ କରିଥିବା ଦୁସ୍ତର କାଳ । ଆପଣ ଭକ୍ତମାନଙ୍କର ଲାଳସା ପୂରଣ କରିବା ନିମନ୍ତେ ସ୍ୱଚ୍ଛନ୍ଦରେ ଲୀଳାଶରୀର ଧାରଣ କରନ୍ତି

ହିତାୟ ସ୍ୱେଚ୍ଛାତନୁଭିଃ ସମାହସେ
ମାନଂ ବିଧୁନ୍ୱଞ୍ଜଗଦୀଶମାନିନାମ୍ ॥ ୬

ଯେ ମଦ୍‌ବିଧାଜ୍ଞା ଜଗଦୀଶମାନିନ-
ସ୍ତ୍ୱାଂ ବୀକ୍ଷ୍ୟ କାଲେଽଭୟମାଶୁ ତନ୍ନଦମ୍ ।
ହିତ୍ୱାଽର୍ଯ୍ୟମାର୍ଗଂ ପ୍ରଭଜନ୍ତ୍ୟପସ୍ମୟା
ଈହା ଖଳାନାମପି ତେଽନୁଶାସନମ୍ ॥ ୭

ସ ତ୍ୱଂ ମମୈଶ୍ୱର୍ଯ୍ୟମଦପ୍ଲୁତସ୍ୟ
କୃତାଗସସ୍ତେଽବିଦୁଷଃ ପ୍ରଭାବମ୍ ।
କ୍ଷନ୍ତୁଂ ପ୍ରଭୋଽର୍ହସି ମୂଢଚେତସୋ
ମୈବଂ ପୁନର୍ଭୂନ୍ମତିରୀଶ ମେଽସତୀ ॥ ୮

ତବାବତାରୋଽୟମଧୋକ୍ଷଜେହ
ସ୍ୱୟମ୍ଭରାଣାମୁରୁଭାରଜନ୍ମନାମ୍ ।
ଚମୂପତୀନାମଭବାୟ ଦେବ
ଭବାୟ ଯୁଷ୍ମଚ୍ଚରଣାନୁବର୍ତିନାମ୍ ॥ ୯

ନମସ୍ତୁଭ୍ୟଂ ଭଗବତେ ପୁରୁଷାୟ ମହାତ୍ମନେ ।
ବାସୁଦେବାୟ କୃଷ୍ଣାୟ ସାତ୍ୱତାଂ ପତୟେ ନମଃ ॥ ୧୦

ସ୍ୱଚ୍ଛୋପାତ୍ତଦେହାୟ ବିଶୁଦ୍ଧଜ୍ଞାନମୂର୍ତୟେ ।
ସର୍ବସ୍ମୈ ସର୍ବବୀଜାୟ ସର୍ବଭୂତାତ୍ମନେ ନମଃ ॥ ୧୧

ମଯ୍ୟେଦଂ ଭଗବନ୍ ଗୋପ୍ତ୍ରନାଶାୟାସାରବାୟୁଭିଃ ।
ଚେଷ୍ଟିତଂ ବିହତେ ଯଜ୍ଞେ ମାନିନା ତୀବ୍ରମନ୍ୟୁନା ॥ ୧୨

ଓ ମୋ ପରି ଯେଉଁମାନେ ନିଜକୁ ଈଶ୍ୱର ବୋଲି ଧରିନିଅନ୍ତି, ସେମାନଙ୍କର ଗର୍ବ ଦଳନ କରିବା ନିମନ୍ତେ ଆପଣ ଅନେକ ପ୍ରକାର ଲୀଳା କରନ୍ତି ॥ ୬ ॥ ହେ ପ୍ରଭୁ ! ଯେଉଁମାନେ ମୋ ପରି ଅଜ୍ଞାନୀ ଓ ନିଜକୁ ଜଗତର ଈଶ୍ୱର ବୋଲି ଭାବନ୍ତି, ଭୀଷଣ ଭୟ ସମୟରେ ମଧ୍ୟ ଆପଣ ନିର୍ଭୟ ହୋଇ ରହିଛନ୍ତି ଦେଖି ସେମାନେ ନିଜର ଗର୍ବ ଛାଡ଼ିଦିଅନ୍ତି ଏବଂ ଗର୍ବଶୂନ୍ୟ ହୋଇ, ସତ୍ତ୍ୱମାନଙ୍କ ଦ୍ୱାରା ଗୃହୀତ ଭକ୍ତିମାର୍ଗର ଆଶ୍ରୟ ନେଇ ଆପଣଙ୍କୁ ଭଜନ୍ତି । ହେ ପ୍ରଭୁ ! ଆପଣଙ୍କର ପ୍ରତ୍ୟେକ ଲୀଳା ଦୁଷ୍ଟମାନଙ୍କୁ ଦଣ୍ଡ ଦେବା ନିମନ୍ତେ ଓ ସତ୍ତ୍ୱମାନଙ୍କୁ ରକ୍ଷା କରିବା ନିମନ୍ତେ ଅଭିପ୍ରେତ ॥ ୭ ॥ ହେ ପ୍ରଭୁ ! ମୁଁ ଐଶ୍ୱର୍ଯ୍ୟ ମଦରେ ପ୍ରମତ୍ତ ହୋଇ ଆପଣଙ୍କ ପାଖରେ ଅପରାଧ କରିଛି; କାରଣ ମୁଁ ଆପଣଙ୍କର ଶକ୍ତି ଓ ପ୍ରଭାବ ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ ଥିଲି । ହେ ପରମେଶ୍ୱର ! ଆପଣ କୃପା କରି ଏହି ଅଧାନର ଅପରାଧ କ୍ଷମା କରନ୍ତୁ ଏବଂ ଏପରି କୃପା କରନ୍ତୁ ଯେ, ମୁଁ ଆଉ କେବେ ଯେପରି ଏଭଳି ଦୁଷ୍ଟ ଅଜ୍ଞାନର ଶିକାର ହେବି ନାହିଁ ॥ ୮ ॥ ହେ ସ୍ୱୟଂପ୍ରକାଶ ଇନ୍ଦ୍ରିୟାତୀତ ପରମାତ୍ମା ! ଯେଉଁ ଅସୁରସେନାପତିମାନେ କେବଳ ଆପଣା ପେଟ ପୋଷିବାରେ ହିଁ ବ୍ୟସ୍ତ ରହିଛନ୍ତି ଏବଂ ପୃଥିବୀ ନିମନ୍ତେ ଭାରର କାରଣ ହୋଇଛନ୍ତି, ସେମାନଙ୍କୁ ବଧ କରି ମୋକ୍ଷ ଦେବା ନିମନ୍ତେ ତଥା ଯେଉଁମାନେ ଆପଣଙ୍କ ଚରଣର ସେବକ, ଆପଣଙ୍କର ଭକ୍ତଜନ, ସେମାନଙ୍କୁ ରକ୍ଷା କରି ସେମାନଙ୍କର ଅଭ୍ୟୁଦୟ ଘଟାଇବା ନିମନ୍ତେ ହିଁ ଆପଣଙ୍କର ଏହି ଅବତାର ହୋଇଛି ॥ ୯ ॥ ହେ ଭଗବନ୍ ! ମୁଁ ଆପଣଙ୍କୁ ନମସ୍କାର କରୁଛି । ଆପଣ ହେଉଛନ୍ତି ସର୍ବାନ୍ତର୍ଯାମୀ ପୁରୁଷୋତ୍ତମ ତଥା ସର୍ବାତ୍ମା ବାସୁଦେବ । ଆପଣ ଯଦୁବଂଶୀମାନଙ୍କର ଏକମାତ୍ର ସ୍ୱାମୀ, ଭକ୍ତବତ୍ସଳ ଏବଂ ସମସ୍ତଙ୍କର ଚିତ୍ତ ଆକର୍ଷଣକାରୀ । ମୁଁ ଆପଣଙ୍କୁ ବାରମ୍ବାର ନମସ୍କାର କରୁଛି ॥ ୧୦ ॥ ଆପଣ ନିଜ ଇଚ୍ଛାରେ ହିଁ ଶରୀର ଧାରଣ କରିଛନ୍ତି । ଆପଣ ହେଉଛନ୍ତି ବିଶୁଦ୍ଧ ଜ୍ଞାନସ୍ୱରୂପ, ସବୁର କାରଣ ତଥା ସମସ୍ତଙ୍କର ଆତ୍ମା । ଆପଣଙ୍କୁ ବାରମ୍ବାର ନମସ୍କାର ॥ ୧୧ ॥ ହେ ଭଗବନ୍ ! ମୋର ଅଭିମାନର ଅନ୍ତ ନାହିଁ ଏବଂ ମୋର କ୍ରୋଧ ମଧ୍ୟ ଅତ୍ୟନ୍ତ ତୀବ୍ର, ତାହା ମୋ ନିୟନ୍ତ୍ରଣର ବାହାରେ । ମୁଁ ଯେତେବେଳେ ଦେଖିଲି ଯେ, ମୋର ଯଜ୍ଞ ନଷ୍ଟ କରିଦିଆଗଲା, ସେତେବେଳେ ମୁଁ ମୁଷଳଧାର ବର୍ଷା ଓ ବାତ୍ୟାଦ୍ୱାରା ସମଗ୍ର ବ୍ରଜମଣ୍ଡଳଟାକୁ ଧ୍ୱଂସ କରିଦେବାକୁ ଗ୍ରହିଁଲି ॥ ୧୨ ॥

ତ୍ୱୟ୍ୟେଶାନୁଗୃହୀତୋଽସ୍ମି ଧ୍ୱସ୍ତସ୍ତମ୍ଭୋ ବୃଥୋଦ୍ୟମଃ ।
ଈଶ୍ୱରଂ ଗୁରୁମାତ୍ମାନଂ ତ୍ୱାମହଂ ଶରଣଂ ଗତଃ ॥ ୧୩

କିନ୍ତୁ ପ୍ରଭୁ ! ଆପଣ ମୋ ପ୍ରତି ବହୁ ଅନୁଗ୍ରହ କଲେ । ମୋର ସେହି ଅପଚେଷ୍ଟା ବ୍ୟର୍ଥ ହୋଇଯିବାରୁ ମୋର ଗର୍ବ ସମୂଳେ ନଷ୍ଟ ହୋଇଗଲା । ଆପଣ ହେଉଛନ୍ତି ମୋର ସ୍ୱାମୀ, ଗୁରୁ ଓ ମୋର ଆତ୍ମା । ମୁଁ ଆପଣଙ୍କର ଶରଣାଗତ ॥ ୧୩ ॥

ଶ୍ରୀଶୁକ ଉବାଚ

ଏବଂ ସଂକୀର୍ତ୍ତିତଃ କୃଷ୍ଣୋ ମଘୋନା ଭଗବାନମୁମ୍ ।
ମେଘଗମ୍ଭୀରୟା ବାଗ୍ଭ ପ୍ରହସନ୍ନିଦମବ୍ରବୀତ୍ ॥ ୧୪

ଶ୍ରୀଶୁକଦେବ କହିଗ୍ଭଲିଲେ—ହେ ପରୀକ୍ଷିତ ! ଦେବରାଜ ଇନ୍ଦ୍ର ଭଗବାନ ଶ୍ରୀକୃଷ୍ଣଙ୍କୁ ଏପରି ସ୍ତୁତି କରିବାରୁ ପ୍ରଭୁ ହସି ହସି ମେଘ ସମାନ ଗମ୍ଭୀର କଣ୍ଠରେ ଇନ୍ଦ୍ରଙ୍କୁ କହିଲେ—॥ ୧୪ ॥

ଶ୍ରୀଭଗବାନୁବାଚ

ମୟା ତେଽକାରି ମଘବନ୍ ମଖଭଙ୍ଗୋଽନୁଗୃହ୍ଣତା ।
ମଦନୁସ୍ମୃତୟେ ନିତ୍ୟଂ ମତ୍ତସ୍ୟେନ୍ଦ୍ର ଶ୍ରିୟା ଭୃଶମ୍ ॥ ୧୫

ଶ୍ରୀଭଗବାନ କହିଲେ—ହେ ଇନ୍ଦ୍ର ! ତୁମେ ଐଶ୍ୱର୍ଯ୍ୟ ଓ ଧନସମ୍ପତ୍ତିର ମଦରେ ସମ୍ପୂର୍ଣ୍ଣ ପ୍ରମତ୍ତ ହୋଇ ଯାଇଥିଲ । ସେଥିପାଇଁ ତୁମ ଉପରେ ଅନୁଗ୍ରହ କରି ହିଁ ମୁଁ ତୁମ ଯଜ୍ଞ ବନ୍ଦ କରାଇଦେଲି । ମୁଁ ଜାଣିଥିଲି ଯେ, ଏହାଫଳରେ ତୁମେ ମୋତେ ନିତ୍ୟନିରନ୍ତର ସ୍ମରଣ ରଖିପାରିବ ॥ ୧୫ ॥

ମାମୈଶ୍ୱର୍ଯ୍ୟଶ୍ରୀମଦାନ୍ଧୋ ଦଣ୍ଡପାଣିଂ ନ ପଶ୍ୟତି ।
ତଂ ଭ୍ରଂଶୟାମି ସମ୍ପଦ୍ଭ୍ୟୋ ଯସ୍ୟ ଚେଚ୍ଛାମ୍ୟନୁଗ୍ରହମ୍ ॥ ୧୬

ଯେ ଐଶ୍ୱର୍ଯ୍ୟ ଓ ଧନସମ୍ପତ୍ତିର ମଦରେ ଅନ୍ଧ ହୋଇଯାଏ, ସେ ଦେଖିପାରେ ନାହିଁ ଯେ, ମୁଁ କାଳରୂପ ପରମେଶ୍ୱର ହସ୍ତରେ ଦଣ୍ଡ ଧରି ତାର ମୁଣ୍ଡ ଉପରେ ବସିଛି । ମୁଁ ଯାହା ଉପରେ ଅନୁଗ୍ରହ କରିବାକୁ ଗ୍ଭହେଁ, ତାକୁ ଐଶ୍ୱର୍ଯ୍ୟଭ୍ରଷ୍ଟ କରିଦିଏ ॥ ୧୬ ॥ ହେ ଇନ୍ଦ୍ର ! ତୁମର ମଙ୍ଗଳ ହେଉ । ଏଥର ତୁମେ ତୁମର ରାଜଧାନୀ ଅମରାବତୀକୁ ଫେରିଯାଅ ଓ ମୋର ଆଜ୍ଞା ପାଳନ କର । ଆଉ କଦାପି ଗର୍ବ କରିବ ନାହିଁ । ଯାଅ, ସେଠାରେ ସର୍ବଦା ମୋର ସାନ୍ନିଧ୍ୟ, ମୋର ସଂଯୋଗ ଅନୁଭବ କରୁଥିବ ଏବଂ ନିଜର ଅଧିକାର ଅନୁସାରେ ଉଚିତ ରୀତିରେ ମର୍ଯ୍ୟାଦା ପାଳନ କରୁଥିବ ॥ ୧୭ ॥

ଗମ୍ୟତାଂ ଶକ୍ର ଭଦ୍ରଂ ବଃ କ୍ରିୟତାଂ ମେଽନୁଶାସନମ୍ ।
ସ୍ଥୀୟତାଂ ସ୍ୱାଧିକାରେଷୁ ଯୁକ୍ତୈର୍ବଃ ସ୍ତମ୍ଭବର୍ଜିତୈଃ ॥ ୧୭

ଶ୍ରୀଶୁକ ଉବାଚ

ଅଥାହ ସୁରଭିଃ କୃଷ୍ଣମଭିବନ୍ଦ୍ୟ ମନସ୍ୱିନୀ ।
ସ୍ୱସନ୍ତାନୈରୁପାମନ୍ତ୍ର୍ୟ ଗୋପରୂପିଣମୀଶ୍ୱରମ୍ ॥ ୧୮

(**ଶ୍ରୀଶୁକଦେବ କହିଗ୍ଭଲିଲେ**—) ହେ ପରୀକ୍ଷିତ ! ଭଗବାନ ଏପରି ଆଜ୍ଞା ଦେଉଛନ୍ତି, ଏତିକିବେଳେ ମନସ୍ୱିନୀ କାମଧେନୁ ନିଜର ସନ୍ତାନମାନଙ୍କ ସମେତ ଗୋପାଳ-ବେଶଧାରୀ ପରମେଶ୍ୱର ଶ୍ରୀକୃଷ୍ଣଙ୍କୁ ବନ୍ଦନା କଲେ ଓ ତାଙ୍କୁ ସମ୍ବୋଧନ କରି କହିଲେ— ॥ ୧୮ ॥

ସୁରଭିରୁବାଚ

କୃଷ୍ଣ କୃଷ୍ଣ ମହାଯୋଗିନ୍ ବିଶ୍ୱାତ୍ମନ୍ ବିଶ୍ୱସମ୍ଭବ ।
ଭବତା ଲୋକନାଥେନ ସନାଥା ବୟମଚ୍ୟୁତ ॥ ୧୯

କାମଧେନୁ କହିଲେ—ହେ ସଚ୍ଚିଦାନନ୍ଦସ୍ୱରୂପ ଶ୍ରୀକୃଷ୍ଣ ! ଆପଣ ହେଉଛନ୍ତି ମହାଯୋଗୀ—ଯୋଗେଶ୍ୱର । ଆପଣ ହେଉଛନ୍ତି ସ୍ୱୟଂ ବିଶ୍ୱ, ବିଶ୍ୱର ପରମ କାରଣ, ଅଚ୍ୟୁତ ଏବଂ ସକଳ ବିଶ୍ୱର ସ୍ୱାମୀ । ଆପଣଙ୍କୁ ଆମର ରକ୍ଷକରୂପେ ପାଇ ଆମେ ସନାଥ ହୋଇଗଲୁ ॥ ୧୯ ॥

ତ୍ୱଂ ନଃ ପରମକଂ ଦୈବଂ ତ୍ୱଂ ନ ଇନ୍ଦ୍ରୋ ଜଗତ୍ପତେ ।
ଭବାୟ ଭବ ଗୋବିପ୍ରଦେବାନାଂ ଯେ ଚ ସାଧବଃ ॥ ୨୦

ହେ ଜଗନ୍ନାଥ ! ଆପଣ ତ ଆମର ପରମପୂଜନୀୟ ଆରାଧ୍ୟଦେବତା । ହେ ପ୍ରଭୁ ! ଇନ୍ଦ୍ର ତ୍ରିଲୋକର ଇନ୍ଦ୍ର ହୋଇଥାନ୍ତୁ; କିନ୍ତୁ ଆମର ଇନ୍ଦ୍ର ତ ଆପଣ । ଆପଣ ହିଁ ହେଉଛନ୍ତି ଗୋ, ବ୍ରାହ୍ମଣ, ଦେବତା ଓ ସାଧୁଜନଙ୍କ ରକ୍ଷା

ଇନ୍ଦ୍ରଂ ନସ୍ତ୍ୱାଭିଷେକ୍ଷ୍ୟାମୋ ବ୍ରହ୍ମଣା ନୋଦିତା ବୟମ୍ ।
ଅବତୀର୍ଣ୍ଣୋଽସି ବିଶ୍ୱାତ୍ମନ୍ ଭୂମେର୍ଭାରାପନୁତ୍ତୟେ ॥ ୨୧

ଶ୍ରୀଶୁକ ଉବାଚ

ଏବଂ କୃଷ୍ଣମୁପାମନ୍ତ୍ର୍ୟ ସୁରଭିଃ ପୟସାଽଽତ୍ମନଃ ।
ଜଲୈରାକାଶଗଙ୍ଗାୟା ଐରାବତକରୋଦ୍ଧୃତୈଃ ॥ ୨୨

ଇନ୍ଦ୍ରଃ ସୁରର୍ଷିଭିଃ ସାକଂ ନୋଦିତୋ ଦେବମାତୃଭିଃ ।
ଅଭ୍ୟଷିଞ୍ଚତ ଦାଶାର୍ହଂ ଗୋବିନ୍ଦ ଇତି ଗୃଭ୍ୟଧାତ୍ ॥ ୨୩

ତତ୍ରାଗତାସ୍ତୁମ୍ବୁରୁନାରଦାଦୟୋ
ଗନ୍ଧର୍ବବିଦ୍ୟାଧରସିଦ୍ଧଚାରଣାଃ ।
ଜଗୁର୍ଯଶୋ ଲୋକମଳାପହଂ ହରେଃ
ସୁରାଙ୍ଗନାଃ ସଂନନୃତୁର୍ମୁଦାନ୍ୱିତାଃ ॥ ୨୪

ତଂ ତୁଷ୍ଟୁବୁର୍ଦେବନିକାୟକେତବୋ
ବ୍ୟବାକିରଂଶ୍ଚାଦ୍ଭୁତପୁଷ୍ପବୃଷ୍ଟିଭିଃ ।
ଲୋକାଃ ପରାଂ ନିର୍ବୃତିମାପ୍ନୁବଂସ୍ତଯୋ
ଗାବସ୍ତଦା ଗାମନୟନ୍ ପୟୋଦ୍ରୁତାମ୍ ॥ ୨୫

ନଦ୍ୟାରସୌଘାଃ ସରିତୋ ବୃକ୍ଷା ଆସନ୍ ମଧୁସ୍ରବାଃ ।
ଅକୃଷ୍ଟପଚ୍ୟୌଷଧୟୋ ଗିରୟୋଽବିଭ୍ରଦୁନ୍ମଣୀନ୍ ॥ ୨୬

କୃଷ୍ଣେଽଭିଷିକ୍ତ ଏତାନି ସତ୍ତ୍ୱାନି କୁରୁନନ୍ଦନ ।
ନିର୍ବୈରାଣ୍ୟଭବଂସ୍ତାତ କ୍ରୂରାଣ୍ୟପି ନିସର୍ଗତଃ ॥ ୨୭

ଇତି ଗୋଗୋକୁଳପତିଂ ଗୋବିନ୍ଦମଭିଷିଚ୍ୟ ସଃ ।
ଅନୁଜ୍ଞାତୋ ଯଯୌ ଶକ୍ରୋ ବୃତୋ ଦେବାଦିଭିର୍ଦିବମ୍ ॥ ୨୮

ନିମନ୍ତେ ଆମ ଇନ୍ଦ୍ର ॥ ୨୦ ॥ ଆମେ ଗାଈମାନେ ବ୍ରହ୍ମାଙ୍କ ପ୍ରେରଣାକ୍ରମେ ଆପଣଙ୍କୁ ଆମର ଇନ୍ଦ୍ର ବୋଲି ମାନି ଆପଣଙ୍କୁ ଅଭିଷେକ କରିବୁ । ହେ ବିଶ୍ୱାତ୍ମନ୍ ! ପୃଥିବୀର ଭାର ଲାଘବ କରିବାକୁ ହିଁ ଆପଣ ଅବତାର ଧାରଣ କରିଛନ୍ତି ॥ ୨୧ ॥

ଶ୍ରୀଶୁକଦେବ କହିଗ୍ଲଲିଲେ—ହେ ପରୀକ୍ଷିତ ! ଭଗବାନ ଶ୍ରୀକୃଷ୍ଣଙ୍କୁ ଏପରି କହି କାମଧେନୁ ନିଜର କ୍ଷୀରରେ ପ୍ରଭୁଙ୍କୁ ଅଭିଷିକ୍ତ କଲେ ଏବଂ ଦେବମାତାମାନଙ୍କ ପ୍ରେରଣାକ୍ରମେ ଦେବରାଜ ଇନ୍ଦ୍ର ମଧ୍ୟ ଦେବର୍ଷିମାନଙ୍କ ସଙ୍ଗେ ମିଶି, ଐରାବତର ଶୁଣ୍ଢାରା ଆଣାଇଥିବା ଆକାଶଗଙ୍ଗାର ଜଳରେ ଯଦୁନାଥ ଶ୍ରୀକୃଷ୍ଣଙ୍କର ଅଭିଷେକ କଲେ ଏବଂ ତାଙ୍କୁ 'ଗୋବିନ୍ଦ' ନାମରେ ସମ୍ବୋଧନ କଲେ ॥ ୨୨,୨୩ ॥ ନାରଦ, ତୁମ୍ବୁରୁ ଆଦି ଗନ୍ଧର୍ବ, ବିଦ୍ୟାଧର, ସିଦ୍ଧ ଓ ଚାରଣଗଣ ପୂର୍ବରୁ ହିଁ ସେଠାକୁ ଆସିଯାଇଥିଲେ । ସେମାନେ ସମଗ୍ର ସଂସାରର ପାପତାପ ନାଶ କରିଦେଉଥିବା ଭଗବାନଙ୍କର ଲୋକମଙ୍ଗଳକାରୀ ଯଶ ଗାନ କରିବାକୁ ଲାଗିଲେ ଏବଂ ଅପ୍ସରାମାନେ ମହା ଆନନ୍ଦରେ ନୃତ୍ୟ ଆରମ୍ଭ କରିଦେଲେ । ମୁଖ୍ୟ ମୁଖ୍ୟ ଦେବତାମାନେ ଭଗବାନଙ୍କୁ ସ୍ତୁତି କରି ତାଙ୍କ ଉପରେ ନନ୍ଦନବନର ଦିବ୍ୟପୁଷ୍ପମାନ ବର୍ଷା କଲେ ॥ ୨୪ ॥ ତିନିଲୋକରେ ପରମାନନ୍ଦର ବନ୍ୟା ଆସିଗଲା ଏବଂ ଗାଈମାନଙ୍କ ପନ୍ଟାରୁ ଆପେ ଆପେ ଏତେ ଦୁଧ ଝରିପଡ଼ିଲା ଯେ, ସେଥିରେ ଭୂମି ଭିଜିଗଲା ॥ ୨୫ ॥ ନଦୀମାନଙ୍କରେ ବିବିଧ ରସର ବନ୍ୟା ଆସିଗଲା । ବୃକ୍ଷମାନଙ୍କରୁ ମଧୁଧାରା ଝରିବାକୁ ଲାଗିଲା । ବିନା ଗୃଷ୍ଟବାସ, ବିନା ବୁଣାରୁଆରେ ପୃଥିବୀରେ ଅନେକପ୍ରକାର ଔଷଧି ବୃକ୍ଷ ଓ ଅନ୍ନ ଉତ୍ପନ୍ନ ହୋଇଗଲା । ପର୍ବତମାନଙ୍କରେ ଗୁପ୍ତ ହୋଇ ରହିଥିବା ମଣିମାଣିକ୍ୟ ଆପେ ଆପେ ବାହାରକୁ ବାହାରିପଡ଼ିଲା ॥ ୨୬ ॥ ହେ ପରୀକ୍ଷିତ ! ଭଗବାନଙ୍କର ଅଭିଷେକ ହୋଇଯିବାରୁ କ୍ରୂର ସ୍ୱଭାବର ଜୀବମାନେ ଶାନ୍ତ ହୋଇଗଲେ ଓ ବୈରଭାବ ଛାଡ଼ିଦେଇ ଅନ୍ୟମାନଙ୍କ ସହିତ ମିତ୍ର ପରି ବଳିଲେ ॥ ୨୭ ॥ ଇନ୍ଦ୍ର ଏପରିଭାବରେ ଗୋ-ଗୋକୁଳର ସ୍ୱାମୀ ଶ୍ରୀଗୋବିନ୍ଦଙ୍କର ଅଭିଷେକ କଲେ ଏବଂ ତାଙ୍କର ଅନୁମତି ନେଇ ଦେବତା, ଗନ୍ଧର୍ବ ଆଦିଙ୍କ ସହିତ ସ୍ୱର୍ଗକୁ ଯାତ୍ରା କଲେ ॥ ୨୮ ॥

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ବୈୟାସକ୍ୟାଂ ପୂର୍ବାର୍ଦ୍ଧେ
ଇନ୍ଦ୍ରସ୍ତୁତିର୍ନାମ ସପ୍ତବିଂଶୋଽଧ୍ୟାୟଃ ॥ ୨୭ ॥

+++

ଅଥାଷ୍ଟାବିଂଶୋଽଧ୍ୟାୟଃ

ଅପହୃତ ନନ୍ଦଙ୍କୁ ବରୁଣପୁରରୁ ଉଦ୍ଧାର

ଶ୍ରୀଶୁକ ଉବାଚ

ଏକାଦଶ୍ୟାଂ ନିରାହାରଃ ସମଭ୍ୟର୍ଚ୍ୟ ଜନାର୍ଦ୍ଦନମ୍ ।
ସ୍ନାତୁଂ ନନ୍ଦସ୍ତୁ କାଲିନ୍ଦ୍ୟା ଦ୍ୱାଦଶ୍ୟାଂ ଜଳମାବିଶତ୍ ॥ ୧

ତଂ ଗୃହୀତ୍ୱାନୟତ୍ ଭୃତ୍ୟୋ ବରୁଣସ୍ୟାସୁରୋଽନ୍ତିକମ୍ ।
ଅବିଜ୍ଞାୟାସୁରାଂ ବେଳାଂ ପ୍ରବିଷ୍ଟମୁଦକଂ ନିଶି ॥ ୨

ଚୁକ୍ରୁଶୁସ୍ତମପଶ୍ୟନ୍ତଃ କୃଷ୍ଣ ରାମେତି ଗୋପକାଃ ।
ଭଗବାଂସ୍ତଦୁପଶ୍ରୁତ୍ୟ ପିତରଂ ବରୁଣାହୃତମ୍ ।
ତଦନ୍ତିକଂ ଗତୋ ରାଜନ୍ ସ୍ୱାନାମଭୟଦୋ ବିଭୁଃ ॥ ୩

ପ୍ରାପ୍ତଂ ବୀକ୍ଷ୍ୟ ହୃଷୀକେଶଂ ଲୋକପାଳଃ ସପର୍ଯ୍ୟୟା ।
ମହତ୍ୟା ପୂଜୟିତ୍ୱାଽଽହ ତଦ୍ଦର୍ଶନମହୋତ୍ସବଃ ॥ ୪

ବରୁଣ ଉବାଚ

ଅଦ୍ୟ ମେ ନିଭୃତୋ ଦେହୋଽଦ୍ୟୈବାର୍ଥୋଽଧିଗତଃ ପ୍ରଭୋ ।
ତ୍ୱତ୍ପାଦଭାଜୋ ଭଗବନ୍ନବାପ୍ତୁଃ ପାରମଧ୍ୱନଃ ॥ ୫

ନମସ୍ତୁଭ୍ୟଂ ଭଗବତେ ବ୍ରହ୍ମଣେ ପରମାତ୍ମନେ ।
ନ ଯତ୍ର ଶ୍ରୂୟତେ ମାୟା ଲୋକସୃଷ୍ଟିବିକଳ୍ପନା ॥ ୬

ଅଜାନତା ମାମଜେନ ମୃଢେନାକାର୍ଯ୍ୟବେଦିନା ।
ଆନୀତୋଽୟଂ ତବ ପିତା ତଦ୍ ଭବାନ୍ କ୍ଷନ୍ତୁମର୍ହତି ॥ ୭

ଶ୍ରୀଶୁକଦେବ କହିଲେ—ହେ ପରୀକ୍ଷିତ ! ଗୋପପତି ନନ୍ଦ ଭାଦ୍ରବ ଶୁକ୍ଳପକ୍ଷ ଏକାଦଶୀ ଦିନ ଉପବାସ କରି ଭଗବାନଙ୍କୁ ପୂଜା କଲେ ଏବଂ ସେଦିନ ରାତିରେ ଦ୍ୱାଦଶୀ ପଡ଼ିବାରୁ ରାତି ଥାଉଁ ଥାଉଁ ସ୍ନାନ କରିବା ନିମନ୍ତେ ଯମୁନାକୁ ଯାଇ ପାଣିରେ ପଶିଗଲେ ॥ ୧ ॥ ତାଙ୍କୁ ଜଣା ନ ଥିଲା ଯେ, ସେହିଟା ହେଉଛି ଅସୁରମାନଙ୍କର ବେଳା; ତେଣୁ ସେ ସେହି ରାତି ସମୟରେ ଯମୁନାଜଳରେ ପଶିଗଲେ । ସେତେବେଳେ ବରୁଣଙ୍କର ଜଣେ ଅସୁର ସେବକ ତାଙ୍କୁ ଧରି ତା' ପ୍ରଭୁଙ୍କ ପାଖକୁ ନେଇଗଲା ॥ ୨ ॥ ନନ୍ଦ ଏପରି ହଜିଯିବାରୁ ସାରା ଗୋପର ଲୋକେ 'ହେ ବଳରାମ ! ହେ କୃଷ୍ଣ ! ତୁମେ ହିଁ ଭରସା' ବୋଲି କହି କାନ୍ଦଚହଳ ପକାଇଦେଲେ । ଭଗବାନ କୃଷ୍ଣ ତ ସର୍ବଶକ୍ତିମାନ୍ ଓ ସର୍ବଦା ଭକ୍ତମାନଙ୍କର ଭୟ ଦୂର କରନ୍ତି । ବ୍ରଜବାସୀମାନଙ୍କର କାନ୍ଦ ଶୁଣି ସେ ଜାଣିଗଲେ ଯେ, ତାଙ୍କ ପିତାଙ୍କୁ ବରୁଣଙ୍କର ଜୌଣସି ସେବକ ନେଇଯାଇଛି । ତେଣୁ ସେ ତୁରନ୍ତ ବରୁଣଙ୍କ ନିକଟକୁ ଗଲେ ॥ ୩ ॥ ସକଳ ପ୍ରକାର ଇନ୍ଦ୍ରିୟମାନଙ୍କର ପ୍ରବର୍ତ୍ତକ ଭଗବାନ ଶ୍ରୀକୃଷ୍ଣ ସ୍ୱୟଂ ତାଙ୍କ ପାଖକୁ ଆସିଛନ୍ତି ଦେଖି ଲୋକପାଳ ବରୁଣ ଅତ୍ୟନ୍ତ ଆନନ୍ଦିତ ହୋଇଗଲେ । ସେ ଭଗବାନଙ୍କର ସମୁଚିତ ପୂଜାରାଧନା କରି ଏହିରୂପେ ନିବେଦନ କଲେ— ॥ ୪ ॥

ବରୁଣ କହିଲେ—"ହେ ପ୍ରଭୁ ! ଆଜି ଆପଣଙ୍କର ଚରଣ ସେବା କରିବାର ଶୁଭ ଅବସର ମିଳିଯିବାରୁ ମୋର ଦେହ ଧାରଣ କରିବା ସଫଳ ହୋଇଗଲା । ଆଜି ମୋତେ ସକଳ ପୁରୁଷାର୍ଥ ମିଳିଗଲା । ହେ ଭଗବନ୍ ! ଯେଉଁମାନଙ୍କୁ ଆପଣଙ୍କ ଚରଣକମଳର ସେବା କରିବାର ସୁଅବସର ମିଳିଛି, ସେମାନେ ସମସ୍ତେ ଭବସାଗରରୁ ପାରି ହୋଇ ଯାଇଛନ୍ତି ॥ ୫ ॥ ଆପଣ ହେଉଛନ୍ତି ଭକ୍ତମାନଙ୍କର ଭଗବାନ, ବେଦାନ୍ତବାଦୀମାନଙ୍କର ବ୍ରହ୍ମ ଓ ଯୋଗୀମାନଙ୍କର ପରମାତ୍ମା । ଶ୍ରୁତି କହନ୍ତି, ଆପଣଙ୍କ ସ୍ୱରୂପରେ ବିଭିନ୍ନ ଲୋକସୃଷ୍ଟିର କଳ୍ପନା କରୁଥିବା ମାୟା ନାହିଁ । ମୁଁ ଆପଣଙ୍କୁ ନମସ୍କାର କରୁଛି ॥ ୬ ॥ ମୋର ଏହି ସେବକ ଅତ୍ୟନ୍ତ ମୂଢ଼ ଓ ଅଜ୍ଞ । ସେ ନିଜର କର୍ତ୍ତବ୍ୟ କ'ଣ, ତାହା ବି ଜାଣେନି । ସେ ଆପଣଙ୍କ ପିତାଙ୍କୁ ନେଇଆସିଛି । ଆପଣ କୃପା କରି ତାର ଅପରାଧ କ୍ଷମା କରନ୍ତୁ ॥ ୭ ॥

ମମାପ୍ୟନୁଗ୍ରହଂ କୃଷ୍ଣ କର୍ତ୍ତୁମର୍ହସ୍ୟଶେଷଦୃକ୍ ।
ଗୋବିନ୍ଦ ନାୟତାମେଷ ପିତା ତେ ପିତୃବତ୍ସଳ ॥ ୮

ଶ୍ରୀଶୁକ ଉବାଚ

ଏବଂ ପ୍ରସାଦିତଃ କୃଷ୍ଣୋ ଭଗବାନୀଶ୍ୱରେଶ୍ୱରଃ ।
ଆଦାୟାଗାତ୍ ସ୍ୱପିତରଂ ବନ୍ଧୂନାଂ ଗ୍ୱବହନ୍ ମୁଦମ୍ ॥ ୯

ନନ୍ଦସ୍ତାଦ୍ରିୟଂ ଦୃଷ୍ଟ୍ୱା ଲୋକପାଳମହୋଦୟମ୍ ।
କୃଷ୍ଣେ ଚ ସକଲଂ ତେଷାଂ ଜ୍ଞାତିଭ୍ୟୋ ବିସ୍ମିତୋଽବ୍ରବୀତ୍ ॥ ୧୦

ତେ ତ୍ୱୌତ୍ସୁକ୍ୟଧିୟୋ ରାଜନ୍ ମତ୍ତା ଗୋପାସ୍ତମାଶ୍ୱରମ୍ ।
ଅପି ନଃ ସ୍ୱଗତିଂ ସୂକ୍ଷ୍ମାମୁପାଧାସ୍ୟତଧୀଶ୍ୱରଃ ॥ ୧୧

ଇତି ସ୍ୱାନାଂ ସ ଭଗବାନ୍ ବିଜ୍ଞାୟାଖିଳଦୃକ୍ ସ୍ୱୟମ୍ ।
ସଙ୍କଲ୍ପସିଦ୍ଧୟେ ତେଷାଂ କୃପୟୈତଦଚିନ୍ତୟତ୍ ॥ ୧୨

ଜନୋ ବୈ ଲୋକ ଏତସ୍ମିନ୍ନବିଦ୍ୟାକାମକର୍ମଭିଃ ।
ଉଚ୍ଚାବଚାସୁ ଗତିଷୁ ନ ବେଦ ସ୍ୱାଂ ଗତିଂ ଭ୍ରମନ୍ ॥ ୧୩

ଇତି ସଞ୍ଚିନ୍ତ୍ୟ ଭଗବାନ୍ ମହାକାରୁଣିକୋ ହରିଃ ।
ଦର୍ଶୟାମାସ ଲୋକଂ ସ୍ୱଂ ଗୋପାନାଂ ତମସଃ ପରମ୍ ॥ ୧୪

ହେ ଗୋବିନ୍ଦ ! ମୁଁ ଜାଣେ ଯେ, ଆପଣ ଆପଣଙ୍କ ପିତାଙ୍କୁ ବହୁତ ଭଲ ପାଆନ୍ତି । ଆପଣଙ୍କର ପିତା ଏଇଠି ବସିଛନ୍ତି; ଆପଣ ତାଙ୍କୁ ନେଇଯାଆନ୍ତୁ । କିନ୍ତୁ ହେ ଭଗବନ୍ ! ଆପଣ ତ ସମସ୍ତଙ୍କର ଅନ୍ତର୍ଯାମୀ, ସମସ୍ତଙ୍କର ସାକ୍ଷୀ; ତେଣୁ ହେ ବିଶ୍ୱବିମୋହନ ଶ୍ରୀକୃଷ୍ଣ ! ଆପଣ ଏହି ଦାସକୁ (ମୋତେ) ବି କୃପା କରନ୍ତୁ ॥ ୮ ॥

ଶ୍ରୀଶୁକଦେବ କହିଗଲିଲେ—ହେ ପରୀକ୍ଷିତ ! ଭଗବାନ ଶ୍ରୀକୃଷ୍ଣ ହେଉଛନ୍ତି ବ୍ରହ୍ମା ଆଦି ଈଶ୍ୱରମାନଙ୍କର ମଧ୍ୟ ଈଶ୍ୱର । ଲୋକପାଳ ବରୁଣ ଏପରିଭାବରେ ତାଙ୍କର ସ୍ତୁତି କରି ତାଙ୍କୁ ପ୍ରସନ୍ନ କଲେ । ତା'ପରେ ଭଗବାନ ନିଜ ପିତା ନନ୍ଦଙ୍କୁ ବ୍ରଜକୁ ଫେରାଇ ଆଣି ବ୍ରଜବାସୀ ଭାଇବନ୍ଧୁମାନଙ୍କୁ ଆନନ୍ଦିତ କଲେ ॥ ୯ ॥ ନନ୍ଦ ବରୁଣଲୋକର ଇନ୍ଦ୍ରିୟାତୀତ ଐଶ୍ୱର୍ଯ୍ୟ ଦେଖିଥିଲେ ଏବଂ ସେଠାର ନିବାସୀମାନେ କିପରି ତାଙ୍କର ପୁତ୍ର ଶ୍ରୀକୃଷ୍ଣଙ୍କ ଚରଣରେ ପଡ଼ି ପ୍ରଣାମ କରିଥିଲେ, ତାହା ବି ଦେଖିଥିଲେ । ତାହା ଦେଖି ସେ ବଡ଼ ବିସ୍ମିତ ହୋଇଯାଇଥିଲେ । ବ୍ରଜକୁ ଆସି ନିଜ ଜାତିଭାଇଙ୍କୁ ସେ ସେହିସବୁ ଘଟଣା ବର୍ଣ୍ଣନା କରି ଶୁଣାଇଲେ ॥ ୧୦ ॥ ହେ ପରୀକ୍ଷିତ ! ତାହା ଶୁଣି ଭଗବାନଙ୍କର ପ୍ରେମୀ ଗୋପାଳମାନେ ଜାଣିଗଲେ ଯେ, ଶ୍ରୀକୃଷ୍ଣ ହେଉଛନ୍ତି ସାକ୍ଷାତ୍ ଭଗବାନ । ଏହା ଜାଣିପାରି ସେମାନେ ବଡ଼ ଉତ୍ସୁକତାର ସହିତ ମନେ ମନେ ଭାବିଲେ, "ଭଗବାନଙ୍କର ଯେଉଁ ସ୍ୱଧାମକୁ କେବଳ ତାଙ୍କର ପ୍ରେମୀ ଭକ୍ତମାନେ ହିଁ ଯାଇପାରନ୍ତି, ଜଗଦୀଶ୍ୱର ଭଗବାନ କଣ ଆମକୁ ବି କେବେ ଟିକିଏ ସେହି ଧାମ ଦେଖାଇଦେବେ !" ॥ ୧୧ ॥ ହେ ପରୀକ୍ଷିତ ! ଭଗବାନ ଶ୍ରୀକୃଷ୍ଣ ତ ସ୍ୱୟଂ ସର୍ବଦର୍ଶୀ । ତାଙ୍କ ପାଖରେ ଭଲା ଗୋପାଳମାନଙ୍କର ଏହି ମନକଥା କିପରି ଲୁଚି ରହନ୍ତା ! ସେ ତାଙ୍କର ଆତ୍ମୀୟ ଗୋପାଳମାନଙ୍କର ଏହି ଅଭିଳାଷ ଜାଣିଗଲେ ଏବଂ କୃପାପରବଶ ହୋଇ ସେମାନଙ୍କର ଇଚ୍ଛାପୂର୍ଣ୍ଣ କରିବା ନିମନ୍ତେ ବିଗ୍ଧର କଲେ ॥ ୧୨ ॥ ସେ ଭାବିଲେ, "ସାଂସାରିକ ଜୀବ ଅଜ୍ଞାନବଶତଃ ଦେହଟାକୁ ହିଁ ଆତ୍ମା ବୋଲି ଭାବୁଛି; ତେଣୁ ନାନାପ୍ରକାର କାମନା କରୁଛି ଓ ସେସବୁକୁ ପୂରଣ କରିବା ନିମନ୍ତେ ନାନାପ୍ରକାର କର୍ମ କରୁଛି । ସେହିସବୁ କର୍ମର ଫଳସ୍ୱରୂପ ସେ ଦେବତା, ମନୁଷ୍ୟ, ପଶୁ, ପକ୍ଷୀ ଆଦି ଉଚ୍ଚ-ନୀଚ ଯୋନିରେ ପଡ଼ି ବାଟବଣା ହେଉଛି ସିନା, ନିଜର ପ୍ରକୃତ ଗତିକୁ ବା ଆତ୍ମସ୍ୱରୂପକୁ ଚିହ୍ନି ପାରୁନାହିଁ" ॥ ୧୩ ॥ ଏପରି ବିଗ୍ଧର କରି ପରମଦୟାଳୁ ଭଗବାନ ଶ୍ରୀକୃଷ୍ଣ ସେହି ଗୋପାଳମାନଙ୍କୁ ମାୟାନ୍ଧକାରର ଉର୍ଦ୍ଧ୍ୱରେ ଥିବା ନିଜର ପରମଧାମ

ସତ୍ୟଂ ଜ୍ଞାନମନନ୍ତଂ ଯଦ୍ ବ୍ରହ୍ମ ଜ୍ୟୋତିଃ ସନାତନମ୍ ।
ଯଦ୍ଧି ପଶ୍ୟନ୍ତି ମୁନୟୋ ଗୁଣାପାୟେ ସମାହିତାଃ ॥ ୧୫

ତେ ତୁ ବ୍ରହ୍ମହ୍ରଦଂ ନୀତା ମଗ୍ନାଃ କୃଷ୍ଣେନ ଚୋଦ୍ଧୃତାଃ ।
ଦଦୃଶୁର୍ବ୍ରହ୍ମଣୋ ଲୋକଂ ଯତ୍ରାକ୍ରୂରୋଽଧ୍ୟଗାତ୍ ପୁରା ॥ ୧୬

ନନ୍ଦାଦୟସ୍ତୁ ତଂ ଦୃଷ୍ଟ୍ୱା ପରମାନନ୍ଦନିର୍ବୃତାଃ ।
କୃଷ୍ଣଂ ଚ ତତ୍ରତ୍ରୈରୁପୈଃ ସ୍ତୂୟମାନଂ ସୁବିସ୍ମିତାଃ ॥ ୧୭

ଦେଖାଇଦେଲେ ॥ ୧୪ ॥ ଭଗବାନ ପ୍ରଥମେ ସେମାନଙ୍କୁ ଏଭଳି ବ୍ରହ୍ମସ୍ୱରୂପର ସାକ୍ଷାତ୍କାର କରାଇଦେଲେ, ଯାହାର ସ୍ୱରୂପ ହେଉଛି ସତ୍ୟ, ଜ୍ଞାନ, ଅନନ୍ତ, ସନାତନ ଓ ଜ୍ୟୋତିସ୍ୱରୂପ ତଥା ଯାହାକୁ ସମାଧିନିଷ୍ଠ ଗୁଣାତୀତ ପୁରୁଷ ହିଁ ଦେଖିପାରନ୍ତି ॥ ୧୫ ॥ ପୂର୍ବକାଳରେ ଭଗବାନ ଯେଉଁ ଜଳାଶୟରେ ଅକ୍ରୂରଙ୍କୁ ନିଜର ସ୍ୱରୂପ ଦେଖାଇଥିଲେ, ଗୋପାଳମାନଙ୍କୁ ସେ ସେହି ବ୍ରହ୍ମସ୍ୱରୂପ ବ୍ରହ୍ମହ୍ରଦକୁ ନେଇଗଲେ । ସେମାନେ ବ୍ରହ୍ମହ୍ରଦରେ ବୁଡ଼ ପକାଇଲେ । ତା'ପରେ ଭଗବାନ ସେମାନଙ୍କୁ ସେଥିରୁ ବାହାର କରି ନିଜର ପରମଧାମ ଦର୍ଶନ କରାଇଲେ ॥ ୧୬ ॥ ସେହି ଦିବ୍ୟ ଭଗବତ୍ସ୍ୱରୂପ ଧାମ ଦେଖି ନନ୍ଦ ଆଦି ଗୋପାଳମାନେ ପରମାନନ୍ଦରେ ମଗ୍ନ ହୋଇଗଲେ । ସେଠାରେ ସେମାନେ ଦେଖିଲେ ଯେ, ସଜଳ ବେଦ ମୂର୍ତ୍ତିମାନ୍ ହୋଇ ଭଗବାନ ଶ୍ରୀକୃଷ୍ଣଙ୍କର ସ୍ତୁତି କରୁଛନ୍ତି । ତାହା ଦେଖି ସେମାନେ ସମସ୍ତେ ଅତ୍ୟନ୍ତ ବିସ୍ମିତ ହୋଇଗଲେ ॥ ୧୭ ॥

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ଦଶମସ୍କନ୍ଧେ ପୂର୍ବାର୍ଦ୍ଧେ ଅକ୍ରୂରାଦିଂଗୋଽଧ୍ୟାୟଃ ॥ ୨୮ ॥

+++

ଅଥୈକୋନତ୍ରିଂଶୋଽଧ୍ୟାୟଃ

ରାସଲୀଳା ଆରମ୍ଭ

ଶ୍ରୀଶୁକ ଉବାଚ

ଭଗବାନପି ତା ରାତ୍ରୀଃ ଶରଦୋତ୍ଫୁଲ୍ଲମଲ୍ଲିକାଃ ।
ବୀକ୍ଷ୍ୟ ରନ୍ତୁଂ ମନଶ୍ଚକ୍ରେ ଯୋଗମାୟାମୁପାଶ୍ରିତଃ ॥ ୧

ତଦୋତ୍ଫୁରାଜଃ କକୁଭଃ କରୈର୍ମୁଖଂ
ପ୍ରାଚ୍ୟା ବିଲିମ୍ପନ୍ନରୁଣେନ ଶନ୍ତମୈଃ ।

ଶ୍ରୀଶୁକଦେବ କହିଗ୍ଲିଲେ—ହେ ପରୀକ୍ଷିତ ! ଥରେ ଶରତଋତୁ ହୋଇଥାଏ । ମଲ୍ଲୀ, ଯୁଇ ଆଦି ସୁଗନ୍ଧ ପୁଷ୍ପ ଫୁଟି ମହ ମହ ବହଟୁଥାଏ । ବସ୍ତ୍ରହରଣ ସମୟରେ ଭଗବାନ ଗୋପୀମାନଙ୍କୁ ଯେଉଁସବୁ ରାତ୍ରି ବିଷୟରେ ସଂକେତ ଦେଇଥିଲେ, ସେହିସବୁ ରାତ୍ରି ପୁଞ୍ଜୀଭୂତ ହୋଇ ଗୋଟିଏ ରାତ୍ରିରୂପରେ ଉଲ୍ଲସିତ ହେଉଥାଏ । ଭଗବାନ ସେହିସବୁ ସୌନ୍ଦର୍ଯ୍ୟ ଦେଖିଲେ ଏବଂ ଦେଖିସାରି ସେସବୁକୁ ଦିବ୍ୟ କରିଦେଲେ । ଗୋପୀମାନେ ତ ଏହିପରି ମଧୁର ସମୟର ଅପେକ୍ଷାରେ ରହିଥିଲେ । ବର୍ତ୍ତମାନ ଭଗବାନ ମଧ୍ୟ ନିଜର ଅଚିନ୍ତ୍ୟ ମହାଶକ୍ତି ଯୋଗମାୟା ସାହାଯ୍ୟରେ ଗୋପୀମାନଙ୍କୁ ନିମିତ୍ତ କରିଦେଇ ରହସ୍ୟମୟୀ ରାସକ୍ରୀଡ଼ା କରିବାକୁ (ନିଜର ପ୍ରେମୀମାନଙ୍କର ଅଭିଳାଷ ପୂରଣ କରିବାକୁ) ଇଚ୍ଛା କଲେ ॥ ୧ ॥ ଭଗବାନ ଇଚ୍ଛା କରୁ କରୁ ଚନ୍ଦ୍ର ଆପଣା ଶୀତଳ କିରଣରୂପୀ କରକମଳଦ୍ୱାରା ପ୍ରାଚୀଗଗନର ମୁଖମଣ୍ଡଳରେ ରକ୍ତିମାର କୁଙ୍କୁମକେଶର ବୋଳିଦେଲେ—ବୋଳିଦେଲେ ଠିକ୍ ସେହିପରି, ଯେପରି କି ବହୁଦିନ ପରେ ନିଜର ପ୍ରାଣପ୍ରିୟା ପତ୍ନୀ ପାଖକୁ ଫେରି ଆସିଥିବା

ସ ଚର୍ଷଣୀନାମୁଦଗାଚ୍ଛୁଚ୍ଚୋ ମୃଜନ୍
ପ୍ରିୟଃ ପ୍ରିୟାୟା ଇବ ଦୀର୍ଘଦର୍ଶନଃ ॥ ୨

ଦୃଷ୍ଟ୍ୱା କୁମୁଦ୍ୱନ୍ତମଖଣ୍ଡମଣ୍ଡଳଂ
ରମାନନାଭଂ ନବକୁଙ୍କୁମାରୁଣମ୍ ।
ବନଂ ଚ ତତ୍କୋମଳଗୋଭିରଞ୍ଜିତଂ
ଜଗୌ କଳଂ ବାମଦୃଶାଂ ମନୋହରମ୍ ॥ ୩

ନିଶମ୍ୟ ଗୀତଂ ତଦନଙ୍ଗବର୍ଦ୍ଧନଂ
ବ୍ରଜସ୍ତ୍ରିୟଃ କୃଷ୍ଣଗୃହୀତମାନସାଃ ।
ଆଜଗ୍ମୁରନ୍ୟୋନ୍ୟମଲକ୍ଷିତୋଦ୍ୟମାଃ
ସ ଯତ୍ର କାନ୍ତୋ ଜବଲୋଳକୁଣ୍ଡଳାଃ ॥ ୪

ଦୁହନ୍ତ୍ୟୋଽଭିଯଯୁଃ କାଶ୍ଚିଦ୍ ଦୋହଂ ହିତ୍ୱା ସମୁତ୍ସୁକାଃ ।
ପଯୋଽଧିଶ୍ରିତ୍ୟ ସଂଯାବମନୁଦ୍ୱାସ୍ୟାପରା ଯଯୁଃ ॥ ୫

ପ୍ରିୟତମ ପତି ତାକୁ ଆନନ୍ଦିତ କରିବା ନିମନ୍ତେ ତା ମୁହଁରେ ସୁଗନ୍ଧ କେଶର ବୋଳିଦିଏ। ଶରତକାଳୀନ ଦିବାଭାଗରେ ପ୍ରଖର ସୂର୍ଯ୍ୟକିରଣ ହେତୁ ଯେଉଁ ଉତ୍ତାପ ବା ସନ୍ତାପ ବଢ଼ିଯାଇଥିଲା, ଏପରିଭାବରେ ଉଦୟ ହୋଇ ଚନ୍ଦ୍ରଦେବ କେବଳ ଯେ ପୂର୍ବଦିଶାର ସେହି ସନ୍ତାପ ହରିନେଲେ ତାହା ନୁହେଁ, ବରଂ ସଂସାରର ସମସ୍ତ ଚରାଚର ପ୍ରାଣୀମାନଙ୍କର ସନ୍ତାପ ଦୂର କରିଦେଲେ ॥ ୨ ॥ ସେଦିନ ଚନ୍ଦ୍ରମଣ୍ଡଳ ଅଖଣ୍ଡ ହୋଇ ପଡ଼ିଥାଏ। ପୂର୍ଣ୍ଣିମା ରାତ୍ରି। ଚନ୍ଦ୍ରଦେବ ନୂତନ କେଶର ପରି ରକ୍ତିମାରେ ରଞ୍ଜିତ ହୋଇଯାଇଥାନ୍ତି। ସେ ଯିଛି ଏକ ସଂଜୋଗମିଶ୍ରିତ ଅଭିଳାଷରେ ମଜ୍ଜି ରହିଥିଲା ପରି ମନେ ହେଉଥାନ୍ତି। ତାଙ୍କର ମୁଖମଣ୍ଡଳ ଲକ୍ଷ୍ମୀଙ୍କ ମୁଖମଣ୍ଡଳ ପରି ବୋଧ ହେଉଥାଏ। ତାଙ୍କର କୋମଳ କିରଣରେ ସମଗ୍ର ବନ ଅନୁରାଗର ରଙ୍ଗରେ ରଞ୍ଜିତ ହୋଇଯାଇଥାଏ। ନିଜର କିରଣଦ୍ୱାରା ସେ ବନର କୋଣେ କୋଣେ ଅମୃତର ସମୁଦ୍ର ଲହରାଇ ଦେଇଥିଲେ। ସେହି ଚନ୍ଦ୍ର ଓ ତାଙ୍କର ଜ୍ୟୋତ୍ସ୍ନାବିଧୌତ ବନ ହୋଇଯାଇଥିଲା ଭଗବାନଙ୍କର ଦିବ୍ୟ ଉଜ୍ଜ୍ୱଳ ରସକୁ ଉଦ୍ଦୀପନ କରିବାର ସାମଗ୍ରୀ। ସେହି ସାମଗ୍ରୀ ଦେଖିଦେଇ ଭଗବାନ ଶ୍ରୀକୃଷ୍ଣ ତାଙ୍କର ବଂଶୀରେ ତୋଳିଦେଲେ ବ୍ରଜସୁନ୍ଦରୀମାନଙ୍କ ମନକୁ ହରଣ କରିନେଉଥିବା କାମବୀଜ 'କ୍ଲୀଂ'ର ମଧୁର ତାନ ॥ ୩ ॥ ଭଗବାନଙ୍କର ସେହି ବଂଶୀବାଦନ ଥିଲା ସେମାନଙ୍କ ପ୍ରେମର, ମିଳନଲାଳସାର ଅତ୍ୟନ୍ତ ଉଦ୍ଦୀପନକାରୀ। ଶ୍ୟାମସୁନ୍ଦର ତ ପ୍ରଥମରୁ ହିଁ ଗୋପୀମାନଙ୍କ ମନକୁ ସହଜେ ନିଜ ହାତମୁଠାକୁ ନେଇଆସିଥିଲେ। ତା'ଉପରେ ବର୍ତ୍ତମାନ ପୁଣି ସେମାନଙ୍କ ମନର ଭୟ, ସଂକୋଚ, ଧୈର୍ଯ୍ୟ, ମର୍ଯ୍ୟାଦା ଆଦି ସମସ୍ତ ବୃତ୍ତି ବି ହରଣ କରିନେଲେ। ବଂଶୀସ୍ୱନ ଶୁଣୁ ଶୁଣୁ ସେମାନଙ୍କର ଗତି ବିଚିତ୍ର ହୋଇଗଲା। ଶ୍ରୀକୃଷ୍ଣଙ୍କୁ ପତିରୂପରେ ପାଇବା ନିମନ୍ତେ ଯେଉଁମାନେ ଏକାଠି ସାଧନା କରିଥିଲେ, ସେହି ଗୋପୀମାନେ ବର୍ତ୍ତମାନ ପରସ୍ପରକୁ ସୂଚନା ନ ଦେଇ ବ୍ୟଗ୍ର ହୋଇ ଶ୍ରୀକୃଷ୍ଣଙ୍କ ପାଖକୁ ଯିବାକୁ ବାହାରିପଡ଼ିଲେ। ହେ ପରୀକ୍ଷିତ ! ସେମାନେ ଏତେ ବେଗରେ ଗଲିଥାନ୍ତି ଯେ, ସେମାନଙ୍କର କର୍ଣ୍ଣର କୁଣ୍ଡଳ ଖୁବ୍ ଜୋର୍‌ରେ ହଲୁଥାଏ ॥ ୪ ॥

ଯେଉଁ ଗୋପୀମାନେ ଗାଈ ଦୁହୁଁଥିଲେ, ବଂଶୀସ୍ୱନ ଶୁଣି ସେମାନେ ଗାଈ ଦୁହାଁ ଛାଡ଼ି ଚାଲିଗଲେ। ଯେଉଁମାନେ ଚୁଲିରେ ଦୁଧ ବସାଇ ଆଉଟୁଥିଲେ, ସେମାନେ ଉତୁରି ଆସୁଥିବା ଦୁଧକୁ ଚୁଲିରୁ ନ ଓହ୍ଲାଇ ଚାଲିଗଲେ ଏବଂ ଯେଉଁମାନେ ହାଲୁଆକୁ ରାନ୍ଧୁଥିଲେ, ସେମାନେ ହୋଇ ଆସିଥିବା ହାଲୁଆ ବି ଚୁଲିରୁ ଓହ୍ଲାଇବାକୁ ତର ନ ପାଇ

ପରିବେଷ୍ୟନ୍ତ୍ୟସ୍ତଦ୍ଧିତ୍ୱା ପାୟ୍ୟନ୍ତ୍ୟଃ ଶିଶୂନ୍ ପୟଃ ।
ଶୁଶ୍ରୂଷନ୍ତ୍ୟଃ ପତୀନ୍ କାଶ୍ଚିଦଶ୍ନନ୍ତ୍ୟୋଽପାସ୍ୟ ଭୋଜନମ୍ ॥ ୬

ଲିମ୍ପନ୍ତ୍ୟଃ ପ୍ରମୃଜନ୍ତ୍ୟୋଽନ୍ୟା ଅଞ୍ଜନ୍ତ୍ୟଃ କାଶ୍ଚ ଲୋଚନେ ।
ବ୍ୟତ୍ୟସ୍ତବସ୍ତ୍ରାଭରଣାଃ କାଶ୍ଚିତ୍ କୃଷ୍ଣାନ୍ତିକଂ ଯଯୁଃ ॥ ୭

ତା ବାର୍ଯ୍ୟମାଣାଃ ପତିଭିଃ ପିତୃଭିର୍ଭ୍ରାତୃବନ୍ଧୁଭିଃ ।
ଗୋବିନ୍ଦାପହୃତାତ୍ମାନୋ ନ ନ୍ୟବର୍ତନ୍ତ ମୋହିତାଃ ॥ ୮

ଅନ୍ତର୍ଗୃହଗତାଃ କାଶ୍ଚିଦ୍ ଗୋପ୍ୟୋଽଲବ୍ଧବିନିର୍ଗମାଃ ।
କୃଷ୍ଣଂ ତଦ୍ଭାବନାଯୁକ୍ତା ଦଧ୍ୟୁର୍ମୀଳିତଲୋଚନାଃ ॥ ୯

ଦୁଃସହପ୍ରେଷ୍ଠବିରହତୀବ୍ରତାପଧୁତାଶୁଭାଃ ।
ଧ୍ୟାନପ୍ରାପ୍ତାଚ୍ୟୁତାଶ୍ଳେଷନିର୍ବୃତ୍ୟା କ୍ଷୀଣମଙ୍ଗଲାଃ ॥ ୧୦

ତମେବ ପରମାତ୍ମାନଂ ଜାରବୁଦ୍ଧ୍ୟାପି ସଙ୍ଗତାଃ ।
ଜହୁର୍ଗୁଣମୟଂ ଦେହଂ ସଦ୍ୟଃ ପ୍ରକ୍ଷୀଣବନ୍ଧନାଃ ॥ ୧୧

ବନକୁ ଗଲିଲେ ॥ ୫ ॥ ଯେଉଁମାନେ ଖାଦ୍ୟ ପରଷୁଥିଲେ, ସେମାନେ ପରଷିବା ଛାଡ଼ିଦେଇ, ଯେଉଁମାନେ ଛୋଟ ଛୁଆଙ୍କୁ ଦୁଧ ପିଆଉଥିଲେ, ସେମାନେ ଦୁଧ ପେଇବା ଛାଡ଼ିଦେଇ, ଯେଉଁମାନେ ନିଜ ନିଜ ପତିଙ୍କ ସେବାଶୁଶ୍ରୂଷା କରୁଥିଲେ, ସେମାନେ ସେହି ସେବାଶୁଶ୍ରୂଷା ଛାଡ଼ିଦେଇ ଏବଂ ଯେଉଁମାନେ ଖାଇ ବସିଥିଲେ, ସେମାନେ ଅଧାଖିଆ ହୋଇ ନିଜର ପ୍ରିୟତମ ଶ୍ରୀକୃଷ୍ଣଙ୍କ ନିକଟକୁ ଧାଇଁଲେ ॥ ୬ ॥ କେହି କେହି ଗୋପୀ ଦେହରେ ଚନ୍ଦନ ବୋଳି ହେଉଥିଲେ ତ, କେହି କେହି ଆଖିରେ କଜ୍ଜଳ ଲଗାଉ ଥିଲେ; ସେମାନେ ସେସବୁ ଅଧାରୁ ଛାଡ଼ିଦେଇ, ତରତରରେ ଓଲଟା-ପୋଲଟା ଲୁଗାପଟା ପିନ୍ଧି ଶ୍ରୀକୃଷ୍ଣଙ୍କ ପାଖରେ କିପରି ଶୀଘ୍ର ପହଞ୍ଚିବେ ବୋଲି ଧାଇଁଲେ ॥ ୭ ॥ ସେମାନଙ୍କୁ ପିତା, ପତି, ଭାଇ ଓ କୁଟୁମ୍ବଲୋକେ ଅଟକାଇଲେ; ସେମାନଙ୍କର ମଙ୍ଗଳମୟୀ ପ୍ରେମଯାତ୍ରାରେ ବାଧା ଦେଲେ। କିନ୍ତୁ ସେମାନେ କୃଷ୍ଣପ୍ରେମରେ ଏପରି ପାଗଳୀ ହୋଇଯାଇଥିଲେ ଯେ, ଯେତେ ଅଟକାଇଲେ ବି ଅଟକିଲେ ନାହିଁ—ଅଟକି ରହିପାରିଲେ ନାହିଁ। ବିଶ୍ୱବିମୋହନ ଶ୍ରୀକୃଷ୍ଣ ତ ସେମାନଙ୍କର ପ୍ରାଣ, ମନ ଓ ଆତ୍ମା—ସବୁ କିଛି ଘେରାଇ ନେଇଥିଲେ; ସେମାନେ କିପରି ବା ଅଟକନ୍ତେ ? ॥ ୮ ॥ ହେ ପରୀକ୍ଷିତ ! କେତେକ ଗୋପୀ ଘର ଭିତରେ ରହିଯାଇଥିଲେ। ବାହାରକୁ ବାହାରିବା ପାଇଁ ସେମାନଙ୍କୁ କୌଣସି ବାଟ ମିଳିଲା ନାହିଁ। ତେଣୁ ସେମାନେ ସେହିଠାରେ ଆଖି ବୁଜିହେଇ ବଡ଼ ତନ୍ମୟତାର ସହିତ ଶ୍ରୀକୃଷ୍ଣଙ୍କର ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ ଓ ବିଭିନ୍ନ ଲୀଳା ଧ୍ୟାନ କରିବାକୁ ଲାଗିଲେ ॥ ୯ ॥ ହେ ପରୀକ୍ଷିତ ! ନିଜର ପରମ ପ୍ରିୟତମ ଶ୍ରୀକୃଷ୍ଣଙ୍କ ବିରହର ତୀବ୍ର ବେଦନାରେ ସେମାନଙ୍କ ହୃଦୟରେ ଏତେ ବ୍ୟଥା, ଏତେ ଜ୍ୱାଳା ଜାତ ହେଲା ଯେ, ସେମାନଙ୍କ ଠାରେ ଯାହା କିଛି ଅଶୁଭ ସଂସ୍କାରର ସାମାନ୍ୟ ଅଂଶ ଅବଶେଷ ଥିଲା, ତାହା ଜଳି ଭସ୍ମ ହୋଇଗଲା। ତା'ପରେ ସେମାନେ ଅବିଳମ୍ବେ ଧ୍ୟାନରେ ମଗ୍ନ ହୋଇଗଲେ। ଧ୍ୟାନରେ ସେମାନଙ୍କ ସମ୍ମୁଖରେ ଭଗବାନ ଶ୍ରୀକୃଷ୍ଣ ପ୍ରକଟ ହୋଇଗଲେ। ସେମାନେ ମନେ ମନେ ଅତ୍ୟନ୍ତ ପ୍ରେମ ଓ ଆବେଗର ସହିତ ତାଙ୍କୁ ଆଲିଙ୍ଗନ କଲେ। ସେଥିରୁ ସେମାନଙ୍କୁ ଏତେ ସୁଖ, ଏତେ ଶାନ୍ତି ମିଳିଲା ଯେ, ସେମାନଙ୍କର ସକଳ ପୁଣ୍ୟର ସଂସ୍କାର ମଧ୍ୟ ଏକାବେଳକେ କ୍ଷୀଣ ହୋଇଗଲା ॥ ୧୦ ॥ ହେ ପରୀକ୍ଷିତ ! ଯଦ୍ୟପି ସେମାନଙ୍କ ଠାରେ ସେତେବେଳେ ଶ୍ରୀକୃଷ୍ଣଙ୍କ ପ୍ରତି ଜାରଭାବ ମଧ୍ୟ ରହିଥିଲା, ତଥାପି କଣ ପତ୍ୟବସ୍ତୁ ମଧ୍ୟ ଭାବକୁ ଅପେକ୍ଷା କରେ ? ସେମାନେ ଯାହାଙ୍କୁ ଆଲିଙ୍ଗନ କଲେ, ତାହା

ରାଜୋବାଚ

କୃଷ୍ଣଂ ବିଦୁଃ ପରଂ କାନ୍ତଂ ନ ତୁ ବ୍ରହ୍ମତୟା ମୁନେ ।
ଗୁଣପ୍ରବାହୋପରମସ୍ତାସାଂ ଗୁଣଧିୟାଂ କଥମ୍ ॥ ୧୨

ଶ୍ରୀଶୁକ ଉବାଚ

ଉକ୍ତଂ ପୁରସ୍ତାଦେତତ୍ତେ ଚୈଦ୍ୟଃ ସିଦ୍ଧିଂ ଯଥା ଗତଃ ।
ଦ୍ୱିଷନ୍ନପି ହୃଷୀକେଶଂ କିମୁତାଧୋକ୍ଷଜପ୍ରିୟାଃ ॥ ୧୩

ନୃଣାଂ ନିଃଶ୍ରେୟସାର୍ଥାୟ ବ୍ୟକ୍ତିର୍ଭଗବତୋ ନୃପ ।
ଅବ୍ୟୟସ୍ୟାପ୍ରମେୟସ୍ୟ ନିର୍ଗୁଣସ୍ୟ ଗୁଣାତ୍ମନଃ ॥ ୧୪

କାମଂ କ୍ରୋଧଂ ଭୟଂ ସ୍ନେହମୈକ୍ୟଂ ସୌହୃଦମେବ ଚ ।
ନିତ୍ୟଂ ହରୌ ବିଦଧତୋ ଯାନ୍ତି ତନ୍ମୟତାଂ ହି ତେ ॥ ୧୫

ଯେକୌଣସି ଭାବରେ ବି କରିଥାନ୍ତୁ ନା କାହିଁକି, ସେ ସ୍ୱୟଂ ପରମାତ୍ମା ହିଁ ତ ଥିଲେ । ତେଣୁ ସେମାନେ ପାପ ଓ ପୁଣ୍ୟରୂପୀ କର୍ମର ପରିଣାମଦ୍ୱାରା ଗଠିତ ଗୁଣମୟ ଶରୀର ପରିତ୍ୟାଗ କରିଦେଲେ । (ସେମାନେ ଭଗବାନଙ୍କ ଲୀଳାରେ ସମ୍ମିଳିତ ହେବାର ଯୋଗ୍ୟ ଦିବ୍ୟଶରୀର ପାଇଗଲେ ।) ଏହି ଶରୀରଦ୍ୱାରା ଭୋଗ କରାଯାଉଥିବା କର୍ମବନ୍ଧନ ତ ଧ୍ୟାନ ସମୟରୁ ହିଁ ଛିନ୍ନଭିନ୍ନ ହୋଇଯାଇଥିଲା ॥ ୧୧ ॥

ରାଜା ପରୀକ୍ଷିତ ପଗ୍ଭରିଲେ—ଭଗବନ୍ ! ଗୋପୀମାନେ ତ ଭଗବାନ ଶ୍ରୀକୃଷ୍ଣଙ୍କୁ କେବଳ ନିଜର ପରମ ପ୍ରିୟତମ ବୋଲି ଭାବୁଥିଲେ । ସେମାନଙ୍କର ତାଙ୍କ ପ୍ରତି ବ୍ରହ୍ମଭାବ ନ ଥିଲା । ତେଣୁ ସେମାନଙ୍କର ଦୃଷ୍ଟି ପ୍ରାକୃତଗୁଣରେ ହିଁ ଆସକ୍ତ ଥିଲା ବୋଲି ଜଣାପଡୁଛି । ଏପରି ସ୍ଥିତିରେ ସେମାନଙ୍କୁ ଗୁଣପ୍ରବାହରୂପକ ଏହି ସଂସାରରୁ ନିବୃତ୍ତି ମିଳିବା କିପରି ସମ୍ଭବ ହେଲା ? ॥ ୧୨ ॥

ଶ୍ରୀଶୁକଦେବ କହିଲେ—ହେ ପରୀକ୍ଷିତ ! ମୁଁ ତୁମକୁ ପ୍ରଥମରୁ ହିଁ କହିଦେଇଛି ଯେ, ଚେଦିରାଜ ଶିଶୁପାଳ ଭଗବାନଙ୍କ ପ୍ରତି ଦ୍ୱେଷଭାବ ରଖି ମଧ୍ୟ ସେ ତା'ର ପ୍ରାକୃତ ଶରୀରକୁ ଛାଡ଼ି ଅପ୍ରାକୃତ ଶରୀର ଧରି ଭଗବାନଙ୍କର ପାର୍ଷଦ ହୋଇଗଲା । ଏପରି ସ୍ଥିତିରେ ଯେଉଁମାନେ ପ୍ରକୃତି ଓ ତାର ଗୁଣମାନଙ୍କର ଅତୀତ ଭଗବାନ ଶ୍ରୀକୃଷ୍ଣଙ୍କର ପ୍ରିୟା ଥିଲେ ଏବଂ ତାଙ୍କୁ ଅନନ୍ୟ ପ୍ରେମ କରୁଥିଲେ, ସେହି ଗୋପୀମାନେ ତାଙ୍କୁ ପାଇଯିବାରେ ବା କି ଆଶ୍ଚର୍ଯ୍ୟର ବିଷୟ ରହିଲା ! ॥ ୧୩ ॥ ହେ ପରୀକ୍ଷିତ ! ବାସ୍ତବରେ ଭଗବାନ ହେଉଛନ୍ତି ପ୍ରକୃତିସମ୍ଭବୀୟ କ୍ଷୟ-ବୃଦ୍ଧି, ପ୍ରମାଣ-ପ୍ରମେୟର ଉର୍ଦ୍ଧ୍ୱରେ ଏବଂ ନିର୍ଗୁଣ । ସେ ହେଉଛନ୍ତି ଅଚିନ୍ତ୍ୟ-ଅନନ୍ତ ପରମ କଲ୍ୟାଣସ୍ୱରୂପ ଗୁଣମାନଙ୍କର ଏକମାତ୍ର ଆଶ୍ରୟ । ସେ ଯେଉଁ ଲୀଳା କରନ୍ତି, ତାହା କେବଳ ଜୀବମାନଙ୍କର ପରମ କଲ୍ୟାଣ ନିମନ୍ତେ ଉଦ୍ଦିଷ୍ଟ ॥ ୧୪ ॥ ତେଣୁ ଭଗବାନଙ୍କ ସହିତ କେବଳ ସମ୍ବନ୍ଧ ସ୍ଥାପିତ ହୋଇଗଲେ ଯଥେଷ୍ଟ । ସେହି ସମ୍ବନ୍ଧ ଯେକୌଣସି ପ୍ରକାର ସମ୍ବନ୍ଧ ହେଲେ ବି ଚଳିବ । ତାହା କାମ-ସମ୍ବନ୍ଧ ହେଉ, କି କ୍ରୋଧ-ସମ୍ବନ୍ଧ ହେଉ, କି ଭୟଜନିତ ସମ୍ବନ୍ଧ ହେଉ, କି ସ୍ନେହ-ସୌହାର୍ଦ୍ଦ୍ୟର ସମ୍ବନ୍ଧ ହେଉ, ସେଥିରେ କିଛି ଯାଏ ଆସେ ନାହିଁ । ନିଜର ବୃତ୍ତିସମୂହକୁ ଯେକୌଣସି ଭାବରେ ଭଗବାନଙ୍କ ସହିତ ଯୋଡ଼ିଦେଲେ ବି ସେଗୁଡ଼ିକର ସମ୍ପର୍କ ହୁଏ ଭଗବାନଙ୍କ ସହିତ । ତେଣୁ ବୃତ୍ତିମାନେ ଭଗବନ୍ମୟ ହୋଇଯାଆନ୍ତି ଏବଂ ପରିଣାମରେ ସେହି

ନ ଚୈବଂ ବିସ୍ମୟଃ କାର୍ଯ୍ୟୋ ଭବତା ଭଗବତ୍ୟଜେ ।
ଯୋଗେଶ୍ୱରେଶ୍ୱରେ କୃଷ୍ଣେ ଯତ ଏତଦ୍ ବିମୁଚ୍ୟତେ ॥ ୧୬

ତା ଦୃଷ୍ଟ୍ୱାନ୍ତିକମାୟାତା ଭଗବାନ୍ ବ୍ରଜଯୋଷିତଃ ।
ଅବଦଦ୍ ବଦତାଂ ଶ୍ରେଷ୍ଠୋ ବାଚଃ ପେଶୈର୍ବିମୋହୟନ୍ ॥ ୧୭

ଶ୍ରୀଭଗବାନୁବାଚ

ସ୍ୱାଗତଂ ବୋ ମହାଭାଗାଃ ପ୍ରିୟଂ କିଂ କରବାଣି ବଃ ।
ବ୍ରଜସ୍ୟାନାମୟଂ କଚ୍ଚିଦ୍ ବୃତାଗମନକାରଣମ୍ ॥ ୧୮

ରଜନ୍ୟେଷା ଘୋରରୂପା ଘୋରସତ୍ତ୍ୱନିଷେବିତା ।
ପ୍ରତିଯାତ ବ୍ରଜଂ ନେହ ସ୍ଥେୟଂ ସ୍ତ୍ରୀଭିଃ ସୁମଧ୍ୟମାଃ ॥ ୧୯

ମାତରଃ ପିତରଃ ପୁତ୍ରା ଭ୍ରାତରଃ ପତୟଶ୍ଚ ବଃ ।
ବିଚିନ୍ୱନ୍ତି ହ୍ୟପଶ୍ୟନ୍ତୋ ମା କୃଢ୍ୱଂ ବନ୍ଧୁସାଧ୍ୱସମ୍ ॥ ୨୦

ଦୃଷ୍ଟଂ ବନଂ କୁସୁମିତଂ ରାକେଶକରରଞ୍ଜିତମ୍ ।
ଯମୁନାନିଳଲୀଳୈଜତ୍ତରୁପଲ୍ଲବଶୋଭିତମ୍ ॥ ୨୧

ତଦ୍ ଯାତ ମା ଚିରଂ ଗୋଷ୍ଠଂ ଶୁଶ୍ରୂଷଧ୍ୱଂ ପତୀନ୍ ସତୀଃ ।
କ୍ରନ୍ଦନ୍ତି ବତ୍ସା ବାଳାଶ୍ଚ ତାନ୍ ପାୟୟତ ଦୁହ୍ୟତ ॥ ୨୨

ଜୀବ ଭଗବାନଙ୍କୁ ପାଇଯାଏ ॥ ୧୫ ॥ ହେ ପରୀକ୍ଷିତ ! ତୁମ ପରି ପରମ ଭାଗବତ ଓ ଭଗବାନଙ୍କର ରହସ୍ୟ ଜାଣିଥିବା ଭକ୍ତ ଶ୍ରୀକୃଷ୍ଣଙ୍କ ସମ୍ବନ୍ଧରେ ଏପରି ସନ୍ଦେହ କରିବା ଉଚିତ ନୁହେଁ । ଯେ ଯୋଗେଶ୍ୱରମାନଙ୍କର ମଧ୍ୟ ଈଶ୍ୱର, ସେହି ଅଜନ୍ମା ଭଗବାନଙ୍କ ପକ୍ଷରେ ଏସବୁ ଜଣ କୌଣସି ଆଶ୍ଚର୍ଯ୍ୟର କଥା ? ଆହେ ! ତାଙ୍କର ଇଚ୍ଛାମାତ୍ରକେ ଅଥବା ସେ ଆଖି ଠାରିଦେବାମାତ୍ରେ ମଧ୍ୟ ଜଗତର ପରମ କଲ୍ୟାଣ ହୋଇଯାଇ ପାରେ ॥ ୧୬ ॥ ଯେତେବେଳେ ଭଗବାନ ଦେଖିଲେ ଯେ, ବ୍ରଜର ଅନୁପମ ବିଭୂତିସ୍ୱରୂପା ସେହି ଗୋପୀମାନେ ତାଙ୍କର ଅତି ନିକଟକୁ ଚାଲିଆସିଛନ୍ତି, ସେତେବେଳେ ବକ୍ତାମାନଙ୍କ ମଧ୍ୟରେ ଶ୍ରେଷ୍ଠ ଭଗବାନ ଶ୍ରୀକୃଷ୍ଣ ତାଙ୍କର ବିନୋଦପୂର୍ଣ୍ଣ ବାକ୍‌ଚାତୁରୀରେ ସେମାନଙ୍କୁ ମୋହିତ କରିବାକୁ ଚେଷ୍ଟା କରି କହିଲେ—॥ ୧୭ ॥

ଭଗବାନ ଶ୍ରୀକୃଷ୍ଣ କହିଲେ—ଆଗୋ ମହାଭାଗ୍ୟବତୀ ଗୋପୀଗଣ ! ଆସ, ଆସ । ତୁମମାନଙ୍କୁ ପ୍ରସନ୍ନ କରିବା ନିମନ୍ତେ ମୁଁ କ'ଣ କରିବି, କୁହ । କଣ ଏପରି ଆବଶ୍ୟକ ପଡ଼ିଲା ଯେ, ତୁମେସବୁ ଏଠାକୁ ଚାଲିଆସିଲ ? ବ୍ରଜରେ ସବୁ କୁଶଳ ତ ? ॥ ୧୮ ॥ ହେ ସୁନ୍ଦରୀଗଣ ! ରାତିବେଳଟା ତ ସହଜେ ଭୟଙ୍କର; ତା' ଉପରେ ପୁଣି ଏଠାରେ ଭୟଙ୍କର ଜୀବଜନ୍ତୁ ବୁଲୁଛନ୍ତି । ତେଣୁ ତୁମେମାନେ ଯଥାଶୀଘ୍ର ବ୍ରଜକୁ ଫେରିଯାଅ । ଏଭଳି ରାତିରେ ସ୍ତ୍ରୀଲୋକମାନେ ବଣରେ ରହିବା ଠିକ୍ ନୁହେଁ ॥ ୧୯ ॥ ତୁମକୁ ଘରେ ନ ପାଇ ତୁମ ପିତା, ମାତା, ପତି, ପୁତ୍ର ଓ ଭାଇବନ୍ଧୁ ତୁମକୁ ଖୋଜୁଥିବେ । ସେମାନଙ୍କୁ ବିବ୍ରାରେ ପକାଅନି ॥ ୨୦ ॥ ବିଭିନ୍ନ ରଙ୍ଗର ଫୁଲରେ ଭରପୂର ହୋଇଥିବା ଏହି ବନର ଶୋଭା ତ ଦେଖିଲ । ଏହି ବନ ପୂର୍ଣ୍ଣଚନ୍ଦ୍ରର କୋମଳ କିରଣରେ ରଞ୍ଜିତ ହୋଇଯାଇଛି; ଜାଣ ଚନ୍ଦ୍ରଦେବ ହିଁ ନିଜ ହାତରେ ଏସବୁ ଚିତ୍ରଣ କରିଛନ୍ତି । ପୁଣି ଯମୁନାଜଳକୁ ଛୁଇଁ ଛୁଇଁ ବହି ଆସୁଥିବା ଶୀତଳ ପବନର ମନ୍ଦ ମନ୍ଦ ପ୍ରବାହରେ ଗଛମାନଙ୍କର ପତ୍ର ଦୋହଲି ଦୋହଲି ଏହି ବନର ଶୋଭାକୁ ଆହୁରି ବଢ଼ାଇଦେଉଛି । ଯାହା ହେଉ, ତୁମେ ଏସବୁ ତ ଦେଖିସାରିଲଣି ॥ ୨୧ ॥ ଏଥର ଆଉ ଦେରି ନ କରି ଯଥାଶୀଘ୍ର ବ୍ରଜକୁ ଫେରିଯାଅ । ତୁମେସବୁ ହେଉଛ ଭଲଘରର ସ୍ତ୍ରୀ; ସତୀ ମଧ୍ୟ । ହେ ସତୀଗଣ ! ଯାଅ ନିଜ ନିଜର ସ୍ୱାମୀମାନଙ୍କର ସେବା କର । ତୁମ ଘରେ ଛୋଟ ଛୋଟ ଛୁଆମାନେ ବୋଧହୁଏ ଭୋକରେ ଜାକୁଥିବେ ଓ ବାଛୁରୀମାନେ ସେମାନଙ୍କ ମାଆଙ୍କୁ ଡାକୁଥିବେ । ତୁମେମାନେ ସେମାନଙ୍କୁ

ଅଥବା ମଦଭିସ୍ନେହାଦ୍ ଭବତ୍ୟୋ ଯନ୍ତ୍ରିତାଶୟାଃ ।
ଆଗତା ହ୍ୟୁପପନ୍ନଂ ବଃ ପ୍ରାୟେତ୍ତେ ମୟି ଜନ୍ତବଃ ॥ ୨୩

ଭର୍ତ୍ତୁଃ ଶୁଶ୍ରୂଷଣଂ ସ୍ତ୍ରୀଣାଂ ପରୋ ଧର୍ମୋ ହ୍ୟମାୟୟା ।
ତଦ୍ବନ୍ଧୂନାଂ ଚ କଲ୍ୟାଣ୍ୟଃ ପ୍ରଜାନାଂ ଗୃହପୋଷଣମ୍ ॥ ୨୪

ଦୁଃଶୀଲୋ ଦୁର୍ଭଗୋ ବୃଦ୍ଧୋ ଜଡୋ ରୋଗ୍ୟଧନୋଽପି ବା ।
ପତିଃ ସ୍ତ୍ରୀଭିର୍ନ ହାତବ୍ୟୋ ଲୋକେପ୍ସୁଭିରପାତକା ॥ ୨୫

ଅସ୍ୱର୍ଗ୍ୟମଯଶସ୍ୟଂ ଚ ଫଲ୍ଗୁ କୃଚ୍ଛ୍ରଂ ଭୟାବହମ୍ ।
ଜୁଗୁପ୍ସିତଂ ଚ ସର୍ବତ୍ର ଔପପତ୍ୟଂ କୁଲସ୍ତ୍ରିୟାଃ ॥ ୨୬

ଶ୍ରବଣାଦ୍ ଦର୍ଶନାଦ୍ ଧ୍ୟାନାନ୍ମୟି ଭାବୋଽନୁକୀର୍ତ୍ତନାତ୍ ।
ନ ତଥା ସନ୍ନିକର୍ଷେଣ ପ୍ରତିଯାତ ତତୋ ଗୃହାନ୍ ॥ ୨୭

ଶ୍ରୀଶୁକ ଉବାଚ

ଇତି ବିପ୍ରିୟମାକର୍ଣ୍ଯ ଗୋପ୍ୟୋ ଗୋବିନ୍ଦଭାଷିତମ୍ ।
ବିଷଣ୍ଣା ଭଗ୍ନସଙ୍କଲ୍ପାଶ୍ଚିନ୍ତାମାପୁର୍ଦୁରତ୍ୟୟାମ୍ ॥ ୨୮

କୃତ୍ବା ମୁଖାନ୍ୟବ ଶୁଚଃ ଶ୍ୱସନେନ ଶୁଷ୍ୟଦ୍-
ବିମ୍ବାଧରାଣି ଚରଣେନ ଭୁବଂ ଲିଖନ୍ତ୍ୟଃ ।
ଅସ୍ରୈରୁପାତ୍ତମଷିଭିଃ କୁଚକୁଙ୍କୁମାନି
ତସ୍ଥୁର୍ମୃଜନ୍ତ୍ୟ ଉରୁଦୁଃଖଭରାଃ ସ୍ମ ତୂଷ୍ଣୀମ୍ ॥ ୨୯

ଦୁଧ ପିଆଅ ଓ ଗାଈ ଦୁହଁ ॥ ୨୨ ॥ ଆଉ ଯଦି ମୋ ପ୍ରେମରେ ଟାଣି ହୋଇ ତୁମେମାନେ ଏଠିକି ଚଲିଆସିଛ, ତେବେ କୌଣସି ଅନୁଚିତ କର୍ମ ହୋଇନାହିଁ; ଏହା ତ ତୁମମାନଙ୍କ ପକ୍ଷରେ ଉପଯୁକ୍ତ; କାରଣ ଜଗତର ପଶୁପକ୍ଷୀ ପର୍ଯ୍ୟନ୍ତ ସମସ୍ତେ ମୋତେ ପ୍ରେମ କରନ୍ତି ଓ ମୋତେ ଦେଖି ଆନନ୍ଦିତ ହୁଅନ୍ତି ॥ ୨୩ ॥ ହେ କଲ୍ୟାଣୀ ଗୋପୀଗଣ ! ସ୍ତ୍ରୀମାନଙ୍କର ପରମଧର୍ମ ହେଉଛି, ନିଷ୍କପଟଭାବରେ ସ୍ୱାମୀଙ୍କର ଓ ତାଙ୍କର ଭାଇବନ୍ଧୁମାନଙ୍କର ସେବା କରିବା ଏବଂ ସନ୍ତାନମାନଙ୍କୁ ପାଳନପୋଷଣ କରିବା ॥ ୨୪ ॥ ଯେଉଁ ସ୍ତ୍ରୀମାନଙ୍କର ଉତ୍ତମ ଲୋକ (ସ୍ୱର୍ଗାଦି) ପାଇବାର ଅଭିଳାଷ ରହିଛି, ସେମାନେ ପାପୀ ପତି ଛଡ଼ା ଅନ୍ୟ ସବୁପ୍ରକାର ପତିଙ୍କୁ—ସେହି ପତି ମନ୍ଦସ୍ୱଭାବର ହୋଇଥାନ୍ତୁ, କି ଭାଗ୍ୟହୀନ, ବୃଦ୍ଧ, ମୂର୍ଖ, ରୋଗୀ ବା ନିର୍ଧନ ହୋଇଥାନ୍ତୁ ପଛେ, ତାଙ୍କୁ କଦାପି ପରିତ୍ୟାଗ କରିବା ଉଚିତ ନୁହେଁ ॥ ୨୫ ॥ କୁଳୀନ ସ୍ତ୍ରୀମାନଙ୍କ ପକ୍ଷରେ ଜାରପୁରୁଷର ସେବା କରିବା ସକଳପ୍ରକାରେ ନିନ୍ଦନୀୟ । କହୁଛି ଶୁଣ— ପରପୁରୁଷେ ଚିତ୍ତ ଦେଇ । ଯେ ନାରୀ ରମେ ଦେହ ବହି ॥ ତାହାର ନାହିଁ ସୁଖ ଲେଶ । ନରକେ ହୁଏ ପରବେଶ ॥ ନିନ୍ଦିତ ହୁଏ ତେନିଲୋକେ । ନିରାଶ ହୁଏ ସ୍ୱାମୀ ସୁଖେ ॥ ବିଧବା ହୁଏ ଜନ୍ମ ସାତ । ଯେ ନାରୀ ସ୍ୱାମୀ ଅଭକତ ॥ ତାକୁ ମୋକ୍ଷ ଜଣ ମିଳିବ, ଏପରି କୁକର୍ମ ହେଉଛି ସାକ୍ଷାତ୍ ଭୟ ଓ ନରଜ ଆଦିର ହେତୁ ॥ ୨୬ ॥ ହେ ଗୋପୀଗଣ ! ମୋର ବିଭିନ୍ନ ଲୀଳା ଓ ଗୁଣ ଶ୍ରବଣ କଲେ, ଦର୍ଶନ କଲେ, ସେସବୁ କୀର୍ତ୍ତନ କଲେ ଓ ଧ୍ୟାନ କଲେ ମୋ ପ୍ରତି ଯେପରି ଅନନ୍ୟ ପ୍ରେମ ହୁଏ, ମୋର ପାଖେ ପାଖେ ରହିଲେ ସେପରି ପ୍ରେମ ହୁଏ ନାହିଁ । ତେଣୁ ତୁମେମାନେ ଏଥର ନିଜ ନିଜ ଘରକୁ ଫେରିଯାଅ ॥ ୨୭ ॥

ଶ୍ରୀଶୁକଦେବ କହିଗଲିଲେ—ହେ ପରୀକ୍ଷିତ ! ଭଗବାନ ଶ୍ରୀକୃଷ୍ଣଙ୍କର ଏପରି ଅପ୍ରିୟ ଭାଷଣ ଶୁଣି ଗୋପୀମାନଙ୍କ ମନ ବିଷଣ୍ଣ ହୋଇଗଲା । ସେମାନଙ୍କର ଆଶା ମଉଳିଗଲା । ସେମାନେ ଚିନ୍ତାର ଅଗାଧ ସାଗରରେ ବୁଡ଼ିଯିବାକୁ ବସିଲେ ॥ ୨୮ ॥ ସେମାନଙ୍କର ରକ୍ତିମ ବିମ୍ବାଧର ଶୋକରେ ଉଦ୍‌ଗତ ଉତ୍ତପ୍ତ ଦୀର୍ଘଶ୍ୱାସରେ ଶୁଖିଗଲା । ସେମାନେ ତଳକୁ ମୁହଁ ଘୋଡିଦେଇ ପାଦନଖରେ ଭୂଇଁ ଉଖାରିଲେ । ଆଖିରୁ ଦୁଃଖର ଲୁହ ଝରି ଝରି କଜ୍ଜଳ ସହିତ ଗୋଳି ହୋଇ ଛାତି ପର୍ଯ୍ୟନ୍ତ ବୋହିଗଲା ଏବଂ ଛାତିରେ ବୋଳା ହୋଇଥିବା କେଶରକୁ ଧୋଇବାକୁ ଲାଗିଲା । ସେମାନଙ୍କର ହୃଦୟ ଦୁଃଖରେ ଏପରି ଭରିଗଲା ଯେ, ସେମାନେ କିଛି କହିପାରିଲେ ନାହିଁ । ସେମାନେ

ପ୍ରେଷ୍ଠଂ ପ୍ରିୟେତରମିବ ପ୍ରତିଭାଷମାଣଂ
କୃଷ୍ଣଂ ତଦର୍ଥବିନିବର୍ତ୍ତିତସର୍ବକାମାଃ।
ନେତ୍ରେ ବିମୃଜ୍ୟ ରୁଦିତୋପହତେ ସ୍ମ କିଞ୍ଚିତ୍-
ସଂରମ୍ଭଗଦ୍ଗଦଗିରୋଽବୁବତାନୁରକ୍ତାଃ ॥ ୩୦

ଗୋପ୍ୟ ଊଚୁଃ

ମୈବଂ ବିଭୋଽର୍ହତି ଭବାନ୍ ଗଦିତୁଂ ନୃଶଂସଂ
ସନ୍ତ୍ୟଜ୍ୟ ସର୍ବବିଷୟାଂସ୍ତବ ପାଦମୂଳମ୍।
ଭକ୍ତା ଭଜସ୍ୱ ଦୁରବଗ୍ରହ ମା ତ୍ୟଜାସ୍ମାନ୍
ଦେବୋ ଯଥାଽଦିପୁରୁଷୋ ଭଜତେ ମୁମୁକ୍ଷୂନ୍ ॥ ୩୧

ଯତ୍ପତ୍ୟପତ୍ୟସୁହୃଦାମନୁବୃତ୍ତିରଙ୍ଗ
ସ୍ତ୍ରୀଣାଂ ସ୍ୱଧର୍ମ ଇତି ଧର୍ମବିଦା ତ୍ୱୟୋକ୍ତମ୍।
ଅସ୍ତ୍ୱେବମେତଦୁପଦେଶପଦେ ତ୍ୱୟୀଶେ
ପ୍ରେଷ୍ଠୋ ଭବାଂସ୍ତନୁଭୃତାଂ କିଲ ବନ୍ଧୁରାତ୍ମା ॥ ୩୨

କୁର୍ବନ୍ତି ହି ତ୍ୱୟି ରତିଂ କୁଶଲାଃ ସ୍ୱ ଆତ୍ମନ୍
ନିତ୍ୟପ୍ରିୟେ ପତିସୁତାଦିଭିରାର୍ତିଦୈଃ କିମ୍।
ତନ୍ନଃ ପ୍ରସୀଦ ପରମେଶ୍ୱର ମା ସ୍ମ ଛିନ୍ଦ୍ୟା
ଆଶାଂ ଭୃତାଂ ତ୍ୱୟି ଚିରାଦରବିନ୍ଦନେତ୍ର ॥ ୩୩

ଚିତ୍ତଂ ସୁଖେନ ଭବତାପହୃତଂ ଗୃହେଷୁ
ଯନ୍ନିର୍ବିଶତ୍ୟୁତ କରାବପି ଗୃହ୍ୟକୃତ୍ୟେ।
ପାଦୌ ପଦଂ ନ ଚଲତସ୍ତବ ପାଦମୂଳାଦ୍
ଯାମଃ କଥଂ ବ୍ରଜମଥୋ କରବାମ କିଂ ବା ॥ ୩୪

ଅପାର ଚିନ୍ତାରେ ବୁଡ଼ି ଚୁପ୍‌ଗପ ଠିଆ ହୋଇ ରହିଗଲେ ॥ ୨୯ ॥ ନିଜର ପ୍ରିୟ ଶ୍ୟାମସୁନ୍ଦରଙ୍କ ସହିତ ମିଳନ ନିମନ୍ତେ ଗୋପୀମାନେ ସବୁ କାମନା ଓ ସଜଳ ଭୋଗ ଛାଡ଼ିଦେଇଥିଲେ। ଶ୍ରୀକୃଷ୍ଣଙ୍କ ଠାରେ ସେମାନଙ୍କର ଅନନ୍ୟ ଅନୁରାଗ ଓ ପରମ ପ୍ରେମ ରହିଥିଲା। ପ୍ରିୟତମ ଶ୍ରୀକୃଷ୍ଣଙ୍କ ମୁଖରୁ ଏପରି ନିଷ୍ଠୁର ଓ ଅତ୍ୟନ୍ତ ଅପ୍ରିୟ ପରି ଲାଗୁଥିବା କଥା ଶୁଣି ସେମାନଙ୍କୁ ଭୀଷଣ ଦୁଃଖ ଲାଗିଲା। କାନ୍ଦି କାନ୍ଦି ଆଖି ଲାଲ ପଡ଼ିଗଲା, ଲୁହ ହେତୁ ଦୃଷ୍ଟିଶକ୍ତି ଅବରୁଦ୍ଧ ହୋଇଗଲା। ସେମାନେ ଧୈର୍ଯ୍ୟ ଧରି ଆଖିର ଲୁହ ପୋଛିଲେ ଏବଂ ପ୍ରଣୟକୋପରେ ଗଦ୍‌ଗଦ କଣ୍ଠରେ କହିବାକୁ ଲାଗିଲେ—॥ ୩୦ ॥

ଗୋପୀମାନେ କହିଲେ—ପ୍ରିୟ ଶ୍ରୀକୃଷ୍ଣ ! ତୁମେ ତ ସକଳ ଘଟରେ ରହିଛ। ତୁମେ ଆମ ମନକଥା ଜାଣ। ତେଣୁ ତୁମେ ଏପରି ନିଷ୍ଠୁର ବଚନ କହିବା ଉଚିତ ନୁହେଁ। ଆମେ ସବୁ କିଛି ଛାଡ଼ିଦେଇ କେବଳ ତୁମରି ଚରଣରେ ପ୍ରେମ କରୁ। ଏଥିରେ କୌଣସି ସନ୍ଦେହ ନାହିଁ ଯେ, ତୁମେ ସ୍ୱତନ୍ତ୍ର ଓ ବଡ଼ ହଟିଆ। ଆମର ତୁମ ଉପରେ କୌଣସି ଅଧିକାର ନାହିଁ। ତଥାପି ଯେପରି ଆଦିଗୁରୁ ଭଗବାନ ନାରାୟଣ କୃପା କରି ମୁମୁକ୍ଷୁ ଭକ୍ତମାନଙ୍କୁ ପ୍ରେମ କରନ୍ତି, ତୁମେ ସେହିପରି ତୁମଆଡୁ ଆମକୁ ଗ୍ରହଣ କର। ଆମକୁ ପରିତ୍ୟାଗ କର ନାହିଁ ॥ ୩୧ ॥ ହେ ପ୍ରିୟ ଶ୍ୟାମସୁନ୍ଦର ! ତୁମେ ତ ସବୁ ଧର୍ମର ରହସ୍ୟ ଜାଣିଛ। ତୁମେ ଯେଉଁ କହିଲ ଯେ, 'ନିଜର ପତି, ପୁତ୍ର ଓ ଭାଇବନ୍ଧୁଙ୍କ ସେବା କରିବା ହେଉଛି ସ୍ତ୍ରୀମାନଙ୍କର ସ୍ୱଧର୍ମ', ତାହା ତ ଅକ୍ଷରେ ଅକ୍ଷରେ ସତ୍ୟ। କିନ୍ତୁ ଏହି ଉପଦେଶ ଅନୁସାରେ ଆମେ ତୁମର ହିଁ ସେବା କରିବା ଉଚିତ; କାରଣ ତୁମେ ହେଉଛ ସମସ୍ତଙ୍କର ପତି। ତୁମେ ସାକ୍ଷାତ୍ ଭଗବାନ। ତୁମେ ହେଉଛ ସକଳ ଶରୀରଧାରୀଙ୍କର ସୁହୃଦ, ଆତ୍ମା ତଥା ପରମ ପ୍ରିୟତମ ॥ ୩୨ ॥ ଆତ୍ମଜ୍ଞାନରେ ନିପୁଣ ମହାପୁରୁଷମାନେ ତୁମକୁ ହିଁ ପ୍ରେମ କରନ୍ତି; କାରଣ ତୁମେ ନିତ୍ୟପ୍ରିୟ ଏବଂ ସବୁରି ନିଜର ଆତ୍ମା। ଅନିତ୍ୟ ଓ ଦୁଃଖଦ ପତିପୁତ୍ରଙ୍କ ଠାରେ ବା କି ପ୍ରୟୋଜନ ? ହେ ପରମେଶ୍ୱର ! ତେଣୁ ଆମ ଉପରେ ପ୍ରସନ୍ନ ହୁଅ। ଆମକୁ କୃପା କର। ହେ କମଳନୟନ ! ଚିରକାଳ ଧରି କେବଳ ତୁମକୁ ପାଇବାର ଯେଉଁ ଆଶା-ଅଭିଳାଷର ଲତାଟିକୁ ଆମେ ବଢାଇ ରଖିଛୁ, ସେହି ଲତାଟିକୁ କାଟିଦିଅ ନାହିଁ ॥ ୩୩ ॥ ହେ ମନମୋହନ ! ଏପର୍ଯ୍ୟନ୍ତ ଆମର ଚିତ୍ତ ଗୃହଧନ୍ଦାରେ ଲାଗିରହୁଥିଲା; ସେଥିରେ ଆମ ହାତ ମଧ୍ୟ ଲାଗିରହିଥିଲା। କିନ୍ତୁ ଆମେ ଦେଖୁ ଦେଖୁ ତୁମେ ଆମର ସେହି ଚିତ୍ତକୁ ଘେରାଇ ନେଇ ଆସିଲ। ଯେହେତୁ

ସିଞ୍ଚାଙ୍ଗ ନସ୍ତ୍ୱଦଧରାମୃତପୂରକେଣ
ହାସାବଲୋକକଳଗୀତଜହୃଚ୍ଛୟାଗ୍ନିମ୍ ।
ନୋ ଚେଦ୍ ବୟଂ ବିରହଜାଗ୍ର୍ୟୁପଯୁକ୍ତଦେହା
ଧ୍ୟାନେନ ଯାମ ପଦୟୋଃ ପଦବୀଂ ସଖେ ତେ ॥ ୩୫

ତୁମେ ସୁଖସ୍ୱରୂପ, ତେଣୁ ଚିତ୍ତ ଗ୍ରେଚାଇବାରେ ତୁମକୁ ପରିଶ୍ରମ ବି କରିବାକୁ ପଡ଼ିଲା ନାହିଁ। କିନ୍ତୁ ତା'ଫଳରେ ଆମର ମତିଗତି ତ ସଂସାରଛଡ଼ା ହୋଇଗଲା। ଆମ ପାଦ ତୁମ ଚରଣକମଳକୁ ଛାଡ଼ି ପାଦେ ବି ଅନ୍ୟ ଆଡ଼େ ଯିବାକୁ ଗ୍ୱହୁଁନି—ପାଦ ଆଉ ଘୁଞ୍ଚୁନି। ତାହେଲେ ଆମେ ବ୍ରଜକୁ କିପରି ଯିବୁ ? ଯଦି ବା ଯିବୁ, ସେଠାରେ କରିବୁ ବା କଣ ? ॥ ୩୪ ॥ ହେ ପ୍ରାଣବଲ୍ଲଭ ! ହେ ଆମର ପ୍ରିୟ ସଖା ! ତୁମର ମନ୍ଦ ମନ୍ଦ ମଧୁର ହସ, ତୁମର ପ୍ରେମଭରା ଗ୍ୱହାଣି ଏବଂ ତୁମ ବଂଶୀର ମନୋହର ସ୍ୱନ ଆମ ହୃଦୟରେ ତୁମକୁ ପ୍ରେମ କରିବାର ଅଗ୍ନିକୁ ଓ ତୁମ ସହିତ ମିଳନର ଆକାଂକ୍ଷାରୂପୀ ଅଗ୍ନିକୁ ପ୍ରଜ୍ୱଳିତ କରିଦେଲା। ଏହି ଅଗ୍ନିକୁ ତୁମେ ତୁମ ଅଧରସୁଧା ଧାରାରେ ଲିଭାଇଦିଅ। ତାହା ନ କଲେ, ହେ ପ୍ରିୟତମ ! ଆମେ ସତ କହୁଛୁ, ବିରହ-ଅଗ୍ନିରେ ଆମେ ଆମର ଶରୀରକୁ ଦଗ୍ଧ କରି ଧ୍ୟାନଦ୍ୱାରା ତୁମ ଚରଣକମଳରେ ମିଶିଯିବୁ ॥ ୩୫ ॥

ଯର୍ହ୍ୟମ୍ବୁଜାକ୍ଷ ତବ ପାଦତଳଂ ରମାୟା
ଦତ୍ତକ୍ଷଣଂ କ୍ୱଚିଦରଣ୍ୟଜନପ୍ରିୟସ୍ୟ ।
ଅସ୍ପ୍ରାକ୍ଷ୍ମ ତତ୍ପ୍ରଭୃତି ନାନ୍ୟସମକ୍ଷମଙ୍ଗ
ସ୍ଥାତୁଂ ତ୍ୱୟାଭିରମିତା ବତ ପାରୟାମଃ ॥ ୩୬

ହେ ପ୍ରିୟ ପଦ୍ମଲୋଚନ ! ତୁମେ ହେଉଛ ବନବାସୀମାନଙ୍କର ପ୍ରିୟ ଓ ସେମାନେ ବି ତୁମକୁ ବହୁ ପ୍ରେମ କରନ୍ତି। ତୁମ ଚରଣକମଳର ସେବା ସ୍ୱୟଂ ଲକ୍ଷ୍ମୀଙ୍କୁ ମଧ୍ୟ ବଡ଼ କଷ୍ଟରେ ହିଁ ମିଳିଥାଏ; କିନ୍ତୁ ଆମକୁ ସେହି ଚରଣର ଦର୍ଶନ ଯେଉଁଦିନୁ ମିଳିଗଲା, ସେହିଦିନୁ ତୁମେ ଆମ ଚିତ୍ତରେ ବସିଗଲ। ତେଣୁ ସେହିଦିନୁ ଆମର ଚିତ୍ତ ଅନ୍ୟ ଆଡ଼େ ଯାଉନାହିଁ। ଏପରି ଅବସ୍ଥାରେ ଆମେ ପତିପୁତ୍ରଙ୍କ ସେବା ଚରିବାକୁ କିପରି ବା ଯିବୁ, ତୁମେ ହିଁ କୁହ ॥ ୩୬ ॥ ଯେଉଁ ଲକ୍ଷ୍ମୀଙ୍କ କୃପାଜଟାକ୍ଷ ପାଇବା ନିମନ୍ତେ ବଡ଼ ବଡ଼ ଦେବତାମାନେ ମଧ୍ୟ ତପସ୍ୟା କରିଗ୍ଲିଛନ୍ତି, ସେହି ଲକ୍ଷ୍ମୀ ଠାକୁରାଣୀ ଅନ୍ୟ କାହାର ପ୍ରତିଦ୍ୱନ୍ଦ୍ୱିତା ବିନା ତୁମର ବକ୍ଷଃସ୍ଥଳରେ ସ୍ଥାନ ପାଇପାରିଥିଲେ ମଧ୍ୟ ନିଜର ସଉତୁଣୀ ତୁଳସୀଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରି ତୁମର ଚରଣରଜ ପାଇବାକୁ ଅଭିଳାଷ ରଖିଛି। ତୁମର ଯେତେସବୁ ଭକ୍ତ ଅଛନ୍ତି, ସମସ୍ତେ ତୁମ ଚରଣରଜ ସେବନ କରିଛନ୍ତି। ସେମାନଙ୍କ ପରି ଆମେ ମଧ୍ୟ ତୁମର ସେହି ଚରଣରଜର ଶରଣ ନେବାକୁ ଆସିଛୁ ॥ ୩୭ ॥ ହେ ଭଗବାନ ! ଏପର୍ଯ୍ୟନ୍ତ ଯେ କେହି ତୁମ ଚରଣର ଶରଣ ନେଇଛି, ତୁମେ ତାର ସକଳ କଷ୍ଟ ହରଣ କରିନେଇଛ। ଏଥର ତୁମେ ଆମକୁ କୃପା କର। ଆମକୁ ବି ତୁମର ପ୍ରସାଦ ପାଇବାର ଭାଜନ କର। ତୁମର ସେବା କରିବାର ଆଶା-ଅଭିଳାଷ ରଖି ଆମେ ଘର, ଗାଆଁ, କୁଟୁମ୍ବ—ସବୁ କିଛି ଛାଡ଼ିଦେଇ ତୁମ ଚରଣଯୁଗଳର ଶରଣକୁ ଚ୍ଲିଆସିଛୁ । ଘରେ ଓ ଗାଆଁରେ ତୁମର ଆରାଧନା କରିବାର ଅବକାଶ (ସୁବିଧାସୁଯୋଗ)

ଶ୍ରୀର୍ଯତ୍ପଦାମ୍ବୁଜରଜଶ୍ଚକମେ ତୁଳସ୍ୟା
ଲବ୍ଧ୍ୱାପି ବକ୍ଷସି ପଦଂ କିଳ ଭୃତ୍ୟଜୁଷ୍ଟମ୍ ।
ଯସ୍ୟାଃ ସ୍ୱବୀକ୍ଷଣକୃତେଽନ୍ୟସୁରପ୍ରୟାସ-
ସ୍ତଦ୍ୱଦ୍ ବୟଂ ଚ ତବ ପାଦରଜଃ ପ୍ରପନ୍ନାଃ ॥ ୩୭

ତନ୍ନଃ ପ୍ରସୀଦ ବୃଜିନାର୍ଦନ ତେଽଙ୍ଘ୍ରିମୂଳଂ
ପ୍ରାପ୍ତା ବିସୃଜ୍ୟ ବସତୀସ୍ତ୍ୱଦୁପାସନାଶାଃ ।
ତ୍ୱତ୍ସୁନ୍ଦରସ୍ମିତନିରୀକ୍ଷଣତୀବ୍ରକାମ-
ତପ୍ତାତ୍ମନାଂ ପୁରୁଷଭୂଷଣ ଦେହି ଦାସ୍ୟମ୍ ॥ ୩୮

ବାକ୍ଷ୍ୟାଳକାବୃତମୁଖଂ ତବ କୁଣ୍ଡଳଶ୍ରୀ-
ଗଣ୍ଡସ୍ଥଳାଧରସୁଧଂ ହସିତାବଲୋକମ୍ ।
ଦତ୍ତାଭୟଂ ଚ ଭୁଜଦଣ୍ଡଯୁଗଂ ବିଲୋକ୍ୟ
ବକ୍ଷଃ ଶ୍ରିୟୈକରମଣଂ ଚ ଭବାମ ଦାସ୍ୟଃ ॥ ୩୯

କା ସ୍ତ୍ର୍ୟଙ୍ଗ ତେ କଳପଦାୟତମୂର୍ଚ୍ଛିତେନ
ସମ୍ମୋହିତାର୍ଯ୍ୟଚରିତାନ୍ନ ଚଳେତ୍ତ୍ରିଲୋକ୍ୟାମ୍ ।
ତ୍ରୈଲୋକ୍ୟସୌଭଗମିଦଂ ଚ ନିରୀକ୍ଷ୍ୟ ରୂପଂ
ଯଦ୍ଗୋଦ୍ବିଜଦ୍ରୁମମୃଗାଃ ପୁଲକାନ୍ୟବିଭ୍ରନ୍ ॥ ୪୦

ବ୍ୟକ୍ତଂ ଭବାନ୍ ବ୍ରଜଭୟାର୍ତ୍ତିହରୋଽଭିଜାତୋ
ଦେବୋ ଯଥାଽଽଦିପୁରୁଷଃ ସୁରଲୋକଗୋପ୍ତା ।
ତନ୍ନୋ ନିଧେହି କରପଙ୍କଜମାର୍ତ୍ତବନ୍ଧୋ
ତପ୍ତସ୍ତନେଷୁ ଚ ଶିରସ୍ସୁ ଚ କିଙ୍କରାଣାମ୍ ॥ ୪୧

ଶ୍ରୀଶୁକ ଉବାଚ

ଇତି ବିକ୍ଳବିତଂ ତାସାଂ ଶ୍ରୁତ୍ୱା ଯୋଗେଶ୍ୱରେଶ୍ୱରଃ ।
ପ୍ରହସ୍ୟ ସଦୟଂ ଗୋପୀରାତ୍ମାରାମୋଽପ୍ୟରୀରମତ୍ ॥ ୪୨

ଆଦୌ ମିଳୁନାହିଁ । ହେ ପୁରୁଷଭୂଷଣ ! ହେ ପୁରୁଷୋତ୍ତମ ! ତୁମର ମଧୁର ମୃଦୁହାସ ଓ ଗୁରୁଗମ୍ଭୀର ଆମ ହୃଦୟରେ ପ୍ରେମ ବା ମିଳନର ଆକାଙ୍କ୍ଷା ଅଗ୍ନି ଜାଳି ଦେଇଛି; ସେଥିରେ ଆମର ସର୍ବାଙ୍ଗ ଜଳୁଛି । ତୁମେ ଆମକୁ ତୁମର ଦାସୀରୂପେ ସ୍ୱୀକାର କରିନିଅ । ଆମକୁ ତୁମ ସେବାର ଅଧିକାର ପ୍ରଦାନ କର ॥ ୩୮ ॥ ହେ ପ୍ରିୟତମ ! କୁଞ୍ଚିତ ଅଳକାବଳି ଗହଣରେ ଝଲସୁଥିବା ତୁମର ସୁନ୍ଦର ମୁଖକମଳକୁ ଦେଖି, କମନୀୟ କୁଣ୍ଡଳର ଅନନ୍ତ ସୌନ୍ଦର୍ଯ୍ୟରେ ଉଦ୍ଭାସିତ ହେଉଥିବା ଗପୋଳକୁ ଦେଖି, ଅମୃତବର୍ଷିଣୀ ଅଧରକୁ ଦେଖି, ମନ୍ଦ ମନ୍ଦ ମୃଦୁହାସରେ ଉଲ୍ଲସିତ ହେଉଥିବା ତୁମର ନୟନମନୋହାରୀ କଟାକ୍ଷକୁ ଦେଖି, ଶରଣାଗତମାନଙ୍କୁ ଅଭୟ ଦେବାରେ ଅତ୍ୟନ୍ତ ଉଦାର ହୋଇଥିବା ତୁମର ଦୁଇ ଭୁଜକୁ ଦେଖି ଏବଂ ସୌନ୍ଦର୍ଯ୍ୟଦେବୀ ଲକ୍ଷ୍ମୀଙ୍କର ନିତ୍ୟ କ୍ରୀଡ଼ାସ୍ଥଳ ହୋଇଥିବା ତୁମର ବକ୍ଷଃସ୍ଥଳର ସୌନ୍ଦର୍ଯ୍ୟକୁ ଦେଖି ଆମେସବୁ ତୁମରି ଚରଣର ଦାସୀ ହୋଇଯାଇଛୁ ॥ ୩୯ ॥ ହେ ପ୍ରାଣବଲ୍ଲଭ ! ତୁମର ଏହି ମଧୁର ପଦ ଓ ଆରୋହ-ଅବରୋହ କ୍ରମରେ ବିବିଧ ମୂର୍ଚ୍ଛନାଯୁକ୍ତ ବଂଶୀସ୍ୱନ ଶୁଣି ତଥା ତୁମର ଏହି ତ୍ରିଲୋକସୁନ୍ଦର ମୋହିନୀ ମୂର୍ତ୍ତିକୁ— ଯାହାର କାଣିଗ୍ୟ ସୌନ୍ଦର୍ଯ୍ୟ ପାଇ ତ୍ରିଲୋକର ସବୁ ସୌନ୍ଦର୍ଯ୍ୟ ଫୁଟିଉଠିଛି ଏବଂ ଯାହାକୁ ଦେଖି ଗାଈଗୋରୁ, ପଶୁପକ୍ଷୀ ଓ ବୃକ୍ଷଲତା ରୋମାଞ୍ଚିତ ହୋଇଯାଉଛନ୍ତି, ସେହି ମୂର୍ତ୍ତିକୁ ନିଜ ଆଖିରେ ଦେଖି ତ୍ରିଲୋକର କେଉଁ ସ୍ତ୍ରୀ ବା ତା'ର ଆର୍ଯ୍ୟମର୍ଯ୍ୟାଦାରୁ ବିଚଳିତ ହୋଇ ନ ଯିବ—କିଏ ବା କୁଳ, ମାନ ଓ ଲୋକଲଜ୍ଜା ତ୍ୟାଗ କରି ତୁମଠାରେ ଅନୁରକ୍ତ ହୋଇ ନ ଯିବ ! ॥ ୪୦ ॥ ଆମ ପାଖରେ ଏକଥା ଆଉ ଲୁଚି ରହିନାହିଁ ଯେ, ଭଗବାନ ନାରାୟଣ ଯେପରି ଦେବତାମାନଙ୍କୁ ରକ୍ଷା କରନ୍ତି, ବ୍ରଜମଣ୍ଡଳର ଭୟ ଓ ଦୁଃଖ ଦୂର କରିବା ନିମନ୍ତେ ତୁମେ ସେହିପରି ଏଠାରେ ପ୍ରକଟିତ ହୋଇଛ । ପୁଣି ଏକଥା ବି ସ୍ପଷ୍ଟ ହୋଇଯାଇଛି ଯେ, ଦୀନଦୁଃଖୀମାନଙ୍କ ପ୍ରତି ତୁମର ବହୁତ ପ୍ରେମ ଓ କୃପା ରହିଛି । ହେ ପ୍ରିୟତମ ! ଆମେ ବି ଖୁବ୍ ଦୁଃଖୀ । ତୁମ ସହିତ ମିଳନ-ଆକାଙ୍କ୍ଷାର ଅଗ୍ନିରେ ଆମ ହୃଦୟ ଜଳୁଛି । ତୁମେ ତୁମର ଏହି ଦାସୀମାନଙ୍କର ହୃଦୟ ଓ ଶିରରେ ତୁମର କୋମଳ କରକମଳ ରଖି ଆମକୁ ଜୀବନ ଦାନ କର ॥ ୪୧ ॥

ଶ୍ରୀଶୁକଦେବ କହିଗ୍ଭଲିଲେ—ହେ ପରୀକ୍ଷିତ ! ଭଗବାନ ଶ୍ରୀକୃଷ୍ଣ ହେଉଛନ୍ତି ସନକାଦି ଯୋଗୀଶ୍ୱରମାନଙ୍କର ଓ ଶିବାଦି ଯୋଗେଶ୍ୱରମାନଙ୍କର ମଧ୍ୟ ଈଶ୍ୱର । ଗୋପୀମାନଙ୍କର ବ୍ୟଥା-ବ୍ୟାକୁଳତାପୂର୍ଣ୍ଣ କଥା ଶୁଣି ତାଙ୍କର ହୃଦୟ ବିଗଳିତ ହୋଇଗଲା । ଯଦ୍ୟପି ସେ ଆତ୍ମାରାମ—

ତାଭିଃ ସମେତାଭିରୁଦାରଚେଷ୍ଟିତଃ
ପ୍ରିୟେକ୍ଷଣୋଦ୍‌ଫୁଲ୍ଲମୁଖୀଭିରଚ୍ୟୁତଃ ।
ଉଦାରହାସଦ୍ୱିଜକୁନ୍ଦଦୀଧିତି-
ର୍ବ୍ୟରୋଚତୈଣାଙ୍କ ଇବୋଡୁଭିର୍ବୃତଃ ॥ ୪୩

ଆତ୍ମାରେ ହିଁ (ନିଜେ ନିଜ ସହିତ) ରମଣ କରନ୍ତି, ସେ ନିଜ ଛଡ଼ା ଅନ୍ୟ କୌଣସି ପ୍ରକାର ବାହ୍ୟବସ୍ତୁ ଆବଶ୍ୟକ କରନ୍ତି ନାହିଁ, ତଥାପି ସେ ହସି ହସି ସେମାନଙ୍କ ସହିତ ରାସକ୍ରୀଡ଼ା ଆରମ୍ଭ କରିଦେଲେ ॥ ୪୨ ॥ ଭଗବାନ ଶ୍ରୀକୃଷ୍ଣ ନିଜ ସ୍ୱରୂପରେ ଚିରକାଳ ପାଇଁ ଅଚ୍ୟୁତ ବା ଅଖଣ୍ଡରୂପେ ପ୍ରତିଷ୍ଠିତ ରହିଥାଇ ମଧ୍ୟ ନିଜର ଭାବଭଙ୍ଗୀକୁ ଗୋପୀମାନଙ୍କ ଆକାଂକ୍ଷାର ଅନୁକୂଳ କରିଦେଲେ। ସେ ଯେତେବେଳେ ମୁହଁ ଖୋଲି ହସିଦେଲେ, ସେତେବେଳେ ତାଙ୍କର ଉଜ୍ଜ୍ୱଳ ଶୁଭ୍ର ଦନ୍ତ କୁନ୍ଦକଳି ପରି ଦେଖାଗଲା। ତାଙ୍କର ପ୍ରେମପୂର୍ଣ୍ଣ କଟାକ୍ଷ ଓ ତାଙ୍କର ସୁନ୍ଦର ବଦନକୁ ଦେଖି ଗୋପୀମାନଙ୍କର ମୁଖକମଳ ଆନନ୍ଦରେ ପ୍ରଫୁଲ୍ଲିତ ହୋଇଗଲା। ସେମାନେ ତାଙ୍କର ଚତୁର୍ଦିଗରେ ଘେରି ଠିଆ ହୋଇଗଲେ। ଯେତେବେଳେ ଶ୍ରୀକୃଷ୍ଣଙ୍କର ଶୋଭା ଦେଖି ମନେହେଲା, ସତେ ଯେପରି ଚନ୍ଦ୍ରମା ତାଙ୍କର ତାରକାରୂପୀ ପତ୍ନୀମାନଙ୍କ ଘେରରେ ବିରାଜମାନ ହୋଇଛନ୍ତି ! ॥ ୪୩ ॥ ଏଥର ଶତ ଶତ ଗୋପୀମଣ୍ଡଳୀର ସ୍ୱାମୀ ଭଗବାନ ଶ୍ରୀକୃଷ୍ଣ ବୈଜୟନ୍ତୀମାଳା ପିନ୍ଧି, ବୃନ୍ଦାବନକୁ ଶୋଭାୟମାନ କରି ବିଚରଣ କଲେ। କେତେବେଳେ ଗୋପୀମାନେ ନିଜର ପ୍ରିୟତମ ଶ୍ରୀକୃଷ୍ଣଙ୍କ ଗୁଣ ଓ ବିଭିନ୍ନ ଲୀଳା ଗାଇଗୁଲିଲେ ତ, କେତେବେଳେ ଶ୍ରୀକୃଷ୍ଣ ଗୋପୀମାନଙ୍କର ପ୍ରେମ ଓ ସୌନ୍ଦର୍ଯ୍ୟର ଗୀତ ଗାଇବାକୁ ଲାଗିଲେ ॥ ୪୪ ॥ ତା'ପରେ ଶ୍ରୀକୃଷ୍ଣ ଗୋପୀମାନଙ୍କୁ ଧରି ଯମୁନାର ପବିତ୍ର ପୁଲିନକୁ ଗଲିଗଲେ। ଯମୁନା ପୁଲିନ ବରଫ ସମାନ ଉଜ୍ଜ୍ୱଳ ସୁନ୍ଦର ବାଲିରେ ଚମକୁଥାଏ। ଯମୁନାର ତରଳ ତରଙ୍ଗକୁ ଛୁଇଁ ଛୁଇଁ ଓ ଜଇଁ ଫୁଲର ସ୍ୱାଭାବିକ ସୁଗନ୍ଧ ଘେନି ପ୍ରବାହିତ ହେଉଥିବା ବାୟୁ ଯମୁନା ପୁଲିନକୁ ଶୀତଳ ଓ ସୁରଭିତ କରିଦେଉଥାଏ। ସେହି ଆନନ୍ଦପ୍ରଦ ପୁଲିନରେ ଭଗବାନ ଗୋପୀମାନଙ୍କ ସଙ୍ଗେ ରାସଲୀଳା କରିବାକୁ ଲାଗିଲେ ॥ ୪୫ ॥ ବାହୁ ପ୍ରସାରିତ କରି, ଆଲିଙ୍ଗନ କରି, ସେମାନଙ୍କ ହାତରେ ହାତ ମିଳାଇ, ହାସ୍ୟବିନୋଦ କରି ଓ ସେମାନଙ୍କର ନାନା ଅଙ୍ଗ ସ୍ପର୍ଶପୂର୍ବକ ସେମାନଙ୍କୁ ଆନନ୍ଦିତ କରି ଶ୍ରୀକୃଷ୍ଣ ଗୋପୀମାନଙ୍କୁ ଦିବ୍ୟପ୍ରେମ ପ୍ରଦାନ କଲେ ଏବଂ ସେମାନଙ୍କର ପ୍ରେମଭାବକୁ ଅଧିକରୁ ଅଧିକ ସମ୍ମାନ ଦେଇ ସେମାନଙ୍କ ସହିତ ରାସଲୀଳା କଲେ ॥ ୪୬ ॥ ଉଦାରଶିରୋମଣି ସର୍ବବ୍ୟାପକ ଭଗବାନ ଶ୍ରୀକୃଷ୍ଣ ଯେତେବେଳେ ଗୋପୀମାନଙ୍କୁ ଏହିପରି ସମ୍ମାନିତ କଲେ, ସେତେବେଳେ ଗୋପୀମାନେ ମନେ ମନେ ଭାବିବାକୁ ଲାଗିଲେ ଯେ, ସେମାନେ ହେଉଛନ୍ତି ଜଗତର ସ୍ତ୍ରୀମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ; ସେମାନଙ୍କ ପରି ଅନ୍ୟ କେହି ନାହିଁ। ଏପରି ଭାବିବାରୁ ସେମାନଙ୍କ ମନରେ ଟିକିଏ ଅଭିମାନ ଆସିଗଲା ॥ ୪୭ ॥

ଉପଗାୟମାନ ଉଦ୍‌ଗାୟନ୍ ବନିତାଶତଯୂଥପଃ ।
ମାଳାଂ ବିଭ୍ରଦ୍ ବୈଜୟନ୍ତୀଂ ବ୍ୟଚରଦ୍‌ମଣ୍ଡୟନ୍ ବନମ୍ ॥ ୪୪

ନଦ୍ୟାଃ ପୁଲିନମାବିଶ୍ୟ ଗୋପୀଭିର୍ହିମବାଲୁକମ୍ ।
ରେମେ ତତ୍ତରଳାନନ୍ଦକୁମୁଦାମୋଦବାୟୁନା ॥ ୪୫

ବାହୁପ୍ରସାରପରିରମ୍ଭକରାଳକୋରୁ-
ନୀବୀସ୍ତନାଲଭନନର୍ମନଖାଗ୍ରପାତୈଃ ।
କ୍ଷ୍ୱେଲ୍ୟାବଲୋକହସିତୈର୍ବ୍ରଜସୁନ୍ଦରୀଣା-
ମୁତ୍ତମ୍ଭୟନ୍ ରତିପତିଂ ରମୟାଞ୍ଚକାର ॥ ୪୬

ଏବଂ ଭଗବତଃ କୃଷ୍ଣାଲ୍ଲବ୍ଧମାନା ମହାତ୍ମନଃ ।
ଆତ୍ମାନଂ ମେନିରେ ସ୍ତ୍ରୀଣାଂ ମାନିନ୍ୟୋଽଭ୍ୟଧିକଂ ଭୁବି ॥ ୪୭

ତାସାଂ ତତ୍ ସୌଭଗମଦଂ ବୀକ୍ଷ୍ୟ ମାନଂ ଚ କେଶବଃ ।
ପ୍ରଶମାୟ ପ୍ରସାଦାୟ ତତ୍ରୈବାନ୍ତରଧୀୟତ ॥ ୪୮

ଯେତେବେଳେ ଭଗବାନ ଦେଖିଲେ ଯେ, ତାଙ୍କର ସ୍ନେହ-ପ୍ରେମ ପାଇ ଗୋପୀମାନଙ୍କ ଭିତରେ ଟିକିଏ ସୌଭାଗ୍ୟଜନିତ ଗର୍ବ ହୋଇଗଲାଣି, ସେମାନେ ଅଭିମାନ ବି କରିବାକୁ ଲାଗିଲେଣି, ସେତେବେଳେ ସେ ସେମାନଙ୍କର ଗର୍ବ ଭାଙ୍ଗିଦେବା ନିମନ୍ତେ ଓ ଅଭିମାନ ଦୂର କରି ସେମାନଙ୍କୁ ଅନୁଗ୍ରହୀତ କରିବା ନିମନ୍ତେ ସେହିଠାରେ ହିଁ, ସେମାନଙ୍କ ମଧ୍ୟରୁ ଅନ୍ତର୍ଦ୍ଧାନ ହୋଇଗଲେ ॥ ୪୮ ॥

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ଦଶମସ୍କନ୍ଧେ ପୂର୍ବାର୍ଦ୍ଧେ ଭଗବତୋ ରାସକ୍ରୀଡ଼ାବର୍ଣ୍ଣନଂ ନାମୈକୋନତ୍ରିଂଶୋଽଧ୍ୟାୟଃ ॥ ୨୯ ॥

✦✦✦

ଅଥ ତ୍ରିଂଶୋଽଧ୍ୟାୟଃ

ଶ୍ରୀକୃଷ୍ଣଙ୍କ ବିରହରେ ଗୋପୀମାନଙ୍କର ବ୍ୟାକୁଳତା

ଶ୍ରୀଶୁକ ଉବାଚ

ଅନ୍ତର୍ହିତେ ଭଗବତି ସହସୈବ ବ୍ରଜାଙ୍ଗନାଃ ।
ଅତପ୍ୟଂସ୍ତମଚକ୍ଷାଣାଃ କରିଣ୍ୟ ଇବ ଯୂଥପମ୍ ॥ ୧

ଶ୍ରୀଶୁକଦେବ କହିଗ୍ଲିଲେ—ହେ ପରୀକ୍ଷିତ ! ଭଗବାନ ହଠାତ୍ ଅନ୍ତର୍ଦ୍ଧାନ ହୋଇଗଲେ । ହାତୀଦଳର ଅଧିପତି ବିନା ହାତୁଣୀମାନେ ଯେପରି ହୁଅନ୍ତି, ଶ୍ରୀକୃଷ୍ଣଙ୍କୁ ନ ଦେଖି ବ୍ରଜଯୁବତୀମାନଙ୍କ ଦଶା ସେହିପରି ହୋଇଗଲା । ସେମାନଙ୍କର ହୃଦୟ ବିରହଜ୍ୱାଳାରେ ଜଳିବାକୁ ଲାଗିଲା ॥ ୧ ॥ ଶ୍ରୀକୃଷ୍ଣଙ୍କର ମତୱାଲୁଆ ଗଜରାଜ ପରି ଗତି, ପ୍ରେମପୂର୍ଣ୍ଣ ମନ୍ଦହାସ, ବିଳାସଭରା କଟାକ୍ଷ, ମନୋରମ ପ୍ରେମାଳାପ, ବିଭିନ୍ନ ପ୍ରକାରର ଲୀଳା ତଥା ଶୃଙ୍ଗାରରସର ଭାବଭଙ୍ଗୀସବୁ ସେମାନଙ୍କ ଚିତ୍ତକୁ ଗ୍ରେରାଇ ନେଇଥିଲା । ସେହି ପ୍ରେମୋନ୍ମତ୍ତା ଗୋପୀମାନେ କୃଷ୍ଣମୟ ହୋଇଗଲେ ଏବଂ ଶ୍ରୀକୃଷ୍ଣଙ୍କର ବିଭିନ୍ନ ଲୀଳା ଅନୁକରଣ କରିବା ଆରମ୍ଭ କରିଦେଲେ ॥ ୨ ॥ ନିଜ ପ୍ରିୟତମ ଶ୍ରୀକୃଷ୍ଣଙ୍କ ପରି ଗତିଚଳନ, ହାସ-ପରିହାସ ଓ ଗୁହାଣି-ବୋଲି ଆଦି ପ୍ରକାଶ କରି ତାଙ୍କର ପ୍ରେମିକା ଗୋପୀମାନେ ତାଙ୍କରି ପରି ହୋଇଗଲେ; ସେମାନଙ୍କ ଦେହରେ ମଧ୍ୟ ସେହିଭଳି ଭାବ-ଭଙ୍ଗୀ, ସେହିଭଳି ଗତି-ମତି ପ୍ରକାଶ ପାଇଲା । ସେମାନେ ନିଜ ନିଜକୁ ସମ୍ପୂର୍ଣ୍ଣ ଭୁଲିଯାଇ ସତେ ଯେପରି ଶ୍ରୀକୃଷ୍ଣରୂପ ହୋଇଗଲେ ଏବଂ ତାଙ୍କରି ଲୀଳାବିଳାସ ଅନୁକରଣ କରି 'ମୁଁ ହେଉଛି କୃଷ୍ଣ' ବୋଲି କହିବାକୁ ଲାଗିଲେ ॥ ୩ ॥ ସେମାନେ ସମସ୍ୱରେ ମିଶି ଉଚ୍ଚସ୍ୱରରେ ତାଙ୍କର ଗୁଣଗାନ କରିବାକୁ ଲାଗିଲେ ଏବଂ ପ୍ରମତ୍ତ ହୋଇ, ବଣ ବଣ ବୁଲି ଲତା, ବୃକ୍ଷ ଭିତରେ ପଶି ଶ୍ରୀକୃଷ୍ଣଙ୍କୁ ଖୋଜିବାକୁ ଲାଗିଲେ । ହେ ପରୀକ୍ଷିତ ! ଭଗବାନ ଶ୍ରୀକୃଷ୍ଣ କେଉଁଠାକୁ ଚାଲିଯାଇ ନ ଥିଲେ । ସେ ତ ସମସ୍ତ ଜଡ଼ଚେତନ ପଦାର୍ଥରେ ତଥା ସେସବୁର ବାହାରେ ମଧ୍ୟ

ଗତ୍ୟାନୁରାଗସ୍ମିତବିଭ୍ରମେକ୍ଷିତୈ-
ର୍ମନୋରମାଲାପବିହାରବିଭ୍ରମୈଃ ।
ଆକ୍ଷିପ୍ତଚିତ୍ତାଃ ପ୍ରମଦା ରମାପତେ-
ସ୍ତାସ୍ତା ବିଚେଷ୍ଟା ଜଗୃହୁସ୍ତଦାତ୍ମିକାଃ ॥ ୨

ଗତିସ୍ମିତପ୍ରେକ୍ଷଣଭାଷଣାଦିଷୁ
ପ୍ରିୟାଃ ପ୍ରିୟସ୍ୟ ପ୍ରତିରୂଢ଼ମୂର୍ତ୍ତୟଃ ।
ଅସାବହଂ ତ୍ୱିତ୍ୟବଲାସ୍ତଦାତ୍ମିକା
ନ୍ୟବେଦିଷୁଃ କୃଷ୍ଣବିହାରବିଭ୍ରମାଃ ॥ ୩

ଗାୟନ୍ତ୍ୟ ଉଚ୍ଚୈରମୁମେବ ସଂହତା
ବିଚିକ୍ୟୁରୁନ୍ମତ୍ତକବଦ୍ ବନାଦ୍ ବନମ୍ ।

ପପ୍ରଚ୍ଛୁରାକାଶବଦନ୍ତର ବହି-
ର୍ଭୂତେଷୁ ସନ୍ତଂ ପୁରୁଷଂ ବନସ୍ପତୀନ୍ ॥ ୪

ଦୃଷ୍ଟୋ ବଃ କଚ୍ଚିଦଶ୍ୱତ୍ଥ ପ୍ଲକ୍ଷ ନ୍ୟଗ୍ରୋଧ ନୋ ମନଃ ।
ନନ୍ଦସୂନୁର୍ଗତୋ ହୃତ୍ୱା ପ୍ରେମହାସାବଲୋକନୈଃ ॥ ୫

କଚ୍ଚିତ୍ କୁରବକାଶୋକନାଗପୁନ୍ନାଗଚମ୍ପକାଃ ।
ରାମାନୁଜୋ ମାନିନୀନାମିତୋ ଦର୍ପହରସ୍ମିତଃ ॥ ୬

କଚ୍ଚିତ୍ତୁଲସି କଲ୍ୟାଣି ଗୋବିନ୍ଦଚରଣପ୍ରିୟେ ।
ସହ ତ୍ୱାଲିକୁଲୈର୍ବିଭ୍ରଦ୍ ଦୃଷ୍ଟସ୍ତେଽତିପ୍ରିୟୋଽଚ୍ୟୁତଃ ॥ ୭

ମାଲତ୍ୟଦର୍ଶି ବଃ କଚ୍ଚିନ୍ମଲ୍ଲିକେ ଜାତି ଯୂଥିକେ ।
ପ୍ରୀତିଂ ବୋ ଜନୟନ୍ ଯାତଃ କରସ୍ପର୍ଶେନ ମାଧବଃ ॥ ୮

ବୃତପ୍ରିୟାଳପନସାସନକୋବିଦାର-
ଜମ୍ବ୍ୱର୍କବିଲ୍ୱବକୁଲାମ୍ରକଦମ୍ବନାପାଃ ।
ଯେଽନ୍ୟେ ପରାର୍ଥଭବକା ଯମୁନୋପକୂଳାଃ
ଶଂସନ୍ତୁ କୃଷ୍ଣପଦବୀଂ ରହିତାତ୍ମନାଂ ନଃ ॥ ୯

କିଂ ତେ କୃତଂ କ୍ଷିତି ତପୋ ବତ କେଶବାଙ୍ଘ୍ରି-
ସ୍ପର୍ଶୋତ୍ସବୋତ୍ପୁଲକିତାଙ୍ଗରୁହୈର୍ବିଭାସି ।

ଆକାଶ ପରି ସମାନଭାବରେ ରହିଛନ୍ତି। ସେ ସେଇଠି ଥିଲେ; ସେମାନଙ୍କ ଭିତରେ ରହିଥିଲେ; ତଥାପି ତାଙ୍କୁ ଦେଖି ନ ପାରି ଗୋପୀମାନେ ଗଛଲତାମାନଙ୍କୁ 'ତାଙ୍କୁ ଦେଖିଛ କି ?' ବୋଲି ପଗ୍ଭରି ପଗ୍ଭରି ବୁଲିଲେ ॥ ୪ ॥

(ଗୋପୀମାନେ ପ୍ରଥମେ ବଡ଼ ବଡ଼ ଗଛମାନଙ୍କ ପାଖକୁ ଯାଇ ପଗ୍ଭରିଲେ,) "ହେ ଅଶ୍ୱତ୍ଥ ! ହେ ବଟବୃକ୍ଷ ! ହେ ଜରି ! ନନ୍ଦନନ୍ଦନ ଶ୍ୟାମସୁନ୍ଦର ତାଙ୍କର ପ୍ରେମଭରା ମୃଦୁହାସ ଓ ଜଟାକ୍ଷରେ ଆମର ମନ ଗ୍ରେରାଇ ନେଇ କେଉଁଆଡ଼େ ପଳାଇଗଲେ? ତୁମେମାନେ ତାଙ୍କୁ ଦେଖିଛ କି ?" ॥ ୫ ॥ "ହେ କୁରବକ ! ହେ ଅଶୋକ ! ହେ ନାଗେଶ୍ୱର ! ହେ ପୁନ୍ନାଗ ! ହେ ଚମ୍ପା ! ଯାହାଙ୍କର ମୃଦୁହାସ ଦେଖିଦେଲେ ଯେତେ ବଡ଼ ମାନିନୀ ହେଲେ ମଧ୍ୟ ତାର ମାନ ଭାଙ୍ଗିଯାଏ, ବଳରାମଙ୍କର ସେହି ସାନଭାଇ ଏପଟକୁ ଆସିଥିଲେ କି ?" ॥ ୬ ॥ (ତାପରେ ସ୍ତ୍ରୀଜାତିର ଗୁରୁମାନଙ୍କୁ ପଗ୍ଭରିଲେ) "ଆଗୋ ଭଉଣୀ ତୁଳସୀ ! ତୁମ ହୃଦୟ ତ ଅତି କୋମଳ; ତୁମେ ତ ସମସ୍ତଙ୍କର ହିତ ଗ୍ରହଁ। ଭଗବାନଙ୍କ ଚରଣରେ ତ ତୁମର ବହୁତ ପ୍ରେମ; ସେ ମଧ୍ୟ ତୁମକୁ ବହୁତ ଭଲ ପାଆନ୍ତି। ସେଇଥିପାଇଁ ତ ଭଅଁରମାନେ ତାଙ୍କ ଗୁଣ୍ଡିପଟେ ଘେରିଯାଉଥିଲେ ବି ସେ କଣ୍ଠରୁ ତୁମର ମାଳା କାଢ଼ନ୍ତି ନାହିଁ—ସବୁବେଳେ ତୁମରି ମାଳା ପିନ୍ଧୁଛନ୍ତି। ତୁମର ସେହି ପରମ ପ୍ରିୟତମ ଶ୍ୟାମସୁନ୍ଦର ଏଆଡ଼କୁ ଆସିଥିବାର ଦେଖିଛ କି ?" ॥ ୭ ॥ "ଆଗୋ ସଖୀ ମାଳତୀ, ମଲ୍ଲୀ, ଜାଈ ଓ ଯୁଈ ! ତୁମେ ତ ଆମ ପ୍ରାଣବନ୍ଧୁ ମାଧବଙ୍କୁ ଦେଖିଥିବ? ଏବେ କିଛି ସମୟ ପୂର୍ବେ ତାଙ୍କର କୋମଳ କରରେ ତୁମକୁ ଛୁଇଁ ଛୁଇଁ ସେ ଏହି ବାଟେ ଗଲେ କି ?" ॥ ୮ ॥ "ହେ ଗପାଳ ! ହେ ପିଆଳ ! ହେ ପଣସ ! ହେ ଅସନ ! ହେ କୋବିଦାର (କଞ୍ଚନ) ! ହେ ଜାମୁ ! ହେ ଆରଖ ! ହେ ବେଲ ! ହେ ବଉଳ ! ହେ ଆମ୍ର ! ହେ କଦମ୍ବ ! ହେ ନିମ୍ବ ! ଯମୁନା-କୂଳରେ ଠିଆ ହୋଇଥିବା ହେ ଅନ୍ୟସବୁ ସୁଖୀ ତରୁଗଣ ! ତୁମେମାନେ ତ କେବଳ ପରୋପକାର ନିମନ୍ତେ ଜନ୍ମ ହୋଇଛ । ଆମର ମଧ୍ୟ ଟିକିଏ ଉପକାର କର । ଶ୍ରୀକୃଷ୍ଣଙ୍କ ବିନା ଆମର ଜୀବନ ଶୂନ୍ୟ ହୋଇଯାଉଛି । ଆମେ ବେହୋସ ହୋଇଯାଉଛୁ । ଆମେ କେଉଁ ବାଟରେ ଗଲେ ତାଙ୍କୁ ପାଇବୁ, ଟିକିଏ କହିଦିଅ !" ॥ ୯ ॥ "ହେ ଭଗବାନଙ୍କର ପ୍ରେୟସୀ ପୃଥିବୀ ଦେବୀ ! ତୁମେ ସତରେ କେତେ ତପସ୍ୟା କରି ନ ଥିଲ ଯେ, ଶ୍ରୀକୃଷ୍ଣଙ୍କ ଚରଣ ସ୍ପର୍ଶ ପାଇ ତୁମେ ଆନନ୍ଦ-ଉତ୍‌ଫୁଲ୍ଲ ହୋଇ ରହିଛ ଓ ତୃଣଲତାରୂପରେ ନିଜର ରୋମାଞ୍ଚ ବ୍ୟକ୍ତ କରୁଛ ! ତୁମର ଏ ଯେଉଁସବୁ

ଅପ୍ୟଙ୍ଘ୍ରିସମ୍ଭବ ଉରୁକ୍ରମବିକ୍ରମାତ୍ ବା
ଆହୋ ବରାହବପୁଷଃ ପରିରମ୍ଭଣେନ ॥ ୧୦

ଉଲ୍ଲାସ-ବିଳାସ, ଏସବୁ ଶ୍ରୀକୃଷ୍ଣଙ୍କ ଚରଣସ୍ପର୍ଶ ପାଇ ହେଉଛି, ନା ବାମନାବତାରରେ ସେ ଯେଉଁ ବିଶ୍ୱରୂପ ଧରି ତୁମକୁ ମାପିଥିଲେ, ସେଥିପାଇଁ ହେଉଛି ? ତା' ପୂର୍ବରୁ ସେ ଯେଉଁ ବରାହ ଅବତାର ହୋଇଥିଲେ, ସେହି ବରାହ ଭଗବାନଙ୍କର ଅଙ୍ଗସଙ୍ଗ ପାଇ ଏପରି ହେଉ ନାହିଁ ତ ? ସେ ଏହି ବାଟରେ ଯାଇଥିବାର ତୁମେ ଦେଖିଛ କି ?" ॥ ୧୦ ॥

ଅପ୍ୟେଣପତ୍ନ୍ୟୁପଗତଃ ପ୍ରିୟୟେହ ଗାତ୍ରୈ-
ସ୍ତନ୍ୱନ୍ ଦୃଶାଂ ସଖି ସୁନିର୍ବୃତିମଚ୍ୟୁତୋ ବଃ ।
କାନ୍ତାଙ୍ଗସଙ୍ଗକୁଚକୁଙ୍କୁମରଞ୍ଜିତାୟାଃ
କୁନ୍ଦସ୍ରଜଃ କୁଳପତେରିହ ବାତି ଗନ୍ଧଃ ॥ ୧୧

"ଆଗୋ ସଖୀ ହରିଣୀମାନେ ! ଆମ ଶ୍ୟାମସୁନ୍ଦରଙ୍କ ଅଙ୍ଗରୁ ସୁଷମାସୌନ୍ଦର୍ଯ୍ୟର ଧାରା ଝରୁଥାଏ । ସେ ତାଙ୍କ ପ୍ରାଣପ୍ରିୟା ସହିତ ତୁମମାନଙ୍କ ନେତ୍ରକୁ ପରମାନନ୍ଦ ଦାନ କରି କରି ଏହି ବାଟେ ଯାଇନାହାନ୍ତି ତ ?" "ଆଗୋ ! ଦେଖ, ଦେଖ; ଏ ପାଖରୁ ପ୍ରାଣପତି ଶ୍ରୀକୃଷ୍ଣଙ୍କର କୁନ୍ଦଜଳି ମାଳାର ମନୋହର ସୁଗନ୍ଧ ଆସୁଛି । ଯେଉଁ କୁନ୍ଦଜଳି ମାଳା ତାଙ୍କର ପରମ ପ୍ରେୟସୀର ଅଙ୍ଗସଙ୍ଗ ଫଳରେ ତା'ର କୁଚକୁଙ୍କୁମଦ୍ୱାରା ଅନୁରଞ୍ଜିତ ହୋଇ ରହୁଥାଏ, ଏହା ସେହି ମାଳାର ଗନ୍ଧ ଗୋ !" ॥ ୧୧ ॥ "ହେ ତରୁବର ! ଆମ ପ୍ରାଣପ୍ରିୟତମଙ୍କ ବନମାଳାର ତୁଳସୀରୁ ଏପରି ସୁଗନ୍ଧ ବହଟୁଥାଏ ଯେ, ସେହି ସୁଗନ୍ଧଲୋଭରେ ନିଶ୍ଚୟ ମତୁଆଲା ଭ୍ରମରମାନେ ତାଙ୍କୁ ଘେରି ରହିଥିବେ । ସେ ଗୋଟିଏ ହାତରେ ଲୀଳାକମଳ ଧରିଥିବେ ଏବଂ ଆର ହାତଟି ପ୍ରେୟସୀର କାନ୍ଧରେ ରଖିଥିବେ । ଆମଠାରୁ ସେହି ପ୍ରିୟ ଶ୍ୟାମସୁନ୍ଦର ନିଶ୍ଚୟ ଏହି ବାଟେ ଯାଇଥିବେ । ଯାହା ଜଣା ପଡୁଛି, ତୁମେ ତାଙ୍କୁ ପ୍ରଣାମ କରିବାକୁ ଏପରି ନଇଁପଡ଼ିଛ । ସେ ତାଙ୍କର କଟାକ୍ଷରେ ତୁମ ପ୍ରଣାମର ଅଭିନନ୍ଦନ ଜଣେଇ ନା ନାହିଁ ?" ॥ ୧୨ ॥ "ଆଗୋ ସଖୀ ! ଏ ଲତାମାନଙ୍କୁ ପଗ୍ଭରି ବୁଝିଲ । ଏମାନେ ଏମାନଙ୍କ ପତି ବୃକ୍ଷମାନଙ୍କୁ ନିଜର ଭୁଜପାଶରେ ଛନ୍ଦି ଆଲିଙ୍ଗନ କଲେ ବି କଣ ହେଲା ! ଏମାନଙ୍କ ଶରୀରରେ ଯେଉଁ ପୁଲକ ଉଠୁଛି, ରୋମାଞ୍ଚ ହେଉଛି, ତାହା ନିଶ୍ଚେଁ ଭଗବାନଙ୍କର ନଖସ୍ପର୍ଶ ହେତୁ ହିଁ ହେଉଛି । ଆହା ! ଏମାନଙ୍କର କେଡ଼େ ସୌଭାଗ୍ୟ !" ॥ ୧୩ ॥

ପୃଚ୍ଛତେମା ଲତା ବାହୂନପ୍ୟାଶ୍ଲିଷ୍ଟା ବନସ୍ପତେଃ ।
ନୂନଂ ତତ୍କରଜସ୍ପୃଷ୍ଟା ବିଭ୍ରତ୍ୟୁତ୍ପୁଲକାନ୍ୟହୋ ॥ ୧୩

ଇତ୍ୟୁନ୍ମଦବଗ୍ଗ୍ୟ ଗୋପ୍ୟଃ କୃଷ୍ଣାନ୍ୱେଷଣକାତରାଃ ।
ଲୀଳା ଭଗବତସ୍ତାସ୍ତା ହ୍ୟନୁଚକ୍ରୁସ୍ତଦାତ୍ମିକାଃ ॥ ୧୪

ହେ ପରୀକ୍ଷିତ ! ପ୍ରେମବାତୁଳା ଗୋପୀମାନେ ଏପରିଭାବରେ ପ୍ରଳାପ କରି କରି ଭଗବାନ ଶ୍ରୀକୃଷ୍ଣଙ୍କୁ ଖୋଜି ଖୋଜି ଅତ୍ୟନ୍ତ କାତର ହେଉଥିଲେ । ସମୟକ୍ରମେ ଆହୁରି ଗାଢ଼ ଆବେଶ ଆସିଯିବାରୁ ସେମାନେ ଭଗବନ୍ମୟ ହୋଇ ଭଗବାନଙ୍କର ବିଭିନ୍ନ ଲୀଳା ଅନୁକରଣ କରିବାକୁ ଲାଗିଲେ ॥ ୧୪ ॥ କେହି ଜଣେ ପୂତନା ହୋଇଗଲା ତ, ଅନ୍ୟ ଜଣେ କୃଷ୍ଣ ହୋଇ ତାର ସ୍ତନ୍ୟପାନ କରିବାର ଅଭିନୟ କଲା । ଜଣେ ଶଗଡ଼ ହୋଇଗଲା ତ, ଆଉ ଜଣେ ବାଳକୃଷ୍ଣ ହୋଇ ଜାନ୍ଦିବାର ଅଭିନୟ କରି ତାକୁ ଗୋଇଠା ମାରି ଓଲଟାଇଦେଲା ॥ ୧୫ ॥

କସ୍ୟାଶ୍ଚିତ୍ପୂତନାଯନ୍ତ୍ୟାଃ କୃଷ୍ଣାୟନ୍ତ୍ୟପିବତ୍ ସ୍ତନମ୍ ।
ତୋକାୟିତ୍ୱା ରୁଦତ୍ୟନ୍ୟା ପଦାହନ୍ଶକଟାୟତାମ୍ ॥ ୧୫

ଦୈତ୍ୟାୟିତ୍ୱା ଜହାରାନ୍ୟାମେକା କୃଷ୍ଣାର୍ଭିଭାବନାମ୍ ।
ରିଙ୍ଗୟାମାସ କାପ୍ୟଙ୍ଗ୍ରୀ କର୍ଷନ୍ତୀ ଘୋଷନିଃସ୍ୱନୈଃ ॥ ୧୬

ଜଣେ ସଖୀ ବାଳକୃଷ୍ଣ ହୋଇ ବସିଗଲା ତ, ଆଉ ଜଣେ ତୃଣାବର୍ତ୍ତ ହୋଇ ତାକୁ ଟେକି ନେଇଗଲା । ଜଣେ ଗୋପୀ ହାତରେ ଭରା ଦେଇ ଆଣ୍ଠେଇ ଆଣ୍ଠେଇ, ପାଦ ଘୋଷାରି ଘୋଷାରି ଗଲିଲାରୁ ତା' ପାଦର ପାଉଁଜି ରୁଣୁଝୁଣୁ ହୋଇ ବାଜିଲା ॥ ୧୬ ॥ କେହି ଜଣେ କୃଷ୍ଣ ହେଲା ତ, ଆଉ କେହି ହୋଇଗଲା ବଳରାମ ଏବଂ ଅନ୍ୟ କେତେକ ଗୋପୀ ଗୋପାଳବାଳକଙ୍କ ରୂପ ଧରିନେଲେ । ଜଣେ ଗୋପୀ ବତ୍ସାସୁର ହୋଇଗଲା ତ, ଆଉ ଜଣେ ହୋଇଗଲା ବକାସୁର । ତା'ପରେ ଅନ୍ୟ ଗୋପୀମାନେ ଭିନ୍ନ ଭିନ୍ନ କୃଷ୍ଣରୂପ ହୋଇ ବକାସୁର ଓ ବତ୍ସାସୁରକୁ ମାରିବାର ଲୀଳା କଲେ ॥ ୧୭ ॥ ଶ୍ରୀକୃଷ୍ଣ ଯେପରି ବନରେ ଗାଇ ଚରାଉଥିଲେ, ତାହା ଅନୁକରଣ କରି ଜଣେ ଗୋପୀ ବଂଶୀ ବଜାଇ ବଜାଇ ଦୂରକୁ ଗଲିଯାଇଥିବା ଗାଈଗୋରୁଙ୍କୁ ପାଖକୁ ଡାକିବାର ଅଭିନୟ କଲା । ତାହା ଦେଖି ଅନ୍ୟ ଗୋପୀମାନେ 'ବାଃ ! ବାଃ!' କହି ତାକୁ ପ୍ରଶଂସା କରିବାକୁ ଲାଗିଲେ ॥ ୧୮ ॥ ଜଣେ ଗୋପୀ ନିଜକୁ ଶ୍ରୀକୃଷ୍ଣ ଭାବି ଅନ୍ୟ ଜଣେ ସଖୀର ବେକରେ ହାତ ପକାଇ ଝୁଲି ଝୁଲି ଗଲିଲା ଓ ଅନ୍ୟମାନଙ୍କୁ କହିଲା, "ଆଗୋ ମିତ ! ମୁଁ ଶ୍ରୀକୃଷ୍ଣ; ତୁମେ ମୋର ସୁନ୍ଦର ଗତି ଦେଖ ।" ॥ ୧୯ ॥ ଅନ୍ୟ କେହି ଜଣେ ଗୋପୀ ଶ୍ରୀକୃଷ୍ଣ ହୋଇ କହୁଥାଏ, "ଆହେ ବ୍ରଜବାସୀଗଣ ! ତୁମେ ଏ ବର୍ଷାପବନକୁ ଡର ନାହିଁ; ମୁଁ ଏଥିରୁ ରକ୍ଷା ପାଇବାର ଉପାୟ ବାହାର କରିସାରିଛି ।" ଏପରି କହି ସେ ଗୋବର୍ଦ୍ଧନ ଧାରଣର ଅଭିନୟ କଲା ଏବଂ ନିଜ ମୁଣ୍ଡର ଓଢ଼ଣାଟିକୁ ଟେକିଧରିଲା ॥ ୨୦ ॥ ଜଣେ ଗୋପୀ ମିଛମିଛିକା କାଳିୟନାଗ ହୋଇଗଲା । ଆଉ ଜଣେ ଗୋପୀ ମିଛମିଛିକା କୃଷ୍ଣ ହୋଇ ତା ମୁଣ୍ଡରେ ପାଦ ରଖି ପାଟି କରି କହିଲା, "ରେ ଦୁଷ୍ଟ ସର୍ପ ! ତୁ ଏଠୁ ପଳା । ଯାଉଛୁ ନା ନାହିଁ ? ଜାଣିଥା, ମୁଁ ଦୁଷ୍ଟମାନଙ୍କୁ ଦଳନ କରିବାକୁ ଜାତ ହୋଇଛି ।" ॥ ୨୧ ॥ ଏପରି ଲୀଳାଅନୁକରଣ ଚାଲିଛି, ସେପଟୁ ଆଉ ଜଣେ ଗୋପୀ ପାଟି କରି ଉଠିଲା, "ଆରେ ଗୋପାଳମାନେ ! ଦେଖ, ଦେଖ ! ବଣରେ ଭୀଷଣ ନିଆଁ ଲାଗିଗଲା । ତୁମେସବୁ ଶୀଘ୍ର ଆଖି ବନ୍ଦ କରିଦିଅ; ମୁଁ ତୁମକୁ ଅନାୟାସରେ ରକ୍ଷା କରିଦେବି ।" ॥ ୨୨ ॥ ଜଣେ ଗୋପୀ ହୋଇଗଲା ଯଶୋଦା ଏବଂ ଆଉ ଜଣେ ହୋଇଗଲା କୃଷ୍ଣ । ଯଶୋଦା ଫୁଲମାଳାରେ ଶ୍ରୀକୃଷ୍ଣଙ୍କୁ ମିଛ ଉଦୂଖଳରେ ବାନ୍ଧିଦେଲା ଏବଂ ଶ୍ରୀକୃଷ୍ଣ ହୋଇଥିବା ସୁନ୍ଦରୀ ଗୋପୀଟିଏ ହାତରେ ନିଜ ମୁହଁ ଘୋଡ଼ାଇ ଭୟଭୀତ ହେବାର ଅଭିନୟ କଲା ॥ ୨୩ ॥

କୃଷ୍ଣରାମାୟିତେ ଦ୍ୱେ ତୁ ଗୋପାୟନ୍ତ୍ୟଶ୍ଚ କାଶ୍ଚନ ।
ବତ୍ସାୟତୀଂ ହନ୍ତି ଗୃନ୍ୟା ତତ୍ରୈକା ତୁ ବକାୟତୀମ୍ ॥ ୧୭

ଆହୂୟ ଦୂରଗା ଯଦ୍ୱତ୍ କୃଷ୍ଣସ୍ୟମନୁକୁର୍ବତୀମ୍ ।
ବେଣୁଂ କ୍ୱଣନ୍ତୀଂ କ୍ରୀଡ଼ନ୍ତୀମନ୍ୟାଃ ଶଂସନ୍ତି ସାଧ୍ୱିତି ॥ ୧୮

କସ୍ୟାଂଚିତ୍ ସ୍ୱଭୁଜଂ ନ୍ୟସ୍ୟ ଚଳନ୍ତ୍ୟାହାପରା ନନୁ ।
କୃଷ୍ଣୋଽହଂ ପଶ୍ୟତ ଗତିଂ ଲଳିତାମିତି ତନ୍ମନାଃ ॥ ୧୯

ମା ଭୈଷ୍ଟ ବାତବର୍ଷାଭ୍ୟାଂ ତତ୍ତ୍ରାଣଂ ବିହିତଂ ମୟା ।
ଇତ୍ୟୁତ୍ପୈକେନ ହସ୍ତେନ ଯତନ୍ତ୍ୟୁତ୍କିଦଧେମ୍ବରମ୍ ॥ ୨୦

ଆରୁହ୍ୟୈକା ପଦାଽଽକ୍ରମ୍ୟ ଶିରସ୍ୟାହାପରାଂ ନୃପ ।
ଦୁଷ୍ଟାହେ ଗଚ୍ଛ ଜାତୋଽହଂ ଖଳାନାଂ ନନୁ ଦଣ୍ଡଧୃକ୍ ॥ ୨୧

ତତ୍ରୈକୋବାଚ ହେ ଗୋପା ଦାବାଗ୍ନିଂ ପଶ୍ୟତୋଲ୍ବଣମ୍ ।
ଚକ୍ଷୂଂଷ୍ୟାଶ୍ୱପିଦଧ୍ୱଂ ବୋ ବିଧାସ୍ୟେ କ୍ଷେମମଞ୍ଜସା ॥ ୨୨

ବଦ୍ଧାନ୍ୟୟା ସ୍ରଜା କାଚିଦୂନ୍ନୀ ତତ୍ର ଉଲୂଖଳେ ।
ଭୀତା ସୁଦୃକ୍ ପିଧାୟାସ୍ୟଂ ଭେଜେ ଭୀତିବିଡ଼ମ୍ବନମ୍ ॥ ୨୩

ଏବଂ କୃଷ୍ଣଂ ପୃଚ୍ଛମାନା ବୃନ୍ଦାବନଲତାସ୍ତରୂନ୍ ।
ବ୍ୟଚକ୍ଷତ ବନୋଦ୍ଦେଶେ ପଦାନି ପରମାତ୍ମନଃ ॥ ୨୪

ପଦାନି ବ୍ୟକ୍ତମେତାନି ନନ୍ଦସୂନୋର୍ମହାତ୍ମନଃ ।
ଲକ୍ଷ୍ୟନ୍ତେ ହି ଧ୍ୱଜାମ୍ଭୋଜବଜ୍ରାଙ୍କୁଶଯବାଦିଭିଃ ॥ ୨୫

ତୈସ୍ତୈଃ ପଦୈଷ୍ପଦବୀମନ୍ୱିଚ୍ଛତ୍ୟ୍ୟଗ୍ରତୋଽବଳାଃ ।
ବଧ୍ୱାଃ ପଦୈଃ ସୁପ୍ରକ୍ତାନି ବିଲୋକ୍ୟାର୍ତ୍ତାଃ ସମବ୍ରବନ୍ ॥ ୨୬

କସ୍ୟାଃ ପଦାନି ତୈତାନି ଯାତାୟା ନନ୍ଦସୂନୁନା ।
ଅଂସନ୍ୟସ୍ତପ୍ରକୋଷ୍ଠାୟାଃ କରେଣୋଃ କରିଣା ଯଥା ॥ ୨୭

ଅନୟାଽରାଧିତୋ ନୂନଂ ଭଗବାନ୍ ହରିରୀଶ୍ୱରଃ ।
ଯନ୍ନୋ ବିହାୟ ଗୋବିନ୍ଦଃ ପ୍ରୀତୋ ଯାମନୟଦ୍ ରହଃ ॥ ୨୮

ଧନ୍ୟା ଅହୋ ଅମୀ ଆଳ୍ୟୋ ଗୋବିନ୍ଦାଙ୍ଘ୍ର୍ୟବ୍ଜରେଣବଃ ।
ଯାନ୍ ବ୍ରହ୍ମେଶୋ ରମା ଦେବୀ ଦଧୁର୍ମୂର୍ଦ୍ଧ୍ନ୍ୟଘନୁତ୍ତୟେ ॥ ୨୯

ତସ୍ୟା ଅମୂନି ନଃ କ୍ଷୋଭଂ କୁର୍ବନ୍ତ୍ୟୁଚ୍ଚୈଃ ପଦାନି ଯତ୍ ।
ଯୈକାପହୃତ୍ୟ ଗୋପୀନାଂ ରହୋ ଭୁଙ୍କ୍ତେଽଚ୍ୟୁତାଧରମ୍ ॥ ୩୦

ନ ଲକ୍ଷ୍ୟନ୍ତେ ପଦାନ୍ୟତ୍ର ତସ୍ୟା ନୂନଂ ତୃଣାଙ୍କୁରୈଃ ।
ଖିଦ୍ୟତ୍ସୁଜାତାଙ୍ଘ୍ରିତଳାମୁନ୍ନିନ୍ୟେ ପ୍ରେୟସୀଂ ପ୍ରିୟଃ ॥ ୩୧

ହେ ପରୀକ୍ଷିତ ! ଏପରିଭାବରେ ଲୀଳା ଅନୁକରଣ କରି କରି ଗୋପୀମାନେ ବୃନ୍ଦାବନର ବୃକ୍ଷ ଓ ଲତାମାନଙ୍କୁ ତାରମ୍ଭର କୃଷ୍ଣ କେଉଁଆଡ଼େ ଗଲେ ବୋଲି ପଗ୍ଭରୁଥାନ୍ତି । ଇତିମଧ୍ୟରେ ସେମାନେ ଗୋଟିଏ ସ୍ଥାନରେ ଶ୍ରୀକୃଷ୍ଣଙ୍କ ପାଦଚିହ୍ନ ଦେଖିବାକୁ ପାଇଲେ ॥ ୨୪ ॥ ସେମାନେ ନିଜ ନିଜ ମଧ୍ୟରେ କୁହାକୁହି ହେଲେ, "ଏହି ପାଦଚିହ୍ନ ନିଶ୍ଚୟ ଉଦାରଶିରୋମଣି ନନ୍ଦନନ୍ଦନ ଶ୍ୟାମସୁନ୍ଦରଙ୍କର ହିଁ ହୋଇଥିବ; କାରଣ ଦେଖୁନା, ଏଥିରେ ଧ୍ୱଜା, ପଦ୍ମ, ବଜ୍ର, ଅଙ୍କୁଶ ଏବଂ ଯବଧାନର ଚିହ୍ନ ସ୍ପଷ୍ଟରୂପେ ଦେଖାଯାଉଛି ॥ ୨୫ ॥ ସେହି ଚରଣଚିହ୍ନ ଯେଉଁ ଆଡ଼କୁ ପଡ଼ି ପଡ଼ି ଯାଇଥିଲା, ତାହାକୁ ବାରି ବାରି ଗୋପୀମାନେ ବ୍ରଜବଲ୍ଲଭ ଭଗବାନଙ୍କୁ ଖୋଜି ଖୋଜି ଆଗକୁ ଗଲିଲେ । ଏପରି ଯାଉ ଯାଉ ସେମାନେ ଶ୍ରୀକୃଷ୍ଣଙ୍କ ପାଦଚିହ୍ନ ସହିତ ଜୌଣସି ବ୍ରଜଯୁବତୀର ପାଦଚିହ୍ନ ପଡ଼ିଥିବାର ମଧ୍ୟ ଦେଖିବାକୁ ପାଇଲେ । ତାହା ଦେଖି ସେମାନେ ବ୍ୟାକୁଳ ହୋଇଗଲେ ଏବଂ ପରସ୍ପର ମଧ୍ୟରେ କୁହାକୁହି ହେଲେ, ॥ ୨୬ ॥ "ହାତୁଣା ଯେପରି ତା'ର ପ୍ରିୟତମ ଗଜରାଜ ସହିତ ଗଲିଥାଏ, ନନ୍ଦନନ୍ଦନ ଶ୍ୟାମସୁନ୍ଦରଙ୍କ କାନ୍ଧରେ ହାତ ପକାଇ ତାଙ୍କ ସହିତ ସେହି ଭାଗ୍ୟବତୀ ନିଶ୍ଚୟ ସେହିପରି ଗଲିଥିବ । ଏହା ହେଉଛି ସେହି ଭାଗ୍ୟବତୀର ପାଦଚିହ୍ନ ॥ ୨୭ ॥ ସେ ନିଶ୍ଚୟ ସର୍ବଶକ୍ତିମାନ୍ ଭଗବାନ ଶ୍ରୀକୃଷ୍ଣଙ୍କର 'ଆରାଧିକା' ହୋଇଥିବ । ସେଇଥିପାଇଁ ତା'ଉପରେ ପ୍ରସନ୍ନ ହୋଇ ଆମର ପ୍ରାଣପ୍ରିୟ ଶ୍ୟାମସୁନ୍ଦର ଆମକୁ ଛାଡ଼ିଦେଇ ତାକୁ ଧରି ଏକାନ୍ତକୁ ଗଲିଗଲେ ॥ ୨୮ ॥ ଆଗୋ ପ୍ରିୟ ସଖୀ ! ଶ୍ରୀକୃଷ୍ଣ ତାଙ୍କ ଚରଣକମଳରେ ଯେଉଁ ରଜ (ଧୂଳି, ବାଲି)କୁ ଛୁଇଁ ଦିଅନ୍ତି, ତାହା ଧନ୍ୟ ହୋଇଯାଏ । ସେହି ରଜର ଅହୋଭାଗ୍ୟ ! କାରଣ ବ୍ରହ୍ମା, ଶଙ୍କର ଓ ଲକ୍ଷ୍ମୀ ଆଦି ମଧ୍ୟ ନିଜ ନିଜର ଅଶୁଭ ନାଶ କରିବା ନିମନ୍ତେ ସେହି ରଜକୁ ମସ୍ତକରେ ଧାରଣ କରନ୍ତି ॥ ୨୯ ॥" "ଆଗୋ ସଖୀ ! ସେ ଯାହା ହେଉ, ଏ ଯେଉଁ ସଖୀଟି ଆମର ସର୍ବସ୍ୱ ଶ୍ରୀକୃଷ୍ଣଙ୍କୁ ଏକାନ୍ତକୁ ଡାକିନେଇ ଏକାକୀ ତାଙ୍କର ଅଧରସୁଧା ପାନ କରୁଛି, ତାର ଏହି ପାଦଚିହ୍ନ ଦେଖି ଆମ ହୃଦୟ ଭିତରଟା ମଞ୍ଚି ହୋଇଯାଉଛି ।" ॥ ୩୦ ॥

(ଆଉ କିଛି ବାଟ ଯିବା ପରେ ଜଣେ ଗୋପୀ କହିଲା,) "ଆଗୋ ଦେଖ, ଦେଖ; ଏଠାରେ ତ କାହିଁ ସେହି ଗୋପୀର ପାଦଚିହ୍ନ ଆଉ ଦେଖାଯାଉନି ! ଲାଗୁଛି, ଏଠାରେ ପ୍ରିୟ ଶ୍ୟାମସୁନ୍ଦର ଭାବିଲେ ଯେ, ତାଙ୍କ ପ୍ରେୟସୀର ସୁକୋମଳ ପାଦରେ ଟାଆଁଶୀ ଘାସ କଣ୍ଟା ପରି ଗଳିଯିବ; ତେଣୁ ସେ ତାକୁ ନିଜ କାନ୍ଧରେ ବସାଇ

ଇମାନ୍ୟଧିକମଗ୍ନାନି ପଦାନି ବହତୋ ବଧୂମ୍ ।
ଗୋପ୍ୟଃ ପଶ୍ୟତ କୃଷ୍ଣସ୍ୟ ଭାରାକ୍ରାନ୍ତସ୍ୟ କାମିନଃ ॥ ୩୨

ଅତ୍ରାବରୋପିତା କାନ୍ତା ପୁଷ୍ପହେତୋର୍ମହାତ୍ମନା ।
ଅତ୍ର ପ୍ରସୂନାବଚୟଃ ପ୍ରିୟାର୍ଥେ ପ୍ରେୟସା କୃତଃ ।
ପ୍ରପଦାକ୍ରମଣେ ଏତେ ପଶ୍ୟତାସକଳେ ପଦେ ॥ ୩୩

କେଶପ୍ରସାଧନଂ ତ୍ୱତ୍ର କାମିନ୍ୟାଃ କାମିନା କୃତମ୍ ।
ତାନି ବୃଡ଼ୟତା କାନ୍ତାମୁପବିଷ୍ଟମିହ ଧ୍ରୁବମ୍ ॥ ୩୪

ରେମେ ତୟା ଗ୍ମୃଗତ ଆତ୍ମାରାମୋଽପ୍ୟଖଣ୍ଡିତଃ ।
କାମିନାଂ ଦର୍ଶୟନ୍ ଦୈନ୍ୟଂ ସ୍ତ୍ରୀଣାଂ ଚୈବ ଦୁରାତ୍ମତାମ୍ ॥ ୩୫

ଇତ୍ୟେବଂ ଦର୍ଶୟନ୍ତ୍ୟସ୍ତାଶ୍ଚେରୁର୍ଗୋପ୍ୟୋ ବିଚେତସଃ ।
ଯାଂ ଗୋପୀମନୟତ୍ କୃଷ୍ଣୋ ବିହାୟାନ୍ୟାଃ ସ୍ତ୍ରିୟୋ ବନେ ॥ ୩୬

ସା ଚ ମେନେ ତଦାତ୍ମାନଂ ବରିଷ୍ଠଂ ସର୍ବଯୋଷିତାମ୍ ।
ହିତ୍ୱା ଗୋପୀଃ କାମୟାନା ମାମସୌ ଭଜତେ ପ୍ରିୟଃ ॥ ୩୭

ନେଇଥିବେ ।" ॥ ୩୧ ॥ (ଆଉ କିଛି ବାଟ ଯିବା ପରେ ଅନ୍ୟ ଜଣେ କହିଲା,) "ଆଗୋ ସଖୀମାନେ ! ଏଠି ଦେଖ, ପ୍ରିୟ ଶ୍ରୀକୃଷ୍ଣଙ୍କ ଚରଣଚିହ୍ନ ଏଠାରେ ଅଧିକ ଗହିରିଆ ଦେଖାଯାଉଛି—ବାଲିରେ ପାଦ ପୋତି ହୋଇଯାଇଛି । ଏଥିରୁ ଜଣାପଡୁଛି, ସେ କିଛି ଭାରୀ ଜିନିଷ ଧରି ଗଲୁଥିଲେ; ତା'ରି ଭାରରେ ତାଙ୍କ ପାଦ ବାଲିଆ ମାଟିରେ ଦବି ଯାଇଛି । ତୁମେ ଯାହା କୁହ, ସେହି ପ୍ରେମମୂର୍ତ୍ତି ଶ୍ରୀକୃଷ୍ଣ ତାଙ୍କ ପ୍ରିୟତମାକୁ ନିଶ୍ଚୟ କାନ୍ଧରେ ବସାଇ ନେଇଥିବେ ।" ॥ ୩୨ ॥ (ଆଉ କିଛି ଦୂର ଯିବା ପରେ) "ଆଗୋ ! ଦେଖ, ଦେଖ । ପରମ ପ୍ରେମୀ ବ୍ରଜସୁନ୍ଦର ଫୁଲ ତୋଳିବା ପାଇଁ ତାଙ୍କ ପ୍ରେୟସୀକୁ ଏଠାରେ କାନ୍ଧରୁ ଓହ୍ଲାଇ ଦେଇଛନ୍ତି । ସେ ତାଙ୍କ ପ୍ରେୟସୀ ପାଇଁ ଫୁଲ ତୋଳିଛନ୍ତି । ଉହୁଁକି ଉହୁଁକି ଗଛଡାଳରୁ ଫୁଲ ତୋଳିଥିବାରୁ ଏଠାରେ ତାଙ୍କ ପାଦର ପଞ୍ଜା ତ ମାଟିରେ ଦବିଯାଇଛି, କିନ୍ତୁ ଗୋଇଠି ମାଟିରେ ବାଜି ନାହିଁ । ସେଥିପାଇଁ ଏଠାରେ ଗୋଇଠିର ଚିହ୍ନ ନାହିଁ ।" ॥ ୩୩ ॥ (ଆଉ ଟିକିଏ ଆଗକୁ ଯାଇ ଅନ୍ୟ ଜଣେ ଗୋପୀ କହିଲା), "ଦେଖ, ଦେଖ । ପରମପ୍ରେମୀ ଶ୍ରୀକୃଷ୍ଣ ଏଠାରେ ବୋଧହୁଏ ତାଙ୍କ ପ୍ରେୟସୀର କେଶକୁ ସାଉଁଳିଛନ୍ତି ଏବଂ ତୋଳି ଆଣିଥିବା ଫୁଲ ତା'ମୁଣ୍ଡରେ ଖୋସି ଦେବାଲାଗି ଏଠାରେ ନିଶ୍ଚୟ ବସିଥିବେ ।" ॥ ୩୪ ॥ ହେ ପରୀକ୍ଷିତ ! ଭଗବାନ ଶ୍ରୀକୃଷ୍ଣ ହେଉଛନ୍ତି ଆତ୍ମାରାମ । ସେ ନିଜେ ନିଜ ମଧ୍ୟରେ ସନ୍ତୁଷ୍ଟ ଓ ପୂର୍ଣ୍ଣ । ତାଙ୍କ ଭିତରେ ଅନ୍ୟ କାହାର ଆଗୌ ସ୍ଥାନ ନାହିଁ—ଦ୍ୱିତୀୟ ସତ୍ତା ନାହିଁ; ତେଣୁ ତାଙ୍କ ଠାରେ କାମବାସନା ଥିବାର କଳ୍ପନା କିପରି କରାଯାଇ ପାରିବ ? ତଥାପି ସେ କାମୀମାନଙ୍କର ଦୀନତା ବା ସ୍ତ୍ରୀପରବଶତା ଆଦି ଦେଖାଇବା ନିମନ୍ତେ ସେଠାରେ ସେହି ଗୋପୀଟି ସହିତ ଟିକିଏ କ୍ରୀଡ଼ା କରିଥିଲେ—ଏକ ଖେଳ ଖେଳିଥିଲେ ॥ ୩୫ ॥

ଏପରିଭାବରେ ଗୋପୀମାନେ ପ୍ରେମବାତୁଳୀ ହୋଇ ଓ ଚେତାଚେତନ୍ୟ ହରାଇ, ଏକ ଆରେକଜଣକୁ ଶ୍ରୀକୃଷ୍ଣଙ୍କ ପାଦଚିହ୍ନ ଦେଖାଇ ଦେଖାଇ, ଏ ବନ ସେ ବନ ହୋଇ ବୁଲୁଥାନ୍ତି । ସେପଟେ ଭଗବାନ ଶ୍ରୀକୃଷ୍ଣ ଅନ୍ୟ ଗୋପୀମାନଙ୍କୁ ବନରେ ଛାଡ଼ିଦେଇ ଯେଉଁ ଭାଗ୍ୟବତୀ ଗୋପୀଟିକୁ ଏକାନ୍ତକୁ ନେଇଯାଇଥିଲେ, ସେ ଭାବିଲା, ସେ ହିଁ ସବୁଗୋପୀଙ୍କ ଭିତରେ ଶ୍ରେଷ୍ଠ; ସେଥିପାଇଁ ତ ତାର ପ୍ରିୟତମ ଶ୍ରୀକୃଷ୍ଣ ତାଙ୍କୁ ଏତେ ଭଲ ପାଉଥିବା ଅନ୍ୟ ଗୋପୀମାନଙ୍କୁ ଛାଡ଼ିଦେଇ କେବଳ ତାକୁ ହିଁ ଶ୍ରେଷ୍ଠ ମଣିଲେ; ତାକୁ ହିଁ ଆଦର କଲେ ॥ ୩୬,୩୭ ॥

ତତୋ ଗତ୍ୱା ବନୋଦ୍ଦେଶଂ ଦୃପ୍ତା କେଶବମବ୍ରବୀତ୍ ।
ନ ପାରୟେଽହଂ ଚଳିତୁଂ ନୟ ମାଂ ଯତ୍ର ତେ ମନଃ ॥ ୩୮

ଏବମୁକ୍ତଃ ପ୍ରିୟାମାହ ସ୍କନ୍ଧ ଆରୁହ୍ୟତାମିତି ।
ତତଶ୍ଚାନ୍ତର୍ଦଧେ କୃଷ୍ଣଃ ସା ବଧୂରନ୍ୱତପ୍ୟତ ॥ ୩୯

ହା ନାଥ ରମଣ ପ୍ରେଷ୍ଠ କ୍ୱାସି କ୍ୱାସି ମହାଭୁଜ ।
ଦାସ୍ୟାସ୍ତେ କୃପଣାୟା ମେ ସଖେ ଦର୍ଶୟ ସନ୍ନିଧିମ୍ ॥ ୪୦

ଅନ୍ୱିଚ୍ଛନ୍ତ୍ୟୋ ଭଗବତୋ ମାର୍ଗଂ ଗୋପ୍ୟଃ ବିଦୂରତଃ ।
ଦଦୃଶୁଃ ପ୍ରିୟବିଶ୍ଳେଷମୋହିତାଂ ଦୁଃଖିତାଂ ସଖୀମ୍ ॥ ୪୧

ତୟା ଈଥିତମାକର୍ଣ୍ୟ ମାନପ୍ରାପ୍ତିଂ ଚ ମାଧବାତ୍ ।
ଅବମାନଂ ଚ ଦୌରାତ୍ମ୍ୟାଦ୍ ବିସ୍ମୟଂ ପରମଂ ଯଯୁଃ ॥ ୪୨

ତତୋଽବିଶଦ୍ ବନଂ ଚନ୍ଦ୍ରଜ୍ୟୋତ୍ସ୍ନା ଯାବତ୍ ବିଭାବ୍ୟତେ ।
ତମଃ ପ୍ରବିଷ୍ଟମାଲକ୍ଷ୍ୟ ତତୋ ନିବବୃତୁଃ ସ୍ତ୍ରିୟଃ ॥ ୪୩

ତନ୍ମନସ୍କାସ୍ତଦାଳାପାସ୍ତଦ୍ବିଚେଷ୍ଟାସ୍ତଦାତ୍ମିକାଃ ।
ତଦ୍ଗୁଣାନେବ ଗାୟନ୍ତ୍ୟୋ ନାତ୍ମାଗାରାଣି ସସ୍ମରୁଃ ॥ ୪୪

ସେହି ଗୋପୀ ବନକୁ ଯାଇ ନିଜର ପ୍ରେମ ଓ ସୌଭାଗ୍ୟର ମଦରେ ମତୁଆଲା ହୋଇଗଲା ଓ ଶ୍ରୀକୃଷ୍ଣଙ୍କୁ କହିଲା, "ହେ ପ୍ରିୟତମ ! ମୁଁ ଆଉ ଗଲିପାରିବି ନାହିଁ। ମୋର ସୁକୁମାର ପାଦ ଥକି ଗଲାଣି। ଏଆଉ ତୁମେ ଯେଉଁଠିକି ଯିବାକୁ ଗ୍ରହୁଁଛ, ମୋତେ କାନ୍ଧରେ ବସାଇ ସେଠାକୁ ନେଇଗ୍ଭଲ।" ॥ ୩୮ ॥ ପ୍ରିୟତମାର ଏହି କଥା ଶୁଣି ଶ୍ୟାମସୁନ୍ଦର କହିଲେ, "ଆଚ୍ଛା ପ୍ରିୟେ, ତୁମେ ଏଥର ମୋ କାନ୍ଧରେ ଚଢ଼ିଯାଅ।" ତାହା ଶୁଣି ସେହି ଗୋପୀ ତାଙ୍କ କାନ୍ଧରେ ଚଢ଼ିବାକୁ ବାହାରିଲାମାତ୍ରେ ତତ୍କ୍ଷଣାତ୍ ଶ୍ରୀକୃଷ୍ଣ ଅନ୍ତର୍ଦ୍ଧାନ ହୋଇଗଲେ ଓ ସେହି ଗୋପୀ ଜାଡି ଜାଡି ଏହିରୂପେ ଅନୁତାପ କରିବାକୁ ଲାଗିଲା—॥ ୩୯ ॥ "ହା ନାଥ ! ହା ରମଣ ! ହା ପ୍ରିୟତମ ! ହା ମହାବାହୁ ! ତୁମେ କୁଆଡ଼େ ଗଲିଗଲ? କାହିଁ ଗଲ? କେଉଁଠି ଅଛ? ହେ ମୋର ସଖା ! ମୁଁ ତୁମର ଦୀନାହୀନା ଦାସୀ। ଶୀଘ୍ର ମୋତେ ତୁମ ସାନ୍ନିଧ୍ୟ ପ୍ରଦାନ କରି ଦର୍ଶନ ଦିଅ।" ॥ ୪୦ ॥

ହେ ପରୀକ୍ଷିତ ! ଏଫଟେ ଗୋପୀମାନେ ଭଗବାନଙ୍କର ପାଦଚିହ୍ନ ବାରି ବାରି, ତାଙ୍କର ଯିବା ବାଟ ଖୋଜି ଖୋଜି ଯାଇ ତାହାରି ପାଖରେ ପହଞ୍ଚିଗଲେ। କିଛି ଦୂରରୁ ହିଁ ସେମାନେ ଦେଖିବାକୁ ପାଇଲେ ଯେ, ସେମାନଙ୍କର ସେହି ସଖୀଟି ପ୍ରିୟତମଙ୍କ ବିୟୋଗରେ ଦୁଃଖୀ ହୋଇ ଅଚେତ ହୋଇଯାଇଛି ॥ ୪୧ ॥ ସେମାନେ ଯାଇ ତାକୁ ଯେତେବେଳେ ଚେତା କରାଇଲେ, ସେତେବେଳେ ସେ ଭଗବାନ ଶ୍ରୀକୃଷ୍ଣଙ୍କ ଠାରୁ ଯେଉଁ ପ୍ରୀତି ଓ ଆଦର ସମ୍ମାନ ପାଇଥିଲା, ତାହା ସେମାନଙ୍କୁ ଶୁଣାଇଲା। ସେ ଆହୁରି ମଧ୍ୟ କହିଲା, "ମୁଁ ମୋ ଦୁର୍ବୁଦ୍ଧି ହେତୁ ତାଙ୍କ ପ୍ରେମକୁ ଆଦର କରି ନାହିଁ, ତେଣୁ ସେ ମୋ ପାଖରୁ ଅନ୍ତର୍ଦ୍ଧାନ ହୋଇଗଲେ।" ତା' କଥା ଶୁଣି ଗୋପୀମାନଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ ॥ ୪୨ ॥

ଏପରିଭାବରେ ବନରେ ଯେତେବାଟ ପର୍ଯ୍ୟନ୍ତ ଚନ୍ଦ୍ରକିରଣ ପଡ଼ିଥାଏ, ସେମାନେ ଶ୍ରୀକୃଷ୍ଣଙ୍କୁ ଖୋଜି ଖୋଜି ସେପର୍ଯ୍ୟନ୍ତ ଗଲେ। କିନ୍ତୁ ତା'ପରେ ଦେଖିଲେ, ଆଗକୁ ଘନ ଅରଣ୍ୟ ରହିଛି; ଚତୁର୍ଦ୍ଦିଗ ଅନ୍ଧକାର ଦେଖାଯାଉଛି। ସେମାନେ ଭାବିଲେ ଯେ, ସେମାନେ ଯଦି ଖୋଜିଗ୍ଭଲିବେ, ତେବେ ଶ୍ରୀକୃଷ୍ଣ ତା' ଭିତରେ ପଶି ଆହୁରି ଅଧିକ ଦୂରକୁ ଗ୍ଭଲିଯିବେ; ତେଣୁ ସେମାନେ ସେଠାରୁ ଫେରିଆସିଲେ ॥ ୪୩ ॥ ହେ ପରୀକ୍ଷିତ ! ଗୋପୀମାନଙ୍କର ମନ ଶ୍ରୀକୃଷ୍ଣମୟ ହୋଇଯାଇଥିଲା। ସେମାନଙ୍କ ମୁଖରୁ ଶ୍ରୀକୃଷ୍ଣଙ୍କ ଚର୍ଚ୍ଚା ଭିନ୍ନ ଅନ୍ୟ କୌଣସି କଥା ବାହାରୁ ନ ଥିଲା। ଶ୍ରୀକୃଷ୍ଣଙ୍କ ଚର୍ଚ୍ଚା କରି କରି, ତାହାଙ୍କର ବିଭିନ୍ନ ଲୀଳା ଅନୁକରଣ

ପୁନଃ ପୁଲିନମାଗତ୍ୟ କାଳିନ୍ଦ୍ୟାଃ କୃଷ୍ଣଭାବନାଃ ।
ସମବେତା ଜଗୁଃ କୃଷ୍ଣଂ ତଦାଗମନକାଙ୍କ୍ଷିତାଃ ॥ ୪୫

ଜରି ଜରି ଓ ତାହାଙ୍କର ଗୁଣଗାନ ଜରି ଜରି ଗୋପୀମାନେ ଏପରି କୃଷ୍ଣମୟ ହୋଇଗଲେ ଯେ, ସେମାନଙ୍କର ଆଉ ଦେହଚେତନା ରହିଲା ନାହିଁ। ଏପରି ସ୍ଥିତିରେ ସେମାନଙ୍କୁ ଘରକଥା ବା କିପରି ମନେ ପଡ଼ିବ ! ॥ ୪୪ ॥ ଶ୍ରୀକୃଷ୍ଣ କିପରି ଶୀଘ୍ର ପାଖକୁ ପଳାଇ ଆସିବେ ଏବଂ କିପରି ଶୀଘ୍ର ତାଙ୍କର ଦର୍ଶନ ମିଳିବ, ଗୋପୀମାନଙ୍କର ରୋମ ରୋମରେ କେବଳ ସେହି ଆକାଙ୍କ୍ଷା ରହିଥିଲା। ଶ୍ରୀକୃଷ୍ଣଙ୍କ ଭାବନାରେ ବୁଡ଼ିଗହି ସେମାନେ ଯମୁନାର ପବିତ୍ର ପୁଲିନକୁ ଫେରି ଆସିଲେ ଏବଂ ସେଠାରେ ସମସ୍ତେ ମିଶି ଏକାଠି ଏକସ୍ୱରରେ ଶ୍ରୀକୃଷ୍ଣଙ୍କ ଗୁଣଗାନ କରିବାକୁ ଲାଗିଲେ ॥ ୪୫ ॥

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ଦଶମସ୍କନ୍ଧେ ପୂର୍ବାର୍ଦ୍ଧେ ରାସକ୍ରୀଡ଼ାୟାଂ କୃଷ୍ଣାନ୍ୱେଷଣଂ ନାମ ତ୍ରିଂଶୋଽଧ୍ୟାୟଃ ॥ ୩୦ ॥

+++

ଅଥୈକତ୍ରିଂଶୋଽଧ୍ୟାୟଃ

ଗୋପିକାଗୀତ

ଗୋପ୍ୟ ଊଚୁଃ

ଜୟତି ତେଽଧିକଂ ଜନ୍ମନା ବ୍ରଜଃ
ଶ୍ରୟତ ଇନ୍ଦିରା ଶଶ୍ୱଦତ୍ର ହି ।
ଦୟିତ ଦୃଶ୍ୟତାଂ ଦିକ୍ଷୁ ତାବକା-
ସ୍ତ୍ୱୟି ଧୃତାସବସ୍ତ୍ୱାଂ ବିଚିନ୍ୱତେ ॥ ୧

ଶରଦୁଦାଶୟେ ସାଧୁଜାତସତ୍-
ସରସିଜୋଦରଶ୍ରୀମୁଷା ଦୃଶା ।
ସୁରତନାଥ ତେଽଶୁଳ୍କଦାସିକା
ବରଦ ନିଘ୍ନତୋ ନେହ କିଂ ବଧଃ ॥ ୨

ବିଷଜଳାପ୍ୟୟାଦ୍ ବ୍ୟାଳରାକ୍ଷସାଦ୍
ବର୍ଷମାରୁତାଦ୍ ବୈଦ୍ୟୁତାନଳାତ୍ ।
ବୃଷମୟାତ୍ମଜାଦ୍ ବିଶ୍ୱତୋଭୟା-
ଦୃଷଭ ତେ ବୟଂ ରକ୍ଷିତା ମୁହୁଃ ॥ ୩

ଗୋପୀମାନେ ବିରହାବେଶରେ ଗାଇଲେ—ହେ ପ୍ରିୟତମ ! ତୁମେ ଜନ୍ମ ହେବାରୁ ବ୍ରଜର ମହିମା ବୈକୁଣ୍ଠାଦି ଲୋକର ମହିମାଠାରୁ ବି ଅଧିକ ହୋଇଗଲା । ସେଇଥିପାଇଁ ତ ସୌନ୍ଦର୍ଯ୍ୟ ଓ ଲାବଣ୍ୟର ଦେବୀ ଲକ୍ଷ୍ମୀ ନିଜର ନିବାସସ୍ଥାନ ବୈକୁଣ୍ଠ ଛାଡ଼ିଦେଇ, ଏଠାରେ ନିରନ୍ତର ନିବାସ କରୁଛନ୍ତି । କିନ୍ତୁ ହେ ପ୍ରିୟତମ ! ଦେଖିଲ, ତୁମର ଯେଉଁ ଗୋପୀମାନେ ତୁମରି ଚରଣରେ ହିଁ ନିଜର ପ୍ରାଣ ସମର୍ପଣ କରିଦେଇଛନ୍ତି, ସେମାନେ କିପରି ଆଜି ବନ ବନ ବୁଲି ତୁମକୁ ଖୋଜୁଛନ୍ତି ! ॥ ୧ ॥ ହେ ଆମର ପ୍ରିୟତମ ! ଆମେ ତ ତୁମର ବିନାମୂଲ୍ୟର କିଣା ଗୁଳକରାଣୀ । ଶରତଋତୁର ପୁଷ୍କରିଣୀରେ ଯେଉଁ ସୁନ୍ଦର ପଦ୍ମଫୁଲ ଫୁଟେ, ତାର କର୍ଣ୍ଣିକା (ବୀଜକୋଷ) କେତେ ସୁନ୍ଦର ନୁହେଁ ସତେ ! ତୁମର ନେତ୍ର ତ ତାଠାରୁ ବି ଅଧିକ ସୁନ୍ଦର । ସେହି ନେତ୍ରରୂପୀ କଟୁରିରେ ତୁମେ ଆମକୁ ଘେଟ ମାରି ଆହତ କରିଦେଇଛ । ହେ ପ୍ରାଣେଶ୍ୱର ! କଣ ଖାଲି ଅସ୍ତ୍ରରେ ବଧ କରିବାକୁ ହତ୍ୟା ବୋଲି କୁହାଯାଏ; ନେତ୍ରରେ ମାରିଦେବାଟା କଣ ହତ୍ୟା ନୁହେଁ ? ॥ ୨ ॥ ହେ ପୁରୁଷଶିରୋମଣି ! ତୁମେ ତ ଯମୁନାର ବିଷାକ୍ତ ଜଳ ହେତୁ ଘଟିବାକୁ ଥିବା ମୃତ୍ୟୁରୁ, ଅଜଗରରୂପୀ ଅଘାସୁରଜବଳରୁ, ଇନ୍ଦ୍ରଙ୍କ ବର୍ଷା, ବିଜୁଳି ଓ ଝଡ଼ରୁ, ଦାବାନଳରୁ, ଧେନୁକାସୁର ଓ ବ୍ୟୋମାସୁର ଆଦିଙ୍କ ତାଉରୁ ଏବଂ ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ଭୟରୁ ଆମକୁ

ନ ଖଳୁ ଗୋପିକାନନ୍ଦନୋ ଭବା-
ନଖିଳଦେହିନାମନ୍ତରାତ୍ମଦୃକ୍ ।
ବିଖନସାର୍ଥିତୋ ବିଶ୍ୱଗୁପ୍ତୟେ
ସଖ ଉଦେୟିବାନ୍ ସାତ୍ୱତାଂ କୁଳେ ॥ ୪

ବିରଚିତାଭୟଂ ବୃଷ୍ଣିଧୁର୍ଯ୍ୟ ତେ
ଚରଣମାଯୁଷାଂ ସଂସୃତେର୍ଭୟାତ୍ ।
କରସରୋରୁହଂ କାନ୍ତ କାମଦଂ
ଶିରସି ଧେହି ନଃ ଶ୍ରୀକରଗ୍ରହମ୍ ॥ ୫

ବ୍ରଜଜନାର୍ତ୍ତିହନ୍ ବୀର ଯୋଷିତାଂ
ନିଜଜନସ୍ମୟଧ୍ୱଂସନସ୍ମିତ ।
ଭଜ ସଖେ ଭବତ୍କିଙ୍କରାଃ ସ୍ମ ନୋ
ଜଳରୁହାନନଂ ଗ୍ଭରୁ ଦର୍ଶୟ ॥ ୬

ପ୍ରଣତଦେହିନାଂ ପାପକର୍ଶନଂ
ତୃଣଚରାନୁଗଂ ଶ୍ରୀନିକେତନମ୍ ।
ଫଣିଫଣାର୍ପିତଂ ତେ ପଦାମ୍ବୁଜଂ
କୃଣୁ କୁଚେଷୁ ନଃ କୃନ୍ଧି ହୃଚ୍ଛୟମ୍ ॥ ୭

ମଧୁରୟା ଗିରା ବଲ୍ଗୁବାକ୍ୟୟା
ବୁଧମନୋଜ୍ଞୟା ପୁଷ୍କରେକ୍ଷଣ ।
ବିଧିକରୀରିମା ବୀର ମୁହ୍ୟତୀ-
ରଧରସାଧୁନାଽପ୍ୟାୟୟସ୍ୱ ନଃ ॥ ୮

ବାରମ୍ବାର ରକ୍ଷା କରିଛ ॥ ୩ ॥ ତୁମେ ତ କେବଳ ଯଶୋଦାନନ୍ଦନ ନୁହଁ; ତୁମେ ହେଉଛ ସମସ୍ତ ଦେହଧାରୀଙ୍କ ହୃଦୟନିବାସୀ ସାକ୍ଷୀ ଓ ଅନ୍ତର୍ଯାମୀ । ହେ ସଖା ! ବ୍ରହ୍ମାଙ୍କ ପ୍ରାର୍ଥନା ଶୁଣି ବିଶ୍ୱକୁ ରକ୍ଷା କରିବା ନିମନ୍ତେ ହିଁ ତୁମେ ଯଦୁବଂଶରେ ଅବତୀର୍ଣ୍ଣ ହୋଇଛ ॥ ୪ ॥

ନିଜ ପ୍ରେମୀଜନଙ୍କର ଅଭିଳାଷ-ପୂର୍ଣ୍ଣକାରୀମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ହେ ଯଦୁପତି ! ଯେଉଁମାନେ ଜନ୍ମମୃତ୍ୟୁରୂପୀ ସଂସାରଚକ୍ରକୁ ଡରି ତୁମ ଚରଣରେ ଶରଣ ଗ୍ରହଣ କରନ୍ତି, ତୁମର କରକମଳର ଛତ୍ରଛାୟା ସେମାନଙ୍କୁ ଅଭୟ କରିଦିଏ । ହେ ପ୍ରିୟତମ ! ଯେଉଁ କରକମଳରେ ତୁମେ ଲକ୍ଷ୍ମୀଙ୍କ ହାତ ଧରିଛ, ସମସ୍ତଙ୍କର ଅଭିଳାଷ ପୂରଣକାରୀ ତୁମର ସେହି କରକମଳ ଆମ ମଥା ଉପରେ ରଖିଦିଅ ॥ ୫ ॥ ବ୍ରଜବାସୀମାନଙ୍କର ଦୁଃଖଦୂରକାରୀ ହେ ବୀରଶିରୋମଣି ଶ୍ୟାମସୁନ୍ଦର ! ତୁମର ମନ୍ଦମୃଦୁହାସର ଗୋଟିଏମାତ୍ର ଉଜ୍ଜ୍ୱଳ ରେଖା ତୁମ ପ୍ରେମୀଜନମାନଙ୍କର ସମସ୍ତ ମାନମଦ ଚୂର୍ଣ୍ଣ କରିଦେବାକୁ ଯଥେଷ୍ଟ । ହେ ପ୍ରିୟସଖା ! ଆମ ଉପରେ ବିରକ୍ତ ହୁଅ ନାହିଁ; ଆମକୁ ପ୍ରେମ କର । ଆମେ ତୁମର ଦାସୀ । ଆମେ ନିଜକୁ ତୁମ ଚରଣରେ ଉତ୍ସର୍ଗ କରିଦେଇଛୁ । ଆମେସବୁ ଅବଳାମାନଙ୍କୁ ତୁମର ସେହି ପରମସୁନ୍ଦର ଶ୍ୟାମଳ ମୁଖକମଳ ଟିକିଏ ଦେଖାଅ, ନାଥ ! ॥ ୬ ॥ ତୁମ ଚରଣକମଳ ଶରଣାଗତ ପ୍ରାଣୀମାନଙ୍କର ସକଳ ପାପ ନଷ୍ଟ କରିଦିଏ । ଯେ ଦୁଇଟି ହେଉଛି ସମସ୍ତ ସୌନ୍ଦର୍ଯ୍ୟ-ମାଧୁର୍ଯ୍ୟର ଖଣି ଏବଂ ସ୍ୱୟଂ ଲକ୍ଷ୍ମୀ ଯେ ଦୁଇଟିର ସେବା କରିଥାନ୍ତି । ତୁମେ ସେହି ଚରଣରେ ଆମ ଗୃହାମାନଙ୍କ ପଛେ ପଛେ ଗଲିଥାଅ ଏବଂ ଆମର ମଙ୍ଗଳ ନିମନ୍ତେ ସେହି ଚରଣ ଦୁଇଟିକୁ ତୁମେ ସର୍ପଫଣା ଉପରେ ରଖିଦେବାକୁ ମଧ୍ୟ ସଂକୋଚ କରି ନାହଁ । ଆମର ହୃଦୟ ତୁମ ବିରହବ୍ୟଥାର ଅଗ୍ନିରେ ଜଳୁଛି । ତୁମ ସହିତ ମିଳନର ଆକାଙ୍କ୍ଷାଜ୍ୱାଳା ଆମକୁ ଦଗ୍ଧ କରିଦେଉଛି । ତୁମେ ତୁମର ସେହି ପାତ ଦୁଇଟି ଆମ ବକ୍ଷରେ ରଖିଦେଇ ଆମ ହୃଦୟର ଜ୍ୱାଳା ଶାନ୍ତ କରିଦିଅ ॥ ୭ ॥ ହେ ପଦ୍ମଲୋଚନ ! ତୁମର ବାଣୀ ଲେଡ଼େ ମଧୁର ନୁହେଁ ସତେ ! ତାର ଗୋଟିଏ ଗୋଟିଏ ପଦ, ଗୋଟିଏ ଗୋଟିଏ ଶବ୍ଦ, ଗୋଟିଏ ଗୋଟିଏ ଅକ୍ଷର ମଧ୍ୟ ଅତ୍ୟନ୍ତ ମଧୁର । ବଡ଼ ବଡ଼ ବିଦ୍ୱାନମାନେ ବି ସେଥିରେ ମଜି ଯାଆନ୍ତି; ତା'ପାଖରେ ନିଜର ସର୍ବସ୍ୱ ଉତ୍ସର୍ଗ କରିଦିଅନ୍ତି । ତୁମର ସେହି ବାଣୀର ରସାସ୍ୱାଦନ କରି ତୁମର ଏହି ଆଜ୍ଞାକାରିଣୀ ଗୋପୀମାନେ ବିମୋହିତ ହୋଇଯାଉଛନ୍ତି । ହେ ଦାନବୀର ! ଏଥର ତୁମେ ଦିବ୍ୟ ଅମୃତଠାରୁ ମଧ୍ୟ ଅଧିକ ମଧୁର ହୋଇଥିବା ତୁମର ଅଧରରସ ପିଆଇ ଆମକୁ ଜୀବନ ଦାନ କର;

ତବ କଥାମୃତଂ ତପ୍ତଜୀବନଂ
କବିଭିରୀଡ଼ିତଂ କଲ୍ମଷାପହମ୍ ।
ଶ୍ରବଣମଙ୍ଗଳଂ ଶ୍ରୀମଦାତତଂ
ଭୁବି ଗୃଣନ୍ତି ତେ ଭୂରିଦା ଜନାଃ ॥ ୯

ପ୍ରହସିତଂ ପ୍ରିୟ ପ୍ରେମବୀକ୍ଷଣଂ
ବିହରଣଂ ଚ ତେ ଧ୍ୟାନମଙ୍ଗଳମ୍ ।
ରହସି ସଂବିଦୋ ଯା ହୃଦିସ୍ପୃଶଃ
କୁହକ ନୋ ମନଃ କ୍ଷୋଭୟନ୍ତି ହି ॥ ୧୦

ଚଳସି ଯତ୍ ବ୍ରଜାଚ୍ଚାରଯନ୍ ପଶୂନ୍
ନଳିନସୁନ୍ଦରଂ ନାଥ ତେ ପଦମ୍ ।
ଶିଳତୃଣାଙ୍କୁରୈଃ ସୀଦତୀତି ନଃ
କଲିଳତାଂ ମନଃ କାନ୍ତ ଗଚ୍ଛତି ॥ ୧୧

ଦିନପରିକ୍ଷୟେ ନୀଳକୁନ୍ତଲୈ-
ର୍ବନରୁହାନନଂ ବିଭ୍ରଦାବୃତମ୍ ।
ଘନରଜସ୍ୱଳଂ ଦର୍ଶୟନ୍ ମୁହୁ-
ର୍ମନସି ନଃ ସ୍ମରଂ ବୀର ଯଚ୍ଛସି ॥ ୧୨

ପ୍ରଣତକାମଦଂ ପଦ୍ମଜାର୍ଚ୍ଚିତଂ
ଧରଣିମଣ୍ଡନଂ ଧ୍ୟେୟମାପଦି ।

ପରିତୃପ୍ତ କର ॥ ୮ ॥ ହେ ପ୍ରଭୁ ! ତୁମର ଲୀଳାକଥା ମଧ୍ୟ ଅମୃତସ୍ୱରୂପ । ବିରହରେ ବ୍ୟଥିତ ହେଉଥିବା ଲୋକଙ୍କ ନିମନ୍ତେ ତାହା ଜୀବନସର୍ବସ୍ୱ । ବଡ଼ ବଡ଼ ଜ୍ଞାନୀ ମହାତ୍ମାଗଣ, ଭକ୍ତକବିଗଣ ତାହା ଗାନ କରିଛନ୍ତି । ତୁମର ଲୀଳାଗାନ ସକଳ ପାପତାପ ହରଣ କରେ; ତା' ସହିତ ତାହା ଶ୍ରବଣମାତ୍ରକେ ପରମ ମଙ୍ଗଳ ବା ପରମ କଲ୍ୟାଣ ଦେଇଥାଏ । ସେହି ଲୀଳା ପରମ ସୁନ୍ଦର, ପରମ ମଧୁର ଓ ସର୍ବତ୍ର ପରିବ୍ୟାପ୍ତ ମଧ୍ୟ । ଯେଉଁମାନେ ତୁମର ସେହି ଲୀଳା ଗାନ କରନ୍ତି (ଅନ୍ୟମାନଙ୍କୁ ଲୀଳା ଶ୍ରବଣର ସୁଯୋଗ ଦାନ କରନ୍ତି), ସତରେ ଭୂଲୋକରେ ସେହିମାନେ ହିଁ ସବୁଠାରୁ ବଡ଼ ଦାତା ॥ ୯ ॥ ହେ ପ୍ରିୟ ! ଦିନ ଥିଲା, ଯେତେବେଳେ କି ତୁମର ପ୍ରେମଭରା ହସ ଓ କଟାକ୍ଷ ତଥା ତୁମର ନାନାପ୍ରକାର କ୍ରୀଡ଼ାକୁ ଧ୍ୟାନ କରି କରି ଆମେ ଆନନ୍ଦରେ ମଗ୍ନ ହୋଇଯାଉଥିଲୁ । ସେସବୁକୁ ଧ୍ୟାନ କରିବାଟା ପରମ ମଙ୍ଗଳକର ମଧ୍ୟ । ତାପରେ ତୁମ ସଙ୍ଗେ ଆମର ମିଳନ ହେଲା । ତୁମେ ଏକାନ୍ତରେ ଆମ ସହିତ ଯେଉଁସବୁ ହୃଦୟସ୍ପର୍ଶୀ ହାସ-ପରିହାସ ଓ ପ୍ରେମାଳାପ କଲ, ହେ କପଟିଆ ବନ୍ଧୁ ! ବର୍ତ୍ତମାନ ସେସବୁ ମନେପଡ଼ି ଆମ ମନକୁ ବିକ୍ଷୁବ୍ଧ କରିଦେଉଛି ॥ ୧୦ ॥

ହେ ଆମର ପ୍ରିୟ ସ୍ୱାମୀ ! ତୁମର ଚରଣ ତ କମଳଠାରୁ ମଧ୍ୟ ଅଧିକ କୋମଳ ଓ ସୁନ୍ଦର । ତୁମେ ଗାଈ ଚରାଇବାଲାଗି ବ୍ରଜରୁ ବନକୁ ଚାଲିଗଲେ, ତୁମର ଚରଣଯୁଗଳରେ କାଳେ ଗୋଡ଼ିପଥର ବାଜିଯିବ କିମ୍ବା କୁଶର ଜଣ୍ଡାଖୁଣ୍ଟ ପଶିଯିବ କିମ୍ବା ଟାଆଁଣିଆ ଘାସରେ ତୁମ ଗୋଡ଼ କାଟି ହୋଇଯିବ ବୋଲି ଭାବି ଆମ ମନ ଉଦ୍‌ବିଗ୍ନ ହୋଇପଡ଼େ । ତାହା ଭାବି ଆମେ ଦୁଃଖରେ କାତର ହୋଇଯାଉ ॥ ୧୧ ॥ ସନ୍ଧ୍ୟାରେ ତୁମେ ଘରକୁ ଫେରିଲାବେଳେ ଆମେ ଦେଖୁ, ତୁମ ମୁଖପଦ୍ମ ଉପରେ ପରସ୍ତେ ଗୋଧୂଳି ଜମିଯାଇଛି ଏବଂ ତା ଉପରେ କଳା କଳା କୁଞ୍ଚିତକୁନ୍ତଳ ଝୁଲୁଛି । ହେ ବୀର ପ୍ରିୟତମ ! ତୁମେ ତୁମର ସେହି ସୌନ୍ଦର୍ଯ୍ୟ ଦେଖାଇ ଦେଖାଇ ଆମ ହୃଦୟରେ ମିଳନର ଆକାଙ୍କ୍ଷା ବା ପ୍ରେମ ଉତ୍ପନ୍ନ କରିଦେଇଥାଅ ॥ ୧୨ ॥ ହେ ପ୍ରିୟତମ ! କେବଳ ତୁମେ ହିଁ ଆମର ସକଳ ଦୁଃଖ ଦୂର କରିପାରିବ । ତୁମର ଚରଣକମଳ ଶରଣାଗତ ଭକ୍ତମାନଙ୍କର ସକଳ ଅଭିଳାଷ ପୂର୍ଣ୍ଣ କରିଥାଏ । ସ୍ୱୟଂ ଲକ୍ଷ୍ମୀ ସେହି ଚରଣକମଳ ଦୁଇଟିର ସେବା କରନ୍ତି ଏବଂ ସେ ଦୁଇଟି ତ ହେଉଛି ପୃଥିବୀର ଭୂଷଣ । ବିପଦ ସମୟରେ କେବଳ ସେହି

ଚରଣପଙ୍କଜଂ ଶନ୍ତମଂ ଚ ତେ
ରମଣ ନଃ ସ୍ତନେଷ୍ୱର୍ପିଯାଧିହନ୍ ॥ ୧୩

ସୁରତବର୍ଦ୍ଧନଂ ଶୋକନାଶନଂ
ସ୍ୱରିତବେଣୁନା ସୁଷ୍ଠୁ ଚୁମ୍ବିତମ୍ ।
ଇତରରାଗବିସ୍ମାରଣଂ ନୃଣାଂ
ବିତର ବୀର ନସ୍ତେଽଧରାମୃତମ୍ ॥ ୧୪

ଅଟତି ଯଦ୍ ଭବାନହ୍ନି କାନନଂ
ତ୍ରୁଟିର୍ଯୁଗାୟତେ ତ୍ୱାମପଶ୍ୟତାମ୍ ।
କୁଟିଳକୁନ୍ତଲଂ ଶ୍ରୀମୁଖଂ ଚ ତେ
ଜଡ଼ ଉଦୀକ୍ଷତାଂ ପକ୍ଷ୍ମକୃଦ୍ ଦୃଶାମ୍ ॥ ୧୫

ପତିସୁତାନ୍ୱୟଭ୍ରାତୃବାନ୍ଧବା-
ନତିବିଲଙ୍ଘ୍ୟ ତେଽନ୍ତ୍ୟଚ୍ୟୁତାଗତାଃ ।
ଗତିବିଦସ୍ତବୋଦ୍ଗୀତମୋହିତାଃ
କିତବ ଯୋଷିତଃ କସ୍ତ୍ୟଜେନ୍ନିଶି ॥ ୧୬

ରହସି ସଂବିଦଂ ହୃଚ୍ଛୟୋଦୟଂ
ପ୍ରହସିତାନନଂ ପ୍ରେମବୀକ୍ଷଣମ୍ ।
ବୃହଦୁରଃ ଶ୍ରିୟୋ ବୀକ୍ଷ୍ୟ ଧାମ ତେ
ମୁହୁରତିସ୍ପୃହା ମୁହ୍ୟତେ ମନଃ ॥ ୧୭

ଚରଣଯୁଗଳକୁ ସ୍ମରଣ କରିବା ଉଚିତ; ତାହା ଜଲେ ସକଳ ବିପତ୍ତି କଟିଯାଏ। ହେ କୁଞ୍ଜବିହାରୀ! ତୁମେ ତୁମର ସେହି କଲ୍ୟାଣସ୍ୱରୂପ ଚରଣକମଳ ଆମ ବକ୍ଷଃସ୍ଥଳରେ ରଖିଦେଲ ଆମ ହୃଦୟର ବ୍ୟଥା ଶାନ୍ତ କରିଦିଅ ॥ ୧୩ ॥ ହେ ବୀରଶିରୋମଣି ! ତୁମର ଅଧରାମୃତ ମିଳନର ଆକାଙ୍କ୍ଷାକୁ ଆହୁରି ବଢ଼ାଉଦିଏ; ତାହା ବିରହଜନିତ ସମସ୍ତ ଶୋକସନ୍ତାପ ଦୂର କରିଦିଏ। ତୁମର ମଧୁର ବଂଶୀ ତ ଅତି ସୁନ୍ଦରଭାବରେ ସେହି ଅଧରାମୃତକୁ ପାନ କରେ। ଯେଉଁମାନେ ଥରଟିଏ ସେହି ଅଧରାମୃତ ପାନ କରିଛନ୍ତି, ସେମାନଙ୍କୁ ଅନ୍ୟସବୁ ବିଷୟବସ୍ତୁ ଆଦୌ ମନେ ପଡ଼ିବ ନାହିଁ। ଆମ୍ଭମାନଙ୍କୁ ସେହି ଅଧରାମୃତ ବିତରଣ କର— ଆମକୁ ଟିକିଏ ତାହା ପିଆଅ ॥ ୧୪ ॥ ହେ ପ୍ରିୟ ! ଦିନବେଳେ ତୁମେ ବନବିହାର କରିବାକୁ ଗଲିଯିବା ପରେ ତୁମକୁ ଦେଖିବାକୁ ନ ପାଇ ଆମକୁ ଗୋଟିଏ ଗୋଟିଏ କ୍ଷଣ ଗୋଟିଏ ଗୋଟିଏ ଯୁଗ ପରି ଲାଗେ; କିନ୍ତୁ ତୁମେ ଯେତେବେଳେ ସନ୍ଧ୍ୟା ହେଲେ ଗାଈଗୋଠ ନେଇ ଫେରେ, ଯେତେବେଳେ ତୁମର କୁଞ୍ଚିକୁନ୍ତଳରେ ଶୋଭିତ ପରମ ସୁନ୍ଦର ମୁଖାରବିନ୍ଦ ଦେଖିବାକୁ ମିଳେ ଆଉ ଆଖିରେ ପଲକ ପକାଇବାକୁ ବି ଇଚ୍ଛା ହୁଏ ନାହିଁ ଏବଂ ମନେ ହୁଏ ଆଖିର ପତା ତିଆରି କରିଥିବା ବିଧାତା ଜଣେ ନିତାନ୍ତ ମୂର୍ଖ ॥ ୧୫ ॥ ହେ ପ୍ରିୟ ଶ୍ୟାମସୁନ୍ଦର ! ଆମେ ନିଜର ପତି-ପୁତ୍ର, ଭାଇ-ବନ୍ଧୁ ଓ କୁଳ-ପରିବାର ତ୍ୟାଗ କରି, ସେମାନଙ୍କର ଇଚ୍ଛା ଓ ଆଜ୍ଞା ଉଲଂଘନ କରି ତୁମ ପାଖକୁ ଗଲିଆସିଛୁ। ଆମେ ତୁମର ସବୁ ଗତିବିଧି ଜାଣିଛୁ, ତୁମର ସବୁ ଠାର ବୁଝିପାରୁଛୁ; ତେଣୁ ତୁମର ବଂଶୀସ୍ୱନର ଉଦ୍ଦେଶ୍ୟ ବୁଝିପାରି, ସେଥିରେ ମୋହିତ ହୋଇ ଏଠାକୁ ପଳାଇ ଆସିଛୁ। ହେ କପଟୀ ନାଗର ! ଏପରି ସୁନ୍ଦର ରାତିରେ ପାଖକୁ ଆସିଥିବା ଆମ୍ଭମାନଙ୍କୁ କେବଳ ତୁମ ଛଡ଼ା ଆଉ କିଏ ଛାଡ଼ିଦିଅନ୍ତା ଯେ ? ॥ ୧୬ ॥ ହେ ପ୍ରିୟତମ ! ତୁମେ ଆମ ସହିତ ଏକାନ୍ତରେ ଯେଉଁ ପ୍ରେମପୂର୍ଣ୍ଣ ବାର୍ତ୍ତାଳାପ କରୁଥିଲ ଓ ଅଳାମଜା କରୁଥିଲ, ତାହା ଆମ ମନରେ ମିଳନର ଆକାଂକ୍ଷା ଓ ପ୍ରେମଭାବକୁ ଅଧିକ ବଢ଼ାଇ ଦେଉଥିଲା। ତୁମେ ଆମକୁ ବାଙ୍କ ଗ୍ରୀବାଣିରେ ଗୁହିଁ ମୁରୁକି ମୁରୁକି ହସି ଦେଉଥିଲ ଏବଂ ଆମର ଆଖି ଲାଖି ରହୁଥିଲା ତୁମର ପ୍ରଶସ୍ତ ବକ୍ଷ ଉପରେ, ଯାହା କି ଲକ୍ଷ୍ମୀଙ୍କର ନିତ୍ୟନିବାସ। ସେହିଦିନୁ ଆମର ମିଳନ ଲାଳସା ବଢ଼ି ବଢ଼ି ଗଲିଛି ଏବଂ ଆମ ମନ ତୁମ ଠାରେ ଲାଗିଯାଇଛି, ମୁଗ୍ଧ ହୋଇଯାଇଛି ॥ ୧୭ ॥

ବ୍ରଜବନୌକସାଂ ବ୍ୟକ୍ତିରଙ୍ଗ ତେ
ବୃଜିନହନ୍ତ୍ୟଳଂ ବିଶ୍ୱମଙ୍ଗଳମ୍ ।
ତ୍ୟଜ ମନାକ୍ ଚ ନସ୍ତ୍ୱତ୍ସ୍ପୃହାତ୍ମନାଂ
ସ୍ୱଜନହୃଦ୍ରୁଜାଂ ଯନ୍ନିଷୂଦନମ୍ ॥ ୧୮

ହେ ପ୍ରିୟ ! ବ୍ରଜବନବାସୀମାନଙ୍କର ସକଳ ଦୁଃଖ ଓ ତାପ ହରଣ କରିବା ନିମନ୍ତେ ତଥା ଜଗତର ମଙ୍ଗଳ କରିବା ନିମନ୍ତେ ହିଁ ତୁମର ଏହି ଆବିର୍ଭାବ ହୋଇଛି । ଆମ ହୃଦୟ ତ ତୁମକୁ ଭେଟିବା ଲାଳସାରେ ପରିପୂର୍ଣ୍ଣ ହୋଇ ରହିଛି । କିନ୍ତି ଟିକିଏ ଏପରି ଔଷଧ ଦେଇଦିଅ, ଯାହାଫଳରେ ତୁମର ଏହି ନିଜଲୋକଙ୍କ ହୃଦୟରୋଗ ଯେପରି ସମ୍ପୂର୍ଣ୍ଣ ନିର୍ମୂଳ ହୋଇଯିବ ॥ ୧୮ ॥ ତୁମ ଚରଣ ତ କମଳଠାରୁ ମଧ୍ୟ ସୁକୁମାର । ସେପରି ଚରଣରେ କାଳେ ଆଘାତ ଲାଗିଯିବ ବୋଲି ଯେ ଦୁଇଟିକୁ ଆମେ ଆମ କଠିନ ସ୍ତନ ଉପରେ ଡରି ଡରି ବହୁତ ଧୀରଭାବରେ ରଖୁ । ସେପରି କୋମଳ ପାଦରେ ତୁମେ ଏ ରାତିବେଳଟାରେ ଘୋର ବନ ଭିତରେ ଲୁଚି ଲୁଚି ବୁଲୁଛ କିପରି ! ଗୋଡ଼ି, ପଥର ଆଦି ମାଡ଼ି ହୋଇ କ'ଣ ସେହି ପାଦକୁ ପୀଡ଼ା ହେଉ ନାହିଁ ? କାଳେ ସେପରି ପୀଡ଼ା ହେବ ବୋଲି କେବଳ ଭାବିଦେଲାଣି ଆମ ମୁଣ୍ଡ ଘୂରେଇ ଦେଉଛି, ଆମର ଚେତା ବୁଡ଼ିଯାଉଛି । ହେ ଶ୍ରୀକୃଷ୍ଣ ! ହେ ଶ୍ୟାମସୁନ୍ଦର ! ହେ ପ୍ରାଣନାଥ ! ଆମର ଏହି ଜୀବନଟା କେବଳ ତୁମରି ପାଇଁ । ଆମେ ତୁମରି ପାଇଁ ବଞ୍ଚିରହିଛୁ । ଆମେ କେବଳ ତୁମରି ॥ ୧୯ ॥

ଯତ୍ତେ ସୁଜାତଚରଣାମ୍ବୁରୁହଂ ସ୍ତନେଷୁ
ଭୀତାଃ ଶନୈଃ ପ୍ରିୟ ଦଧୀମହି କର୍କଶେଷୁ ।
ତେନାଟବୀମଟସି ତଦ୍ ବ୍ୟଥତେ ନ କିଂସ୍ୱିତ୍
କୂର୍ପାଦିଭିର୍ଭ୍ରମତି ଧୀର୍ଭବଦାୟୁଷାଂ ନଃ ॥ ୧୯

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ଦଶମସ୍କନ୍ଧେ ପୂର୍ବାର୍ଦ୍ଧେ ରାସକ୍ରୀଡ଼ାୟାଂ ଗୋପୀଗୀତଂ ନାମୈକତ୍ରିଂଶୋଽଧ୍ୟାୟଃ ॥ ୩୧ ॥

+++

ଅଥ ଦ୍ୱାତ୍ରିଂଶୋଽଧ୍ୟାୟଃ

ଗୋପୀଙ୍କ ମେଳରେ ଶ୍ରୀକୃଷ୍ଣଙ୍କ ଆବିର୍ଭାବ ଓ ଗୋପୀମାନଙ୍କୁ ସାନ୍ତ୍ୱନା ପ୍ରଦାନ

ଶ୍ରୀଶୁକ ଉବାଚ

ଇତି ଗୋପ୍ୟଃ ପ୍ରଗାୟନ୍ତ୍ୟଃ ପ୍ରଳପନ୍ତ୍ୟଶ୍ଚ ବିତ୍ରପା ।
ରୁରୁଦୁଃ ସୁସ୍ୱରଂ ରାଜନ୍ କୃଷ୍ଣଦର୍ଶନଲାଳସାଃ ॥ ୧

ଶ୍ରୀଶୁକଦେବ କହିଗଲିଲେ—ହେ ପରୀକ୍ଷିତ ! ଭଗବାନଙ୍କର ପ୍ରିୟା ଗୋପୀମାନେ ବିରହ ଆବେଶରେ ଏପରିଭାବରେ ନାନାପ୍ରକାର ଗୀତ ଗାଇ ପ୍ରଳାପ କରିବାକୁ ଲାଗିଲେ । ପ୍ରାଣପ୍ରିୟ ଶ୍ରୀକୃଷ୍ଣଙ୍କ ଦର୍ଶନଲାଳସାରୁ ସେମାନେ ନିଜକୁ ବିରତ କରିପାରିଲେ ନାହିଁ । ସେମାନେ କରୁଣ ସ୍ୱରରେ ଜଈଁ କଈଁ ହୋଇ କାନ୍ଦିବାକୁ ଲାଗିଲେ ॥ ୧ ॥

ତାସାମାବିରଭୂଚ୍ଛୌରିଃ ସ୍ମୟମାନମୁଖାମ୍ବୁଜଃ ।
ପୀତାମ୍ବରଧରଃ ସ୍ରଗ୍ୱୀ ସାକ୍ଷାନ୍ମନ୍ମଥମନ୍ମଥଃ ॥ ୨

ଠିକ୍ ସେତିକିବେଳେ ଭଗବାନ ଶ୍ରୀକୃଷ୍ଣ ସେମାନଙ୍କ ମଧ୍ୟରେ ପ୍ରକଟ ହୋଇଗଲେ । ତାଙ୍କର ମୁଖମଣ୍ଡଳ ମନ୍ଦ ମନ୍ଦ ମୃଦୁହାସରେ ପ୍ରସନ୍ନ ଦିଶୁଥାଏ । ଗଳାରେ ଲମ୍ବିଥାଏ ବନମାଳା । ପିନ୍ଧିଥାନ୍ତି ପୀତାମ୍ବର । ତାଙ୍କର ସେହି ରୂପ କିପରି ହୋଇଥିଲା ଜାଣନ୍ତି ?—ତାହା ଥିଲା ସମସ୍ତଙ୍କ ମନକୁ ମଦ୍ଦନ କରିପାରୁଥିବା କାମଦେବଙ୍କ ମନକୁ ବି

ତଂ ବିଲୋକ୍ୟାଗତଂ ପ୍ରେଷ୍ଠଂ ପ୍ରାତ୍ୟୁତ୍‌ଫୁଲ୍ଲଦୃଶୋଽବଳାଃ ।
ଉତ୍ତସ୍ଥୁର୍ଯୁଗପତ୍ ସର୍ବାସ୍ତନ୍ୱଃ ପ୍ରାଣମିବାଗତମ୍ ॥ ୩

କାଚିତ୍ କରାମ୍ବୁଜଂ ଶୌରେର୍ଜଗୃହେଽଞ୍ଜଲିନା ମୁଦା ।
କାଚିଦ୍ ଦଧାର ତଦ୍‌ବାହୁମଂସେ ଚନ୍ଦନରୂଷିତମ୍ ॥ ୪

କାଚିଦଞ୍ଜଲିନାଗୃହ୍ଣାତ୍ତନ୍ୱୀ ତାମ୍ବୂଲଚର୍ବିତମ୍ ।
ଏକା ତତ୍ପାଦକମଳଂ ସନ୍ତପ୍ତା ସ୍ତନୟୋରଧାତ୍ ॥ ୫

ଏକା ଭ୍ରୁକୁଟିମାବଧ୍ୟ ପ୍ରେମସଂରମ୍ଭବିହ୍ୱଳା ।
ଘ୍ନତୀବୈକ୍ଷତ୍ କଟାକ୍ଷେପୈଃ ସଂଦଷ୍ଟଦଶନଚ୍ଛଦା ॥ ୬

ଅପରାନିମିଷଦ୍‌ଦୃଗ୍‌ଭ୍ୟାଂ ଜୁଷାଣା ତନ୍ମୁଖାମ୍ବୁଜମ୍ ।
ଆପାତମପି ନାତୃପ୍ୟତ୍ ସନ୍ତସ୍ତଚ୍ଚରଣଂ ଯଥା ॥ ୭

ତଂ କାଚିତ୍ନେତ୍ରରନ୍ଧ୍ରେଣ ହୃଦିକୃତ୍ୟ ନିମୀଲ୍ୟ ଚ ।
ପୁଲକାଙ୍ଗ୍ୟୁପଗୁହ୍ୟାସ୍ତେ ଯୋଗୀବାନନ୍ଦସଂପ୍ଲୁତା ॥ ୮

ସର୍ବାସ୍ତାଃ କେଶବାଲୋକପରମୋତ୍ସବନିର୍ବୃତାଃ ।
ଜହୁର୍ବିରହଜଂ ତାପଂ ପ୍ରାଜ୍ଞଂ ପ୍ରାପ୍ୟ ଯଥା ଜନାଃ ॥ ୯

ତାଭିର୍ବିଧୃତଶୋକାଭିର୍ଭଗବାନଚ୍ୟୁତୋ ବୃତଃ ।
ବ୍ୟରୋଚତାଧିକଂ ତାତ ପୁରୁଷଃ ଶକ୍ତିଭିର୍ଯଥା ॥ ୧୦

ମିଳନ ଜରିଦେବା ଭଳି ॥ ୨ ॥ କୋଟି କୋଟି କାମଦେବଙ୍କ ଠାରୁ ମଧ୍ୟ ଅଧିକ ସୁନ୍ଦର ଦିଶୁଥିବା ସେହି ପରମ ମନୋହର ପ୍ରାଣବଲ୍ଲଭ ଶ୍ୟାମସୁନ୍ଦର ଆସିଯିବା ଦେଖି ଗୋପୀମାନଙ୍କର ନେତ୍ର ପ୍ରେମ ଓ ଆନନ୍ଦରେ ଉତ୍‌ଫୁଲ୍ଲିତ ହୋଇଗଲା । ସେମାନେ ସମସ୍ତେ ଏକାସାଥିରେ ଉଠି ଠିଆ ହୋଇଗଲେ । ଦେଖି ମନେହେଲା, ପତେ ଯେପରି ପ୍ରାଣହୀନ ଶରୀରରେ ଦିବ୍ୟପ୍ରାଣ ସଞ୍ଚାର ହୋଇଗଲା; ଶରୀରର ଅଙ୍ଗେ ଅଙ୍ଗେ ନବୀନ ଚେତନା—ନୂତନ ସ୍ଫୂର୍ତ୍ତି ଜାଗିଉଠିଲା ॥ ୩ ॥ ଜଣେ ଗୋପୀ ଅତିଶୟ ପ୍ରେମ ଓ ଆନନ୍ଦରେ ଶ୍ରୀକୃଷ୍ଣଙ୍କ କରଜମଳକୁ ନିଜର ଦୁଇ ହାତରେ ଧରିପକାଇଲା । ଆଉ ଜଣେ ଗୋପୀ ତାଙ୍କର ଚନ୍ଦନଚର୍ଚ୍ଚିତ ଭୁଜଦଣ୍ଡକୁ ନିଜ କାନ୍ଧରେ ଥୋଇଦେଲା ॥ ୪ ॥ ତୃତୀୟ ଜଣକ ଭଗବାନଙ୍କ ପାଟିର ଚବାଖୁଆ ପାନ ନିଜ ଅଞ୍ଜଳି ପ୍ରସାରି ଗ୍ରହଣ କଲା । ଚତୁର୍ଥ ଜଣକର ହୃଦୟ ତ ଭଗବାନଙ୍କ ବିରହରେ ଦଗ୍ଧ ହୋଇଯାଉଥିଲା; ସେ ତଳେ ବସିପଡ଼ି ତାଙ୍କର ଚରଣଯୁଗଳକୁ ନିଜ ବକ୍ଷଃସ୍ଥଳରେ ଥୋଇଦେଲା ॥ ୫ ॥ ଆଉ ଏକ ଗୋପୀ ପ୍ରଣୟକୋପରେ ବିହ୍ୱଳ ହୋଇ ଭ୍ରୁଲତା ଟେକି, ଓଠକୁ ଦାନ୍ତରେ ଚାପିଧରି, ଭଗବାନଙ୍କୁ ନିଜ କଟାକ୍ଷବାଣରେ ବିନ୍ଧିଲା ପରି ଗ୍ରହିଁଚହିଲା ॥ ୬ ॥ ଆଉ ଜେହି ନିର୍ନିମେଷ ନୟନରେ ତାଙ୍କର ମୁଖକମଳର ମଜରାନ୍ଦରସ ପାନ କରିବାରେ ମଜିଗଲା; କିନ୍ତୁ ସଜ୍ଜନ ଯେପରି ଭଗବାନଙ୍କର ଚରଣ ଦର୍ଶନରେ କେବେ ବି ତୃପ୍ତ ହୁଅନ୍ତି ନାହିଁ, ସେ ସେହିପରି ତାଙ୍କର ମୁଖମାଧୁରୀକୁ ନିରନ୍ତର ପାନ କରି କରି ମଧ୍ୟ ତୃପ୍ତ ହୋଇପାରିଲା ନାହିଁ ॥ ୭ ॥ ଆଉ ଜଣେ ଗୋପୀ ନିଜର ନେତ୍ରପଥ ଦେଇ ଭଗବାନଙ୍କୁ ହୃଦୟ ଭିତରକୁ ନେଇଗଲା; ତା'ପରେ ସେ ଆଖି ବୁଜିଦେଲା । ଏଥର ସେ ମନେ ମନେ ଭଗବାନଙ୍କୁ ଆଲିଙ୍ଗନ କରିବାରୁ ତାର ଶରୀର ପୁଲକିତ ହୋଇଗଲା; ତାର ପ୍ରତିଟି ରୋମ ଟାଙ୍କୁରି ଉଠିଲା ଏବଂ ସେ ସିଦ୍ଧଯୋଗୀଙ୍କ ପରି ପରମାନନ୍ଦରେ ମଗ୍ନ ହୋଇଗଲା ॥ ୮ ॥ ହେ ପରୀକ୍ଷିତ ! ମୁମୁକ୍ଷୁ ମନୁଷ୍ୟ ଯେପରି ପରମ ଜ୍ଞାନୀ ଗୁରୁଙ୍କୁ ପାଇଗଲେ ସଂସାରପାଡ଼ାରୁ ମୁକ୍ତ ହୋଇଯାଏ, ଗୋପୀମାନେ ସେହିପରି ଶ୍ରୀକୃଷ୍ଣଙ୍କ ଦର୍ଶନ ପାଇ ପରମ ଆନନ୍ଦ ଓ ପରମ ଉଲ୍ଲାସ ଲାଭ କଲେ । ବିରହ ହେତୁ ଗୋପୀମାନଙ୍କ ମନରେ ଯେଉଁ ଦୁଃଖ ହୋଇଥିଲା, ସେଥିରୁ ସେମାନେ ମୁକ୍ତ ହୋଇଗଲେ ଓ ଶାନ୍ତିର ସାଗରରେ ଅବଗାହନ କଲେ ॥ ୯ ॥ ହେ ପରୀକ୍ଷିତ ! ଭଗବାନ ତ ସହଜେ ଅଚ୍ୟୁତ; ତାଙ୍କର ସୌନ୍ଦର୍ଯ୍ୟ ଓ ମାଧୁର୍ଯ୍ୟ ତ ଅସୀମ । ତଥାପି ବିରହବ୍ୟଥାରୁ

ତାଃ ସମାଦାୟ କାଲିନ୍ଦ୍ୟା ନିର୍ବିଶ୍ୟ ପୁଲିନଂ ବିଭୁଃ ।
ବିକସତ୍କୁନ୍ଦମନ୍ଦାରସୁରଭ୍ୟନିଲଷଟ୍‌ପଦମ୍ ॥ ୧୧

ଶରଚ୍ଚନ୍ଦ୍ରାଂଶୁସନ୍ଦୋହଧ୍ୱସ୍ତଦୋଷାତମଃ ଶିବମ୍ ।
କୃଷ୍ଣାୟା ହସ୍ତତରଳାଚିତକୋମଳବାଲୁକମ୍ ॥ ୧୨

ତଦ୍ଦର୍ଶନାହ୍ଲାଦବିଧୂତହୃଦ୍ରୁଜୋ
ମନୋରଥାନ୍ତଂ ଶ୍ରୁତୟୋ ଯଥା ଯଯୁଃ ।
ସ୍ୱୈରୁତ୍ତରୀୟୈଃ କୁଚକୁଙ୍କୁମାଙ୍କିତୈ-
ରଚାକ୍ଲୃପନ୍ତାସନମାତ୍ମବନ୍ଧବେ ॥ ୧୩

ତତ୍ରୋପବିଷ୍ଟୋ ଭଗବାନ୍ ସ ଈଶ୍ୱରୋ
ଯୋଗେଶ୍ୱରାନ୍ତର୍ହୃଦି କଲ୍ପିତାସନଃ ।
ଚକାସ ଗୋପୀପରିଷଦ୍‌ଗତୋଽର୍ଚିତ-
ସ୍ତ୍ରୈଲୋକ୍ୟଲକ୍ଷ୍ମ୍ୟେକପଦଂ ବପୁର୍ଦ୍ଦଧତ୍ ॥ ୧୪

ମୁକ୍ତ ହୋଇଥିବା ସେହି ଗୋପୀମାନଙ୍କ ଗହଣରେ ରହି ତାଙ୍କର ଶୋଭା ଆହୁରି ବଢ଼ିଗଲା । ପରମେଶ୍ୱର ଯେପରି ତାଙ୍କର ନିତ୍ୟ ଜ୍ଞାନ, ବଳ ଓ ଶକ୍ତିମାନଙ୍କ ଦ୍ୱାରା ସେବିତ ହୋଇ ଶୋଭାୟମାନ ହୁଅନ୍ତି, ସେ ଠିକ୍ ସେହିପରି ଶୋଭାୟମାନ ହେଲେ ॥ ୧୦ ॥

ତା'ପରେ ପ୍ରଭୁ ସେହି ବ୍ରଜସୁନ୍ଦରୀମାନଙ୍କୁ ସାଥିରେ ଧରି ଯମୁନା ପୁଲିନରେ ପ୍ରବେଶ କଲେ । ସେତେବେଳକୁ ପ୍ରସ୍ଫୁଟିତ କୁନ୍ଦ ଓ ମନ୍ଦାର ପୁଷ୍ପର ସୁରଭି ବହନ କରି ଅତ୍ୟନ୍ତ ଶୀତଳ ଓ ସୁଗନ୍ଧିତ ମନ୍ଦ ମନ୍ଦ ବାୟୁ ପ୍ରବାହିତ ହେଉଥାଏ ଏବଂ ଫୁଲର ମହକରେ ପ୍ରମତ୍ତ ହୋଇ ଭ୍ରମରମାନେ ଏଣେ ତେଣେ ଉଡ଼ି ବୁଲୁଥାନ୍ତି ॥ ୧୧ ॥ ଶରତପୂର୍ଣ୍ଣିମାର ଚନ୍ଦ୍ରକିରଣ ନିଜର ଅତୁଳନୀୟ ଛଟା ଦେଖାଇ ଗୁଲିଥାଏ । ତେଣୁ ରାତ୍ରିର ଅନ୍ଧକାର କେଉଁଠି ହେଲେ ଦେଖାଯାଉ ନ ଥାଏ; ସବୁଠାରେ ଆନନ୍ଦ-ମଙ୍ଗଳର ସାମ୍ରାଜ୍ୟ ଝଲସୁଥାଏ । ସେହି ପୁଲିନର ଶୋଭା ଦେଖି ମନେ ହେଉଥାଏ, ଯମୁନା ଯେପରି ତାର ଲହରୀରୂପୀ ହାତରେ ଭଗବାନଙ୍କର ଲୀଳା ନିମନ୍ତେ ସୁକୋମଳ ବାଲୁକାରେ ରଙ୍ଗମଞ୍ଚଟିଏ ଗଢ଼ିଦେଇଛି ॥ ୧୨ ॥ ହେ ପରୀକ୍ଷିତ ! ଶ୍ରୀକୃଷ୍ଣଙ୍କର ଦର୍ଶନ ପାଇ ଗୋପୀମାନଙ୍କ ହୃଦୟରେ ଏତେ ଆନନ୍ଦ ଓ ଏତେ ରସର ପ୍ଲାବନ ଆସିଗଲା ଯେ, ସେମାନଙ୍କ ହୃଦୟରୁ ସକଳ ଆଧିବ୍ୟାଧି ଦୂର ହୋଇଗଲା । କର୍ମକାଣ୍ଡର ବର୍ଣ୍ଣନା କରି ବେଦ ଯେପରି ଆନନ୍ଦ ଲାଭ କରିପାରନ୍ତି ନାହିଁ; କିମ୍ବା ଜ୍ଞାନକାଣ୍ଡ ପ୍ରତିପାଦନଦ୍ୱାରା ଭଗବାନଙ୍କର ବର୍ଣ୍ଣନା କରି ପରମାନନ୍ଦ ଲାଭ କରନ୍ତି ଓ କୃତକୃତ୍ୟ ହୋଇଯାଆନ୍ତି, ଗୋପୀମାନେ ସେହିପରି ପୂର୍ଣ୍ଣକାମ ହୋଇଗଲେ । ସେମାନେ ନିଜ ନିଜର ବକ୍ଷଃସ୍ଥଳକୁ ଯେଉଁ ଓଢ଼ଣୀରେ ଘୋଡ଼ାଇଥିଲେ, ସେଥିରେ ସେମାନଙ୍କ ବକ୍ଷଃସ୍ଥଳରେ ବୋଳା ହୋଇଥିବା ଚନ୍ଦନ-କେଶରର ଚିହ୍ନ ଲାଗିଯାଇଥିଲା । ବର୍ତ୍ତମାନ ସେମାନେ ବକ୍ଷରୁ ସେହି କେଶରଚିହ୍ନିତ ଓଢ଼ଣୀ କାଢ଼ି ଶ୍ରୀକୃଷ୍ଣ ବସିବେ ବୋଲି ବାଲିରେ ବିଛାଇଦେଲେ ॥ ୧୩ ॥ ବଡ଼ ବଡ଼ ଯୋଗେଶ୍ୱରମାନେ ନିଜର ଯୋଗସାଧନାଦ୍ୱାରା ପବିତ୍ର କରାଯାଇଥିବା ହୃଦୟକୁ ଯାହାଙ୍କର ଆସନ ବୋଲି କଳ୍ପନା କରିଥାନ୍ତି; ଅଥଚ ଏତେ କଳ୍ପନା କରି ମଧ୍ୟ ଯାହାଙ୍କୁ ନିଜ ହୃଦୟସିଂହାସନରେ ବସାଇପାରନ୍ତି ନାହିଁ, ସେହି ସର୍ବଶକ୍ତିମାନ୍ ଭଗବାନ ଯମୁନାପୁଲିନର ବାଲିରେ ବିଛା ହୋଇଥିବା ଗୋପୀମାନଙ୍କର ଓଢ଼ଣୀରେ ବସିପଡ଼ିଲେ । ସହସ୍ର ସହସ୍ର ଗୋପୀଙ୍କ ଭିତରେ ବସି, ସେମାନଙ୍କ ଦ୍ୱାରା ପୂଜିତ ହୋଇ ଭଗବାନ ସତରେ ଅତ୍ୟନ୍ତ ସୁନ୍ଦର ଦିଶିଲେ । ହେ ପରୀକ୍ଷିତ !

ସଭାଜୟିତ୍ୱା ତମନଙ୍ଗଦୀପନଂ
ସହାସଲୀଳେକ୍ଷଣବିଭ୍ରମଭ୍ରୁବା ।
ସଂସ୍ପର୍ଶନେନାଙ୍କକୃତାଙ୍ଘ୍ରିହସ୍ତୟୋଃ
ସଂସ୍ତୁତ୍ୟ ଈଷତ୍କୁପିତା ବଭାଷିରେ ॥ ୧୫

ତ୍ରିଲୋକରେ ତଥା ତ୍ରିକାଳରେ ଯେତେ ସବୁ ସୌନ୍ଦର୍ଯ୍ୟ ପ୍ରକାଶିତ ହୁଏ, ସେସବୁ ମିଶିଲେ ବି ଭଗବାନଙ୍କ ସୌନ୍ଦର୍ଯ୍ୟର ବିନ୍ଦୁଟିଏ ସହିତ ମଧ୍ୟ ସମାନ ହେବ ନାହିଁ; କାରଣ ଭଗବାନ ହିଁ ସେହିସବୁ ସୌନ୍ଦର୍ଯ୍ୟର ମୂଳ ଆଶ୍ରୟ ॥ ୧୪ ॥ ଭଗବାନ ଶ୍ରୀକୃଷ୍ଣ ଆପଣା ଅଲୌକିକ ସୌନ୍ଦର୍ଯ୍ୟଦ୍ୱାରା ସେମାନଙ୍କର ପ୍ରେମ ଓ ଆକାଙ୍କ୍ଷାକୁ ଆହୁରି ବର୍ଦ୍ଧିତ କରିଦେଲେ । ଗୋପୀମାନେ ନିଜର ମୃଦୁହାସ, ଜଟାକ୍ଷଗ୍ରହଣି ଓ ବକ୍ରଭ୍ରୂଲତାଦ୍ୱାରା ଭଗବାନଙ୍କୁ ସମ୍ମାନ ଦେଖାଇଲେ । ସେମାନଙ୍କ ଭିତରୁ କିଏ ତାଙ୍କର ଚରଣକମଳକୁ ନିଜ କୋଳରେ ରଖିଦେଲା ତ, କିଏ ତାଙ୍କର କରକମଳକୁ କୋଳରେ ରଖିଲା । ସେମାନେ ତାଙ୍କର ସଂସ୍ପର୍ଶରେ ଆନନ୍ଦ ଅନୁଭବ କରି ମଝି ମଝିରେ କହି ଉଠୁଥିଲେ, "ସତରେ କେଡ଼େ ସୁକୁମାର ଗୋ ! କେଡ଼େ ମଧୁର ଗୋ ସଖା !" ତାପରେ ଶ୍ରୀକୃଷ୍ଣ ଯେଉଁ ଲୁଚି ଯାଇଥିଲେ, ସେଥିପାଇଁ ଟିକିଏ ପ୍ରଣୟ କୋପ ପ୍ରକାଶ କରି ତାଙ୍କରି ମୁହଁରେ ତାଙ୍କରି ଦୋଷ ସ୍ୱୀକାର କରାଇବା ପାଇଁ କହିଲେ —॥ ୧୫ ॥

ଗୋପ୍ୟ ଉଚୁଃ

ଭଜତୋଽନୁଭଜନ୍ତ୍ୟେକ ଏକ ଏତଦ୍ବିପର୍ଯ୍ୟୟମ୍ ।
ନୋଭୟାଂଶ୍ଚ ଭଜନ୍ତ୍ୟେକ ଏତନ୍ନୋ ବ୍ରୂହି ସାଧୁ ଭୋଃ ॥ ୧୬

ଗୋପୀମାନେ କହିଲେ—ହେ ନଟନାଗର ! ଶୁଣ, ଏଭଳି କେତେକ ଲୋକ ଅଛନ୍ତି ଯେ, ସେମାନେ କେବଳ ପ୍ରେମ କରୁଥିବା ଲୋକଙ୍କୁ ହିଁ ପ୍ରେମ କରନ୍ତି । ଆଉ କେତେକ ଲୋକ ପ୍ରେମ ନ କରିବା ଲୋକଙ୍କୁ ମଧ୍ୟ ପ୍ରେମ କରନ୍ତି; କିନ୍ତୁ ଏଭଳି ବି କେତେକ ଲୋକ ଅଛନ୍ତି, ଯେଉଁମାନେ କି ଏହି ଉଭୟଙ୍କୁ ପ୍ରେମ କରନ୍ତି ନାହିଁ । ହେ ପ୍ରେମର ବନ୍ଧୁ ! ଆମକୁ କହିଲ, ଏହି ତିନିପ୍ରକାର ସ୍ୱଭାବ ମଧ୍ୟରୁ ତୁମକୁ କେଉଁ ପ୍ରକାର ସ୍ୱଭାବ ଭଲ ଲାଗେ ? ॥ ୧୬ ॥

ଶ୍ରୀଭଗବାନୁବାଚ

ମିଥୋ ଭଜନ୍ତି ଯେ ସଖ୍ୟଃ ସ୍ୱାର୍ଥୈକାନ୍ତୋଦ୍ୟମା ହି ତେ ।
ନ ତତ୍ର ସୌହୃଦଂ ଧର୍ମଃ ସ୍ୱାର୍ଥାର୍ଥଂ ତଦ୍ଧି ନାନ୍ୟଥା ॥ ୧୭

ଭଗବାନ ଶ୍ରୀକୃଷ୍ଣ କହିଲେ—ହେ ପ୍ରିୟ ସଖୀଗଣ ! ଯେଉଁମାନେ ପ୍ରେମ କରୁଥିବା ଲୋକଙ୍କୁ ହିଁ ପ୍ରେମ କରନ୍ତି, ସେମାନଙ୍କର ସକଳ କର୍ମ ସ୍ୱାର୍ଥକୁ ନେଇ ହୁଏ । ସେମାନେ ହେଉଛନ୍ତି 'ଦିଆକୁ ଦିଆ, ଅଦିଆକୁ ଦୁଆରଦିଆ ।' ସେମାନଙ୍କ ଠାରେ ସୌହାର୍ଦ୍ଦ୍ୟ ନ ଥାଏ, କି ଧର୍ମ ନ ଥାଏ । ସେମାନଙ୍କର ପ୍ରେମ କରିବାଟା କେବଳ ସ୍ୱାର୍ଥପ୍ରଣୋଦିତ । ସ୍ୱାର୍ଥ ଛଡ଼ା ସେମାନଙ୍କର ଅନ୍ୟ କୌଣସି ପ୍ରୟୋଜନ ନ ଥାଏ ॥ ୧୭ ॥ ହେ ସୁନ୍ଦରୀଗଣ ! ଯେଉଁମାନେ ପ୍ରେମ ନ କରୁଥିବା ଲୋକଙ୍କୁ ମଧ୍ୟ ପ୍ରେମ କରନ୍ତି, ସେମାନେ ମାତାପିତା ଓ ସଜ୍ଜନଙ୍କ ପରି ସ୍ୱଭାବତଃ କରୁଣାଶୀଳ; ସେମାନଙ୍କ ହୃଦୟରେ ସୌହାର୍ଦ୍ଦ୍ୟ ଓ ପରୋପକାରିତା ପୂର୍ଣ୍ଣ ହୋଇ ରହିଥାଏ ଏବଂ ସତ କହିବାକୁ ଗଲେ, ସେମାନଙ୍କ ବ୍ୟବହାରରେ ନିଷ୍କପଟ ସତ୍ୟ ଓ ପୂର୍ଣ୍ଣ ଧର୍ମ ମଧ୍ୟ ରହିଥାଏ ॥ ୧୮ ॥

ଭଜନ୍ତ୍ୟଭଜତୋ ଯେ ବୈ କରୁଣାଃ ପିତରୋ ଯଥା ।
ଧର୍ମୋ ନିରପବାଦୋଽତ୍ର ସୌହୃଦଂ ଚ ସୁମଧ୍ୟମାଃ ॥ ୧୮

ଭଜତୋଽପି ନ ବୈ କେଚିଦ୍ ଭଜନ୍ତ୍ୟଭଜତଃ କୁତଃ ।
ଆତ୍ମାରାମା ହ୍ୟାପ୍ତକାମା ଅକୃତଜ୍ଞା ଗୁରୁଦ୍ରୁହଃ ॥ ୧୯

ଏପରି ବି କେତେକ ଲୋକ ଅଛନ୍ତି, ଯେଉଁମାନେ ପ୍ରେମ କରୁଥିବା ଲୋକଙ୍କୁ ବି ପ୍ରେମ କରନ୍ତି ନାହିଁ; ତେବେ ସେମାନଙ୍କ ଯେତ୍ରରେ ପ୍ରେମ ନ କରୁଥିବା ଲୋକଙ୍କୁ ପ୍ରେମ କରିବାର ପ୍ରଶ୍ନ କାହିଁ ! ଏପରି ଲୋକଙ୍କୁ ତ୍ରିପ୍ରକାରରେ ବିଭକ୍ତ କରାଯାଇପାରେ; ସେଥିମଧ୍ୟରୁ ଗୋଟିଏ ପ୍ରକାର ଲୋକେ ସର୍ବଦା ନିଜ ଅଦ୍ୱୈତ ସ୍ୱରୂପଗତ ଆନନ୍ଦରେ ବିଭୋର ରହନ୍ତି; ସେମାନଙ୍କ ଦୃଷ୍ଟିରେ ଦ୍ୱିତୀୟ ବସ୍ତୁ ବୋଲି କିଛି ନ ଥାଏ । ଦ୍ୱିତୀୟ ପ୍ରକାର ଲୋକଙ୍କ ଦୃଷ୍ଟିରେ ଦ୍ୱୈତ ତ ଦେଖାଯାଏ; କିନ୍ତୁ ସେମାନେ କୃତକୃତ୍ୟ ହୋଇଯାଇଥାନ୍ତି—ସେମାନଙ୍କର କାହାଠାରେ କୌଣସି ପ୍ରୟୋଜନ ନ ଥାଏ । ତୃତୀୟ ପ୍ରକାର ଲୋକେ ଏକଥା ଆଦୌ ଜାଣିପାରନ୍ତି ନାହିଁ ଯେ, ସେମାନଙ୍କୁ କିଏ ପ୍ରେମ କରୁଛି । ଚତୁର୍ଥ ପ୍ରକାର ଲୋକେ ତ ଜାଣିଶୁଣି ନିଜର ଗୁରୁତୁଲ୍ୟ ପରୋପକାରୀ ଲୋକଙ୍କ ସଙ୍ଗେ ମଧ୍ୟ ଦ୍ରୋହ କରନ୍ତି—ସେମାନଙ୍କୁ ଦୁଃଖକଷ୍ଟ ଦିଅନ୍ତି ॥ ୧୯ ॥ କିନ୍ତୁ ହେ ଗୋପୀଗଣ ! ମୁଁ ତ ପ୍ରେମ କରୁଥିବା ଲୋକଙ୍କୁ ମଧ୍ୟ ଯେପରି ପ୍ରେମ କରିବା କଥା, ସେପରି ପ୍ରେମ କରେ ନାହିଁ । ଜାଣ ମୁଁ ଗୃହେଁ ଯେ, ସେମାନଙ୍କର ଚିତ୍ତବୃତ୍ତି ମୋ ଠାରେ ଆହୁରି ଘନିଷ୍ଠ ହୋଇ ଲାଗିରହୁ, ନିରନ୍ତର ଲାଗିରହୁ । କୌଣସି ନିତାନ୍ତ ଗରିବ ଲୋକକୁ ଯଦି ପ୍ରଚୁର ପରିମାଣରେ ଧନ ମିଳିଯାଏ ଓ କିଛିଦିନ ଭିତରେ ସେହି ଧନ ହଜେଇଯାଏ, ତେବେ ତା ମନ ଯେପରି ସେହି ଧନଚିନ୍ତାରେ ବୁଡ଼ିଯିବ, ଯେତେ ବୁଝାଇଲେ ବି ବୁଝିବ ନାହିଁ, ମୁଁ ଗୃହେଁ, ମୋତେ ପ୍ରେମ କରୁଥିବା ଲୋକ ମୋଠାରେ ସେହିପରି ନିରବଚ୍ଛିନ୍ନ ପ୍ରେମ ରଖୁ । ତେଣୁ ମୁଁ ମିଳି ମଧ୍ୟ ସବୁବେଳେ ମିଳେ ନାହିଁ, କିଛି ସମୟ ମିଳିଗଲେ, କିଛି ସମୟ ଲୁଚିଯାଏ—ଧରା ଦିଏନି ॥ ୨୦ ॥ ହେ ଗୋପୀଗଣ ! ଏଥିରେ କୌଣସି ସନ୍ଦେହ ନାହିଁ ଯେ, ତୁମେମାନେ ମୋତେ ପାଇବାକୁ ତୁମର ଲୋକଲଜ୍ଜା, ବେଦମାର୍ଗ ଏବଂ ଆତ୍ମୀୟସ୍ୱଜନଙ୍କୁ ମଧ୍ୟ ଛାଡ଼ିଦେଇଛ । ଏପରି ସ୍ଥିତିରେ ତୁମର ମନୋବୃତ୍ତି ଯେପରି ଅନ୍ୟ କେଉଁ ଆଡ଼େ ନ ଯାଇ, ନିଜର ସୌନ୍ଦର୍ଯ୍ୟ ଓ ସୁହାଗ ଚିନ୍ତାରେ ଲାଗି ନ ଯାଇ କେବଳ ମୋଠାରେ ହିଁ ଲାଗି ରହିବ, ସେଥିପାଇଁ ତୁମମାନଙ୍କ ପ୍ରତି ମୋର ପ୍ରେମ ଥିଲେ ମଧ୍ୟ ଏବଂ ମୁଁ ତୁମମାନଙ୍କୁ ପରୋକ୍ଷରେ ପ୍ରେମ କରୁଥିଲେ ମଧ୍ୟ ଲୁଚିଯାଇଥିଲି । ତେଣୁ ତୁମେମାନେ ମୋ ପ୍ରେମରେ ଦୋଷ ଦର୍ଶନ କର ନାହିଁ । ତୁମେ ସମସ୍ତେ ହେଉଛ ମୋର ପ୍ରିୟା ଓ ମୁଁ ତୁମ ସମସ୍ତଙ୍କର ପ୍ରିୟତମ ॥ ୨୧ ॥

ନାହଂ ତୁ ସଖ୍ୟୋ ଭଜତୋଽପି ଜନ୍ତୂନ୍
ଭଜାମ୍ୟମୀଷାମନୁବୃତ୍ତିବୃତ୍ତୟେ ।
ଯଥାଧନୋ ଲବ୍ଧଧନେ ବିନଷ୍ଟେ
ତଚ୍ଚିନ୍ତୟାନ୍ୟନ୍ନିଭୃତୋ ନ ବେଦ ॥ ୨୦

ଏବଂ ମଦର୍ଥୋଜ୍ଝିତଲୋକବେଦ-
ସ୍ୱାନାଂ ହି ବୋ ମଯ୍ୟନୁବୃତ୍ତୟେଽବଳାଃ ।
ମୟା ପରୋକ୍ଷଂ ଭଜତା ତିରୋହିତଂ
ମାସୂୟିତୁଂ ମାର୍ହଥ ତତ୍ ପ୍ରିୟଂ ପ୍ରିୟାଃ ॥ ୨୧

ନ ପାରୟେଽହଂ ନିରବଦ୍ୟସଂଯୁଜାଂ
ସ୍ୱସାଧୁକୃତ୍ୟଂ ବିବୁଧାୟୁଷାପି ବଃ ।
ଯା ମାଭଜନ୍ ଦୁର୍ଜରଗେହଶୃଙ୍ଖଳାଃ
ସଂବୃଶ୍ଚ୍ୟ ତଦ୍ ବଃ ପ୍ରତିଯାତୁ ସାଧୁନା ॥ ୨୨

ହେ ମୋର ପ୍ରିୟତମା ଗୋପୀଗଣ ! ତୁମେମାନ୍ତେ ମୋରି ପାଇଁ ଘରଦ୍ୱାର ଆଦି ଦୁସ୍ତ୍ୟଜ ବନ୍ଧନ ତୁଟାଇ ଦେଲ, ଯାହା କି ବଡ଼ ବଡ଼ ଯୋଗୀଯତି ମଧ୍ୟ ତୁଟାଇପାରନ୍ତି ନାହିଁ। ମୋ ସହିତ ତୁମର ଏ ଯେଉଁ ମିଳନ, ଏ ଯେଉଁ ଆତ୍ମିକ ସଂଯୋଗ, ଏହା ହେଉଛି ସର୍ବଥା ନିର୍ମଳ ଓ ନିର୍ଦୋଷ। ଯଦି ମୁଁ ତୁମର ପ୍ରେମ, ସେବା ଓ ତ୍ୟାଗର ଋଣ ଶୁଝିବାକୁ ଦେବତାଙ୍କ ଆୟୁ ପରି ଦୀର୍ଘ ଆୟୁ ପାଇ ଜୀବନସାରା ଲାଗିପଡ଼େ, ତେବେ ବି ମୁଁ ସେହି ଋଣ ଶୁଝିପାରିବି ନାହିଁ। ମୁଁ ଜନ୍ମ ଜନ୍ମ ଧରି ତୁମ ପାଖରେ ଋଣୀ। ତୁମେମାନେ ହୁଏତ ନିଜ ନିଜର ସୌମ୍ୟ ସ୍ୱଭାବରେ ଓ ପ୍ରେମରେ ମୋତେ ଋଣମୁକ୍ତ କରିଦେଇପାର; କିନ୍ତୁ ମୁଁ ତ ତୁମମାନଙ୍କ ପାଖରେ ଚିରଋଣୀ ହୋଇ ରହିଗଲି ॥ ୨୨ ॥

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ଦଶମସ୍କନ୍ଧେ ପୂର୍ବାର୍ଦ୍ଧେ ରାସକ୍ରୀଡ଼ାୟାଂ ଗୋପୀସାଦ୍ଧନଂ ନାମ ଦ୍ୱାତ୍ରିଂଶୋଽଧ୍ୟାୟଃ ॥ ୩୨ ॥

+++

ଅଥ ତ୍ରୟସ୍ତ୍ରିଂଶୋଽଧ୍ୟାୟଃ

ମହାରାସ

ଶ୍ରୀଶୁକ ଉବାଚ

ଇତ୍ଥଂ ଭଗବତୋ ଗୋପ୍ୟଃ ଶ୍ରୁତ୍ୱା ବାଚଃ ସୁପେଶଲାଃ ।
ଜହୁର୍ବିରହଜଂ ତାପଂ ତଦଙ୍ଗୋପଚିତାଶିଷଃ ॥ ୧

ଶ୍ରୀଶୁକଦେବ କହିଲେ—ହେ ରାଜନ୍ ! ଗୋପୀମାନଙ୍କ ମନରେ ଯାହା କିଛି ବିରହଜନିତ ତାପ ଅବଶେଷ ଥିଲା, ଭଗବାନଙ୍କର ଏହିପରି ପ୍ରେମଭରା ସୁମଧୁର ବାଣୀ ଶୁଣି, ସେହି ତାପରୁ ଗୋପୀମାନେ ମୁକ୍ତ ହୋଇଗଲେ ଏବଂ ସୌନ୍ଦର୍ଯ୍ୟମାଧୁର୍ଯ୍ୟନିଧି ପ୍ରାଣପତିଙ୍କର ଅଙ୍ଗସଙ୍ଗ ପାଇ ସେମାନେ ପୂର୍ଣ୍ଣକାମ ହୋଇଗଲେ ॥ ୧ ॥

ତତ୍ରାରଭତ ଗୋବିନ୍ଦୋ ରାସକ୍ରୀଡ଼ାମନୁବ୍ରତୈଃ ।
ସ୍ତ୍ରୀରତ୍ନୈରଙ୍ଗବିତ୍ତଃ ପ୍ରୀତୈରନ୍ୟାନ୍ୟାବଦ୍ଧବାହୁଭିଃ ॥ ୨

ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରେୟସୀ ଓ ସେବିକା ଗୋପୀମାନେ ହାତ ଧରାଧରି ହୋଇ ମଣ୍ଡଳାକାରରେ ଠିଆ ହୋଇଗଲେ। ଭଗବାନ ଯମୁନାପୁଲିନରେ ସେହି ନାରୀରତ୍ନମାନଙ୍କ ସହିତ ରସମୟୀ ରାସକ୍ରୀଡ଼ା ଆରମ୍ଭ କରିଦେଲେ ॥ ୨ ॥ ସକଳ ଯୋଗର ସ୍ୱାମୀ ଭଗବାନ ଶ୍ରୀକୃଷ୍ଣ ପ୍ରତି ଦୁଇଜଣ ଗୋପୀଙ୍କ ମଝିରେ ପ୍ରକଟିତ ହୋଇ ସେମାନଙ୍କ ଜାନ୍ତରେ ହାତ ପକାଇଦେଲେ। ତେଣୁ ପ୍ରତ୍ୟେକ ଗୋପୀ ଅନୁଭବ କଲେ ଯେ, ତାଙ୍କ ପ୍ରିୟତମ ତାଙ୍କରି ପାଖରେ ଅଛନ୍ତି। ଏପରିଭାବରେ ଭଗବାନ ନିଜକୁ ଅନେକରୂପ କରିଦେଇ ପ୍ରତ୍ୟେକ ଗୋପୀ ପାଖରେ ଜଣେ ଲେଖାଏଁ ଶ୍ରୀକୃଷ୍ଣ କ୍ରମରେ ସହସ୍ର ସହସ୍ର ଗୋପୀଙ୍କ ମଧ୍ୟରେ ଶୋଭାୟମାନ ହୋଇ ଦିବ୍ୟ ରାସୋତ୍ସବ ଆରମ୍ଭ କରିଦେଲେ। ସେତେବେଳେ ଆକାଶରେ ଶତ ଶତ ବିମାନର ଭିଡ଼ ଲାଗିଗଲା; ସେଥିରେ ସକଳ ଦେବତା ନିଜ ନିଜର ପତ୍ନୀଙ୍କ ସହିତ ଆସିଥିଲେ।

ରାସୋତ୍ସବଃ ସମ୍ପ୍ରବୃତ୍ତୋ ଗୋପୀମଣ୍ଡଳମଣ୍ଡିତଃ ।
ଯୋଗେଶ୍ୱରେଣ କୃଷ୍ଣେନ ତାସାଂ ମଧ୍ୟେ ଦ୍ୱୟୋର୍ଦ୍ୱୟୋଃ ।
ପ୍ରବିଷ୍ଟେନ ଗୃହୀତାନାଂ କଣ୍ଠେ ସ୍ୱନିକଟଂ ସ୍ତ୍ରିୟଃ ॥ ୩

ଯଂ ମନ୍ୟେରନ୍ ନଭସ୍ତାବଦ୍ ବିମାନଶତସଙ୍କୁଳମ୍ ।
ଦିବୌକସାଂ ସଦାରାଣାମୌତ୍ସୁକ୍ୟାପହୃତାତ୍ମନାମ୍ ॥ ୪

ରାସୋତ୍ସବଦର୍ଶନର ଲାଳସା ଓ ଉତ୍ସୁକତାରେ ସେମାନଙ୍କର ମନ ଆଉ ସେମାନଙ୍କ ବଶରେ ନ ଥିଲା ॥ ୩,୪ ॥ ସ୍ୱର୍ଗର ଦିବ୍ୟ ଦୁନ୍ଦୁଭିସବୁ ସ୍ୱତଃ ବାଜିଉଠିଲା । ସ୍ୱର୍ଗରୁ ପୁଷ୍ପ ବୃଷ୍ଟି ହେଲା । ଗନ୍ଧର୍ବମାନେ ନିଜ ନିଜର ପତ୍ନୀମାନଙ୍କ ସହିତ ଭଗବାନଙ୍କର ନିର୍ମଳ ଯଶ ଗାୟନ କଲେ ॥ ୫ ॥ ରାସମଣ୍ଡଳରେ ସବୁଗୋପୀ ନିଜର ପ୍ରିୟତମ ଶ୍ୟାମସୁନ୍ଦରଙ୍କ ସହିତ ନୃତ୍ୟ ଆରମ୍ଭ କରିଦେଲେ । ସେମାନଙ୍କ ହାତର କାବ, ପାଦର ପାଉଁଜି ଓ କଟିର କିଙ୍କିଣୀ ଏକସଙ୍ଗେ ବାଜି ଉଠିଲା । ଅସଂଖ୍ୟ ଗୋପୀ ନାଚୁଥିଲେ; ତେଣୁ ଖୁବ୍ ଜୋର୍‌ରେ ଏସବୁର ମଧୁର ଧ୍ୱନି ଶୁଣାଗଲା ॥ ୬ ॥ ଯମୁନାର ସେହି ବାଲୁକାମୟ ତଟରେ ଦେବକୀନନ୍ଦନ ଶ୍ରୀକୃଷ୍ଣ ବ୍ରଜସୁନ୍ଦରୀମାନଙ୍କ ମଣ୍ଡଳରେ ଅପୂର୍ବ ଶୋଭା ଧାରଣ କଲେ । ତାହା ଦେଖି ମନେହେଲା, ଅଗଣିତ ଉଜ୍ଜ୍ୱଳ ସୁବର୍ଣ୍ଣ ମାଳିଗୁଟିକା ଯୁକ୍ତକର ମଝି ମଝିରେ ଗୋଟିଏ ଲେଖାଏଁ ନୀଳମଣି ଝଟକୁଛି ଜି ! ॥ ୭ ॥ ନାଚିବା ସମୟରେ, ଗୋପୀମାନେ ବିଭିନ୍ନ ତାଳରେ ପାଦ ପକାଇ କେତେବେଳେ ଆଗକୁ ମାଡ଼ିଯାଉଥାନ୍ତି ତ, କେତେବେଳେ ପଛକୁ ଘୁଞ୍ଚି ଆସୁଥାନ୍ତି; କେତେବେଳେ ଧୀରେ ଧୀରେ ତ, ଆଉ କେତେବେଳେ ଶୀଘ୍ର ଶୀଘ୍ର ପାଦ ପକାଉଥାନ୍ତି; କେତେବେଳେ ଘୂରି ଯାଉଥାନ୍ତି ତ, କେତେବେଳେ ହାତ ଟେକି ଭାବ ପ୍ରକାଶ କରୁଥାନ୍ତି; ପୁଣି କେତେବେଳେ ବିଭିନ୍ନ ଢଙ୍ଗରେ ହାତ ହଲାଉଥାନ୍ତି । କେତେବେଳେ ସୁନ୍ଦର ଭଙ୍ଗୀରେ ମନ୍ଦହାସ କରୁଥାନ୍ତି ତ, କେତେବେଳେ ଗୁରୁତପଳ ଭ୍ରୂଲତା ନଗୁଡାଉଥାନ୍ତି । ନାଚିବା ବେଳେ ସେମାନଙ୍କର କ୍ଷୀଣ କଟି ଏପରି ଲହକି ଯାଉଥାଏ ଯେ, ମନେ ହେଉଥାଏ, ସତେ ଅବା ଭାଙ୍ଗିଯିବ କି ! ନଇଁବା, ବସିବା, ଉଠିବା ଓ ଦ୍ରୁତଗତିରେ ଗଲିବା ସମୟରେ ସେମାନଙ୍କର ସ୍ତନ ହଲି, ଯାଉଥାଏ ଏବଂ ବସ୍ତ୍ର ଉଡ଼ି ଯାଉଥାଏ । କାନର କୁଣ୍ଡଳ ହଲି ହଲି ଗାଲରେ ବାଜୁଥାଏ । ନାଚିବାର ପରିଶ୍ରମ ହେତୁ ସେମାନଙ୍କ ମୁହଁରୁ ଟୋପା ଟୋପା ଝାଳ ବାହାରି ଝଲସି ଉଠୁଥାଏ । ମଥାର ବେଣୀ ଓ ଖୋସା ହୁଗୁଳା ହୋଇ ଯାଉଥାଏ । ଅଣ୍ଟାର ଖୋସଣି ଗଣ୍ଠି ଫିଟି ଯାଉଥାଏ । ନଟବର ନନ୍ଦବଳାଙ୍କ ପରମ ପ୍ରେୟସୀ ଗୋପୀଗଣ ତାଙ୍କ ସହିତ ନାଚି ନାଚି ଗୀତ ଗାଉଥାନ୍ତି । ହେ ପରୀକ୍ଷିତ ! ସେହି ଦୃଶ୍ୟ ଦେଖି ମନେ ହେଉଥାଏ ସତେ ଯେପରି ବହୁ ଶ୍ରୀକୃଷ୍ଣରୂପୀ କଳାମେଘମଣ୍ଡଳରେ ବହୁ ଗୋପୀରୂପୀ ବିଜୁଳି ଖେଳିଯାଉଛି । କଳା କୃଷ୍ଣମାନଙ୍କର ଶୋଭା ଯେପରି ଅବର୍ଣ୍ଣନୀୟ ହୋଇଥାଏ, ଗୋରା ଗୋପୀମାନଙ୍କର ଶୋଭା ସେହପରି ଅପୂର୍ବ ଦେଖା ଯାଉଥାଏ ॥ ୮ ॥

ତତୋ ଦୁନ୍ଦୁଭୟୋ ନେଦୁର୍ନିପେତୁଃ ପୁଷ୍ପବୃଷ୍ଟୟଃ ।
ଜଗୁର୍ଗନ୍ଧର୍ବପତୟଃ ସସ୍ତ୍ରୀକାସ୍ତଦ୍ଯଶୋମଳମ୍ ॥ ୫

ବଳୟାନାଂ ନୂପୁରାଣାଂ କିଙ୍କିଣୀନାଂ ଚ ଯୋଷିତାମ୍ ।
ସପ୍ରିୟାଣାମଭୂଚ୍ଛବ୍ଦସ୍ତୁମୁଲୋ ରାସମଣ୍ଡଳେ ॥ ୬

ତତ୍ରାତିଶୁଶୁଭେ ତାଭିର୍ଭଗବାନ୍ ଦେବକୀସୁତଃ ।
ମଧ୍ୟେ ମଣୀନାଂ ହୈମାନାଂ ମହାମରକତୋ ଯଥା ॥ ୭

ପାଦନ୍ୟାସୈର୍ଭୁଜବିଧୁତିଭିଃ ସସ୍ମିତୈର୍ଭ୍ରୂବିଲାସୈ-
ର୍ଭଜ୍ୟନ୍ମଧ୍ୟୈଶ୍ଚଳକୁଚପଟୈଃ କୁଣ୍ଡଳୈର୍ଗଣ୍ଡଲୋଳୈଃ ।
ସ୍ୱିଦ୍ୟନ୍ମୁଖ୍ୟଃ କବରରଶନାଗ୍ରନ୍ଥୟଃ କୃଷ୍ଣବଧ୍ୱୋ
ଗାୟନ୍ତ୍ୟସ୍ତଂ ତଡିତ ଇବ ତା ମେଘଚକ୍ରେ ବିରେଜୁଃ ॥ ୮

ଉଚ୍ଚୈର୍ଜଗୁର୍ନୃତ୍ୟମାନା ରକ୍ତକଣ୍ଠ୍ୟୋ ରତିପ୍ରିୟାଃ ।
କୃଷ୍ଣାଭିମର୍ଶମୁଦିତା ଯତ୍‌ଗୀତେନେଦମାବୃତମ୍ ॥ ୯

ଜଣେ ଗୋପୀ ଭଗବାନଙ୍କ ସହିତ, ତାଙ୍କ ସ୍ୱରରେ ସ୍ୱର ମିଶାଇ ଗାଉଥିଲା । ଗାଉ ଗାଉ ସେ ଶ୍ରୀକୃଷ୍ଣଙ୍କ ସ୍ୱର ଅପେକ୍ଷା ଆହୁରି ଉଚ୍ଚସ୍ୱରରେ ରାଗ ଆଳାପନା ଜଲ୍ପା । ସେହି ଅପୂର୍ବ ଓ ଉତ୍ତମ ସ୍ୱର ଶୁଣି ଭଗବାନ ବହୁତ ଖୁସୀ ହେଲେ ଓ 'ବାଃ ! ବାଃ !' କହି ତାକୁ ପ୍ରଶଂସା କଲେ । ସେହି ରାଗକୁ ଅନ୍ୟ ଜଣେ ସଖୀ ଧ୍ରୁପଦରେ ଗାଇଲା । ଭଗବାନ ତାକୁ ବି ପ୍ରଶଂସା କଲେ ॥ ୧୦ ॥ ଜଣେ ଗୋପୀ ନାଚୁ ନାଚୁ ଥକିଗଲା । ତା'ହାତରୁ ଚୁଡ଼ି ଓ ବେଣୀରୁ ମଲ୍ଲିଫୁଲ ଖସିପଡ଼ିବାକୁ ଲାଗିଲା । ତେଣୁ ସେ ତା ପାଖରେ ଠିଆ ହୋଇଥିବା ଶ୍ୟାମସୁନ୍ଦରଙ୍କ କାନ୍ଧକୁ ଭୁଜପାଶରେ ଜୋରରେ ଧରିପକାଇଲା ॥ ୧୧ ॥ ସେତେବେଳେ ଶ୍ରୀକୃଷ୍ଣ ଗୋଟିଏ ହାତ ଅନ୍ୟ ଜଣେ ଗୋପୀର କାନ୍ଧରେ ପକାଇଥିଲେ । ସେହି ହାତ ତ ସହଜେ ପଦ୍ମଫୁଲ ପରି ବାସୁଥିଲା; ତା'ଉପରେ ପୁଣି ସୁବାସିତ ଚନ୍ଦନ ଢୋଳା ଯାଇଥିଲା । ତାହାର ସୁଗନ୍ଧରେ ସେହି ଗୋପୀ ପୁଲକିତ ହୋଇଗଲା; ତାର ରୋମ ଟାଙ୍କୁରି ଉଠିଲା । ସେ ଆଉ ନିଜକୁ ସମ୍ଭାଳି ନ ପାରି ସେହି ହାତରେ ଟହ୍‌ଲରି ଚୁମାଟିଏ ଦେଇଦେଲା ॥ ୧୨ ॥ ଆଉ ଜଣେ ଗୋପୀ ନାଚୁଥିଲା । ନାଚୁଥିବାରୁ ତାର କୁଣ୍ଡଳ ହଲୁଥିଲା ଓ କୁଣ୍ଡଳର ଝଲଜରେ ତାର ଗାଲ ଝଟକି ଉଠୁଥିଲା । ସେହି ଗୋପୀ ତା'ଗାଲକୁ ଶ୍ରୀକୃଷ୍ଣଙ୍କ ଗାଲରେ ଲଗାଇଦେବାରୁ ଶ୍ରୀକୃଷ୍ଣ ନିଜ ପାଟିର ଅର୍ଦ୍ଧଚର୍ବିତ ପାନ ତା ପାଟିରେ ପୂରାଇଦେଲେ ॥ ୧୩ ॥ ଜଣେ ଗୋପୀ ପାଦର ନୂପୁର ଓ କଟିର କିଙ୍କିଣୀ ଝୁମୁଝୁମୁ କରି ନାଚଗୀତ କରୁଥିଲା । ସେ ଯେତେବେଳେ ବେଶୀ ଥକିଗଲା, ସେତେବେଳେ ତା'ପାଖରେ ଠିଆ ହୋଇଥିବା ଶ୍ୟାମସୁନ୍ଦରଙ୍କର ଶୀତଳ କରକମଳକୁ ଟାଣି ଆଣି ନିଜର ବକ୍ଷଦେଶରେ ଗୁପିଧରିଲା ॥ ୧୪ ॥

ହେ ପରୀକ୍ଷିତ ! ଗୋପୀମାନଙ୍କର ସୌଭାଗ୍ୟ ଲକ୍ଷ୍ମୀଙ୍କ ସୌଭାଗ୍ୟକୁ ବି ବଳିଗଲା । ଲକ୍ଷ୍ମୀଙ୍କର ପରମ ପ୍ରିୟତମ ଏକାନ୍ତବଲ୍ଲଭ ଭଗବାନ ଶ୍ରୀକୃଷ୍ଣଙ୍କୁ ନିଜର ପରମ ପ୍ରିୟତମରୂପେ ଲାଭ କରି ଗୋପୀମାନେ ଗୀତ ଗାଇ ଗାଇ ତାଙ୍କ ସହିତ ବିହାର କରିବାକୁ ଲାଗିଲେ । ଶ୍ରୀକୃଷ୍ଣ

କାଚିତ୍ ସମଂ ମୁକୁନ୍ଦେନ ସ୍ୱରଜାତୀରମିଶ୍ରିତାଃ ।
ଉଜ୍ଜିନ୍ୟେ ପୂଜିତା ତେନ ପ୍ରୀୟତା ସାଧୁ ସାଧ୍ୱିତି ।
ତଦେବ ଧ୍ରୁବମୁଜ୍ଜିନ୍ୟେ ତସ୍ୟୈ ମାନଂ ଚ ବହ୍ୱଦାତ୍ ॥ ୧୦

କାଚିଦ୍ ରାସପରିଶ୍ରାନ୍ତା ପାର୍ଶ୍ୱସ୍ଥସ୍ୟ ଗଦାଭୃତଃ ।
ଜଗ୍ରାହ ବାହୁନା ସ୍କନ୍ଧଂ ଶ୍ଲଥତ୍‌ବଲୟମଲ୍ଲିକା ॥ ୧୧

ତତ୍ରୈକାଂସଗତଂ ବାହୁଂ କୃଷ୍ଣସ୍ୟୋତ୍ପଳସୌରଭମ୍ ।
ଚନ୍ଦନାଲିପ୍ତମାଘ୍ରାଯ ହୃଷ୍ଟରୋମା ଚୁଚୁମ୍ବ ହ ॥ ୧୨

କସ୍ୟାଶ୍ଚିନ୍ନାଟ୍ୟବିକ୍ଷିପ୍ତକୁଣ୍ଡଳତ୍ୱିଷମଣ୍ଡିତମ୍ ।
ଗଣ୍ଡଂ ଗଣ୍ଡେ ସନ୍ଦଧତ୍ୟା ଅଦାତ୍ତାମ୍ବୂଳଚର୍ବିତମ୍ ॥ ୧୩

ନୃତ୍ୟନ୍ତୀ ଗାୟତୀ କାଚିତ୍ କୂଜନ୍ନୂପୁରମେଖଳା ।
ପାର୍ଶ୍ୱସ୍ଥାଚ୍ୟୁତହସ୍ତାବ୍ଜଂ ଶ୍ରାନ୍ତାଧାତ୍ ସ୍ତନୟୋଃ ଶିବମ୍ ॥ ୧୪

ଗୋପ୍ୟୋ ଲବ୍ଧ୍ୱାଚ୍ୟୁତଂ କାନ୍ତଂ ଶ୍ରିୟ ଏକାନ୍ତବଲ୍ଲଭମ୍ ।
ଗୃହୀତକଣ୍ଠ୍ୟସ୍ତଦ୍ଦୋର୍ଭ୍ୟାଂ ଗାୟନ୍ତ୍ୟସ୍ତଂ ବିଜହ୍ରିରେ ॥ ୧୫

କର୍ଣ୍ଣୋତ୍ପଲାଳକବିଟଙ୍କକପୋଲଘର୍ମ-
ବକ୍ତ୍ରଶ୍ରିୟୋ ବଲୟନୂପୁରଘୋଷବାଦ୍ୟୈଃ ।
ଗୋପ୍ୟଃ ସମଂ ଭଗବତା ନନୃତୁଃ ସ୍ୱକେଶ-
ସ୍ରସ୍ତସ୍ରଜୋ ଭ୍ରମରଗାୟକରାସଗୋଷ୍ଠ୍ୟାମ୍ ॥ ୧୬

ଏବଂ ପରିଷ୍ୱଙ୍ଗକରାଭିମର୍ଶ-
ସ୍ନିଗ୍ଧେକ୍ଷଣୋଦ୍ଦାମବିଳାସହାସୈଃ ।
ରେମେ ରମେଶୋ ବ୍ରଜସୁନ୍ଦରାଭି-
ର୍ଯଥାର୍ଭକଃ ସ୍ୱପ୍ରତିବିମ୍ବବିଭ୍ରମଃ ॥ ୧୭

ତଦଙ୍ଗସଙ୍ଗପ୍ରମୁଦାକୁଲେନ୍ଦ୍ରିୟାଃ
କେଶାନ୍ ଦୁକୂଳଂ କୁଚପଟ୍ଟିକାଂ ବା ।
ନାଞ୍ଜଃ ପ୍ରତିବ୍ୟୋଢୁମଳଂ ବ୍ରଜସ୍ତ୍ରିୟୋ
ବିସ୍ରସ୍ତମାଳାଭରଣାଃ କୁରୂଦ୍ବହ ॥ ୧୮

କୃଷ୍ଣବିକ୍ରୀଡ଼ିତଂ ବୀକ୍ଷ୍ୟ ମୁମୁହୁଃ ଖେଚରସ୍ତ୍ରିୟଃ ।
କାମାର୍ଦିତାଃ ଶଶାଙ୍କଶ୍ଚ ସଗଣୋ ବିସ୍ମିତୋଽଭବତ୍ ॥ ୧୯

କୃତ୍ୱା ତାବନ୍ତମାତ୍ମାନଂ ଯାବତୀର୍ଗୋପଯୋଷିତଃ ।
ରେମେ ସ ଭଗବାଂସ୍ତାଭିରାତ୍ମାରାମୋଽପି ଲୀଳୟା ॥ ୨୦

ତାସାମତିବିହାରେଣ ଶ୍ରାନ୍ତାନାଂ ବଦନାନି ସଃ ।
ପ୍ରାମୃଜତ୍ କରୁଣଃ ପ୍ରେମ୍ଣା ଶନ୍ତମେନାଙ୍ଗ ପାଣିନା ॥ ୨୧

ସେମାନଙ୍କ ଗଳାକୁ ନିଜର ଭୁଜପାଶରେ ବାନ୍ଧି ରଖିଥିବାବେଳେ ଗୋପୀମାନଙ୍କର ଶୋଭା ପତରେ ବଡ଼ ଅପୂର୍ବ ହୋଇଥିଲା ॥ ୧୫ ॥ ସେମାନଙ୍କର କର୍ଣ୍ଣରେ ଶୋଭା ପାଉଥାଏ ପଦ୍ମର କୁଣ୍ଡଳ । ଗଣ୍ଡସ୍ଥଳରେ ଝୁଲୁଥାଏ କୁଞ୍ଚିତ ଅଳକାବଳୀ । ସ୍ୱେଦବିନ୍ଦୁ ଝଲସୁଥିବାରୁ ମୁଖର କାନ୍ତି ଅତ୍ୟନ୍ତ ଅନୁପମ ହୋଇଯାଇଥାଏ । ସେମାନେ ରାସମଣ୍ଡଳରେ ଭଗବାନଙ୍କ ସହିତ ନୃତ୍ୟ କରୁଥାନ୍ତି । ସେମାନଙ୍କ ହାତର କାବ ଓ ପାଦର ପାଉଁଜି ରୁଣୁଝୁଣୁ ହୋଇ ବାଜୁଥାଏ । ସେମାନଙ୍କର ତାଳ ଓ ସ୍ୱରରେ ତାଳସ୍ୱର ମିଶାଇ ଭ୍ରମରମାନେ ଗୁଣୁ ଗୁଣୁ ହୋଇ ଗାଉଥାନ୍ତି ଏବଂ ସେମାନଙ୍କର ଖୋସା ଓ ବେଣୀରୁ ଫୁଲ ଖସିପଡୁଥାଏ ॥ ୧୬ ॥ ହେ ପରୀକ୍ଷିତ ! ସରଳ ଶିଶୁ ଯେପରି ନିର୍ବିକାରରେ ନିଜର ଛାଇ ସହିତ ଖେଳେ, ରମାରମଣ ଭଗବାନ ଶ୍ରୀକୃଷ୍ଣ ସେହିପରି ଆପଣା ପ୍ରତିବିମ୍ବସ୍ୱରୂପା ଗୋପୀମାନଙ୍କ ସହିତ ଖେଳୁ ଖେଳୁ ସେମାନଙ୍କ ଭିତରୁ କେତେବେଳେ କାହାକୁ ହୃଦୟରେ ଗୃପି ଧରୁଥାନ୍ତି ତ, କେତେବେଳେ ସେମାନଙ୍କ ଦେହରେ ହାତ ମାରିଦେଉଥାନ୍ତି; ପୁଣି କେତେବେଳେ ପ୍ରେମଭରା ବାଙ୍କଗ୍ରୀବାଣିରେ ଜାହାକୁ ଗ୍ରହିଁ ଦେଉଥାନ୍ତି ତ, କେତେବେଳେ ଲୀଳାବିଳାସରେ ଖୋଲା ହସଟିଏ ହସି ଦେଉଥାନ୍ତି । ଏପରିଭାବରେ ସେ ବ୍ରଜସୁନ୍ଦରୀମାନଙ୍କ ସହିତ କ୍ରୀଡ଼ା କଲେ ॥ ୧୭ ॥ ହେ ପରୀକ୍ଷିତ ! ଭଗବାନଙ୍କ ଅଙ୍ଗର ସଂସ୍ପର୍ଶ ପାଇ ଗୋପୀମାନଙ୍କର ଇନ୍ଦ୍ରିୟସବୁ ପ୍ରେମ ଓ ଆନନ୍ଦରେ ବିହ୍ୱଳ ହୋଇଗଲା । ସେମାନଙ୍କର କେଶ ମୁକୁଳା ହୋଇଗଲା । ଫୁଲହାର ଛିଣ୍ଡି ପଡ଼ିଲା । ଦେହର ଗହଣା କିଏ କୁଆଡ଼େ ପଡ଼ିଗଲା । ସେମାନେ ନିଜର କେଶ, ବସ୍ତ୍ର ଓ କାଞ୍ଚୁଲା (ବକ୍ଷସ୍ଥଳର ଚିପା ପରିଧାନ) ବି ଭଲରୂପେ ସଜାଡ଼ିବାକୁ ଅସମର୍ଥ ହୋଇଗଲେ ॥ ୧୮ ॥ ଭଗବାନ ଶ୍ରୀକୃଷ୍ଣଙ୍କର ଏହି ରାସକ୍ରୀଡ଼ା ଦେଖି ସ୍ୱର୍ଗର ଦେବାଙ୍ଗନାମାନେ ମଧ୍ୟ ଭଗବାନଙ୍କ ସଙ୍ଗେ ମିଳନ କାମନାରେ ମୋହିତ ହୋଇଗଲେ ଏବଂ ସଜଳ ତାରା ତଥା ଗ୍ରହମାନଙ୍କ ସହିତ ଚନ୍ଦ୍ରମା ବି ବିସ୍ମିତ ଓ ସ୍ଥିର ହୋଇଗଲେ ॥ ୧୯ ॥ ହେ ପରୀକ୍ଷିତ ! ଭଗବାନ ଆତ୍ମାରାମ ସତ ଏବଂ ତାଙ୍କର ତାଙ୍କ ନିଜ ଛଡ଼ା ଅନ୍ୟ କାହାରିଠାରେ କୌଣସି ପ୍ରୟୋଜନ ନ ଥାଏ ସତ, ତଥାପି ଯେତେ ଗୋପୀ ଥିଲେ, ସେ ନିଜକୁ ସେତିକି ରୂପ କରିଦେଲେ ଏବଂ ଖେଳିଲା ପରି ସେମାନଙ୍କ ସହିତ ଏହିରୂପେ ରାସବିହାର କଲେ ॥ ୨୦ ॥ ବହୁ ସମୟ ପର୍ଯ୍ୟନ୍ତ ନୃତ୍ୟ, ଗୀତ ସହିତ ବିହାର କରି ଗୋପୀମାନେ କ୍ଲାନ୍ତ

ଗୋପ୍ୟଃ ସ୍ଫୁରତ୍ପୁଚଟକୁଣ୍ଡଳକୁନ୍ତଳତ୍ୱିଡ୍-
ଗଣ୍ଡଶ୍ରିୟା ସୁଧୃତହାସନିରୀକ୍ଷଣେନ ।
ମାନଂ ଦଧତ୍ୟ ରଖଭସ୍ୟ ଜଗୁଃ କୃତାନି
ପୁଣ୍ୟାନି ତଚ୍ଚରରୁହସ୍ପର୍ଶପ୍ରମୋଦାଃ ॥ ୨୨

ତାଭିର୍ଯୁତଃ ଶ୍ରମମପୋହିତୁମଙ୍ଗସଙ୍ଗ-
ଘୃଷ୍ଟସ୍ରଜଃ ସ କୁଚକୁଙ୍କୁମରଞ୍ଜିତାଯ୍ୟାଃ ।
ଗନ୍ଧର୍ବପାଳିଭିରନୁଦ୍ରୁତ ଆବିଶଦ୍ ବାଃ
ଶ୍ରାନ୍ତୋ ଗଜୀଭିରିଭରାଡିବ ଭିନ୍ନସେତୁଃ ॥ ୨୩

ସୋଽମ୍ବ୍ୟଳଂ ଯୁବତିଭିଃ ପରିଷିଚ୍ୟମାନଃ
ପ୍ରେମ୍ଣେକ୍ଷିତଃ ପ୍ରହସତୀଭିରିତସ୍ତତୋଽଙ୍ଗ ।
ବୈମାନିକୈଃ କୁସୁମବର୍ଷିଭିରୀଡ୍ୟମାନୋ
ରେମେ ସ୍ୱୟଂ ସ୍ୱରତିରତ୍ର ଗଜେନ୍ଦ୍ରଲୀଳଃ ॥ ୨୪

ତତଶ୍ଚ କୃଷ୍ଣୋପବନେ ଜଳସ୍ଥଳ-
ପ୍ରସୂନଗନ୍ଧାନିଳଜୁଷ୍ଟଦିଗ୍ତଟେ ।
ବଘ୍ୱର ଭୃଙ୍ଗପ୍ରମଦାଗଣାବୃତୋ
ଯଥା ମଦଚ୍ୟୁତ୍ କରିଭଃ କରେଣୁଭିଃ ॥ ୨୫

ହୋଇଯିବାରୁ କରୁଣାମୟ ଭଗବାନ ଶ୍ରୀକୃଷ୍ଣ ପ୍ରେମର ସହିତ ନିଜର ସୁଖଦ କରକମଳଦ୍ୱାରା ସେମାନଙ୍କର ମୁହଁ ପୋଛିଦେଲେ ॥ ୨୧ ॥ ହେ ପରୀକ୍ଷିତ ! ଭଗବାନଙ୍କର କରକମଳ ଓ ନଖର ସ୍ପର୍ଶ ପାଇ ଗୋପୀମାନେ ଅତ୍ୟନ୍ତ ଆହ୍ଲାଦିତ ହେଲେ । ସେମାନଙ୍କର ଯେଉଁ କପୋଳରେ ସୁନାର କୁଣ୍ଡଳ ଝଲସୁଥିଲା ଓ କୁଞ୍ଚିତ ଅଳକାବଳି ଝୁଲୁଥିଲା, ସେହି କପୋଳର ସୌନ୍ଦର୍ଯ୍ୟରେ ତଥା ଅମୃତଠାରୁ ବି ଅଧିକ ମଧୁର ମୃଦୁହାସରେ ଉଜ୍ଜ୍ୱଳ ହୋଇଥିବା ପ୍ରେମଭରା ଚାହାଣୀରେ ସେମାନେ ଭଗବାନ ଶ୍ରୀକୃଷ୍ଣଙ୍କୁ ସମ୍ମାନ ଜଣାଇଲେ ଓ ପ୍ରଭୁଙ୍କ ପରମ ପବିତ୍ର ଲୀଳାସବୁ ଗାନ କରିବାକୁ ଲାଗିଲେ ॥ ୨୨ ॥ ତା'ପରେ, ଯେପରି କ୍ଲାନ୍ତ ଗଜରାଜ ନଦୀକୂଳକୁ ଭାଙ୍ଗି ହାତୁଣୀମାନଙ୍କ ସହିତ ଜଳରେ ପଶି କ୍ରୀଡ଼ା କରେ, ଭଗବାନ ସେହିପରି ନିଜର କ୍ଲାନ୍ତି ଦୂର କରିବା ନିମନ୍ତେ ଗୋପୀମାନଙ୍କ ସହିତ ଜଳକ୍ରୀଡ଼ା କରିବାକୁ ଯମୁନାଜଳରେ ପ୍ରବେଶ କଲେ । ସେତେବେଳକୁ ଭଗବାନଙ୍କର ବନମାଳା ଗୋପୀମାନଙ୍କ ବକ୍ଷର ଘର୍ଷଣ ଫଳରେ ମଳି ହୋଇଯାଇଥିଲା ଏବଂ ସେମାନଙ୍କର ବକ୍ଷଃସ୍ଥଳର କେଶରଦ୍ୱାରା ରଞ୍ଜିତ ମଧ୍ୟ ହୋଇଯାଇଥିଲା । ତାଙ୍କର ଚତୁର୍ଦିଗରେ ଉଡ଼ି ଉଡ଼ି ଗୁଞ୍ଜନ କରୁଥିବା ଭ୍ରମରମାନେ ତାଙ୍କ ପଛେ ପଛେ ଏପରିଭାବରେ ଉଡ଼ି ଚାଲିଥାନ୍ତି ଯେ, ଦେଖି ମନେ ହେଉଥାଏ, ଯତେ ଯେପରି ଶ୍ରୀକୃଷ୍ଣଙ୍କର କୀର୍ତ୍ତି ଗାଇ ଗାଇ ତାଙ୍କ ପଛରେ ଗନ୍ଧର୍ବରାଜ ଚାଲିଛନ୍ତି ॥ ୨୩ ॥ ହେ ପରୀକ୍ଷିତ ! ଗୋପୀମାନେ ଯମୁନାଜଳରେ ପଶି ଭଗବାନଙ୍କୁ ପ୍ରେମପୂର୍ଣ୍ଣ ଚାହାଣୀରେ ଚାହିଁଲେ; ଖିଲି ଖିଲି ହସି ହସି ତାଙ୍କ ଉପରକୁ ଚତୁର୍ଦିଗରୁ ପାଣି ଫୋପାଡ଼ିବାକୁ ଲାଗିଲେ । ଏପରି ପାଣି ଫୋପାଡ଼ି ଫୋପାଡ଼ି ସେମାନେ ତାଙ୍କୁ ପୂରା ଗାଧୋଇଦେଲେ । ଦେବତାମାନେ ବିମାନରେ ବସି ଆକାଶମାର୍ଗରୁ ତାଙ୍କ ଉପରେ ପୁଷ୍ପବୃଷ୍ଟି କରିବା ସହିତ ତାଙ୍କୁ ସ୍ତୁତି କରିବାକୁ ଲାଗିଲେ । ସ୍ୱୟଂ ଆତ୍ମାରାମ ଭଗବାନ ଶ୍ରୀକୃଷ୍ଣ ଏପରିଭାବରେ ଯମୁନାଜଳରେ ଗଜରାଜ ପରି ଜଳକ୍ରୀଡ଼ା କଲେ ॥ ୨୪ ॥ ତା'ପରେ ଶ୍ରୀକୃଷ୍ଣ ଯମୁନାଜଳରୁ ଉଠିଆସିଲେ । ବ୍ରଜଯୁବତୀ ଓ ଭ୍ରମରମାନେ ତାଙ୍କ ଚାରିପାଖରେ ଭିଡ଼ ଲଗାଇଦେଲେ । ସେମାନଙ୍କ ଗହଣରେ ଭଗବାନ ଯମୁନାତଟର ଉପବନକୁ ଚାଲିଗଲେ । ସେହି ଉପବନଟି ଅତ୍ୟନ୍ତ ରମଣୀୟ ହୋଇଥାଏ । ତାର ଚତୁର୍ଦିଗରେ ଜଳ ଓ ସ୍ଥଳ ଉଭୟ ସ୍ଥାନରେ ସୁଗନ୍ଧ ଫୁଲମାନ ଫୁଟିଥାଏ । ଫୁଲମାନଙ୍କର ସୁବାସ ଘେନି ମନ୍ଦ ମନ୍ଦ ବାୟୁ ପ୍ରବାହିତ ହେଉଥାଏ । ହାତୁଣୀମାନଙ୍କ ମେଇରେ

ଏବଂ ଶଶାଙ୍କାଂଶୁବିରାଜିତା ନିଶାଃ
ସ ସତ୍ୟକାମୋଽନୁରତାବଳାଗଣଃ ।
ସିଷେବ ଆତ୍ମନ୍ୟବରୁଦ୍ଧସୌରତଃ
ସର୍ବାଃ ଶରତ୍କାବ୍ୟକଥାରସାଶ୍ରୟାଃ ॥ ୨୬

ରାଜୋବାଚ

ସଂସ୍ଥାପନାୟ ଧର୍ମସ୍ୟ ପ୍ରଶମାୟେତରସ୍ୟ ଚ ।
ଅବତୀର୍ଣ୍ଣୋ ହି ଭଗବାନଂଶେନ ଜଗଦୀଶ୍ୱରଃ ॥ ୨୭

• ସ କଥଂ ଧର୍ମସେତୂନାଂ ବକ୍ତା କର୍ତ୍ତାଭିରକ୍ଷିତା ।
ପ୍ରତୀପମାଚରଦ୍ ବ୍ରହ୍ମନ୍ ପରଦାରାଭିମର୍ଶନମ୍ ॥ ୨୮

ଆପ୍ତକାମୋ ଯଦୁପତିଃ କୃତବାନ୍ ବୈ ଜୁଗୁପ୍ସିତମ୍ ।
କିମଭିପ୍ରାୟ ଏତଂ ନଃ ସଂଶୟଂ ଛିନ୍ଧି ସୁବ୍ରତ ॥ ୨୯

ଶ୍ରୀଶୁକ ଉବାଚ

ଧର୍ମବ୍ୟତିକ୍ରମୋ ଦୃଷ୍ଟ ଈଶ୍ୱରାଣାଂ ଚ ସାହସମ୍ ।
ତେଜୀୟସାଂ ନ ଦୋଷାୟ ବହ୍ନେଃ ସର୍ବଭୁଜୋ ଯଥା ॥ ୩୦

ନୈତତ୍ ସମାଚରେଜ୍ଜାତୁ ମନସାପି ହ୍ୟନୀଶ୍ୱରଃ ।
ବିନଶ୍ୟତ୍ୟାଚରନ୍ ମୌଢ୍ୟାଦ୍ୟଥାରୁଦ୍ରୋଽବ୍ଧିଜଂ ବିଷମ୍ ॥ ୩୧

ମଦମତ୍ତ ଗଜରାଜ ବୁଲିଲା ପରି ଭଗବାନ ସେଠାରେ ଗୋପୀମାନଙ୍କ ମେଳରେ ବୁଲିଲେ ॥ ୨୫ ॥ ହେ ପରୀକ୍ଷିତ ! ସେହି ଯେଉଁ ଶରତ ରାତ୍ରି ଭିତରେ ଅନେକ ରାତ୍ରି ପୁଞ୍ଜୀଭୂତ ହୋଇଯାଇଥିଲା, ସେହି ରାତିଟି ସତରେ ବଡ଼ ସୁନ୍ଦର ହୋଇଥାଏ । ଚତୁର୍ଦିଗରେ ଚନ୍ଦ୍ରମାର ସୁନ୍ଦର ଜ୍ୟୋତ୍ସ୍ନା ଝରିପଡୁଥାଏ । କାବ୍ୟମାନଙ୍କରେ ଶରତଋତୁର ଯେଉଁସବୁ ରସସାମଗ୍ରୀର ବର୍ଣ୍ଣନା ରହିଛି, ସେହି ରାତ୍ରିଟି ସେହି ସମସ୍ତ ସାମଗ୍ରୀରେ ପୂର୍ଣ୍ଣ ହୋଇ ରହିଥାଏ । ସେହି ଅପୂର୍ବ ସୁନ୍ଦର ରାତିରେ ଭଗବାନ ଶ୍ରୀକୃଷ୍ଣ ନିଜର ପ୍ରେୟସୀ ଗୋପୀମାନଙ୍କ ସହିତ ଯମୁନାପୁଲିନରେ, ଯମୁନାର ଜଳରେ ତଥା ଯମୁନାତଟର ଉପବନରେ ବିହାର କଲେ । ଏଠାରେ ସ୍ମରଣ ରଖିବା ଉଚିତ ଯେ, ଭଗବାନ ହେଉଛନ୍ତି ସତ୍ୟସଂକଳ୍ପ । ଏସବୁ ହେଉଛି ତାଙ୍କର ଚିନ୍ମୟ ସଂକଳ୍ପର ହିଁ ଶୁଦ୍ଧ ସତ୍ତ୍ୱମୟୀ ଚିନ୍ମୟୀ ଲୀଳା ॥ ୨୬ ॥

ରାଜା ପରୀକ୍ଷିତ ପଗ୍ଭରିଲେ—ବ୍ରହ୍ମନ୍ ! ଶ୍ରୀକୃଷ୍ଣ ତ ସମଗ୍ର ଜଗତର ଏକମାତ୍ର ସ୍ୱାମୀ । ସେ ତାଙ୍କର ଅଂଶ ବଳରାମଙ୍କୁ ସଙ୍ଗରେ ଘେନି ପୂର୍ଣ୍ଣାବତାର ଗ୍ରହଣ କରିଥିଲେ । ଧର୍ମ ସଂସ୍ଥାପନା ଓ ଅଧର୍ମ ନାଶ ହିଁ ତାଙ୍କର ଏହି ଅବତାରର ଉଦ୍ଦେଶ୍ୟ ଥିଲା । ସେ ଥିଲେ ଧର୍ମମର୍ଯ୍ୟାଦାର ପ୍ରବର୍ତ୍ତକ, ଉପଦେଷ୍ଟା ଓ ରକ୍ଷକ । ତେବେ ସେ ପରନାରୀସ୍ପର୍ଶରୂପ ଧର୍ମବିରୁଦ୍ଧ କର୍ମ କିପରି କଲେ ?॥ ୨୭,୨୮ ॥ ମୁଁ ସ୍ୱୀକାର କରୁଛି ଯେ, ଭଗବାନ ଶ୍ରୀକୃଷ୍ଣ ଥିଲେ ପୂର୍ଣ୍ଣକାମ; ତାଙ୍କ ଠାରେ କୌଣସି ବସ୍ତୁ ବା ସୁଖ ପାଇଁ କାମନା ନ ଥିଲା; ତଥାପି ସେ କେଉଁ ଅଭିପ୍ରାୟରେ ଏପରି ନିନ୍ଦନୀୟ କର୍ମ କଲେ ? ହେ ପରମ ବ୍ରହ୍ମଜ୍ଞାନୀ ମୁନୀଶ୍ୱର ! ଆପଣ କୃପା କରି ମୋର ଏହି ସନ୍ଦେହ ଦୂର କରନ୍ତୁ ॥ ୨୯ ॥

ଶ୍ରୀଶୁକଦେବ କହିଲେ—ସୂର୍ଯ୍ୟ, ଅଗ୍ନି ଆଦି ଈଶ୍ୱର ବେଳେ ବେଳେ ଧର୍ମକୁ ଉଲ୍ଲଙ୍ଘନ କରୁଥିବାର ତଥା ସାହସିକ କର୍ମ କରୁଥିବାର ଦେଖାଯାଏ । କିନ୍ତୁ ସେସବୁ କର୍ମରେ ସେହି ତେଜସ୍ୱୀ ପୁରୁଷମାନଙ୍କର କୌଣସି ଦୋଷ ହୁଏ ନାହିଁ । ଦେଖୁଥିବ, ଅଗ୍ନି ସବୁ କିଛି ଭକ୍ଷଣ କରେ; କିନ୍ତୁ ସେ ସେହିସବୁ ପଦାର୍ଥର ଦୋଷରେ ଲିପ୍ତ ହୁଏ ନାହିଁ ॥ ୩୦ ॥ ଯେଉଁମାନଙ୍କ ଠାରେ ସେଭଳି ସାମର୍ଥ୍ୟ ନାହିଁ, ସେମାନେ ଜାର୍ଯ୍ୟତଃ ଏପରି କର୍ମ କରିବା ତ ଦୂର କଥା, ମନରେ ମଧ୍ୟ ଏପରି କର୍ମର ଚିନ୍ତାକୁ ସ୍ଥାନ ଦେବା ଉଚିତ ନୁହେଁ । ଯଦି ମୂର୍ଖତାବଶତଃ କେହି ଏପରି କର୍ମ କରିପକାଏ, ତେବେ ତାର ବିନାଶ ସୁନିଶ୍ଚିତ । ଭଗବାନ

ଈଶ୍ୱରାଣାଂ ବଚଃ ସତ୍ୟଂ ତଥୈବାଚରିତଂ କ୍ୱଚିତ୍ ।
ତେଷାଂ ଯତ୍ ସ୍ୱବଚୋଯୁକ୍ତଂ ବୁଦ୍ଧିମାଂସ୍ତତ୍ ସମାଚରେତ୍ ॥ ୩୨

ରୁଦ୍ର ହଳାହଳ ବିଷ ପିଇ ଦେଇଥିଲେ; କିନ୍ତୁ ଅନ୍ୟ କେହି ଯଦି ତାହା ପିଇବ, ତେବେ ସେ ନିଶ୍ଚେ ଜଳିପୋଡ଼ି ଭସ୍ମ ହୋଇଯିବ ॥ ୩୨ ॥ ପୁତରାଂ ଶିବ ଆଦି ଯେଉଁ ସର୍ବସମର୍ଥ ଈଶ୍ୱର ଅଛନ୍ତି, ମନୁଷ୍ୟ ନିଜର ଯୋଗ୍ୟତା ଅନୁଯାୟୀ ସେମାନଙ୍କର ବାକ୍ୟକୁ ହିଁ ସତ୍ୟ ବୋଲି ମାନିବା ଉଚିତ ଏବଂ ସେହି ଅନୁସାରେ ଆଚରଣ କରିବା ଉଚିତ ।

କୁଶଳାଚରିତେନୈଷାମିହ ସ୍ୱାର୍ଥୋ ନ ବିଦ୍ୟତେ ।
ବିପର୍ଯ୍ୟୟେଣ ବାନର୍ଥୋ ନିରହଂକାରିଣାଂ ପ୍ରଭୋ ॥ ୩୩

ସେମାନଙ୍କର ଆଚରଣକୁ କେବଳ ବେଳେ ବେଳେ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ହିଁ ଅନୁକରଣ କରାଯାଏ । ତେଣୁ ବୁଦ୍ଧିମାନ୍ ପୁରୁଷମାନଙ୍କର ଆଚରଣ ଈଶ୍ୱରାଦିଙ୍କ ଉପଦେଶର ଅନୁକୂଳ ହେବା ଆବଶ୍ୟକ ॥ ୩୨ ॥ ହେ ପରୀକ୍ଷିତ ! ସେହି ସମର୍ଥ ପୁରୁଷମାନେ ନିରହଙ୍କାରୀ ହୋଇଥାନ୍ତି; ସେମାନେ କୌଣସି ଶୁଭକର୍ମ ଜଲେ ସେଥିରେ ସାଂସାରିକ ସ୍ୱାର୍ଥର ସ୍ଥାନ ନ ଥାଏ କିଂବା ସେମାନେ କୌଣସି ଅଶୁଭ କର୍ମ କରିବେଲେ ସେଥିରେ ଅନର୍ଥ (କ୍ଷତି) ମଧ୍ୟ ହୁଏ ନାହିଁ । ସେମାନେ ସ୍ୱାର୍ଥ ଓ ଅନର୍ଥର ଉପରକୁ ଉଠିଯାଇଥାନ୍ତି ।

କିମୁତାଖିଳସତ୍ତ୍ୱାନାଂ ତିର୍ଯଙ୍ମର୍ତ୍ୟଦିବୌକସାମ୍ ।
ଈଶିତୁଶ୍ଚେଶିତବ୍ୟାନାଂ କୁଶଳାକୁଶଳାନ୍ୱୟଃ ॥ ୩୪

ଯେଉଁଠି ଈଶ୍ୱରବର୍ଗର ଦେବତାମାନଙ୍କ କର୍ମର ମଧ୍ୟ ଏପରି ମହତ୍ତ୍ୱ ରହିଛି, ସେଠାରେ ପଶୁ, ପକ୍ଷୀ, ମନୁଷ୍ୟ, ଦେବତା ଆଦି ସମସ୍ତ ଚରାଚର ଜୀବଙ୍କର ଏକମାତ୍ର ପ୍ରଭୁ ସର୍ବେଶ୍ୱର ଭଗବାନଙ୍କ କର୍ମ ସହିତ ମାନବୀୟ ଶୁଭ ଓ ଅଶୁଭର ସମ୍ବନ୍ଧ କିପରି ବା ଯୋଡ଼ାଯାଇ ପାରିବ ? ॥ ୩୩,୩୪ ॥ ଯାହାଙ୍କର ଚରଣକମଳର ରଜ ସେବନ କରି ଭକ୍ତଜନ ତୃପ୍ତ ହୋଇଯାଆନ୍ତି, ଯାହାଙ୍କ ସହିତ ଯୁକ୍ତ ହୋଇଗଲେ ତାହାରି ପ୍ରଭାବରେ ଯୋଗୀଜନ ନିଜର ସକଳ କର୍ମବନ୍ଧନ କାଟିଦେଇ ପାରନ୍ତି ଏବଂ ବିଗ୍ଧରଣୀଳ ଜ୍ଞାନୀଜନ ଯାହାଙ୍କର ତତ୍ତ୍ୱ ବିଗ୍ଧର କରି ତତ୍‌ସ୍ୱରୂପ ହୋଇଯାଆନ୍ତି ତଥା ସମସ୍ତ କର୍ମବନ୍ଧନରୁ ମୁକ୍ତ ହୋଇ ସ୍ୱଚ୍ଛନ୍ଦରେ ବିଚରଣ କରନ୍ତି, ସେହି ଭଗବାନ ନିଜର ଭକ୍ତମାନଙ୍କ ଇଚ୍ଛାରେ ହିଁ ସ୍ୱୟଂ ଚିନ୍ମୟ ଦେହ ଧାରଣ କରନ୍ତି । ତେଣୁ ସେପରି ପ୍ରଭୁଙ୍କ ଠାରେ ଆମେ କିପରି କର୍ମବନ୍ଧନର କଳ୍ପନା କରିପାରିବା ? ॥ ୩୫ ॥

ଯତ୍‌ପାଦପଙ୍କଜପରାଗନିଷେବତୃପ୍ତା
ଯୋଗପ୍ରଭାବବିଧୁତାଖିଳକର୍ମବନ୍ଧାଃ ।
ସ୍ୱୈରଂ ଚରନ୍ତି ମୁନୟୋଽପି ନ ନହ୍ୟମାନା-
ସ୍ତସ୍ୟେଚ୍ଛୟାଽଽତ୍ତବପୁଷଃ କୁତ ଏବ ବନ୍ଧଃ ॥ ୩୫

ଗୋପୀନାଂ ତତ୍ପତୀନାଂ ଚ ସର୍ବେଷାମେବ ଦେହିନାମ୍ ।
ଯୋଽନ୍ତଶ୍ଚରତି ସୋଽଧ୍ୟକ୍ଷଃ କ୍ରୀଡ଼ନେନେହ ଦେହଭାକ୍ ॥ ୩୬

ଗୋପୀମାନଙ୍କର, ସେମାନଙ୍କ ପତିମାନଙ୍କର ଓ ସକଳ ଶରୀରଧାରୀଙ୍କର ଅନ୍ତଃକରଣରେ ଯେ ଆତ୍ମାରୂପରେ ବିରାଜିତ, ଯେ ସମସ୍ତଙ୍କର ସାକ୍ଷୀ ଓ ପରମପତି, ସେ ହିଁ ଚିନ୍ମୟ ଦିବ୍ୟ ଦେହ ଧାରଣ କରି ଏଠାରେ ବର୍ଣ୍ଣିତ ଲୀଳା କରିଛନ୍ତି ॥ ୩୬ ॥ ଜୀବମାନଙ୍କୁ କୃପା କରିବା ନିମନ୍ତେ ହିଁ ଭଗବାନ ନିଜକୁ ମନୁଷ୍ୟରୂପରେ ଅଭିବ୍ୟକ୍ତ କରନ୍ତି ଏବଂ ଏପରି ଲୀଳାସବୁ କରନ୍ତି ଯେ, ତାହା ଶୁଣି ଜୀବ ଭଗବତ୍ ପରାୟଣ ହୋଇଯାଏ ॥ ୩୭ ॥

ଅନୁଗ୍ରହାୟ ଭୂତାନାଂ ମାନୁଷଂ ଦେହମାସ୍ଥିତଃ ।
ଭଜତେ ତାଦୃଶୀଃ କ୍ରୀଡ଼ା ଯାଃ ଶ୍ରୁତ୍ୱା ତତ୍ପରୋ ଭବେତ୍ ॥ ୩୭

ନାସୂୟନ୍ ଖଲୁ କୃଷ୍ଣାୟ ମୋହିତାସ୍ତସ୍ୟ ମାୟୟା ।
ମନ୍ୟମାନାଃ ସ୍ୱପାର୍ଶ୍ୱାନ୍ ସ୍ୱାନ୍ ସ୍ୱାନ୍ ଦାରାନ୍ ବ୍ରଜୌକସଃ ॥ ୩୮

ବ୍ରହ୍ମରାତ୍ର ଉପାବୃତ୍ତେ ବାସୁଦେବାନୁମୋଦିତାଃ ।
ଅନିଚ୍ଛନ୍ତ୍ୟୋ ଯଯୁର୍ଗୋପ୍ୟଃ ସ୍ୱଗୃହାନ୍ ଭଗବତ୍‌ପ୍ରିୟାଃ ॥ ୩୯

ବିକ୍ରୀଡ଼ିତଂ ବ୍ରଜବଧୂଭିରିଦଂ ଚ ବିଷ୍ଣୋଃ
ଶ୍ରଦ୍ଧାନ୍ୱିତୋଽନୁଶୃଣୁୟାଦଥ ବର୍ଣ୍ଣୟେଦ୍ ଯଃ ।
ଭକ୍ତିଂ ପରାଂ ଭଗବତି ପ୍ରତିଲଭ୍ୟ କାମଂ
ହୃଦ୍ରୋଗମାଶ୍ୱପହିନୋତ୍ୟଚିରେଣ ଧୀରଃ ॥ ୪୦

ବ୍ରଜବାସୀ ଗୋପାଳମାନେ ଭଗବାନ ଶ୍ରୀକୃଷ୍ଣଙ୍କୁ କୌଣସି ପ୍ରକାର ଦୋଷ ଦେଇନାହାନ୍ତି । ସେମାନେ ତାହାଙ୍କର ଯୋଗମାୟାରେ ମୋହିତ ହୋଇ ଜାଣୁଥିଲେ ଯେ, ସେମାନଙ୍କର ପତ୍ନୀମାନେ ସେହିମାନଙ୍କ ନିକଟରେ ଅଛନ୍ତି ॥ ୩୮ ॥ ଭଗବାନଙ୍କ ଯୋଗମାୟାରେ ବ୍ରହ୍ମାଙ୍କ ରାତ୍ରି ସମାନ ହୋଇଥିବା ସେହି ରାତ୍ରି ବିତିଗଲା । ବ୍ରାହ୍ମମୁହୂର୍ତ୍ତ ଆସିଗଲା । ନିଜ ନିଜ ଘରକୁ ଫେରିଯିବାକୁ ଗୋପୀମାନଙ୍କର ଆଉ ଇଚ୍ଛା ନ ଥିଲା; ତଥାପି ଶ୍ରୀକୃଷ୍ଣଙ୍କ ଆଜ୍ଞାରେ ସେମାନେ ନିଜ ନିଜ ଘରକୁ ଫେରିଗଲେ । ଘରକୁ ଫେରିବାକୁ ଇଚ୍ଛା ନ ଥିବାର କାରଣ ହେଲା, ସେମାନେ ସେମାନଙ୍କର ପ୍ରତ୍ୟେକ କର୍ମରେ, ପ୍ରତ୍ୟେକ ସଂକଳ୍ପରେ କେବଳ ଭଗବାନଙ୍କୁ ହିଁ ପ୍ରସନ୍ନ କରିବାକୁ ଗ୍ରହୁଁଥିଲେ ॥ ୩୯ ॥

ହେ ପରୀକ୍ଷିତ ! ଯେଉଁ ଧୀର ପୁରୁଷ ବ୍ରଜଯୁବତୀମାନଙ୍କ ସହିତ ଭଗବାନ ଶ୍ରୀକୃଷ୍ଣଙ୍କର ଏହି ଚିନ୍ମୟ ରାସବିଳାସ ଶ୍ରଦ୍ଧାର ସହିତ ବାରମ୍ବାର ଶ୍ରବଣ କରନ୍ତି ଓ ବର୍ଣ୍ଣନା କରନ୍ତି, ତାଙ୍କୁ ଭଗବାନଙ୍କ ଚରଣରେ ପରାଭକ୍ତି ମିଳିଯାଏ ଏବଂ ସେ ଅତି ଶୀଘ୍ର ନିଜ ହୃଦୟର ରୋଗରୁ ଅର୍ଥାତ୍ କାମବିକାରରୁ ମୁକ୍ତ ହୋଇଯାଆନ୍ତି । ତାଙ୍କର କାମଭାବ ଚିରକାଳ ନିମନ୍ତେ ନଷ୍ଟ ହୋଇଯାଏ ।* ॥ ୪୦ ॥

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ଦଶମସ୍ୟେ ପୂର୍ବାର୍ଦ୍ଧେ
ରାସକ୍ରୀଡ଼ାବର୍ଣ୍ଣନଂ ନାମ ତ୍ରୟସ୍ତ୍ରିଂଶୋଽଧ୍ୟାୟଃ ॥ ୩୩ ॥

+++

* ଶ୍ରୀମଦ୍ଭାଗବତର ରାସଲୀଳା ସମ୍ପର୍କୀୟ ଏହି ପାଞ୍ଚ ଅଧ୍ୟାୟକୁ ଏହି ଗ୍ରନ୍ଥର ପଞ୍ଚପ୍ରାଣ ରୂପେ ଗ୍ରହଣ କରାଯାଏ । ଏହି ଅଧ୍ୟାୟମାନଙ୍କରେ ଭଗବାନ ଶ୍ରୀକୃଷ୍ଣଙ୍କର ପରମ ଅନ୍ତରଙ୍ଗଲୀଳା ଅର୍ଥାତ୍ ନିଜ ସ୍ୱରୂପଭୂତା ଗୋପିକାମାନଙ୍କ ସହିତ ଓ ହ୍ଲାଦିନୀ ଶକ୍ତି ଶ୍ରୀରାଧାଙ୍କ ସହିତ ହୋଇଥିବା ଭଗବାନଙ୍କର ଦିବ୍ୟାତିଦିବ୍ୟ କ୍ରୀଡ଼ା ବର୍ଣ୍ଣନା କରାଯାଇଛି । 'ରାସ' ଶବ୍ଦର ମୂଳ ହେଉଛି ରସ ଏବଂ ସ୍ୱୟଂ ଭଗବାନ ହିଁ ହେଉଛନ୍ତି ସେହି ରସ—**ରସୋ ବୈ ସଃ** । ଯେଉଁ ଦିବ୍ୟ କ୍ରୀଡ଼ାରେ ଏକମାତ୍ର ରସ ହିଁ ଅନେକ ରସରୂପ ହୋଇ ଅନନ୍ତ ରସ ସମାସ୍ୱାଦନ କରେ, ସେହି ଏକମାତ୍ର ରସ ହିଁ ରସସମୂହରୂପେ ପ୍ରକଟ ହୋଇ ସ୍ୱୟଂ ନିଜେ ଆସ୍ୱାଦ୍ୟ, ଆସ୍ୱାଦକ, ଲୀଳା, ଧାମ ଓ ବିଭିନ୍ନ ଆଲମ୍ବନ ଏବଂ ଉଦ୍ଦୀପନରୂପରେ କ୍ରୀଡ଼ା କରେ, ତାହାର ନାମ ହେଉଛି ରାସ । ଭଗବାନଙ୍କର ଏହି ଦିବ୍ୟଲୀଳା ଭଗବାନଙ୍କ ଦିବ୍ୟଧାମରେ ଦିବ୍ୟରୂପରେ ନିରନ୍ତର ଘଟିଥାଏ । ଭଗବାନଙ୍କର ବିଶେଷ କୃପାରୁ ପ୍ରେମୀ ସାଧକମାନଙ୍କର ହିତାର୍ଥେ ବେଳେ ବେଳେ ଏହି ଲୀଳା ତାହାର ଦିବ୍ୟଧାମ ସହିତ ଭୂମଣ୍ଡଳରେ ଅବତୀର୍ଣ୍ଣ ହୋଇଯାଏ ଏବଂ ତାହା ଦେଖି, ଶୁଣି ଓ ଗାନ କରି ତଥା ସ୍ମରଣଚିନ୍ତନ କରି ଅଧିକାରୀ ପୁରୁଷମାନେ ରସସ୍ୱରୂପ ଭଗବାନଙ୍କର ଏହି ପରମ ରସମୟୀ ଲୀଳାର ଆନନ୍ଦ ପାଇପାରନ୍ତି ଓ ଭଗବାନଙ୍କ ଲୀଳାରେ ସମ୍ମିଳିତ ହୋଇ ନିଜକୁ କୃତକୃତ୍ୟ କରିପାରନ୍ତି । ଏହି ପଞ୍ଚାଧ୍ୟାୟୀରେ ବଂଶୀଧ୍ୱନି, ଗୋପୀମାନଙ୍କର ଅଭିସାର, ଶ୍ରୀକୃଷ୍ଣଙ୍କ ସହିତ ସେମାନଙ୍କର ଜଥୋପଜଥନ, ରମଣ, ଶ୍ରୀରାଧାଙ୍କ ସହିତ ଅନ୍ତର୍ଧ୍ୟାନ, ପୁନଃ ପ୍ରକଟନ, ଗୋପୀମାନଙ୍କ ଦ୍ୱାରା ପ୍ରଦତ୍ତ ବସ୍ତ୍ରାସନରେ ବିରାଜନ, ଗୋପୀମାନଙ୍କର ଗୂଢ଼ ପ୍ରଶ୍ନର ଉତ୍ତର, ରାସନୃତ୍ୟ, ଜଳକେଳି ଓ ବନବିହାରର ବର୍ଣ୍ଣନା ରହିଛି । ଏହି ବର୍ଣ୍ଣନା ମାନବୀୟ ଭାଷାରେ କରାଯାଇଥିଲେ ମଧ୍ୟ ବସ୍ତୁତଃ ପରମ ଦିବ୍ୟ ।

ସମୟ ସହିତ ମାନବମସ୍ତିଷ୍କ ମଧ୍ୟ ବଦଳି ଗଲିଛି; ଯେତେବେଳେ ଅନ୍ତର୍ଦୃଷ୍ଟିର ପ୍ରାଧାନ୍ୟ ଘଟୁଛି ତ, କେବେ ବହିର୍ଦୃଷ୍ଟିର ପ୍ରାଧାନ୍ୟ ଘଟୁଛି । ଆଜିର ଯୁଗ ଏପରି ହୋଇଛି ଯେ, ଭଗବାନଙ୍କର ଦିବ୍ୟଲୀଳା କଥା କଣ କହିବା, ସ୍ୱୟଂ ଭଗବାନଙ୍କ ଅସ୍ତିତ୍ୱ ଉପରେ ମଧ୍ୟ

ଅବିଶ୍ୱାସ କରାଯାଉଛି। ଏପରି ସିତିରେ ଏହି ଦିବ୍ୟଲୀଳାର ରହସ୍ୟ ନ ବୁଝି ଲୋକମାନେ ନାନାପ୍ରକାର ସନ୍ଦେହ ପ୍ରକାଶ କରିବାଟା କିଛି ବିଚିତ୍ର କଥା ନୁହେଁ। ଏହି ଲୀଳା ଅନ୍ତର୍ଦୃଷ୍ଟିଦ୍ୱାରା ଏବଂ ମୁଖ୍ୟତଃ ଭଗବତ୍ କୃପାବଳରେ ହିଁ ବୁଝିହୁଏ। ଯେଉଁ ଭାଗ୍ୟବାନ୍ ଓ ଭଗବତ୍-କୃପାପାତ୍ର ମହାତ୍ମାମାନେ ଏହା ଅନୁଭବ କରିପାରିଛନ୍ତି, ସେମାନେ ଧନ୍ୟ ଏବଂ ସେମାନଙ୍କର ଚରଣରଜର ପ୍ରତାପ ହେତୁ ତ୍ରିଲୋକ ମଧ୍ୟ ଧନ୍ୟ। ସେମାନଙ୍କ ଉକ୍ତିର ଆଧାରରେ ଏଠାରେ ରାସଲୀଳା ସମ୍ବନ୍ଧରେ ଯତ୍‌କିଞ୍ଚିତ୍ ଲେଖିବାର ଧୃଷ୍ଟତା କରାଯାଉଛି।

ପ୍ରଥମରୁ ହିଁ ଜାଣିରଖିବା ଆବଶ୍ୟକ ଯେ, ଭଗବାନଙ୍କର ଶରୀର ଜୀବଶରୀର ପରି ଜଡ଼ ନୁହେଁ। କେବଳ ଜୀବ ଦୃଷ୍ଟିରେ ଜଡ଼ର ସତ୍ତା ରହିଛି; ଭଗବାନଙ୍କ ଦୃଷ୍ଟିରେ ଜଡ଼ ବୋଲି କିଛି ନାହିଁ। ଏହା ଦେହ ଓ ତାହା ଦେହୀ—ଏପରି ଭେଦଭାବ କେବଳ ପ୍ରକୃତି ରାଜ୍ୟରେ ହୋଇଥାଏ। ଅପ୍ରାକୃତ ଲୋକରେ ପ୍ରକୃତି ମଧ୍ୟ ଚିନ୍ମୟ; ସେଠାରେ ସବୁକିଛି ଚିନ୍ମୟ। ସେଠାରେ କେବଳ ଚିଦ୍‌ବିଳାସ ଅଥବା ଭଗବାନଙ୍କ ଲୀଳାର ସିଦ୍ଧି ନିମନ୍ତେ ହିଁ ଅଚିତ୍ ପ୍ରତୀୟମାନ ହୋଇଥାଏ। ତେଣୁ ସ୍ଥୂଳଜଗତରେ ବା ଜଡ଼ରାଜ୍ୟରେ ରହିଥିବା ମସ୍ତିଷ୍କ ଯେତେବେଳେ ଭଗବାନଙ୍କର ଅପ୍ରାକୃତ ଲୀଳାମାନଙ୍କ ସମ୍ବନ୍ଧରେ ବିଗ୍ରର କରିବାକୁ ଲାଗେ, ସେତେବେଳେ ସେ ସେହି ଦିବ୍ୟରାଜ୍ୟର ବିଷୟ ଉପରେ ମଧ୍ୟ ନିଜର ପୂର୍ବ-ବାସନା ଅନୁସାରେ ଜଡ଼ରାଜ୍ୟର ବିଭିନ୍ନ ଧାରଣା, ବିଭିନ୍ନ କଳ୍ପନା ଓ ବିଭିନ୍ନ କ୍ରିୟା ଆରୋପ କରେ। ସେଥିପାଇଁ ସେ ଦିବ୍ୟଲୀଳାର ରହସ୍ୟ ବୁଝିବାକୁ ଅସମର୍ଥ ହୋଇଯାଏ। ଏହି ରାସ ହେଉଛି ବସ୍ତୁତଃ ପରମ ଉଜ୍ଜ୍ୱଳ ରସର ଏକ ଦିବ୍ୟ ପ୍ରକାଶ। ଜଡ଼ ଜଗତରେ ପ୍ରକଟ ହେବା କଥା ଦୂରେ ଥାଉ, ଏହା ଜ୍ଞାନରୂପ କିମ୍ବା ବିଜ୍ଞାନରୂପ ଜଗତରେ ବି ପ୍ରକଟ ହୁଏ ନାହିଁ। ଅଧିକ କଣ କହିବା, ସାକ୍ଷାତ୍ ଚିନ୍ମୟ ତତ୍ତ୍ୱରେ ମଧ୍ୟ ଏହି ପରମ ଦିବ୍ୟ ଉଜ୍ଜ୍ୱଳ ରସର ଲେଶମାତ୍ର ଆଭାସ ଦେଖାଯାଏ ନାହିଁ। ଏହି ପରମ ରସ କେବଳ କୃଷ୍ଣପ୍ରେମରୂପା ଗୋପୀଜନଙ୍କର ମଧୁର ହୃଦୟରେ ହିଁ ସ୍ଫୁରିତ ହୋଇଥାଏ। ଏହି ରାସଲୀଳାର ଯଥାର୍ଥ ସ୍ୱରୂପ ଓ ପରମ ମାଧୁର୍ଯ୍ୟର ସ୍ୱାଦ କେବଳ ସେହିମାନଙ୍କୁ ମିଳିଥାଏ; ଅନ୍ୟମାନେ ତ ଏହାର କଳ୍ପନା ମଧ୍ୟ କରିପାରନ୍ତି ନାହିଁ।

ଗୋପୀମାନେ ମଧ୍ୟ ଭଗବାନଙ୍କ ପରି ପରମ ରସମୟୀ ଓ ସଚ୍ଚିଦାନନ୍ଦମୟୀ। ସାଧନା ଦୃଷ୍ଟିରୁ ଦେଖିଲେ ମଧ୍ୟ ସେମାନେ କେବଳ ଜଡ଼ ଶରୀର ଯେ ତ୍ୟାଗ କରିଦେଇଥିଲେ, ତା'ନୁହେଁ, ସୂକ୍ଷ୍ମଶରୀରଦ୍ୱାରା ପ୍ରାପ୍ତ ହେଉଥିବା ସ୍ୱର୍ଗ, କୈବଲ୍ୟଦ୍ୱାରା ପ୍ରାପ୍ତ ହେଉଥିବା ମୋକ୍ଷ, ଏପରି କି ଜଡ଼ତା-ଦୃଷ୍ଟିକୁ ମଧ୍ୟ ସମ୍ପୂର୍ଣ୍ଣ ତ୍ୟାଗ କରିଦେଇଥିଲେ। ସେମାନଙ୍କ ଦୃଷ୍ଟିରେ ଥିଲେ କେବଳ ଚିଦାନନ୍ଦସ୍ୱରୂପ ଶ୍ରୀକୃଷ୍ଣ ଏବଂ ସେମାନଙ୍କ ହୃଦୟରେ ଥିଲା ଶ୍ରୀକୃଷ୍ଣଙ୍କୁ ତୃପ୍ତ କରିପାରିବାର ପ୍ରେମାମୃତ। ସେମାନଙ୍କର ଏହି ଅଲୌକିକ ସ୍ଥିତିରେ ସ୍ଥୂଳଶରୀର, ତାର ସ୍ଥିତି ଓ ସେହି ଶରୀର ସମ୍ବନ୍ଧରୁ ମିଳୁଥିବା ଅଙ୍ଗସଙ୍ଗର କଳ୍ପନା କୌଣସି ପ୍ରକାରେ କରାଯାଇ ନ ପାରେ। ଏପରି କଳ୍ପନା ତ କେବଳ ଦେହାତ୍ମବୁଦ୍ଧିରେ ବୁଡ଼ି ରହିଥିବା ଜୀବମାନେ ହିଁ କରନ୍ତି। ଯେଉଁମାନେ ଗୋପୀମାନଙ୍କୁ ଚିହ୍ନିଛନ୍ତି, ସେମାନେ ଗୋପୀମାନଙ୍କର ଚରଣଧୂଳିର ସ୍ପର୍ଶ ଲାଭ କରି କୃତକୃତ୍ୟ ହେବାକୁ ଚାହିଁଛନ୍ତି। ବ୍ରହ୍ମା, ଶଙ୍କର, ଉଦ୍ଧବ ଓ ଅର୍ଜୁନ ଗୋପୀମାନଙ୍କର ଉପାସନା କରି ଭଗବାନଙ୍କ ଚରଣରେ ସେହିପରି ପ୍ରେମ ହେଉ ବୋଲି ବରଦାନ ପାଇଛନ୍ତି କିମ୍ବା ପାଇବାର ଅଭିଳାଷ ପୋଷଣ କରିଛନ୍ତି। ଏତାଦୃଶ ଗୋପୀମାନଙ୍କର ଦିବ୍ୟଭାବକୁ ସାଧାରଣ ସ୍ତ୍ରୀପୁରୁଷଙ୍କ ଭାବ ପରି ଗ୍ରହଣ କରିବାର ଅର୍ଥ ହେଲା ଗୋପୀମାନଙ୍କ ପ୍ରତି, ଭଗବାନଙ୍କ ପ୍ରତି ଓ ବାସ୍ତବିକ ସତ୍ୟ ପ୍ରତି ଘୋର ଅନ୍ୟାୟ ଓ ଅପରାଧ କରିବା। ଏପରି ଅପରାଧରୁ ରକ୍ଷା ପାଇବାକୁ ହେଲେ, ଭଗବାନଙ୍କର ଦିବ୍ୟଲୀଳା ବିଷୟରେ ବିଗ୍ରର କରିବା ସମୟରେ ପ୍ରଭୁଙ୍କର ଅପ୍ରାକୃତ ଦିବ୍ୟତାକୁ ସ୍ମରଣ ରଖିବା ନିତାନ୍ତ ଆବଶ୍ୟକ।

ଭଗବାନଙ୍କର ଚିଦାନନ୍ଦଘନ ଶରୀର ହେଉଛି ଦିବ୍ୟ। ସେହି ଶରୀର ହେଉଛି ଅଜନ୍ମା ଓ ଅବିନାଶୀ, ତାହା ହୀନୋପାଦାନରହିତ। ତାହା କେବଳ ନିତ୍ୟ ସନାତନ ଶୁଦ୍ଧ ଭଗବତ୍‌ସ୍ୱରୂପ। ସେହିପରି, ଗୋପୀମାନେ ହେଉଛନ୍ତି ଦିବ୍ୟଜଗତର ଭଗବାନଙ୍କ ସ୍ୱରୂପଭୂତା ଅନ୍ତରଙ୍ଗଶକ୍ତି। ଉଭୟଙ୍କର ସମ୍ପର୍କ ମଧ୍ୟ ଦିବ୍ୟ। ଉଚ୍ଚତମ ଭାବରାଜ୍ୟର ଏହି ଲୀଳା ସ୍ଥୂଳଶରୀର ଓ ସ୍ଥୂଳମନର ଅତୀତ। ସ୍ଥୂଳଶରୀର ଓ ସ୍ଥୂଳମନର ଆବରଣଭଙ୍ଗ ହୋଇଯିବା ପରେ ଅର୍ଥାତ୍ ବସ୍ତ୍ରହରଣ କରିନେଇ ଭଗବାନ ଯେତେବେଳେ ସ୍ୱାକୃତି ଦିଅନ୍ତି, ସେତେବେଳେ ଯାଇ ସେହି ଲୀଳାରେ ପ୍ରବେଶ କରିହୁଏ।

ପ୍ରାକୃତ ଶରୀରର ନିର୍ମାଣ ହୁଏ ସ୍ଥୂଳ, ସୂକ୍ଷ୍ମ ଓ କାରଣ—ଏହି ତିନି ଶରୀରର ସଂଯୋଗରେ। ଯେପର୍ଯ୍ୟନ୍ତ କାରଣଶରୀର ରହିଥାଏ, ସେପର୍ଯ୍ୟନ୍ତ ଏହି ପ୍ରାକୃତ ଶରୀରରୁ ମୁକ୍ତି ମିଳେ ନାହିଁ। ପୂର୍ବକୃତ କର୍ମମାନଙ୍କର ଯେଉଁ ସଂସ୍କାର ଏହି ଶରୀର ଗଠନରେ କାରଣ ହୋଇଥାଏ, ତାହାକୁ କାରଣଶରୀର ବୋଲାଯାଏ। ଏହି କାରଣଶରୀରକୁ ଆଧାର କରି ଜୀବକୁ ବାରମ୍ବାର ଜନ୍ମମୃତ୍ୟୁର ଚକ୍ରରେ ପଡ଼ିବାକୁ ହୋଇଥାଏ ଏବଂ ଜୀବର ମୁକ୍ତି ନ ହେବା ପର୍ଯ୍ୟନ୍ତ ଅଥବା 'କାରଣ' ସର୍ବତୋଭାବେ ଲୋପ ହୋଇ ନ ଯିବା ପର୍ଯ୍ୟନ୍ତ ଜନ୍ମମୃତ୍ୟୁଚକ୍ର ଚାଲିଥାଏ। ଏହି କର୍ମବନ୍ଧନ ହେତୁ ରକ୍ତ, ମାଂସ, ଅସ୍ଥି ଆଦିରେ ଭରା, ଚର୍ମରେ ଆବୃତ ପାଞ୍ଚଭୌତିକ ସ୍ଥୂଳଶରୀର ମିଳିଥାଏ। ପ୍ରକୃତିରାଜ୍ୟରେ ଯେତେସବୁ ଶରୀର ଉତ୍ପନ୍ନ ହୁଏ, ସବୁ ବସ୍ତୁତଃ ଯୋନି ଓ ବିନ୍ଦୁ (ବୀର୍ଯ୍ୟ)ର ସଂଯୋଗରୁ ହିଁ ଉତ୍ପନ୍ନ ହୋଇଥାଏ। କାହାର ଶରୀର ସଂଭୋଗଜନିତ ନିକୃଷ୍ଟ ମୈଥୁନରୁ ସୃଷ୍ଟି ହୋଇଥାଉ ବା ଉର୍ଦ୍ଧ୍ୱରେତା ମହାପୁରୁଷଙ୍କ ସଙ୍କଳ୍ପରୁ ସୃଷ୍ଟି ହୋଇଥାଉ, ବୀର୍ଯ୍ୟ ଅଧୋଗାମୀ ହେବାରୁ କର୍ତ୍ତବ୍ୟରୂପ ଶ୍ରେଷ୍ଠ ମୈଥୁନରୁ ସୃଷ୍ଟି ହୋଇଥାଉ କିମ୍ବା ମୈଥୁନ ବିନା କେବଳ ନାଭି, ହୃଦୟ, କଣ୍ଠ, କର୍ଣ୍ଣ, ନେତ୍ର, ଶିର, ମସ୍ତକ ଆଦିର ସ୍ପର୍ଶରୁ ବା ବିନା ସ୍ପର୍ଶରେ କେବଳ ଦୃଷ୍ଟିପାତମାତ୍ରକେ, ଅଥବା ବିନା ଦୃଷ୍ଟିପାତରେ କେବଳ ସଂକଳ୍ପରୁ ସୃଷ୍ଟି ହୋଇଥାଉ; ଏହି ସମସ୍ତ ପ୍ରକାର ମୈଥୁନୀ-ଅମୈଥୁନୀ (ଅଥବା ସ୍ତ୍ରୀ ବା ପୁରୁଷ ଶରୀର ବିନା ମଧ୍ୟ କେବେ କେବେ ଉତ୍ପନ୍ନ ହେଉଥିବା) ଶରୀର ହେଉଛି ଯୋନି ଓ ବିନ୍ଦୁର ସଂଯୋଗଜନିତ ଶରୀର। ଏହିସବୁ ଶରୀର ପ୍ରାକୃତ। ଯୋଗୀମାନଙ୍କ ଦ୍ୱାରା

ନିର୍ମିତ 'ନିର୍ମାଣକାୟ' ଯଦ୍ୟପି ଅପେକ୍ଷାକୃତ ଶୁଦ୍ଧ, ତଥାପି ତାହା ମଧ୍ୟ ପ୍ରାକୃତ। ପିତୃପୁରୁଷ ବା ଦେବତାମାନଙ୍କର ଦିବ୍ୟ କୁହାଯାଉଥିବା ଶରୀର ମଧ୍ୟ ପ୍ରାକୃତ। ଅପ୍ରାକୃତ ଶରୀର ହେଉଛି ଏସବୁ ଶରୀରଠାରୁ ଅତ୍ୟନ୍ତ ବିଲକ୍ଷଣ (ଶ୍ରେଷ୍ଠ); ତାହା ମହାପ୍ରଳୟ କାଳରେ ମଧ୍ୟ ନଷ୍ଟ ହୁଏ ନାହିଁ ଏବଂ ଭଗବତ୍ ଦେହ ତ ସାକ୍ଷାତ୍ ଭଗବତ୍‌ସ୍ୱରୂପ। ଦେବ-ଶରୀର ପ୍ରାୟତଃ ରକ୍ତ-ମାଂସ-ମେଦ-ଅସ୍ଥିଦ୍ୱାରା ଗଠିତ ହୋଇ ନ ଥାଏ। ଅପ୍ରାକୃତ ଶରୀର ମଧ୍ୟ ଏପରି ଗଠିତ ହୁଏ ନାହିଁ। ତେଣୁ ଭଗବାନ ଶ୍ରୀକୃଷ୍ଣଙ୍କର ଭଗବତ୍‌ସ୍ୱରୂପ ଶରୀର ରକ୍ତ-ମାଂସ-ମେଦ-ଅସ୍ଥିମୟ ହେବ କିପରି ? ତାହା ସଚ୍ଚିଦାନନ୍ଦମୟ। ସେଥିରେ ଦେହ-ଦେହୀ, ଗୁଣ-ଗୁଣୀ, ରୂପ-ରୂପୀ, ନାମ-ନାମୀ ଏବଂ ଲୀଳା ଓ ଲୀଳାପୁରୁଷୋତ୍ତମଙ୍କର ଭେଦ ନାହିଁ। ଶ୍ରୀକୃଷ୍ଣଙ୍କର ଏକ ଏକ ଅଙ୍ଗ ହେଉଛି ପୂର୍ଣ୍ଣ ଶ୍ରୀକୃଷ୍ଣ। ଶ୍ରୀକୃଷ୍ଣଙ୍କର ମୁଖମଣ୍ଡଳ ଯେପରି ପୂର୍ଣ୍ଣ ଶ୍ରୀକୃଷ୍ଣ, ତାଙ୍କର ପାଦ ନଖ ସେହିପରି ପୂର୍ଣ୍ଣ ଶ୍ରୀକୃଷ୍ଣ। ତାଙ୍କର ସବୁ ଇନ୍ଦ୍ରିୟ ସବୁକର୍ମ କରିପାରୁଥିଲେ। ତାଙ୍କର କାନ ଦେଖି ପାରୁଥିଲା, ଆଖି ଶୁଣି ପାରୁଥିଲା, ନାକ ସ୍ପର୍ଶ କରି ପାରୁଥିଲା, ରସନା ଶୁଙ୍ଘି ପାରୁଥିଲା, ଚର୍ମ ସ୍ୱାଦ ବାରି ପାରୁଥିଲା। ସେ ହାତରେ ଦେଖି ପାରୁଥିଲେ, ଆଖିରେ ଚୁଲି ପାରୁଥିଲେ। ଶ୍ରୀକୃଷ୍ଣଙ୍କର ସବୁ କିଛି ଶ୍ରୀକୃଷ୍ଣ ହୋଇଥିବାରୁ ସେ ସର୍ବଥା ପୂର୍ଣ୍ଣତମ। ଏହି ହେତୁ ତାଙ୍କର ରୂପମାଧୁରୀ ନିତ୍ୟବର୍ଦ୍ଧନଶୀଳ, ନିତ୍ୟନବୀନ ସୌନ୍ଦର୍ଯ୍ୟମୟୀ ହୋଇଥାଏ। ସେଥିରେ ଏପରି ଚମତ୍କାରିତା ଥାଏ ଯେ, ତାହା ସ୍ୱୟଂ ତାଙ୍କୁ ମଧ୍ୟ ଆକର୍ଷିତ କରିନିଏ। ତେଣୁ ତାଙ୍କର ସୌନ୍ଦର୍ଯ୍ୟମାଧୁର୍ଯ୍ୟଦ୍ୱାରା ଗାଈଗୋରୁ, ହରିଣ ଓ ବୃକ୍ଷଲତା ଯେ ପୁଲକିତ ହୋଇଯାଆନ୍ତି, ତାହା ଆଉ କହିବା ଅନାବଶ୍ୟକ। ଭଗବାନଙ୍କର ଏପରି ସ୍ୱରୂପଭୂତ ଶରୀରଦ୍ୱାରା ଅଶିଷ୍ଟ ମୈଥୁନକର୍ମ ସମ୍ଭବ ନୁହେଁ। ମନୁଷ୍ୟ ଯାହା କିଛି ଖାଏ, ସେଥିରୁ କ୍ରମଶଃ ରସ, ରକ୍ତ, ମାଂସ, ମେଦ, ମଜ୍ଜା ଓ ଅସ୍ଥି ଗଠିତ ହୋଇ ଶେଷରେ ଶୁକ୍ର ଉତ୍ପନ୍ନ ହୁଏ। ସେହି ଶୁକ୍ରକୁ ଆଧାର କରି ଶରୀର ସ୍ଥିର ରହେ ଏବଂ ମୈଥୁନକ୍ରିୟାରେ ଏହି ଶୁକ୍ର ହିଁ କ୍ଷରିତ ହୋଇଥାଏ। ଭଗବାନଙ୍କର ଶରୀର କର୍ମରୁ ଜାତ ନୁହେଁ କି ମୈଥୁନ ଦ୍ୱାରା ସୃଷ୍ଟ ନୁହେଁ କିମ୍ବା ଦୈବୀ ମଧ୍ୟ ନୁହେଁ। ତାଙ୍କ ଶରୀର ତ ଏସବୁର ଅତୀତ ଏବଂ ବିଶୁଦ୍ଧ ଭଗବତ୍‌ସ୍ୱରୂପ। ସେଥିରେ ରକ୍ତ, ମାଂସ, ଅସ୍ଥି ଆଦିର ସ୍ଥାନ ନାହିଁ; ତେଣୁ ସେଥିରେ ଶୁକ୍ର ମଧ୍ୟ ନାହିଁ। ସେଥିପାଇଁ ସେହି ଶରୀରରେ ପ୍ରାକୃତ ପାଞ୍ଚଭୌତିକ ଶରୀରବିଶିଷ୍ଟ ସ୍ତ୍ରୀ-ପୁରୁଷଙ୍କ ରମଣ ବା ମୈଥୁନର କଳ୍ପନା ମଧ୍ୟ କରାଯାଇପାରିବ ନାହିଁ। ତେଣୁ ଉପନିଷଦରେ ଭଗବାନଙ୍କୁ **'ଅଖଣ୍ଡ ବ୍ରହ୍ମଗୁରା'** ବୋଲି କୁହାଯାଇଛି ଏବଂ ଭାଗବତରେ ତାଙ୍କ ନିମନ୍ତେ **'ଅବରୁଦ୍ଧସୌରତ'** ଆଦି ଶବ୍ଦ ବ୍ୟବହୃତ ହୋଇଛି। ତଥାପି କେହି ଯଦି ପଗ୍ଭରନ୍ତି 'ତାଙ୍କର ଷୋଳ ହଜାର ଏକଶହ ଆଠ ରାଣୀଙ୍କ ଗର୍ଭରୁ ଏତେ ପୁଅ କିପରି ଜନ୍ମ ହେଲେ ?' ତେବେ ଏହି ପ୍ରଶ୍ନର ସିଧା ଉତ୍ତର ହେଉଛି, 'ସେସବୁ ଥିଲା ଭାଗବତୀ ସୃଷ୍ଟି'—ତାହା ଭଗବାନଙ୍କର ସଂକଳ୍ପରୁ ହୋଇଥିଲା। ଭଗବାନଙ୍କ ଶରୀରରେ ଯେଉଁ ରକ୍ତମାଂସ ଆଦି ଦେଖାଯାଏ, ତାହା ହେଉଛି ଭଗବାନଙ୍କ ଯୋଗମାୟାର ଚମତ୍କାରିତା। ଏହି ବିଶ୍ଳେଷଣରୁ ମଧ୍ୟ ଏହା ସିଦ୍ଧ ହୋଇଯାଉଛି ଯେ, ଗୋପୀମାନଙ୍କ ସହିତ ଭଗବାନ ଶ୍ରୀକୃଷ୍ଣଙ୍କର ଯେଉଁ ରମଣ କ୍ରୀଡ଼ା ହେଲା, ତାହା ସର୍ବଥା ଦିବ୍ୟ ଭଗବତ୍ ରାଜ୍ୟର ଲୀଳା; ତାହା ଲୌକିକ କାମକ୍ରୀଡ଼ା ନୁହେଁ।

* * * * * * * * *

ସେହି ଗୋପୀମାନଙ୍କର ସାଧନା ପୂର୍ଣ୍ଣ ହୋଇ ସାରିଥିଲା। ଆଗାମୀ ରାତ୍ରିମାନଙ୍କରେ ସେମାନଙ୍କ ସହିତ ବିହାର କରିବାକୁ ଭଗବାନ ପ୍ରେମସଂକଳ୍ପ କରି ସାରିଥିଲେ। ଉକ୍ତ ସଂକଳ୍ପକୁ ପୂର୍ଣ୍ଣ କରିବା ସହିତ ସେହି ନିତ୍ୟସିଦ୍ଧା ତଥା ଲୋକସୃଷ୍ଟିରେ ବିବାହିତା ଗୋପୀମାନଙ୍କୁ ଦିବ୍ୟଲୀଳାରେ ସମ୍ମିଳିତ କରିବାକୁ ମଧ୍ୟ ଭଗବାନ ସ୍ଥିର କରି ସାରିଥିଲେ। ସେହି ଯେଉଁ 'ଆଗାମୀ ରାତ୍ରି', ସେହି ରାତ୍ରି ଜେବେ ଆସିବ, ତାହା କେଉଁ ରାତ୍ରି, ତାହା ଭଗବାନଙ୍କ ଦୃଷ୍ଟିପଥରେ ରହିଥିଲା; ସେ ତାହା ସ୍ଥିର କରି ସାରିଥିଲେ। ସେ ଶାରଦୀୟ ରାତ୍ରିକୁ ହିଁ ଦେଖିଥିଲେ। 'ଭଗବାନ ଦେଖିଥିଲେ' ଅର୍ଥ ସାମାନ୍ୟ ଜଣା ନୁହେଁ; ସେଥିରେ ବିଶେଷତ୍ୱ ରହିଥିଲା। ଯେପରି ସୃଷ୍ଟିର ପ୍ରାରମ୍ଭରେ **'ସ ଐକ୍ଷତ ଏକୋଽହଂ ବହୁ ସ୍ୟାମ୍ ।'**—ଭଗବାନଙ୍କର ଏହି ଈକ୍ଷଣ (ଦେଖିବା) ହେତୁ ଜଗତ୍ ଉତ୍ପନ୍ନ ହୋଇଥିଲା; ଠିକ୍ ସେହିପରି ରାସର ପ୍ରାରମ୍ଭରେ ଭଗବାନଙ୍କର ପ୍ରେମବୀକ୍ଷଣ ହେତୁ ଶରତଜାଜାଜ ଦିବ୍ୟରାତ୍ରି ସୃଷ୍ଟି ହେଲା। ମଲ୍ଲିଫୁଲ, ଚନ୍ଦ୍ରକିରଣ ଆଦି ଯେତେସବୁ ଉଦ୍ଦୀପନସାମଗ୍ରୀ, ସେସବୁ ଭଗବାନଙ୍କ ଦ୍ୱାରା ଦୀକ୍ଷିତ ହୋଇଥିବାରୁ ଲୌକିକ ହୋଇ ରହି ନ ଥିଲା; ସେସବୁ ହୋଇଯାଇଥିଲା ଅଲୌକିକ—ଅପ୍ରାକୃତ। ଗୋପୀମାନେ ନିଜ ନିଜର ମନ ଶ୍ରୀକୃଷ୍ଣଙ୍କ ମନ ସହିତ ମିଶାଇ ଦେଇଥିଲେ। ସେମାନଙ୍କ ପାଖରେ ସେମାନଙ୍କର ନିଜର ମନ ବୋଲି କିଛି ନ ଥିଲା। ତେଣୁ ପ୍ରେମଦାତା ଶ୍ରୀକୃଷ୍ଣ ସେମାନଙ୍କ ସହିତ ବିହାର କରିବା ନିମନ୍ତେ ସେମାନଙ୍କ ପାଇଁ ନବୀନ ମନ ବା ଦିବ୍ୟ ମନ ସୃଷ୍ଟି କରିଦେଲେ। ଯୋଗେଶ୍ୱରମାନଙ୍କର ଈଶ୍ୱର ଭଗବାନ ଶ୍ରୀକୃଷ୍ଣଙ୍କର ଏହା ହିଁ ଯୋଗମାୟା; ଏହି ଯୋଗମାୟା ରାସଲୀଳା ନିମନ୍ତେ ଦିବ୍ୟ ସ୍ଥଳ, ଦିବ୍ୟ ସାମଗ୍ରୀ ଏବଂ ଦିବ୍ୟ ମନ ନିର୍ମାଣ କରିଥାଏ। ସେସବୁ ନିର୍ମିତ ହୋଇଯିବା ପରେ ବାଜି ଉଠିଲା ଭଗବାନଙ୍କର ବଂଶୀ।

ଭଗବାନଙ୍କର ବଂଶୀ ଜଡ଼କୁ ଚେତନ ଓ ଚେତନକୁ ଜଡ଼ କରିଦିଏ; ଚଳକୁ ଅଚଳ ଓ ଅଚଳକୁ ଚଳ କରିଦିଏ। ତାହା ବିକ୍ଷିପ୍ତକୁ ସମାଧିସ୍ଥ ଓ ସମାଧିସ୍ଥକୁ ବିକ୍ଷିପ୍ତ କରିଦିଏ। ଭଗବାନଙ୍କର ପ୍ରେମଦାନ ପାଇ ଗୋପୀମାନେ ନିଶ୍ଚିନ୍ତ ନିଃସଂକଳ୍ପ ହୋଇ ଗୃହକର୍ମରେ ଲାଗିଯାଇଥିଲେ। କିଏ ଗୁରୁଜନଙ୍କର ସେବାଶୁଶ୍ରୂଷାରେ ଅର୍ଥାତ୍ ଧର୍ମକାର୍ଯ୍ୟରେ ଲାଗିଥିଲା; କିଏ ଗାଈଦୁହାଁ ଆଦି ଅର୍ଥକାରୀ କର୍ମରେ ଲାଗିଥିଲା; କିଏ ସଜବାଜ, ବେଶଭୂଷା ଆଦି କାମପରାୟଣ କର୍ମରେ ବ୍ୟସ୍ତ ଥିଲା; କିଏ ପୂଜାପାଠ ଆଦି ମୋକ୍ଷସାଧନରେ ଲାଗିଥିଲା। ସମସ୍ତେ ଲାଗିଯାଇଥିଲେ ନିଜ ନିଜ କାମରେ; କିନ୍ତୁ ବାସ୍ତବରେ କେହି ମଧ୍ୟ ସେଥିରୁ ଚୌଣସି ପଦାର୍ଥ ଗ୍ରହଣ କରୁ ନ ଥିଲେ। ତାହା ହିଁ ଥିଲା ସେମାନଙ୍କର ବିଶେଷତ୍ୱ ଏବଂ ସେହି ନିଷ୍କାମତାର ପ୍ରତ୍ୟକ୍ଷ ପ୍ରମାଣ ମଧ୍ୟ ମିଳୁଛି : ବଂଶୀସ୍ୱନ ଶୁଣିବାମାତ୍ରେ କରୁଥିବା କର୍ମର ପୂର୍ଣ୍ଣତା ପ୍ରତି ସେମାନଙ୍କର ଆଉ ଦୃଷ୍ଟି ରହିଲା ନାହିଁ; 'କାମଟା ପୂରା କରିଦେଇ ଯିବି' ବୋଲି କେହି ବି ଭାବିଲେ ନାହିଁ। ସବୁ ଛାଡ଼ିଛୁଡ଼ି ଦେଇ ସେମାନେ ସମସ୍ତେ ଘରୁ ବାହାରି ପଡ଼ିଲେ ବୈରାଗ୍ୟର ବହ୍ନିରେ ପ୍ରଦୀପ୍ତ ହେଉଥିବା ବୀତରାଗୀ ସାଧକପଦ୍ୟାସାଙ୍କ ପରି। କେହି ଜାହାକୁ ପଗ୍ଭରିଲେ ନାହିଁ; କାହାର ଉପଦେଶ ନେଲେ ନାହିଁ। ଯେ ଯେପରି ଅବସ୍ଥାରେ ଥିଲା, ସେ ସେହି ଅବସ୍ଥାରେ ହିଁ ଅତ୍ରବ୍ୟସ୍ତ

ହୋଇ ଧାଇଁଲା ଶ୍ରୀକୃଷ୍ଣଙ୍କ ନିକଟକୁ ପହଞ୍ଚିବାଲାଗି। ବୈରାଗ୍ୟର ପୂର୍ଣ୍ଣତା ଓ ପ୍ରେମର ପୂର୍ଣ୍ଣତା—ଉଭୟେ ଏକା ପରି; ଏଥିରେ ପାର୍ଥକ୍ୟ ନ ଥାଏ। ବ୍ରଜ ଓ ଶ୍ରୀକୃଷ୍ଣଙ୍କ ମଧ୍ୟରେ ଗୋପୀମାନେ ମୂର୍ତ୍ତିମାନ୍ ବୈରାଗ୍ୟ ପରି ଥିଲେ, ନା ମୂର୍ତ୍ତିମାନ୍ ପ୍ରେମ ପରି ଥିଲେ, ତାହା କିଏ ନିର୍ଣ୍ଣୟ କରିପାରିବ ଭଲା!

ସାଧନା ଦୁଇପ୍ରକାର—(୧) ମର୍ଯ୍ୟାଦାପୂର୍ଣ୍ଣ ବୈଧ ସାଧନା ଓ (୨) ମର୍ଯ୍ୟାଦାରହିତ ଅବୈଧ ପ୍ରେମସାଧନା। ଦୁଇଟିଯାକ ସାଧନାର ନିଜ ନିଜର ସ୍ୱତନ୍ତ୍ର ନିୟମ ରହିଛି। ବୈଧ ସାଧନାରେ ନିୟମର ଶୃଙ୍ଖଳା, ଯଜ୍ଞାଦିର ପଦ୍ଧତି, କର୍ତ୍ତବ୍ୟ ଓ ବିବିଧ ପାଳନୀୟ ଧର୍ମକୁ ଅମାନ୍ୟ କଲେ ବା ତ୍ୟାଗ କଲେ, ତାହା ସାଧନାକୁ ଭ୍ରଷ୍ଟ କରିଦିଏ ଓ ବିରାଟ କ୍ଷତିକାରକ ହୋଇଯାଏ; ଅପରପକ୍ଷେ ଅବୈଧ ପ୍ରେମସାଧନାରେ ଏସବୁକୁ ମାନିଲେ ବା ପାଳନ କଲେ, ତାହା କଳଙ୍କସ୍ୱରୂପ ହୋଇଯାଏ। ଜିବୁ ଜାଣି ରଖିବା ଉଚିତ ଯେ, ଅବୈଧ ପ୍ରେମସାଧନାର ସାଧକ ଜାତିକୁଳି ଏସବୁ ଆମ୍ବୋଉତିର ସାଧନା ଛାଡ଼ିଦିଅନ୍ତି ନାହିଁ। ସତ କଥାଟି ହେଲା—ଯେ ଯେଉଁ ସ୍ତରରେ ପହଞ୍ଚିଥାନ୍ତି, ସେହି ସ୍ତରରେ ଏସବୁର କୌଣସି ଆବଶ୍ୟକତା ନ ଥାଏ। ଜଙ୍ଗା ଆସି ଘାଟରେ ପହଞ୍ଚିଗଲେ ପଥାରିମାନେ ଯେପରି ଜଙ୍ଗାରୁ ଓହ୍ଲାଇ ପଡ଼ନ୍ତି, ଅବୈଧ ପ୍ରେମସାଧନା ସ୍ତରରେ ଏସବୁ ସାଧନା ସେହିପରି ସ୍ୱତଃ ଉପେକ୍ଷିତ ହୋଇଯାଏ। ଫଳଲାଗରେ ପହଞ୍ଚିଲା ପରେ ଜଙ୍ଗା ଆଉ ବା କି ପ୍ରୟୋଜନ? ଏବଂ ଯଦିବା ଜେହି ଜଙ୍ଗାରେ ବସି ଫଳଲାଗରେ ଯିବାକୁ ଜାଇଁଥି, ତେବେ ତାଙ୍କୁ କୁବ୍ଧିମାନ୍ ବୋଲାଯାଏ ନାହିଁ। ଏହାର ନିଷ୍କର୍ଷ ହେଲା, ଯେପର୍ଯ୍ୟନ୍ତ ସାଧକର ସକଳ ବୃତ୍ତି ସ୍ୱାଭାବିକଭାବେ ସ୍ୱେଚ୍ଛାରେ ସଚ୍ଚାଦର୍ବତା ଏକମାତ୍ର ଭଗବାନଙ୍କ ଆଡ଼କୁ ନ ଧାଇଁଛି, ସେପର୍ଯ୍ୟନ୍ତ ଏସବୁ ସାଧନା ଛାଡ଼ିବା ଅନୁଚିତ। ଏଥିପାଇଁ ଗୀତାର ଗୋଟିଏ ସ୍ଥାନରେ ଭଗବାନ ଅର୍ଜୁନଙ୍କୁ କହିଛନ୍ତି—

ନ ମେ ପାର୍ଥାସ୍ତି କର୍ତ୍ତବ୍ୟଂ ତ୍ରିଷୁ ଲୋକେଷୁ କିଞ୍ଚନ । ନାନବାପ୍ତମବାପ୍ତବ୍ୟଂ ବର୍ତ୍ତ ଏବ ଚ କର୍ମଣି ॥
ଯଦି ହ୍ୟହଂ ନ ବର୍ତ୍ତେୟଂ ଜାତୁ କର୍ମଣ୍ୟତନ୍ଦ୍ରିତଃ । ମମ ବର୍ତ୍ମାନୁବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ ॥
ଉତ୍ସୀଦେୟୁରିମେ ଲୋକା ନ କୁର୍ଯ୍ୟାଂ କର୍ମ ଚେଦହମ୍ । ସଙ୍କରସ୍ୟ ଚ କର୍ତ୍ତା ସ୍ୟାମୁପହନ୍ୟାମିମାଃ ପ୍ରଜାଃ ॥
ସକ୍ତାଃ କର୍ମଣ୍ୟବିଦ୍ୱାଂସୋ ଯଥା କୁର୍ବନ୍ତି ଭାରତ । କୁର୍ଯ୍ୟାଦ୍ବିଦ୍ୱାଂସ୍ତଥାସକ୍ତଶ୍ଚିକୀର୍ଷୁର୍ଲୋକସଂଗ୍ରହମ୍ ॥

(୩।୨୨-୨୫)

ଅର୍ଥାତ୍, "ହେ ଅର୍ଜୁନ ! ଯଦ୍ୟପି ତିନିଲୋକରେ ମୋର କିଛି ବି କରିବାର ନାହିଁ, କି ଜଗତର କୌଣସି ବସ୍ତୁ ମୋତେ ଅପ୍ରାପ୍ତ ନାହିଁ, ତଥାପି ମୁଁ କର୍ମ କରିଚାଲିଛି। ଯଦି ମୁଁ ସାବଧାନ ହୋଇ କର୍ମ ନ କରିବି, ତେବେ ହେ ଅର୍ଜୁନ ! ମୋ ଦେଖାଦେଖି ଲୋକମାନେ ମଧ୍ୟ କର୍ମ ଛାଡ଼ି ବସିଯିବେ ଏବଂ ମୁଁ କର୍ମ ନ କରିବା ଫଳରେ ସବୁଲୋକେ ପଥଭ୍ରଷ୍ଟ ହୋଇଯିବେ, ତଥା ମୁଁ ସେମାନଙ୍କୁ ବର୍ଣ୍ଣସଂକର କରିଦେବାରେ ତଥା ସମସ୍ତ ପ୍ରଜାଙ୍କୁ ବିନାଶ କରିବାରେ କର୍ତ୍ତା ହୋଇଯିବି। ତେଣୁ ମୋର ଏହି ଆଦର୍ଶ ଅନୁଯାୟୀ ଅନାସକ୍ତ ଜ୍ଞାନୀ ପୁରୁଷ ମଧ୍ୟ ଲୋକଶିକ୍ଷା ନିମନ୍ତେ ଠିକ୍ ସେହିପରି କର୍ମ କରିବା ଉଚିତ, ଯେପରି କି ଆସକ୍ତ ଅଜ୍ଞାନୀ ଲୋକେ କର୍ମ କରନ୍ତି।"

ଉକ୍ତ ଦୃଷ୍ଟାନ୍ତରେ ଭଗବାନ ଆଦର୍ଶ ଲୋକଶିକ୍ଷକ ମହାପୁରୁଷଙ୍କ ରୂପରେ କହିଛନ୍ତି; ଲୋକନାୟକ ହୋଇ ସର୍ବସାଧାରଣଙ୍କୁ ଶିକ୍ଷା ଦେଇଛନ୍ତି। ତେଣୁ ସ୍ୱୟଂ ନିଜର ଉଦାହରଣ ଦେଇ ଲୋକମାନଙ୍କୁ କର୍ମରେ ପ୍ରବୃତ୍ତ କରିବାକୁ ଚାହିଁଛନ୍ତି। ପୁଣି ସେହି ଭଗବାନ ସେହି ଗୀତାରେ ଯେଉଁଠି ଅନ୍ତରଙ୍ଗତା କଥା କହିଛନ୍ତି, ସେଠାରେ ସ୍ପଷ୍ଟ କହିଦେଇଛନ୍ତି—

ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ। (୧୮।୬୬)

ଅର୍ଥାତ୍, "ସକଳ ଧର୍ମ ତ୍ୟାଗ କରିଦେଇ ତୁମେ କେବଳ ମୋରି ଶରଣକୁ ଆସିଯାଅ।"

ଜିବୁ ଏହି ବାଣୀ ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ। ତେଣୁ ଭଗବାନ ଏହା କହିବା ପୂର୍ବରୁ ୧୮ ଅଧ୍ୟାୟର ୬୪ ଶ୍ଲୋକରେ ଏହାକୁ ସବୁଠାରୁ ବଡ଼ ଗୁପ୍ତ କଥା (ସର୍ବଗୁହ୍ୟତମ) ବୋଲି କହି ଏହାର ପରବର୍ତ୍ତୀ ଶ୍ଲୋକରେ କହିଦେଇଛନ୍ତି—

ଇଦଂ ତେ ନାତପସ୍କାୟ ନାଭକ୍ତାୟ କଦାଚନ । ନ ଚାଶୁଶ୍ରୂଷବେ ବାଚ୍ୟଂ ନ ଚ ମାଂ ଯୋଽଭ୍ୟସୂୟତି ॥ (୧୮।୬୭)

ଅର୍ଥାତ୍, "ହେ ଅର୍ଜୁନ ! ଯେଉଁ ଲୋକ ଇନ୍ଦ୍ରିୟବିଳାସୀ ତପସ୍ୱୀ ନୁହେଁ, ଜି ମୋର ଭକ୍ତ ନୁହେଁ, ଜି ଏହା ଶୁଣିବାକୁ ଚାହେଁ ନାହିଁ କିମ୍ବା ମୋଠାରେ ଦୋଷଦର୍ଶନ କରେ, ତାକୁ ଏହି ସର୍ବଗୁହ୍ୟତମ କଥା କହିବ ନାହିଁ।"

ବ୍ରଜର ସେହି ଗୋପୀମାନେ ସାଧନାର ଏହି ଉଚ୍ଚତମ ସ୍ତରର ହିଁ ପରମ ଆଦର୍ଶ ଥିଲେ। ସେଥିପାଇଁ ସେମାନେ ଦେହ-ଗେହ, ପତି-ପୁତ୍ର, ଲୋକ-ପରଲୋକ, କର୍ତ୍ତବ୍ୟ-ଧର୍ମ—ସବୁ କିଛି ଛାଡ଼ିଦେଇ, ସବୁକୁ ଉଲ୍ଲଙ୍ଘନ କରି, ଏକମାତ୍ର ପରବ୍ରହ୍ମସ୍ୱରୂପ ଭଗବାନ ଶ୍ରୀକୃଷ୍ଣଙ୍କୁ ହିଁ ପାଇବା ନିମନ୍ତେ ଅଭିସାର କରିଥିଲେ। ସେମାନଙ୍କର ସେହି ପତି-ପୁତ୍ରତ୍ୟାଗ, ସେହି ସର୍ବଧର୍ମତ୍ୟାଗ ହିଁ ସେମାନଙ୍କ ସ୍ୱଗତ ସ୍ୱଧର୍ମ।

ଏହି ସର୍ବଧର୍ମତ୍ୟାଗରୂପୀ ସ୍ୱଧର୍ମର ଆଚରଣ କେବଳ ସେହି ଗୋପୀମାନଙ୍କ ପରି ଉଚ୍ଚ ସ୍ତରର ସାଧକଙ୍କ ପକ୍ଷରେ ହିଁ ସମ୍ଭବ; କାରଣ ଯେଉଁମାନେ ସର୍ବଧର୍ମକୁ ଯଥାବିଧି ପୂର୍ଣ୍ଣତଃ ପାଳନ କରିପାରିବା ପରେ ତାହାର ପରମମଙ୍ଗଳସ୍ୱରୂପ ଅନନ୍ୟ ଓ ଅତିଲ୍ଲଭ ଦେବଦୁର୍ଲଭ ଭଗବତ୍‌ପ୍ରେମ ପାଇ ସାରିଛନ୍ତି, କେବଳ ସେଇମାନେ ହିଁ ଏଭଳି 'ସର୍ବଧର୍ମତ୍ୟାଗ' କରିପାରନ୍ତି—ତା'ମଧ୍ୟ ଜାତିଗୁଣି ତ୍ୟାଗ ଜରନ୍ତି ନାହିଁ। ସୂର୍ଯ୍ୟଙ୍କର ପ୍ରଖର କିରଣ ପଡ଼ିଯିବା ପରେ ତେଜଦୀପର ଜ୍ୟୋତି ନିଷ୍ପ୍ରଭ ହୋଇଯିବା ପରି, ସେମାନଙ୍କର 'ସକଳ ଧର୍ମ' ଆପେ ଆପେ ତ୍ୟକ୍ତ ହୋଇଯାଏ। ଏହି ତ୍ୟାଗ ଅବଜ୍ଞାମୂଳକ ତ୍ୟାଗ ନୁହେଁ; ଏହା ଜେଉଁଛି ତୃପ୍ତିମୂଳକ ତ୍ୟାଗ। ଭଗବତ୍‌ପ୍ରେମର ଉଚ୍ଚପିଠିର ଏହା ହିଁ ସ୍ୱରୂପ। ଦେବର୍ଷି ନାରଦ ଗୋଟିଏ ସୂତ୍ର ପ୍ରଦାନ କରିଛନ୍ତି :—

ବେଦାନପି ସଂନ୍ୟସ୍ୟତି, କେବଳମବିଚ୍ଛିନ୍ନାନୁରାଗଂ ଲଭତେ।

ଅର୍ଥାତ୍—"ଯେ ବେଦମାନଙ୍କୁ (ବେଦମୂଳକ ସମସ୍ତ ଧର୍ମମର୍ଯ୍ୟାଦାକୁ) ମଧ୍ୟ ତ୍ୟାଗ କରିଦିଅନ୍ତି, ସେ ଅଖଣ୍ଡ, ଅସୀମ ଭଗବତ୍‌ପ୍ରେମ ଲାଭ କରନ୍ତି।"

ଯେଉଁମାନଙ୍କୁ ଭଗବାନ ନିଜ ବଂଶୀଧ୍ୱନି ମାଧ୍ୟମରେ ନାମ ଧରି ଡାକିଲେ, ସେମାନେ ଭଲା ଅନ୍ୟ କେଉଁ ଧର୍ମକୁ ଗ୍ରହିଁ କେତେ ସମୟ ଓ କିପରି ବା ଅଟକି ରହନ୍ତେ !

ଅଟକାଇବା ଲୋକେ ଅଟକାଇବାକୁ ଚେଷ୍ଟା ମଧ୍ୟ କଲେ; କିନ୍ତୁ ହିମାଳୟରୁ ବାହାରି ସମୁଦ୍ରରେ ପଡ଼ିବା ନିମନ୍ତେ ଧାଇଁଥିବା ବ୍ରହ୍ମପୁତ୍ର ନଦୀର ପ୍ରଖର ସ୍ରୋତକୁ କିଏ କଣ ରୋକି ପାରିବ ? ସେମାନେ ଅଟକିଲେ ନାହିଁ—ଅଟକି ରହିପାରିଲେ ନାହିଁ। ଯେଉଁମାନଙ୍କ ଚିତ୍ତରେ କିଛି ପୁରୁଣା ସଂସ୍କାର ରହିଯାଇଥିଲା, ସେମାନେ ନିଜର ଅନଧିକାର ହେତୁ ସଶରୀର ସେଠାକୁ ଯିବାକୁ ସମର୍ଥ ହୋଇ ପାରିଲେ ନାହିଁ। ସେମାନଙ୍କର ଶରୀର ଘରେ ପଡ଼ିରହିଲା; ଭଗବାନଙ୍କର ବିଯୋଗ-ବୁଃଖରେ ସେମାନଙ୍କର ସମସ୍ତ କଳୁଷ ଧୋଇ ହୋଇଗଲା; ଧ୍ୟାନରେ ଭଗବାନଙ୍କର ପ୍ରେମାଲିଙ୍ଗନ ପାଇବା ଫଳରେ ସେମାନଙ୍କୁ ସମସ୍ତ ସୌଭାଗ୍ୟର ପରମ ଫଳ ମିଳିଗଲା ଏବଂ ଭଗବାନଙ୍କ ନିକଟକୁ ସଶରୀର ଯାଇଥିବା ଗୋପୀମାନେ ପ୍ରଭୁଙ୍କ ନିକଟରେ ପହଞ୍ଚିବା ପୂର୍ବରୁ ସେମାନେ ପ୍ରଥମେ ତାଙ୍କ ନିକଟରେ ପହଞ୍ଚିଗଲେ—ଭଗବାନଙ୍କ ସହିତ ସେମାନଙ୍କର ମିଳନ ହୋଇଗଲା। ଶାସ୍ତ୍ରର ସିଦ୍ଧାନ୍ତ ଏହି ଯେ, ପାପ-ପୁଣ୍ୟ ହେତୁ ହିଁ ବନ୍ଧନରେ ପଡ଼ିବାକୁ ହୁଏ ଓ ଶୁଭାଶୁଭ କର୍ମର ଫଳ ଭୋଗିବାକୁ ପଡ଼େ। ଶୁଭାଶୁଭ ଫଳ ଭୋଗ କରି କରି ଯେତେବେଳେ ପାପ ଓ ପୁଣ୍ୟ ଉଭୟ ନଷ୍ଟ ହୋଇଯାଏ, ସେତେବେଳେ ଜୀବକୁ ମୁକ୍ତି ମିଳିଯାଏ। ଗୋପୀମାନେ ପାପପୁଣ୍ୟଶୂନ୍ୟ ଭଗବାନଙ୍କର ପ୍ରେମପ୍ରତିମାସ୍ୱରୂପ ହୋଇଥିଲେ ମଧ୍ୟ, କେବଳ ଲୀଳା ନିମନ୍ତେ ଦେଖାଇ ଦିଆଗଲା ଯେ, ସେମାନେ ତାଙ୍କ ପ୍ରିୟତମ ଶ୍ରୀକୃଷ୍ଣଙ୍କ ନିକଟକୁ ଯାଇ ନ ପାରିବାରୁ ବିରହାନଳରେ ସନ୍ତପ୍ତ ହୋଇଗଲେ—ଏତେ ସନ୍ତପ୍ତ ହୋଇଗଲେ ଯେ, ସେଥିରେ ସେମାନଙ୍କର ସକଳ ଅଶୁଭ ଭୋଗ ହୋଇଗଲା; ସେମାନଙ୍କର ସମସ୍ତ ପାପ ନଷ୍ଟ ହୋଇଗଲା। ପୁଣି ପ୍ରିୟତମ ଭଗବାନଙ୍କ ଧ୍ୟାନଫଳରେ ଏତେ ଆନନ୍ଦ ଲାଭ କଲେ ଯେ, ତା'ଫଳରେ ସେମାନଙ୍କୁ ସମସ୍ତ ପୁଣ୍ୟର ଫଳ ମିଳିଗଲା। ଏପରିଭାବରେ ପାପପୁଣ୍ୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବାରୁ ସେମାନଙ୍କୁ ମୁକ୍ତି ମିଳିଗଲା। ଯେକୌଣସି ଭାବରେ ହେଉ—କାମବଶତଃ ହେଉ, କ୍ରୋଧବଶତଃ ହେଉ ବା ଲୋଭବଶତଃ ହେଉ, ଯେ ଭଗବାନଙ୍କର ମଙ୍ଗଳମୟ ଶ୍ରୀବିଗ୍ରହକୁ ଚିନ୍ତନ କରନ୍ତି, ତାଙ୍କର ଭାବକୁ ହିସାବକୁ ନ ନେଇ ବସ୍ତୁଶକ୍ତିଦ୍ୱାରା ହିଁ ତାଙ୍କର କଲ୍ୟାଣ ହୋଇଯାଏ। ଏହା ହେଉଛି ଭଗବାନଙ୍କ ଶ୍ରୀବିଗ୍ରହର ବିଶେଷତ୍ୱ। ଭାବ ଥିଲେ ତ ଏକ ପଥରମୂର୍ତ୍ତି ମଧ୍ୟ ପରମ କଲ୍ୟାଣ ଦାନ କରିପାରେ; କିନ୍ତୁ ବିନା ଭାବରେ କଲ୍ୟାଣ ଦାନ କରିବା ହେଉଛି ସାକ୍ଷାତ୍ ଭଗବତ୍ ବିଗ୍ରହର (ଚିନ୍ମୟ ଶରୀରର) ସହଜ ଦାନ।

ଭଗବାନ ବଡ଼ ଲୀଳାମୟ। ଏପଟେ ସେ ଅଖିଳ ବିଶ୍ୱର ବିଧାତା ବ୍ରହ୍ମା-ଶିବଙ୍କର ମଧ୍ୟ ବନ୍ଦନୀୟ ହୋଇଥିବାବେଳେ, ନିଖିଳ ଜୀବଗଣଙ୍କର ପ୍ରତ୍ୟଗାତ୍ମା ହୋଇଥିବାବେଳେ, ସେପଟେ ସେହି ଲୀଳାନଟବର ଗୋପୀମାନଙ୍କର ଇଙ୍ଗିତରେ ନାଚ ମଧ୍ୟ କରନ୍ତି। ତାଙ୍କରି ଇଚ୍ଛାରେ, ତାଙ୍କରି ପ୍ରେମ-ଆହ୍ୱାନରେ, ତାଙ୍କରି ବଂଶୀନିମନ୍ତ୍ରଣରେ ପ୍ରେରିତ ହୋଇ ଗୋପୀମାନେ ତାଙ୍କ ନିକଟକୁ ଆସିଲେ; କିନ୍ତୁ ସେ ଏପରି ଭାବଭଙ୍ଗୀ ଦେଖାଇଲେ, ଏପରି ଛଳନା କଲେ ଯେ, ସେଥିରୁ ମନେହେଲା, ସେ ଗୋପୀମାନଙ୍କର ଆସିବା ବିଷୟରେ ଯେପରି ଆଦୌ କିଛି ଜାଣି ନ ଥିଲେ। ସେ ଗୋପୀମାନଙ୍କ ମୁଖରୁ ସେମାନଙ୍କ ହୃଦୟର କଥା, ପ୍ରେମର କଥା ଶୁଣିବାକୁ ଗ୍ରହୁଁଥିଲେ। ବୋଧ ହୁଏ ସେ ବିପ୍ରଲମ୍ଭଦ୍ୱାରା ସେମାନଙ୍କର ମିଳନଭାବକୁ ପରିପୁଷ୍ଟ କରିବାକୁ ଗ୍ରହୁଁଥିଲେ। ଏଥିରୁ ବିଶେଷତଃ ଏହି କଥାଟି ଅନୁମିତ ହେଉଛି ଯେ, କାଳେ ଲୋକେ ଏହାକୁ ଏକ ସାଧାରଣ କଥା ବୋଲି ଭାବିଦେବେ; ସେଥିପାଇଁ ସେ ସାଧାରଣ ଲୋକଙ୍କ ପ୍ରତି ଉପଦେଶ ଦେଲେ ଓ ଗୋପୀମାନଙ୍କର ଅଧିକାର କ'ଣ, ତାହା ସର୍ବସାଧାରଣଙ୍କ ଆଗରେ ଥୋଇଦେଲେ। ସେ କହିଲେ, "ହେ ଗୋପୀଗଣ ! ବ୍ରଜରେ ତ କୌଣସି ବିପତ୍ତି ପଡ଼ିନାହିଁ, ଏପରି ଘୋର ରାତିଟାରେ ଏଠାକୁ ଆସିବାର କାରଣ କଣ ? ଘରଲୋକେ ତୁମମାନଙ୍କୁ ଖୋଜୁଥିବେ; ତୁମର ଆଉ ଏଠାରେ ରହିବାଟା ଠିକ୍ ହେବ ନାହିଁ। ବନର ସୌନ୍ଦର୍ଯ୍ୟ ତ ଦେଖିଲ; ଏଥର ତୁମର ଛୁଆପିଲା ଓ ବାଛୁରୀମାନଙ୍କ କଥା ଚିନ୍ତା କର। ନିଜର ଭାଇବନ୍ଧୁ ଓ ଗୁରୁଜନଙ୍କ ସେବା ହେଉଛି ଧର୍ମାନୁକୂଳ ମୋକ୍ଷର ଖୋଲାଦ୍ୱାର; ସେପରି ସେବା ଛାଡ଼ିଦେଇ ବଣରେ ଏଣେତେଣେ ବୁଲିବା ସ୍ତ୍ରୀମାନଙ୍କ ପକ୍ଷରେ ଅନୁଚିତ। ସ୍ୱାମୀ ଯେପରି ହୋଇଥାନ୍ତୁ ନା କାହିଁକି, ସ୍ତ୍ରୀ ତାଙ୍କରି ସେବା କରିବା ଉଚିତ। ଏହା ହିଁ ସନାତନ ଧର୍ମ। ତୁମେମାନେ ଏହି ଅନୁସାରେ ଚଳିବା ଉଚିତ। ମୁଁ ଜାଣେ ଯେ, ତୁମେମାନେ ମୋତେ ପ୍ରେମ କର। କିନ୍ତୁ ପ୍ରେମରେ ଶାରୀରିକ ସନ୍ନିଧି ଆବଶ୍ୟକ ନାହିଁ। ସନ୍ନିଧି ଅପେକ୍ଷା ଶ୍ରବଣ, ସ୍ମରଣ, ଦର୍ଶନ ଓ ଧ୍ୟାନଦ୍ୱାରା ପ୍ରେମ ଅଧିକ ବଢ଼ିଥାଏ। ଯାଅ; ତୁମେମାନେ ସନାତନ ସଦାଗ୍ରର ପାଳନ କର। ମନକୁ ଏଣେତେଣେ ବିଭ୍ରାନ୍ତ କର ନାହିଁ।"

ଶ୍ରୀକୃଷ୍ଣଙ୍କର ଏହି ଶିକ୍ଷା ଗୋପୀମାନଙ୍କ ପାଇଁ ଉଦ୍ଦିଷ୍ଟ ନ ଥିଲା; ଏହା ଉଦ୍ଦିଷ୍ଟ ଥିଲା ସାଧାରଣ ନାରୀଜାତି ପାଇଁ। ଗୋପୀମାନଙ୍କର ବିଶେଷ ଅଧିକାର ରହିଥିଲା ଏବଂ ସେହି ବିଶେଷାଧିକାରକୁ ଜାଗ୍ରତ କରିବା ନିମନ୍ତେ ହିଁ ଭଗବାନ ଶ୍ରୀକୃଷ୍ଣ ଏପରି କଥା କହିଥିଲେ। ଏହି ବଚନ ଶୁଣି ଗୋପୀମାନଙ୍କର କି ଦଶା ହେଲା, ଏହାର ଉତ୍ତରରେ ସେମାନେ ଶ୍ରୀକୃଷ୍ଣଙ୍କୁ କ'ଣ ପ୍ରାର୍ଥନା କଲେ; ତା'ଛଡ଼ା ସେମାନେ ଯେ ଶ୍ରୀକୃଷ୍ଣଙ୍କୁ ମନୁଷ୍ୟ ବୋଲି ଭାବୁ ନ ଥିଲେ ତଥା ସେମାନେ ତାଙ୍କର ପୂର୍ଣ୍ଣବ୍ରହ୍ମ ସନାତନ ସ୍ୱରୂପକୁ ଭଲରୂପେ ଜାଣିଥିଲେ ବୋଲି ହିଁ ତାଙ୍କୁ ପ୍ରେମ କରୁଥିଲେ—ଏ କଥାର କି ସୁନ୍ଦର ପରିଚୟ ଦେଲେ, ସେସବୁ ବିଷୟ ସମ୍ପୃକ୍ତ ଶ୍ଳୋକାଦିରୁ ହିଁ ଲକ୍ଷ୍ୟ କରିବା କଥା। ସତ କହିବାକୁ ଗଲେ, ଯାହାଙ୍କ ହୃଦୟରେ ଭଗବାନଙ୍କ ପରମତତ୍ତ୍ୱ ବିଷୟରେ ଏପରି ଅନୁପମ ଜ୍ଞାନ ଓ ଭଗବାନଙ୍କ ପ୍ରତି ଏପରି ମହାନ୍ ଅନନ୍ୟ ଅନୁରାଗ ସ୍ଥାନ ପାଇଥାଏ ଏବଂ ଯେଉଁମାନଙ୍କ ବାଣୀରେ ତାହା ନିଶ୍ଚଳ ଉତ୍‌ଗାରରୂପେ ଅଭିବ୍ୟକ୍ତ ହୋଇଯାଏ, ସେମାନେ ହିଁ ଏଭଳି ବିଶେଷ ଅଧିକାରୀ ହୋଇଥାନ୍ତି।

ଗୋପୀମାନଙ୍କର ପ୍ରାର୍ଥନାରୁ ସ୍ପଷ୍ଟ ହୋଇଯାଏ ଯେ, ସେମାନେ ଶ୍ରୀକୃଷ୍ଣଙ୍କୁ ଅନ୍ତର୍ଯାମୀ, ଯୋଗେଶ୍ୱରେଶ୍ୱର ଓ ପରମାତ୍ମାରୂପରେ ଜାଣିଥିଲେ ଏବଂ ଅନ୍ୟ ଲୋକେ ଶ୍ରୀକୃଷ୍ଣଙ୍କୁ ଯେପରି ଗୁରୁ, ସଖା ବା ମାତାପିତାରୂପେ ଉପାସନା କରନ୍ତି, ସେମାନେ ଶ୍ରୀକୃଷ୍ଣଙ୍କୁ ସେହିପରି ପତିରୂପେ ପ୍ରେମ କରୁଥିଲେ। ଏପରି ପ୍ରେମକୁ ଶାସ୍ତ୍ରରେ ମଧୁରଭାବ ବା ଉଜ୍ଜ୍ୱଳ ପରମ ରସ ବୋଲି କୁହାଯାଏ। ଯଦି ପ୍ରେମର ସକଳ ଭାବ ପୂର୍ଣ୍ଣ ହୋଇଥାଏ ଏବଂ ଯଦି ସାଧକମାନଙ୍କୁ ସ୍ୱାମୀ-ସଖାଦିରୂପରେ ଭଗବାନ ମିଳିଥାନ୍ତି, ତେବେ ଗୋପୀମାନେ କି ଅପରାଧ

କରିଥିଲେ ଯେ, ସେମାନଙ୍କର ଏହି ଉଚ୍ଚତମ ଭାବ—ଯେଉଁଥିରେ କି ଶାନ୍ତ, ଦାସ୍ୟ, ସଖ୍ୟ, ବାତ୍ସଲ୍ୟ ଆଦି ସକଳ ଭାବ ଅନ୍ତର୍ଭୂତ ହୋଇଛି ଏବଂ ଯାହା ସବୁଠାରୁ ଉତ୍ତତ ଏବଂ ସବୁର ଅନ୍ତିମ ରୂପ ଅଟେ, ତାହା ପୂର୍ଣ୍ଣ ନ ହୁଅନ୍ତା ? ଭଗବାନ ସେମାନଙ୍କର ଭାବ ପୂର୍ଣ୍ଣ କଲେ ଏବଂ ନିଜକୁ ଅସଂଖ୍ୟ ରୂପରେ ପ୍ରକଟ କରି ଗୋପୀମାନଙ୍କ ସହିତ କ୍ରୀଡ଼ା କଲେ । ତାଙ୍କର କ୍ରୀଡ଼ାର ସ୍ୱରୂପ ବର୍ଣ୍ଣନା କରିବାକୁ ଯାଇ କୁହାଯାଇଛି, **'ରେମେ ରମେଶୋ ବ୍ରଜସୁନ୍ଦରୀଭିର୍ଯଥାର୍ଭକଃ ସ୍ୱପ୍ରତିବିମ୍ବବିଭ୍ରମଃ'**—"ଛୋଟ ଶିଶୁ ଯେପରି ଦର୍ପଣ ଅଥବା ଜଳରେ ପଡ଼ିଥିବା ନିଜର ପ୍ରତିବିମ୍ବ ସହିତ ଖେଳେ, ରମେଶ ଭଗବାନ ଓ ବ୍ରଜସୁନ୍ଦରୀମାନେ ସେହିପରି ରମଣ କଲେ ।" ଅର୍ଥାତ୍ ସଚ୍ଚିଦାନନ୍ଦଘନ ସର୍ବାତ୍ମର୍ଯାମୀ ପ୍ରେମରସ-ସ୍ୱରୂପ, ଲୀଳାରସମୟ ପରମାତ୍ମା ଭଗବାନ ଶ୍ରୀକୃଷ୍ଣ ନିଜର ହ୍ଲାଦିନୀ-ଶକ୍ତିରୂପା ଆନନ୍ଦ-ଚିନ୍ମୟରସ-ପ୍ରତିଭାବିତା ତଥା ନିଜ ପ୍ରତିମୂର୍ତ୍ତିରୁ ଉତ୍ପନ୍ନ ପ୍ରତିବିମ୍ବସ୍ୱରୂପା ଗୋପୀମାନଙ୍କ ସହିତ ଆତ୍ମକ୍ରୀଡ଼ା କଲେ । ପୂର୍ଣ୍ଣବ୍ରହ୍ମ ସନାତନ ରସସ୍ୱରୂପ ରସରାଜ ରସିକଶେଖର ରସପରଂବ୍ରହ୍ମ ଅଖିଳରସାମୃତବିଗ୍ରହ ଭଗବାନ ଶ୍ରୀକୃଷ୍ଣଙ୍କର ଏହି ବିଦାନନ୍ଦରସମୟୀ ଦିବ୍ୟ କ୍ରୀଡ଼ାର ନାମ ହିଁ ରାସ । ସେହି କ୍ରୀଡ଼ାରେ ନ ଥିଲା କୌଣସି ଜଡ଼ଶରୀର, ନ ଥିଲା ପ୍ରାକୃତ ଅଙ୍ଗସଙ୍ଗ ଏବଂ ନ ଥିଲା ଅଙ୍ଗସଙ୍ଗ ସମ୍ବନ୍ଧୀୟ ବିଭିନ୍ନ ପ୍ରାକୃତ ଓ ସ୍ଥୂଳ କଳ୍ପନା । ତାହା ଥିଲା ବିଦାନନ୍ଦମୟ ଭଗବାନଙ୍କର ଦିବ୍ୟ ବିହାର, ଯାହା କି ଦିବ୍ୟ ଲୀଳାଧାମରେ ସର୍ବଦା ଘୁଲିଥିଲେ ମଧ୍ୟ ଜେବେ ଜେବେ ଧରାଧାମରେ ପ୍ରକଟ ହୋଇଥାଏ ।

ବିଯୋଗ ହିଁ ସଂଯୋଗର ପୋଷକ; ମାନ ଓ ମଦ ହେଉଛି ଭଗବାନଙ୍କ ଲୀଳାରେ ପ୍ରତିବନ୍ଧକ । କିନ୍ତୁ ଭଗବାନଙ୍କ ଲୀଳାରେ ଦିବ୍ୟ ମାନ ଓ ମଦ ରହିଥିବାର କାରଣ ହେଉଛି, ତା'ଦ୍ୱାରା ଲୀଳାରେ ରସର ଅଧିକ ପୁଷ୍ଟି ହୁଏ । ଭଗବାନଙ୍କର ଇଚ୍ଛାକ୍ରମେ ହିଁ ଗୋପୀମାନଙ୍କ ହୃଦୟରେ ଲୀଳାନୁରୂପ ମାନ ଓ ମଦ ସଞ୍ଚାର ହେଲା ଏବଂ ଭଗବାନ ଅନ୍ତର୍ଦ୍ଧାନ ହୋଇଗଲେ । ଯେଉଁମାନଙ୍କ ହୃଦୟରେ ଲେଶମାତ୍ର ମଦ ରହିଯାଇଛି, ତିଳେମାତ୍ର ମାନର ସଂସ୍କାର ରହିଯାଇଛି, ସେମାନେ ଭଗବାନଙ୍କ ସମ୍ମୁଖରେ ରହିପାରିବାର ଅଧିକାରୀ ନୁହନ୍ତି; ସେମାନେ ଭଗବାନଙ୍କ ନିକଟରେ ରହିଲେ ମଧ୍ୟ ଭଗବାନଙ୍କୁ ଦର୍ଶନ କରିପାରନ୍ତି ନାହିଁ; କିନ୍ତୁ ଗୋପୀମାନେ ଏପରି ଥିଲେ ଯେ, ସେମାନଙ୍କ ସହିତ ଜଗତର ଅନ୍ୟ କୌଣସି ପ୍ରାଣୀକୁ ତୁଳନା କରାଯାଇ ନ ପାରେ । ଭଗବାନଙ୍କୁ ଦେଖିବାକୁ ନ ପାଇ ଗୋପୀମାନଙ୍କର ଦଶା କ'ଣ ହେଲା, ତାହା ରାସଲୀଳାର ପ୍ରତ୍ୟେକ ପାଠକ ଜାଣନ୍ତି । ଗୋପୀମାନଙ୍କର ଦେହ-ମନ-ପ୍ରାଣ ଯାହା କିଛି ଥିଲା, ସବୁ ଶ୍ରୀକୃଷ୍ଣଙ୍କ ସହିତ ଏକତାନ ହୋଇଗଲା । ଶ୍ରୀକୃଷ୍ଣଙ୍କ ଅଦର୍ଶନରେ ସେମାନଙ୍କର ସେ ଯେଉଁ ପ୍ରେମୋନ୍ମାଦର ଗୀତ, ତାହା ତ ଥିଲା ସେମାନଙ୍କ ପ୍ରାଣର ପ୍ରତ୍ୟକ୍ଷ ପ୍ରତୀକ । ସେହି ଗୀତ ଆଜି ବି ଭାବୁକ ଭକ୍ତଙ୍କୁ ଭାବମଗ୍ନ କରିଦେଇ ଭଗବାନଙ୍କର ଲୀଳାଲୋକରେ ପହଞ୍ଚାଇଦିଏ । ହୃଦୟହୀନ ହୋଇ ନୁହେଁ, ସେ ଗୀତକୁ ସରସ ହୃଦୟରେ ଥରଟିଏ ବି ପାଠ କରିବାମାତ୍ରେ ତାହା ହୃଦୟକୁ ଗୋପୀମାନଙ୍କର ମହତ୍ତ୍ୱରେ ପୂର୍ଣ୍ଣ କରିଦିଏ । ଗୋପୀମାନଙ୍କର ସେହି ମହାଭାବକୁ ଦେଖି, ସେହି ଅଲୌକିକ ପ୍ରେମୋନ୍ମାଦକୁ ଦେଖି ଶ୍ରୀକୃଷ୍ଣ ମଧ୍ୟ ଅନ୍ତର୍ହିତ ବା ଅଦୃଶ୍ୟ ହୋଇ ରହିପାରିଲେ ନାହିଁ । ସେ ସେମାନଙ୍କ ଆଗରେ 'ସାକ୍ଷାତ୍ ମନ୍ମଥମନ୍ମଥ' ରୂପରେ ପ୍ରକଟ ହୋଇଗଲେ ଏବଂ ମୁକ୍ତକଣ୍ଠରେ ସ୍ୱୀକାର କଲେ, "ହେ ଗୋପୀଗଣ ! ମୁଁ ହେଉଛି ତୁମ ପ୍ରେମଭାବର ବିଭରଣୀ । ଅନନ୍ତକାଳ ପର୍ଯ୍ୟନ୍ତ ତୁମର ସେବା କଲେ ମଧ୍ୟ ମୁଁ ତୁମ ନିକଟରେ ଋଣମୁକ୍ତ ହୋଇପାରିବି ନାହିଁ । ମୁଁ ତୁମର ବିତରେ ଦୁଃଖ ଦେବାକୁ ଅନ୍ତର୍ହିତ ହୋଇ ନ ଥିଲି; ଅନ୍ତର୍ହିତ ହୋଇଥିଲି ତୁମମାନଙ୍କର ପ୍ରେମକୁ ଆହୁରି ଅଧିକ ଉଜ୍ଜ୍ୱଳ ଓ ସମୃଦ୍ଧ କରିବା ନିମନ୍ତେ ।" ତା'ପରେ ରାସକ୍ରୀଡ଼ା ଆରମ୍ଭ ହୋଇଥିଲା ।

ଯେଉଁମାନେ ଭଲରୂପେ ଅଧ୍ୟାତ୍ମଶାସ୍ତ୍ର ପଢ଼ିଛନ୍ତି, ସେମାନେ ଜାଣିଥିବେ ଯେ, ଯୋଗସିଦ୍ଧିପ୍ରାପ୍ତ ସାଧାରଣ ଯୋଗୀ ମଧ୍ୟ କାୟବ୍ୟୂହଦ୍ୱାରା ଏକାବେଳକେ ଅନେକ ଶରୀର ନିର୍ମାଣ କରିପାରନ୍ତି ଏବଂ ଅନେକ ସ୍ଥାନରେ ଉପସ୍ଥିତ ରହି ପୃଥକ୍ ପୃଥକ୍ କାର୍ଯ୍ୟ କରିପାରନ୍ତି । ଇନ୍ଦ୍ରାଦି ଦେବଗଣ ଏକା ସମୟରେ ଅନେକ ସ୍ଥାନରେ ଉପସ୍ଥିତ ରହି ଅନେକ ଯଜ୍ଞରେ ଆହୁତି ଗ୍ରହଣ କରିପାରନ୍ତି । ଯଦି ଏମାନେ ଏପରି କରି ପାରୁଛନ୍ତି, ତେବେ ସକଳ ଯୋଗୀ ଓ ଯୋଗେଶ୍ୱରମାନଙ୍କର ଈଶ୍ୱର ସର୍ବସମର୍ଥ ଭଗବାନ ଶ୍ରୀକୃଷ୍ଣ ଯଦି ଏକା ସମୟରେ ଅନେକ ଗୋପୀଙ୍କ ସହିତ କ୍ରୀଡ଼ା କରନ୍ତି, ତେବେ ଏଥିରେ ଆଶ୍ଚର୍ଯ୍ୟ ହେବାରେ କ'ଣ ଅଛି ? ଯେଉଁମାନେ ଭଗବାନଙ୍କୁ ଭଗବାନ ବୋଲି ସ୍ୱୀକାର କରନ୍ତି ନାହିଁ, ସେହିମାନେ ହିଁ ନାନାପ୍ରକାର ସଂଶୟ ଉଠାଇଥାନ୍ତି । ଭଗବାନଙ୍କର ନିଜ ଲୀଳାରେ ଏସବୁ ସଂଶୟ ବା ତର୍କର କୌଣସି ମୂଲ୍ୟ ନାହିଁ ।

'ଗୋପୀମାନେ ଶ୍ରୀକୃଷ୍ଣଙ୍କର ସ୍ୱକୀୟା ଥିଲେ, ନା ପରକୀୟା ?'—ଏଭଳି ପ୍ରଶ୍ନ ମଧ୍ୟ ଶ୍ରୀକୃଷ୍ଣଙ୍କ ସ୍ୱରୂପକୁ ଭୁଲିଯାଇଥିବା ଲୋକେ ହିଁ କରନ୍ତି । ଶ୍ରୀକୃଷ୍ଣ କୌଣସି ଜୀବ ନୁହନ୍ତି ଯେ, ଅନ୍ୟ ଜୀବ ମଧ୍ୟ ଜଗତର ସକଳ ବସ୍ତୁ ଉପରେ ତାଙ୍କର ସହ-ଭାଗୀଦାର ହେବେ । ଅତୀତରେ ଯାହା କିଛି ଥିଲା, ବର୍ତ୍ତମାନ ଯାହା କିଛି ଅଛି ଓ ଭବିଷ୍ୟତରେ ଯାହା କିଛି ହେବ, ସେସବୁର ଏକମାତ୍ର ସ୍ୱାମୀ ହେଉଛନ୍ତି ଶ୍ରୀକୃଷ୍ଣ । ଗୋପୀମାନେ ଏହି କଥା ହିଁ ସେମାନଙ୍କ ପ୍ରାର୍ଥନାରେ ଜଣାଇଥିଲେ ଏବଂ ପରୀକ୍ଷିତଙ୍କ ପ୍ରଶ୍ନର ଉତ୍ତରରେ ଶୁକଦେବ ମଧ୍ୟ ଏହି କଥାକୁ ପୁଷ୍ଟ କରି କହିଥିଲେ ଯେ, ଗୋପୀମାନଙ୍କର, ଗୋପୀମାନଙ୍କ ପତି, ପୁତ୍ର, ଆତ୍ମୀୟସ୍ୱଜନଙ୍କର ତଥା ଜଗତର ସକଳ ପ୍ରାଣୀଙ୍କର ହୃଦୟରେ ଆତ୍ମାରୂପରେ, ପରମାତ୍ମାରୂପରେ ଯେଉଁ ପ୍ରଭୁ ରହିଛନ୍ତି, ସେ ହିଁ ହେଉଛନ୍ତି ଶ୍ରୀକୃଷ୍ଣ । ଭ୍ରମବଶତଃ, ଅଜ୍ଞାନବଶତଃ କେହି ଶ୍ରୀକୃଷ୍ଣଙ୍କୁ ପର ବୋଲି ଭାବିଲେ ଭାବୁ; କିନ୍ତୁ ପ୍ରଭୁ କାହାରି ପାଇଁ ପର ନୁହନ୍ତି । ସେ ସମସ୍ତଙ୍କର ନିଜର; ସମସ୍ତେ ତାଙ୍କର ଆପଣାର । ଶ୍ରୀକୃଷ୍ଣଙ୍କ ଦୃଷ୍ଟିରେ ଏବଂ ବାସ୍ତବିକ ଦୃଷ୍ଟିକୋଣରୁ ଦେଖିଲେ ବି ପରକୀୟା ବୋଲି କେହି ନାହିଁ, ସମସ୍ତେ ତାଙ୍କର ସ୍ୱକୀୟା; ସବୁ ତାଙ୍କରି ଲୀଳାବିଳାସ; ସମସ୍ତେ ହେଉଛନ୍ତି ସ୍ୱରୂପଭୂତା ଅନ୍ତରଙ୍ଗା ଶକ୍ତି । ଗୋପୀମାନେ ଏହା ଜାଣନ୍ତି ଏବଂ ସ୍ଥାନେ ସ୍ଥାନେ ଏହା କହିଛନ୍ତି ମଧ୍ୟ ।

ଏପରି ସ୍ଥିତିରେ ଜାରଭାବ ଓ ଔପପତ୍ୟର କୌଣସି ଲୌକିକ ଅର୍ଥ ରହିଯାଏନା । ଯେଉଁଠାରେ କାମ ନାହିଁ, ଅଙ୍ଗସଙ୍ଗ ନାହିଁ, ସେଠାରେ ଔପପତ୍ୟ ଓ ଜାରଭାବର କଳ୍ପନା କିପରି କରାଯାଇ ପାରିବ ? ଗୋପୀମାନେ ପରକୀୟା ନ ଥିଲେ; ସ୍ୱକୀୟା ଥିଲେ;

କିନ୍ତୁ ସେମାନଙ୍କ ଠାରେ ପରକୀୟା ଭାବ ରହିଥିଲା। 'ପରକୀୟା' ଓ 'ପରକୀୟା ଭାବ' ମଧ୍ୟରେ ଆକାଶ ପାତାଳ ପ୍ରଭେଦ ରହିଛି। ପରକୀୟା ଭାବରେ ତିନିଟି ମହତ୍ତ୍ୱପୂର୍ଣ୍ଣ ବିଷୟ ରହିଛି, ଯଥା—ନିଜ ପ୍ରିୟତମଙ୍କ ବିଷୟରେ ନିରନ୍ତର ଚିନ୍ତନ; ମିଳନ ନିମନ୍ତେ ତୀବ୍ର ଉତ୍‌କଣ୍ଠା ଏବଂ ଦ୍ୱୈଷଦୃଷ୍ଟିର ସର୍ବଥା ଅଭାବ। ସ୍ୱକୀୟା ଭାବରେ ଉଭୟେ ସର୍ବଦା ଏକତ୍ର ରହୁଥିବାରୁ ଏହି ତିନିଭାବ ଗୌଣ ହୋଇଯାଏ; ପରକୀୟା ଭାବରେ ଏହି ତିନିଟି ଭାବ ମୁଖ୍ୟ। କେତେଜଣ ଗୋପୀ ଅବଶ୍ୟ ଶ୍ରୀକୃଷ୍ଣଙ୍କୁ ଜାରଭାବରେ ଗ୍ରହୁଁଥିଲେ; କିନ୍ତୁ ତାହାର ଏତିକି ଅର୍ଥ ଯେ, ସେମାନେ ଶ୍ରୀକୃଷ୍ଣଙ୍କୁ ନିରନ୍ତର ଚିନ୍ତନ କରୁଥିଲେ, ମିଳନ ପାଇଁ ଉଚ୍ଛୁଣ୍ଡିତ ହୋଇ ରହୁଥିଲେ ଏବଂ ଶ୍ରୀକୃଷ୍ଣଙ୍କର ପ୍ରତ୍ୟେକ ବ୍ୟବହାରକୁ ପ୍ରେମଚକ୍ଷୁରେ ଦେଖୁଥିଲେ। ଏହାର ଏକ ବିରୁଦ୍ଧ ଭାବ ମଧ୍ୟ ରହିଛି ଏବଂ ତାହାର ବିଶେଷ ମହତ୍ତ୍ୱ ରହିଛି। ସେହି ଭାବଟି ହେଲା : ଯେ ସ୍ୱକୀୟା, ସେ ଗୃହାସ୍ତି, ତାଙ୍କ ସ୍ୱାମୀ ତାଙ୍କ ଘରଦ୍ୱାର, ତାଙ୍କର ପୁତ୍ର କନ୍ୟାଙ୍କର ପାଳନପୋଷଣ କରନ୍ତୁ। ସେ ବୁଝିଥାନ୍ତି ଯେ, ସେମାନଙ୍କର ସେବାଶୁଶ୍ରୂଷା କରିବା ସ୍ୱାମୀଙ୍କର କର୍ତ୍ତବ୍ୟ; କାରଣ, ସେମାନେ ସମସ୍ତେ ତାଙ୍କର ଆଶ୍ରିତ। ସ୍ୱକୀୟା ସ୍ତ୍ରୀ ସ୍ୱାମୀଙ୍କ ଠାରୁ ଏଭଳି ଆଶା ନିଶ୍ଚୟ ଜନ୍ମେ। ଯେତେବଡ଼ ପତିପରାୟଣା ହୁଅନ୍ତୁ ନା କାହିଁକି, ସ୍ୱକୀୟାଙ୍କ ଠାରେ ଏହି ସକାମ ଭାବଟି ଲୁଚି ରହିଥାଏ। କିନ୍ତୁ ପରକୀୟା ନିଜର ପ୍ରିୟତମଙ୍କ ଠାରୁ କିଛି ଗ୍ରହାଁନ୍ତି ନାହିଁ; କିଛି ଆଶା କରନ୍ତି ନାହିଁ। ସେ ନିଜକୁ ସମ୍ପୂର୍ଣ୍ଣ ଦେଇଦେଇ ପ୍ରିୟତମଙ୍କୁ ଖୁସି କରିବାକୁ ଗ୍ରହାଁନ୍ତି। ଗୋପୀମାନଙ୍କ ଠାରେ ଏହି ଭାବ ସ୍ପଷ୍ଟରୂପେ ପ୍ରକଟିତ ହେଉଥିଲା। ଏହି ବିଶେଷତା ହେତୁ ସଂସ୍କୃତ-ସାହିତ୍ୟରେ ଜେତେଜ ଗ୍ରନ୍ଥରେ ନିରନ୍ତର ଚିନ୍ତନର ଉଦାହରଣସ୍ୱରୂପ ପରକୀୟାଭାବର ବର୍ଣ୍ଣନା ରହିଛି।

ଗୋପୀମାନଙ୍କର ଏହି ଭାବର ଗୋଟିଏ ନୁହେଁ, ଅନେକ ଉଦାହରଣ ଶ୍ରୀମଦ୍ଭାଗବତରେ ଦେଖିବାକୁ ମିଳେ। ତେଣୁ ସେମାନଙ୍କର ଭାବକୁ ବୁଝି ନ ପାରିବା ହେତୁ ଗୋପୀମାନଙ୍କ ଉପରେ ପରକୀୟାପଣର ଆରୋପ କରାଯାଇଥାଏ। ଯାହାର ଜୀବନରେ ସାଧାରଣ ଧର୍ମର ଅନ୍ତତଃ ଗୋଟିଏ ବି କ୍ଷୀଣ ଆଲୋକ ରେଖା ଫୁଟି ଉଠେ, ତାହାର ଜୀବନ ପରମ ପବିତ୍ର ଓ ଅନ୍ୟମାନଙ୍କ ନିମନ୍ତେ ଆଦର୍ଶସ୍ୱରୂପ ହୋଇଯାଏ। ତେବେ ଯେଉଁ ଗୋପୀମାନଙ୍କ ଜୀବନ ସାଧନାର ଚରମ ସୀମାରେ ପହଞ୍ଚି ଯାଇଥିଲା, ଯେଉଁମାନେ ନିତ୍ୟସିଦ୍ଧ ଓ ଜଗବ୍ଦାନଙ୍କର ସ୍ୱରୂପଭୂତା ଥିଲେ ଅଥବା ଯେଉଁମାନେ ଜନ୍ମ ଜନ୍ମ ଧରି ସାଧନା କରି ଶ୍ରୀକୃଷ୍ଣଙ୍କ କୃପାରୁ ତାଙ୍କର ସେବାଧିକାର ପାଇ ଯାଇଥିଲେ, ସେମାନେ ସଦାଗୁର ଉଲ୍ଲଂଘନ କରିଥିବେ ବୋଲି କିପରି କହିହେବ! ପୁଣି, ଯେ ସକଳ ଧର୍ମ-ମର୍ଯ୍ୟାଦାର ସଂସ୍ଥାପକ, ସେହି ଶ୍ରୀକୃଷ୍ଣଙ୍କ ଉପରେ ଧର୍ମୋଲ୍ଲଂଘନର ଲାଞ୍ଛନା କିପରି ଲଗାଯାଇ ପାରିବ? ଶ୍ରୀକୃଷ୍ଣ ଓ ଗୋପୀମାନଙ୍କ ସମ୍ବନ୍ଧରେ ଏପରି କୁକଳ୍ପନା କରିବା ସେମାନଙ୍କର ଦିବ୍ୟସ୍ୱରୂପ ଓ ଦିବ୍ୟଲୀଳା ବିଷୟରେ ଅଜ୍ଞତାର ହିଁ ପରିଚୟ ଦିଏ।

ଶ୍ରୀମଦ୍ଭାଗବତ ଉପରେ, ଦଶମ ସ୍କନ୍ଧ ଉପରେ ଓ ରାସପଞ୍ଚାଧ୍ୟାୟୀ ଉପରେ ଏପର୍ଯ୍ୟନ୍ତ ବହୁ ଟୀକା ଓ ଭାଷ୍ୟ ଲେଖା ଯାଇସାରିଛି। ସେହିସବୁ ଭାଷ୍ୟ ଓ ଟୀକାର ଲେଖକମାନଙ୍କ ମଧ୍ୟରେ ଶ୍ରୀ ବଲ୍ଲଭାଚାର୍ଯ୍ୟ, ଶ୍ରୀ ଶ୍ରୀଧରସ୍ୱାମୀ, ଶ୍ରୀ ଜୀବଗୋସ୍ୱାମୀ ଆଦି ମହାତ୍ମାମାନେ ଅନ୍ୟତମ। ସେମାନେ ବିସ୍ତାରିତ ଭାବରେ ରାସଲୀଳାର ମହିମା ବୁଝାଇ ଦେଇଛନ୍ତି। କେହି କେହି ଏହାକୁ କାମ ଉପରେ ବିଜୟ ବୋଲି କହିଛନ୍ତି, କେହି କେହି ଏହାକୁ ଭଗବାନଙ୍କର ଦିବ୍ୟ ବିହାର ବୋଲି କହିଛନ୍ତି ଏବଂ କେହି କେହି ଏହାର ଆଧ୍ୟାତ୍ମିକ ଅର୍ଥ ବାହାର କରିଛନ୍ତି। ଭଗବାନ ଶ୍ରୀକୃଷ୍ଣ ହେଉଛନ୍ତି ଆତ୍ମା; ଶ୍ରୀରାଧା ହେଉଛନ୍ତି ଆତ୍ମାକାର ବୃତ୍ତି ଏବଂ ଅବଶିଷ୍ଟ ଗୋପୀମାନେ ହେଉଛନ୍ତି ଆତ୍ମାଭିମୁଖ ବିଭିନ୍ନ ବୃତ୍ତି। ଏହିମାନଙ୍କ ଦ୍ୱାରା ଧାରାପ୍ରବାହରୂପେ ହେଉଥିବା ନିରନ୍ତର ଆତ୍ମରମଣ ହିଁ ହେଉଛି ରାସ। ଯେକୌଣସି ଦୃଷ୍ଟିକୋଣରୁ ବିଚାର କରନ୍ତୁ ନା କାହିଁକି, ଦେଖିବେ, ରାସଲୀଳାର ମହିମା ଅଧିକରୁ ଅଧିକ ପ୍ରକଟ ହେବ।

କିନ୍ତୁ ଏଥିରୁ ଏଭଳି ଧରି ନିଅନ୍ତୁ ନାହିଁ ଯେ, ଶ୍ରୀମଦ୍ଭାଗବତରେ ବର୍ଣ୍ଣିତ ରାସ ବା ରମଣ-ପ୍ରସଙ୍ଗ ହେଉଛି କେବଳ ଏକ ରୂପକ ବା କଳ୍ପନାମାତ୍ର। ଏହା ସର୍ବଥା ସତ୍ୟ ଯେ, ଯେପରି ବର୍ଣ୍ଣନା କରାଯାଇଛି, ଠିକ୍ ସେହିପରି ମିଳନ-ବିଳାସାଦି ଶୃଙ୍ଗାର-ରସାସ୍ୱାଦନ ମଧ୍ୟ ହୋଇଥିଲା। ପ୍ରଭେଦ କେବଳ ଏତିକି ଯେ, ତାହା ଲୌକିକ ସ୍ତ୍ରୀ-ପୁରୁଷଙ୍କର ମିଳନ ନ ଥିଲା। ସେହି ମିଳନ-ବିଳାସର ନାୟକ ଥିଲେ ସଚ୍ଚିଦାନନ୍ଦ ବିଗ୍ରହ, ପରାମୃତତତ୍ତ୍ୱ, ପୂର୍ଣ୍ଣତମସ୍ୱତନ୍ତ୍ର ଓ ନିରଙ୍କୁଶ ସ୍ୱେଚ୍ଛାବିହାରୀ ଗୋପୀନାଥ ଭଗବାନ ଇନ୍ଦୀବରନ୍ଦନ; ନାୟିକା ଥିଲେ ସ୍ୱୟଂ ହ୍ଲାଦିନୀଶକ୍ତି ଶ୍ରୀରାଧା ଓ ତାହାଙ୍କର କାୟବ୍ୟୂହରୂପା, ତାଙ୍କର ଘନୀଭୂତ ମୂର୍ତ୍ତିଗଣ ବିଭିନ୍ନ ଗୋପୀଜନ। ଅତଏବ ସେମାନଙ୍କର ସେହି ଲୀଳା ଅପ୍ରାକୃତ ଥିଲା। ମିଶ୍ରି ସବୁଦେଳେ ମିଠା। ଯଦି ମିଶ୍ରିର ସିରା କରି ତାକୁ ଛାଞ୍ଚରେ ଢାଳି ଠିକ୍ କଲରା ଆକାର କରିଦିଆଯିବ, ତେବେ ସେହି ମିଶ୍ରି କଣ କଲରା ପରି ପିତା ଲାଗିବ? କଣ କଲରାର ଆକାର ହୋଇଗଲା ବୋଲି ତାର ସ୍ୱାଭାବିକ ମଧୁରତା ନଷ୍ଟ ହୋଇଯିବ? ଯେକୌଣସି ଆକାର ଧରିଲେ ମଧ୍ୟ ମିଶ୍ରି ସର୍ବଦା, ସର୍ବଥା ଏବଂ ସର୍ବତ୍ର ମିଶ୍ରି ହୋଇ ହିଁ ରହିବ। କିନ୍ତୁ ଭିନ୍ନ ଆକୃତି ଧରିଲେ, ସେହି ଆକୃତିର ବିଶେଷତ୍ୱ ରହିଯିବ। ଦେଖିବା ଲୋକେ କହିବେ, ବଢ଼ିଆ କଲରା ହୋଇଛି; କିନ୍ତୁ ପ୍ରକୃତରେ ତାହା ମିଠା ମିଶ୍ରି। ଠିକ୍ ସେହିପରି ଅଖଣ୍ଡରସାମୃତସିନ୍ଧୁ ସଚ୍ଚିଦାନନ୍ଦବିଗ୍ରହ ଭଗବାନ ଶ୍ରୀକୃଷ୍ଣ ଏବଂ ତାଙ୍କର ଅନ୍ତରଙ୍ଗା ଅଭିନସ୍ୱରୂପା ଗୋପୀମାନଙ୍କର ଲୀଳା ମଧ୍ୟ ଦେଖିବାକୁ ଯାହା ହୋଇଥାଉ ନା କାହିଁକି, ତାହା ବସ୍ତୁତଃ ସଚ୍ଚିଦାନନ୍ଦମୟୀ ଲୀଳା ଅଟେ। ସେଥିରେ ତୁଚ୍ଛ ସାଂସାରିକ କାମବାସନାର ତିକ୍ତ ସ୍ୱାଦ ଆଦୌ ନ ଥାଏ। ହଁ, ଏକଥା ଅବଶ୍ୟ ମନେ ରଖିବାକୁ ହେବ ଯେ, କେହି ବି ସେହି ଲୀଳାର ଅନୁକରଣ କରିବା ଅନୁଚିତ—ଲାହାଗି ପକ୍ଷରେ ବି ତାହା କରିବା ଅସମ୍ଭବ। ମାୟିକ ପଦାର୍ଥଦ୍ୱାରା ମାୟାତୀତ ଭଗବାନଙ୍କୁ କେହି କଣ ଅନୁକରଣ କରିପାରିବ? ପିତା ଜିନିଷକୁ ଯେତେ ସୁନ୍ଦର ଆକୃତି ଦେଲେ ବି ତାର ପିତା ଗୁଣଟି କଣ ଘୁଞ୍ଚିଯିବ? ତେଣୁ ଯେଉଁ ମୋହଗ୍ରସ୍ତ ମନୁଷ୍ୟମାନେ ଶ୍ରୀକୃଷ୍ଣଙ୍କର ରାସ ଆଦି ଅନ୍ତରଙ୍ଗ-ଲୀଳାକୁ ଅନୁକରଣ କରି ନାୟକ-ନାୟିକାର ରସାସ୍ୱାଦନ କରିବାକୁ ଗ୍ରହାଁନ୍ତି, ସେମାନଙ୍କର ନିଶ୍ଚୟ ଘୋରପତନ ହୋଇଛି ଏବଂ ଏପରି ହେବ ମଧ୍ୟ। ଶ୍ରୀକୃଷ୍ଣଙ୍କ ଲୀଳାକୁ କେବଳ ଶ୍ରୀକୃଷ୍ଣ ହିଁ ଅନୁକରଣ କରିପାରିବେ। ତେଣୁ ଶ୍ରୀଶୁକଦେବ ରାସପଞ୍ଚାଧ୍ୟାୟୀର ଶେଷରେ ସମସ୍ତଙ୍କୁ ସାବଧାନ କରି କହିଦେଇଛନ୍ତି ଯେ, ଭଗବାନଙ୍କର ଉପଦେଶ ସମସ୍ତେ ମାନିବା ଉଚିତ; କିନ୍ତୁ ତାଙ୍କର ଏହି ଆଚରଣ ଅନୁକରଣ କରିବା ଅନୁଚିତ।

ଯେଉଁମାନେ ଭଗବାନ ଶ୍ରୀକୃଷ୍ଣଙ୍କୁ କେବଳ ମନୁଷ୍ୟ ବୋଲି ମାନନ୍ତି ଏବଂ କେବଳ ମାନବୀୟ ଭାବ ଓ ଆଦର୍ଶର ଜଷ୍ଟିଫି ପଥରରେ ତାଙ୍କର ଚରିତ୍ରକୁ କଷିବାକୁ ଯାଆଁନ୍ତି, ସେମାନେ ପ୍ରକାରାନ୍ତରେ ହିଁ ଶାସ୍ତ୍ରଠାରୁ ବିମୁଖ ହୋଇଯାଆନ୍ତି; ସେମାନଙ୍କ ଭିତରେ ଧର୍ମର କୌଣସି ଧାରଣା ଆଦୌ ରହେ ନାହିଁ ଓ ସେମାନେ ଭଗବାନଙ୍କୁ କି ସେମାନଙ୍କ ବୁଦ୍ଧିର ଅନୁଗମନ କରିବାକୁ କହନ୍ତି। ତେଣୁ ସାଧକଙ୍କ ସମ୍ମୁଖରେ ସେମାନଙ୍କ ଉକ୍ତି-ଯୁକ୍ତିର କୌଣସି ମହତ୍ତ୍ୱ ନାହିଁ। ଶାସ୍ତ୍ର କହନ୍ତି, 'ଶ୍ରୀକୃଷ୍ଣ ହେଉଛନ୍ତି ସ୍ୱୟଂ ଭଗବାନ'। ଯେଉଁମାନେ ଉକ୍ତ ଶାସ୍ତ୍ରବାଣୀକୁ ମାନନ୍ତି ନାହିଁ, ସେମାନେ ତାଙ୍କର ଜାଲକୁ କେଉଁ ଆଧାର ଉପରେ ଯେ ସତ୍ୟ ବୋଲି ଗ୍ରହଣ କରି ତାହାର ସମାଲୋଚନା କରନ୍ତି, ତାହା ବୁଝି ହେଉ ନାହିଁ। ଯେପରି ମାନବଧର୍ମ, ଦେବଧର୍ମ ଓ ପଶୁଧର୍ମ ପରସ୍ପରଠାରୁ ଭିନ୍ନ, ଭଗବଦ୍‌ଧର୍ମ ମଧ୍ୟ ସେହିପରି ଏସବୁଠାରୁ ଭିନ୍ନ। ତେଣୁ ଭଗବାନଙ୍କ ଚରିତ୍ରକୁ କେବଳ ଭଗବଦ୍‌ଧର୍ମର ଆଦର୍ଶ ଆଧାରରେ ପରୀକ୍ଷଣ-ଅନୁଶୀଳନ କରିବା ଆବଶ୍ୟକ। ଭଗବାନଙ୍କର ଏକମାତ୍ର ଧର୍ମ ହେଉଛି : ପ୍ରେମପରବଶତା, ଦୟାପରବଶତା ଓ ଭକ୍ତମାନଙ୍କର ଅଭିଳାଷ ପୂରଣ। ଯଶୋଦାଙ୍କ ହାତରେ ଉଦୂଖଳରେ ବନ୍ଧାଯାଇଥିବା ଶ୍ରୀକୃଷ୍ଣ ତାଙ୍କର ନିଜଜନ ଗୋପୀମାନଙ୍କ ପ୍ରେମ ହେତୁ ସେମାନଙ୍କ ସହିତ ନାଚିଲେ —ଏହା ହିଁ ତାଙ୍କର ସହଜ ଧର୍ମ।

ଯଦି କେହି ଜିଦ୍ ଧରି କହିବେ ଯେ, ଶ୍ରୀକୃଷ୍ଣଙ୍କ ଚରିତ୍ର ମାନବୀୟ ଧାରଣା ଓ ଆଦର୍ଶର ଅନୁକୂଳ ହେବା ଏକାନ୍ତ ଆବଶ୍ୟକ, ତେବେ ସେଥିରେ ବି କିଛି ଆପତ୍ତି କରିବାର ନାହିଁ। ଶ୍ରୀକୃଷ୍ଣଙ୍କ ବୟସ ଭାଗବତର ବର୍ଣ୍ଣନାନୁଯାୟୀ ସେତେବେଳକୁ ପ୍ରାୟ ୧୦ବର୍ଷ ହୋଇଥିଲା। ଏବେ ମଧ୍ୟ ଗାଆଁ ଗହଳରେ ରହୁଥିବା ଅଧିକାଂଶ ଦଶବର୍ଷର ପିଲା ପ୍ରାୟ ଲଙ୍ଗଳା ହୋଇ ବୁଲନ୍ତି। ସେମାନଙ୍କର କାମ-ପ୍ରବୃତ୍ତି ଓ ସ୍ତ୍ରୀପୁରୁଷ ସମ୍ପର୍କ ନେଇ କିଛି ଜ୍ଞାନ ବି ହୋଇ ନ ଥାଏ। ପୁଅ-ଝିଅ ଏକାଠି ଖେଳନ୍ତି, ନାଚନ୍ତି, ଗୀତ ଗାଆନ୍ତି। ବୁଢ଼ାବୁଢ଼ୀମାନେ ପିଲାଙ୍କର ଏହି ମନୋରଞ୍ଜନ ଦେଖି ଖୁସୀ ହୁଅନ୍ତି; ସେମାନଙ୍କ ମନରେ କୌଣସି ପ୍ରକାର ବୁରାଭାବନା ଆସେ ନାହିଁ। ଏପରି ପିଲାଙ୍କୁ ଯୁବତୀ ସ୍ତ୍ରୀମାନେ ମଧ୍ୟ ପ୍ରେମର ସହିତ ଦେଖନ୍ତି; ଆଦର କରନ୍ତି, ଖେଳାନ୍ତି। ଏହା ତ ସାଧାରଣ ପିଲାଙ୍କ କଥା; ତା'ଛେଲେ ଶ୍ରୀକୃଷ୍ଣଙ୍କ ପରି ଅସାଧାରଣ ଧୀ-ଶକ୍ତିସମ୍ପନ୍ନ ବାଳକ, ଯାହାଙ୍କର ପିଲାଟି ଦିନରୁ ହିଁ ଅନେକ ସଦ୍‌ଗୁଣ ପ୍ରକଟ ହୋଇଥିଲା, ଯାହାଙ୍କର ସଙ୍ଗୀତ, ସୁନ୍ଦର୍ଯ୍ୟ ଓ ଶକ୍ତି ହେତୁ ବ୍ରଜବାସୀମାନେ ବଡ଼ ବଡ଼ ବିପତ୍ତିରୁ ରକ୍ଷାର ପାଇ ଯାଇଥିଲେ, ତାଙ୍କ ପ୍ରତି ସେଠାର ସ୍ତ୍ରୀମାନଙ୍କର ଓ ବାଳିକାମାନଙ୍କର କେତେ ଯେ ଆଦର-ସ୍ନେହ ଥିବ, ତାହା କଳ୍ପନା କରାଯାଇ ନ ପାରେ। ତାଙ୍କର ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ ଓ ଐଶ୍ୱର୍ଯ୍ୟରେ ଆକୃଷ୍ଟ ହୋଇ ଗ୍ରାମର ବାଳକ-ବାଳିକାମାନେ ତାଙ୍କରି ସହିତ ରହୁଥିଲେ ଏବଂ ଶ୍ରୀକୃଷ୍ଣ ମଧ୍ୟ ନିଜର ମୌଳିକ ପ୍ରତିଭାବଳରେ ରାଗ, ତାଳ ଆଦି ନୂଆ ନୂଆ ଢଙ୍ଗରେ ସେମାନଙ୍କର ମନୋରଞ୍ଜନ କରୁଥିଲେ ଏବଂ ସେମାନଙ୍କୁ ଶିଖାଉଥିଲେ। ଏହିପରି ମନୋରଞ୍ଜନ ମଧ୍ୟରୁ ରାସଲୀଳା ମଧ୍ୟ ଏକ ମନୋରଞ୍ଜନ ଥିଲା ବୋଲି ଭାବିବାକୁ ପଡ଼ିବ। ଯେଉଁମାନେ ଶ୍ରୀକୃଷ୍ଣଙ୍କୁ କେବଳ ଜଣେ ମନୁଷ୍ୟ ବୋଲି ଭାବୁଛନ୍ତି, ସେମାନଙ୍କ ବୁଦ୍ଧିରେ ବି ଏହା କୌଣସି ଦୋଷାବହ କଥା ହୋଇ ନ ପାରେ। ଉପନିଷଦ ଓ ଗୀତାରେ ଥିବା କାମ, ରତି ଇତ୍ୟାଦି ଶବ୍ଦର ଯେପରି ଅର୍ଥ କରାଯାଏ, ଭାଗବତରେ ରହିଥିବା ସେହିସବୁ ଶବ୍ଦର ଅର୍ଥ ମଧ୍ୟ ତଦ୍ଦାରତା ଓ ବୁଦ୍ଧିମତ୍ତାର ସହିତ ସେହିପରି କରାଯିବା ଉଚିତ। ବାସ୍ତବରେ ଗୋପୀମାନଙ୍କ ନିଷ୍କପଟ ପ୍ରେମର ନାମାନ୍ତର ହିଁ କାମ ଏବଂ ଭଗବାନଙ୍କର ଆତ୍ମରମଣ ଅର୍ଥବା ତାଙ୍କର ଦିବ୍ୟକ୍ରୀଡ଼ା ହିଁ ରତି। ଏ ବିଷୟରେ ଜାହାର କୌଣସି ପ୍ରକାର ଭ୍ରମ ହୋଇ ନ ଯାଉ ବୋଲି ବିଭିନ୍ନ ସ୍ଥାନରେ ତାଙ୍କୁ ବିଭୁ, ପରମେଶ୍ୱର, ଲକ୍ଷ୍ମୀପତି, ଭଗବାନ, ଯୋଗେଶ୍ୱରେଶ୍ୱର, ଆତ୍ମାରାମ, ମନ୍ମଥମନ୍ମଥ ଆଦି ଶବ୍ଦ ବ୍ୟବହୃତ ହୋଇଛି।

ଯେତେବେଳେ ଗୋପୀମାନେ ଶ୍ରୀକୃଷ୍ଣଙ୍କ ବଂଶୀଧ୍ୱନି ଶୁଣି ବନକୁ ଯିବାକୁ ବାହାରିଲେ, ସେତେବେଳେ ସେମାନଙ୍କର ଆତ୍ମୀୟସ୍ୱଜନମାନେ ସେମାନଙ୍କୁ ଅଟକାଇଲେ। ରାତିଟାରେ ନିଜର ଝିଅବୋହୂମାନଙ୍କୁ ଭଲା କିଏ ବାହାରକୁ ଯିବାକୁ ଦେବ ! ତଥାପି ସେମାନେ ଘୁଲିଗଲେ ଏବଂ ସେଥିରେ ଘରଲୋକେ ବିରକ୍ତ ମଧ୍ୟ ହେଲେ ନାହିଁ। ପୁଣି ସେମାନେ ଶ୍ରୀକୃଷ୍ଣଙ୍କୁ ଜିଅ ସେହି ଗୋପୀମାନଙ୍କୁ କୌଣସି ପ୍ରକାର ଦୋଷ ମଧ୍ୟ ଦେଲେ ନାହିଁ। ସେମାନଙ୍କର ଶ୍ରୀକୃଷ୍ଣଙ୍କ ଉପରେ ଓ ଗୋପୀମାନଙ୍କ ଉପରେ ବିଶ୍ୱାସ ଥିଲା ଏବଂ ସେମାନେ ଏମାନଙ୍କର ବାଲ୍ୟକାଳ ଓ କ୍ରୀଡ଼ାକୌତୁକ ସହିତ ପରିଚିତ ଥିଲେ। ତା'ଛଡ଼ା ସେମାନେ ତ ଗୋପୀମାନେ ସେମାନଙ୍କ ପାଖରେ ଥିଲା ପରି ବୋଧ ଜଣେ। ଏହାର ଦୁଇପ୍ରକାର ଅର୍ଥ କରାଯାଇପାରେ। ଗୋଟିଏ ହେଲା : ଶ୍ରୀକୃଷ୍ଣଙ୍କ ପ୍ରତି ସେମାନଙ୍କର ଏତେ ବିଶ୍ୱାସ ଥିଲା ଯେ, ସେମାନେ ଭାବିଲେ, ଗୋପୀମାନେ ଶ୍ରୀକୃଷ୍ଣଙ୍କ ପାଖରେ ରହିବା ଯାହା, ନିଜ ଘରେ ରହିବା ତାହା। ଏହା ହେଉଛି ମାନବୀୟ ଦୃଷ୍ଟି। ଦ୍ୱିତୀୟଟି ହେଲା : ଶ୍ରୀକୃଷ୍ଣଙ୍କ ଯୋଗମାୟା ଏପରି ବ୍ୟବସ୍ଥା ଜରିଦେଇଥିଲା ଯେ, ଗୋପାଳମାନେ ଗୋପୀମାନଙ୍କୁ ଘରେ ହିଁ ରହିଥିବାର ଦେଖିଥିଲେ। ଏପରି ଭାବରେ କୌଣସି ଦୃଷ୍ଟିରୁ ରାସଲୀଳା ବୃଥିତ ପ୍ରସଙ୍ଗ ନୁହେଁ; ବରଂ ଅଧିକାଂଶ ପୁରୁଷମାନଙ୍କ ନିମନ୍ତେ ଏହା ମନୋମଳକୁ ନଷ୍ଟ କରିଦେବାର ପ୍ରସଙ୍ଗ। ରାସଲୀଳା ଶେଷରେ କୁହାଯାଇଛି ଯେ, ଯେଉଁ ବ୍ୟକ୍ତି ଶ୍ରଦ୍ଧା ଓ ଭକ୍ତିର ସହିତ ରାସଲୀଳା ଶ୍ରବଣ ଓ ବର୍ଣ୍ଣନ କରନ୍ତି, ତାଙ୍କ ହୃଦୟର କାମ-ରୋଗ ଅତି ଶୀଘ୍ର ନଷ୍ଟ ହୋଇଯାଏ ଏବଂ ଭଗବାନଙ୍କ ପ୍ରତି ପ୍ରେମ ହୋଇଯାଏ। ଭାଗବତରେ ଅନେକ ସ୍ଥାନରେ କୁହାଯାଇଛି ଯେ, ଯେଉଁ ବ୍ୟକ୍ତି ଭଗବାନଙ୍କ ମାୟାର ବର୍ଣ୍ଣନା କରନ୍ତି, ସେ ମାୟାକୁ ଅତିକ୍ରମ କରିଯାଆନ୍ତି। ଯେ ଭଗବାନଙ୍କର କାମଜୟ ବିଷୟ ବର୍ଣ୍ଣନା କରନ୍ତି, ସେ କାମ ଉପରେ ବିଜୟ ଲାଭ କରନ୍ତି। ରାଜା ପରୀକ୍ଷିତ ନିଜ ପ୍ରଶ୍ନମାନଙ୍କରେ ଏ ବିଷୟରେ ବିଭିନ୍ନ ସନ୍ଦେହ ପ୍ରକାଶ କରିଛନ୍ତି, ସେଥିରୁ ପ୍ରଶ୍ନର ଅନୁରୂପ ଉତ୍ତର ଶ୍ରୀଶୁକଦେବ ୨୯ ଅଧ୍ୟାୟର ୧୩ରୁ ୧୬ ଶ୍ଲୋକ ଭିତରେ ଏବଂ ୩୩ ଅଧ୍ୟାୟର ୩୨ରୁ ୩୭ ଶ୍ଲୋକ ଭିତରେ ପ୍ରଦାନ କରିଛନ୍ତି।

ସେହି ଉତ୍ତରଦ୍ୱାରା ସନ୍ଦେହ ତ ଦୂର ହୋଇଗଲା; କିନ୍ତୁ ଭଗବାନଙ୍କର ଦିବ୍ୟଲୀଳାର ରହସ୍ୟ ଖୋଲିଲା ନାହିଁ। ସମ୍ଭବତଃ ଉକ୍ତ ରହସ୍ୟକୁ ଗୁପ୍ତ ରଖିବା ନିମନ୍ତେ ୩୩ ଅଧ୍ୟାୟରେ ରାସଲୀଳା ପ୍ରସଙ୍ଗ ସମାପ୍ତ କରିଦିଆଗଲା। ବସ୍ତୁତଃ ଏହି ଲୀଳାର ଗୂଢ଼ ରହସ୍ୟ ପ୍ରାକୃତଜଗତରେ ବ୍ୟାଖ୍ୟା କରାଯାଇ ନ ପାରେ। କାରଣ ଏହା ଇନ୍ଦ୍ରଜଗତର କ୍ରୀଡ଼ା ନୁହେଁ। ଏ କ୍ରୀଡ଼ା ତ ହେଉଛି ଦିବ୍ୟ

ଅଥ ଚତୁସ୍ତ୍ରିଂଶୋଽଧ୍ୟାୟଃ

ସୁଦର୍ଶନ ଓ ଶଙ୍ଖଚୂଡ଼ ଉଦ୍ଧାର

ଶ୍ରୀଶୁକ ଉବାଚ

ଏକଦା ଦେବଯାତ୍ରାୟାଂ ଗୋପାଳା ଜାତକୌତୁକାଃ ।
ଅନୋଭିରନଡୁହ୍ୟୁକ୍ତୈଃ ପ୍ରଯଯୁସ୍ତେଽମ୍ବିକାବନମ୍ ॥ ୧

ତତ୍ର ସ୍ନାତ୍ୱା ସରସ୍ୱତ୍ୟାଂ ଦେବଂ ପଶୁପତିଂ ବିଭୁମ୍ ।
ଆନର୍ଚୁରର୍ହଣୈର୍ଭକ୍ତ୍ୟା ଦେବୀଂ ଚ ନୃପତେଽମ୍ବିକାମ୍ ॥ ୨

ଗାବୋ ହିରଣ୍ୟଂ ବାସାଂସି ମଧୁ ମଧ୍ୱନ୍ନମାହୃତାଃ ।
ବ୍ରାହ୍ମଣେଭ୍ୟୋ ଦଦୁଃ ସର୍ବେ ଦେବୋ ନଃ ପ୍ରୀୟତାମିତି ॥ ୩

ଉଷ୍ଟ୍ରଃ ସରସ୍ୱତାତୀରେ ଜଳଂ ପ୍ରାଶ୍ୟ ଧୃତବ୍ରତାଃ ।
ରଜନୀଂ ତାଂ ମହାଭାଗା ନନ୍ଦସୁନନ୍ଦକାଦୟଃ ॥ ୪

କଶ୍ଚିନ୍ମହାନହିସ୍ତସ୍ମିନ୍ ବିପିନେଽତିବୁଭୁକ୍ଷିତଃ ।
ଯଦୃଚ୍ଛୟାଽଽଗତୋ ନନ୍ଦଂ ଶୟାନମୁରଗୋଽଗ୍ରସୀତ୍ ॥ ୫

ସ ଚୁକ୍ରୋଶାହିନା ଗ୍ରସ୍ତଃ କୃଷ୍ଣ କୃଷ୍ଣ ମହାନୟମ୍ ।
ସର୍ପୋ ମାଂ ଗ୍ରସତେ ତାତ ପ୍ରପନ୍ନଂ ପରିମୋଚୟ ॥ ୬

ଶ୍ରୀଶୁକଦେବ କହିଗ୍ଲଲିଲେ—ହେ ପରୀକ୍ଷିତ ! ଥରେ ନନ୍ଦ ଆଦି ଗୋପାଳମାନେ ଶିବରାତ୍ରି ଦିନ ଖୁବ୍ ଆନନ୍ଦ ଉତ୍ସାହର ସହିତ ବଳଦଗାଡ଼ିରେ ବସି ଅମ୍ବିକାବନକୁ ଗଲେ ॥ ୧ ॥ ହେ ରାଜନ୍ ! ସେଠାରେ ସେମାନେ ସରସ୍ୱତୀ ନଦୀରେ ସ୍ନାନ କରି ଭକ୍ତିର ସହିତ ଅନେକପ୍ରକାର ସାମଗ୍ରୀଦ୍ୱାରା ସର୍ବାନ୍ତର୍ଯାମୀ ପଶୁପତି ଭଗବାନ ଶିବଙ୍କର ତଥା ଭଗବତୀ ଅମ୍ବିକାଙ୍କର ପୂଜା କଲେ ॥ ୨ ॥ ସେଠାରେ ସେମାନେ ବ୍ରାହ୍ମଣମାନଙ୍କୁ ଗୋ, ସ୍ୱର୍ଣ୍ଣ, ବସ୍ତ୍ର, ମଧୁ ଓ ମିଷ୍ଟାନ୍ନ ଦାନ କଲେ ଏବଂ ସେମାନଙ୍କୁ ଭୋଜନ କରାଇଲେ । ସେମାନେ କେବଳ ଏତିକି ଗ୍ରହୁଁଥିଲେ ଯେ, ଦେବାଧିଦେବ ଭଗବାନ ମହେଶ୍ୱର ସେମାନଙ୍କ ଉପରେ ପ୍ରସନ୍ନ ହୁଅନ୍ତୁ ॥ ୩ ॥ ସେଦିନ ପରମ ଭାଗ୍ୟବାନ୍ ନନ୍ଦ-ସୁନନ୍ଦ ଆଦି ଗୋପାଳମାନେ ଉପବାସ ରହିଥିଲେ ; ତେଣୁ ସେମାନେ କେବଳ ପାଣି ପିଇ ରାତିରେ ସରସ୍ୱତୀ ନଦୀକୂଳରେ ଶୋଇପଡ଼ିଲେ ॥ ୪ ॥

ସେହି ଅମ୍ବିକାବନରେ ଗୋଟିଏ ବିରାଟ ଅଜଗର ସାପ ରହୁଥିଲା । ସେଦିନ ତାକୁ ଭାରି ଭୋକ ବି ହେଉଥାଏ । ଦୈବବଶତଃ ସେ ଆହାର ଖୋଜି ଖୋଜି ଏମାନେ ଶୋଇଥିବା ସ୍ଥାନକୁ ଚଲିଆସିଲା ଏବଂ ଶୋଇଥିବା ନନ୍ଦଙ୍କୁ ଧରିପକାଇଲା ॥ ୫ ॥ ଅଜଗର ଧରିନେବାରୁ ନନ୍ଦରାଜା ଚିତ୍କାର କରିଉଠିଲେ, "ବାପା କୃଷ୍ଣ ! କୃଷ୍ଣ ! ଧାଇଁଆ ! ଶୀଘ୍ର ଧାଇଁଆ ! ଆରେ ଦେଖ ବାପ ! ଏ ଅଜଗରଟା ମୋତେ ଗିଳିଦେଉଛି । ବାପା ! ମୁଁ ତୋରି ଶରଣରେ ଅଛି; ତୁ ଶୀଘ୍ର ମୋତେ ଏ ବିପଦରୁ ରକ୍ଷା କର ।" ॥ ୬ ॥

ଆନନ୍ଦମୟ ରହସ୍ୟମୟ ରାଜ୍ୟର ଚମତ୍କାରମୟୀ ଲୀଳା, ଯାହାକୁ ଶ୍ରବଣ ଓ ଦର୍ଶନ କରିବା ନିମନ୍ତେ ପରମହଂସ ମୁନିଗଣ ମଧ୍ୟ ସଦା ଉତ୍କଣ୍ଠିତ ରହନ୍ତି । କେତେକ ଲୋକ ଏହି ଲୀଳା ପ୍ରସଙ୍ଗକୁ ଭାଗବତରେ ଯେପକ ପ୍ରସଙ୍ଗ ତୋଳି ଧରିନିଅନ୍ତି; କିନ୍ତୁ ସେମାନଙ୍କର ଏହା ବ୍ୟକ୍ତିଗତ ଦୁରାଗ୍ରହ । କାରଣ ଅତି ପ୍ରାଚୀନ ପୋଥିମାନଙ୍କରେ ମଧ୍ୟ ଏହି ପ୍ରସଙ୍ଗ ରହିଛି । ଟିକିଏ ବିଗ୍ରହ କରି ଦେଖିଲେ ଏହା ସବୁଦୃଷ୍ଟିରୁ ସୁସଂଗତ ଓ ନିର୍ଦୋଷ । ଭଗବାନ ଶ୍ରୀକୃଷ୍ଣ କୃପା କରି ଏପରି ବିମଳ ବୁଦ୍ଧି ଦିଅନ୍ତୁ, ଯାହାଦ୍ୱାରା ଜି ଆମେମାନେ ଏହାର କିଛି ରହସ୍ୟ ବୁଝିପାରିବାକୁ ସମର୍ଥ ହୋଇପାରିବା ।

ଭଗବାନଙ୍କର ଏହି ଦିବ୍ୟଲୀଳା ବର୍ଣ୍ଣନା ହେବାର ଏତିକିମାତ୍ର ପ୍ରୟୋଜନ ଯେ, କେବଳ ଶ୍ରୀକୃଷ୍ଣଙ୍କୁ ସୁଖ ଦେବା ନିମନ୍ତେ ଗୋପୀମାନେ ଏହି ଯେଉଁ ଅହୈତୁକ ପ୍ରେମ କରିଥିଲେ, ଜୀବ ତାହାକୁ ସ୍ମରଣ କରୁ ଏବଂ ତାହାଦ୍ୱାରା ଭଗବାନଙ୍କର ରହସ୍ୟମୟ ଦିବ୍ୟଲୀଳାଲୋକରେ ଭଗବାନଙ୍କର ଅନନ୍ତ ପ୍ରେମକୁ ଅନୁଭବ କରୁ । ଆମ୍ଭେମାନେ ରାସଲୀଳା ଅଧ୍ୟୟନ କରିବା ସମୟରେ ଜୌଣସି ପ୍ରକାର ସନ୍ଦେହ ନ କରି ଏହି ଭାବକୁ ଜାଗ୍ରତ ରଖିବା ଆବଶ୍ୟକ ।

—ହନୁମାନ ପ୍ରସାଦ ପୋଦ୍ଦାର

ତସ୍ୟ ଗ୍ରହୀତଂ ଶ୍ରୁତ୍ୱା ଗୋପାଳାଃ ସହସୋତ୍ଥିତାଃ ।
ଗ୍ରସ୍ତଂ ଚ ଦୃଷ୍ଟ୍ୱା ବିଭ୍ରାନ୍ତାଃ ସର୍ପଂ ବିବ୍ୟଧୁରୁଲ୍ମୁକୈଃ ॥ ୭

ନନ୍ଦଙ୍କ ଡିହାର ଶୁଣି ସବୁ ଗୋପାଳ ଉଠିପଡ଼ିଲେ ଏବଂ ତାଙ୍କୁ ଅଜଗର ଧରିଥିବା ଦେଖି ସମସ୍ତେ ଆତଙ୍କିତ ହୋଇଗଲେ । ସମସ୍ତେ ମିଶି ଅଜଗରକୁ ଦରପୋଡ଼ା କାଠଫାଳିଆରେ ପିଟିବାକୁ ଲାଗିଲେ ॥ ୭ ॥ କିନ୍ତୁ ଏତେ ପିଟିବା ସତ୍ତ୍ୱେ, ତା'ଦେହରେ ବିଅାଁ ଲଗାଇଦେବା ସତ୍ତ୍ୱେ ଅଜଗରଟା ନନ୍ଦଙ୍କୁ ଛାଡ଼ିଲା ନାହିଁ; ଏତିକିବେଳେ ଭକ୍ତବତ୍ସଳ ଭଗବାନ ଶ୍ରୀକୃଷ୍ଣ ସେଠାରେ ପହଞ୍ଚି ଅଜଗରକୁ ପାଦରେ ଛୁଇଁଦେଲେ ॥ ୮ ॥ ଭଗବାନଙ୍କ ଶ୍ରୀଚରଣର ସ୍ପର୍ଶ ପାଉ ପାଉ ଅଜଗରର ସଞ୍ଚିତ ପାପ ଭସ୍ମ ହୋଇଗଲା ଏବଂ ସେ ସେହିକ୍ଷଣି ଅଜଗର ଶରୀର ଛାଡ଼ିଦେଇ ବିଦ୍ୟାଧରାର୍ଚ୍ଚିତ ସର୍ବାଙ୍ଗସୁନ୍ଦର ରୂପବାନ୍ ପୁରୁଷ ହୋଇଗଲା ॥ ୯ ॥ ସେହି ପୁରୁଷଙ୍କ ଶରୀରରୁ ଦିବ୍ୟଜ୍ୟୋତି ବିଜଶିତ ହେଉଥାଏ । ସେ ସ୍ୱର୍ଣ୍ଣହାର ପିନ୍ଧିଥାନ୍ତି । ସେ ପ୍ରଣାମ କରିବା ପରେ ଯେତେବେଳେ ହାତ ଯୋଡ଼ି ଭଗବାନଙ୍କ ଆଗରେ ଠିଆ ହୋଇଗଲେ, ଭଗବାନ ତାଙ୍କୁ ପଗ୍ଭରିଲେ, ॥ ୧୦ ॥ "ତୁମେ କିଏ ? ତୁମର ପ୍ରତ୍ୟେକ ଅଙ୍ଗରୁ ତ ସୌନ୍ଦର୍ଯ୍ୟ ଝରି ପଡୁଛି ! ତୁମେ ଦେଖିବାକୁ ବଡ଼ ଅଦ୍ଭୁତ ମନେହେଉଛ । ତୁମେ ଏପରି ନିନ୍ଦନୀୟ ଯୋନି କିପରି ପାଇଥିଲ ? ବୋଧ ହୁଏ, ତୁମେ ବାଧ୍ୟ ହୋଇ ଏହି ଯୋନିରେ ପଡ଼ିଯାଇଥିଲ ।" ॥ ୧୧ ॥

ତମପୃଚ୍ଛଦ୍ଧୃଷୀକେଶଃ ପ୍ରଣତଂ ସମୁପସ୍ଥିତମ୍ ।
ଦ୍ୟୋତ୍ୟମାନେନ ବପୁଷା ପୁରୁଷଂ ହେମମାଳିନମ୍ ॥ ୧୦

କୋ ଭବାନ୍ ପରୟା ଲକ୍ଷ୍ମ୍ୟା ରୋଚତେଽଦ୍ଭୁତଦର୍ଶନଃ ।
କଥଂ ଜୁଗୁପ୍ସିତାମେତାଂ ଗତିଂ ବା ପ୍ରାପିତୋଽବଶଃ ॥ ୧୧

ସର୍ପ ଉବାଚ

ଅହଂ ବିଦ୍ୟାଧରଃ କଶ୍ଚିତ୍ ସୁଦର୍ଶନ ଇତି ଶ୍ରୁତଃ ।
ଶ୍ରିୟା ସ୍ୱରୂପସମ୍ପତ୍ତ୍ୟା ବିମାନେନାଚରଂ ଦିଶଃ ॥ ୧୨

ଋଷୀନ୍ ବିରୂପାନଙ୍ଗିରସଃ ପ୍ରାହସଂ ରୂପଦର୍ପିତଃ ।
ତୈରିମାଂ ପ୍ରାପିତୋ ଯୋନିଂ ପ୍ରଲମ୍ବୋଽସ୍ମେନ ପାପ୍ମନା ॥ ୧୩

ଶାପୋ ମେଽନୁଗ୍ରହାୟୈବ କୃତସ୍ତୈଃ କରୁଣାତ୍ମଭିଃ ।
ଯଦହଂ ଲୋକଗୁରୁଣା ପଦା ସ୍ପୃଷ୍ଟୋ ହତାଶୁଭଃ ॥ ୧୪

ଅଜଗର ଶରୀରରୁ ବାହାରିଥିବା ସେହି ପୁରୁଷ କହିଲେ—'ଭଗବନ୍ ! ମୁଁ ପ୍ରଥମେ ଜଣେ ବିଦ୍ୟାଧର ଥିଲି । ମୋର ନାମ ଥିଲା **ସୁଦର୍ଶନ** । ମୋର ରୂପସୌନ୍ଦର୍ଯ୍ୟ ଅତି ଉତ୍କୃଷ୍ଟ ଥିଲା; ତା ସହିତ ଧନସମ୍ପଦ ମଧ୍ୟ ବହୁତ ଥିଲା । ଏପରି ସୁନ୍ଦର ଓ ଲକ୍ଷ୍ମୀବନ୍ତ ହୋଇ ମୁଁ ବିମାନରେ ଚଢ଼ି ଏତେତେଣ ବୁଲୁଥିଲି ॥ ୧୨ ॥ ବୁଲୁ ବୁଲୁ ମୁଁ ଦିନେ ଅଙ୍ଗିରାଗୋତ୍ରର କେତେଜଣ ଋଷିଙ୍କୁ ଦେଖିବାକୁ ପାଇଲି । ସେମାନେ ଭାରି ଅସୁନ୍ଦର ଦିଶୁଥାନ୍ତି ; ତେଣୁ ନିଜ ସୌନ୍ଦର୍ଯ୍ୟର ଗର୍ବରେ ମୁଁ ସେମାନଙ୍କୁ ପରିହାସ କଲି । ମୋର ଅପରାଧ ହେତୁ କ୍ରୁଦ୍ଧ ହୋଇ ସେମାନେ ମୋତେ 'ଅଜଗର ଯୋନିରେ ପଡ଼' ବୋଲି ଅଭିଶାପ ଦେଇଦେଲେ । ମୋର ପାପଫଳରୁ ହିଁ ମୋତେ ଏହି ଯୋନି ମିଳିଥିଲା ॥ ୧୩ ॥ ସେହି କୃପାଳୁ ଋଷିମାନେ ପ୍ରକୃତରେ ଅନୁଗ୍ରହ କରିବା ନିମନ୍ତେ ମୋତେ ଏଭଳି ଅଭିଶାପ ଦେଇଥିଲେ । ତାଙ୍କରି ଅନୁଗ୍ରହରୁ ଆଜି ଚରାଚରଗୁରୁ ସ୍ୱୟଂ ଆପଣ ଆସି ନିଜ ଶ୍ରୀଚରଣରେ ମୋତେ ସ୍ପର୍ଶ କଲେ ଏବଂ ତା'ଫଳରେ ମୋର ସକଳ ପାପ ନଷ୍ଟ

ତଂ ତ୍ୱାହଂ ଭବଭୀତାନାଂ ପ୍ରପନ୍ନାନାଂ ଭୟାପହମ୍ ।
ଆପୃଚ୍ଛେ ଶାପନିର୍ମୁକ୍ତଃ ପାଦସ୍ପର୍ଶାଦମାବହନ୍ ॥ ୧୫

ପ୍ରପନ୍ନୋଽସ୍ମି ମହାଯୋଗିନ୍ ମହାପୁରୁଷ ସତ୍ପତେ ।
ଅନୁଜାନାହି ମାଂ ଦେବ ସର୍ବଲୋକେଶ୍ୱରେଶ୍ୱର ॥ ୧୬

ବ୍ରହ୍ମଦଣ୍ଡାଦ୍ ବିମୁକ୍ତୋଽହଂ ସଦ୍ୟସ୍ତେଽଚ୍ୟୁତ ଦର୍ଶନାତ୍ ।
ଯନ୍ନାମ ଗୃହ୍ଣନ୍ଚଖିଲାନ୍ ଶ୍ରୋତୃନାତ୍ମାନମେବ ଚ ।
ସଦ୍ୟଃ ପୁନାତି କିଂ ଭୂୟସ୍ତସ୍ୟ ସ୍ପୃଷ୍ଟଃ ପଦା ହି ତେ ॥ ୧୭

ଇତ୍ୟନୁଜ୍ଞାପ୍ୟ ଦାଶାର୍ହଂ ପରିକ୍ରମ୍ୟାଭିବନ୍ଦ୍ୟ ଚ ।
ସୁଦର୍ଶନୋ ଦିବଂ ଯାତଃ କୃଚ୍ଛ୍ରାନ୍ନନ୍ଦଶ୍ଚ ମୋଚିତଃ ॥ ୧୮

ନିଶାମ୍ୟ କୃଷ୍ଣସ୍ୟ ତଦାତ୍ମବୈଭବଂ
ବ୍ରଜୌକସୋ ବିସ୍ମିତଚେତସସ୍ତତଃ ।
ସମାପ୍ୟ ତସ୍ମିନ୍ ନିୟମଂ ପୁନର୍ବ୍ରଜଂ
ନୃପାୟଯୁଷ୍ଟତ୍ କଥୟନ୍ତ ଆଦୃତାଃ ॥ ୧୯

କଦାଚିଦଥ ଗୋବିନ୍ଦୋ ରାମଶ୍ଚାଦ୍ଭୁତବିକ୍ରମଃ ।
ବିଜହ୍ରତୁର୍ବନେ ରାତ୍ର୍ୟାଂ ମଧ୍ୟଗୌ ବ୍ରଜଯୋଷିତାମ୍ ॥ ୨୦

ଉପଗାୟମାନୌ ଲଳିତଂ ସ୍ୱଜନୈର୍ବଦ୍ଧସୌହୃଦୈଃ ।
ସ୍ୱଳଙ୍କୃତାନୁଲିପ୍ତାଙ୍ଗୌ ସ୍ରଗ୍ବିଣୌ ବିରଜୋଽମ୍ବରୌ ॥ ୨୧

ହୋଇଗଲା ॥ ୧୪ ॥ ହେ ସକଳପାପ ନାଶକାରୀ ପ୍ରଭୁ ! ଯେଉଁମାନେ ଜନ୍ମମୃତ୍ୟୁରୂପୀ ସଂସାରକୁ ଭୟ କରି ଆପଣଙ୍କ ଚରଣର ଶରଣ ଗ୍ରହଣ କରନ୍ତି, ଆପଣ ସେମାନଙ୍କୁ ସକଳ ଭୟରୁ ମୁକ୍ତ କରିଦିଅନ୍ତି । ମୁଁ ବର୍ତ୍ତମାନ ଆପଣଙ୍କ ଚରଣ ସ୍ପର୍ଶ ପାଇ ଶାପମୁକ୍ତ ହୋଇଯାଇଛି । ଏଥର ମୋତେ ମୋ ଲୋକକୁ ଗଲିଯିବା ଲାଗି ଅନୁମତି ମିଳୁ ॥ ୧୫ ॥ ହେ ଭକ୍ତବତ୍ସଳ ! ହେ ମହାଯୋଗେଶ୍ୱର ପୁରୁଷୋତ୍ତମ ! ମୁଁ ଆପଣଙ୍କ ଚରଣର ଶରଣ ନେଇଛି । ହେ ଇନ୍ଦ୍ରାଦି ସକଳ ଲୋକେଶ୍ୱରମାନଙ୍କର ପରମେଶ୍ୱର ! ହେ ସ୍ୱୟଂପ୍ରକାଶ ପରମାତ୍ମନ୍ ! ମୋତେ ଆଜ୍ଞା ଦିଅନ୍ତୁ ॥ ୧୬ ॥ ନିଜ ସ୍ୱରୂପରେ ନିତ୍ୟନିରନ୍ତର ଏକା ପରି ରହୁଥିବା ହେ ଅଚ୍ୟୁତ ! ଆପଣଙ୍କ ଦର୍ଶନମାତ୍ରେ ହିଁ ମୁଁ ଏ ଯେଉଁ ବ୍ରହ୍ମଶାପରୁ ମୁକ୍ତ ହୋଇଗଲି, ଏହା କୌଣସି ଆଶ୍ଚର୍ଯ୍ୟର କଥା ନୁହେଁ; କାରଣ ଯେଉଁ ବ୍ୟକ୍ତି ଆପଣଙ୍କର କେବଳ ନାମ ଉଚ୍ଚାରଣମାତ୍ର କରେ, ସେ ନିଜକୁ ଉଦ୍ଧାର କରିଦେବା ସହିତ ସମସ୍ତ ଶ୍ରୋତାଙ୍କୁ ମଧ୍ୟ ତୁରନ୍ତ ପବିତ୍ର କରିଦିଏ । ଏପରି ଘଟୁଥିବାବେଳେ ମୋତେ ତ ଆପଣ ଆପଣଙ୍କ ଚରଣକମଳରେ ସ୍ପର୍ଶ କରିଦେଲେ; ତେଣୁ ମୋ ମୁକ୍ତିରେ ଭଲା ଆଉ କି ସନ୍ଦେହ ରହିପାରେ ! ॥୧୭॥ ଏପରିଭାବରେ ଭଗବାନ ଶ୍ରୀକୃଷ୍ଣଙ୍କୁ ସୁଦର୍ଶନ ବିନତି କଲେ ଏବଂ ତାଙ୍କୁ ପରିକ୍ରମା କରି ପ୍ରଣାମ କଲେ । ତା'ପରେ ସେ ପ୍ରଭୁଙ୍କ ଆଜ୍ଞା ପାଇ ନିଜ ଲୋକକୁ ଗଲିଗଲେ ଓ ନନ୍ଦ ସେହି ଘୋର ସଂକଟରୁ ମୁକ୍ତ ହୋଇଗଲେ ॥ ୧୮ ॥ ହେ ରାଜନ୍ ! ଶ୍ରୀକୃଷ୍ଣଙ୍କର ସେହି ଅଦ୍ଭୁତ ପ୍ରଭାବ ଦେଖି ବ୍ରଜବାସୀମାନେ ଅତ୍ୟନ୍ତ ବିସ୍ମିତ ହୋଇଗଲେ । ସେମାନେ ସେହି କ୍ଷେତ୍ରରେ ଯେଉଁ ବ୍ରତ ପାଳନ କରୁଥିଲେ, ତାହା ପୂର୍ଣ୍ଣ କରିବା ପରେ ବଡ଼ ଆଦର ଓ ପ୍ରେମରେ ଶ୍ରୀକୃଷ୍ଣଙ୍କର ସେହି ଲୀଳା ଗାନ କରି କରି ବ୍ରଜକୁ ଫେରିଆସିଲେ ॥ ୧୯ ॥

ଦିନକର କଥା । ଅଦ୍ଭୁତକର୍ମା ଭଗବାନ ଶ୍ରୀକୃଷ୍ଣ ଓ ବଳରାମ ସେଦିନ ରାତିରେ ଗୋପୀମାନଙ୍କ ମେଳରେ ବିହାର କରୁଥିଲେ ॥ ୨୦ ॥ ଭଗବାନ ଶ୍ରୀକୃଷ୍ଣ ପିନ୍ଧିଥିଲେ ନିର୍ମଳ ପୀତାମ୍ବର ଓ ବଳରାମ ପିନ୍ଧିଥିଲେ ନୀଳାମ୍ବର । ଦୁହିଙ୍କ ଗଳାରେ ଲମ୍ବିଥାଏ ସୁନ୍ଦର ସୁନ୍ଦର ଫୁଲମାଳ ଏବଂ ଦୁହିଙ୍କ ଶରୀରରେ ବୋଳା ହୋଇଥାଏ ଅଙ୍ଗରାଗ ଓ ସୁଗନ୍ଧିତ ଚନ୍ଦନ । ଦୁହେଁ ପିନ୍ଧିଥାନ୍ତି ସୁନ୍ଦର ସୁନ୍ଦର ଆଭୂଷଣ । ଗୋପୀମାନେ ବଡ଼ ପ୍ରେମ ଓ ଆନନ୍ଦରେ ଲଳିତ କଣ୍ଠରେ ସେମାନଙ୍କର ଗୁଣ ଗାନ କରୁଥାନ୍ତି ॥ ୨୧ ॥

ନିଶାମୁଖଂ ମାନୟନ୍ତାବୁଦିତୋଡୁପତାରକମ୍ ।
ମଲ୍ଲିକାଗନ୍ଧମତ୍ତାଳିଜୁଷ୍ଟଂ କୁମୁଦବାୟୁନା ॥ ୨୨

ଜଗତୁଃ ସର୍ବଭୂତାନାଂ ମନଃଶ୍ରବଣମଙ୍ଗଳମ୍ ।
ତୌ କଳ୍ପୟନ୍ତୌ ଯୁଗପତ୍ ସ୍ୱରମଣ୍ଡଳମୂର୍ଚ୍ଛିତମ୍ ॥ ୨୩

ଗୋପ୍ୟସ୍ତଦ୍ଗୀତମାକର୍ଣ୍ୟ ମୂର୍ଚ୍ଛିତା ନାବିଦନ୍ ନୃପ ।
ସ୍ରଂସଦ୍ଦୁକୂଳମାତ୍ମାନଂ ସ୍ରସ୍ତକେଶସ୍ରଜଂ ତତଃ ॥ ୨୪

ଏବଂ ବିକ୍ରୀଡତୋଃ ସ୍ୱୈରଂ ଗାୟତୋଃ ସଂପ୍ରମଉବତ୍ ।
ଶଙ୍ଖଚୂଡ଼ ଇତି ଖ୍ୟାତୋ ଧନଦାନୁଚରୋଽଭ୍ୟଗାତ୍ ॥ ୨୫

ତୟୋର୍ନିରୀକ୍ଷତୋ ରାଜଂସ୍ତନ୍ନାଥଂ ପ୍ରମଦାଜନମ୍ ।
କ୍ରୋଶନ୍ତଂ ଜାଳଯାମାସ ଦିଶ୍ୟୁଦାଚ୍ୟାମଶଙ୍କିତଃ ॥ ୨୬

କ୍ରୋଶନ୍ତଂ କୃଷ୍ଣ ରାମେତି ବିଲୋକ୍ୟ ସ୍ୱପରିଗ୍ରହମ୍ ।
ଯଥା ଗା ଦସ୍ୟୁନା ଗ୍ରସ୍ତା ଭ୍ରାତରାବନ୍ୱଧାବତାମ୍ ॥ ୨୭

ମା ଭୈଷ୍ଟେତ୍ୟଭୟାରାବୌ ଶାଳହସ୍ତୌ ତରସ୍ୱିନୌ ।
ଆସେଦତୁସ୍ତଂ ତରସା ତ୍ୱରିତଂ ଗୁହ୍ୟକାଧମମ୍ ॥ ୨୮

ସ ବୀକ୍ଷ୍ୟ ତାବନୁପ୍ରାପ୍ତୌ କାଳମୃତ୍ୟୁ ଇବୋଦ୍ୟତୌ ।
ବିସୃଜ୍ୟ ସ୍ତ୍ରୀଜନଂ ମୂଢଃ ପ୍ରାଦ୍ରବଦ୍ଭୀତିବିହ୍ୱଳା ॥ ୨୯

ଅଳ୍ପ ସମୟ ପୂର୍ବେ ସନ୍ଧ୍ୟା ହୋଇଥାଏ । ଆକାଶରେ ତାରାମାନେ ଫୁଟି ସାରିଥାନ୍ତି ଏବଂ ଚନ୍ଦ୍ର ଜିରଣ ବିଛାଇ ହୋଇ ପଡ଼ିଥାଏ । ମଲ୍ଲୀ ଫୁଲର ସୁଗନ୍ଧରେ ପ୍ରମତ୍ତ ହୋଇ ଭ୍ରମରମାନେ ଏଣେତେଣେ ବୁଲି ଗୁଞ୍ଜନ କରୁଥାନ୍ତି ତଥା ଜଳାଶୟମାନଙ୍କରେ ଫୁଟିଥିବା କଇଁଫୁଲର ସୁଗନ୍ଧ ନେଇ ମନ୍ଦ ମନ୍ଦ ପବନ ବୋହୁଥାଏ । ଏପରି ସମୟରେ ପ୍ରକୃତିର ସେହି ସୌନ୍ଦର୍ଯ୍ୟକୁ ସମ୍ମାନ ଦେଖାଇ ଭଗବାନ ଶ୍ରୀକୃଷ୍ଣ ଓ ବଳରାମ ଏକାଠି ମିଶି ସୁନ୍ଦର ସ୍ୱରରେ ଗୀତ ଗାଇବା ଆରମ୍ଭ କରିଦେଲେ । ସେମାନଙ୍କର ରାଗର ଆରୋହ ଅବରୋହ (ସ୍ୱରର ଚେଇିବା-ପକାଇବା) ବଡ଼ ସୁନ୍ଦର ଓ ମଧୁର ଥିଲା । ତାହା ଜଗତର ସମସ୍ତ ପ୍ରାଣୀଙ୍କର ମନ ଓ କର୍ଣ୍ଣକୁ ଆହ୍ଲାଦିତ କରିଦେବାକୁ ସମର୍ଥ ଥିଲା ॥ ୨୨,୨୩ ॥ ସେମାନଙ୍କର ସେହି ଗାନ ଶୁଣି ଗୋପୀମାନେ ମୋହିତ ହୋଇଗଲେ । ହେ ପରୀକ୍ଷିତ ! ସେମାନଙ୍କର ନିଜ ଦେହଚେତନା ମଧ୍ୟ ରହିଲା ନାହିଁ, କି ଦେହରୁ ଖସିପଡୁଥିବା ବସ୍ତ୍ର ତଥା ଖୋସାରୁ ଖସିପଡୁଥିବା ଫୁଲକୁ ସେମାନେ ସମ୍ଭାଳିପାରିଲେ ନାହିଁ ॥ ୨୪ ॥

ଶ୍ରୀକୃଷ୍ଣ ଓ ବଳରାମ ଏପରି ସ୍ୱଚ୍ଛନ୍ଦ ବିହାର କରି ଗନ୍ଧର୍ବଙ୍କ ପରି ଗୀତ ଗାଉଥିବା ସମୟରେ ଶଙ୍ଖଚୂଡ଼ ନାମକ ଜଣେ ଯକ୍ଷ ଆସି ସେଠାରେ ପହଞ୍ଚିଗଲା । ଯକ୍ଷ ଥିଲା କୁବେରଙ୍କର ଜଣେ ଅନୁଚର ॥ ୨୫ ॥ ହେ ପରୀକ୍ଷିତ ! ଏ ଦୁଇଭାଇ ଗାହିଁଛନ୍ତି, ସେହି ଯକ୍ଷ ଗୋପୀମାନଙ୍କୁ ଟେକିନେଇ ଉତ୍ତର ଦିଗ ଆଡ଼କୁ ପଳାଇଗଲା । ଭଗବାନ ଶ୍ରୀକୃଷ୍ଣ ଯେଉଁମାନଙ୍କର ଏକମାତ୍ର ସ୍ୱାମୀ, ସେମାନଙ୍କୁ ନେଇ ପଳାଇଲା । ଗୋପୀମାନେ ବିଳାପ କରିବାକୁ ଲାଗିଲେ ॥ ୨୬ ॥ ଏ ଦୁଇଭାଇ ଦେଖିଲେ, ତସ୍କରମାନେ ଯେପରି ଗାଈମାନଙ୍କୁ ଗୋଡ଼ାଇ ନେଇ ପଳାଏ, ଯକ୍ଷଟା ସେହିପରି ତାଙ୍କର ପ୍ରିୟା ଗୋପୀମାନଙ୍କୁ ନେଇ ପଳାଉଛି ଏବଂ ଗୋପୀମାନେ 'ହା କୃଷ୍ଣ ! ହା ରାମ !' ବୋଲି ଡାକ ପକାଇ କନ୍ଦାକଟା କରୁଛନ୍ତି । ତାହା ଦେଖି ଦୁଇଭାଇ ଯକ୍ଷ ପଛରେ ଗୋଡ଼ାଇଲେ ॥ ୨୭ ॥ "ଡର ନାହିଁ ! ଡର ନାହିଁ !!" ବୋଲି ଅଭୟବାଣୀ ଶୁଣାଇ ଶୁଣାଇ, ହାତରେ ଶାଳଗଛ ଉପାଡ଼ି ଧରି, ଏମାନେ ପ୍ରବଳ ବେଗରେ ଧାଇଁଯାଇ କ୍ଷଣକ ମଧ୍ୟରେ ଯକ୍ଷ ପାଖରେ ପହଞ୍ଚିଗଲେ ॥ ୨୮ ॥ ଯକ୍ଷ ଦେଖିଲା, କାଳ ଓ ମୃତ୍ୟୁ ସମାନ ହୋଇଥିବା କୃଷ୍ଣ-ବଳରାମ ଆସି ତା'ପାଖରେ ପହଞ୍ଚିଗଲେଣି । ଏମାନଙ୍କୁ ଦେଖି ସେହି ମୂଢ଼ ଛାନିଆ ହୋଇଗଲା । ସେ ଗୋପୀମାନଙ୍କୁ ସେଠାରେ ଛାଡ଼ିଦେଇ, ନିଜ ପ୍ରାଣ ଘେନି ସେଠାରୁ ପଳାଇଗଲା ॥ ୨୯ ॥

ତମନ୍ବଧାବଦ୍ ଗୋବିନ୍ଦୋ ଯତ୍ର ଯତ୍ର ସ ଧାବତି ।
ଜିହୀର୍ଷୁସ୍ତଚ୍ଚିରୋରତ୍ନଂ ତପୌ ରକ୍ଷନ୍ ସ୍ତ୍ରିୟୋ ବଳଃ ॥ ୩୦

ଅବିଦୂର ଇବାଭ୍ୟେତ୍ୟ ଶିରସ୍ତସ୍ୟ ଦୁରାତ୍ମନଃ ।
ଜହାର ମୁଷ୍ଟିନୈବାଙ୍ଗ ସହଚୂଡ଼ାମଣିଂ ବିଭୁଃ ॥ ୩୧

ଶଙ୍ଖଚୂଡ଼ଂ ନିହତ୍ୟୈବଂ ମଣିମାଦାୟ ଭାସ୍ୱରମ୍ ।
ଅଗ୍ରଜାୟାଦଦାତ୍ ପ୍ରୀତ୍ୟା ପଶ୍ୟନ୍ତୀନାଂ ଚ ଯୋଷିତାମ୍ ॥ ୩୨

ସ୍ତ୍ରୀଲୋକମାନଙ୍କୁ ରକ୍ଷା କରିବା ନିମନ୍ତେ ବଳରାମ ସେଠାରେ ରହିଗଲେ ଏବଂ ଶ୍ରୀକୃଷ୍ଣ ଯକ୍ଷର ପଛେ ପଛେ ଗୋଡ଼ାଇଲେ । ସେ ସେହି ଯକ୍ଷର ମୁଣ୍ଡରେ ଥିବା ଚୂଡ଼ାମଣିଟି କାଢ଼ି ଆଣିବାକୁ ଗ୍ରହୁଁଥିଲେ ॥ ୩୦ ॥ କିଛି ଦୂର ଧାଇଁବା ପରେ ଭଗବାନ ତାକୁ ଧରି ପକାଇଲେ ଏବଂ ତା ମୁଣ୍ଡରେ ଏପରି ଏକ ବିଧା ମାରିଦେଲେ ଯେ, ଚୂଡ଼ାମଣି ସହିତ ତା ମୁଣ୍ଡଟା ବି ଗଣ୍ଡିରୁ ଛିଡ଼ିପଡ଼ିଲା ॥ ୩୧ ॥ ଏପରିଭାବରେ ଭଗବାନ ଶ୍ରୀକୃଷ୍ଣ ଶଙ୍ଖଚୂଡ଼କୁ ମାରି, ତା ମଣିଟି ଧରି ଫେରି ଆସିଲେ ଏବଂ ଗୋପୀମାନଙ୍କ ସାକ୍ଷାତରେ ହିଁ ବଡ଼ ଆଦରର ସହିତ ସେହି ମଣିଟିକୁ ବଡ଼ଭାଇ ବଳରାମଙ୍କୁ ଦେଇଦେଲେ ॥ ୩୨ ॥

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ଦଶମସ୍କନ୍ଧେ ପୂର୍ବାର୍ଦ୍ଧେ ଶଙ୍ଖଚୂଡ଼ବଧୋ ନାମ ଚତୁସ୍ତ୍ରିଂଶୋଽଧ୍ୟାୟଃ ॥ ୩୪ ॥

+++

ଅଥ ପଞ୍ଚତ୍ରିଂଶୋଽଧ୍ୟାୟଃ

ଯୁଗଳଗୀତ

ଶ୍ରୀଶୁକ ଉବାଚ

ଗୋପ୍ୟଃ କୃଷ୍ଣେ ବନଂ ଯାତେ ତମନୁଦ୍ରୁତଚେତସଃ ।
କୃଷ୍ଣଲୀଳାଃ ପ୍ରଗାୟନ୍ତ୍ୟୋ ନିନ୍ୟୁର୍ଦୁଃଖେନ ବାସରାନ୍ ॥ ୧

ଶ୍ରୀଶୁକଦେବ କହିଗଲିଲେ—ହେ ପରୀକ୍ଷିତ ! ଭଗବାନ ଶ୍ରୀକୃଷ୍ଣ ଗାଈ ବଗାଇବା ପାଇଁ ପ୍ରତିଦିନ ବନକୁ ଯିବାବେଳେ ଗୋପୀମାନଙ୍କର ଚିତ୍ତକୁ ମଧ୍ୟ ଘେରାଇ ନେଇଯାଉଥିଲେ । ସେମାନଙ୍କର ମନ ଶ୍ରୀକୃଷ୍ଣଙ୍କୁ ଚିନ୍ତନ କରୁଥିଲା ଏବଂ ସେମାନଙ୍କର ମୁଖ ଶ୍ରୀକୃଷ୍ଣଙ୍କ ଲୀଳା ଗାନ କରୁଥିଲା । ଏପରିଭାବରେ ସେମାନେ ବିରହବେଦନା ମଧ୍ୟରେ ଦିନ କଟାଉଥିଲେ ॥ ୧ ॥

ଗୋପ୍ୟ ଊଚୁଃ

ବାମବାହୁକୃତବାମକପୋଲୋ
ବଲ୍‌ଗିତଭ୍ରୁଗଧରାର୍ପିତବେଣୁମ୍ ।
କୋମଳାଙ୍ଗୁଳିଭିରାଶ୍ରିତମାର୍ଗଂ
ଗୋପ୍ୟ ଈରୟତି ଯତ୍ର ମୁକୁନ୍ଦଃ ॥ ୨

ଗୋପୀମାନେ ନିଜ ନିଜ ମଧ୍ୟରେ କୁହାକୁହି ହେଉଥିଲେ—"ଆଗୋ ସଖୀ ! ନିଜର ପ୍ରେମାଜନଙ୍କୁ ପ୍ରେମ-ବିତରଣ କରୁଥିବା ଓ ବିଦ୍ୱେଷକାରୀ ଲୋକଙ୍କୁ ମଧ୍ୟ ମୋକ୍ଷ ପ୍ରଦାନ କରୁଥିବା ନଟନାଗର ଶ୍ୟାମସୁନ୍ଦର ଯେତେବେଳେ ତାଙ୍କର ବାଆଁ ଗାଲକୁ ବାଆଁ ବାହୁ ପର୍ଯ୍ୟନ୍ତ ଢଳାଇ ଦେଇ, ଭ୍ରୂଲତା ନଚ୍ଚାଇ ନଚ୍ଚାଇ ଅଧରରେ ବଂଶୀ ଲଗାଇଦିଅନ୍ତି ଓ ତାଙ୍କର ସୁକୁମାର ଅଙ୍ଗୁଳିଗୁଡ଼ିକୁ ବଂଶୀର ଛନ୍ଦ୍ରଗୁଡ଼ିକ ଉପରେ ସଂଗ୍ଚଳନ କରି ମଧୁର ତାନ ତୋଳନ୍ତି, ସେତେବେଳେ ସିଦ୍ଧପତ୍ନୀମାନେ ସେମାନଙ୍କ ସ୍ୱାମୀମାନଙ୍କ ସହିତ ବିମାନରେ ବସି ଆକାଶମାର୍ଗକୁ ଗଲିଆସନ୍ତି ଓ ତାଙ୍କର ବଂଶୀସ୍ୱନ ଶୁଣି ଚକିତ ହୋଇଯାଆନ୍ତି । ସ୍ୱାମୀମାନଙ୍କ ସହିତ ରହିଥିବାବେଳେ ମଧ୍ୟ ନିଜ ଚିତ୍ତର ଏପରି ଅବସ୍ଥା ଦେଖି ସେମାନେ ପ୍ରଥମେ ପ୍ରଥମେ ଲାଜରେ ଶଢ଼ିଯାଆନ୍ତି । କିନ୍ତୁ ଅଳ୍ପ କେତୋଟି କ୍ଷଣ ଭିତରେ

ବ୍ୟୋମଯାନବନିତାଃ ସହ ସିଦ୍ଧୈ-
ର୍ବିସ୍ମିତାସ୍ତ୍ରୁପଧାର୍ଯ୍ୟ ସଲଜ୍ଜାଃ ।

କାମମାର୍ଗଣସମର୍ପିତଚିତ୍ତାଃ
କଶ୍ମଳଂ ଯଯୁରପସ୍ମୃତନୀବ୍ୟଃ ॥ ୩

ହନ୍ତ ଚିତ୍ରମବଳାଃ ଶୃଣୁତେଦଂ
ହାରହାସ ଉରସି ସ୍ଥିରବିଦ୍ୟୁତ୍ ।
ନନ୍ଦସୂନୁରୟମାର୍ତ୍ତଜନାନାଂ
ନର୍ମଦୋ ଯର୍ହି କୂଜିତବେଣୁଃ ॥ ୪

ବୃନ୍ଦଶୋ ବ୍ରଜବୃଷ୍ଣା ମୃଗଗାବୋ
ବେଣୁବାଦ୍ୟହୃତଚେତସ ଆରାତ୍ ।
ଦନ୍ତଦଷ୍ଟକବଳା ଧୃତକର୍ଣ୍ଣା
ନିଦ୍ରିତା ଲିଖିତଚିତ୍ରମିବାସତ୍ ॥ ୫

ବର୍ହିଣସ୍ତବକଧାତୁପଲାଶୈ-
ର୍ବଦ୍ଧମଲ୍ଲପରିବର୍ହବିଡ଼ମ୍ବଃ ।
କହିଚିତ୍ ସବଳ ଆଲି ସ ଗୋପୈ-
ର୍ଗାଃ ସମାହ୍ୱୟତି ଯତ୍ର ମୁକୁନ୍ଦଃ ॥ ୬

ସେମାନଙ୍କର ଚିତ୍ତ କାମବାଣରେ ବିନ୍ଧି ହୋଇଯାଏ; ତେଣୁ ସେମାନେ ଅବଶ ଓ ଅଚେତ ହୋଇଯାଆନ୍ତି । ସେତେବେଳେ ସେମାନଙ୍କର ଦେହରୁ ବସ୍ତ୍ର କେତେବେଳେ ଯେ ଖସିପଡ଼େ, ସେମାନେ ତାହା ବି ଜାଣିପାରନ୍ତି ନାହିଁ ।"॥ ୨,୩ ॥

(ଆଉ ଜଣେ କହିଲା—) "ଆଗୋ ସଖୀମାନେ ! ସେହି ପରମ ସୁନ୍ଦର ନନ୍ଦବଳାଙ୍କର ଗୋଟିଏ ଆଶ୍ଚର୍ଯ୍ୟ କଥା ଶୁଣିଲଣି ? ସେ ଯେତେବେଳେ ହସି ଦିଅନ୍ତି ନା, ତାଙ୍କ ହାସ୍ୟରେଖା ତାଙ୍କର ଗୋଟିଏ ହାର ପରି ଦେଖାଯାଏ । ତାଙ୍କ ବକ୍ଷରେ ଯେଉଁ ସୁନେଲୀ ଶ୍ରୀବତ୍ସ ରେଖାଟି ଅଛି, ତାକୁ ଦେଖିଲେ ଲାଗେ, ଜଳାମେଘରେ ବିଜୁଳିଟିଏ ସ୍ଥିର ହୋଇ ରହିଯାଇଛି ବି ! ସେ ଦୁଃଖୀଜନଙ୍କୁ ସୁଖ ଦେବାପାଇଁ ଓ ବିରହୀମାନଙ୍କ ମୃତଶରୀରରେ ପ୍ରାଣ ସଂଘର କରିବାପାଇଁ ବଂଶୀ ବଜାଇଲେ, ତାଙ୍କ ପାଖକୁ ବ୍ରଜର ତଳ ତଳ ଗାଈଗୋରୁ ଓ ବନର ମୃଗ ଧାଇଁ ଆସନ୍ତି । ଜେବଳ ଆସନ୍ତି ନାହିଁ ଗୋ ! ସେମାନେ ପାଟିରେ ପୂରାଇଥିବା ଘାସପତ୍ର ପାଟିରେ ହିଁ ସେହିପରି ସ୍ଥିର ହୋଇ ରହିଯାଏ; ତାକୁ ଆଉ ଜାଡ଼ି ପାରନ୍ତି ନାହିଁ, ଜି ଗିଳିପାରନ୍ତି ନାହିଁ । କୁଇ ଜାନ ଟେକି ସେମାନେ ଏପରି ଧାରସ୍ଥିର ହୋଇ ଠିଆ ହୋଇଯାଆନ୍ତି ଯେ, ଦେଖିଲେ ମନେହୁଏ, ସତେ ଯେପରି ଚିତ୍ର ପ୍ରତିମାଟିଏ ଠିଆ ହୋଇଛି କିମ୍ବା ସେମାନେ ଠିଆ ଠିଆ ଶୋଇପଡ଼ିଛନ୍ତି । ଆଗୋ ! ସେହି ବଂଶୀସ୍ୱନ ସେମାନଙ୍କ ଚିତ୍ତକୁ ପରା ଘୋରାଇନିଏ; ତେଣୁ ସେମାନେ ସେପରି ସ୍ଥିର ରହିଯିବାଟା ତ ସ୍ୱାଭାବିକ !" ॥ ୪,୫ ॥

(ଅନ୍ୟ ଜଣେ କହିଲା—) "ହଁ ଲୋ ସଖି ! ସେହି ନନ୍ଦକିଶୋର ଯେତେବେଳେ ମଥାରେ ମୟୂରପୁଚ୍ଛର ମୁକୁଟ ପିନ୍ଧି, କୁଞ୍ଚିତ କେଶରେ ପୁଷ୍ପଗୁଚ୍ଛ ଖୋଜି ଓ ନାନାରଙ୍ଗର ମାଟିରେ ଦେହକୁ ରଙ୍ଗାଇ ନୂଆ ନୂଆ ଜଅଁଳପତ୍ରରେ ବେଶ ହୋଇଯାଆନ୍ତି, ଦେଖିଲେ ଲାଗିବ, ସତେ ଯେପରି ଜଣେ ବଡ଼ ପହିଲମାନ୍ ଠିଆ ହୋଇଛି । ସେତେବେଳର କଥା ଆଉ କଣ କହିବି, କହିଲୁ ? ପୁଣି ସେ ଯେତେବେଳେ ବଳରାମ ଓ ଆମ ପିଲାମାନଙ୍କ ସହିତ ବଂଶୀ ବଜାଇ ବଜାଇ ଗାଈମାନଙ୍କୁ ନାଆଁ ଧରି ଡାକନ୍ତି, ସେତେବେଳେ ଲୋ ସଖି ! ନଦୀମାନଙ୍କ ଗତି ସ୍ଥିର ହୋଇଯାଏ । ସେମାନେ ଗୁହାନ୍ତି, ପବନ ସେମାନଙ୍କ ପ୍ରିୟତମଙ୍କ ଚରଣରେଣୁ ଉଡ଼ାଇ ନେଇ ସେମାନଙ୍କ ଉପରେ ପକାଇ ଦିଅନ୍ତା କି ! ସେମାନେ ଧନ୍ୟ ହୋଇଯାଆନ୍ତେ । କିନ୍ତୁ ସଖି ! ସେହି ନଦୀମାନେ ମଧ୍ୟ ଆମରି ପରି ହତଭାଗିନୀ । ନନ୍ଦନନ୍ଦନ କୃଷ୍ଣଙ୍କୁ ଆଲିଙ୍ଗନ କଲାବେଳେ ଆମର ବାହୁ ଯେପରି କମ୍ପିଉଠେ, ଅଥଚ ଜଡ଼ତାରୂପ ଆବେଶଭାବ ଉଦୟ ହୋଇଯିବାରୁ

ତହିଁ ଭଗ୍ନଗତୟଃ ସରିତୋ ବୈ
ତତ୍ପଦାମ୍ବୁଜରଜୋଽନିଳନୀତମ୍ ।
ସ୍ମୃହ୍ୟତାର୍ବୟମିବାବହୁପୁଣ୍ୟାଃ
ପ୍ରେମବେପିତଭୁଜାଃ ସ୍ତିମିତାପଃ ॥ ୬

ଅନୁତରୈଃ ସମନୁବର୍ଣ୍ଣିତବୀର୍ଯ୍ୟ
ଆଦିପୁରୁଷ ଇବାଚଳଭୂତିଃ ।
ବନଚରୋ ଗିରିତଟେଷୁ ଚରନ୍ତୀ-
ର୍ବେଣୁନାଽଽହ୍ୱୟତି ଗାଃ ସ ଯଦା ହି ॥ ୮

ବନଲତାସ୍ତରବ ଆତ୍ମନି ବିଷ୍ଣୁଂ
ବ୍ୟଞ୍ଜୟନ୍ତ୍ୟ ଇବ ପୁଷ୍ପଫଳାଢ୍ୟାଃ ।
ପ୍ରଣତଭାରବିଟପା ମଧୁଧାରାଃ
ପ୍ରେମହୃଷ୍ଟତନବଃ ସସୃଜୁଃ ସ୍ମ ॥ ୯

ଦର୍ଶନୀୟତିଳକୋ ବନମାଳା-
ଦିବ୍ୟଗନ୍ଧତୁଳସୀମଧୁମତ୍ତୈଃ ।
ଅଳିକୁଳୈରଲଘୁଗୀତମଭୀଷ୍ଟ-
ମାଦ୍ରିୟନ୍ ଯହିଁ ସନ୍ନିତବେଣୁଃ ॥ ୧୦

ଆମେ ଯେପରି ଆଉ ହାତ ବି ହଲାଇପାରୁନା, ନଦୀମାନେ ମଧ୍ୟ ଠିକ୍ ସେହିପରି ପ୍ରେମ ହେତୁ କମ୍ପିଉଠନ୍ତି ଏବଂ ନିଜର ତରଙ୍ଗରୂପ ବାହୁକୁ ଦୁଇଗୁରି ଥର ଉଠାଇ ଶେଷରେ ଅବଶ ହୋଇ ଥିର ହୋଇଯାଆନ୍ତି; ପ୍ରେମାବେଶରେ ସ୍ତମ୍ଭିତ ହୋଇଯାଆନ୍ତି ।" ॥ ୬,୭ ॥

(ଅନ୍ୟ ଜଣେ କହିଲା—) "ଆଗୋ ସହି ! ଦେବତାମାନେ ଯେପରି ଅନନ୍ତ ଅଚିନ୍ତ୍ୟ ଐଶ୍ୱର୍ଯ୍ୟର ସ୍ୱାମୀ ଭଗବାନ ନାରାୟଣଙ୍କ ଶକ୍ତିର ମହିମା ଗାନ କରନ୍ତି, ଆମ ପିଲାମାନେ ମଧ୍ୟ ସେହିପରି ଅନନ୍ତସୁନ୍ଦର ନଟନାଗର ଶ୍ରୀକୃଷ୍ଣଙ୍କର ବିଭିନ୍ନ ଲୀଳା ଗାନ କରନ୍ତି । ସେହି ଅଚିନ୍ତ୍ୟ ଐଶ୍ୱର୍ଯ୍ୟସମ୍ପନ୍ନ ଶ୍ରୀକୃଷ୍ଣ ଯେତେବେଳେ ବୃନ୍ଦାବନରେ ବିହାର କରନ୍ତି ଏବଂ ବଂଶୀ ବଜାଇ ଗିରିରାଜ ଗୋବର୍ଦ୍ଧନର ପାଦଦେଶରେ ଚରୁଥିବା ଗାଈମାନଙ୍କୁ ନାମ ଧରି ଡାକନ୍ତି, ସେତେବେଳେ ବଣର ଗଛଲତାମାନେ ଫୁଲ ଓ ଫଳରେ ଲଦି ହୋଇଯାଆନ୍ତି । ସେସବୁର ଭାରରେ ଗଛତାଳ ତଳକୁ ନଇଁ ଭୂଇଁରେ ଲାଗିଯାଏ । ତାହା ଦେଖି ମନେହୁଏ, ସତେ ଯେପରି ସେମାନେ ତଳେ ମୁଣ୍ଡ ଲଗାଇ ପ୍ରଣାମ କରୁଛନ୍ତି । ସେହି ଗଛଲତାମାନେ ନିଜ ଭିତରେ ଭଗବାନ ବିଷ୍ଣୁଙ୍କ ଅଭିବ୍ୟକ୍ତି ହେଲା ପରି ଅନୁଭବ କରି ପ୍ରେମରେ ଫୁଲି ଉଠନ୍ତି; ସେମାନଙ୍କର ଅଙ୍ଗପ୍ରତ୍ୟଙ୍ଗ ଉତ୍‌ଫୁଲ୍ଲିତ ହୋଇଯାଏ ଓ ସବୁଗଛ ଧାର ଧାର ମହୁ ବର୍ଷା କରନ୍ତି ।" ॥ ୮,୯ ॥

(ଆଉ ଜଣେ କହିଲା—) ଆଗୋ ମିତ ! ସଂସାରରେ କହ, ସଂସାର ବାହାରେ କହ, ଯେଉଁଠି ଯେତେ ବି ଦେଖିବାଯୋଗ୍ୟ ସୁନ୍ଦର ବସ୍ତୁ ଅଛି, ସେସବୁ ଭିତରେ ସବୁଠାରୁ ଅଧିକ ସୁନ୍ଦର, ସବୁଠାରୁ ଅଧିକ ମଧୁର, ସମସ୍ତଙ୍କ ମଧ୍ୟରେ ଶ୍ରେଷ୍ଠ ହେଉଛନ୍ତି ଆମର ମନମୋହନ । ତାଙ୍କର ଶ୍ୟାମଳ ଲଲାଟରେ କେଶରର ତିଳକଟି ସତରେ ଦେଖିବାଯୋଗ୍ୟ—ଯେତେ ଦେଖିଲେ ବି ମନ ମାନେନା । ଗଳାଠାରୁ ଆଣ୍ଠୁ ପର୍ଯ୍ୟନ୍ତ ଲମ୍ବିଯାଇଥିବା ତାଙ୍କର ଫୁଲମାଳାର ଶୋଭା ଓ ସେଥିରେ ଗୁନ୍ଥା ଯାଇଥିବା ତୁଳସୀର ଦିବ୍ୟ ସୁଗନ୍ଧ କି ମନୋହର ନୁହେଁ, କହିଲୁ ! ପୁଣି ସେସବୁ ଫୁଲର ମହୁ ଖାଇବା ଲୋଭରେ ମାଳା ପାଖେ ପାଖେ ଉଡୁଥିବା ଦଳ ଦଳ ଭ୍ରମରଙ୍କୁ ଦେଖିଛୁ ଟି ? ସେହି ଭ୍ରମରଗୁଞ୍ଜନକୁ ଆଦର କରି, ତାହାରି ସ୍ୱରରେ ସ୍ୱର ମିଶାଇ ଆମର ନଟନାଗର ଶ୍ୟାମସୁନ୍ଦର ଯେଉଁ ବଂଶୀ ବଜାଇଦିଅନ୍ତି, ତାହା ଶୁଣିଛୁ ଟି? ସତେ ଲୋ ସଖି ! ସେହି ମୁନିମନମୋହନଙ୍କର ସଙ୍ଗୀତ ସରୋବରରେ ରହୁଥିବା ସାରସ ହଂସ ଆଦି ପକ୍ଷୀମାନଙ୍କର ବିଉଳୁ ମଧ୍ୟ ଗେରାଇନିଏ ।

ସରସି ସାରସହଂସବିହଙ୍ଗା-
ଶ୍ଚାରୁଗୀତହୃତଚେତସ ଏତ୍ୟ।
ହରିମୁପାସତ ତେ ଯତଚିତ୍ତା
ହନ୍ତ ମୀଳିତଦୃଶୋ ଧୃତମୌନାଃ ॥ ୧୧

ସହବଳଃ ସ୍ରଗବତଂସବିଳାସଃ
ସାନୁଷୁ କ୍ଷିତିଭୃତୋ ବ୍ରଜଦେବ୍ୟଃ।
ହର୍ଷୟନ୍ ଯହି ବେଣୁରବେଣ
ଜାତହର୍ଷ ଉପରମ୍ଭତି ବିଶ୍ୱମ୍ ॥ ୧୨

ମହଦତିକ୍ରମଣଶଙ୍କିତଚେତା
ମନ୍ଦମନ୍ଦମନୁଗର୍ଜତି ମେଘଃ।
ସୁହୃଦମଭ୍ୟବର୍ଷତ୍ ସୁମନୋଭି-
ଶ୍ଛାୟୟା ଚ ବିଦଧତ୍ ପ୍ରତପତ୍ରମ୍ ॥ ୧୩

ବିବିଧଗୋପଚରଣେଷୁ ବିଦଗ୍ଧୋ
ବେଣୁବାଦ୍ୟ ଉରୁଧା ନିଜଶିକ୍ଷାଃ।
ତବ ସୁତଃ ସତି ଯଦାଧରବିମ୍ବେ
ଦତ୍ତବେଣୁରନୟତ୍ ସ୍ୱରଜାତୀଃ ॥ ୧୪

ସେମାନେ ଭାବବିହ୍ୱଳ ହୋଇ ଆସି ଆମ ପ୍ରିୟ ଶ୍ୟାମସୁନ୍ଦରଙ୍କ ନିଜଟରେ ବସିପଡ଼ନ୍ତି ଏବଂ ନୀରବରେ ଆଖି ବୁଜି ଚିତ୍ତକୁ ଏକାଗ୍ର କରି ତାଙ୍କର ଆରାଧନା କରନ୍ତି—ଦେଖିଲେ କହିବୁ, ସେମାନେ ବୋଧହୁଏ ପକ୍ଷୀବୃତ୍ତି ଅବଲମ୍ବନ କରୁଥିବା ପରମହଂସ ବା ଯୋଗୀ! ସତ କହିବୁ, ଏସବୁ କେଡ଼େ ଆଶ୍ଚର୍ଯ୍ୟର କଥା କୁହେ!" ॥ ୧୦,୧୧ ॥

(ଆଉ ଜଣେ କହିଲା—) "ଆଗୋ ବ୍ରଜସୁନ୍ଦରୀଗଣ! ଆମ ଶ୍ୟାମସୁନ୍ଦର ଯେତେବେଳେ ଜାନରେ ଫୁଲର କୁଣ୍ଡଳ ଝୁଲାଇ ବଳରାମଙ୍କ ସହିତ ଗିରିରାଜ ଗୋବର୍ଦ୍ଧନ ଶିଖରରେ ଚଢ଼ିଯାଆନ୍ତି ଓ ସେଠାରେ ଠିଆ ହୋଇ ସମଗ୍ର ଜଗତକୁ ମୁଗ୍ଧ କରି କରି ବଂଶୀ ବଜାଇବାକୁ ଲାଗନ୍ତି—ଆଗୋ! ବଂଶୀ ବଜାନ୍ତି କଣ ମ, ଜାଣ, ବଂଶୀର ଆନନ୍ଦମୟ ଧ୍ୱନିଦ୍ୱାରା ସକଳ ବିଶ୍ୱକୁ ଆଲିଙ୍ଗନ କରିପକାନ୍ତି—ଯେତେବେଳେ ବଂଶୀର ସ୍ୱର ସହିତ ସ୍ୱର ମିଶାଇ ଜଳାମେଘମାନେ ମନ୍ଦ ମନ୍ଦ ଗର୍ଜ୍ଜନ କରନ୍ତି। ଯେପରି ମୃଦୁମନ୍ଦ ଗର୍ଜ୍ଜନ ଜଲାବେଳେ ମଧ୍ୟ ମେଘମାନଙ୍କ ମନରେ ଭୟ ରହିଥାଏ ଯେ, ସେମାନେ ଯଦି ଟିକିଏ ଜୋର୍‌ରେ ଗର୍ଜ୍ଜନ କରିଦେବେ, ତେବେ ତାହା ବଂଶୀସ୍ୱନର ବିପରୀତ ହୋଇଯାଇ ବଂଶୀସ୍ୱନକୁ ବେସୁରା କରିଦେବ ଏବଂ ଏହାଫଳରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ପାଖରେ ସେମାନଙ୍କର ଅପରାଧ ହୋଇଯିବ। ଆଲୋ! ମେଘମାନେ କେବଳ ସେତିକି କରନ୍ତି ନାହିଁ; ସେମାନେ ଯେତେବେଳେ ଦେଖନ୍ତି ଯେ, ଆମ ପ୍ରାଣବନ୍ଧୁ ଘନଶ୍ୟାମ ଝାଳେଇ ଗଲେଣି, ସେତେବେଳେ ସେମାନେ ତାଙ୍କ ଉପରକୁ ଭାସି ଆସି ତାଙ୍କୁ ଛାୟା ପ୍ରଦାନ କରନ୍ତି—ତାଙ୍କ ଉପରେ ଛତ୍ର ହୋଇଯାଆନ୍ତି। ଆଗୋ! ସେମାନେ ପ୍ରସନ୍ନ ହୋଇ ତାଙ୍କ ଉପରେ ନିଜର ଜୀବନ ମଧ୍ୟ ଢାଳିଦିଅନ୍ତି—ଫୁଲ ବରଷା କଲା ପରି ବରଷନ୍ତି।" ॥ ୧୨,୧୩ ॥

(ଅନ୍ୟ ଜଣେ କହିଲା—) ଆଗୋ ସତୀଶିରୋମଣି ଯଶୋଦାରାଣୀ! ତୁମର ସେହି ସୁନ୍ଦର ପୁଅଟି ଆମ ପିଲାମାନଙ୍କ ସାଥିରେ ଖେଳିବାରେ ଭାରି ଧୁରନ୍ଧର। ଆଗୋ ରାଣୀମାଆ! ତୁମର ସେହି ଆଦରର ଧନଟି ତ ସମସ୍ତଙ୍କର ପ୍ରିୟ; ତା ସହିତ ଭାରି ଚତୁର ମଧ୍ୟ। ଦେଖୁନା! ସେ ଏ ମୁରଲୀ ବଜାଇବାଟା କାହାଠୁ ଶିଖିଲେ, କହିଲ? ଆପେ ଆପେ ସବୁ ରାଗରାଗିଣୀ ବଜାଇ ଦେଉଛନ୍ତି। ସେ ଯେତେବେଳେ ତାଙ୍କର ନାଲି ଟୁକୁଟୁକୁ ଅଧରରେ ବଙ୍ଶୀ ରଖି ରହଉ, ନିଷାଦ ଆଦି ନାନା ସ୍ୱରରେ ଭଲିକି ଭଲି ତାନ ତୋଳୁଛନ୍ତି, ସେତେବେଳେ ପରା ତାଙ୍କ ବଂଶୀର ପରମମୋହିନୀ ତାନ ଶୁଣି ବ୍ରହ୍ମା, ଶିବ ଓ ଇନ୍ଦ୍ର ଆଦି

ସବନଶସ୍ତ୍ରହୁପଧାର୍ଯ୍ୟ ସୁରେଶାଃ
ଶକ୍ରଶର୍ବପରମେଷ୍ଠିପୁରୋଗାଃ ।
କବୟ୍ ଆନତକନ୍ଧରବିତ୍ତାଃ
କଶ୍ମଳଂ ଯଯୁରନିଶ୍ଚିତତତ୍ତ୍ୱାଃ ॥ ୧୫

ନିଜପଦାବ୍ଜଦଳୈର୍ଧ୍ୱଜବଜ୍ର-
ନୀରଜାଙ୍କୁଶବିଚିତ୍ରଲଲାମୈଃ ।
ବ୍ରଜଭୁବଃ ଶମୟନ୍ ଖୁରତୋଦଂ
ବର୍ଷ୍ମଧୁର୍ଯ୍ୟଗତିରୀଡ଼ିତବେଣୁଃ ॥ ୧୬

ବ୍ରଜତି ତେନ ବୟଂ ସବିଲାସ-
ବୀକ୍ଷଣାର୍ପିତମନୋଭବବେଗାଃ ।
କୁଜଗତିଂ ଗମିତା ନ ବିଦାମଃ
କଶ୍ମଳେନ କବରଂ ବସନଂ ବା ॥ ୧୭

ମଣିଧରଃ କ୍ୱଚିଦାଗଣୟନ୍ ଗା
ମାଳୟା ଦୟିତଗନ୍ଧତୁଳସ୍ୟାଃ ।
ପ୍ରଣୟିନୋଽନୁଚରସ୍ୟ କଦାଂସେ
ପ୍ରକ୍ଷିପନ୍ ଭୁଜମଗାୟତ ଯତ୍ର ॥ ୧୮

କୃଣିତବେଣୁରବବଞ୍ଚିତଚିତ୍ତାଃ
କୃଷ୍ଣମନୁସତ କୃଷ୍ଣଗୃହିଣ୍ୟଃ ।
ଗୁଣଗଣାର୍ଣ୍ଣମନୁଗତ୍ୟ ହରିଣ୍ୟୋ
ଗୋପିକା ଇବ ବିମୁକ୍ତଗୃହାଶାଃ ॥ ୧୯

ବଡ଼ ବଡ଼ ଦେବତାମାନେ ବି ସେ ଯେ କିଏ, କେଉଁ ତତ୍ତ୍ୱ, ତାହା ନିର୍ଣ୍ଣୟ କରିପାରୁନାହାନ୍ତି; ତାଙ୍କ ପାଖରେ ସେମାନଙ୍କର ମୁଣ୍ଡ ନଇଁ ଯାଉଛି ଓ ସେମାନେ ସେହି ବଂଶୀସ୍ୱନରେ ତନ୍ମୟ ହୋଇଯାଉଛନ୍ତି ॥ ୧୪,୧୫ ॥

(ଆଉ ଜଣେ ଗୋପୀ କହିଲା—) "ଆଲୋ ମିତ ! ତାଙ୍କ ଚରଣକମଳରେ ଧ୍ୱଜା, ବଜ୍ର, ପଦ୍ମ, ଅଙ୍କୁଶ ଆଦିର ବିଚିତ୍ର ଓ ସୁନ୍ଦର ସୁନ୍ଦର ଚିହ୍ନ ରହିଛି। ବ୍ରଜଭୂମି ଯେତେବେଳେ ଗାଈଗୋରୁଙ୍କ ଖୁରାରେ ଖୋଳି ହୋଇଯାଏ, ସେତେବେଳେ ବ୍ରଜଭୂମିର ପାଡ଼ା ହଗଣ କରିବା ନିମନ୍ତେ ସେ ବଂଶୀ ବଜାଇ ବଜାଇ ତାଙ୍କର ସୁକୁମାର ଚରଣରେ ସେହି ଭୂମି ଉପରେ ଗଜରାଜ ପରି ଝୁଲି ଝୁଲି ପାଦ ପକାଇ ଗଲି ଆସନ୍ତି। ତାଙ୍କର ସେହି ବଂଶୀସ୍ୱନ, ସେହି ଗଜଗମନ ଓ ସେହି ବିଳାସଭରା ସୁନ୍ଦର ଗହାଣି ଆମ ହୃଦୟରେ ପ୍ରେମର ଓ ମିଳନର ଆକାଙ୍କ୍ଷା ଆହୁରି ବଢ଼ାଇଦିଏ। ଆମେ ସେତେବେଳେ ଏତେ ମୁଗ୍ଧ, ଏତେ ମୋହିତ ହୋଇଯାଉ ଯେ, ଆଉ ହଲଚଲ ହେବାକୁ ବି ଶକ୍ତି ପାଉନା; କାଠ ଭଳି ଜଡ଼ ପାଲଟି ଯାଉ। ଏପଟେ ମଥାର ଜୁଡ଼ା ଫିଟିଗଲାଣି, କି ବନ୍ଧା ହୋଇଛି, ଦେହରୁ ଲୁଗା ଖସି ପଡ଼ିଲାଣି, କି ଅଛି, ଆମର ସେ ବିଷୟରେ ବି ହୋସ୍ ରହେନି ।"॥୧୬,୧୭॥

(ଅନ୍ୟ ଜଣେ କହିଲା—) ଆଲୋ ସଙ୍ଗୀତ ! ସେ ଯେଉଁ ମଣିମାଳା ବେକରେ ପକାଇଥାନ୍ତି, ତାହା ତ ତାଙ୍କ ଗଳାକୁ ଖୁବ୍ ସୁନ୍ଦର ମାନେ। ତା'ଛଡ଼ା ତୁଳସୀର ମଧୁର ଗନ୍ଧ ତାଙ୍କୁ ଖୁବ୍ ଭଲ ଲାଗେ। ତେଣୁ ସେ କେବେ ବି ଗଳାରୁ ତୁଳସୀମାଳା କାଢ଼ନ୍ତି ନାହିଁ; ସବୁବେଳେ ପିନ୍ଧିଥାନ୍ତି। ସେହି ଶ୍ୟାମସୁନ୍ଦର ଯଦି ବେଳେ ବେଳେ ମଣିମାଳା ସାହାଯ୍ୟରେ ଗାଈମାନଙ୍କୁ ଗଣୁ ଗଣୁ କୌଣସି ପ୍ରେମୀ ସଖାର କାନ୍ଧରେ ହାତ ପକାଇଦିଅନ୍ତି ଓ ଭାବ ପ୍ରକାଶ କରି କରି ବଂଶୀ ବଜାଇ ଗୀତ ଗାଇବା ଆରମ୍ଭ କରିଦିଅନ୍ତି, ତେବେ ବଂଶୀର ସେହି ମଧୁର ମୂର୍ଚ୍ଛନାରେ ମୋହିତ ହୋଇ କୃଷ୍ଣସାର ମୃଗମାନଙ୍କର ପତ୍ନୀ ମୃଗୁଣୀମାନେ ମଧ୍ୟ ତାଙ୍କ ଚରଣରେ ଚିତ୍ତ ଲଗାଇଦିଅନ୍ତି ଏବଂ ଆମେ ଗୋପୀମାନେ ଯେପରି ଆମ ଘରଦ୍ୱାରର ମୋହ ଛାଡ଼ିଦେଇ ଗୁଣସାଗର ନଟନାଗର ନନ୍ଦନନ୍ଦନଙ୍କୁ ଘେରି ରହୁ, ସେମାନେ ବି ସେହିପରି ତାଙ୍କ ପାଖକୁ ଧାଇଁ ଆସନ୍ତି ଓ ତାଙ୍କୁ ଏକଲୟରେ ଘୋଟିରହନ୍ତି; ଆଉ ଘରକୁ ଫେରିବାର ନାଆଁ ବି ଧରନ୍ତି ନାହିଁ ।" ॥ ୧୮,୧୯ ॥

କୁନ୍ଦଦାମକୃତକୌତୁକବେଷୋ
ଗୋପଗୋଧନବୃତୋ ଯମୁନାୟାମ୍ ।
ନନ୍ଦସୂନୁରନଘେ ତବ ବହ୍ୱୋ
ନର୍ମଦଃ ପ୍ରଣୟିନାଂ ବିଜହାର ॥ ୨୦

ମନ୍ଦବାୟୁରୁପବାତ୍ୟନୁକୂଳଂ
ମାନୟନ୍ ମଳୟଜସ୍ପର୍ଶେନ ।
ବନ୍ଦିନସ୍ତମୁପଦେବଗଣା ଯେ
ବାଦ୍ୟଗୀତବଳିଭିଃ ପରିବବ୍ରୁଃ ॥ ୨୧

ବହ୍ୱଳୋ ବ୍ରଜଗବାଂ ଯଦଗଧ୍ରୋ
ବନ୍ଦ୍ୟମାନଚରଣଃ ପଥି ବୃଦ୍ଧୈଃ ।
କୃଷ୍ଣଗୋଧନମୁପୋହ୍ୟ ଦିନାନ୍ତେ
ଗୀତବେଣୁରନୁଗେଡ଼ିତକୀର୍ତ୍ତିଃ ॥ ୨୨

ଉତ୍ସବଂ ଶ୍ରମରୁଗ୍ୱପି ଦୃଶୀନା-
ମୁନ୍ନୟନ୍ ଖୁରରଜଶ୍ଛୁରିତସ୍ରକ୍ ।
ଦିତ୍ସୟେତି ସୁହୃଦାଶିଷ ଏଷ
ଦେବକୀଜଠରଭୂରୁଡୁରାଜଃ ॥ ୨୩

ମଦବିଘୂର୍ଣ୍ଣିତଲୋଚନ ଈଷନ୍-
ମାନଦଃ ସ୍ୱସୁହୃଦାଂ ବନମାଳୀ ।
ବଦରପାଣ୍ଡୁବଦନୋ ମୃଦୁଗଣ୍ଡଂ
ମଣ୍ଡୟନ୍ କନକକୁଣ୍ଡଳଲକ୍ଷ୍ମ୍ୟା ॥ ୨୪

(ଆଉ କେହି କହିଲା—) "ଆଗୋ ନନ୍ଦରାଣୀ ଯଶୋଦା ! ତୁମେ ସତରେ ବଡ଼ ପୁଣ୍ୟବତୀ । ସେଇଥିପାଇଁ ତ ତୁମକୁ ଏପରି ପୁତ୍ର ମିଳିଛନ୍ତି । ତୁମର ସେହି ଆଦରର ଧନଟି ସତରେ ଭାରି ସ୍ନେହଶୀଳ; ତାଙ୍କ ହୃଦୟ ଭାରି କୋମଳ । ସେ ତାଙ୍କର ପ୍ରିୟ ସଖାମାନଙ୍କୁ ନାନାପ୍ରକାର ହାସ-ପରିହାସ କରି ଖୁସୀ କରାନ୍ତି । ସେ ଯେତେବେଳେ କୁନ୍ଦମାଳ ପିନ୍ଧି ନିଜକୁ ବିଚିତ୍ର ବେଶରେ ସଜାଇ ଦିଅନ୍ତି ଏବଂ ଗୋପାଳବାଳକ ଓ ଗାଈମାନଙ୍କ ସହିତ ଯମୁନାତଟକୁ ଯାଇ ଖେଳିବାକୁ ଲାଗନ୍ତି, ସେତେବେଳେ ମଳୟଚନ୍ଦନ ସମାନ ଶୀତଳ ଓ ସୁଗନ୍ଧିତ ଅନୁକୂଳ ବାୟୁ ଧୀରେ ଧୀରେ ବହିଆସି ତୁମ ଆଦରର ଧନଙ୍କର ସେବା କରେ; ପୁଣି ଗନ୍ଧର୍ବ ଆଦି ଉପଦେବତାମାନେ ଯଶଗାନକାରୀଙ୍କ ପରି ଗାଇ-ବଜାଇ ତାଙ୍କୁ ସନ୍ତୁଷ୍ଟ କରନ୍ତି ଓ ତାଙ୍କୁ ନାନାପ୍ରକାର ଉପହାର ଦେଇ, ଘୂରିପଟୁ ଘେରିଯାଇ ତାଙ୍କର ସେବା କରନ୍ତି ।" ॥ ୨୦,୨୧ ॥

(ଅନ୍ୟ ଜଣେ କହିଲା—) "ଆଗୋ ସଖୀ ! ଶ୍ୟାମସୁନ୍ଦର ବ୍ରଜର ଗାଈମାନଙ୍କୁ ଭାରି ଭଲ ପାଆନ୍ତି । ସେଥିପାଇଁ ତ ସେ ଗୋବର୍ଦ୍ଧନ ଧାରଣ କରିଥିଲେ । ଏବେ ତ ସଞ୍ଜ ହୋଇଗଲାଣି; ବୋଧ ହୁଏ ସେ ଗାଈଗୋଠ ଧରି ବନରୁ ଫେରୁଥିବେ । କିନ୍ତୁ ଆଜି ଏତେ ଡେରି କଲେଣି କାହିଁକି, କେଜାଣି ! ତୁମେ ଜାଣିଛ କି ? ଆଗୋ ! ବାଟରେ ବ୍ରହ୍ମା ଆଦି ବୟୋବୃଦ୍ଧମାନେ ଓ ଶିବ ଆଦି ଜ୍ଞାନବୃଦ୍ଧମାନେ ତାଙ୍କର ଯେଉଁ ଚରଣ ବନ୍ଦନା କରନ୍ତି, ସେଥିପାଇଁ ବୋଧ ହୁଏ ଡେରି ହୋଇଯାଇଥିବ । ସେ ନିଶ୍ଚୟ ଗାଈଗୋଠ ପଛେ ପଛେ ବଂଶୀ ବଜାଇ ବଜାଇ ଆସୁଥିବେ । ଆମ ପିଲାମାନେ ତାଙ୍କର କୀର୍ତ୍ତି ଗାଇ ଗାଇ ଆସୁଥିବେ । ଆଗୋ ! ଦେଖ, ଦେଖ; ହେଇଟି ଆସିଗଲେଣି । ତାଙ୍କ ବନମାଳା ଉପରେ ଗୋଧୂଳି ଜମିଯାଇଛି । ଦିନସାରା ବଣରେ ବୁଲି ବୁଲି ହାଲିଆ ହୋଇଯାଇଛନ୍ତି । ତଥାପି, ତାଙ୍କର ଏ ଯେଉଁ ଶୋଭା, ଏହା ଆମ ଆଖିକୁ କେତେ ସୁଖ, କେତେ ଆନନ୍ଦ ନ ଦେଉଛି ସତେ ! ଦେଖ ଗୋ ! ଯଶୋଦାଙ୍କ ଗର୍ଭରୁ ଜନ୍ମ ହୋଇ ସମସ୍ତଙ୍କୁ ଆନନ୍ଦ ଦେଉଥିବା ଏହି ଚନ୍ଦ୍ରମା ଆମ ପରି ପ୍ରେମୀମାନଙ୍କ ଭଲ ପାଇଁ, ଆମର ଆଶା-ଅଭିଳାଷକୁ ପୂର୍ଣ୍ଣ କରିବା ପାଇଁ ଆମ ପାଖକୁ କିପରି ଘୁଲିଆସୁଛନ୍ତି, ଦେଖ !" ॥ ୨୨,୨୩ ॥

(ଅନ୍ୟ ଜଣେ କହିଲା—) "ସଖି ! ତାଙ୍କର ଶୋଭା କିପରି ହୋଇଛି, ଦେଖୁଛଟି ? ଈଷତ୍ ଲାଲିମାଯୁକ୍ତ ମଦୁଆଳା ଆଖି ଦୁଇଟି କେଡ଼େ ସୁନ୍ଦର ନ ଦିଶୁଛି ! ଗଳାରେ ଲମ୍ବିଛି ବନମାଳା । କାନରେ ଝୁଲୁଥିବା ସୁବର୍ଣ୍ଣ କୁଣ୍ଡଳର ଜାଲିରେ ତାଙ୍କର କୋମଳ ପାଣ୍ଡୁର ଗଣ୍ଡସ୍ଥଳ

ଯଦୁପତିର୍ଦ୍ୱିରଦରାଜବିହାରୋ
ଯାମିନୀପତିରିବୈଷ ଦିନାନ୍ତେ ।
ମୁଦିତବକ୍ତ୍ର ଉପଯାତି ତୁରନ୍ତଂ
ମୋଚୟନ୍ ବ୍ରଜଗବାଂ ଦିନତାପମ୍ ॥ ୨୫

ଦରପାଚିଲା ବରକୋଳିର କାନ୍ତି ପରି ଉଜ୍ଜ୍ୱଳ ଦିଶୁଛି। ପୁଣି ତାଙ୍କର ଅଙ୍ଗେ ଅଙ୍ଗେ—ବିଶେଷ କରି ତାଙ୍କର ପଦ୍ମମୁଖରେ ପ୍ରସନ୍ନତା ଫୁଟି ଉଠୁଛି। ଆହା ! ସେ ତାଙ୍କର ସଖାମାନଙ୍କୁ କେତେ ଭଲ ପାଉନାହାନ୍ତି ପତେ ! ଆଉ ଦେଖ, ଦେଖ ସଖି ! ସଜ ହେଜ ହେଉ, ବ୍ରଜବିଭୂଷଣ ଶ୍ରୀକୃଷ୍ଣ କିପରି ଗଜରାଜ ପରି ହଲି ହଲି ଆମରି ଆଡ଼କୁ ଗୁଲିଆସୁଛନ୍ତି, ଦେଖ। ବ୍ରଜର ଗାଈମାନଙ୍କର ତଥା ଆମମାନଙ୍କର ଦିନଯାକର ଅସହ୍ୟ ବିରହତାପକୁ ହରଣ କରିବା ନିମନ୍ତେ ଆମର ପ୍ରିୟ ଶ୍ୟାମସୁନ୍ଦର କିପରି ଉଦିତରନ୍ଦ୍ର ପରି ଆମ ପାଖକୁ ଗଲି ଆସୁଛନ୍ତି, ଦେଖ।'' ॥ ୨୪,୨୫ ॥

ଶ୍ରୀଶୁକ ଉବାଚ

ଏବଂ ବ୍ରଜସ୍ତ୍ରିୟୋ ରାଜନ୍ କୃଷ୍ଣଲୀଳା ନୁ ଗାୟତୀଃ ।
ରେମିରେଽହଃସୁ ତଚ୍ଚିତ୍ତାସ୍ତନ୍ମନସ୍କା ମହୋଦୟାଃ ॥ ୨୬

ଶ୍ରୀଶୁକଦେବ କହିଗ୍ଲିଲେ—ହେ ପରୀକ୍ଷିତ ! ସୌଭାଗିନୀ ଗୋପୀମାନଙ୍କର ମନ ସର୍ବଦା ଶ୍ରୀକୃଷ୍ଣଙ୍କ ପାରେ ଲାଗି ରହୁଥିଲା। ସେମାନେ କୃଷ୍ଣମୟ ହୋଇଯାଉଥିଲେ। ବିନରେ ଭଗବାନ ଶ୍ରୀକୃଷ୍ଣ ଗାଈ ଚରାଇବା ନିମନ୍ତେ ବନକୁ ଗୁଲିଗଲେ, ସେମାନେ ତାଙ୍କରି ଚିନ୍ତନ କରି କରି ଏବଂ ସଖୀମାନଙ୍କ ସହିତ ତାଙ୍କରି ଲୀଳା ଗାଇ ଗାଇ ସେଥିରେ ମଜ୍ଜି ଯାଉଥିଲେ। ଏପରିଭାବରେ ସେମାନଙ୍କର ଦିନ ବିତିଯାଉଥିଲା ॥ ୨୬ ॥

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ଦଶମସ୍କନ୍ଧେ ପୂର୍ବାର୍ଦ୍ଧେ ବୃନ୍ଦାବନକ୍ରୀଡ଼ାୟାଂ
ଗୋପିକାଯୁଗଳଗୀତଂ ନାମ ପଞ୍ଚତ୍ରିଂଶୋଽଧ୍ୟାୟଃ ॥ ୩୫ ॥

+++

ଅଥ ଷଟ୍‌ତ୍ରିଂଶୋଽଧ୍ୟାୟଃ

ଅରିଷ୍ଟାସୁର (ଷଣ୍ଢାସୁର) ଉଦ୍ଧାର ଓ ବ୍ରଜ ଯିବା ପାଇଁ ଅକ୍ରୂରଙ୍କୁ କଂସର ପ୍ରେରଣା

ଶ୍ରୀଶୁକ ଉବାଚ

ଅଥ ତର୍ହ୍ୟାଗତୋ ଗୋଷ୍ଠମରିଷ୍ଟୋ ବୃଷଭାସୁରଃ ।
ମହାଂ ମହାକକୁତ୍‌କାୟଃ କମ୍ପୟନ୍ ଖୁରବିକ୍ଷତାମ୍ ॥ ୧

ରମ୍ଭମାଣଃ ଖରତରଂ ପଦା ଚ ବିଲିଖନ୍ ମହୀମ୍ ।
ଉଦ୍ୟମ୍ୟ ପୁଚ୍ଛଂ ବପ୍ରାଣି ବିଷାଣାଗ୍ରେଣ ଗ୍ଲେଦ୍ଧରନ୍ ॥ ୨

କିଞ୍ଚିତ୍ କିଞ୍ଚିଦ୍ଧକୃତ୍‌ମୁଞ୍ଚନ୍ ମୂତ୍ରୟନ୍ ସ୍ତବ୍ଧଲୋଚନଃ ।
ଯସ୍ୟ ନିର୍ହ୍ରାଦିତେନାଙ୍ଗ ନିଷ୍ଠୁରେଣ ଗବାଂ ନୃଣାମ୍ ॥ ୩

ଶ୍ରୀଶୁକଦେବ କହିଗ୍ଲିଲେ—ହେ ପରୀକ୍ଷିତ ! ଭଗବାନ ଶ୍ରୀକୃଷ୍ଣ ବ୍ରଜରେ ପ୍ରବେଶ କରୁଛନ୍ତି, ସେଠାରେ ଆନନ୍ଦ-ଉତ୍ସବର ପରିବେଶ ଜମୁଛି, ଠିକ୍ ଏତିକିବେଳେ ଅରିଷ୍ଟାସୁର ନାମକ ଏକ ଦୈତ୍ୟ ଷଣ୍ଢରୂପ ଧରି ବ୍ରଜରେ ପଶିଗଲା। ବିରାଟକାୟ ଷଣ୍ଢ ହୋଇଥାଏ। ତା ପିଠିରେ ଥାଏ ମସ୍ତବଡ଼ ଚୂଳ (ହାକୁଡ଼)। ତାର ଖୁରା ଆଘାତରେ ପୃଥିବୀ ଥରି ଯାଉଥାଏ ॥ ୧ ॥ ଷଣ୍ଢଟା ବଡ଼ ଜୋରରେ ଗର୍ଜୁଥାଏ ଓ ଖୁରାରେ ଧୂଳି ଉଡ଼ାଉଥାଏ। ଲାଞ୍ଜ ଠିଆ କରିଦେଇ ତାର ବଡ଼ ବଡ଼ ଶିଙ୍ଗରେ ପାତିରାଜାଙ୍କ ଜଣ, ବିଲବାଡ଼ର ହିଡ଼ ଜଣ, ସବୁ ଖୋଳି ପକାଉଥାଏ ॥ ୨ ॥ ବାରମ୍ବାର ଟିକିଏ ଟିକିଏ ମୂତି ପକାଉଥାଏ ଏବଂ ଆଖି ତରାଟି ଏଣେତେଣେ ଧାଉଁଥାଏ। ହେ ପରୀକ୍ଷିତ ! ତାର ହାଙ୍କ ଉପରେ ହାଙ୍କ ଶୁଣି ସ୍ତ୍ରୀ-ପିଲାମାନେ ଭୟରେ ଥରିଲେ। ତିନିଘରି ମାସ ଗର୍ଭ ହୋଇଥିବା ଗାଈଙ୍କର ଓ

ପତନ୍ତ୍ୟକାଳତୋ ଗର୍ଭାଃ ସ୍ରବନ୍ତି ସ୍ମ ଭୟେନ ବୈ ।
ନିର୍ବିଶନ୍ତି ଘନା ଯସ୍ୟ କକୁଦ୍ୟଚଳଶଙ୍କୟା ॥ ୪

ତଂ ତାକ୍ଷ୍ଣଶୃଙ୍ଗମୁଦ୍‌ବୀକ୍ଷ୍ୟ ଗୋପ୍ୟୋ ଗୋପାଶ୍ଚ ତତ୍ରସୁଃ ।
ପଶବୋ ଦୁଦ୍ରୁବୁର୍ଭୀତା ରାଜନ୍ ସଂତ୍ୟଜ୍ୟ ଗୋକୁଳମ୍ ॥ ୫

କୃଷ୍ଣ କୃଷ୍ଣେତି ତେ ସର୍ବେ ଗୋବିନ୍ଦଂ ଶରଣଂ ଯଯୁଃ ।
ଭଗବାନପି ତଦ୍ ବୀକ୍ଷ୍ୟ ଗୋକୁଳଂ ଭୟବିହ୍ୱଲମ୍ ॥ ୬

ମା ଭୈଷ୍ଟେତି ଗିରାଽଽଶ୍ୱାସ୍ୟ ବୃଷାସୁରମୁପାହ୍ୱୟତ୍ ।
ଗୋପାଳୈଃ ପଶୁଭିର୍ମନ୍ଦ ତ୍ରାସିତୈଃ କିମସତ୍ତମ ॥ ୭

ବଳଦର୍ପହାହଂ ଦୁଷ୍ଟାନାଂ ତ୍ୱଦ୍‌ବିଧାନାଂ ଦୁରାତ୍ମନାମ୍ ।
ଇତ୍ୟାସ୍ଫୋଟ୍ୟାଚ୍ୟୁତୋଽରିଷ୍ଟଂ ତଳଶବ୍ଦେନ କୋପୟନ୍ ॥ ୮

ସଖ୍ୟୁରଂସେ ଭୁଜାଭୋଗଂ ପ୍ରସାର୍ଯ୍ୟାବସ୍ଥିତୋ ହରିଃ ।
ସୋଽପ୍ୟେବଂ କୋପିତୋଽରିଷ୍ଟଃ ଖୁରେଣାବନିମୁଲ୍ଲିଖନ୍ ।
ଉଦ୍ୟତ୍‌ପୁଚ୍ଛଭ୍ରମନ୍‌ମେଘଃ କୁର୍ବଃ କୃଷ୍ଣମୁପାଦ୍ରବତ୍ ॥ ୯

ଅଗ୍ରନ୍ୟସ୍ତବିଷାଣାଗ୍ରଃ ସ୍ତବ୍ଧାସୃଗ୍‌ଲୋଚନୋଽଚ୍ୟୁତମ୍ ।
କଟାକ୍ଷିପ୍ୟାଦ୍ରବତ୍ତୂର୍ଣ୍ଣମିନ୍ଦ୍ରମୁକ୍ତୋଽଶନିର୍ଯଥା ॥ ୧୦

ଗୃହୀତ୍ୱା ଶୃଙ୍ଗୟୋସ୍ତଂ ବା ଅଷ୍ଟାଦଶ ପଦାନି ସଃ ।
ପ୍ରତ୍ୟପୋବାହ ଭଗବାନ୍ ଗଜଃ ପ୍ରତିଗଜଂ ଯଥା ॥ ୧୧

ସୋଽପବିଦ୍ଧୋ ଭଗବତା ପୁନରୁତ୍ଥାୟ ସତ୍ୱରଃ ।
ଆପତତ୍ ସ୍ୱିନ୍ନସର୍ବାଙ୍ଗୋ ନିଃଶ୍ୱସନ୍ କ୍ରୋଧମୂର୍ଚ୍ଛିତଃ ॥ ୧୨

ନାରୀଙ୍କର ଗର୍ଭସ୍ରାବ ହୋଇଗଲା ଓ ପାଞ୍ଚଛଅ ମାସ ଗର୍ଭିଣୀ ପ୍ରାଣୀଙ୍କର ଗର୍ଭପାତ ହୋଇଗଲା । ଅନ୍ୟ କଥା ଛାଡ଼, ତାର ସେହି ବିରାଟ ବୁଳଟାକୁ ଗୋଟାଏ ପର୍ବତ ମଡେଇରି, ମେଘମାନେ ଆସି ତା'ଉପରେ ଲାଗି ଯାଉଥିଲେ ॥ ୩,୪ ॥ ହେ ପରୀକ୍ଷିତ ! ସେହି ବଡ଼ ବଡ଼ ମୁନିଆଁ ଶିଙ୍ଗ ଥିବା ଷଣ୍ଢଟାକୁ ଦେଖି ଗୋପା ଗୋପାଳ ସମସ୍ତେ ଭୟଭୀତ ହୋଇଗଲେ । ଗାଈ, ବଳଦ ଆଦି ଗୃହପାଳିତ ପଶୁମାନେ ତ ଏତେ ଡରିଗଲେ ଯେ, ରହୁଥିବା ସ୍ଥାନ ଛାଡ଼ି ଦୂରକୁ ଦୌଡ଼ି ପଳାଇଗଲେ ॥ ୫ ॥ ଏଭଳି ଅବସ୍ଥା ଦେଖି, ସବୁ ବ୍ରଜବାସୀ 'କୃଷ୍ଣ ! କୃଷ୍ଣ ! ଆମକୁ ଏ ବିପଦରୁ ରକ୍ଷା କର, ରକ୍ଷା କର !' ତାକ ଛାଡ଼ି ଭଗବାନ ଶ୍ରୀକୃଷ୍ଣଙ୍କ ଶରଣ ନେବାକୁ ଧାଇଁଲେ । ଭଗବାନ ଦେଖିଲେ, ସମଗ୍ର ଗୋକୁଳ ଅତ୍ୟନ୍ତ ଭୟାତୁର ହୋଇଗଲାଣି ॥ ୬ ॥ ତେଣୁ ସେ 'ଡରନି, ଡରନି !' କହି ସମସ୍ତଙ୍କୁ ସାହସ ଦେବା ପରେ ସେହି ଷଣ୍ଢାସୁରକୁ ଆହ୍ୱାନ ଦେଇ କହିଲେ, "ରେ ମୂର୍ଖ ! ରେ ମହାଦୁଷ୍ଟ ! ତୁ ଏ ଗାଈଗୋରୁ ଓ ଗଉଡ଼ଙ୍କୁ ବୃଥାରେ କାହିଁକି ଡରାଉଛୁ ? ଏଥିରୁ ତତେ କଣ ମିଳିବ ? ॥ ୭ ॥ ଆରେ ! ମତେ ଦେଖ । ତୋ'ପରି ଦୁଷ୍ଟର ଗର୍ବ ଖର୍ବ କରିବେବାକୁ ମୁଁ ଏଠି ଠିଆ ହୋଇଛି !" ଏପରି ଆହ୍ୱାନ ଦେଇ, ବାହୁସ୍ଫୋଟ ମାରି, ଷଣ୍ଢକୁ କ୍ରୋଧିତ କରିବା ନିମନ୍ତେ ଭଗବାନ ଜଣେ ସଖା ଜାନ୍ଧରେ ହାତ ପକାଇ ଠିଆ ହୋଇଗଲେ । ଭଗବାନଙ୍କର ଏପରି ଲଡେଇଡାକରା ଶୁଣି ସେହି ଷଣ୍ଢ କ୍ରୋଧରେ ଲାଲ୍ ହୋଇଗଲା ଏବଂ ଖୁରାରେ ଭୂଇଁ ତାଡ଼ି ଭୀଷଣ ବେଗରେ ଶ୍ରୀକୃଷ୍ଣଙ୍କ ଆଡ଼କୁ ମାଡ଼ି ଆସିଲା । ସେ ମାଡ଼ି ଆସିଲାବେଳେ ତାର ଲାଞ୍ଜଟା ଏପରି ଟେକିଦେଲା ଯେ, ସେହି ଲାଞ୍ଜରେ ବାଜି ଆକାଶର ମେଘଗୁଡ଼ାକ ମଧ୍ୟ ଇତସ୍ତତଃ ହୋଇଗଲେ ॥ ୮,୯ ॥ ଦୁଇ ଶିଙ୍ଗକୁ ଆଗକୁ ଦେଖାଇ, ଲାଲ ଲାଲ ଆଖି ତରାଟି, ଶ୍ରୀକୃଷ୍ଣଙ୍କୁ ବଙ୍କେଇ ବଙ୍କେଇ ଗୁହିଁ ସେ ଏତେ ଜୋର୍‌ରେ ମାଡ଼ି ଆସିଲା ଯେ, ତାହା ଦେଖି ମନେହେଲା, ଇନ୍ଦ୍ର ବଜ୍ର ଫେପଣ କରିଛନ୍ତି କି ! ॥ ୧୦ ॥ ସେ ଆସୁ ଆସୁ ଶ୍ରୀକୃଷ୍ଣ ତାର ଦୁଇ ଶିଙ୍ଗକୁ ଚଟ୍ କରି ଧରି ପକାଇଲେ ଏବଂ ହାତୀଲଢେଇ ବେଳେ ଏକ ହାତୀ ଆର ହାତୀକୁ ପଛକୁ ଠେଲିଦେଲା ପରି ସେ ସେହି ଷଣ୍ଢାସୁରକୁ ଏତେ ଜୋର୍‌ରେ ପଛକୁ ଠେଲିଦେଲେ ଯେ, ଅସୁରଟା ଅଠର ହାତ ଦୂରରେ ଯାଇ କଉଡ଼ି ହୋଇ ପଡ଼ିଲା ॥ ୧୧ ॥ ଏତେ ବଡ଼ ଠେଲା ଖାଇ ମଧ୍ୟ ସେହି ଷଣ୍ଢ ସଙ୍ଗେ ସଙ୍ଗେ ଉଠିପଡ଼ିଲା ଓ କ୍ରୋଧରେ ହତଜ୍ଞାନ ହୋଇ, ଘଂ ଘଂ ନିଃଶ୍ୱାସ ଛାଡ଼ି ପୁଣି ଥରେ ତାଙ୍କ ଆଡ଼କୁ ମାଡ଼ି ଆସିଲା । ସେତେବେଳକୁ ତା'ର ସାରା ଦେହଟା ଝାଳରେ ବୁଡ଼ିଯାଇଥାଏ ॥ ୧୨ ॥

ତମାପତନ୍ତଂ ସ ନିଗୃହ୍ୟ ଶୃଙ୍ଗୟୋଃ
ପଦା ସମାକ୍ରମ୍ୟ ନିପାତ୍ୟ ଭୂତଳେ ।
ନିଷ୍ପୀଡୟାମାସ ଯଥାଽଽର୍ଦ୍ରମମ୍ବରଂ
କୃତ୍ୱା ବିଷାଣେନ ଜଘାନ ସୋଽପତତ୍ ॥ ୧୩

ଅସୃଗ୍ ବମନ୍ ମୂତ୍ରଶକୃତ୍ ସମୁତ୍ସୃଜନ୍
କ୍ଷିପଂଶ୍ଚ ପାଦାନନବସ୍ଥିତେକ୍ଷଣଃ ।
ଜଗାମ କୃଚ୍ଛ୍ରଂ ନିର୍ଗତେରଥ କ୍ଷୟଂ
ପୁଷ୍ପୈଃ କିରନ୍ତୋ ହରିମୀଡିରେ ସୁରାଃ ॥ ୧୪

ଏବଂ କକୁନ୍ଦିନଂ ହତ୍ୱା ସ୍ତୂୟମାନଃ ସ୍ୱଜାତିଭିଃ ।
ବିବେଶ ଗୋଷ୍ଠଂ ସବଲୋ ଗୋପୀନାଂ ନୟନୋତ୍ସବଃ ॥ ୧୫

ଅରିଷ୍ଟେ ନିହତେ ଦୈତ୍ୟେ କୃଷ୍ଣେନାଦ୍ଭୁତକର୍ମିଣା ।
କଂସାୟାଥାହ ଭଗବାନ୍ ନାରଦୋ ଦେବଦର୍ଶନଃ ॥ ୧୬

ଯଶୋଦାୟାଃ ସୁତାଂ କନ୍ୟାଂ ଦେବକ୍ୟାଃ କୃଷ୍ଣମେବ ଚ ।
ରାମଂ ଚ ରୋହିଣୀପୁତ୍ରଂ ବସୁଦେବେନ ବିଭ୍ୟତା ॥ ୧୭

ନ୍ୟସ୍ତୌ ସ୍ୱମିତ୍ରେ ନନ୍ଦେ ବୈ ଯାଭ୍ୟାଂ ତେ ପୁରୁଷା ହତାଃ ।
ନିଶମ୍ୟ ତତ୍ ଭୋଜପତିଃ କୋପାତ୍ ପ୍ରଚଳିତେନ୍ଦ୍ରିୟଃ ॥ ୧୮

ନିଶାତମସିମାଦତ୍ତ ବସୁଦେବଜିଘାଂସୟା ।
ନିବାରିତୋ ନାରଦେନ ତତ୍ସୁତୌ ମୃତ୍ୟୁମାତ୍ମନଃ ॥ ୧୯

ଦୁଷ୍ଟଟା ପୁଣି ଥରେ ମାରିବାକୁ ଆସିଲାଣି ଦେଖି, ଶ୍ରୀକୃଷ୍ଣ ପୁଣି ଥରେ ତା ଶିଙ୍ଗ ଦୁଇଟା ଧରି ପକାଇଲେ ଏବଂ ତାକୁ ଲାତ ମାରି, ଭୂଇଁରେ ଗଡ଼ାଇଦେଇ ତା ପେଟ ଉପରେ ଚଢ଼ିଗଲେ । ସେ ତା ପେଟଟାକୁ ଏପରି ଚଳିଦେଲେ ଯେ, ଓଦାସରସର ଲୁଗାକୁ ବିପୁଡ଼ିଦେଲେ ସେଥିରୁ ଯେପରି ପାଣି ବାହାରି ପଡ଼େ, ଖଣ୍ଡ ମୁହଁବାଟେ ସେହିପରି ରକ୍ତ ଓ ମଳଦ୍ୱାରବାଟେ ପତଳା ଗୋବର ବାହାରି ପଡ଼ିଲା । ଶ୍ରୀକୃଷ୍ଣ ତାର ଶିଙ୍ଗ ଦୁଇଟା ଉପାଡ଼ି ପକାଇ ସେଥିରେ ତାକୁ ନିର୍ଘାତିଆ ଭାବରେ ପିଟିଲେ । ଖଣ୍ଡ ଆଉ ଉଠିବ କଣ, ସେଇଠି ପଡ଼ିରହିଲା ॥ ୧୩ ॥ ହେ ପରୀକ୍ଷିତ ! ସେହି ଦୈତ୍ୟ ରକ୍ତ ବାନ୍ତି କରି, ମଳମୂତ୍ର ତ୍ୟାଗ କରି ଛାଟିପିଟି ହେଲା । ତାର ଆଖିତୋଳା ଓଲଟି ପଡ଼ିଲା ଏବଂ ଭୀଷଣ କଷ୍ଟରେ ଛଟପଟ ହୋଇ ତାର ପ୍ରାଣ ବାହାରିଗଲା । ଆକାଶମାର୍ଗରେ ଏ ଦୃଶ୍ୟ ଦେଖୁଥିବା ଦେବତାମାନେ ଭଗବାନଙ୍କ ଉପରେ ପୁଷ୍ପବୃଷ୍ଟି କରି ତାଙ୍କର ସ୍ତୁତି ଗାନ କଲେ ॥ ୧୪ ॥ ଭଗବାନ ଏହିରୂପେ ବୃଷଭରୂପଧାରୀ ଅରିଷ୍ଟାସୁରକୁ ମାରିଦେବାରୁ ଗୋପାଳମାନେ ତାଙ୍କୁ ବହୁ ପ୍ରଶଂସା କଲେ । ପ୍ରଭୁ ଶ୍ରୀକୃଷ୍ଣ ବଳରାମଙ୍କ ସଙ୍ଗରେ ଗୋ-ଗୋଷ୍ଠରେ ପ୍ରବେଶ କଲେ ଏବଂ ତାଙ୍କୁ ଦେଖି ଗୋପୀମାନଙ୍କର ନୟନ ଆନନ୍ଦରେ ଉଲ୍ଲସିତ ହୋଇଉଠିଲା ॥ ୧୫ ॥

ହେ ପରୀକ୍ଷିତ ! ଭଗବାନଙ୍କର ଲୀଳା ବଡ଼ ଅଦ୍ଭୁତ । ପ୍ରଭୁ ଏପଟେ ଅରିଷ୍ଟାସୁରକୁ ମାରିଦେଲାବେଳକୁ, ସେପଟେ ଦୂରଦ୍ରଷ୍ଟା ନାରଦ, ଯେ କି ଲୋକଙ୍କୁ ଶୀଘ୍ର ଭଗବତ୍ ଦର୍ଶନ କରାଇବା କାମରେ ସର୍ବଦା ତତ୍ପର ରହନ୍ତି, ସେ ଯାଇ କଂସ ପାଖରେ ପହଞ୍ଚିଗଲେ । ସେ ତାକୁ କହିଲେ— ॥ ୧୬ ॥ "ଆହେ କଂସ ! ଯେଉଁ କନ୍ୟା ତୁମ ହାତରୁ ଖସି ଆକାଶକୁ ଗଲିଗଲା, ସେ ଥିଲା ଯଶୋଦାଙ୍କ କନ୍ୟା ଏବଂ ବ୍ରଜରେ ଯେଉଁ କୃଷ୍ଣ ଅଛନ୍ତି, ସେ ହିଁ ଦେବକୀର ପୁତ୍ର । ସେଠାରେ ଯେଉଁ ବଳରାମ ଅଛନ୍ତି, ସେ ରୋହିଣୀଙ୍କ ପୁତ୍ର । ତୁମ ଭୟରେ ବସୁଦେବ ସେହି ଦୁଇପୁଅଙ୍କୁ ନେଇ ତାଙ୍କ ମିତ୍ର ନନ୍ଦଙ୍କ ଘରେ ଛାଡ଼ିଦେଇ ଆସିଛନ୍ତି । ସେହିମାନେ ହିଁ ତୁମର ଅନୁଚର ଦୈତ୍ୟମାନଙ୍କୁ ବଧ କରୁଛନ୍ତି ।" ଏ କଥା ଶୁଣୁ ଶୁଣୁ ଭୋଜରାଜ କଂସର ସବୁ ଇନ୍ଦ୍ରିୟ କ୍ରୋଧରେ ପ୍ରକମ୍ପିତ ହୋଇଉଠିଲେ ॥ ୧୭, ୧୮ ॥ ବସୁଦେବଙ୍କୁ ମାରିଦେବା ନିମନ୍ତେ ସେ ସଙ୍ଗେ ସଙ୍ଗେ ତାର ତୀକ୍ଷ୍ଣ ତରବାରି ଧରି ପ୍ରସ୍ତୁତ ହୋଇଗଲା; କିନ୍ତୁ ନାରଦ ତାକୁ ଅଟକାଇ ଦେଲେ । ତଥାପି କଂସ ଯେତେବେଳେ ବୁଝିପାରିଲା

ଜ୍ଞାତ୍ୱା ଲୋହମୟୈଃ ପାଶୈର୍ବିବନ୍ଧ ସହ ଭାର୍ଯ୍ୟୟା ।
ପ୍ରତିଯାତେ ତୁ ଦେବଶ୍ରୌ କଂସ ଆଭାଷ୍ୟ କେଶିନମ୍ ॥ ୨୦

ପ୍ରେଷୟାମାସ ହନ୍ୟେତାଂ ଭବତା ରାମକେଶବୌ ।
ତତୋ ମୁଷ୍ଟିକଶୃଣୂରଶଳତୋଶଳକାଦିକାନ୍ ॥ ୨୧

ଅମାତ୍ୟାନ୍ ହସ୍ତିପାଂଶ୍ଚୈବ ସମାହୂୟାହ ଭୋଜରାଟ୍ ।
ଭୋ ଭୋ ନିଶମ୍ୟତାମେତଦ୍ ବୀରଶୃଣୂରମୁଷ୍ଟିକୌ ॥ ୨୨

ନନ୍ଦବ୍ରଜେ କିଳାସାତେ ସୁତାବାନକଦୁନ୍ଦୁଭେଃ ।
ରାମକୃଷ୍ଣୌ ତତୋ ମହ୍ୟଂ ମୃତ୍ୟୁଃ କିଳ ନିଦର୍ଶିତଃ ॥ ୨୩

ଭବद्भ्ୟାମିହ ସମ୍ପ୍ରାପ୍ତୌ ହନ୍ୟେତାଂ ମଲ୍ଲଲୀଳୟା ।
ମଞ୍ଚାଃ କ୍ରିୟନ୍ତାଂ ବିବିଧା ମଲ୍ଲରଙ୍ଗପରିଶ୍ରିତାଃ ।
ପୌରା ଜାନପଦାଃ ସର୍ବେ ପଶ୍ୟନ୍ତୁ ସ୍ୱୈରସଂଯୁଗମ୍ ॥ ୨୪

ମହାମାତ୍ର ତ୍ୱୟା ଭଦ୍ର ରଙ୍ଗଦ୍ୱାର୍ଯ୍ୟୁପନୀୟତାମ୍ ।
ଦ୍ୱିପଃ କୁବଳୟାପାଡୋ ଜହି ତେନ ମମାହିତୌ ॥ ୨୫

ଆରଭ୍ୟତାଂ ଧନୁର୍ଯାଗଶ୍ଚତୁର୍ଦଶ୍ୟାଂ ଯଥାବିଧି ।
ବିଶସନ୍ତୁ ପଶୂନ୍ ମେଧ୍ୟାନ୍ ଭୂତରାଜାୟ ମାଦୁଷେ ॥ ୨୬

ଇତ୍ୟାଜ୍ଞାପ୍ୟାର୍ଥିତନ୍ତ୍ୱଜ୍ଞ ଆହୂୟ ଯଦୁପୁଙ୍ଗବମ୍ ।
ଗୃହୀତ୍ୱା ପାଣିନା ପାଣିଂ ତତୋଽକ୍ରୂରମୁବାଚ ହ ॥ ୨୭

ଭୋ ଭୋ ଦାନପତେ ମହ୍ୟଂ କ୍ରିୟତାଂ ମୈତ୍ରମାଦୃତଃ ।
ନାନ୍ୟସ୍ତ୍ୱତ୍ତୋ ହିତତମୋ ବିଦ୍ୟତେ ଭୋଜବୃଷ୍ଣିଷୁ ॥ ୨୮

ଯେ, ବସୁଦେବଙ୍କ ପୁଅମାନେ ହିଁ ତା' ମୃତ୍ୟୁର କାରଣ, ଯେତେବେଳେ ସେ ଦେବକୀ ଓ ବସୁଦେବଙ୍କ ହାତରେ ଲୁହାର କଡ଼ି ଓ ଗୋଡ଼ରେ ବେଡ଼ି ପକାଇ ବନ୍ଦୀଶାଳା ଭିତରେ ପୁରାଇଦେଲା। ନାରଦ ଗଲିଯିବା ପରେ କଂସ କେଶୀ ନାମକ ଜଣେ ଦୈତ୍ୟକୁ ଡକାଇ କହିଲା, "ତୁ ବୃନ୍ଦାବନକୁ ଯାଇ ବଳରାମ ଓ କୃଷ୍ଣଙ୍କୁ ମାରିଦେ।" ଆଦେଶ ପାଇ କେଶୀ ଚାଲିଗଲା। ତା'ପରେ ମୁଷ୍ଟିକ, ଚାଣୂର, ଶଳ, ତୋଶଳ ଆଦି ମଲ୍ଲବନ୍ଧୁମାନଙ୍କୁ ଓ ହାତୀମାହୁନ୍ତକୁ ଡକାଇ କଂସ କହିଲା, "ବୀରବର ଚାଣୂର ଓ ମୁଷ୍ଟିକ ! ତୁମେ ଟିକିଏ ମନ ଦେଇ ମୋ କଥା ଶୁଣ ॥ ୧୯-୨୨ ॥ ବସୁଦେବଙ୍କର ଦୁଇ ପୁଅ ବଳରାମ ଓ କୃଷ୍ଣ ବ୍ରଜରେ ନନ୍ଦଙ୍କ ଘରେ ରହୁଛନ୍ତି। କୁହାଯାଉଛି ଯେ, ମୋର ମୃତ୍ୟୁ କାଳେ ସେମାନଙ୍କ ହାତରେ ହେବ ॥ ୨୩ ॥ ତେଣୁ ସେହି ଦୁଇଭାଇ ଏଠାକୁ ଆସିଲେ, ତୁମେମାନେ ସେମାନଙ୍କ ସହିତ ମଲ୍ଲଯୁଦ୍ଧ (କୁସ୍ତି) ଜରିବା ବାହାନାରେ ସେ ଦୁହିଁଙ୍କୁ ମାରିବେବ। ଏହି ଯୋଜନା ଅନୁସାରେ ମଞ୍ଚରେ କୁସ୍ତି କରିବା ପାଇଁ ସ୍ଥାନ ରଖି ତା'ଚାରିପାଖେ ଦର୍ଶକମାନେ ବସିବା ପାଇଁ ବିଭିନ୍ନ ପ୍ରକାର ମଞ୍ଚ ତିଆରି କରାଅ। ନଗରବାସୀମାନେ ଓ ଦେଶର ଅନ୍ୟ ସ୍ଥାନମାନଙ୍କରୁ ଆସିଥିବା ଲୋକେ ମଞ୍ଚରେ ବସି ମଲ୍ଲଯୁଦ୍ଧ ଦେଖନ୍ତୁ ॥ ୨୪ ॥ ଆରେ ମାହୁନ୍ତ ! ମୁଁ ଜାଣେ, ତୁ ବଡ଼ ଚତୁର। ମୋ କଥା ଶୁଣ। ମଲ୍ଲଯୁଦ୍ଧସ୍ଥାନ ଓ ମଞ୍ଚର ବାହାରେ ଫାଟକ ପାଖରେ ତୁ ଆମ କୁବଳୟାପୀଡ଼ ହାତୀକୁ ଠିଆ କରାଇବୁ। ମୋର ଶତ୍ରୁମାନେ ଭିତରକୁ ଆସିଲେ, ତୁ ହାତୀଦ୍ୱାରା ସେମାନଙ୍କୁ ମାରିଦେବୁ ॥ ୨୫ ॥ ଆସନ୍ତା ଚତୁର୍ଦ୍ଦଶୀ ଦିନ ଆମ ଏଠାରେ ବିଧିପୂର୍ବକ ଗୋଟିଏ ଧନୁର୍ଯଜ୍ଞ ଆୟୋଜନ କରାଯାଉ। ଯଜ୍ଞରେ ସଫଳତା ପାଇବାପାଇଁ ବରଦାତା ଭୂତନାଥ ଭୈରବଙ୍କୁ ବହୁସଂଖ୍ୟାରେ ବଳିଯୋଗ୍ୟ ପବିତ୍ର ପଶୁ ବଳି ଦିଆଯାଉ।" ॥ ୨୬ ॥

ହେ ପରୀକ୍ଷିତ ! କଂସ ତ କେବଳ ସ୍ୱାର୍ଥସାଧନର ଉପାୟ ଜାଣିଥିଲା; ତେଣୁ ସେ ମଲ୍ଲ, ମଲ୍ଲ ଓ ମାହୁନ୍ତଙ୍କୁ ଏପରି ଆଜ୍ଞା ଦେଇ ଯଦୁଶ୍ରେଷ୍ଠ ଅକ୍ରୂରଙ୍କୁ ଡକାଇଲା ଏବଂ ତାଙ୍କ ହାତ ଧରି, ତାଙ୍କୁ ଅତି ଆପଣାର କରି କହିଲା, ॥ ୨୭ ॥ "ଆହେ ଅକ୍ରୂର ! ଆପଣ ତ ବଡ଼ ଉଦାର ଓ ଦାନୀ; ପୁଣି ଆପଣ ସବୁଦୃଷ୍ଟିରୁ ମୋର ଆଦରଣୀୟ। ଆଜି ମୋ ପାଇଁ ଗୋଟିଏ ମିତ୍ରୋଚିତ କାର୍ଯ୍ୟ କରନ୍ତୁ। ମୁଁ ଆପଣଙ୍କୁ ଏପରି ଅନୁରୋଧ କରିବାର କାରଣ ଏହି ଯେ, ଭୋଜବଂଶୀ ଓ ବୃଷ୍ଣିବଂଶୀ ଯାଦବମାନଙ୍କ ମଧ୍ୟରେ ଆପଣଙ୍କ ପରୁ ବଳି ମୋର ଅନ୍ୟ କେହି ହିତାକାଙ୍କ୍ଷୀ ନାହାନ୍ତି ॥ ୨୮ ॥

ଅତସ୍ତ୍ୱାମାଶ୍ରିତଃ ସୌମ୍ୟ କାର୍ଯ୍ୟଗୌରବସାଧନମ୍ ।
ଯଥେନ୍ଦ୍ରୋ ବିଷ୍ଣୁମାଶ୍ରିତ୍ୟ ସ୍ୱାର୍ଥମଧ୍ୟଗମତ୍ ବିଭୁଃ ॥ ୨୯

ମୁଁ ଯେଉଁ କାମଟି କଥା କହୁଛି, ତାହା ଗୋଟିଏ ବଡ଼ କାମ । ତେଣୁ ହେ ମୋର ମିତ୍ର ! ଇନ୍ଦ୍ର ଯେପରି ସମର୍ଥ ହୋଇ ମଧ୍ୟ ବିଷ୍ଣୁଙ୍କ ଆଶ୍ରୟ ନେଇ ନିଜର ସ୍ୱାର୍ଥସାଧନ କରିଛି, ମୁଁ ସେହିପରି ଆପଣଙ୍କ ଆଶ୍ରୟ ନେଉଛି ॥ ୨୯ ॥

ଗଚ୍ଛ ନନ୍ଦବ୍ରଜଂ ତତ୍ର ସୁତାବାନକଦୁନ୍ଦୁଭେଃ ।
ଆସାତେ ତାବିହାନେନ ରଥେନାନୟ ମା ଚିରମ୍ ॥ ୩୦

ଆପଣ ନନ୍ଦରାଜାଙ୍କ ବ୍ରଜକୁ (ବୃନ୍ଦାବନକୁ) ଯାଆନ୍ତୁ । ସେଠାରେ ବସୁଦେବଙ୍କର ଦୁଇ ପୁଅ ଅଛନ୍ତି । ସେହି ଦୁଇ ଜଣଙ୍କୁ ରଥରେ ବସାଇ ଏଠାକୁ ନେଇଆସନ୍ତୁ । ଶୁଣନ୍ତୁ ; ଏ କାମରେ ଡେରି କରିବା ଉଚିତ ନୁହେଁ ॥ ୩୦ ॥

ନିସୃଷ୍ଟଃ କିଳ ମେ ମୃତ୍ୟୁର୍ଦେବୈର୍ବୈକୁଣ୍ଠସଂଶ୍ରୟୈଃ ।
ତାବାନୟ ସମଂ ଗୋପୈର୍ନନ୍ଦାଦ୍ୟୈଃ ସାଭ୍ୟୁପାୟନୈଃ ॥ ୩୧

ମୁଁ ଶୁଣିଛି, ବିଷ୍ଣୁଙ୍କୁ ଆଶ୍ରା କରି ଜୀବନ ଧରିଥିବା ଦେବତାମାନେ ସେହି ଦୁଇଜଣଙ୍କୁ (ବସୁଦେବଙ୍କ ଦୁଇ ପୁଅଙ୍କୁ) ମୋ ମୃତ୍ୟୁର କାରଣ ବୋଲି ନିର୍ଦ୍ଧାରିତ କରିଛନ୍ତି । ତେଣୁ ଆପଣ ଯାଇ ସେ ଦୁହିଙ୍କୁ ଯେମିତି ହେଲେ ଏଠାକୁ ନେଇଆସନ୍ତୁ ଏବଂ ଯଥେଷ୍ଟ ପରିମାଣର ଭଲ ଭଲ ଭେଟି ସାମଗ୍ରୀ ଘେନି ନନ୍ଦ ଆଦି ଗୋପାଳମାନେ ମଧ୍ୟ ଏଠାକୁ ଆସନ୍ତୁ ॥ ୩୧ ॥

ଘାତୟିଷ୍ୟ ଇହାନାତୌ କାଳକଳ୍ପେନ ହସ୍ତିନା ।
ଯଦି ମୁଚ୍ଚୌ ତତୋ ମଲ୍ଲୌର୍ଘାତୟେ ବୈଦ୍ୟୁତୋପମୈଃ ॥ ୩୨

ଏଠିକି ଆସିଗଲେ ମୁଁ ସେ ଦୁଇଭାଇଙ୍କୁ ମୋର କାଳସମାନ ବଳବାନ୍ କୁବଳୟାପୀଡ଼ ହାତୀଦ୍ୱାରା ମାରି ପକାଇବି । ଯଦି ସେମାନେ ହାତୀମୁହଁରୁ ବର୍ତ୍ତିଯିବେ, ତେବେ ମୁଁ ସେମାନଙ୍କୁ ବଜ୍ରସମାନ ବଳିଷ୍ଠ ଓ ଫୁର୍ତ୍ତି ମଲ୍ଲଯୋଦ୍ଧା ମୁଷ୍ଟିକ, ଗ୍ୱଣ୍ଟର ଆଦିଙ୍କ ଦ୍ୱାରା ମାରି ପକାଇବି ॥ ୩୨ ॥

ତୟୋର୍ନିହତୟୋସ୍ତସ୍ତାନ୍ ବସୁଦେବପୁରୋଗମାନ୍ ।
ତଦ୍ବନ୍ଧୂନ୍ ନିହନିଷ୍ୟାମି ବୃଷ୍ଣିଭୋଜଦଶାର୍ହକାନ୍ ॥ ୩୩

ସେ ଦୁଇଜଣ ମରିଗଲେ ସେମାନଙ୍କର ବସୁଦେବ ଆଦି ବୃଷ୍ଣିବଂଶୀ, ଭୋଜବଂଶୀ ଓ ଦଶାର୍ହବଂଶୀ ଭାଇବନ୍ଧୁ ଶୋକରେ ଭାଙ୍ଗିପଡ଼ିବେ । ସେତେବେଳେ ମୁଁ ସେମାନଙ୍କୁ ମୋ ନିଜ ହାତରେ ମାରି ପକାଇବି ॥ ୩୩ ॥

ଉଗ୍ରସେନଂ ଚ ପିତରଂ ସ୍ଥବିରଂ ରାଜ୍ୟକାମୁକମ୍ ।
ତଦ୍ଭ୍ରାତରଂ ଦେବକଂ ଚ ଯେ ଚାନ୍ୟେ ବିଦ୍ବିଷୋ ମମ ॥ ୩୪

ମୋ ବାପା ଉଗ୍ରସେନ ତ ବୁଢ଼ା ହୋଇଗଲାଣି; କିନ୍ତୁ ଏଯାଏ ତାର ରାଜ୍ୟଲୋଭ ଛାଡୁନି । ଆଉ କାମତକ ଆଗେ କରିଦେବା ପରେ ସେହି ବୁଢ଼ାଟାକୁ, ତା ଭାଇ ଦେବକକୁ ଏବଂ ମୋ ପ୍ରତି ଦ୍ୱେଷ କରୁଥିବା ବାକି ଯେତେସବୁ ଲୋକ ଅଛନ୍ତି, ସେମାନଙ୍କୁ ମୋ ତରବାରିରେ ନିଃଶେଷ କରିଦେବି ॥ ୩୪ ॥

ତତଶ୍ଚୈଷା ମହୀ ମିତ୍ର ଭବିତ୍ରୀ ନଷ୍ଟକଣ୍ଟକା ।
ଜରାସନ୍ଧୋ ମମ ଗୁରୁର୍ଦ୍ୱିବିଦୋ ଦୟିତଃ ସଖା ॥ ୩୫

ମିତ୍ର ଅକ୍ରୂର ! ତା'ପରେ ଦେଖିବେ, ରହିଥିବି ମୁଁ, ରହିଥିବେ ଆପଣ ଓ ରହିଥିବ ମୋର ଏହି ପୃଥିବୀରୂପୀ ନିଷ୍କଣ୍ଟକ ରାଜ୍ୟ । ପୁଣି ମୋର ଗୁରୁଜନ ଶ୍ୱଶୁର ଜରାସନ୍ଧ ଓ ମୋର ପ୍ରିୟ ସଖା ବାନରରାଜା ଦ୍ୱିବିଦ ମଧ୍ୟ ରହିଥିବେ ॥ ୩୫ ॥

ଶମ୍ବରୋ ନରକୋ ବାଣୋ ମଯ୍ୟେବ କୃତସୌହୃଦାଃ ।
ତୈରହଂ ସୁରପକ୍ଷୀୟାନ୍ ହତ୍ୱା ଭୋକ୍ଷ୍ୟେ ମହୀଂ ନୃପାନ୍ ॥ ୩୬

ଶମ୍ବରାସୁର, ନରକାସୁର ଓ ବାଣାସୁର ଆଦି ବୀରମାନେ ତ ମୋର ମିତ୍ର; ସେମାନେ ଖାଲି ମୋ ମୁହଁକୁ ଗ୍ରହିଁ ରହିଛନ୍ତି—ମୋ ମୁହଁ ଖୋଲିଲାମାତ୍ରେ, ସେମାନେ କାମ ଆରମ୍ଭ କରିଦେବେ । ସେମାନଙ୍କ ସାହାଯ୍ୟରେ ମୁଁ ଦେବତାଙ୍କ ପକ୍ଷପାତୀ ରାଜାମାନଙ୍କୁ ମାରି ନିଷ୍କଣ୍ଟକ ପୃଥିବୀ ଭୋଗ କରିବି ॥ ୩୬ ॥

ଏତଜ୍ଜ୍ଞାତ୍ୱାଽନୟ କ୍ଷିପ୍ରଂ ରାମକୃଷ୍ଣାବିହାର୍ଭକୌ ।
ଧନୁର୍ମଖନିରୀକ୍ଷାର୍ଥଂ ଦ୍ରଷ୍ଟୁଂ ଯଦୁପୁରଶ୍ରିୟମ୍ ॥ ୩୭

ଅକ୍ରୂର ଉବାଚ

ରାଜନ୍ ମନୀଷିତଂ ସମ୍ୟକ୍ ତବ ସ୍ୱାବଦ୍ୟମାର୍ଜନମ୍ ।
ସିଦ୍ଧ୍ୟସିଦ୍ଧ୍ୟୋଃ ସମଂ କୁର୍ଯ୍ୟାଦ୍ ଦୈବଂ ହି ଫଳସାଧନମ୍ ॥ ୩୮

ମନୋରଥାନ୍ କରୋତ୍ୟୁଚ୍ଚୈର୍ଜନୋ ଦୈବହତାନପି ।
ଯୁଜ୍ୟତେ ହର୍ଷଶୋକାଭ୍ୟାଂ ତଥାପ୍ୟାଜ୍ଞାଂ କରୋମି ତେ ॥ ୩୯

ଶ୍ରୀଶୁକ ଉବାଚ

ଏବମାଦିଶ୍ୟ ଗୁରୁରଂ ମନ୍ତ୍ରିଣଶ୍ଚ ବିସୃଜ୍ୟ ସଃ ।
ପ୍ରବିବେଶ ଗୃହଂ କଂସସ୍ତଥାକ୍ରୂରଃ ସ୍ୱମାଳୟମ୍ ॥ ୪୦

ଆପଣ ମୋ ନିଜଲୋକ ହୋଇଥିବାରୁ ଏସବୁ ଗୁପ୍ତ କଥା ମୁଁ ଆପଣଙ୍କୁ କହିଦେଲି । ଏଥର ଆପଣ ଯଥାଶୀଘ୍ର ଯାଇ କୃଷ୍ଣବଳରାମଙ୍କୁ ଏଠାକୁ ନେଇ ଆସନ୍ତୁ । ସେଗୁଡ଼ାକ ତ ନିତାନ୍ତ ଛୁଆ; ସେମାନଙ୍କୁ ମାରିଦେବାକୁ କେତେ ବା ସମୟ ଲାଗିବ ! କିନ୍ତୁ ଆପଣ ଯାଇ କେବଳ ଏତିକି କହିବେ ଯେ, ସେମାନେ ଆସି ଏଠାରେ ଧନୁର୍ଯଜ୍ଞ ଦେଖିବେ ଓ ଯଦୁବଂଶୀମାନଙ୍କର ରାଜଧାନୀ ମଥୁରାର ସୌନ୍ଦର୍ଯ୍ୟ ଦର୍ଶନ କରିବେ ।" ॥ ୩୭ ॥

ଅକ୍ରୂର କହିଲେ—"ମହାରାଜ ! ଆପଣ ଯେହେତୁ ଆପଣଙ୍କ ମୃତ୍ୟୁ ଓ ଅରିଷ୍ଟକୁ ଦୂର କରିବାକୁ ଚାହୁଁଛନ୍ତି, ତେଣୁ ଆପଣଙ୍କର ଏ ବିଗ୍ରହ ଠିକ୍ । ସଫଳତା ଆସୁ କି, ବିଫଳତା ଆସୁ, ଉଭୟ ପ୍ରତି ସମଭାବ ରଖି ନିଜର କାମ କରିବା ଉଚିତ; ଏହା ହିଁ ମନୁଷ୍ୟ ପକ୍ଷରେ କରଣୀୟ । ଫଳ ତ ଦୈବ ହାତର କଥା ॥ ୩୮ ॥ ମନୁଷ୍ୟ ତ ନିଜ ମନୋରଥର ବଡ଼ ବଡ଼ ଅଟ୍ଟାଳିକା ଗଢ଼େ; କିନ୍ତୁ ସେ ଜାଣି ନ ଥାଏ ଯେ, ଦୈବ ବା ପ୍ରାରବ୍ଧ ସେସବୁକୁ ପୂର୍ବରୁ ହିଁ ଭାଙ୍ଗି ଦେଇଛି । ତେଣୁ ମନୁଷ୍ୟର ପ୍ରଯତ୍ନ ପ୍ରାରବ୍ଧର ଅନୁକୂଳ ହେଲେ ତାହା ସଫଳ ହୁଏ; ଅନ୍ୟଥା ପ୍ରାରବ୍ଧର ପ୍ରତିକୂଳ ହେଲେ ବିଫଳ ହୋଇଯାଏ । ସଫଳତାରେ ମନୁଷ୍ୟ ଆନନ୍ଦିତ ହୁଏ ଏବଂ ବିଫଳତାରେ ଦୁଃଖିତ ହୋଇଯାଏ । ତଥାପି ମୁଁ ଆପଣଙ୍କ ଆଜ୍ଞା ପାଳନ କରିବି ।" ॥ ୩୯ ॥

ଶ୍ରୀଶୁକଦେବ କହିଲେ—କଂସ ତାର ମନ୍ତ୍ରୀମାନଙ୍କୁ ଓ ଅକ୍ରୂରଙ୍କୁ ଏପରି ଆଜ୍ଞା ଦେଇସାରି ବିଦା କରିଦେଲା । ତା'ପରେ ସେ ଆପଣା ମହଲକୁ ଚାଲିଗଲା ଓ ଅକ୍ରୂର ମଧ୍ୟ ନିଜ ଘରକୁ ଫେରିଗଲେ ॥ ୪୦ ॥

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ଦଶମସ୍କନ୍ଧେ ପୂର୍ବାର୍ଦ୍ଧେ ଅକ୍ରୂରସଂପ୍ରେଷଣଂ ନାମ ଷଟ୍‌ତ୍ରିଂଶୋଽଧ୍ୟାୟଃ ॥ ୩୬ ॥

+++

ଅଥ ସପ୍ତତ୍ରିଂଶୋଽଧ୍ୟାୟଃ

କେଶୀ ଓ ବ୍ୟୋମାସୁର ଉଦ୍ଧାର ତଥା ନାରଦଙ୍କ ଦ୍ୱାରା ଭଗବାନଙ୍କୁ ସ୍ତୁତି

ଶ୍ରୀଶୁକ ଉବାଚ

କେଶୀ ତୁ କଂସପ୍ରହିତଃ ଖୁରୈର୍ମହୀଂ
ମହାହୟୋ ନିର୍ଜରୟନ୍ ମନୋଜବଃ ।
ସଟାବଧୂତାଭ୍ରବିମାନସଙ୍କୁଳଂ
କୁର୍ବନ୍ ନଭୋ ହେଷିତଭୀଷିତାଖିଳଃ ॥ ୧

ଶ୍ରୀଶୁକଦେବ କହିଗଲିଲେ—ହେ ପରୀକ୍ଷିତ ! କଂସ ଯେଉଁ କେଶୀ ନାମକ ଦୈତ୍ୟକୁ ପଠାଇଥିଲା, ସେ ଏକ ବିରାଟକାୟ ଘୋଡ଼ାରୂପ ଧରି, ପବନବେଗରେ ବ୍ରଜକୁ ଧାଇଁଗଲା । ତା' ଟାପୁରେ ପୃଥିବୀ ଖୋଳି ହୋଇଯାଉଥାଏ । ତା ବେକର ଲମ୍ବା ଲମ୍ବା ବାଳଗୁଡ଼ାଇ ସଙ୍ଗେ ଧକ୍କା ଖାଇ ଆକାଶର ମେଘମାନେ ତଥା ଆକାଶରେ ଯାଉଥିବା ବିମାନ ସବୁ ଇତସ୍ତତଃ ହୋଇଯାଉଥାନ୍ତି ।

ବିଶାଳନେତ୍ରୋ ବିକଟାସ୍ୟକୋଟରୋ
ବୃହଦ୍ଗଳୋ ନୀଳମହାମ୍ବୁଦୋପମଃ ।
ହୁରାଶୟଃ କଂସହିତଂ ବିକାଙ୍କ୍ଷୁ-
ର୍ବ୍ରଜଂ ସ ନନ୍ଦସ୍ୟ ଜଗାମ କମ୍ପୟନ୍ ॥ ୨

ତଂ ତ୍ରାସୟନ୍ତଂ ଭଗବାନ୍ ସ୍ୱଗୋକୁଳଂ
ତଦ୍ଧେଷିତୈର୍ବାଳବିଘୂର୍ଣିତାମ୍ବୁଦମ୍ ।
ଆତ୍ମାନମାଜୌ ମୃଗୟନ୍ତମଗ୍ରଣା-
ରୁପାହ୍ୱୟତ୍ ସ ବ୍ୟନଦତ୍ମୃଗେନ୍ଦ୍ରବତ୍ ॥ ୩

ସ ତଂ ବିଶାମ୍ୟାଭିମୁଖୋ ମୁଖେନ ଖଂ
ପିବନ୍ନିବାଭ୍ୟଦ୍ରବଦତ୍ୟମର୍ଷିଣଃ ।
ଜଘାନ ପଦ୍ଭ୍ୟାମରବିନ୍ଦଲୋଚନଂ
ହୁରାସଦଶ୍ଚଞ୍ଚଳବୋ ହୁରତ୍ୟୟଃ ॥ ୪

ତଦ୍ ବଞ୍ଚୟିତ୍ୱା ତମଧୋକ୍ଷଜୋ ରୁଷା
ପ୍ରଗୃହ୍ୟ ଦୋର୍ଭ୍ୟାଂ ପରିବିଧ୍ୟ ପାଦୟୋଃ ।
ସାବଜ୍ଞମୁତ୍ସୃଜ୍ୟ ଧନୁଃଶତାନ୍ତରେ
ଯଥୋରଗଂ ତାର୍କ୍ଷ୍ୟସୁତୋ ବ୍ୟବସ୍ଥିତଃ ॥ ୫

ସ ଲବ୍ଧସଂଜ୍ଞଃ ପୁନରୁତ୍ଥିତୋ ରୁଷା
ବ୍ୟାଦାୟ କେଶା ତରସାଽପତଦ୍ଧରିମ୍ ।
ସୋଽପ୍ୟସ୍ୟ ବକ୍ତ୍ରେ ଭୁଜମୁତ୍ତରଂ ସ୍ମୟନ୍
ପ୍ରବେଶୟାମାସ ଯଥୋରଗଂ ବିଳେ ॥ ୬

ତାର ଭୟଙ୍କର ହ୍ରେଷାରବ (ଘୋଡ଼ାର ହେଁ ହେଁ ଶବ୍ଦ) ଶୁଣି ସମସ୍ତେ ଭୟରେ ଜମ୍ଭୁଥାନ୍ତି । ତାର ବିରାଟ ବିରାଟ ଆଖି ଓ ପର୍ବତକୋରଡ଼ ପରି ପାଟି ଦେଖି ଲୋକେ ଡରରେ ଛାଡିଆଁ ହୋଇଯାଉଥାନ୍ତି । ତାର ମୋଟା ବେକ ଓ ବିଶାଳ ଦେହଟା କଳାମେଘ ପରି ଭୟଙ୍କର ହୋଇଥାଏ । ସେ ଥିଲା ହୁରାଶୟ; ସେ ମନ୍ଦ ଉଦ୍ଦେଶ୍ୟରେ ବ୍ରଜକୁ ଧାଇଁଥିଲା । ସେ ଶ୍ରୀକୃଷ୍ଣଙ୍କୁ ମାରି ତାର ପ୍ରଭୁ କଂସର ହିତ କରିବାକୁ ଗ୍ରହୁଁଥିଲା । ତା ଗୁଲିରେ ଭୂମି ଜମ୍ପି ଉଠୁଥିଲା ॥ ୧,୨ ॥ ଭଗବାନ ଶ୍ରୀକୃଷ୍ଣ ଦେଖିଲେ ଯେ, ତାର ହ୍ରେଷାରବରେ ତାଙ୍କର ଆଶ୍ରୟରେ ରହିଥିବା ସମଗ୍ର ଗୋପପୁର ଭୟଭୀତ ହୋଇଗଲାଣି ଏବଂ ସେହି ଘୋଡ଼ାର ଲାଞ୍ଜବାଳରେ ଛାଟିହୋଇ ଆକାଶର ମେଘଗୁଡାକ ବି ଇତସ୍ତତଃ ହୋଇଯାଉଛନ୍ତି; ପୁଣି ତାଙ୍କ ସହିତ ଲଢ଼ିବାକୁ ସେ ତାଙ୍କୁ ଖୋଜିବୁଲୁଛି । ଏସବୁ ଦେଖି ସେ ଘୋଡ଼ାର ଆଗକୁ ଝପଟି ଆସିଲେ ଓ ସିଂହ ପରି ଗର୍ଜନ କରି ତାକୁ ଲଢ଼ିବାକୁ ଆହ୍ୱାନ ଦେଲେ ॥ ୩ ॥ ଭଗବାନ ଆସି ତା' ଆଗରେ ଠିଆ ହୋଇଯିବାରୁ ତାହା ଦେଖି ସେହି ଦୈତ୍ୟ ଆହୁରି ରାଗିଗଲା ଏବଂ ଏପରି ଆଁ କରି ତାଙ୍କ ଆଡ଼କୁ ଧାଇଁଗଲା ଯେ, ଦେଖି ମନେହେଲା, ସେ ଆକାଶଟାକୁ ଗିଳିଦେବ କି ! ହେ ପରୀକ୍ଷିତ ! କେଶୀର ବେଗ ସତରେ ବଡ଼ ପ୍ରଚଣ୍ଡ ଥିଲା । ତାକୁ ଜୟ କରିବା ଅତି ଦୁଃସାଧ୍ୟ ଥିଲା । ତାକୁ ଧରିବା ବି ସହଜ ନ ଥିଲା । ସେ ପଦ୍ମଲୋଚନ ଭଗବାନଙ୍କ ପାଖକୁ ଦୌଡ଼ିଆସି ତାଙ୍କୁ ପଛ ଦୁଇଗୋଡ଼ରେ ଲାତ ମାରିଦେଲା ॥ ୪ ॥ କିନ୍ତୁ ଭଗବାନ ନିଜକୁ ଟିକିଏ ଘୁଞ୍ଚାଇନେଇ ତା' ଲାତମାଡ଼କୁ ଅଜାମା କରିଦେଲେ । ଦୈତ୍ୟ କିପରି ବା ଇନ୍ଦ୍ରିୟାତୀତଙ୍କୁ ମାରିପାରନ୍ତା ! ବରଂ ଭଗବାନ ତା' ପଛ ଦୁଇଗୋଡ଼କୁ ଚଟ୍ କରି ଧରିପକାଇଲେ ଏବଂ ଗରୁଡ଼ ସାପକୁ ଧରି ଛାଟିଦେଲା ପରି ତାକୁ କ୍ରୋଧରେ ଘୂରାଇ ଘୂରାଇ ଏପରିଭାବରେ ଫୋପାଡ଼ିଦେଲେ ଯେ, ଏତେ ବଡ଼ ଘୋଡ଼ାଟା ଯାଇ ଶହେ ହାତ ଦୂରରେ ଜଗୁଡ଼ି ହୋଇ ତଳେ ପଡ଼ିଗଲା । ଘୋଡ଼ାକୁ ଫୋପାଡ଼ିଦେଇ ଭଗବାନ ସେଠାରେ ସ୍ୱାଭାବିକ ଢଙ୍ଗରେ ଠିଆ ହୋଇ ରହିଲେ ॥ ୫ ॥ କିଛି ସମୟ ପରେ କେଶୀର ଚେତା ଫେରିଲା; ସେ ଉଠି ଠିଆ ହୋଇଗଲା । ତା'ପରେ ସେ କ୍ରୋଧରେ ପାଟିଯାଇ, ଆଁ କରି ମହାବେଗରେ ଭଗବାନଙ୍କ ଆଡ଼କୁ ପୁଣି ଥରେ ମାଡ଼ିଆସିଲା । ସେ ଦୌଡ଼ି ଆସୁଥିବା ଦେଖି ଭଗବାନ ହସିଲେ ଏବଂ ଘୋଡ଼ା ଆସି ପାଖରେ ପହଞ୍ଚୁ ପହଞ୍ଚୁ, ସାପ ତାର ଗାତ ଭିତରେ ନିର୍ଭୟରେ ପଶିଗଲା ପରି, ଭଗବାନ ନିର୍ଭୟରେ ତା ପାଟି ଭିତରେ

ତତ୍ରା ନିପେତୁର୍ଭଗବଦ୍‌ଭୁଜସ୍ପୃଶ-
ଘ୍ରେ କେଶିନସ୍ତପ୍ତମୟଃସ୍ପୃଶୋ ଯଥା ।
ବାହୁଶ୍ଚ ତଦ୍‌ଦେହଗତୋ ମହାତ୍ମନୋ
ଯଥାଽମୟଃ ସଂବବୃଧେ ଉପେକ୍ଷିତଃ ॥ ୬

ସମେଧମାନେନ ସ କୃଷ୍ଣବାହୁନା
ନିରୁଦ୍ଧବାଯୁଶ୍ଚରଣାଂଶ୍ଚ ବିକ୍ଷିପନ୍ ।
ପ୍ରସ୍ବିନ୍ନଗାତ୍ରଃ ପରିବୃତ୍ତଲୋଚନଃ
ପପାତ ଲେଣ୍ଡଂ ବିସୃଜନ୍ କ୍ଷିତୌ ବ୍ୟସୁଃ ॥ ୮

ତଦ୍ଦେହତଃ କର୍କଟିକାଫଲୋପମାଦ୍
ବ୍ୟସୋରପାକୃଷ୍ୟ ଭୁଜଂ ମହାଭୁଜଃ ।
ଅବିସ୍ମିତୋଽୟତ୍ନହତାରିରୁତ୍ସ୍ମୟୈଃ
ପ୍ରସୂନବର୍ଷୈର୍ଦିବିଷଦ୍‌ଭିରୀଡିତଃ ॥ ୯

ଦେବର୍ଷିରୁପସଙ୍ଗମ୍ୟ ଭାଗବତପ୍ରବରୋ ନୃପ ।
କୃଷ୍ଣମକ୍ଲିଷ୍ଟକର୍ମାଣଂ ରହସ୍ୟେତଦଭାଷତ ॥ ୧୦

କୃଷ୍ଣ କୃଷ୍ଣାପ୍ରମେୟାତ୍ମନ୍ ଯୋଗେଶ ଜଗଦୀଶ୍ୱର ।
ବାସୁଦେବାଖିଳାବାସ ସାତ୍ୱତାଂ ପ୍ରବର ପ୍ରଭୋ ॥ ୧୧

ତ୍ୱମାତ୍ମା ସର୍ବଭୂତାନାମେକୋ ଜ୍ୟୋତିରିବୈଧସାମ୍ ।
ଗୂଢ଼ୋ ଗୁହାଶୟଃ ସାକ୍ଷୀ ମହାପୁରୁଷ ଈଶ୍ୱରଃ ॥ ୧୨

ନିଜର ବାଆଁ ହାତଟା ପୂରାଇଦେଲେ ॥ ୬ ॥ ହେ ପରୀକ୍ଷିତ ! ଭଗବାନଙ୍କର ଅତ୍ୟନ୍ତ କୋମଳ କରକମଳ ମଧ୍ୟ ଉତପ୍ତ ଲୌହ ପରି ହୋଇଗଲା । ତାଙ୍କ ହାତକୁ କାମୁଡ଼ିଦେବାକ୍ଷଣି କେଶୀର ଦାନ୍ତଗୁଡ଼ାକ ଝଡ଼ିପଡ଼ିଲା ଏବଂ ଜଳୋଦର ରୋଗକୁ ହେକା କଲେ ଯେପରି ତାହା ବିଶେଷଭାବରେ ବଢ଼ିଯାଏ, ଭଗବାନଙ୍କର ଭୁଜଦଣ୍ଡ ସେହିପରି ଘୋଡ଼ାର ମୁହଁ ଭିତରେ ହଠାତ୍ ଫୁଲିବାକୁ ଲାଗିଲା ॥ ୭ ॥ ଅଚିନ୍ତ୍ୟଶକ୍ତି ଭଗବାନଙ୍କର ହାତ ଘୋଡ଼ା ପାଟିଭିତରେ ଏପରି ଫୁଲିଗଲା ଯେ, ସେ ଆଉ ନିଃଶ୍ୱାସ ନେଇପାରିଲା ନାହିଁ । ତାର ଶ୍ୱାସନଳୀ ରୁଦ୍ଧ ହୋଇଗଲା ଓ ନିଃଶ୍ୱାସପ୍ରଶ୍ୱାସ ବନ୍ଦ ହୋଇଯିବାରୁ ଦୈତ୍ୟ ଯନ୍ତ୍ରଣାରେ ଛାଟିପିଟି ହେଲା । ତା'ର ସର୍ବାଙ୍ଗ ଝାଳରେ ଭିଜିଗଲା; ଆଖି ତୋଳା ଓଲଟି ପଡ଼ିଲା; ତାର ମଳମୂତ୍ର ବାହାରି ପଡ଼ିଲା । କିଛିକ୍ଷଣ ମଧ୍ୟରେ ତା ଦେହଟା ନିଶ୍ଚେଷ୍ଟ ହୋଇ ତଳେ ପଡ଼ିଗଲା ଓ ତାର ପ୍ରାଣବାୟୁ ଉଡ଼ିଗଲା ॥ ୮ ॥ ଦେହଟା ଅତିଶୟ ଫୁଲିଯାଇଥିବାରୁ ତଳେ ପଡୁ ପଡୁ ଫୁଟିଜାକୁଡ଼ି ପରି ଫାଟିଗଲା । ମହାବାହୁ ପ୍ରଭୁ ତା' ପାଟିରୁ ହାତ କାଢ଼ି ଆଣିଲେ । ଏଥିରେ ସେ ଲେଶମାତ୍ର ଆଶ୍ଚର୍ଯ୍ୟ ହେଲେ ନାହିଁ, କି ଗର୍ବ କଲେ ନାହିଁ । ବିନା ଚେଷ୍ଟାରେ ଶତ୍ରୁ ନାଶ ହୋଇଗଲା । ଦେବତାମାନେ ଏଥିରେ ବଡ଼ ବିସ୍ମିତ ହେଲେ । ସେମାନେ ଆନନ୍ଦରେ ଭଗବାନଙ୍କ ଉପରେ ପୁଷ୍ପ ବୃଷ୍ଟି କଲେ ଓ ତାଙ୍କର ସ୍ତୁତି ଗାଇବାକୁ ଲାଗିଲେ ॥ ୯ ॥

ହେ ପରୀକ୍ଷିତ ! ଦେବର୍ଷି ନାରଦ ହେଉଛନ୍ତି ଭଗବାନଙ୍କର ପରମପ୍ରେମୀ ଏବଂ ସକଳ ଜୀବଙ୍କର ପ୍ରକୃତ ହିତୈଷୀ । କଂସ ପାଖରୁ ଫେରିଆସି ସେ ଅନାୟାସରେ ଅଦ୍‌ଭୁତ କର୍ମ କରି ପାରୁଥିବା ଭଗବାନ ଶ୍ରୀକୃଷ୍ଣଙ୍କ ପାଖରେ ପହଞ୍ଚିଗଲେ ଏବଂ ତାଙ୍କୁ ଏକାନ୍ତରେ କହିଲେ— ॥ ୧୦ ॥ "ହେ ସଚ୍ଚିଦାନନ୍ଦସ୍ୱରୂପ ଶ୍ରୀକୃଷ୍ଣ ! ଆପଣଙ୍କ ସ୍ୱରୂପ ମନ ଓ ବାଣୀର ବିଷୟ ନୁହେଁ । ଆପଣ ହେଉଛନ୍ତି ଯୋଗେଶ୍ୱର ଓ ସକଳ ଜଗତର ନିୟନ୍ତ୍ରଣକାରୀ । ଆପଣ ସମସ୍ତଙ୍କ ହୃଦୟରେ ନିବାସ କରନ୍ତି ଏବଂ ସମସ୍ତେ ଆପଣଙ୍କ ହୃଦୟରେ ନିବାସ କରନ୍ତି । ଆପଣ ହେଉଛନ୍ତି ଭକ୍ତମାନଙ୍କର ଏକମାତ୍ର ଆଶ୍ରୟ, ଯଦୁବଂଶର ଶିରୋମଣି ଏବଂ ଆମର ସ୍ୱାମୀ ॥ ୧୧ ॥ ଅଗ୍ନି ଯେପରି ସବୁ କାଠ ଭିତରେ ବ୍ୟାପି ରହିଛି, ଏକମାତ୍ର ଆପଣ ସେହିପରି ସକଳ ପ୍ରାଣୀଙ୍କର ଆତ୍ମାରୂପରେ ରହିଛନ୍ତି । ଆତ୍ମାରୂପରେ ରହିଥିଲେ ମଧ୍ୟ ଆପଣ ନିଜକୁ ଲୁଗ୍‌ଇ ରଖନ୍ତି; ଆପଣ ସମସ୍ତଙ୍କ ଭିତରେ

ଆତ୍ମନାଽଽତ୍ମାଶ୍ରୟଃ ପୂର୍ବଂ ମାୟୟା ସସୃଜେ ଗୁଣାନ୍ ।
ତୈରିଦଂ ସତ୍ୟସଂକଳ୍ପଃ ସୃଜତ୍ୟବ୍ୟବସାଶ୍ୱରଃ ॥ ୧୩

ସ ତ୍ୱଂ ଭୂଧରଭୂତାନାଂ ଦୈତ୍ୟପ୍ରମଥରକ୍ଷସାମ୍ ।
ଅବତୀର୍ଣ୍ଣୋ ବିନାଶାୟ ସେତୂନାଂ ରକ୍ଷଣାୟ ଚ ॥ ୧୪

ବିଷ୍ଟ୍ୟା ତେ ନିହତୋ ଦୈତ୍ୟୋ ଲୀଳୟାୟଂ ହୟାକୃତିଃ ।
ଯସ୍ୟ ହେଷିତସଂତ୍ରସ୍ତାସ୍ତ୍ୟଜନ୍ତ୍ୟନିମିଷା ଦିବମ୍ ॥ ୧୫

ଚାଣୂରଂ ମୁଷ୍ଟିକଂ ଚୈବ ମଲ୍ଲାନନ୍ୟାଂଶ୍ଚ ହସ୍ତିନମ୍ ।
କଂସଂ ଚ ନିହତଂ ଦ୍ରକ୍ଷ୍ୟେ ପରଶ୍ୱୋଽହନି ତେ ବିଭୋ ॥ ୧୬

ତସ୍ୟାନୁ ଶଙ୍ଖଯବନମୁରାଣାଂ ନରକସ୍ୟ ଚ ।
ପାରିଜାତାପହରଣମିନ୍ଦ୍ରସ୍ୟ ଚ ପରାଜୟମ୍ ॥ ୧୭

ଉଦ୍ବାହଂ ବୀରକନ୍ୟାନାଂ ବୀର୍ଯ୍ୟଶୁଲ୍କାଦିଲକ୍ଷଣମ୍ ।
ନୃଗସ୍ୟ ମୋକ୍ଷଣଂ ପାପାଦ୍ ଦ୍ୱାରକାୟାଂ ଜଗତ୍ପତେ ॥ ୧୮

ସ୍ୟମନ୍ତକସ୍ୟ ଚ ମଣେରାଦାନଂ ସହ ଭାର୍ଯ୍ୟୟା ।
ମୃତପୁତ୍ରପ୍ରଦାନଂ ଚ ବ୍ରାହ୍ମଣସ୍ୟ ସ୍ୱଧାମତଃ ॥ ୧୯

ପୌଣ୍ଡ୍ରକସ୍ୟ ବଧଂ ପଶ୍ଚାତ୍ କାଶିପୁର୍ଯ୍ୟାଶ୍ଚ ଦାପନମ୍ ।
ଦନ୍ତବକ୍ରସ୍ୟ ନିଧନଂ ଚୈଦ୍ୟସ୍ୟ ଚ ମହାକ୍ରତୌ ॥ ୨୦

ଅନ୍ତର୍ଯାମୀରୂପେ ବିରାଜମାନ ହୋଇଛନ୍ତି। ତଥାପି ପୁରୁଷୋତ୍ତମରୂପରେ, ସମସ୍ତଙ୍କର ନିୟନ୍ତାରୂପରେ ଏବଂ ସମସ୍ତଙ୍କର ସାକ୍ଷୀରୂପରେ ଆପଣଙ୍କୁ ଅନୁଭବ କରିଛୁଏ ॥ ୧୨ ॥ ହେ ପ୍ରଭୁ ! ଆପଣ ହେଉଛନ୍ତି ସମସ୍ତଙ୍କର ଅଧିଷ୍ଠାନ ଓ ସ୍ୱୟଂ ଅଧିଷ୍ଠାନରହିତ। ସୃଷ୍ଟିର ଆରମ୍ଭରେ ଆପଣ ନିଜ ମାୟାବଳରେ ଗୁଣମାନଙ୍କୁ ସୃଷ୍ଟି କରିଛନ୍ତି ଏବଂ ସେହି ଗୁଣମାନଙ୍କୁ ଗ୍ରହଣ କରି ଆପଣ ଜଗତର ଉତ୍ପତ୍ତି, ସ୍ଥିତି ଓ ପ୍ରଳୟ ସଂଘଟିତ କରିଗୁଲିଥାନ୍ତି। ଏସବୁ କରିବା ନିମନ୍ତେ ଆପଣ ଆପଣଙ୍କ ଛଡ଼ା ଅନ୍ୟ କୌଣସି ବସ୍ତୁ କେଉଁଠୁ ଲୋଡ଼ନ୍ତି ନାହିଁ; କାରଣ ଆପଣ ହେଉଛନ୍ତି ସର୍ବଶକ୍ତିମାନ୍ ଓ ସତ୍ୟସଂକଳ୍ପ ॥ ୧୩ ॥ ଆଜିକାଲି ଯେଉଁ ଦୈତ୍ୟ, ପ୍ରମଥ ଓ ରାକ୍ଷସମାନେ ରାଜାବେଶ ଧରିଛନ୍ତି, ସେମାନଙ୍କୁ ବିନାଶ କରିବା ନିମନ୍ତେ ତଥା ଧର୍ମର ମର୍ଯ୍ୟାଦା ରକ୍ଷା କରିବା ନିମନ୍ତେ ହିଁ ଆପଣ ଯଦୁବଂଶରେ ଅବତୀର୍ଣ୍ଣ ହୋଇଛନ୍ତି ॥ ୧୪ ॥ ଅତ୍ୟନ୍ତ ଆନନ୍ଦର କଥା ଯେ, ଅଶ୍ୱରୂପରେ ଆସିଥିବା କେଶୀଦୈତ୍ୟକୁ ଆପଣ ଅନାୟାସରେ ମାରିଦେଲେ। ସେହି ଦୈତ୍ୟର ହ୍ରେଷାରବରେ ଡରି ଦେବତାମାନେ ସେମାନଙ୍କର ସ୍ୱର୍ଗ ଛାଡ଼ି ପଳାଇ ଯାଉଥିଲେ ॥ ୧୫ ॥

ହେ ପ୍ରଭୁ ! ପଅରିଦିନ ମୁଁ ଆପଣଙ୍କ ହାତରେ ଚାଣୂର, ମୁଷ୍ଟିକ ଓ ଅନ୍ୟାନ୍ୟ ମଲ୍ଲଯୋଦ୍ଧା ତଥା କୁବଳୟାପୀଡ଼ ହସ୍ତୀ ଓ ସ୍ୱୟଂ କଂସ ମରିବାର ଘଟଣା ଦେଖିବି ॥ ୧୬ ॥ ତା'ପରେ ଶଙ୍ଖାସୁର, କାଳଯବନ, ମୁର ଓ ନରକାସୁର ବଧ ଦେଖିବି। ଆପଣ ସ୍ୱର୍ଗରୁ ପାରିଜାତ ବୃକ୍ଷ ଉପାଡ଼ି ଆଣିବେ ଏବଂ ଇନ୍ଦ୍ର ଅସନ୍ତୋଷ ପ୍ରକାଶ କରି ପାଟିତୁଣ୍ଡ ଜଲେ ତାଙ୍କୁ ତାହାର ମଜା ଚଖାଇବେବେ ॥ ୧୭ ॥ ଆପଣ ନିଜର କୃପା, ବୀରତ୍ୱ ଓ ସୌନ୍ଦର୍ଯ୍ୟରୂପୀ ମୂଲ୍ୟ ଦେଇ ବୀରକନ୍ୟାମାନଙ୍କୁ ବିବାହ କରିବେ ଏବଂ ହେ ଜଗଦୀଶ୍ୱର ! ଆପଣ ଦ୍ୱାରକାରେ ଥିବା ସମୟରେ ରାଜା ନୃଗଙ୍କୁ ପାପରୁ ମୁକ୍ତ କରିବେ ॥ ୧୮ ॥ ଆପଣ ଜାମ୍ବବାନଙ୍କ ଠାରୁ ଜାମ୍ବବତୀଙ୍କ ସହିତ ସ୍ୟମନ୍ତକ ମଣି ମଧ୍ୟ ନେଇଆସିବେ ଏବଂ ଜଣେ ବ୍ରାହ୍ମଣଙ୍କ ମୃତପୁତ୍ରକୁ ଆପଣଙ୍କ ସ୍ୱଧାମରୁ ଫେରାଇଆଣି ତାଙ୍କୁ ଦେବେ ॥ ୧୯ ॥ ତା'ପରେ ଆପଣ ପୌଣ୍ଡ୍ରକ (ନକଲି ବାସୁଦେବ)କୁ ବଧ କରିବେ ଏବଂ କାଶୀପୁରୀକୁ ଜଳାଇଦେବେ। ପୁଣି ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞରେ ଚେଦିରାଜ ଶିଶୁପାଳକୁ ଏବଂ ସେଠାରୁ ଫେରିବା ସମୟରେ ତାର ମାଉସୀପୁଅ ଭାଇ ଦନ୍ତବକ୍ତ୍ରକୁ ବଧ

ଯାନି ଘ୍ନନ୍ୟାନି ବୀର୍ଯ୍ୟାଣି ଦ୍ୱାରକାମାବସନ୍ ଭବାନ୍ ।
କର୍ତ୍ତା ଦ୍ରକ୍ଷ୍ୟାମ୍ୟହଂ ତାନି ଗେୟାନି କବିଭିର୍ଭୁବି ॥ ୨୧

ଅଥ ତେ କାଳରୂପସ୍ୟ କ୍ଷପୟିଷ୍ଣୋରମୁଷ୍ୟ ବୈ ।
ଅକ୍ଷୌହିଣୀନାଂ ନିଧନଂ ଦ୍ରକ୍ଷ୍ୟାମ୍ୟର୍ଜୁନସାରଥେଃ ॥ ୨୨

ବିଶୁଦ୍ଧବିଜ୍ଞାନଘନଂ ସ୍ୱସଂସ୍ଥୟା
ସମାପ୍ତସର୍ବାର୍ଥମମୋଘବାଞ୍ଛିତମ୍ ।
ସ୍ୱତେଜସା ନିତ୍ୟନିବୃତ୍ତମାୟା-
ଗୁଣପ୍ରବାହଂ ଭଗବନ୍ତମୀମହି ॥ ୨୩

ତ୍ୱାମୀଶ୍ୱରଂ ସ୍ୱାଶ୍ରୟମାତ୍ମମାୟୟା
ବିନିର୍ମିତାଶେଷବିଶେଷକଳ୍ପନମ୍ ।
କ୍ରୀଡ଼ାର୍ଥମଦ୍ୟାତ୍ତମନୁଷ୍ୟବିଗ୍ରହଂ
ନତୋଽସ୍ମି ଧୁର୍ଯ୍ୟଂ ଯଦୁବୃଷ୍ଣିସାତ୍ୱତାମ୍ ॥ ୨୪

ଶ୍ରୀଶୁକ ଉବାଚ

ଏବଂ ଯଦୁପତିଂ କୃଷ୍ଣଂ ଭାଗବତପ୍ରବରୋ ମୁନିଃ ।
ପ୍ରଣିପତ୍ୟାଭ୍ୟନୁଜ୍ଞାତୋ ଯଯୌ ତଦ୍ଦର୍ଶନୋତ୍ସବଃ ॥ ୨୫

ଭଗବାନପି ଗୋବିନ୍ଦୋ ହତ୍ୱା କେଶିନମାହବେ ।
ପଶୂନପାଳୟତ୍ ପାଳୈଃ ପ୍ରୀତୈର୍ବ୍ରଜସୁଖାବହଃ ॥ ୨୬

ଏକଦା ତେ ପଶୂନ୍ ପାଳାଶ୍ଚାରୟନ୍ତୋଽଦ୍ରିସାନୁଷୁ ।
ଚକ୍ରୁର୍ନିଳାୟନକ୍ରୀଡ଼ାଶ୍ଚୌରପାଳାପଦେଶତଃ ॥ ୨୭

ତତ୍ରାସନ୍ କତିଚିଚ୍ଚୋରାଃ ପାଳାଶ୍ଚ କତିଚିନ୍ନୃପ ।
ମେଷାୟିତାଶ୍ଚ ତତ୍ରୈକେ ବିଜହ୍ରୁରକୁତୋଭୟାଃ ॥ ୨୮

ଜରିବେ ॥ ୨୦ ॥ ହେ ପ୍ରଭୁ ! ଦ୍ୱାରକାରେ ନିବାସ କରିବା ସମୟରେ ଆପଣ ଆହୁରି ବହୁ ପରାକ୍ରମ ଦେଖାଇବେ ଏବଂ ପୃଥିବୀର ବଡ଼ ବଡ଼ ଜ୍ଞାନୀ ଓ ପ୍ରତିଭାଶାଳୀ ପୁରୁଷ ଭବିଷ୍ୟତରେ ସେହିସବୁ ପରାକ୍ରମ ଗାନ କରିବେ । ତା'ପରେ ଆପଣ ପୃଥିବୀର ଭାର ଲାଘବ କରିବା ନିମନ୍ତେ କାଳରୂପରେ ଅର୍ଜୁନଙ୍କ ସାରଥି ହେବେ ଏବଂ ବହୁ ଅକ୍ଷୌହିଣୀ ସେନା ସଂହାର କରିବେ । ଏହିସବୁ ଘଟଣା ମୁଁ ମୋ ଆଖିରେ ଦେଖିବି ॥ ୨୨ ॥

ପ୍ରଭୋ ! ଆପଣ ହେଉଛନ୍ତି ବିଶୁଦ୍ଧ ବିଜ୍ଞାନଘନ । ଆପଣଙ୍କ ସ୍ୱରୂପରେ ଅନ୍ୟ କାହାର ଆଦୌ ଅସ୍ତିତ୍ୱ ନାହିଁ । ଆପଣ ନିତ୍ୟ ନିରନ୍ତର ନିଜର ପରମାନନ୍ଦସ୍ୱରୂପରେ ଅବସ୍ଥାନ କରନ୍ତି । ତେଣୁ ଆପଣଙ୍କୁ ସକଳ ପଦାର୍ଥ ନିତ୍ୟପ୍ରାପ୍ତ । ଆପଣଙ୍କ ସଙ୍କଳ୍ପ ଅମୋଘ । ଆପଣଙ୍କ ଚିନ୍ମୟୀ ଶକ୍ତି ସମ୍ମୁଖରେ ମାୟା ଓ ମାୟାରୁ ଜାତ ହୋଇଥିବା ଏହି ତ୍ରିଗୁଣମୟ ସଂସାରଚକ୍ରର କୌଣସି ସତ୍ତା ନାହିଁ । ଆପଣ ହେଉଛନ୍ତି ଅଖଣ୍ଡ, ଅଧିକାରୀ, ସଚ୍ଚିଦାନନ୍ଦସ୍ୱରୂପ ନିରତିଶୟ ଐଶ୍ୱର୍ଯ୍ୟସମ୍ପନ୍ନ ଭଗବାନ । ମୁଁ ଆପଣଙ୍କ ଶରଣ ନେଉଛି ॥ ୨୩ ॥ ଆପଣ ହେଉଛନ୍ତି ସବୁରି ଅନ୍ତର୍ଯାମୀ ଓ ନିୟନ୍ତା । ଆପଣ ସତ୍ୟ ଆତ୍ମସ୍ଥିତ ଓ ପରମ ସ୍ୱତନ୍ତ୍ର । ଜଗତ୍ ଓ ତାହାର ଅଶେଷ ବିବିଧତାର କଳ୍ପନା ହେଉଛି କେବଳ ଆପଣଙ୍କ ମାୟାର ରଚନା । ବର୍ତ୍ତମାନ ଆପଣ ନିଜର ଲୀଳା ବିସ୍ତାର କରିବା ନିମନ୍ତେ ମନୁଷ୍ୟ ପରି ତନୁ ଧାରଣ କରିଛନ୍ତି ଏବଂ ଆପଣ ଯଦୁ, ବୃଷ୍ଣି ଓ ସାତ୍ୱତବଂଶୀମାନଙ୍କର ମୁଖ୍ୟ ହୋଇଛନ୍ତି । ହେ ପ୍ରଭୁ ! ମୁଁ ଆପଣଙ୍କୁ ନମସ୍କାର କରୁଛି ।" ॥ ୨୪ ॥

ଶ୍ରୀଶୁକଦେବ କହିଗ୍ଭଲିଲେ—ହେ ପରୀକ୍ଷିତ ! ଭଗବାନଙ୍କର ପରମପ୍ରେମୀ ଭକ୍ତ ଦେବର୍ଷି ନାରଦ ଏପରିଭାବରେ ଭଗବାନଙ୍କୁ ସ୍ତୁତି କରି ପ୍ରଣାମ କଲେ । ଭଗବାନଙ୍କୁ ଦର୍ଶନ କରି ସେ ଏତେ ଆନନ୍ଦିତ ହୋଇଗଲେ ଯେ, ତାଙ୍କର ସର୍ବାଙ୍ଗ ଆନନ୍ଦରେ ଉତ୍‌ଫୁଲ୍ଲ ହୋଇଗଲା । ଶେଷରେ ପ୍ରଭୁଙ୍କର ଆଜ୍ଞା ପାଇ ସେ ଚାଲିଗଲେ ॥ ୨୫ ॥ ଭଗବାନ ଶ୍ରୀକୃଷ୍ଣ କେଶୀକୁ ବଧ କରିସାରି ତାହାଙ୍କର ପ୍ରେମୀ ଓ ପ୍ରସନ୍ନଚିତ୍ତ ଗୋପାଳବାଳକମାନଙ୍କ ସହିତ ପୂର୍ବ ପରି ଗାଈ ଚରାଇବା କାମରେ ଲାଗିଗଲେ ତଥା ବ୍ରଜବାସୀମାନଙ୍କୁ ପରମାନନ୍ଦ ବିତରଣ କଲେ ॥ ୨୬ ॥

ଦିନକର କଥା । ସବୁ ପିଲା ପାହାଡ଼ ଉପରେ ଗାଈ ଚରାଉଥାନ୍ତି; ସେମାନଙ୍କ ଭିତରୁ କେତେ ଜଣ ଚୋର-ସିପାହୀ ଖେଳରେ ମାତିଗଲେ ॥ ୨୭ ॥ କେତେଜଣ ଚୋର ହୋଇଥାନ୍ତି, ଆଉ କେତେଜଣ ସିପାହୀ ହୋଇଥାନ୍ତି ଏବଂ ଅନ୍ୟ କେତେଜଣ ମେଣ୍ଢା ହୋଇଥାନ୍ତି । ଏପରି ଭାବରେ ସମସ୍ତେ ନିର୍ଭୟରେ ଖେଳରେ ମାତି ଯାଇଥାନ୍ତି ॥ ୨୮ ॥

ମୟପୁତ୍ରୋ ମହାମାୟୋ ବ୍ୟୋମୋ ଗୋପାଳବେଷଧୃକ୍ ।
ମେଷାୟିତାନପୋବାହ ପ୍ରାୟଶ୍ଚୋରାୟିତୋ ବହୂନ୍ ॥ ୨୯

ଗିରିଦର୍ଯ୍ୟାଂ ବିନିକ୍ଷିପ୍ୟ ନୀତଂ ନୀତଂ ମହାସୁରଃ ।
ଶିଳୟା ପିଦଧେ ଦ୍ୱାରଂ ଚତୁଃପଞ୍ଚାବଶେଷିତାଃ ॥ ୩୦

ତସ୍ୟ ତତ୍ କର୍ମ ବିଜ୍ଞାୟ କୃଷ୍ଣଃ ଶରଣଦଃ ସତାମ୍ ।
ଗୋପାନ୍ ନୟନ୍ତଂ ଜଗ୍ରାହ ବୃକଂ ହରିରିବୌଜସା ॥ ୩୧

ସ ନିଜଂ ରୂପମାସ୍ଥାୟ ଗିରୀନ୍ଦ୍ରସଦୃଶଂ ବଳୀ ।
ଇଚ୍ଛନ୍ ବିମୋକ୍ଷୁମାତ୍ମାନଂ ନାଶକ୍ନୋତ୍ ଗ୍ରହଣାତୁରଃ ॥ ୩୨

ତଂ ନିଗୃହ୍ୟାଚ୍ୟୁତୋ ଦୋର୍ଭ୍ୟାଂ ପାତୟିତ୍ୱା ମହୀତଳେ ।
ପଶ୍ୟତାଂ ଦିବି ଦେବାନାଂ ପଶୁମାରମମାରୟତ୍ ॥ ୩୩

ଗୁହାପିଧାନଂ ନିର୍ଭିଦ୍ୟ ଗୋପାନ୍ ନିଃସାର୍ଯ୍ୟ କୃଚ୍ଛ୍ରତଃ ।
ସ୍ତୂୟମାନଃ ସୁରୈର୍ଗୋପୈଃ ପ୍ରବିବେଶ ସ୍ୱଗୋକୁଳମ୍ ॥ ୩୪

ଏତିକିବେଳେ ଜଣେ ଗଉଡ଼ର ବେଶ ଧରି ବ୍ୟୋମାସୁର ଆସି ସେଠାରେ ପହଞ୍ଚିଗଲା । ତା' ବାପା ମୟାସୁର ଥିଲା ମାୟାବୀମାନଙ୍କର ଗୁରୁ । ତେଣୁ ବ୍ୟୋମାସୁର ମଧ୍ୟ ବଡ଼ ମାୟାବୀ ଥିଲା । ସେ ଆସି ପିଲାଙ୍କ ଖେଳରେ ମିଶିଗଲା । ଖେଳ ଭିତରେ ସେ ବହୁତ ଥର 'ଗ୍ୱେର' ହେଲା ଏବଂ ଏପରି 'ଗ୍ୱେର' ହୋଇ 'ମେଣ୍ଢା' ହୋଇଥିବା ବହୁତ ପିଲାଙ୍କୁ ଗ୍ୱେରାଇ ନେଇ ଲୁଗୁଇ ଦେଉଥାଏ ॥ ୨୯ ॥ ସେହି ଦୁଷ୍ଟ ଅସୁର ଏପରିଭାବରେ ବହୁତ ପିଲାଙ୍କୁ ନେଇ, ଗୋଟିଏ ପର୍ବତଗୁମ୍ଫାରେ ଲୁଗୁଇ ଦେଉଥାଏ ଓ ଗୁମ୍ଫା ମୁହଁକୁ ଗୋଟିଏ ବଡ଼ ପଥରରେ ବନ୍ଦ କରି ଦେଉଥାଏ । ଏପରି ପିଲା ଗ୍ୱେରି କରି କରି ସେ ଏତେ ପିଲାଙ୍କୁ ନେଇଗଲା ଯେ, ଶେଷକୁ ମାତ୍ର ଘୁରିପାଞ୍ଚ ଜଣ ପିଲା ରହିଲେ ॥ ୩୦ ॥ ଭକ୍ତବତ୍ସଳ ଭଗବାନ ତାର ସେହି ଦୁଷ୍ଟତା ଜାଣିଗଲେ । ସେ ଆଉ ଗୋଟିଏ ପିଲାକୁ ନେଇ ପଳାଉ ଯାଉଥିବାବେଳେ, ମେଣ୍ଢାକୁ ସିଂହ ମାଡ଼ିବସିଲା ପରି ପ୍ରଭୁ ତାକୁ ମାଡ଼ି ବସିଲେ ॥ ୩୧ ॥ ବ୍ୟୋମାସୁର ଥିଲା ଭୀଷଣ ବଳବାନ୍ । ସେ ତାର ପାହାଡ଼ ଆକାରର ଅସଲରୂପକୁ ଆସିଯାଇ ଶ୍ରୀକୃଷ୍ଣଙ୍କ ହାତରୁ ଖସିଯିବାକୁ ଚେଷ୍ଟା କଲା । କିନ୍ତୁ ଭଗବାନ ତାକୁ ଏପରି ଖାପ ପକାଇ ଧରିଥାନ୍ତି ଯେ, ସେ ଖସି ଯାଇପାରିଲା ନାହିଁ ॥ ୩୨ ॥ ଭଗବାନ ତାକୁ ଦୁଇହାତରେ ଧରି ତଳେ ଜଗୁଡ଼ିଦେଲେ ଓ ତାକୁ ତଣ୍ଟି ଚିପି ମାରିଦେଲେ । ଦେବତାମାନେ ବିମାନରେ ବସି ତାଙ୍କର ଏହି ଲୀଳା ଦେଖୁଥିଲେ ॥ ୩୩ ॥ ଅସୁରକୁ ମାରିଦେଇ, ଭଗବାନ ଗୁମ୍ଫାମୁହଁରେ ଡଙ୍କା ଯାଇଥିବା ପଥରଟାକୁ ଜାଡ଼ିଦେଲେ ଓ ପିଲାମାନଙ୍କୁ ବିପଦରୁ ଉଦ୍ଧାର କଲେ । ଘଟଣା ଦେଖି ବଡ଼ ବଡ଼ ଦେବତାମାନେ ଓ ଗୋପାଳବାଳକମାନେ ତାଙ୍କୁ ସ୍ତୁତି କଲେ ଏବଂ ଭଗବାନ ବ୍ରଜକୁ ଫେରିଆସିଲେ ॥ ୩୪ ॥

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ଦଶମସ୍କନ୍ଧେ ପୂର୍ବାର୍ଦ୍ଧେ ବ୍ୟୋମାସୁରବଧୋ ନାମ ସପ୍ତତ୍ରିଂଶୋଽଧ୍ୟାୟଃ ॥ ୩୭ ॥

+++

ଅଥାଷ୍ଟାତ୍ରିଂଶୋଽଧ୍ୟାୟଃ

ଅକ୍ରୂରଙ୍କ ବ୍ରଜଯାତ୍ରା

ଶ୍ରୀଶୁକ ଉବାଚ

ଅକ୍ରୂରୋଽପି ଚ ତାଂ ରାତ୍ରିଂ ମଧୁପୁର୍ଯ୍ୟାଂ ମହାମତିଃ ।
ଉଷିତ୍ୱା ରଥମାସ୍ଥାୟ ପ୍ରଯଯୌ ନନ୍ଦଗୋକୁଳମ୍ ॥ ୧

ଶ୍ରୀଶୁକଦେବ କହିଗଲିଲେ—ହେ ପରୀକ୍ଷିତ ! ମହାମନା ଅକ୍ରୂର ରାତିଟି ମଥୁରାରେ କଟାଇ, ପକାଳୁ ପକାଳୁ ରଥରେ ବସି ନନ୍ଦଙ୍କ ଗୋକୁଳ ବା ବ୍ରଜ ଅଭିମୁଖେ

ଗଚ୍ଛନ୍ ପଥି ମହାଭାଗୋ ଭଗବତ୍ୟମୁଜେକ୍ଷଣେ ।
ଭକ୍ତିଂ ପରାମୁପଗତ ଏବମେତଦଚିନ୍ତୟତ୍ ॥ ୨

କିଂ ମୟାଽଽଚରିତଂ ଭଦ୍ରଂ କିଂ ତପ୍ତଂ ପରମଂ ତପଃ ।
କିଂ ବାଥାପ୍ୟର୍ହତେ ଦତ୍ତଂ ଯଦ୍ ଦ୍ରକ୍ଷ୍ୟାମ୍ୟଦ୍ୟ କେଶବମ୍ ॥ ୩

ମମୈତଦ୍ ଦୁର୍ଲଭଂ ମନ୍ୟ ଉତ୍ତମଶ୍ଲୋକଦର୍ଶନମ୍ ।
ବିଷୟାମୃନୋ ଯଥା ବ୍ରହ୍ମକୀର୍ତ୍ତନଂ ଶୂଦ୍ରଜନ୍ମନଃ ॥ ୪

ମୈବଂ ମମାଧମସ୍ୟାପି ସ୍ୟାଦେବାଚ୍ୟୁତଦର୍ଶନମ୍ ।
ହ୍ରିୟମାଣଃ କାଳନଦ୍ୟା କ୍ୱଚିତ୍ତରତି କଶ୍ଚନ ॥ ୫

ମମାଦ୍ୟାମଙ୍ଗଳଂ ନଷ୍ଟଂ ଫଳବାଂଶ୍ଚୈବ ମେ ଭବଃ ।
ଯନ୍ନମସ୍ୟେ ଭଗବତୋ ଯୋଗିଧ୍ୟେୟାଙ୍ଘ୍ରିପଙ୍କଜମ୍ ॥ ୬

କଂସୋ ବତାଦ୍ୟାକୃତ ମେଽତ୍ୟନୁଗ୍ରହଂ
ଦ୍ରକ୍ଷ୍ୟେଽଙ୍ଘ୍ରିପଦ୍ମଂ ପ୍ରହିତୋଽମୁନା ହରେଃ ।
କୃତାବତାରସ୍ୟ ଦୁରତ୍ୟୟଂ ତମଃ
ପୂର୍ବେଽତରନ୍ ଯନ୍ନଖମଣ୍ଡଳତ୍ୱିଷା ॥ ୭

ଯଦର୍ଚ୍ଚିତଂ ବ୍ରହ୍ମଭବାଦିଭିଃ ସୁରୈଃ
ଶ୍ରିୟା ଚ ଦେବ୍ୟା ମୁନିଭିଃ ସସାତ୍ୱତୈଃ ।
ଗୋଗ୍ରହଣାୟାନୁଚରୈଶ୍ଚରଦ୍ବନେ
ଯତ୍ ଗୋପିକାନାଂ କୁଚକୁଙ୍କୁମାଙ୍କିତମ୍ ॥ ୮

ବାହାରିପଡ଼ିଲେ ॥ ୧ ॥ ବ୍ରଜକୁ ଯାତ୍ରା କରିବା ସମୟରେ ବାଟରେ ପରମଭାଗ୍ୟବାନ୍ ଅକ୍ରୂରଙ୍କର ମନପ୍ରାଣ ଜମଳନୟନ ଭଗବାନ ଶ୍ରୀକୃଷ୍ଣଙ୍କର ପରମ ପ୍ରେମମୟୀ ଭକ୍ତିରେ ପରିପୂର୍ଣ୍ଣ ହୋଇଗଲା । ସେ ମନେ ମନେ ଭାବିଲେ, ॥ ୨ ॥ "ମୁଁ ଏପରି କେଉଁ ଶୁଭକର୍ମ କରିଥିଲି, କେଉଁ ଶ୍ରେଷ୍ଠ ତପସ୍ୟା କରିଥିଲି, କେଉଁ ସତ୍‌ପାତ୍ରରେ କି ମହତ୍ ଦାନ କରିଥିଲି ଯେ, ତାହାର ଫଳସ୍ୱରୂପ ଆଜି ମୁଁ ଭଗବାନ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରିବି ! ॥ ୩ ॥ ମୁଁ ତ ବଡ଼ ବିଷୟୀ । ମୁଁ କଣ ସତରେ ତାଙ୍କ ଦର୍ଶନ ପାଇବି ? ବଡ଼ ବଡ଼ ପାଣ୍ଡିକ ପୁରୁଷ ମଧ୍ୟ ଯାହାଙ୍କର ଗୁଣ କୀର୍ତ୍ତନ କରି କରି ସୁଦ୍ଧା ଦର୍ଶନ ଲାଭ କରିପାରନ୍ତି ନାହିଁ, ମୋ ପକ୍ଷରେ ତ ତାଙ୍କର ଦର୍ଶନ, ଶୂଦ୍ରବାଳକ ପକ୍ଷରେ ବେଦ-ଜୀର୍ତ୍ତନ ଦୁର୍ଲଭ ହେଲା ପରି ଅତ୍ୟନ୍ତ ଦୁର୍ଲଭ ॥ ୪ ॥ ଆହା! ମୋତେ ଶ୍ରୀକୃଷ୍ଣଙ୍କ ଦର୍ଶନ ନିଶ୍ଚୟ ମିଳିବ; କାରଣ ନଈପୁଅରେ ଭାସୁଥିବା କାଠିକୁଟା ଯେପରି ବେଳେ ବେଳେ ଏ କୂଳରୁ ଯାଇ ଆର କୂଳରେ ଲାଗିଯାଏ, ସମୟର ପ୍ରବାହରେ ଠିକ୍ ସେହିପରି କେହି କେହି କେବେ କେବେ ସଂସାରସାଗରକୁ ପାରି ବି ହୋଇଯାଆନ୍ତି ॥ ୫ ॥ ଆଜି ମୋର ସକଳ ଅଶୁଭ ନିଶ୍ଚିତରୂପେ ନଷ୍ଟ ହୋଇଗଲା । ଆଜି ମୋର ଜନ୍ମ ସଫଳ ହୋଇଗଲା । କାରଣ, ଆଜି ମୁଁ ଭଗବାନଙ୍କର ସେହି ପାଦପଦ୍ମରେ ସାକ୍ଷାତ୍ ପ୍ରଣାମ କରିବି, ଯାହା କି ବଡ଼ ବଡ଼ ଯୋଗୀଯତିମାନେ ମଧ୍ୟ କେବଳ ଧ୍ୟାନରେ ହିଁ କରିପାରନ୍ତି ॥ ୬ ॥ ଆହା ! କଂସ ସତରେ ଆଜି ମୋତେ ବଡ଼ କୃପା କଲା ! ସେହି କଂସ ପଠାଇବାରୁ ସିନା ମୁଁ ଏହି ବ୍ରଜଧାମରେ ଅବତୀର୍ଣ୍ଣ ହୋଇଥିବା ସ୍ୱୟଂ ଭଗବାନଙ୍କର ପାଦପଙ୍କଜର ଦର୍ଶନ ପାଇବି । ଯାହାଙ୍କ ନଖଜ୍ୟୋତିକୁ ଧ୍ୟାନ କରି ଆଦିକାଳରେ ଋଷିମହର୍ଷିମାନେ ଅଜ୍ଞାନରୂପୀ ଅନ୍ଧକାରକୁ ପାରି ହୋଇଯାଇଥିଲେ, ବର୍ତ୍ତମାନ ସେହି ଭଗବାନ ସ୍ୱୟଂ ଅବତାର ଗ୍ରହଣ କରିଛନ୍ତି ॥ ୭ ॥ ବ୍ରହ୍ମା, ଶିବ, ଇନ୍ଦ୍ର, ଆଦି ବଡ଼ ବଡ଼ ଦେବତା ଯେଉଁ ପଦାରବିନ୍ଦଯୁଗଳର ଉପାସନା କରୁଛନ୍ତି, ସ୍ୱୟଂ ଭଗବତୀ ଲକ୍ଷ୍ମୀ ଗୋଟିଏ କ୍ଷଣ ମଧ୍ୟ ଯାହାର ସେବା ଛାଡ଼ନ୍ତି ନାହିଁ, ପ୍ରେମୀ ଭକ୍ତମାନଙ୍କ ସହିତ ବଡ଼ ବଡ଼ ଜ୍ଞାନୀ ମଧ୍ୟ ଯାହାର ଆରାଧନାରେ ସଂଲଗ୍ନ ରହନ୍ତି, ଭଗବାନଙ୍କର ଯେଉଁ ପାଦଯୁଗଳ ଗୋଗ୍ରହଣ କରିବା ନିମନ୍ତେ ଗୋପାଳବାଳକମାନଙ୍କ ସହିତ ବନରେ ବିଚରଣ କରେ, ପୁଣି ଯେଉଁ ସୁରମୁନିବନ୍ଦିତ ଶ୍ରୀଚରଣ ଗୋପୀମାନଙ୍କର ବକ୍ଷଃସ୍ଥଳରେ ଲାଗିଥିବା କେଶରରେ ରଞ୍ଜିତ ହୋଇଯାଏ, ମୁଁ ନିଶ୍ଚୟ ସେହି ଚରଣଯୁଗଳର ଦର୍ଶନ ପାଇବି । ଯେଉଁ

ଦ୍ରକ୍ଷ୍ୟାମି ନୂନଂ ସୁକପୋଳନାସିକଂ
ସ୍ମିତାବଲୋକାରୁଣକଞ୍ଜଲୋଚନମ୍ ।
ମୁଖଂ ମୁକୁନ୍ଦସ୍ୟ ଗୁଡାଳକାବୃତଂ
ପ୍ରଦକ୍ଷିଣଂ ମେ ପ୍ରଚରନ୍ତି ବୈ ମୃଗାଃ ॥ ୯

ପ୍ରଭୁଙ୍କର କପୋଳ ମରକତମଣି ସଦୃଶ ସୁସ୍ନିଗ୍ଧ ଓ କାନ୍ତିମାନ୍, ଯାହାଙ୍କର ନାସା ଶୁଆନାଳ ପରି ସୁନ୍ଦର, ଯାହାଙ୍କ ଓଷ୍ଠରୁ ମନ୍ଦ ମନ୍ଦ ମୃଦୁହାସ ଝରିପଡ଼େ, ଯାହାଙ୍କର କମଳଠାରୁ ବି ଅଧିକ କୋମଳ ରକ୍ତାଭ ଲୋଚନରେ ସର୍ବଦା ପ୍ରେମଭରା କଟାକ୍ଷ ଖେଳୁଥାଏ ଓ ଯାହାଙ୍କ କପୋଳରେ କୁଞ୍ଚିତ ଅଳକାବଳି ଝୁଲୁଥାଏ, ମୁଁ ଆଜି ସେହି ପ୍ରେମ ଓ ମୁକ୍ତିର ପରମଦାତା ମୁକୁନ୍ଦଙ୍କର ମୁଖକମଳ ନିଶ୍ଚୟ ଦର୍ଶନ କରିବି; କାରଣ ମୋ ଜାହାଣ ପଟେ ହରିଣସବୁ ଯା'ଆସ କରୁଛନ୍ତି (ଏହା ଶୁଭ ଲକ୍ଷଣ ।) ॥ ୮,୯ ॥ ଭଗବାନ ବିଷ୍ଣୁ ପୃଥିବୀର ଭାର ହରଣ କରିବା ନିମନ୍ତେ ସ୍ୱେଚ୍ଛାରେ ମାନବୀୟ ଲୀଳା କରୁଛନ୍ତି । ସେ ତ ହେଉଛନ୍ତି ସକଳ ଲାବଣ୍ୟର ଧାମ; ପୁଣି ସୌନ୍ଦର୍ଯ୍ୟର ମୂର୍ତ୍ତିମାନ୍ ନିଧି । ଆହା ! ଆଜି ମୋତେ ତାଙ୍କର ଦର୍ଶନ ମିଳିବ । ନିଶ୍ଚିତ ମିଳିବ । ଆଜି ମୋତେ ଆଖି ପାଇଥିବାର ଫଳ ସହଜରେ ମିଳିଯିବ ॥ ୧୦ ॥

ଅପ୍ୟଦ୍ୟ ବିଷ୍ଣୋର୍ମନୁଜତ୍ୱମାୟୁଷୋ
ଭାରାବତାରାୟ ଭୁବୋ ନିଜେଚ୍ଛୟା ।
ଲାବଣ୍ୟଧାମ୍ନୋ ଭବିତୋପଲମ୍ଭନଂ
ମହ୍ୟଂ ନ ନ ସ୍ୟାତ୍ ଫଳମଞ୍ଜସା ଦୃଶଃ ॥ ୧୦

ଭଗବାନ ହେଉଛନ୍ତି ଏହି କାର୍ଯ୍ୟକାରଣରୂପୀ ଜଗତର ଦ୍ରଷ୍ଟା; ଏପରି ହୋଇ ମଧ୍ୟ ତାଙ୍କୁ ଦ୍ରଷ୍ଟାପଣର ଅଭିମାନ ଆଦୌ ଛୁଇଁ ପାରିନାହିଁ । ଭେଦଭାବ ହେଉଛି ଅଜ୍ଞାନର ମୂଳକାରଣ; କିନ୍ତୁ ଭଗବାନଙ୍କର ବିନ୍ଦୁଯା ଶକ୍ତିର ପ୍ରଭାବରେ ଅଜ୍ଞାନ ସହିତ ସେହି ଭେଦଭାବ ତାଙ୍କ ପାଖରେ ପ୍ରବେଶ କରିପାରେନା । ସେ ନିଜର ଯୋଗମାୟାବଳରେ ଆଖି ପିନ୍ଧୁଳାକେ ସ୍ୱତଃ ପ୍ରାଣ, ଇନ୍ଦ୍ରିୟ, ବୁଦ୍ଧି ଆଦି ସମେତ ନିଜ ସ୍ୱରୂପଭୂତ ଜୀବମାନଙ୍କୁ ରଚନା କରିଦିଅନ୍ତି ତଥା ସେମାନଙ୍କ ସଙ୍ଗରେ ବୃନ୍ଦାବନର ନାନା କୁଞ୍ଜରେ ଓ ଗୋପୀମାନଙ୍କ ଘରେ ବିଭିନ୍ନ ଲୀଳା କରୁଥିବା ପରି ପ୍ରତୀୟମାନ ହୁଅନ୍ତି ॥ ୧୧ ॥ ତାଙ୍କର ଗୁଣ, କର୍ମ ଓ ବିଭିନ୍ନ ଲୀଳା ହେଉଛି ପରମ ମଙ୍ଗଳମୟ ଓ ସକଳ ପାପ ବିନାଶକ । ତାଙ୍କର ଗୁଣ, କର୍ମ ଓ ଲୀଳା ବର୍ଣ୍ଣନା କରୁଥିବା ବାଣୀ ଗାନଦ୍ୱାରା ସଂସାରରେ ଜୀବନ ସ୍ଫୂର୍ତ୍ତି ହେବାକୁ ଲାଗେ; ଶୋଭାର ସଞ୍ଚାର ହୋଇଯାଏ; ସକଳ ଅପବିତ୍ରତା ଧୋଇ ହୋଇଯାଇ ପବିତ୍ରତାର ସାମ୍ରାଜ୍ୟ ବିସ୍ତାରିତ ହୁଏ । କିନ୍ତୁ ଯେଉଁ ବାଣୀ ତାଙ୍କର ଗୁଣ, ଲୀଳା ଓ ଜନ୍ମର କଥା ଗାଏ ନାହିଁ, ତାହା ଯେତେ ସୁନ୍ଦର ହୋଇଥିଲେ ମଧ୍ୟ ଅଳଂକାରରେ ଶୋଭିତ ମୁର୍ଦ୍ଦାର ପରି ନିରର୍ଥକ ॥ ୧୨ ॥ ଯାହାଙ୍କର ଗୁଣଗାନର ମାହାତ୍ମ୍ୟ ଏତେ, ସେହି ଭଗବାନ ନିଜେ ତାଙ୍କରି ଦ୍ୱାରା ପ୍ରଣୀତ ମର୍ଯ୍ୟାଦାକୁ ପାଳନ କରୁଥିବା ଶ୍ରେଷ୍ଠ ଦେବତାମାନଙ୍କର ମଙ୍ଗଳ ନିମନ୍ତେ ସ୍ୱୟଂ ଯଦୁବଂଶରେ ଅବତୀର୍ଣ୍ଣ ହୋଇଛନ୍ତି । ସେହି ପରମ ଐଶ୍ୱର୍ଯ୍ୟଶାଳୀ ଭଗବାନ ଆଜି ବ୍ରଜରେ ନିବାସ କରୁଛନ୍ତି ଏବଂ ସେଠାରେ ତାଙ୍କର ଯଶ ବିସ୍ତାର କରୁଛନ୍ତି । ପ୍ରଭୁଙ୍କର

ଯତ୍ର ଶ୍ରୁତାହଂରହିତୋଽପ୍ୟସତ୍କତୋଃ
ସ୍ୱତେଜସାପାସ୍ତତମୋଭିଦାଭ୍ରମଃ ।
ସ୍ୱମାୟୟାଽମୃଜ୍ ରଚିତୈସ୍ତଦାକ୍ଷୟା
ପ୍ରାଣାକ୍ଷଧାଭିଃ ସଦନେଷ୍ୱଭାୟତେ ॥ ୧୧

ଯସ୍ୟାଖିଳାମାବହଭିଃ ସୁମଙ୍ଗଳୈ-
ର୍ବାଗ୍ୱି ବିମିଶ୍ରା ଗୁଣକର୍ମଜନ୍ମଭିଃ ।
ପ୍ରାଣନ୍ତି ଶୁମ୍ଭନ୍ତି ପୁନନ୍ତି ବୈ ଜଗତ୍
ଯାସ୍ତଦ୍ୱିରକ୍ତାଃ ଶବଶୋଭନା ମତାଃ ॥ ୧୨

ସ ଗ୍ୱବତୀର୍ଣ୍ଣଃ କିଳ ସାତ୍ୱତାନ୍ୱୟେ
ସ୍ୱସେତୁପାଳାମରବର୍ଯ୍ୟଶର୍ମକୃତ୍ ।
ଯଶୋ ବିତନ୍ୱନ୍ ବ୍ରଜ ଆସ୍ତ ଈଶ୍ୱରୋ
ଗାୟନ୍ତି ଦେବା ଯଦଶେଷମଙ୍ଗଳମ୍ ॥ ୧୩

ତଂ ତ୍ୱଦ୍ୟ ନୂନଂ ମହତାଂ ଗତିଂ ଗୁରୁଂ
ତ୍ରୈଲୋକ୍ୟକାନ୍ତଂ ଦୃଶିମତ୍ମହୋତ୍ସବମ୍ ।
ରୂପଂ ଦଧାନଂ ଶ୍ରିୟ ଈପ୍ସିତାସ୍ପଦଂ
ଦ୍ରକ୍ଷ୍ୟେ ମମାସନ୍ନୁଷସଃ ସୁଦର୍ଶନାଃ ॥ ୧୪

ଅଥାବରୁଢଃ ସପଦାଶୟୋ ରଥାତ୍
ପ୍ରଧାନପୁଂସୋଶ୍ଚରଣଂ ସ୍ୱଇବ୍ରୟେ ।
ଧିୟା ଧୃତଂ ଯୋଗିଭିରପ୍ୟହଂ ଧ୍ରୁବଂ
ନମସ୍ୟ ଆଭ୍ୟାଂ ଚ ସଖୀନ୍ ବନୌକସଃ ॥ ୧୫

ଅପ୍ୟଙ୍ଘ୍ରିମୂଲେ ପତିତସ୍ୟ ମେ ବିଭୁଃ
ଶିରସ୍ୟଧାସ୍ୟନ୍ନିଜହସ୍ତପଙ୍କଜମ୍ ।
ଦତ୍ତାଭୟଂ କାଲଭୁଜଙ୍ଗରଂହସା
ପ୍ରୋଦ୍ବେଜିତାନାଂ ଶରଣୈଷିଣାଂ ନୃଣାମ୍ ॥ ୧୬

ସମର୍ହଣଂ ଯତ୍ର ନିଧାୟ କୌଶିକ-
ସ୍ତଥା ବଲିଶ୍ଚାପ ଜଗତ୍ତ୍ରୟେନ୍ଦ୍ରତାମ୍ ।
ଯଦ୍ବା ବିହାରେ ବ୍ରଜଯୋଷିତାଂ ଶ୍ରମଂ
ସ୍ପର୍ଶେନ ସୌଗନ୍ଧିକଗନ୍ଧ୍ୟପାନୁଦତ୍ ॥ ୧୭

ନ ମଯ୍ୟୁପୈଷ୍ୟତ୍ୟରିବୁଦ୍ଧିମଚ୍ୟୁତଃ
କଂସସ୍ୟ ଦୂତଃ ପ୍ରହିତୋଽପି ବିଶ୍ୱଦୃକ୍ ।

ଯଶ କେତେ ପବିତ୍ର ତୁହେଁ ସତେ ! ଆହା ! ବେଦତାମାନେ ମଧ୍ୟ ସେହି ଅଶେଷ ମଙ୍ଗଳମୟ ଯଶ ଗାନ କରୁଛନ୍ତି ॥ ୧୩ ॥ ମୁଁ ଯେ ଆଜି ତାଙ୍କୁ ନିଶ୍ଚୟ ଦେଖିବି, ସେଥିରେ କୌଣସି ସନ୍ଦେହ ନାହିଁ। ସେ ହେଉଛନ୍ତି ବଡ଼ ବଡ଼ ସାଧୁସଜ୍ଜନଙ୍କର ଓ ଲୋକପାଳମାନଙ୍କର ମଧ୍ୟ ଏକମାତ୍ର ଆଶ୍ରୟ। ସେ ହେଉଛନ୍ତି ସମସ୍ତଙ୍କର ପରମଗୁରୁ। ତାଙ୍କର ରୂପମାଧୁରୀ ତ୍ରିଭୁବନର ଲୋକଙ୍କ ମନକୁ ମୋହିନିଏ। ନେତ୍ରଧାରୀମାନଙ୍କ ପାଇଁ ସେ ହେଉଛନ୍ତି ଆନନ୍ଦ ଓ ରସର ଚରମ ସୀମା। ତେଣୁ ସୌନ୍ଦର୍ଯ୍ୟର ଅଧୀଶ୍ୱରୀ ସ୍ୱୟଂ ଲକ୍ଷ୍ମୀ ମଧ୍ୟ ତାଙ୍କୁ ପାଇବା ନିମନ୍ତେ ଲାଳାୟିତ ହେଉଥାନ୍ତି। ଆଜି ମୁଁ ତାଙ୍କୁ ନିଶ୍ଚୟ ଦେଖିବି; କାରଣ, ଆଜିର ପ୍ରଭାତ ହୋଇଛି ମୋ ପାଇଁ ମଙ୍ଗଳ ପ୍ରଭାତ। ଆଜି ସକାଳୁ ସକାଳୁ ମୁଁ ଶୁଭ ଲକ୍ଷଣସବୁ ଦେଖିବାକୁ ପାଉଛି ॥ ୧୪ ॥

ସର୍ବଶ୍ରେଷ୍ଠ ପୁରୁଷ ବଳରାମ ଓ ଶ୍ରୀକୃଷ୍ଣଙ୍କୁ ଦେଖିବେବା ମାତ୍ରେ ମୁଁ ତାଙ୍କ ଚରଣରେ ନମସ୍କାର କରିବା ନିମନ୍ତେ ତୁରନ୍ତ ରଥରୁ ଓହ୍ଲାଇ ପଡ଼ିବି ଓ ଯାଇ ସେମାନଙ୍କର ପାଦ ଧରିପକାଇବି। ଆହା ! ସେମାନଙ୍କର ପାଦପଦ୍ମ କେତେ ଦୁର୍ଲଭ ତୁହେଁ ସତେ ! ବଡ଼ ବଡ଼ ଯୋଗୀ-ଯତିମାନେ ମଧ୍ୟ ଆତ୍ମସାକ୍ଷାତ୍କାର ପାଇବା ନିମନ୍ତେ ମାନସିକରୂପେ ହୃଦୟ ମଧ୍ୟରେ ତାଙ୍କର ଚରଣକୁ ଧାରଣ କରନ୍ତି; ଆଉ ମୁଁ? ମୁଁ ତ ସେହି ଚରଣକୁ ପ୍ରତ୍ୟକ୍ଷ ପାଇଯିବି—ଯାଇ ସେ ଦୁହିଁଙ୍କ ଚରଣରେ ଲୋଟି ପଡ଼ିବି। ତା'ପରେ ଜଣ ଜଣ କରି ତାଙ୍କର ସବୁ ବନବାସୀ ସଖାମାନଙ୍କର ପାଦକୁ ମଧ୍ୟ ବନ୍ଦନା କରିବି ॥ ୧୫ ॥ ମୋର ଅହୋଭାଗ୍ୟ ! ମୁଁ ଯାଇ ପ୍ରଭୁଙ୍କ ଚରଣରେ ଲୋଟି ପଡ଼ିଲେ, ସେ ନିଶ୍ଚୟ ତାଙ୍କର କରକମଳ ମୋ ମଥା ଉପରେ ରଖିଦେବେ। କାଳରୂପୀ ସର୍ପର ଭୟରେ ଅତ୍ୟନ୍ତ ଭୀତତ୍ରସ୍ତ ହୋଇ ତାଙ୍କର ଶରଣ ଲୋଡୁଥିବା ଲୋକଙ୍କୁ ଯେଉଁ କରକମଳ ଚିରକାଳ ପାଇଁ ଅଭୟ ପ୍ରଦାନ କରିଥାଏ, ସେହି କରକମଳ ସେ ମୋ ମସ୍ତକ ଉପରେ ରଖିଦେବେ ॥ ୧୬ ॥ ଇନ୍ଦ୍ର ତଥା ଦୈତ୍ୟରାଜ ବଳି ଭଗବାନଙ୍କର ପାଦପଦ୍ମରେ ପୂଜା ଭେଟି ସମର୍ପଣ କରି ସେହି କରକମଳରୁ ତ୍ରିଲୋକର ପ୍ରଭୁତ୍ୱ ଅର୍ଥାତ୍ ଇନ୍ଦ୍ରପଦ ଲାଭ କରିଥିଲେ। ସେହି କରକମଳରୁ ସର୍ବଦା ଦିବ୍ୟପଦ୍ମର ସୁଗନ୍ଧ ନିର୍ଗତ ହୁଏ। ରାସଲୀଳା ସମୟରେ ସେହି କରକମଳର ସ୍ପର୍ଶରେ ବ୍ରଜଯୁବତୀମାନଙ୍କର ସକଳ କ୍ଲାନ୍ତି ଦୂର ହୋଇଯାଇଥିଲା ॥ ୧୭ ॥ ହେଲେ, ମୁଁ ତ କଂସର ଦୂତ; ସେ ପଠାଇଥିବାରୁ ହିଁ ମୁଁ ସେମାନଙ୍କ

ଯୋଽନ୍ତର୍ବହିଶ୍ଚତସ ଏତଦାହିତଂ
କ୍ଷେତ୍ରଜ୍ଞ ଈକ୍ଷତ୍ୟମଳେନ ଚକ୍ଷୁଷା ॥ ୧୮

ଅପ୍ୟଙ୍ଘ୍ରିମୂଳେଽବହିତଂ କୃତାଞ୍ଜଳିଂ
ମାମାକ୍ଷିତା ସସ୍ମିତମାର୍ଦ୍ରୟା ଦୃଶା ।
ସପଦ୍ୟପଧ୍ୱସ୍ତସମସ୍ତକିଲ୍ବିଷୋ
ବୋଢ଼ା ମୁଦଂ ବାତବିଶଙ୍କ ଉର୍ଜିତାମ୍ ॥ ୧୯

ସୁହୃତ୍ତମଂ ଜ୍ଞାତିମନନ୍ୟଦୈବତଂ
ଦୋର୍ଭ୍ୟାଂ ବୃହଦ୍ଭ୍ୟାଂ ପରିରପ୍ସ୍ୟତେଽଥ ମାମ୍ ।
ଆତ୍ମା ହି ତାର୍ଥୀକ୍ରିୟତେ ତଦୈବ ମେ
ବନ୍ଧଶ୍ଚ କର୍ମାତ୍ମକ ଉତ୍ସ୍ରସିଷ୍ୟତଃ ॥ ୨୦

ଇତ୍ୟଚ୍ୟୁତାଙ୍ଗସଙ୍ଗଂ ପ୍ରଣତଂ କୃତାଞ୍ଜଳିଂ
ମାଂ ବକ୍ଷ୍ୟତେଽକ୍ରୂର ତତେତ୍ୟରୁଶ୍ରବାଃ ।
ତଦା ବୟଂ ଜନ୍ମଭୃତୋ ମହୀୟସା
ନୈବାଦୃତୋ ଯୋ ଧ୍ରୁଗମୁଷ୍ୟ ଜନ୍ମ ତତ୍ ॥ ୨୧

ନ ତସ୍ୟ କଶ୍ଚିଦ୍ ଦୟିତଃ ସୁହୃତ୍ତମୋ
ନ ଚାପ୍ରିୟୋ ଦ୍ୱେଷ୍ୟ ଉପେକ୍ଷ୍ୟ ଏବ ବା ।
ତଥାପି ଭକ୍ତାନ୍ ଭଜତେ ଯଥା ତଥା
ସୁରଦ୍ରୁମୋ ଯଦ୍ବଦୁପାଶ୍ରିତୋଽର୍ଥଦଃ ॥ ୨୨

ପାଖକୁ ଯାଉଛି । ମୋତେ ଦେଖି ସେ ଶତ୍ରୁ ବୋଲି ଭାବିବେ ନାହିଁ ତ ! ନା, ନା । ସେ କଦାପି ଏପରି ଭାବିବେ ନାହିଁ; କାରଣ ସେ ହେଉଛନ୍ତି ନିର୍ବିକାର, ସମ, ଅଚ୍ୟୁତ, ସକଳ ବିଶ୍ୱର ସାକ୍ଷୀ ଓ ସର୍ବଜ୍ଞ । ସେ ଚିତ୍ତର ବାହାରେ ବି ଅଛନ୍ତି; ଭିତରେ ବି ଅଛନ୍ତି । ସେ କ୍ଷେତ୍ରଜ୍ଞରୂପରେ ରହି ଅନ୍ତଃକରଣର ପ୍ରତ୍ୟେକ କ୍ରିୟାକୁ ଓ ସବୁକଥାକୁ ତାଙ୍କର ନିର୍ମଳ ଜ୍ଞାନଦୃଷ୍ଟିରେ ଦେଖୁଛନ୍ତି ॥ ୧୮ ॥ ତେଣୁ ମୁଁ ସନ୍ଦେହ କରିବାଟା ବୃଥା । ମୁଁ ଯାଇ ତାଙ୍କ ଚରଣ ପାଖରେ କର ଯୋଡ଼ି ବିନୀତଭାବରେ ଠିଆ ହୋଇଯିବି । ସେ ମୃଦୁ ମୃଦୁ ହସି ଦୟାପୂର୍ଣ୍ଣ କୋମଳ ଦୃଷ୍ଟିରେ ମୋତେ ଚାହିଁବେ । ମୋର ଜନ୍ମ ଜନ୍ମର ଅଶୁଭ ସଂସ୍କାର ସେହିକ୍ଷଣି ନଷ୍ଟ ହୋଇଯିବ ଏବଂ ମୁଁ ନିଃଶଙ୍କ ହୋଇ ଚିରକାଳ ପାଇଁ ପରମାନନ୍ଦରେ ମଗ୍ନ ହୋଇଯିବି ॥ ୧୯ ॥ ମୁଁ ତ ତାଙ୍କ କୁଟୁମ୍ବର ଲୋକ; ପୁଣି ତାଙ୍କର ଅତ୍ୟନ୍ତ ହିତଚିନ୍ତକ । ତାଙ୍କ ଛଡ଼ା ମୋର ଅନ୍ୟ କୌଣସି ଆରାଧ୍ୟ ଦେବତା ମଧ୍ୟ ନାହାନ୍ତି । ଏ ଦୃଷ୍ଟିରୁ ସେ ମୋତେ ତାଙ୍କର ଆଜାନୁଲମ୍ବିତ ଭୁଜରେ ନିଶ୍ଚୟ କୁଣ୍ଢାଇ ପକାଇବେ । ଆହା ! ତାଙ୍କ ଆଲିଙ୍ଗନ ପାଇ ମୋ ଦେହ ତ ନିଜେ ପବିତ୍ର ହୋଇଯିବ; ତା' ସହିତ ତାହା ଅନ୍ୟମାନଙ୍କୁ ମଧ୍ୟ ପବିତ୍ର କରିଦେବାକୁ ଯୋଗ୍ୟ ହୋଇଯିବ । ତାଙ୍କର ଆଲିଙ୍ଗନ ପାଇଯିବା କ୍ଷଣି ମୋର କର୍ମମୟ ବନ୍ଧନ—ଯେଉଁ ବନ୍ଧନ ହେତୁ ମୁଁ ଅନାଦିକାଳରୁ ଲକ୍ଷ୍ୟଭ୍ରଷ୍ଟ ହୋଇ ବୁଲୁଛି, ତାହା ତୁଟିଯିବ ॥ ୨୦ ॥ ସେ ମୋତେ ଆଲିଙ୍ଗନ କରିସାରିବା ପରେ ମୁଁ ଯେତେବେଳେ କର ଯୋଡ଼ି, ମୁଣ୍ଡ ନୁଆଇଁ ତାଙ୍କ ଆଗରେ ଠିଆ ହୋଇଯିବି, ସେତେବେଳେ ସେ ମୋତେ 'ଅକ୍ରୂର ଜକେଇ !' ବୋଲି ସମ୍ବୋଧନ କରିବେ । କାହିଁକି ବା ନ କରିବେ ! ସେ ତ ଏହି ପବିତ୍ର ଓ ମଧୁର ଯଶ ବିସ୍ତାର କରିବା ନିମନ୍ତେ ହିଁ ଲୀଳା କରୁଛନ୍ତି । ସତରେ ମୋ ଜୀବନ ସଫଳ ହୋଇଯିବ । ଭଗବାନ ଶ୍ରୀକୃଷ୍ଣ ଯାହାକୁ ନିଜର କରି ନେଇନାହାନ୍ତି, ଯାହାକୁ ଆଦର କରିନାହାନ୍ତି, ତାର ଜନ୍ମକୁ, ତାର ଜୀବନକୁ ଧିକ୍ ! ॥ ୨୧ ॥ ତାଙ୍କର ତ କେହି ପ୍ରିୟ ନୁହନ୍ତି, କି କେହି ଅପ୍ରିୟ ନୁହନ୍ତି; କେହି ମିତ୍ର ନୁହନ୍ତି, କି କେହି ଶତ୍ରୁ ନୁହନ୍ତି । କେହି ବି ତାଙ୍କର ଉପେକ୍ଷାର ପାତ୍ର ନୁହନ୍ତି । ତଥାପି କଳ୍ପବୃକ୍ଷ ଯେପରି ତା' ପାଖକୁ ଆସି ଜିଛି ମାଗୁଥିବା ଲୋକର ମନୋକାମନା ପୂରଣ କରିଥାଏ, ଶ୍ରୀକୃଷ୍ଣ ବି ସେହିପରି । ତାଙ୍କୁ ଯେ ଯେପରି ଭଜେ, ସେ ମଧ୍ୟ ତାକୁ ସେହିପରି ଭଜନ୍ତି । ପ୍ରଭୁ ତାଙ୍କର ପ୍ରେମା ଭକ୍ତଙ୍କୁ ବହୁତ

କିଞ୍ଚାଗ୍ରଜୋ ମାବନତଂ ଯଦୂତ୍ତମଃ
ସ୍ମୟନ୍ ପରିଷ୍ୱଜ୍ୟ ଗୃହୀତମଞ୍ଜଳୌ।
ଗୃହଂ ପ୍ରବେଶ୍ୟାତ୍ତସମସ୍ତସତ୍କୃତଂ
ସଂପ୍ରକ୍ଷ୍ୟତେ କଂସକୃତଂ ସ୍ୱବନ୍ଧୁଷୁ ॥ ୨୩

ଶ୍ରୀଶୁକ ଉବାଚ

ଇତି ସଞ୍ଚିନ୍ତୟନ୍ କୃଷ୍ଣଂ ଶ୍ୱଫଲ୍କତନୟୋଽଧ୍ୱନି।
ରଥେନ ଗୋକୁଳଂ ପ୍ରାପ୍ତଃ ସୂର୍ଯ୍ୟଶ୍ଚାସ୍ତଗିରିଂ ନୃପ ॥ ୨୪

ପଦାନି ତସ୍ୟାଖିଳଲୋକପାଳ-
କିରୀଟଜୁଷ୍ଟାମଳପାଦରେଣୋଃ।
ଦଦର୍ଶ ଗୋଷ୍ଠେ କ୍ଷିତିକୌତୁକାନି
ବିଲକ୍ଷିତାନ୍ୟବ୍ଜଯବାଙ୍କୁଶାଦ୍ୟୈଃ ॥ ୨୫

ତଦ୍ଦର୍ଶନାହ୍ଲାଦବିବୃଦ୍ଧସମ୍ଭ୍ରମଃ
ପ୍ରେମ୍ଣୋର୍ଦ୍ଧରୋମାଶ୍ରୁକଳାକୁଳେକ୍ଷଣଃ।
ରଥାଦବସ୍କନ୍ଦ୍ୟ ସ ତେଷ୍ୱଚେଷ୍ଟତ
ପ୍ରଭୋରମୂନ୍ୟଙ୍ଘ୍ରିରଜାଂସ୍ୟହୋ ଇତି ॥ ୨୬

ଦେହଂ ଭୃତାମିୟାନର୍ଥୋ ହିତ୍ୱା ଦମ୍ଭଂ ଭିୟଂ ଶୁଚମ୍।
ସଂଦେଶାଦ୍ ଯୋ ହରେର୍ଲିଙ୍ଗଦର୍ଶନଶ୍ରବଣାଦିଭିଃ ॥ ୨୭

ଦଦର୍ଶ କୃଷ୍ଣଂ ରାମଂ ଚ ବ୍ରଜେ ଗୋଦୋହନଂ ଗତୌ।
ପୀତନୀଳାମ୍ବରଧରୌ ଶରଦମ୍ବୁରୁହେକ୍ଷଣୌ ॥ ୨୮

କିଶୋରୌ ଶ୍ୟାମଳଶ୍ୱେତୌ ଶ୍ରୀନିକେତୌ ବୃହଦ୍ଭୁଜୌ।
ସୁମୁଖୌ ସୁନ୍ଦରବରୌ ବାଳଦ୍ୱିରଦବିକ୍ରମୌ ॥ ୨୯

ପ୍ରେମ କରନ୍ତି ॥ ୨୨ ॥ ମୁଁ ତାଙ୍କ ପାଖରେ ମୁଣ୍ଡ ନୁଆଁଇ ବିନୀତଭାବରେ ଠିଆ ହୋଇଯିବି; ବଳରାମ ଆସି ହସହସ ମୁଖରେ ମୋତେ ଆଲିଙ୍ଗନ କରିବେ ଏବଂ ତା'ପରେ ମୋର ହାତ ଧରି ଘର ଭିତରକୁ ନେଇଯିବେ। ଘରେ ମୋର ସକଳ ପ୍ରକାର ସତ୍କାର କରିବେ। ତା'ପରେ ମୋତେ ପଗ୍ଭରିବେ, "କଂସ ଆମ ଘରଲୋକଙ୍କ ସହିତ କିପରି ବ୍ୟବହାର କରୁଛି ?" ॥ ୨୩ ॥

ଶ୍ରୀଶୁକଦେବ କହିଗ୍ଭଲିଲେ—ହେ ପରୀକ୍ଷିତ ! ରଥରେ ବସି, ବାଟ ସାରା ଏହିପରି ଚିନ୍ତାରେ ମଜ୍ଜି ରହି, ଶ୍ୱଫଲ୍କନନ୍ଦନ ଅକ୍ରୂର ଆସି ସୂର୍ଯ୍ୟାସ୍ତବେଳକୁ ନନ୍ଦଗ୍ରାମରେ ପହଞ୍ଚିଗଲେ ॥ ୨୪ ॥ ଯାହାଙ୍କ ଚରଣକମଳର ରଜକୁ ସକଳ ଲୋକପାଳ ସେମାନଙ୍କର ମୁକୁଟରେ ଧାରଣ କରନ୍ତି, ବ୍ରଜରେ ପ୍ରବେଶ କରୁ କରୁ ଅକ୍ରୂର ତାଙ୍କରି ପାଦଚିହ୍ନ ଦେଖିବାକୁ ପାଇଗଲେ। ପଦ୍ମ, ଯଅ, ଅଙ୍କୁଶ ଆଦି ଅସାଧାରଣ ଚିହ୍ନରୁ ସେହି ପାଦଚିହ୍ନ ଯେ କାହାର, ତାହା ସ୍ପଷ୍ଟ ଜାଣି ହୋଇ ଯାଉଥିଲା। ସେହି ପାଦଚିହ୍ନ ହେତୁ ପୃଥିବୀର ଶୋଭା ମଧ୍ୟ ବଢ଼ିଯାଇଥିଲା ॥ ୨୫ ॥ ସେହି ପାଦଚିହ୍ନଗୁଡ଼ିକ ଦର୍ଶନ କରୁ କରୁ ଅକ୍ରୂରଙ୍କ ହୃଦୟରେ ଏତେ ଆନନ୍ଦ ଜାତ ହୋଇଗଲା ଯେ, ସେ ନିଜକୁ ସମ୍ଭାଳି ରଖି ନ ପାରି ଭାବବିହ୍ୱଳ ହୋଇଗଲେ। ପ୍ରେମାବେଶରେ ତାଙ୍କର ସର୍ବାଙ୍ଗ ଉଲ୍ଲସିତ ହୋଇଗଲା; ନେତ୍ରରେ ଅଶ୍ରୁ ଭରିଯାଇ ଗୋପା ଗୋପା ହୋଇ ଝରିବାକୁ ଲାଗିଲା। ସେ ରଥରୁ ଓହ୍ଲାଇପଡ଼ି, 'ଆହା ! ଏହା ମୋର ପ୍ରଭୁଙ୍କର ପଦରଜ' କହି ସେହି ବ୍ରଜଧୂଳିରେ ଗଡ଼ିଗଲେ ॥ ୨୬ ॥ ହେ ପରୀକ୍ଷିତ ! କଂସର ସନ୍ଦେଶ ମିଳିବାଠାରୁ ଆରମ୍ଭ କରି ଏ ପର୍ଯ୍ୟନ୍ତ ଅକ୍ରୂରଙ୍କ ବିଷୟରେ ଯେଉଁ ଅବସ୍ଥା କଥା ଶୁଣିଲ, ସେପରି ଅବସ୍ଥା ପାଇଯିବା ହେଉଛି ଜୀବର ଦେହଧାରଣ କରିବାର ପରମ ଲାଭ। ତେଣୁ ଦମ୍ଭ, ଭୟ ଓ ଶୋକ ତ୍ୟାଗ କରି ଭଗବାନଙ୍କର ମୂର୍ତ୍ତି (ପ୍ରତିମା, ଭକ୍ତ ଆଦି), ଚିହ୍ନ, କୀର୍ତ୍ତି, ସ୍ଥାନ ତଥା ବିଭିନ୍ନ ଗୁଣ ଦର୍ଶନ-ଶ୍ରବଣ ଆଦି କରି ନିଜ ଭିତରେ ଏହିପରି ଭାବ ଜାଗ୍ରତ କରିବା ହେଉଛି ଜୀବମାତ୍ରଙ୍କ ପ୍ରତ୍ୟେକଙ୍କର ପରମ କର୍ତ୍ତବ୍ୟ ॥ ୨୭ ॥

ବ୍ରଜରେ ପହଞ୍ଚି ଅକ୍ରୂର ଦେଖିଲେ, କୃଷ୍ଣ ଓ ବଳରାମ ଦୁଇଭାଇ ଗାଈଦୁହାଁ ପାଖରେ ଠିଆ ହୋଇଛନ୍ତି। କୃଷ୍ଣ ପିନ୍ଧିଛନ୍ତି ପୀତାମ୍ବର; ବଳରାମ ପିନ୍ଧିଛନ୍ତି ନୀଳାମ୍ବର ॥ ୨୮ ॥ ଜଣଙ୍କର ବର୍ଣ୍ଣ ଶ୍ୟାମଳ, ଆଉ ଜଣଙ୍କର ଗୌର। ଉଭୟେ ଥିଲେ ନିଖୁଣ ସୌନ୍ଦର୍ଯ୍ୟର ଖଣି। ଆଜାନୁଲମ୍ବିତ ଭୁଜ। ସୁନ୍ଦର ବଦନ। ପରମ ମନୋହର ଏବଂ ଗଜଶାବକ

ଧ୍ୱଜବଜ୍ରାଙ୍କୁଶାମ୍ବୋଜୈଶ୍ଚିହ୍ନିତୈରଙ୍ଘ୍ରିଭିର୍ବ୍ରଜମ୍ ।
ଶୋଭୟନ୍ତୌ ମହାମ୍ନାବନୁକ୍ରୋଶସ୍ମିତେକ୍ଷଣୌ ॥ ୩୦

ଉଦାରରୁଚିରକ୍ରୀଡ଼ୌ ସ୍ରଗ୍ୱିଣୌ ବନମାଳିନୌ ।
ପୁଣ୍ୟଗନ୍ଧାନୁଲିପ୍ତାଙ୍ଗୌ ସ୍ନାତୌ ବିରଜବାସସୌ ॥ ୩୧

ପ୍ରଧାନପୁରୁଷାବାଦ୍ୟୌ ଜଗଦ୍ଧେତୂ ଜଗତ୍ପତୀ ।
ଅବତୀର୍ଣ୍ଣୌ ଜଗତ୍ୟର୍ଥେ ସ୍ୱାଂଶେନ ବଳକେଶବୌ ॥ ୩୨

ଦିଶୋ ବିତିମିରା ରାଜନ୍ କୁର୍ବାଣୌ ପ୍ରଭୟା ସ୍ୱୟା ।
ଯଥା ମାରକତଃ ଶୈଳୋ ରୌପ୍ୟଶ୍ଚ କନକାବିତୌ ॥ ୩୩

ରଥାତ୍ପୁର୍ତ୍ୟମବପ୍ଲୁତ୍ୟ ସୋଽକ୍ରୂରଃ ସ୍ନେହବିହ୍ୱଳଃ ।
ପପାତ ଚରଣୌପାନ୍ତେ ଦଣ୍ଡବତ୍ ରାମକୃଷ୍ଣୟୋଃ ॥ ୩୪

ଭଗବତ୍ଦର୍ଶନାହ୍ଲାଦବାଷ୍ପପର୍ଯ୍ୟାକୁଳେକ୍ଷଣଃ ।
ପୁଲକାଚିତାଙ୍ଗ ଔତ୍କଣ୍ଠ୍ୟାତ୍ ସ୍ୱାଖ୍ୟାନେ ନାଶକତ୍ ନୃପ ॥ ୩୫

ଭଗବାଂସ୍ତମଭିପ୍ରେତ୍ୟ ରଥାଙ୍ଗାଙ୍କିତପାଣିନା ।
ପରିରେଭେଽଭ୍ୟୁପାକୃଷ୍ୟ ପ୍ରୀତଃ ପ୍ରଣତବତ୍ସଳଃ ॥ ୩୬

ସଂକର୍ଷଣଶ୍ଚ ପ୍ରଣତମୁପଗୁହ୍ୟ ମହାମନାଃ ।
ଗୃହୀତ୍ୱା ପାଣିନା ପାଣୀ ଅନୟତ୍ ସାନୁଜୋ ଗୃହମ୍ ॥ ୩୭

ପୃଷ୍ଟ୍ୱାଥ ସ୍ୱାଗତଂ ତସ୍ମୈ ନିବେଦ୍ୟ ଚ ବରାସନମ୍ ।
ପ୍ରକ୍ଷାଲ୍ୟ ବିଧିବତ୍ ପାଦୌ ମଧୁପର୍କାର୍ହଣମାହରତ୍ ॥ ୩୮

ସମାନ ଲଳିତ ଗତି ॥ ୨୯ ॥ ସେମାନଙ୍କ ଚରଣରେ ଧ୍ୱଜା, ବଜ୍ର, ଅଙ୍କୁଶ ଓ ପଦ୍ମର ଚିହ୍ନ ରହିଛି । ସେମାନେ ଗତିଲେଲେ ସେମାନଙ୍କର ପାଦଚିହ୍ନରେ ପୃଥିବୀ ଶୋଭାୟମାନ ହୋଇଯାଉଥାଏ । ସେମାନଙ୍କର ମୃଦୁହାସ୍ୟରୁ ତଥା ମଧୁର ସ୍ନିଗ୍ଧଚାହାଣିରୁ ଦୟା ଝରିପଡୁଥାଏ ॥ ୩୦ ॥ ସେମାନଙ୍କର ପ୍ରତ୍ୟେକ ଲୀଳା ଥିଲା ଉଦାରତା ଓ ସୁନ୍ଦର କଳାରେ ପୂର୍ଣ୍ଣ । ଗଳାରେ ଝଲମଲ କରୁଥିଲା ସୁନ୍ଦର ବନମାଳା ଓ ବହୁମୂଲ୍ୟ ମଣିମାଳା । ସେମାନେ ସେତେବେଳେ ତୁରନ୍ତ ସ୍ନାନ ସାରି ନିର୍ମଳ ବସ୍ତ୍ର ପିନ୍ଧି, ପବିତ୍ର ଅଙ୍ଗରାଗ ଓ ଚନ୍ଦନ ଚର୍ଚ୍ଚିତ ହୋଇ ଆସିଥାନ୍ତି ॥ ୩୧ ॥ ହେ ପରୀକ୍ଷିତ ! ଅକ୍ରୂର ଦେଖିଲେ, ଜଗତର ଆଦିକାରଣ—ଜଗତର ପରମପତି ପୁରୁଷୋତ୍ତମ ହିଁ ସଂସାରକୁ ରକ୍ଷା କରିବା ନିମନ୍ତେ ତାଙ୍କର ସକଳ କଳା ଧରି, ବଳରାମ ଓ ଶ୍ରୀକୃଷ୍ଣରୂପରେ ଅବତୀର୍ଣ୍ଣ ହୋଇ ଆପଣା ଅଙ୍ଗକାନ୍ତିଦ୍ୱାରା ଦଶଦିଗର ଅନ୍ଧକାର ଦୂର କରିଦେଉଛନ୍ତି । ସେମାନେ ଏତେ ଚମତ୍କାର ଦେଖାଯାଉଥାନ୍ତି ଯେ, ମନେ ହେଉଥାଏ, ସୁବର୍ଣ୍ଣରେ ଭୂଷିତ ହୋଇ ଗୋଟିଏ ମରକତମଣିର ଓ ଅନ୍ୟଟି ରୌପ୍ୟର ଅପୂର୍ବ ପର୍ବତ ଝଟକୁଛି କି ! ॥ ୩୨,୩୩ ॥ ସେମାନଙ୍କୁ ଦେଖୁ ଦେଖୁ ପ୍ରେମାବେଶରେ ଅଧୀର ହୋଇ ଅକ୍ରୂର ରଥରୁ ଡେଇଁପଡ଼ିଲେ ଏବଂ ଧାଇଁଯାଇ କୃଷ୍ଣ-ବଳରାମଙ୍କ ଚରଣରେ ଲମ୍ବ ହୋଇ ପଡ଼ିଯାଇ ସାଷ୍ଟାଙ୍ଗ ପ୍ରଣିପାତ କଲେ ॥ ୩୪ ॥ ହେ ପରୀକ୍ଷିତ ! ଭଗବାନଙ୍କୁ ଦର୍ଶନ କରି ସେ ଏତେ ଆହ୍ଲାଦିତ ହୋଇଗଲେ ଯେ, ତାଙ୍କର ନେତ୍ର ଅଶ୍ରୁରେ ଭରିଗଲା; ସମଗ୍ର ଶରୀର ପୁଲକିତ ହୋଇଗଲା; ଉତ୍କଣ୍ଠାବଶତଃ କଣ୍ଠ ରୁଦ୍ଧ ହୋଇଗଲା । ସେ ଆଉ ନିଜର ନାଆଁ ବି କହିପାରିଲେ ନାହିଁ ॥ ୩୫ ॥ ଶରଣାଗତବତ୍ସଳ ଭଗବାନ ଶ୍ରୀକୃଷ୍ଣ ତାଙ୍କର ମନୋଭାବ ଜାଣିଗଲେ । ସେ ଅତ୍ୟନ୍ତ ପ୍ରସନ୍ନ ହୋଇ, ନିଜର ଚକ୍ରାଙ୍କିତ ହସ୍ତରେ ତାଙ୍କୁ ତଳୁ ଉଠାଇ ହୃଦୟରେ ଜାପି ଧରିଲେ ॥ ୩୬ ॥ ଏହାପରେ ସେ ପରମମନସ୍ୱୀ ବଳରାମଙ୍କ ଆଗରେ ବିନୀତଭାବରେ ଠିଆ ହେଉ ହେଉ, ବଳରାମ ତାଙ୍କୁ କୁଣ୍ଢାଇ ପକାଇଲେ । ତା'ପରେ ତାଙ୍କର ଗୋଟିଏ ହାତ ଧରିଲେ ଶ୍ରୀକୃଷ୍ଣ ଏବଂ ଅନ୍ୟ ହାତଟି ଧରିଲେ ବଳରାମ । ଏପରିଭାବରେ ଦୁଇଭାଇ ତାଙ୍କର ଦୁଇହାତ ଧରି ଘରଭିତରକୁ ଟାକିନେଲେ ॥ ୩୭ ॥

ଘରକୁ ନେଇଯାଇ ଭଗବାନ ତାଙ୍କର ବହୁତ ସ୍ୱାଗତସତ୍କାର କଲେ । କୁଶଳବାର୍ତ୍ତା ପଚାରି ତାଙ୍କୁ ଉତ୍ତମ ଆସନରେ ବସାଇଲେ ଏବଂ ବିଧିପୂର୍ବକ ତାଙ୍କର ପାଦ ଧୋଇଦେଇ ମଧୁପର୍କ (ମହୁମିଶା ଦହି) ଆଦି ପୂଜାସାମଗ୍ରୀ

ନିବେଦ୍ୟ ଗାଂ ଗୃତିଥୟେ ସଂବାହ୍ୟ ଶ୍ରାନ୍ତମାଦୃତଃ ।
ଅନ୍ନଂ ବହୁଗୁଣଂ ମେଧ୍ୟଂ ଶ୍ରଦ୍ଧୟୋପାହରଦ୍ ବିଭୁଃ ॥ ୩୯

ପ୍ରଦାନ କଲେ ॥ ୩୮ ॥ ତା'ପରେ ଅତିଥି ଅକ୍ରୂରଙ୍କୁ ଭଗବାନ ଗୋଟିଏ ଗାଈ ଦାନ କଲେ ଏବଂ ପାଦ ଟିପିଦେଇ ତାଙ୍କର କ୍ଲାନ୍ତି ଦୂର କଲେ । ତା'ପରେ ବଡ଼ ଆଦର ଓ ଶ୍ରଦ୍ଧାର ସହିତ ତାଙ୍କୁ ନାନା ପ୍ରକାରର ପବିତ୍ର ଓ ସ୍ୱାଦିଷ୍ଟ ଅନ୍ନ-ବ୍ୟଞ୍ଜନ ଆଣି ଖାଇବାକୁ ଦେଲେ ॥ ୩୯ ॥ ସେ ଭୋଜନ ଜରିସାରିବା ପରେ ଧର୍ମର ପରମ ମର୍ମଜ୍ଞ ବଳରାମ ତାଙ୍କୁ ଅତି ଆଦରରେ ମୁଖବାସ (ପାନ, ଅଳାଇଚ ଇତ୍ୟାଦି) ଓ ସୁଗନ୍ଧିତ ମାଳା ଆଦି ଦେଇ ଅତ୍ୟନ୍ତ ଆନନ୍ଦିତ କଲେ ॥ ୪୦ ॥

ତସ୍ମୈ ଭୁକ୍ତବତେ ପ୍ରୀତ୍ୟା ରାମଃ ପରମଧର୍ମବିତ୍ ।
ମୁଖବାସୈର୍ଗନ୍ଧମାଲ୍ୟୈଃ ପରାଂ ପ୍ରୀତିଂ ବ୍ୟଧାତ୍ ପୁନଃ ॥ ୪୦

ଏପରିଭାବରେ ତାଙ୍କର ସତ୍କାର ସରିବା ପରେ, ନନ୍ଦ ଆସି ତାଙ୍କ ପାଖରେ ବସିପଡ଼ି ପଚାରିଲେ, "ଆହେ ଅକ୍ରୂର ! ନିଷ୍ଠୁର କଂସ ବଞ୍ଚିଥିବା ପର୍ଯ୍ୟନ୍ତ ଆପଣମାନଙ୍କ ଅବସ୍ଥା ତ ଜଂଘେଇ ପାଲିଥିବା ଛେଳି ପରି । ଏପରି ଅବସ୍ଥାରେ ଆପଣମାନେ କିପରି ଦିନ କାଟୁଛନ୍ତି ? ॥ ୪୧ ॥ ଯେଉଁ ଇନ୍ଦ୍ରିୟପରାୟଣ ପାପାତ୍ମା ଆର୍ତ୍ତନାଦ କରୁଥିବା ନିଜ ଭଉଣୀର ଛୋମଳ ଶିଶୁଗୁଡ଼ିକୁ ନିର୍ଦ୍ଦୟଭାବରେ ମାରିଦେଲା, ଆପଣମାନେ ହେଉଛନ୍ତି ତାହାରି ପ୍ରଜା । ତେଣୁ ଆପଣମାନେ ସୁଖରେ ଅଛନ୍ତି ବୋଲି ଆମେ ବା କିପରି ଅନୁମାନ କରିବୁ !" ॥ ୪୨ ॥ ଅକ୍ରୂର ତ ନନ୍ଦଙ୍କୁ ପ୍ରଥମରୁ ହିଁ କୁଶଳବାର୍ତ୍ତା ପଚାରି ସାରିଥିଲେ । ଏବେ ତାଙ୍କର ଆତ୍ମୀୟ ନନ୍ଦ ତାଙ୍କୁ ଏପରିଭାବରେ ଆଦରସମ୍ମାନ ଦେଇ ମଧୁରବାକ୍ୟରେ ତାଙ୍କର କୁଶଳବାର୍ତ୍ତା ପଚାରିବାରୁ, ଅକ୍ରୂରଙ୍କର ସକଳ ପଥଶ୍ରମ ଦୂର ହୋଇଗଲା ॥ ୪୩ ॥

ପୃଚ୍ଛଂ ସୂନୃତୟା ବାଗ୍ଭି ନନ୍ଦେନ ସୁସଭାଜିତଃ ।
ଅକ୍ରୂରଃ ପରିପୃଷ୍ଟେନ ଜହାବଧ୍ୱପରିଶ୍ରମମ୍ ॥ ୪୩

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ଦଶମସ୍କନ୍ଧେ ପୂର୍ବାର୍ଦ୍ଧେଽକ୍ରୂରାଗମନଂ ନାମାଷ୍ଟାତ୍ରିଂଶୋଽଧ୍ୟାୟଃ ॥ ୩୮ ॥

+++

ଅଥୈକୋନଚତ୍ୱାରିଂଶୋଽଧ୍ୟାୟଃ

ଶ୍ରୀକୃଷ୍ଣ-ବଳରାମଙ୍କ ମଥୁରାଗମନ

ଶ୍ରୀଶୁକ ଉବାଚ

ସୁଖୋପବିଷ୍ଟଃ ପର୍ଯ୍ୟଙ୍କେ ରାମକୃଷ୍ଣୋରୁମାନିତଃ ।
ଲେଭେ ମନୋରଥାନ୍ ସର୍ବାନ୍ ପଥି ଯାନ୍ ସ ଚକାର ହ ॥ ୧

ଶ୍ରୀଶୁକଦେବ କହିଚାଲିଲେ—ଭଗବାନ ଶ୍ରୀକୃଷ୍ଣ ଓ ବଳରାମ ଅକ୍ରୂରଙ୍କୁ ଖୁବ୍ ଆଦରସମ୍ମାନ ଦେଲେ । ତାପରେ ସେ ଆରାମରେ ପଲଙ୍କରେ ବସିପଡ଼ିଲେ । ସେ ବାଟରେ ଯେଉଁ ଯେଉଁ ଅଭିଳାଷ ପୋଷଣ କରିଥିଲେ, ସେସବୁ ପୂର୍ଣ୍ଣ ହୋଇଗଲା ॥ ୧ ॥ ହେ ପରୀକ୍ଷିତ ! ଲକ୍ଷ୍ମୀଙ୍କର ଆଶ୍ରୟସ୍ଥାନ ଭଗବାନ ଶ୍ରୀକୃଷ୍ଣ ଯଦି ପ୍ରସନ୍ନ, ତେବେ ଏପରି କେଉଁ ବସ୍ତୁ ଅଛି ଯେ, ତାହା ନ ମିଳିବ ! କିନ୍ତୁ ଭଗବାନଙ୍କର ପରମପ୍ରେମୀ ଭକ୍ତମାନେ କୌଣସି ବସ୍ତୁ କାମନା କରନ୍ତି ନାହିଁ ॥ ୨ ॥

କିମଇଭ୍ୟଂ ଭଗବତି ପ୍ରସନ୍ନେ ଶ୍ରୀନିକେତନେ ।
ତଥାପି ତତ୍ପରା ରାଜନ୍ନ ହି ବାଞ୍ଛନ୍ତି କିଞ୍ଚନ ॥ ୨

ସାୟଂତନାଶନଂ କୃତ୍ୱା ଭଗବାନ୍ ଦେବକୀସୁତଃ ।
ସୁହୃତ୍ସୁ ବୃତ୍ତଂ କଂସସ୍ୟ ପପ୍ରଚ୍ଛାନ୍ୟଚ୍ଚିକୀର୍ଷିତମ୍ ॥ ୩

ଶ୍ରୀଭଗବାନୁବାଚ

ତାତ ସୌମ୍ୟାଗତଃ କଚ୍ଚିତ୍ ସ୍ୱାଗତଂ ଭଦ୍ରମସ୍ତୁ ବଃ ।
ଅପି ସ୍ୱଜ୍ଞାତିବନ୍ଧୂନାମନମୀବମନାମୟମ୍ ॥ ୪

କିଂ ନୁ ନଃ କୁଶଳଂ ପୃଚ୍ଛେ ଏଧମାନେ କୁଳାମଯେ ।
କଂସେ ମାତୁଳନାମ୍ନ୍ୟଙ୍ଗ ସ୍ୱାନାଂ ନସ୍ତତ୍ପ୍ରଜାସୁ ଚ ॥ ୫

ଅହୋ ଅସ୍ମଦଭୂଦ୍ ଭୂରି ପିତ୍ରୋର୍ବୃଜିନମାର୍ଯ୍ୟୟୋଃ ।
ଯଦ୍ଧେତୋଃ ପୁତ୍ରମରଣଂ ଯଦ୍ଧେତୋର୍ବନ୍ଧନଂ ତୟୋଃ ॥ ୬

ଦିଷ୍ଟ୍ୟାଦ୍ୟ ଦର୍ଶନଂ ସ୍ୱାନାଂ ମହ୍ୟଂ ବଃ ସୌମ୍ୟ କାଙ୍କ୍ଷିତମ୍ ।
ସଞ୍ଜାତଂ ବର୍ଣ୍ୟତାଂ ତାତ ତବାଗମନକାରଣମ୍ ॥ ୭

ଶ୍ରୀଶୁକ ଉବାଚ

ପୃଷ୍ଟୋ ଭଗବତା ସର୍ବଂ ବର୍ଣ୍ଣୟାମାସ ମାଧବଃ ।
ବୈରାନୁବନ୍ଧଂ ଯଦୁଷୁ ବସୁଦେବବଧୋଦ୍ୟମମ୍ ॥ ୮

ଯତ୍ସନ୍ଦେଶୋ ଯଦର୍ଥଂ ବା ଦୂତଃ ସଂପ୍ରେଷିତଃ ସ୍ୱୟମ୍ ।
ଯଦୁକ୍ତଂ ନାରଦେନାସ୍ୟ ସ୍ୱଜନ୍ମାନକଦୁନ୍ଦୁଭେଃ ॥ ୯

ଶ୍ରୁତ୍ୱାକ୍ରୂରବଚଃ କୃଷ୍ଣୋ ବଲଶ୍ଚ ପରବୀରହା ।
ପ୍ରହସ୍ୟ ନନ୍ଦଂ ପିତରଂ ରାଜ୍ଞାଽଽଦିଷ୍ଟଂ ବିଜଜ୍ଞତୁଃ ॥ ୧୦

ଦେବକୀନନ୍ଦନ ଭଗବାନ ଶ୍ରୀକୃଷ୍ଣ ନୈଶ ଭୋଜନ ଶେଷ କରିବା ପରେ ଅକ୍ରୂରଙ୍କ ପାଖକୁ ଆସି ଇଥାଭାଖା କରୁ କରୁ, ତାଙ୍କର ସ୍ୱଜନ-ସମ୍ବନ୍ଧୀୟମାନଙ୍କ ସହିତ କଂସ କିପରି ବ୍ୟବହାର କରୁଛି ଓ କଂସର ଭବିଷ୍ୟତର କାର୍ଯ୍ୟକ୍ରମ କଣ ଇତ୍ୟାଦି ବିଷୟ ପଗ୍ଭରିବା ଆରମ୍ଭ କଲେ ॥ ୩ ॥

ଭଗବାନ ଶ୍ରୀକୃଷ୍ଣ ପଗ୍ଭରିଲେ—"କକେଇ ! ଆପଣଙ୍କ ହୃଦୟ ସତରେ ବଡ଼ ନିର୍ମଳ । ବାଟରେ ଆପଣଙ୍କୁ କିଛି କଷ୍ଟ ହୋଇନି ତ ? ଆପଣ ଆସିଲେ, ଖୁବ୍ ଭଲ କଲେ । ଆପଣଙ୍କର ସର୍ବମଙ୍ଗଳ ହେଉ । ମଥୁରାରେ ଆମର ଯେଉଁ ଆତ୍ମୀୟ, ସ୍ୱଜନ ଓ କୁଟୁମ୍ବଲୋକ ତଥା ଅନ୍ୟ ସମ୍ବନ୍ଧୀୟମାନେ ଅଛନ୍ତି, ସେମାନଙ୍କର ସବୁ ଭଲ ତ ? ॥ ୪ ॥ କଂସ ତ ଆମର ନାଆଁକୁ ମାତ୍ର ମାମୁଁ; ସେ ହେଉଛନ୍ତି, ଜାଣନ୍ତୁ, ଆମ କୁଳର ଜଣ୍ଡଜ । ତାଙ୍କର ଦୌରାତ୍ମ୍ୟ ଦିନକୁ ଦିନ ବଢ଼ି ଗ୍ଭଲିଥିବାବେଳେ ମୁଁ ଆଉ ଆମ ବଂଶଲୋକଙ୍କର ତଥା ସେମାନଙ୍କ ପିଲାଛୁଆଙ୍କର ମଙ୍ଗଳ କଥା କଣ ବା ପଗ୍ଭରିବି ! ॥ ୫ ॥ ସତ କହୁଛି କକେଇ ! ବଡ଼ ଦୁଃଖର କଥା ଯେ, ମୋରି ପାଇଁ ମୋର ନିର୍ଦୋଷ ଓ ସଦାଗ୍ଭରୀ ପିତାମାତାଙ୍କୁ ନାନାପ୍ରକାର ନିର୍ଯାତନା ସହିବାକୁ ପଡ଼ିଲା । ସେମାନେ ନାନାପ୍ରକାର ଦୁଃଖକଷ୍ଟ ସହିଲେ । ଅନ୍ୟ କଷ୍ଟ କଥା କଣ କହିବି, ମୋରି ହେତୁ ସେମାନଙ୍କୁ ହାତରେ କଡ଼ି ଓ ଗୋଡ଼ରେ ବେଡ଼ି ପକାଇ ବନ୍ଦୀଶାଳାରେ ପୁରିଁ ଦିଆଗଲା । ମୋରି ହେତୁ ସେମାନଙ୍କର ସନ୍ତାନମାନଙ୍କୁ ମଧ୍ୟ ଜନ୍ମ ହେଉ ହେଉ ମାରି ଦିଆଗଲା ॥ ୬ ॥ ମୁଁ ଅନେକ ଦିନରୁ ଗ୍ଭହୁଁଥିଲି ଯେ, ଆପଣମାନଙ୍କ ମଧ୍ୟରୁ କାହାର ହେଲେ ଥରେ ଦର୍ଶନ ମିଳିଯାଆନ୍ତା କି ! ବଡ଼ ସୌଭାଗ୍ୟର କଥା ଯେ, ଆଜି ମୋର ସେହି ଅଭିଳାଷ ପୂର୍ଣ୍ଣ ହୋଇଛି । କକେଇ ! ଆଜି ହଠାତ୍ ଆପଣଙ୍କର ଏହି ଶୁଭାଗମନ କିପରି ହୋଇଗଲା, କୃପା କରି ତାହା ଟିକିଏ କହନ୍ତୁ ॥ ୭ ॥

ଶ୍ରୀଶୁକଦେବ କହିଗ୍ଭଲିଲେ—ହେ ପରୀକ୍ଷିତ ! ଭଗବାନ ଶ୍ରୀକୃଷ୍ଣ ଏପରି ପଗ୍ଭରିବାରୁ ଅକ୍ରୂର ଗୋଟି ଗୋଟି କରି ସବୁକଥା ବର୍ଣ୍ଣନା କରିଗଲେ । କଂସ ଯଦୁବଂଶୀମାନଙ୍କ ସହିତ କିପରି ଶତ୍ରୁତା କରୁଛି, ସେ ବସୁଦେବଙ୍କୁ ମାରିଦେବାପାଇଁ କିପରି ଉଦ୍ୟମ କରିଥିଲା ତଥା କଂସର ଯାହା ସନ୍ଦେଶ ଥିଲା ତଥା ସେ ଯେଉଁ ଉଦ୍ଦେଶ୍ୟରେ ସ୍ୱୟଂ ଅକ୍ରୂରଙ୍କୁ ଦୂତ କରି ବ୍ରଜକୁ ପଠାଇଛି ଏବଂ ବସୁଦେବଙ୍କ ଠାରୁ ଶ୍ରୀକୃଷ୍ଣ ଜନ୍ମ ହୋଇଥିବାର ସକଳ ବୃତ୍ତାନ୍ତ ନାରଦ ଯେପରି କଂସକୁ ଜଣାଇଦେଇଛନ୍ତି—ଏ ସମସ୍ତ ବିଷୟ ଅକ୍ରୂର କହିଦେଲେ ॥ ୮, ୯ ॥ ଅକ୍ରୂରଙ୍କ ଠାରୁ ଏସବୁ ବିଷୟ ଶୁଣି ଶତ୍ରୁଦଳନ ଭଗବାନ ଶ୍ରୀକୃଷ୍ଣ ଓ ବଳରାମ ହସିଲେ

ଗୋପାନ୍ ସମାଦିଶତ୍ ସୋଽପି ଗୃହ୍ୟତାଂ ସର୍ବଗୋରସଃ ।
ଉପାୟନାନି ଗୃହ୍ଣୀଧ୍ୱଂ ଯୁଜ୍ୟନ୍ତାଂ ଶକଟାନି ଚ ॥ ୧୧

ଯାସ୍ୟାମଃ ଶ୍ୱୋ ମଧୁପୁରୀଂ ଘାସ୍ୟାମୋ ନୃପତେ ରସାନ୍ ।
ଦ୍ରକ୍ଷ୍ୟାମଃ ସୁମହତ୍ ପର୍ବ ଯାନ୍ତି ଜାନପଦାଃ କିଳ ।
ଏବମାଘୋଷୟତ୍ କ୍ଷତ୍ତା ନନ୍ଦଗୋପଃ ସ୍ୱଗୋକୁଳେ ॥ ୧୨

ଗୋପ୍ୟସ୍ତାସ୍ତଦୁପଶ୍ରୁତ୍ୟ ବଭୂବୁର୍ବ୍ୟଥିତା ଭୃଶମ୍ ।
ରାମକୃଷ୍ଣୌ ପୁରୀଂ ନେତୁମକ୍ରୂରଂ ବ୍ରଜମାଗତମ୍ ॥ ୧୩

କାଶ୍ଚିତ୍ତତ୍କୃତହୃତ୍ତାପଶ୍ୱାସମ୍ଲାନମୁଖଶ୍ରିୟଃ ।
ସ୍ରଂସଦ୍ଦୁକୂଳବଲୟକେଶଗ୍ରନ୍ଥ୍ୟଶ୍ଚ କାଶ୍ଚନ ॥ ୧୪

ଅନ୍ୟାଶ୍ଚ ତଦନୁଧ୍ୟାନନିବୃତ୍ତାଶେଷବୃତ୍ତୟଃ ।
ନାଭ୍ୟଜାନନ୍ନିମଂ ଲୋକମାତ୍ମଲୋକଂ ଗତା ଇବ ॥ ୧୫

ସ୍ମରନ୍ତ୍ୟଶ୍ଚାପରାଃ ଶୌରେରନୁରାଗସ୍ମିତେରିତାଃ ।
ହୃଦିସ୍ପୃଶଶ୍ଚିତ୍ରପଦା ଗିରଃ ସଂମୁମୁହୁଃ ସ୍ତ୍ରିୟଃ ॥ ୧୬

ଗତିଂ ସୁଲଳିତାଂ ଚେଷ୍ଟାଂ ସ୍ନିଗ୍ଧହାସାବଲୋକନମ୍ ।
ଶୋକାପହାନି ନର୍ମାଣି ପ୍ରୋଦ୍ଦାମଚରିତାନି ଚ ॥ ୧୭

ଚିନ୍ତୟନ୍ତ୍ୟୋ ମୁକୁନ୍ଦସ୍ୟ ଭୀତା ବିରହକାତରାଃ ।
ସମେତାଃ ସଙ୍ଘଶଃ ପ୍ରୋଚୁରଶ୍ରୁମୁଖ୍ୟୋଽଚ୍ୟୁତାଶୟାଃ ॥ ୧୮

ଏବଂ ତା'ପରେ ପିତା ନନ୍ଦଙ୍କୁ କଂସର ଆଜ୍ଞା ଶୁଣାଇଦେଲେ ॥ ୧୦ ॥ କଂସର ଆଜ୍ଞା ଶୁଣି ଗୋପପତି ନନ୍ଦ ସବୁ ଗୋପାଳଙ୍କୁ କହିଦେଲେ, "ସବୁ ଗୋରସ (କ୍ଷୀର) ଏଜାଠି କର। ଉପହାର ସାମଗ୍ରୀସବୁ ଲଦି ଶଗଡ଼ ଯୋଡ଼ିଦିଅ ॥ ୧୧ ॥ କାଲି ସକାଳୁ ସକାଳୁ ଆମେ ସମସ୍ତେ ମଥୁରା ଯାଇ କଂସରାଜାଙ୍କୁ କ୍ଷୀର ଦେଇଦେବା। ସେଠାରେ ଗୋଟିଏ ବହୁତ ବଡ଼ ଉତ୍ସବ ହେଉଛି। ସେହି ଉତ୍ସବ ଦେଖିବାକୁ ଦେଶର ସମସ୍ତ ପ୍ରଜା ଆସିବେ। ଆମେ ମଧ୍ୟ ସେହି ଉତ୍ସବ ଦେଖିବା।" ନନ୍ଦଗୋପ ଗାଆଁର ବଟୁଆଳ ଦ୍ୱାରା ସମଗ୍ର ବ୍ରଜରେ ଏକଥା ଘୋଷଣା କରିଦେଲେ ॥ ୧୨ ॥

ହେ ପରୀକ୍ଷିତ ! ମନମୋହନ ଶ୍ରୀକୃଷ୍ଣ ଓ ବଳରାମଙ୍କୁ ମଥୁରା ନେଇଯିବା ନିମନ୍ତେ ବ୍ରଜକୁ ଅକ୍ରୂର ଆସିଥିବା କଥା ଶୁଣି ଗୋପୀମାନଙ୍କ ମନରେ ଦାରୁଣ ବ୍ୟଥା ହେଲା। ସେମାନେ ବ୍ୟାକୁଳ ହୋଇଗଲେ ॥ ୧୩ ॥ ଶ୍ରୀକୃଷ୍ଣ ମଥୁରା ଚାଲିଯିବେ ଶୁଣି ବହୁ ଗୋପାଙ୍ଗନାଙ୍କ ହୃଦୟ ଏପରି ବ୍ୟଥିତ ହୋଇଗଲା ଯେ, ସେମାନଙ୍କର ଗଭୀର ଶ୍ୱାସ ବହିବାକୁ ଲାଗିଲା ଓ ମୁଖକମଳ ମଉଳି ପଡ଼ିଲା। ଅନେକଙ୍କର ଦଶା ଏପରି ହୋଇଗଲା ଯେ, ସେମାନେ ଅଚେତପ୍ରାୟ ହୋଇଗଲେ। ମୁଣ୍ଡର ଓଢ଼ଣା କେତେବେଳେ ଖସିପଡ଼ିଲା, ହାତର ଜଙ୍ଘଣା କେତେବେଳେ ଗଳିପଡ଼ିଲା ଏବଂ ମଥାର ଜୁଡ଼ା କେତେବେଳେ ଫିଟିଗଲା, ତାହା ବି ସେମାନେ ଜାଣିପାରିଲେ ନାହିଁ ॥ ୧୪ ॥ ଭଗବାନଙ୍କର ସ୍ୱରୂପ ମାନସପଟରେ ନାଚିଯିବାରୁ ବହୁ ଗୋପାଙ୍ଗନାର ଚିତ୍ତବୃତ୍ତି ସବୁଦିଗରୁ ନିବୃତ୍ତ ହୋଇଗଲା; ଜାଣନ୍ତୁ ସେମାନେ ସମାଧିସ୍ଥ ହୋଇଗଲେ ଏବଂ ସେମାନଙ୍କର ନିଜ ଶରୀର ବିଷୟରେ କିମ୍ବା ସଂସାର ବିଷୟରେ କୌଣସି ଜ୍ଞାନ ରହିଲା ନାହିଁ ॥ ୧୫ ॥ ବହୁ ଗୋପାଙ୍ଗ ଆଖି ଆଗରେ ଶ୍ରୀକୃଷ୍ଣଙ୍କର ପ୍ରେମ, ତାଙ୍କର ମଧୁର ମୃଦୁହାସ ଏବଂ ତାହାଙ୍କର ବିଚିତ୍ରପଦଯୁକ୍ତ ହୃଦୟସ୍ପର୍ଶୀ ମଧୁର ବାଣୀ ନାଚିବାକୁ ଲାଗିଲା। ସେମାନେ ସେଥିରେ ତଲ୍ଲୀନ ହୋଇଗଲେ; ମୋହିତ ହୋଇଗଲେ ॥ ୧୬ ॥ ଗୋପୀମାନେ ମନେ ମନେ ଶ୍ରୀକୃଷ୍ଣଙ୍କର ସୁଲଳିତ ଗତି, ପ୍ରେମପୂର୍ଣ୍ଣ ଭାବଭଙ୍ଗୀ, ମଧୁର ମୃଦୁହାସ, ବିତଣ୍ଡ୍ରେଗା ଜଟାକ୍ଷ ଓ ସକଳଶୋକହରା ହାସପରିହାସ ତଥା ଉଦାର ଲୀଳା ଇତ୍ୟାଦି ଚିନ୍ତନ କରିବାକୁ ଲାଗିଲେ ଓ ଶ୍ରୀକୃଷ୍ଣଙ୍କ ବିରହ ଆଶଙ୍କାରେ ଅଧୀର ହୋଇଗଲେ; କାରଣ ସେମାନଙ୍କର ହୃଦୟ, ସେମାନଙ୍କର ଜୀବନ—ସବୁ କିଛି ଭଗବାନଙ୍କ ନିଜଟରେ ସମର୍ପିତ ହୋଇଯାଇଥିଲା। ଏପରି ଚିନ୍ତା କରି ସେମାନଙ୍କ ଆଖିରୁ ଧାର ଧାର ଅଶ୍ରୁ ବହିଲା। ସେମାନେ ଏକମେଳ ହୋଇ କୁନ୍ଦାକୁନ୍ଦି ହେଲେ—॥ ୧୭, ୧୮ ॥

ଗୋପ୍ୟ ଉଚୁଃ

ଅହୋ ବିଧାତସ୍ତବ ନ କ୍ୱଚିଦ୍ ଦୟା
ସଂଯୋଜ୍ୟ ମୈତ୍ର୍ୟା ପ୍ରଣୟେନ ଦେହିନଃ ।
ତାଂଶ୍ଚାକୃତାର୍ଥାନ୍ ବିୟୁନଙ୍କ୍ଷ୍ୟପାର୍ଥକଂ
ବିକ୍ରୀଡ଼ିତଂ ତେଽର୍ଭକଚେଷ୍ଟିତଂ ଯଥା ॥ ୧୯

ଯସ୍ତ୍ୱଂ ପ୍ରଦର୍ଶ୍ୟାସିତକୁନ୍ତଳାବୃତଂ
ମୁକୁନ୍ଦବକ୍ତ୍ରଂ ସୁକପୋଳମୁନସମ୍ ।
ଶୋକାପନୋଦସ୍ମିତଲେଶସୁନ୍ଦରଂ
କରୋଷି ପାରୋକ୍ଷ୍ୟମସାଧୁ ତେ କୃତମ୍ ॥ ୨୦

କ୍ରୂରସ୍ତ୍ୱମକ୍ରୂରସମାଖ୍ୟୟା ସ୍ୱ ନ-
ଶ୍ଚକ୍ଷୁର୍ହି ଦତ୍ତଂ ହରସେ ବତାଜ୍ଞବତ୍ ।
ଯେନୈକଦେଶେଽଖିଲସର୍ଗସୌଷ୍ଠବଂ
ତ୍ୱଦୀୟମଦ୍ରାକ୍ଷ୍ମ ବୟଂ ମଧୁଦ୍ୱିଷଃ ॥ ୨୧

ନ ନନ୍ଦସୂନୁଃ କ୍ଷଣଭଙ୍ଗସୌହୃଦଃ
ସମୀକ୍ଷତେ ନଃ ସ୍ୱକୃତାତୁରା ବତ ।
ବିହାୟ ଗେହାନ୍ ସ୍ୱଜନାନ୍ ସୁତାନ୍ ପତୀଂ-
ସ୍ତଦାସ୍ୟମଦ୍ଧୋପଗତା ନବପ୍ରିୟଃ ॥ ୨୨

ସୁଖଂ ପ୍ରଭାତା ରଜନୀୟମାଶିଷଃ
ସତ୍ୟା ବଭୂବୁଃ ପୁରଯୋଷିତାଂ ଧ୍ରୁବମ୍ ।

ଗୋପୀମାନେ କୁହାକୁହି ହେଲେ—ହାୟରେ ବିଧାତା ! ତୁ ବଡ଼ ନିଷ୍ଠୁର । ତୋ ହୃଦୟରେ ଟିକିଏ ହେଲେ ଦୟା ନାହିଁ । ତୁ ତ ପ୍ରଥମେ ସୌହାର୍ଦ୍ଦ ଓ ପ୍ରେମଦ୍ୱାରା ଜଗତର ପ୍ରାଣୀମାନଙ୍କୁ ଏକକୁ ଆରେକ ସହିତ ଯୋଡ଼ିଦେଉ, ସେମାନଙ୍କର ମିଳନ ଘଟାଉ; କିନ୍ତୁ ସେମାନଙ୍କର ଆଶା-ଅଭିଳାଷ ପୂର୍ଣ୍ଣ ନ ହେଉଣୁ ସେମାନଙ୍କ ଭିତରେ ବିଚ୍ଛେଦ ସୃଷ୍ଟି କରିଦେଉ । ସତରେ, ତୋର ଏହି ଖେଳ, ପିଲାଙ୍କ ଖେଳ ପରି ଅର୍ଥହୀନ ॥ ୧୯ ॥ ରେ ବିଧାତା ! ତୁ ପ୍ରଥମେ ଆମକୁ ପ୍ରେମ ବିତରଣକାରୀ ଶ୍ୟାମସୁନ୍ଦରଙ୍କ ମୁଖକମଳ ଦେଖାଇଦେଲୁ । ଆହା ! କି ସୁନ୍ଦର ନୁହନ୍ତି ସେ ! ତାଙ୍କର କପୋଳ ଉପରେ କଳା ମଡମଡ କୁଞ୍ଚିତ କୁନ୍ତଳ ଝୁଲୁଥାଏ । ମରକତ ମଣିଠାରୁ ମଧ୍ୟ ଅଧିକ ଚିକ୍କଣ ସୁସ୍ନିଗ୍ଧ କପୋଳ, ଶୁଆଥଣ୍ଟ ପରି ସୁନ୍ଦର ନାସିକା, ଅଧରରେ ଖେଳୁଥିବା ମନ୍ଦ ମନ୍ଦ ମୃଦୁହାସର ରେଖା ତ ସକଳ ଶୋକକୁ ତତ୍‌କ୍ଷଣାତ୍ ହରଣ କରିନିଏ । ରେ ବିଧାତା ! ତୁ ଆମକୁ ଥରଟିଏ ସେହି ପରମସୁନ୍ଦର ମୁଖକମଳ ଦେଖାଇଦେଇ ଏବେ ତାହାକୁ ଆମ ଆଖିଆଗରୁ କାଢ଼ିନେଉଛୁ କିପରି ! ତୋ ପକ୍ଷରେ ଏପରି କରିବା ନିତାନ୍ତ ଅନୁଚିତ ॥ ୨୦ ॥ ଆମେ ଜାଣିଗଲୁ; ଏଥିରେ ଅକ୍ରୂରଙ୍କର କୌଣସି ଦୋଷ ନାହିଁ; ଏହା ହେଉଛି ତୋ'ରି କୁଚକ୍ରତା । ସତ କହିବାକୁ ଗଲେ, ତୁ ହିଁ ଏଠାକୁ ଅକ୍ରୂର ନାମରେ ଆସିଛୁ ଏବଂ ନିଜେ ହିଁ ଦେଇଥିବା ଆଖିକୁ ଆମଠାରୁ ନିତାନ୍ତ ମୂର୍ଖଙ୍କ ପରି ଖୋଲି ନେଉଛୁ । ସେହି ଆଖିରେ ଆମେ ଶ୍ୟାମସୁନ୍ଦରଙ୍କର ଅଙ୍ଗେ ଅଙ୍ଗେ ତୋ ସୃଷ୍ଟିର ସକଳ ସୌନ୍ଦର୍ଯ୍ୟ ଦେଖିବାକୁ ପାଉଥିଲୁ । ରେ ନିଷ୍ଠୁର ବିଧାତା ! ତୋର ଏପରି କରିବାଟା ଭଲ ହେଲା ନାହିଁ ॥ ୨୧ ॥ ହାୟ ! ନୂଆ ନୂଆ ଲୋକଙ୍କ ସହିତ ପ୍ରୀତି କରିବାଟା ଏଥର ନନ୍ଦନନ୍ଦନ ଶ୍ୟାମସୁନ୍ଦରଙ୍କର ମଧ୍ୟ ଅଭ୍ୟାସରେ ପଡ଼ିଗଲାଣି । ଦେଖିଲ ଟି ? ତାଙ୍କର ସେହି ସୌହାର୍ଦ୍ଦ, ତାଙ୍କର ସେହି ପ୍ରେମ ଗୋଟିଏ କ୍ଷଣ ଭିତରେ କୁଆଡ଼େ ଉଭେଇଗଲା ! ଆଗୋ ! ଆମେ ନିଜର ଘରଦ୍ୱାର, ବନ୍ଧୁବାନ୍ଧବ, ପତିପୁତ୍ର ପ୍ରଭୃତି ସବୁ କିଛି ଛାଡ଼ିଦେଇ ତାଙ୍କରି ଦାସୀ ହୋଇଗଲୁ; କିନ୍ତୁ ସେ ଏପରି ଦଗାବିଆ ଯେ, ଏବେ ଆମ ଆଡ଼କୁ ଟିକିଏ ହେଲେ ଗ୍ରହୁଁ ନାହାନ୍ତି ମଧ୍ୟ ॥ ୨୨ ॥ ଆଜି ଏ ରାତିଟା ପାହି ଯେଉଁ ସକାଳ ହେବ, ସେହି ସକାଳଟା ମଥୁରାର ନାଗୀମାନଙ୍କ ପାଇଁ ସତରେ ବଡ଼ ମଙ୍ଗଳଜନକ ହେବ । ସେମାନଙ୍କର ବହୁଦିନର ଅଭିଳାଷ ନିଶ୍ଚୟ ପୂର୍ଣ୍ଣ ହୋଇଯିବ । ଆମର ବ୍ରଜରାଜ ଶ୍ୟାମସୁନ୍ଦର ଯେତେବେଳେ ବାଙ୍କଗ୍ରୀବାଣି

ଯାଃ ସଂପ୍ରବିଷ୍ଟସ୍ୟ ମୁଖଂ ବ୍ରଜସ୍ତତେଃ
ପାସ୍ୟନ୍ତ୍ୟପାଙ୍ଗୋଚ୍ଛଳିତସ୍ମିତାସବମ୍ ॥ ୨୩

ତାସାଂ ମୁକୁନ୍ଦୋ ମଧୁମଞ୍ଜୁଭାଷିତୈ-
ର୍ଗୃହୀତଚିତ୍ତଃ ପରବାନ୍ ମନସ୍ୱ୍ୟପି ।
କଥଂ ପୁନର୍ନଃ ପ୍ରତିଯାସ୍ୟତେଽବଳା
ଗ୍ରାମ୍ୟାଃ ସଲଜ୍ଜସ୍ମିତବିଭ୍ରମୈର୍ଭ୍ରମନ୍ ॥ ୨୪

ଅଦ୍ୟ ଧ୍ରୁବଂ ତତ୍ର ଦୃଶୋ ଭବିଷ୍ୟତେ
ଦାଶାର୍ହଭୋଜାନ୍ଧକବୃଷ୍ଣିସାତ୍ୱତାମ୍ ।
ମହୋତ୍ସବଃ ଶ୍ରୀରମଣଂ ଗୁଣାସ୍ପଦଂ
ଦ୍ରକ୍ଷ୍ୟନ୍ତି ଯେ ଚ୍ୱଧ୍ୱନି ଦେବକୀସୁତମ୍ ॥ ୨୫

ମୈତଦ୍ବିଧସ୍ୟାକରୁଣସ୍ୟ ନାମ ଭୂ-
ଦକ୍ରୁର ଇତ୍ୟେତଦତୀବ ଦାରୁଣଃ ।
ଯୋଽସାବନାଶ୍ୱାସ୍ୟ ସୁଦୁଃଖିତଂ ଜନଂ
ପ୍ରିୟାତ୍ପ୍ରିୟଂ ନେଷ୍ୟତି ପାରମଧ୍ୱନଃ ॥ ୨୬

ଅନାର୍ଦ୍ରଧୀରେଷ ସମାପିତୋ ରଥଂ
ତମନ୍ୱମା ଚ ତ୍ୱରୟନ୍ତି ଦୁର୍ମଦାଃ ।
ଗୋପା ଅନୋଭିଃ ସବିଲୈରୁପେକ୍ଷିତଂ
ଦୈବଂ ଚ ନୋଽଦ୍ୟ ପ୍ରତିକୂଳମାହତେ ॥ ୨୭

ନିବାରୟାମଃ ସମୁପେତ୍ୟ ମାଧବଂ
କିଂ ନୋଽକରିଷ୍ୟନ୍ କୁଳବୃଦ୍ଧବାନ୍ଧବାଃ ।

ଓ ସ୍ମିତହାସ ବୋଳା ମୁଖକମଳର ମାଦକ ମଧୁ ବିତରଣ କରି କରି ମଥୁରାରେ ପ୍ରବେଶ କରିବେ, ସେତେବେଳେ ତ ସେଠାକାର ସ୍ତ୍ରୀମାନେ ଧନ୍ୟ ଧନ୍ୟ ହୋଇଯିବେ ॥ ୨୩ ॥ ଆମ ଶ୍ୟାମସୁନ୍ଦର ଧୈର୍ଯ୍ୟବାନ୍ ସତ, ପୁଣି ସେ ନନ୍ଦରାଜା ଆଦି ଗୁରୁଜନଙ୍କ ଆଜ୍ଞାଧୀନ ସତ, ତଥାପି ମଥୁରାର ଯୁବତୀମାନେ ସେମାନଙ୍କର ମଧୁତୁଲ୍ୟ ମିଠା ମିଠା କଥାରେ ତାଙ୍କର ଚିତ୍ତକୁ ଆକର୍ଷିତ କରିନେବେ ଏବଂ ସେ ସେମାନଙ୍କର ଲାଜ ଲାଜ ମୁରୁକି ହସ ଓ ବିଳାସପୂର୍ଣ୍ଣ ଭାବଭଙ୍ଗୀରେ ଭୁଲିଯାଇ ସେଇଠି ଭୋଳ ହୋଇଯିବେ। ସେହିତକ ହୋଇଯିବା ପରେ ସେ ଆମ ପରି ଗାଉଁଲି ଗଉଡୁଣୀଗୁଡ଼ାଙ୍କ ପାଖକୁ ଆଉ କାହିଁକି ଫେରିବେ ! ॥ ୨୪ ॥ ଏଥର ଆମ ଶ୍ୟାମସୁନ୍ଦରଙ୍କୁ ଦର୍ଶନ କରି ମଥୁରାର ଦାଶାର୍ହ, ଭୋଜ, ଅନ୍ଧକ ଓ ବୃଷ୍ଣିବଂଶୀ ଯାଦବମାନଙ୍କର ନୟନ ନିଶ୍ଚୟ ପରମାନନ୍ଦର ସାକ୍ଷାତ୍‌କାର ପାଇ ଧନ୍ୟ ହୋଇଯିବ। ଏଥର ସେମାନଙ୍କର ସେଠାରେ ବିରାଟ ଉତ୍ସବ ହେବ ଏବଂ ସେମାନେ ଧନ୍ୟ ହୋଇଯିବେ। ମଥୁରା ଯାଉଥିବାବେଳେ ବାଟରେ ଯେଉଁମାନେ ଆମର ରମାରମଣ ଗୁଣସାଗର ନଟନାଗର ଦେବକୀନନ୍ଦନ ଶ୍ୟାମସୁନ୍ଦରଙ୍କୁ ଦର୍ଶନ କରିବେ, ସେମାନେ ମଧ୍ୟ ଧନ୍ୟ ହୋଇଯିବେ ॥ ୨୫ ॥

ଅକ୍ରୂର କେଡ଼େ ନିଷ୍ଠୁର, କେଡ଼େ ହୃଦୟହୀନ, ଦେଖୁଛ ତ ସଖି ! ଆମେ ଗୋପାଗୁଡ଼ାଏ ଏଠାରେ ଦୁଃଖରେ ଶଢୁଛୁ; ସେ ଆସି ଆମକୁ ଦିପଦ ଧୈର୍ଯ୍ୟ ଜଣ ଦେବେ, ଆଶ୍ୱାସନା ଜଣ ଦେବେ, ବରଂ ସେ ଆମର ପରମ ପ୍ରିୟତମ ନନ୍ଦଦୁଲାଳ ଶ୍ୟାମସୁନ୍ଦରଙ୍କୁ ଆମ ଆଖିଆଗରୁ ଦୂରକୁ ନେଇଯିବାକୁ ବସିଛନ୍ତି ! ସତ କହୁଛି, ଏଭଳି କ୍ରୂର ମଣିଷକୁ 'ଅକ୍ରୂର' ନାମ ଦେବା ଉଚିତ ନ ଥିଲା ॥ ୨୬ ॥ ସଖି ! ଆମର ଏ ଶ୍ୟାମସୁନ୍ଦର ବି କିଛି କମ୍ ନିଷ୍ଠୁର ନୁହନ୍ତି। ଦେଖୁଛ, ଦେଖୁଛ ? ଆଗୋ, ସେ ବି ଯାଇ ରଥରେ ବସିଗଲେଣି ! ଆଉ ଦେଖ, ଜେତେଜଣ ମତୁଆଲା ଗୋପାଳ ଶଗଡ଼ରେ ବସି ତାଙ୍କ ସହିତ ଯିବାଲାଗି କିପରି ବ୍ୟସ୍ତ ହେଉଛନ୍ତି, ଦେଖ। ସତରେ ଏଗୁଡ଼ାଳ ବି ବଡ଼ ମୂର୍ଖ। ଆଉ ଆମର ବୁଢ଼ାମାନେ ! ଏମାନଙ୍କର ବ୍ୟଗ୍ରତା ଦେଖି ସେମାନେ ବି ବିରକ୍ତ ହୋଇ କହିଦେଲେଣି, 'ଯାଅ; ତୁମ ମନକୁ ଯାହା ଆସୁଛି, ସେଇଆ କର।' ଆଗୋ ! ଏବେ ଆମେ କଣ କରିବା, କହିଲ ? ଆଜି ତ ବିଧାତା ଆମର ସବୁଦୃଷ୍ଟିରୁ ଶତ୍ରୁ ହୋଇଯାଇଛି ॥ ୨୭ ॥ ଘୁଲ, ସମସ୍ତେ ଘୁଲ। ଆମେ ନିଜେ ଯାଇ ଆମ ପ୍ରାଣପ୍ରିୟ ଶ୍ୟାମସୁନ୍ଦରଙ୍କୁ ଅଟକାଇବା। ଜୁଜର ବୁଢ଼ାମାନେ ଓ ଘରଲୋକମାନେ ଆମର କଣ ଉମିତି କରି ପକାଇବେ

ମୁକୁନ୍ଦସଙ୍ଗାନ୍ନିମିଷାର୍ଦ୍ଧଦୁସ୍ତ୍ୟଜାଦ୍
ଦୈବେନ ବିଧ୍ୱଂସିତଦୀନଚେତସାମ୍ ॥ ୨୮

ଯସ୍ୟାନୁରାଗଲଳିତସ୍ମିତବଲ୍‌ଗୁମନ୍ତ୍ର-
ଲୀଳାବଲୋକପରିରମ୍ଭଣରାସଗୋଷ୍ଠ୍ୟାମ୍ ।
ନୀତାଃ ସ୍ମ ନଃ କ୍ଷଣମିବ କ୍ଷଣଦା ବିନା ତଂ
ଗୋପ୍ୟଃ କଥଂ ନ୍ୟତିତରେମ ତମୋ ଦୁରନ୍ତମ୍ ॥ ୨୯

ଯୋଽହ୍ନଃ କ୍ଷୟେ ବ୍ରଜମନନ୍ତସଖଃ ପରୀତୋ
ଗୋପୈର୍ବିଶନ୍ ଖୁରରଜଶ୍ଛୁରିତାଳକସ୍ରକ୍ ।
ବେଣୁଂ କ୍ୱଣନ୍ ସ୍ମିତକଟାକ୍ଷନିରୀକ୍ଷଣେନ
ଚିତ୍ତଂ କ୍ଷିଣୋତ୍ୟମୁମୃତେ ନୁ କଥଂ ଭବେମ ॥ ୩୦

ଶ୍ରୀଶୁକ ଉବାଚ

ଏବଂ ବ୍ରୁବାଣା ବିରହାତୁରା ଭୃଶଂ
ବ୍ରଜସ୍ତ୍ରିୟଃ କୃଷ୍ଣବିଷକ୍ତମାନସାଃ ।
ବିସୃଜ୍ୟ ଲଜ୍ଜାଂ ରୁରୁଦୁଃ ସ୍ମ ସୁସ୍ୱରଂ
ଗୋବିନ୍ଦ ଦାମୋଦର ମାଧବେତି ॥ ୩୧

ସ୍ତ୍ରୀଣାମେବଂ ରୁଦନ୍ତୀନାମୁଦିତେ ସବିତର୍ଯ୍ୟଥ ।
ଅକ୍ରୂରଶ୍ଚୋଦୟାମାସ କୃତମୈତ୍ରାଦିକୋ ରଥମ୍ ॥ ୩୨

ଗୋପାସ୍ତମନ୍ୱସଜ୍ଜନ୍ତ ନନ୍ଦାଦ୍ୟାଃ ଶକଟୈସ୍ତତଃ ।
ଆଦାୟୋପାୟନଂ ଭୂରି କୁମ୍ଭାନ୍ ଗୋରସସମ୍ଭୃତାନ୍ ॥ ୩୩

ଗୋପ୍ୟଶ୍ଚ ଦୟିତଂ କୃଷ୍ଣମନୁବ୍ରଜ୍ୟାନୁରଞ୍ଜିତାଃ ।
ପ୍ରତ୍ୟାଦେଶଂ ଭଗବତଃ କାଙ୍କ୍ଷନ୍ତ୍ୟଶ୍ଚାବତସ୍ଥିରେ ॥ ୩୪

ଯେ ! ଆଲୋ ସଖି ! ଆମେ କ୍ଷଣଟିଏ ବି, ଅଧକ୍ଷଣଟିଏ ବି ପ୍ରାଣବଲ୍ଲଭ ନନ୍ଦନନ୍ଦନଙ୍କ ସଙ୍ଗ ଛାଡ଼ିପାରୁ ନ ଥିଲୁ । କିନ୍ତୁ ଆଜି ଆମ ଦୁର୍ଭାଗ୍ୟ ହିଁ ତାଙ୍କ ଠାରୁ ଘୋର ବିଚ୍ଛେଦ ଘଟାଇ ଆମ ହୃଦୟକୁ କିପରି ମଛି ଦେଉଛି, କେତେ ବ୍ୟାକୁଳ କରିଦେଉଛି ! ॥ ୨୮ ॥ ଆଗୋ ସଖୀମାନେ ! ଯାହାଙ୍କର ପ୍ରେମଭରା ମନୋହର ମୃଦୁହାସ, ରହସ୍ୟଭରା ମିଠା ମିଠା କଥା, ବିଳାସପୂର୍ଣ୍ଣ ଆଖିଠାର ଏବଂ ପ୍ରେମାଲିଙ୍ଗନ ହେତୁ ଆମେମାନେ ରାସଲୀଳାର ସେହି ଏତେବଡ଼ ବିଶାଳ ରାତିକୁ ଗୋଟିଏ କ୍ଷଣ ପରି ବିତାଇ ଦେଇଥିଲେ, ଏବେ ଭଲା ତାଙ୍କ ବିନା ସେ ଦେଇଯାଉଥିବା ଏହି ଅପାର ବିରହ ବ୍ୟଥାକୁ କିପରି ସହିପାରିବା ! ॥ ୨୯ ॥ ଆଲୋ ! ଦିନେ ଓଳିଏ ନୁହେଁ, ପ୍ରତିଦିନର କଥା; ପ୍ରତିଦିନ ସନ୍ଧ୍ୟାବେଳେ ଗୋପାଳପିଲାଙ୍କ ମେଳରେ ବଳରାମଙ୍କ ସହିତ ବଣରେ ଗାଈ ବରାଇପାରି ସେ ଆମର ଏହି ବାଟେ ଫେରନ୍ତି । ସେତେବେଳେ ତାଙ୍କ ମୁଣ୍ଡର କଳାମଚମଚ କୁଞ୍ଚୁକୁଞ୍ଚୁଆ କେଶ ଓ ତାଙ୍କ ଗଳାର ଫୁଲମାଳ ଗୋଧୂଳିରେ ଧୂସରିତ ହୋଇଯାଇଥାଏ । ସେ ବଂଶୀ ବଜାଇ ବଜାଇ, ମୁରୁକି ମୁରୁକି ହସି ହସି ଏବଂ ବାଙ୍କଚାହାଣି ଢାଳି ଢାଳି ପ୍ରତିଦିନ ଆମ ହୃଦୟରେ ଭେଦି ଯାଉଥିଲେ ଲୋ ! ତାଙ୍କ ବିନା ଭଲା ଆମେ କିପରି ଜୀବନ ଧରି ରହିବା !! ॥ ୩୦ ॥

ଶ୍ରୀଶୁକଦେବ କହିଗଲିଲେ—ହେ ପରୀକ୍ଷିତ ! ଗୋପୀମାନେ ମୁଖରେ ସିନା ଏପରି କହୁଥିଲେ; କିନ୍ତୁ ସେମାନଙ୍କର ପ୍ରତ୍ୟେକଟି ମନୋଭାବ ଶ୍ରୀକୃଷ୍ଣଙ୍କୁ ସ୍ପର୍ଶ କରୁଥିଲା—ତାଙ୍କୁ ଆଲିଙ୍ଗନ କରୁଥିଲା । ସେମାନେ ବିରହର ସମ୍ଭାବନା ହେତୁ ଅତ୍ୟନ୍ତ ବ୍ୟାକୁଳ ହୋଇଯାଇଥିଲେ; ତେଣୁ ଲାଜ ଛାଡ଼ିଦେଇ 'ହେ ଗୋବିନ୍ଦ ! ହେ ଦାମୋଦର ! ହେ ମାଧବ !' ବୋଲି ଉଚ୍ଚସ୍ୱରରେ ଡାକି ଡାକି କରୁଣ ସ୍ୱରରେ କ୍ରନ୍ଦନ କରିବାକୁ ଲାଗିଲେ ॥ ୩୧ ॥ ଗୋପୀମାନେ ଏପରି କାନ୍ଦି କାନ୍ଦି ସାରାରାତି ବିତାଇଦେଲେ । ସୂର୍ଯ୍ୟୋଦୟ ହୋଇଗଲା । ଅକ୍ରୂର ସନ୍ଧ୍ୟାବନ୍ଦନା ଆଦି ନିତ୍ୟକର୍ମ ସାରି, କୃଷ୍ଣବଳରାମଙ୍କ ସହିତ ରଥରେ ବସି ରଥ ଚଳାଇଲେ ॥ ୩୨ ॥ ନନ୍ଦ ଆଦି ଗୋପାଳମାନେ ହାଣ୍ଡି ହାଣ୍ଡି ଦୁଧ, ଦହି, ଲହୁଣି, ଘିଅ ତଥା ବିଭିନ୍ନ ଉପହାର-ସାମଗ୍ରୀ ଧରି ଅକ୍ରୂରଙ୍କ ରଥ ପଛେ ପଛେ ଶଗଡ଼ରେ ଗଲିଲେ ॥ ୩୩ ॥ ସେତେବେଳେ ଅନୁରାଗରେ ରଞ୍ଜିତା ଗୋପୀମାନେ ସେମାନଙ୍କ ପ୍ରାଣପ୍ରିୟ ଶ୍ରୀକୃଷ୍ଣଙ୍କ ପାଖକୁ ଯାଇ ତାଙ୍କର ଜଟାକ୍ଷ, ତାଙ୍କର ମୃଦୁହାସ ଆଦି ଦେଖି କିଛିଟା ସୁଖୀ ହେଲେ । ଶେଷରେ ସେମାନେ ପ୍ରିୟତମ ଶ୍ୟାମସୁନ୍ଦରଙ୍କ ଠାରୁ କିଛି ସନ୍ଦେଶ ପାଇବା ଆକାଙ୍କ୍ଷାରେ ସେଠାରେ ଠିଆ ହୋଇ ରହିଗଲେ ॥ ୩୪ ॥

ତାସ୍ତଥା ତପ୍ୟତୀର୍ବୀକ୍ଷ୍ୟ ସ୍ୱପ୍ରସ୍ଥାନେ ଯଦୂତ୍ତମଃ ।
ସାନ୍ତ୍ୱୟାମାସ ସପ୍ରେମୈରାୟାସ୍ୟ ଇତି ଦୌତ୍ୟକୈଃ ॥ ୩୫

ଯାବଦାଲକ୍ଷ୍ୟତେ କେତୁର୍ଯାବଦ୍ ରେଣୂ ରଥସ୍ୟ ଚ ।
ଅନୁପ୍ରସ୍ଥାପିତାତ୍ମାନୋ ଲେଖ୍ୟାନୀବୋପଲକ୍ଷିତାଃ ॥ ୩୬

ତା ନିରାଶା ନିବବୃତୁର୍ଗୋବିନ୍ଦବିନିବର୍ତ୍ତନେ ।
ବିଶୋକା ଅହନୀ ନିନ୍ୟୁର୍ଗାୟନ୍ତ୍ୟଃ ପ୍ରିୟଚେଷ୍ଟିତମ୍ ॥ ୩୭

ଭଗବାନପି ସମ୍ପ୍ରାପ୍ତୋ ରାମାକ୍ରୂରଯୁତୋ ନୃପ ।
ରଥେନ ବାୟୁବେଗେନ କାଲିନ୍ଦୀମଘନାଶିନୀମ୍ ॥ ୩୮

ତତ୍ରୋପସ୍ପୃଶ୍ୟ ପାନୀୟଂ ପୀତ୍ୱା ମୃଷ୍ଟଂ ମଣିପ୍ରଭମ୍ ।
ବୃକ୍ଷଷଣ୍ଡମୁପବ୍ରଜ୍ୟ ସରାମୋ ରଥମାବିଶତ୍ ॥ ୩୯

ଅକ୍ରୂରସ୍ତାବୁପାମନ୍ତ୍ର୍ୟ ନିବେଶ୍ୟ ଚ ରଥୋପରି ।
କାଲିନ୍ଦ୍ୟା ହ୍ରଦମାଗତ୍ୟ ସ୍ନାନଂ ବିଧିବଦାଚରତ୍ ॥ ୪୦

ନିମଜ୍ଯ ତସ୍ମିନ୍ ସଲିଲେ ଜପନ୍ ବ୍ରହ୍ମ ସନାତନମ୍ ।
ତାବେବ ଦଦୃଶେଽକ୍ରୂରୋ ରାମକୃଷ୍ଣୌ ସମନ୍ବିତୌ ॥ ୪୧

ତୌ ରଥସ୍ଥୌ କଥମିହ ସୂତାବାନକଦୁନ୍ଦୁଭେଃ ।
ତର୍ହି ସ୍ୱିତ୍ ସ୍ୟନ୍ଦନେ ନ ସ୍ତ ଇତ୍ୟୁନ୍ମଜ୍ଯ ବ୍ୟଚଷ୍ଟ ସଃ ॥ ୪୨

ତତ୍ରାପି ଚ ଯଥାପୂର୍ବମାସାନୌ ପୁନରେବ ସଃ ।
ନ୍ୟମଜ୍ଜଦ୍ ଦର୍ଶନଂ ଯତ୍ରେ ମୃଷା କିଂ ସଲିଲେ ତୟୋଃ ॥ ୪୩

ଯଦୁକୁଳ ଭୂଷଣ ଶ୍ରୀକୃଷ୍ଣ ଦେଖିଲେ, ସେ ମଥୁରା ଗଲିଯାଉଥିବାରୁ ଗୋପୀମାନଙ୍କର ହୃଦୟ ଦୁଃଖରେ ବିଦଗ୍ଧ ହୋଇଯାଇଛି; ସେମାନେ ବ୍ୟାକୁଳ ହେଉଛନ୍ତି। ତାହା ଦେଖି ସେ ଦୂତଦ୍ୱାରା 'ମୁଁ ଆସିବି' ବୋଲି ପ୍ରେମସନ୍ଦେଶ ପଠାଇ ସେମାନଙ୍କୁ ଧୈର୍ଯ୍ୟ ଦେଲେ ॥ ୩୫ ॥ ରଥ ଗଲିଯିବା ପରେ ମଧ୍ୟ ଗୋପୀମାନେ ସେହି ଆଡ଼କୁ ଘୂରିରହିଲେ— ରଥର ଧ୍ୱଜା ଓ ରଥଚକ୍ରରୁ ଉଡୁଥିବା ଧୂଳି ଦେଖାଯାଉଥିବା ପର୍ଯ୍ୟନ୍ତ ସେଠାରେ ସେମାନେ ଚିତ୍ରପ୍ରତିମା ପରି ସ୍ତମ୍ଭୀଭୂତ ହୋଇ ଠିଆ ହୋଇ ରହିଗଲେ; କିନ୍ତୁ ସେମାନେ ନିଜ ଚିତ୍ତକୁ ମନମୋହନ ପ୍ରାଣବଲ୍ଲଭ ଶ୍ରୀକୃଷ୍ଣଙ୍କ ସହିତ ପଠାଇ ଦେଇଥିଲେ ॥ ୩୬ ॥ ସେମାନଙ୍କ ମନରେ ଆଶା ଥିଲା ଯେ, ଶ୍ରୀକୃଷ୍ଣ ବୋଧହୁଏ କିଛି ଦୂର ଯାଇ ପୁଣି ଫେରିଆସିବେ। କିନ୍ତୁ ସେ ନ ଫେରିବାରୁ, ସେମାନେ ନିରାଶ ହୋଇ ନିଜ ନିଜ ଘରକୁ ଫେରିଗଲେ। ହେ ପରୀକ୍ଷିତ ! ସେମାନେ କି ଦିନ, କି ରାତି ସବୁବେଳେ ସେମାନଙ୍କର ପ୍ରିୟ ଶ୍ୟାମସୁନ୍ଦରଙ୍କର ବିଭିନ୍ନ ଲୀଳା ଗାନ କରି କରି ହୃଦୟର ଶୋକସନ୍ତାପ ଲାଘବ କଲେ ॥ ୩୭ ॥

ହେ ପରୀକ୍ଷିତ ! ଏପଟେ ବଳରାମ ଓ ଅକ୍ରୂରଙ୍କ ସହିତ ଭଗବାନ ଶ୍ରୀକୃଷ୍ଣ ରଥରେ ବସି ବାୟୁବେଗରେ ଆସି ପାପନାଶିନୀ ଯମୁନାକୂଳରେ ପହଞ୍ଚିଗଲେ ॥ ୩୮ ॥ ସେଠାରେ ସେମାନେ ହାତମୁହଁ ଧୋଇ ଯମୁନାର ମରକତମଣି ସଦୃଶ ନୀଳ ଓ ଅମୃତ ତୁଲ୍ୟ ମଧୁର ଜଳ ପାନ କଲେ। ତା'ପରେ କୃଷ୍ଣବଳରାମ ଆସି ଗଛଗହଳି ଭିତରେ ଠିଆ ହୋଇଥିବା ରଥରେ ବସିଗଲେ ॥ ୩୯ ॥ ରଥରେ ବସିଥିବା ସେହି ଦୁଇଭାଇଙ୍କର ଅନୁମତି ନେଇ, ଅକ୍ରୂର ଯମୁନାର ବ୍ରହ୍ମହ୍ରଦକୁ ଯାଇ ସେଠାରେ ବିଧିପୂର୍ବକ ସ୍ନାନ କଲେ ॥ ୪୦ ॥ ପାଣିରେ ବୁଡ଼ି ସେ ଗାୟତ୍ରୀ ଜପ କରୁ କରୁ ଦେଖିଲେ, ଶ୍ରୀକୃଷ୍ଣ-ବଳରାମ ପାଣିଭିତରେ ବସିଛନ୍ତି ॥ ୪୧ ॥ ତାହା ଦେଖି ତାଙ୍କ ମନରେ ସଂଶୟ ଉପୁଜିଗଲା। ସେ ଭାବିଲେ "ବସୁଦେବଙ୍କର ଦୁଇପୁଅଙ୍କୁ ତ ମୁଁ ରଥରେ ବସାଇଦେଇ ଆସିଛି; ସେ ଦୁହେଁ ଏଠାରେ ପାଣିଭିତରକୁ କିପରି ଘୁଲିଆସିଲେ ? ସେମାନେ ଯଦି ଏଠାରେ ଅଛନ୍ତି, ତେବେ ତ ରଥରେ ନ ଥିବେ।" ଏପରି ଭାବି ସେ ପାଣିରୁ ଉଠିପଡ଼ି ରଥକୁ ଘୂରିଲେ ॥ ୪୨ ॥ ଦେଖିଲେ, ସେମାନେ ପୂର୍ବପରି ରଥରେ ବସିଛନ୍ତି। ତେଣୁ ସେ ଭାବିଲେ, ସେମାନଙ୍କୁ ସେ ଯେଉଁ ପାଣି ଭିତରେ ଦେଖିଥିଲେ, ତାହା ଏକ ଭ୍ରମ ହୋଇଥାଇପାରେ। ତେଣୁ ସେ ପୁଣି ଥରେ ପାଣିରେ ବୁଡ଼ିଲେ ॥ ୪୩ ॥

ଭୂୟସ୍ତତ୍ରାପି ସୋଽଦ୍ରାକ୍ଷୀତ୍ ସ୍ତୂୟମାନମହୀଶ୍ୱରମ୍ ।
ସିଦ୍ଧଗ୍ରହଣଗନ୍ଧର୍ବୈରସୁରୈର୍ନତକନ୍ଧରୈଃ ॥ ୪୪

ସହସ୍ରଶିରସଂ ଦେବଂ ସହସ୍ରଫଣମୌଳିନମ୍ ।
ନୀଳାମ୍ବରଂ ବିସଶ୍ୱେତଂ ଶୃଙ୍ଗୈଃ ଶ୍ୱେତମିବ ପିତମ୍ ॥ ୪୫

ତସ୍ୟୋତ୍ସଙ୍ଗେ ଘନଶ୍ୟାମଂ ପୀତକୌଶେୟବାସସମ୍ ।
ପୁରୁଷଂ ଚତୁର୍ଭୁଜଂ ଶାନ୍ତଂ ପଦ୍ମପତ୍ରାରୁଣେକ୍ଷଣମ୍ ॥ ୪୬

ଗୁରୁପ୍ରସନ୍ନବଦନଂ ଗୁରୁହାସନିରୀକ୍ଷଣମ୍ ।
ସୁଭ୍ରୁନସଂ ଗୁରୁକର୍ଣ୍ଣଂ ସୁକପୋଳାରୁଣାଧରମ୍ ॥ ୪୭

ପ୍ରଲମ୍ବପାବରଭୁଜଂ ତୁଙ୍ଗାଂସୋରଃଫଳଶ୍ରିୟମ୍ ।
କମ୍ବୁକଣ୍ଠଂ ନିମ୍ନନାଭିଂ ବଳିମତ୍ପଦ୍ମବୋଦରମ୍ ॥ ୪୮

ବୃହତ୍କଟିତଟଶ୍ରୋଣିକରଭୋରୁଦ୍ୱାନ୍ୱିତମ୍ ।
ଗୁରୁଜାନୁଯୁଗଂ ଗୁରୁଜଙ୍ଘାଯୁଗଳସଂଯୁତମ୍ ॥ ୪୯

ତୁଙ୍ଗଗୁଲ୍ଫାରୁଣନଖବ୍ରାତଦୀଧିତିଭିର୍ବୃତମ୍ ।
ନବାଙ୍ଗୁଲ୍ୟଙ୍ଗୁଷ୍ଠଦଳୈର୍ବିଳସତ୍ପାଦପଙ୍କଜମ୍ ॥ ୫୦

ସୁମହାର୍ହମଣିବ୍ରାତକିରୀଟକଟକାଙ୍ଗଦୈଃ ।
କଟିସୂତ୍ରବ୍ରହ୍ମସୂତ୍ରହାରନୂପୁରକୁଣ୍ଡଳୈଃ ॥ ୫୧

ଭ୍ରାଜମାନଂ ପଦ୍ମକରଂ ଶଙ୍ଖଚକ୍ରଗଦାଧରମ୍ ।
ଶ୍ରୀବତ୍ସବକ୍ଷସଂ ଭ୍ରାଜତ୍କୌସ୍ତୁଭଂ ବନମାଳିନମ୍ ॥ ୫୨

ସୁନନ୍ଦନନ୍ଦପ୍ରମୁଖୈଃ ପାର୍ଷଦୈଃ ସନକାଦିଭିଃ ।
ସୁରେଶୈର୍ବ୍ରହ୍ମରୁଦ୍ରାଦ୍ୟୈର୍ନବଭିଶ୍ଚ ଦ୍ୱିଜୋତ୍ତମୈଃ ॥ ୫୩

ପ୍ରହ୍ରାଦନାରଦବସୁପ୍ରମୁଖୈର୍ଭାଗବତୋତ୍ତମୈଃ ।
ସ୍ତୂୟମାନଂ ପୃଥଗ୍ଭାବୈର୍ବେଦଗର୍ଭିରମଳାମୃଭିଃ ॥ ୫୪

ସେ ଏଥର ଦେଖିଲେ ଯେ, ପାଣି ଭିତରେ ସାକ୍ଷାତ୍ ଅନନ୍ତ ଶେଷଦେବ ବିରାଜମାନ ହୋଇଛନ୍ତି ଏବଂ ସିଦ୍ଧ, ଗ୍ରହଣ, ଗନ୍ଧର୍ବ ଓ ଅସୁରମାନେ (ପ୍ରହ୍ଲାଦ ଆଦି) ନତମସ୍ତକ ହୋଇ ସ୍ତୁତି କରୁଛନ୍ତି ॥ ୪୪ ॥ ସହସ୍ର ଶିରଧାରୀ ଶେଷଦେବଙ୍କର ହଜାରେ ଫଣା ଉପରେ ହଜାରେ ମୁକୁଟ ଶୋଭା ପାଉଛି । ମୃଣାଳ ସମ ଉଜ୍ଜ୍ୱଳ ଶରୀରରେ ସେ ନୀଳାମ୍ବର ଧାରଣ କରିଛନ୍ତି ଏବଂ ସେ ଏପରି ଶୋଭା ପାଉଛନ୍ତି ଯେ, ଦେଖିଲେ ଲାଗୁଛି, ସତେ ଯେପରି ସହସ୍ର ଶିଖର ବିଶିଷ୍ଟ ଶ୍ୱେତଗିରି କୈଳାସ ଶୋଭା ପାଉଛି ॥ ୪୫ ॥ ଅଳ୍ପର ଆହୁରି ମଧ୍ୟ ଦେଖିଲେ ଯେ, ଶେଷଦେବଙ୍କର ଶରୀରକୁ ଶଯ୍ୟା କରି ତା'ଉପରେ ଶ୍ୟାମମେଘ ସମାନ ଘନଶ୍ୟାମ ବିରାଜମାନ ହୋଇଛନ୍ତି । ସେ ପିନ୍ଧିଛନ୍ତି ପୀତାମ୍ବର । ବଡ଼ ଶାନ୍ତସୁନ୍ଦର ଚତୁର୍ଭୁଜ ମୂର୍ତ୍ତି । ତାଙ୍କର ନେତ୍ର ପଦ୍ମଦଳ ସଦୃଶ ଅରୁଣାଭ ॥ ୪୬ ॥ ତାହାଙ୍କର ବଦନ ଅତ୍ୟନ୍ତ ମନୋହର ଓ ପ୍ରସନ୍ନ । ତାଙ୍କର ମଧୁର ମୃଦୁହାସ ଓ ଗୁରୁଗମ୍ଭୀର ଚିତାକୁ ଘେରାଇ ନେଉଛି । ସୁନ୍ଦର ଭ୍ରୂଲତା; ନାସିକା ଟିକିଏ ଉଚ୍ଚ ଓ ସୁଗଠିତ । କର୍ଣ୍ଣ ଓ କପୋଳ ଅତି ସୁନ୍ଦର ଏବଂ ରକ୍ତିମ ଅଧରର ଛଟା ଅତି ମନୋହର ॥ ୪୭ ॥ ଆଜାନୁଲମ୍ବିତ ହୃଷ୍ଟପୁଷ୍ଟ ଭୁଜ । ଉଚ୍ଚ ସ୍କନ୍ଧ ଓ ବକ୍ଷଃସ୍ଥଳଟି ଲକ୍ଷ୍ମୀଙ୍କର ଆଶ୍ରୟସ୍ଥାନ । କମ୍ବୁକଣ୍ଠ, ଗଭୀର ନାଭି ଓ ତ୍ରିବଳିଯୁକ୍ତ ଉଦର ଅଶ୍ୱତ୍ଥପତ୍ର ପରି ଶୋଭାୟମାନ ॥ ୪୮ ॥ ସ୍ଥୂଳ ଜଘନପ୍ରଦେଶ ଓ ନିତମ୍ବ; ହସ୍ତୀଶୁଣ୍ଡ ସମାନ ଜଙ୍ଘ; ସୁନ୍ଦର ଆଣ୍ଠୁ ଓ ପେଣ୍ଡା । ଉତ୍ତୁଙ୍ଗ ବଳାଗଣ୍ଠି । ରକ୍ତାଭ ନଖମାନଙ୍କରୁ ଦିବ୍ୟ ଜ୍ୟୋତିର୍ମୟ କିରଣ ଛଟକୁଛି । ପାଦପଦ୍ମର ଆଙ୍ଗୁଠିଗୁଡ଼ିକ ସଦ୍ୟ ପ୍ରସ୍ଫୁଟିତ କୋମଳ ପଦ୍ମପାଖୁଡ଼ା ପରି ହୋଇଛି ॥ ୪୯,୫୦ ॥ ବହୁମୂଲ୍ୟ ମଣିଜଟିତ ମୁକୁଟ, କଙ୍କଣ, ବାକୁବନ୍ଧ, କଟିସୂତ୍ର (ଅଣ୍ଟାସୂତା), ହାର, ନୂପୁର, କୁଣ୍ଡଳ ତଥା ଯଜ୍ଞୋପବୀତରେ ତାଙ୍କର ସେହି ଦିବ୍ୟମୂର୍ତ୍ତି ସୁଶୋଭିତ ହେଉଥାଏ । ଗୋଟିଏ ହାତରେ ଶୋଭା ପାଉଥାଏ ପଦ୍ମ ଏବଂ ଅନ୍ୟ ତିନି ହାତରେ ଶୋଭା ପାଉଥାଏ ଶଙ୍ଖ, ଚକ୍ର ଓ ଗଦା । ବକ୍ଷଃସ୍ଥଳରେ ଦିଶୁଥାଏ ଶ୍ରୀବତ୍ସଚିହ୍ନ; ଗଳାରେ ଲମ୍ବିଥାଏ କୌସ୍ତୁଭମଣି ଓ ବନମାଳା ॥ ୫୧,୫୨ ॥ ନନ୍ଦ-ସୁନନ୍ଦ ଆଦି ପାର୍ଷଦ ପ୍ରଭୁଙ୍କୁ ନିଜର 'ସ୍ୱାମୀ' ବୋଲି, ସନକାଦି ପରମର୍ଷି 'ପରବ୍ରହ୍ମ' ବୋଲି, ବ୍ରହ୍ମା-ମହାଦେବ ଆଦି ଦେବତା 'ସର୍ବେଶ୍ୱର' ବୋଲି, ମରୀଚି ଆଦି ନଅ ବ୍ରାହ୍ମଣ 'ପ୍ରଜାପତି' ବୋଲି ଓ ପ୍ରହ୍ଲାଦ-ନାରଦ ଆଦି ଭଗବାନଙ୍କର ପରମ ଭକ୍ତ ତଥା ଅଷ୍ଟବସୁ ପ୍ରଭୁଙ୍କୁ ନିଜର ପ୍ରିୟତମ 'ଭଗବାନ' ବୋଲି ବୁଝି ଭିନ୍ନ ଭିନ୍ନ ଭାବ ଅନୁସାରେ ନିର୍ଦ୍ଦୋଷ ବେଦବାଣୀ-ଦ୍ୱାରା ଭଗବାନଙ୍କୁ ସ୍ତୁତି କରିଗଲିଥାନ୍ତି ॥ ୫୩,୫୪ ॥

ଶ୍ରିୟା ପୁଷ୍ଟ୍ୟା ଗିରା କାନ୍ତ୍ୟା କୀର୍ତ୍ୟା ତୁଷ୍ଟ୍ୟେଳୟୋର୍ଜୟା ।
ବିଦ୍ୟୟାବିଦ୍ୟୟା ଶକ୍ତ୍ୟା ମାୟୟା ଚ ନିଷେବିତମ୍ ॥ ୫୫

ବିଲୋକ୍ୟ ସୁଭୃଶଂ ପ୍ରୀତୋ ଭକ୍ତ୍ୟା ପରମୟା ଯୁତଃ ।
ହୃଷ୍ୟତ୍ତନୂରୁହୋ ଭାବପରିକ୍ଲିନ୍ନାମ୍ବଲୋଚନଃ ॥ ୫୬

ଗିରା ଗଦ୍‌ଗଦୟାଶ୍ରୌଷାତ୍ ସତ୍ତ୍ୱମାଲମ୍ବ୍ୟ ସାତ୍ୱତଃ ।
ପ୍ରଣମ୍ୟ ମୂର୍ଦ୍ଧ୍ନାବହିତଃ କୃତାଞ୍ଜଳିପୁଟଃ ଶନୈଃ ॥ ୫୭

ସେମାନଙ୍କ ସହିତ ଲକ୍ଷ୍ମୀ, ପୁଷ୍ଟି, ସରସ୍ୱତୀ, କାନ୍ତି, କୀର୍ତ୍ତି ଓ ତୁଷ୍ଟି (ଅର୍ଥାତ୍ ଐଶ୍ୱର୍ଯ୍ୟ, ବଳ, ଜ୍ଞାନ, ଶ୍ରୀ, ଯଶ ଓ ବୈରାଗ୍ୟ—ଏହି ଷଡ଼ୈଶ୍ୱର୍ଯ୍ୟରୂପା ଶକ୍ତିମାନେ), ଇଳା (ସନ୍ଧିନୀରୂପା ପୃଥ୍ୱୀ-ଶକ୍ତି), ଉର୍ଜା (ଲୀଳାଶକ୍ତି), ବିଦ୍ୟା-ଅବିଦ୍ୟା (ଜୀବର ମୋକ୍ଷ ଓ ବନ୍ଧନର କାରଣରୂପା ବହିରଙ୍ଗା ଶକ୍ତି), ହ୍ଲାଦିନୀ, ସଂବିତ୍ (ଅନ୍ତରଙ୍ଗା ଶକ୍ତି) ଏବଂ ମାୟା ଆଦି ଶକ୍ତିମାନେ ମୂର୍ତ୍ତିମାନ୍ ହୋଇ ତାହାଙ୍କର ସେବା କରୁଛନ୍ତି ॥ ୫୫ ॥

ଭଗବାନଙ୍କର ଏହି ଶୋଭାସମ୍ପଦ ଦେଖି ଅକ୍ରୂରଙ୍କର ହୃଦୟ ପରମାନନ୍ଦରେ ପରିପୂର୍ଣ୍ଣ ହୋଇଗଲା । ତାଙ୍କୁ ପରମ ଭକ୍ତି ମିଳିଗଲା । ତାଙ୍କର ସମଗ୍ର ଶରୀର ହର୍ଷାବେଶରେ ପୁଲକିତ ହୋଇଗଲା । ପ୍ରେମଭାବ ଉଦ୍ରେକ ହୋଇଯିବାରୁ ତାଙ୍କର ନେତ୍ର ଅଶ୍ରୁରେ ଭରିଗଲା ॥ ୫୬ ॥ ଅକ୍ରୂର ଧୈର୍ଯ୍ୟ ଧରି ଭଗବାନଙ୍କ ଚରଣରେ ମଥା ରଖି ପ୍ରଣାମ କଲେ ଓ ତା'ପରେ ଦୁଇହାତ ଯୋଡ଼ି, ଏକାଗ୍ରଚିତ୍ତ ହୋଇ ଗଦ୍‌ଗଦ କଣ୍ଠରେ ଭଗବାନଙ୍କୁ ସ୍ତୁତି କରିବାକୁ ଲାଗିଲେ ॥ ୫୭ ॥

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ଦଶମସ୍କନ୍ଧେ ପୂର୍ବାର୍ଦ୍ଧେ
ଅକ୍ରୂରପ୍ରତିଯାନେ ଏକୋନଚତ୍ୱାରିଂଶୋଽଧ୍ୟାୟଃ ॥ ୩୯ ॥

+++

ଅଥ ଚତ୍ୱାରିଂଶୋଽଧ୍ୟାୟଃ

ଅକ୍ରୂରଙ୍କର ଭଗବାନଙ୍କୁ ସ୍ତୁତି

ଅକ୍ରୂର ଉବାଚ

ନତୋଽସ୍ମ୍ୟହଂ ତ୍ୱାଖିଳହେତୁହେତୁଂ
ନାରାୟଣଂ ପୁରୁଷମାଦ୍ୟମବ୍ୟୟମ୍ ।
ଯନ୍ନାଭିଜାତାଦରବିନ୍ଦକୋଶାଦ୍
ବ୍ରହ୍ମାଽବିରାସୀତ୍ ଯତ ଏଷ ଲୋକଃ ॥ ୧

ଭୂର୍ମ୍ଭୋୟମଗ୍ନିଃ ପବନଃ ଖମାଦି-
ର୍ମହାନଜାଦିର୍ମନ ଇନ୍ଦ୍ରିୟାଣି ।
ସର୍ବେନ୍ଦ୍ରିୟାର୍ଥା ବିବୁଧାଶ୍ଚ ସର୍ବେ
ଯେ ହେତବସ୍ତେ ଜଗତୋଽଙ୍ଗଭୂତାଃ ॥ ୨

ନୈତେ ସ୍ୱରୂପଂ ବିବୁରାତ୍ମନସ୍ତେ
ହ୍ୟଜାଦୟୋଽନାତ୍ମତୟା ଗୃହୀତାଃ ।
ଅଜୋଽନୁବଦ୍ଧଃ ସ ଗୁଣୈରଜାୟା
ଗୁଣାତ୍ ପରଂ ବେଦ ନ ତେ ସ୍ୱରୂପମ୍ ॥ ୩

ଅକ୍ରୂର ସ୍ତୁତି କଲେ—ହେ ପ୍ରଭୁ ! ଆପଣ ହେଉଛନ୍ତି ପ୍ରକୃତି ଆଦି ସମସ୍ତ କାରଣର ପରମ କାରଣ । ଆପଣ ହିଁ ଅବିନାଶୀ ପୁରୁଷୋତ୍ତମ ନାରାୟଣ ତଥା ଆପଣଙ୍କ ନାଭିକମଳରୁ ଏ ସବୁ ଚରାଚର ଜଗତର ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କର ଆବିର୍ଭାବ ହୋଇଛି । ମୁଁ ଆପଣଙ୍କ ଚରଣରେ ନମସ୍କାର କରୁଛି ॥ ୧ ॥ ଭୂମି, ଜଳ, ଅଗ୍ନି, ବାୟୁ, ଆକାଶ, ଅହଂକାର ମହତତ୍ତ୍ୱ, ପ୍ରକୃତି, ପୁରୁଷ, ମନ, ଇନ୍ଦ୍ରିୟ, ସକଳ ଇନ୍ଦ୍ରିୟର ବିଷୟ, ସେମାନଙ୍କର ଅଧିଷ୍ଠାତୃ ଦେବତା ଜଗତର ପଞ୍ଚାଳନ ଆଦିର କାରଣ ପ୍ରଭୃତି ହେଉଛି ଆପଣଙ୍କର ଅଙ୍ଗସ୍ୱରୂପ ॥ ୨ ॥ ପ୍ରକୃତି ତଥା ପ୍ରକୃତିରୁ ଉତ୍ପନ୍ନ ହେଉଥିବା ସମସ୍ତ ପଦାର୍ଥ ଅନାତ୍ମା ପଦବାଚ୍ୟ । ଅନାତ୍ମା ହୋଇଥିବାରୁ ଏସବୁ ଜଡ଼; ତେଣୁ ଏସବୁ ଆପଣଙ୍କ ସ୍ୱରୂପକୁ ଜାଣିପାରନ୍ତି ନାହିଁ; କାରଣ ଆପଣ ତ ହେଉଛନ୍ତି ସମସ୍ତଙ୍କର ଆତ୍ମା ଏବଂ ଆପଣ ଗୁଣାତୀତ ମଧ୍ୟ । ବ୍ରହ୍ମା ନିଶ୍ଚିତରୂପେ ଆପଣଙ୍କର ସ୍ୱରୂପ; କିନ୍ତୁ ସେ ପ୍ରକୃତିର ରଜୋଗୁଣ ସହିତ ସଂଯୁକ୍ତ ହୋଇଥିବାରୁ ଆପଣଙ୍କର ଗୁଣାତୀତ ସ୍ୱରୂପକୁ ଜାଣନ୍ତି ନାହିଁ ॥ ୩ ॥

ତ୍ୱାଂ ଯୋଗିନୋ ଯଜନ୍ତ୍ୟଦ୍ଧା ମହାପୁରୁଷମୀଶ୍ୱରମ୍ ।
ସାଧ୍ୟାତ୍ମଂ ସାଧିଭୂତଂ ଚ ସାଧିଦୈବଂ ଚ ସାଧବଃ ॥ ୪

ତ୍ରୟ୍ୟା ଚ ବିଦ୍ୟୟା କେଚିତ୍ ତ୍ୱାଂ ବୈ ବୈତାନିକା ଦ୍ୱିଜାଃ ।
ଯଜନ୍ତେ ବିତତୈର୍ଯଜ୍ଞୈର୍ନାନାରୂପାମରାଖ୍ୟୟା ॥ ୫

ଏକେ ତ୍ୱାଖିଳକର୍ମାଣି ସଂନ୍ୟସ୍ୟୋପଶମଂ ଗତାଃ ।
ଜ୍ଞାନିନୋ ଜ୍ଞାନଯଜ୍ଞେନ ଯଜନ୍ତି ଜ୍ଞାନବିଗ୍ରହମ୍ ॥ ୬

ଅନ୍ୟେ ଚ ସଂସ୍କୃତାତ୍ମାନୋ ବିଧିନାଭିହିତେନ ତେ ।
ଯଜନ୍ତି ତ୍ୱନ୍ମୟାସ୍ତ୍ୱାଂ ବୈ ବହୁମୂର୍ତ୍ତ୍ୟେକମୂର୍ତ୍ତିକମ୍ ॥ ୭

ତ୍ୱାମେବାନ୍ୟେ ଶିବୋକ୍ତେନ ମାର୍ଗେଣ ଶିବରୂପିଣମ୍ ।
ବହ୍ୱାଚାର୍ଯ୍ୟବିଭେଦେନ ଭଗବନ୍ ସମୁପାସତେ ॥ ୮

ସର୍ବ ଏବ ଯଜନ୍ତି ତ୍ୱାଂ ସର୍ବଦେବମୟେଶ୍ୱରମ୍ ।
ଯେଽପ୍ୟନ୍ୟଦେବତାଭକ୍ତା ଯଦ୍ୟପ୍ୟନ୍ୟଧିୟଃ ପ୍ରଭୋ ॥ ୯

ଯଥାଦ୍ରିପ୍ରଭବା ନଦ୍ୟଃ ପର୍ଜନ୍ୟାପୂରିତାଃ ପ୍ରଭୋ ।
ବିଶନ୍ତି ସର୍ବତଃ ସିନ୍ଧୁଂ ତ୍ୱଦ୍ବତ୍ୱାଂ ଗତୟୋଽନ୍ତତଃ ॥ ୧୦

ସତ୍ତ୍ୱଂ ରଜସ୍ତମ ଇତି ଭବତଃ ପ୍ରକୃତେର୍ଗୁଣାଃ ।
ତେଷୁ ହି ପ୍ରାକୃତାଃ ପ୍ରୋତା ଆବ୍ରହ୍ମସ୍ଥାବରାଦୟଃ ॥ ୧୧

ତୁଭ୍ୟଂ ନମସ୍ତେଽସ୍ତ୍ୱବିଷକ୍ତଦୃଷ୍ଟୟେ
ସର୍ବାତ୍ମନେ ସର୍ବଧିୟାଂ ଚ ସାକ୍ଷିଣେ ।

ଯୋଗୀ ସାଧୁମାନେ ଆପଣଙ୍କୁ ସକଳ ଜୀବଙ୍କ ଅନ୍ତଃକରଣରେ ସ୍ଥିତ 'ଅନ୍ତର୍ଯ୍ୟାମୀ' ରୂପରେ, ସମସ୍ତ ପଞ୍ଚମହାଭୂତରେ ବ୍ୟାପ୍ତ ଆପଣଙ୍କୁ 'ପରମାତ୍ମା' ରୂପରେ ଏବଂ ସକଳ ଇନ୍ଦ୍ରିୟର ଅଧିଷ୍ଠାତୃ ଦେବତା ସୂର୍ଯ୍ୟ, ଚନ୍ଦ୍ର ଆଦିରୂପରେ ଆପଣଙ୍କୁ ହିଁ ଦର୍ଶନ କରନ୍ତି । ସେମାନେ ସମସ୍ତଙ୍କର ସାକ୍ଷୀ ମହାପୁରୁଷ ଏବଂ ନିୟନ୍ତା 'ଈଶ୍ୱର' ରୂପରେ ସାକ୍ଷାତ୍ ଆପଣଙ୍କୁ ହିଁ ଉପାସନା କରନ୍ତି ॥ ୪ ॥ ବହୁ କର୍ମକାଣ୍ଡୀ ବ୍ରାହ୍ମଣ ବଡ଼ ବଡ଼ ଯଜ୍ଞ କରନ୍ତି ଏବଂ ତିନିବେଦରେ ପ୍ରତିପାଦିତ ଇନ୍ଦ୍ର, ଅଗ୍ନି ଆଦି ବିଭିନ୍ନ ଦେବତାଙ୍କ ନାମରେ ଆପଣଙ୍କୁ ହିଁ ଉପାସନା କରନ୍ତି ॥ ୫ ॥ ଅନ୍ୟ କେତେକ ଜ୍ଞାନୀଜନ ସମସ୍ତ କର୍ମ ତ୍ୟାଗ କରିଦେଇ ଶାନ୍ତସ୍ଥିତିରେ ଅବସ୍ଥାନ କରନ୍ତି । ଏହିପରି ଜ୍ଞାନଯଜ୍ଞଦ୍ୱାରା ସେମାନେ ଜ୍ଞାନସ୍ୱରୂପ ଆପଣଙ୍କୁ ହିଁ ଆରାଧନା କରନ୍ତି ॥ ୬ ॥ ପୁଣି ଆହୁରି କେତେକ ସଂସ୍କାରସମ୍ପନ୍ନ ବା ଶୁଦ୍ଧଚିତ୍ତ ବୈଷ୍ଣବଜନ ଆପଣଙ୍କ ଠାରେ ତନ୍ମୟ ହୋଇ ଆପଣଙ୍କୁ ବାସୁଦେବ, ସଙ୍କର୍ଷଣ, ପ୍ରଦ୍ୟୁମ୍ନ ଓ ଅନିରୁଦ୍ଧ ଆଦି ଚତୁର୍ବ୍ୟୂହରୂପରେ କିମ୍ବା ଆହୁରି ଅନେକ ରୂପରେ ଅଥବା ଏକମାତ୍ର ନାରାୟଣ ସ୍ୱରୂପରେ ପୂଜା କରନ୍ତି ॥ ୭ ॥ ହେ ଭଗବାନ ! ଅନ୍ୟ କେତେକ ଲୋକ ପ୍ରଭୁ ଶିବଙ୍କ ଦ୍ୱାରା କଥିତ ମାର୍ଗରେ ତଥା ସେହି ମାର୍ଗରେ ମଧ୍ୟ ଆଗ୍ରହ୍ୟ ଭେଦରେ ରହିଥିବା ବିଭିନ୍ନ ଅବାନ୍ତର ମାର୍ଗରେ ଶିବସ୍ୱରୂପ ଆପଣଙ୍କୁ ହିଁ ପୂଜା କରନ୍ତି ॥ ୮ ॥ ହେ ସ୍ୱାମୀ ! ଯେଉଁମାନେ ଅନ୍ୟ ଦେବତାମାନଙ୍କୁ ଭକ୍ତି କରନ୍ତି ଓ ସେମାନଙ୍କୁ ଆପଣଙ୍କ ଠାରୁ ଭିନ୍ନ ବୋଲି ଭାବନ୍ତି, ସେମାନେ ମଧ୍ୟ ବାସ୍ତବରେ ଆପଣଙ୍କର ହିଁ ଆରାଧନା କରନ୍ତି; କାରଣ ଆପଣ ହିଁ ସମସ୍ତ ଦେବତାଙ୍କ ରୂପରେ ଅଛନ୍ତି ଓ ଆପଣ ହେଉଛନ୍ତି ସର୍ବେଶ୍ୱର ॥ ୯ ॥ ହେ ପ୍ରଭୁ ! ପର୍ବତରୁ ବାହାରିଥିବା ସବୁ ନଦୀ ଯେପରି ବୃଷ୍ଟିଜଳରେ ପୂର୍ଣ୍ଣ ହୋଇ ବିଭିନ୍ନ ପଥଦେଇ ଭ୍ରମି ଭ୍ରମି (ଶାଖାପ୍ରଶାଖାରେ ବିଭକ୍ତ ହୋଇ) ଶେଷରେ ଯାଇ ସମୁଦ୍ରରେ ମିଶନ୍ତି, ସବୁପ୍ରକାର ଉପାସନାମାର୍ଗ ମଧ୍ୟ ସେହିପରି ଶେଷରେ ଆପଣଙ୍କ ପାଖରେ ପହଞ୍ଚି ଏକାକାର ହୋଇଯାଏ ॥ ୧୦ ॥

ହେ ପ୍ରଭୁ ! ଆପଣଙ୍କ ପ୍ରକୃତିର ତିନିଟି ଗୁଣ ରହିଛି, ଯଥା—ସତ୍ତ୍ୱ, ରଜ ଓ ତମ । ବ୍ରହ୍ମାଙ୍କ ଠାରୁ ଆରମ୍ଭ କରି ସ୍ଥାବର ପର୍ଯ୍ୟନ୍ତ ସକଳ ଚରାଚର ଜୀବ ହେଉଛନ୍ତି ପ୍ରାକୃତ; ଏବଂ ବସ୍ତ୍ର ଯେପରି ସୂତ୍ରରେ ଓତପ୍ରୋତ ହୋଇ ରହିଥାଏ, ଏହି ଚରାଚର ଜୀବମାନେ ମଧ୍ୟ ସେହିପରି ପ୍ରକୃତିର ସେହି ତିନିଗୁଣରେ ଓତପ୍ରୋତ ହୋଇ ରହିଛନ୍ତି ॥ ୧୧ ॥ କିନ୍ତୁ ଆପଣ ସର୍ବସ୍ୱରୂପ ହୋଇ ମଧ୍ୟ ସେସବୁ ଗୁଣରେ ଲିପ୍ତ ନୁହନ୍ତି । ଆପଣ ସକଳ ବୃତ୍ତିର ସାକ୍ଷୀ ହୋଇଥିବାରୁ ଆପଣଙ୍କ ଦୃଷ୍ଟି ନିର୍ଲିପ୍ତ । ତ୍ରିଗୁଣ-ପ୍ରବାହରୁ ଜାତ ହୋଇଥିବା

ଗୁଣପ୍ରବାହୋଽୟମବିଦ୍ୟୟା କୃତଃ
ପ୍ରବର୍ତ୍ତତେ ଦେବନୃତିର୍ଯ୍ୟଗାତ୍ମସୁ ॥ ୧୨

ଅଗ୍ନିର୍ମୁଖଂ ତେଽବନିରଙ୍ଘ୍ରିରୀକ୍ଷଣଂ
ସୂର୍ଯ୍ୟୋ ନଭୋ ନାଭିରଥୋ ଦିଶଃ ଶ୍ରୁତିଃ ।
ଦ୍ୟୌଃ କଂ ସୁରେନ୍ଦ୍ରାସ୍ତବ ବାହବୋଽର୍ଣ୍ଣବାଃ
କୁକ୍ଷିର୍ମରୁତ୍ ପ୍ରାଣବଲଂ ପ୍ରକଳ୍ପିତମ୍ ॥ ୧୩

ରୋମାଣି ବୃକ୍ଷୌଷଧୟଃ ଶିରୋରୁହା
ମେଘାଃ ପରସ୍ୟାପିନଖାନି ତେଽଦ୍ରୟଃ ।
ନିମେଷଣଂ ରାତ୍ର୍ୟହନୀ ପ୍ରଜାପତି-
ର୍ମେଢ୍ରସ୍ତୁ ବୃଷ୍ଟିସ୍ତବ ବୀର୍ଯ୍ୟମିଷ୍ୟତେ ॥ ୧୪

ତ୍ୱଯ୍ୟବ୍ୟୟାତ୍ମନ୍ ପୁରୁଷେ ପ୍ରକଳ୍ପିତା
ଲୋକାଃ ସପାଲା ବହୁଜୀବସଙ୍କୁଳାଃ ।
ଯଥା ଜଳେ ସଞ୍ଜିହତେ ଜଲୌକସୋ-
ଽପ୍ୟୁଦୁମ୍ବରେ ବା ମଶକା ମନୋମୟେ ॥ ୧୫

ଯାନି ଯାନୀହ ରୂପାଣି କ୍ରୀଡ଼ନାର୍ଥଂ ବିଭର୍ଷି ହି ।
ତୈରାମୃଷ୍ଟଶୁଚୋ ଲୋକା ମୁଦା ଗାୟନ୍ତି ତେ ଯଶଃ ॥ ୧୬

ନମଃ କାରଣମତ୍ସ୍ୟାୟ ପ୍ରଳୟାବ୍ଧିଚରାୟ ଚ ।
ହୟଶୀର୍ଷ୍ଣେ ନମସ୍ତୁଭ୍ୟଂ ମଧୁକୈଟଭମୃତ୍ୟବେ ॥ ୧୭

ଅକୂପାରାୟ ବୃହତେ ନମୋ ମନ୍ଦରଧାରିଣେ ।
କ୍ଷିତ୍ୟୁଦ୍ଧାରବିହାରାୟ ନମଃ ସୂକରମୂର୍ତ୍ତୟେ ॥ ୧୮

ସୃଷ୍ଟି ହେଉଛି ଅଜ୍ଞାନମୂଳକ ଏବଂ ସେହି ଅଜ୍ଞାନମୂଳକ ସୃଷ୍ଟି ଦେବତା, ମନୁଷ୍ୟ, ପଶୁପକ୍ଷୀ ଆଦି ସମସ୍ତ ଯୋନିରେ ବ୍ୟାପ୍ତ ହୋଇଯାଇଛି; କିନ୍ତୁ ଆପଣ ସେଥିରୁ ସର୍ବଥା ପୃଥକ୍ । ତେଣୁ ମୁଁ ଆପଣଙ୍କୁ ନମସ୍କାର କରୁଛି ॥ ୧୨ ॥ ଅଗ୍ନି ହେଉଛି ଆପଣଙ୍କର ମୁଖ; ପୃଥିବୀ ଆପଣଙ୍କର ଚରଣ; ସୂର୍ଯ୍ୟ ଓ ଚନ୍ଦ୍ର ଆପଣଙ୍କର ନେତ୍ର । ଆକାଶ ହେଉଛି ଆପଣଙ୍କର ନାଭି ଓ ଦିଗମାନେ ହେଉଛନ୍ତି ଆପଣଙ୍କର କର୍ଣ୍ଣ । ସ୍ୱର୍ଗ ଆପଣଙ୍କର ଶିର ଓ ଦେବଗଣ ଭୁଜ । ସମୁଦ୍ର ଆପଣଙ୍କର ଉଦର ଏବଂ ବାୟୁ ଆପଣଙ୍କର ପ୍ରାଣଶକ୍ତି ବୋଲି ଉପାସନା ନିମନ୍ତେ କଳ୍ପିତ ହୋଇଛି ॥ ୧୩ ॥ ବୃକ୍ଷ ଓ ଔଷଧିମାନେ ଆପଣଙ୍କର ରୋମ; ମେଘମାନେ ମସ୍ତକର କେଶ । ପର୍ବତମାନେ ଆପଣଙ୍କର ଅସ୍ଥିସମୂହ ଓ ନଖ । ଦିନ ଓ ରାତି ହେଉଛନ୍ତି ଆପଣଙ୍କର ପଲକ ଖୋଲିବା ଓ ପକାଇବା । ପ୍ରଜାପତି ହେଉଛନ୍ତି ଆପଣଙ୍କର ଜନନେନ୍ଦ୍ରିୟ ଓ ବୃଷ୍ଟି ହେଉଛି ଆପଣଙ୍କର ବୀର୍ଯ୍ୟ ॥ ୧୪ ॥ ହେ ଅବିନାଶୀ ଭଗବାନ ! ଜଳରେ ଯେପରି ବହୁସଂଖ୍ୟାରେ ଜଳଚର ଜୀବ ରହନ୍ତି, ଡିମିରିଫଳ ଭିତରେ ଯେପରି ଅସଂଖ୍ୟ ଛୋଟ ଛୋଟ କୀଟ ରହନ୍ତି, ଉପାସନା ନିମନ୍ତେ ଗ୍ରହଣ କରାଯାଇଥିବା ଆପଣଙ୍କର ମନୋମୟ ପୁରୁଷରୂପରେ ସେହିପରି ଅନେକ ପ୍ରକାର ଜୀବଜନ୍ତୁରେ ପୂର୍ଣ୍ଣ ବହୁ ଲୋକ ଓ ଲୋକପାଳ ଥିବା କଳ୍ପନା କରାଯାଇଛି ॥ ୧୫ ॥ ହେ ପ୍ରଭୁ ! ଆପଣ ଲୀଳା କରିବା ନିମନ୍ତେ ପୃଥିବୀରେ ଯେଉଁସବୁ ରୂପ ଧରନ୍ତି, ସେହିସବୁ ଅବତାର ଲୋକମାନଙ୍କର ଶୋକ ଓ ମୋହକୁ ନଷ୍ଟ କରିଦିଏ ଏବଂ ଲୋକେ ବଡ଼ ଆନନ୍ଦରେ ଆପଣଙ୍କର ନିର୍ମଳ ଯଶ ଗାନ କରନ୍ତି ॥ ୧୬ ॥ ହେ ପ୍ରଭୁ ! ଆପଣ ବେଦମାନଙ୍କୁ, ଋଷିମାନଙ୍କୁ, ଔଷଧିମାନଙ୍କୁ ଓ ସତ୍ୟବ୍ରତ ଆଦିଙ୍କୁ ରକ୍ଷା କରିବା ନିମନ୍ତେ ମତ୍ସ୍ୟରୂପ ଧାରଣ କରିଥିଲେ ଏବଂ ପ୍ରଳୟସାଗରରେ ସ୍ୱଚ୍ଛନ୍ଦରେ ବିହାର କରିଥିଲେ । ଆପଣଙ୍କର ମତ୍ସ୍ୟରୂପକୁ ମୁଁ ନମସ୍କାର କରୁଛି । ଆପଣ ମଧୁ ଓ କୈଟଭ ନାମକ ଦୁଇ ଅସୁରଙ୍କୁ ସଂହାର କରିବା ନିମନ୍ତେ ହୟଗ୍ରୀବ ଅବତାର ଗ୍ରହଣ କରିଥିଲେ । ଆପଣଙ୍କର ସେହି ରୂପକୁ ମୁଁ ନମସ୍କାର କରୁଛି ॥ ୧୭ ॥ ଆପଣ ହିଁ ବିଶାଳ କଚ୍ଛପରୂପ ଗ୍ରହଣ କରି ମନ୍ଦରାଚଳକୁ ଧାରଣ କରିଥିଲେ । ମୁଁ ଆପଣଙ୍କୁ ନମସ୍କାର କରୁଛି । ଆପଣ ହିଁ ପୃଥିବୀକୁ ଉଦ୍ଧାର କରିବା ନିମନ୍ତେ ବରାହରୂପ ଧାରଣ କରିଥିଲେ; ଆପଣଙ୍କୁ ମୋର ବାରମ୍ବାର ନମସ୍କାର ॥ ୧୮ ॥

ନମସ୍ତେଽଦ୍ଭୁତସିଂହାୟ ସାଧୁଲୋକଭୟାପହ।
ବାମନାୟ ନମସ୍ତୁଭ୍ୟଂ କ୍ରାନ୍ତତ୍ରିଭୁବନାୟ ଚ ॥ ୧୯

ପ୍ରହ୍ଲାଦଙ୍କ ପରି ସାଧୁଜନଙ୍କର ଭୟ ଦୂରକାରୀ ହେ ପ୍ରଭୁ ! ଆପଣଙ୍କର ସେହି ଅଲୌକିକ ନୃସିଂହରୂପକୁ ମୁଁ ନମସ୍କାର କରୁଛି। ଆପଣ ବାମନରୂପ ଗ୍ରହଣ କରି ନିଜର ପାଦରେ ତିନିଲୋକ ମାପି ଦେଇଥିଲେ; ଆପଣଙ୍କୁ ମୁଁ ନମସ୍କାର କରୁଛି ॥ ୧୯ ॥ ଧର୍ମକୁ ଉଲ୍ଲଙ୍ଘନ କରୁଥିବା ଗର୍ବୋନ୍ମତ୍ତ କ୍ଷତ୍ରିୟସମୂହରୂପୀ ବନକୁ ଛେଦନ କରିଦେବା ନିମନ୍ତେ ଆପଣ ଭୃଗୁପତି ପରଶୁରାମରୂପ ଗ୍ରହଣ କରିଥିଲେ। ମୁଁ ଆପଣଙ୍କର ସେହି ରୂପକୁ ନମସ୍କାର କରୁଛି। ରାବଣକୁ ବଧ କରିବା ନିମନ୍ତେ ଆପଣ ରଘୁବଂଶରେ ଭଗବାନ ଶ୍ରୀରାମରୂପରେ ଅବତାର ଗ୍ରହଣ କରିଥିଲେ। ମୁଁ ଆପଣଙ୍କୁ ନମସ୍କାର କରୁଛି ॥ ୨୦ ॥ ବୈଷ୍ଣବଜନଙ୍କୁ ତଥା ଯଦୁବଂଶୀମାନଙ୍କୁ ପାଳନପୋଷଣ କରିବା ନିମନ୍ତେ ଆପଣ ହିଁ ନିଜକୁ ବାସୁଦେବ, ସଙ୍କର୍ଷଣ, ପ୍ରଦ୍ୟୁମ୍ନ ଓ ଅନିରୁଦ୍ଧ— ଏହି ଚତୁର୍ବ୍ୟୂହରୂପରେ ପ୍ରକଟ କରିଛନ୍ତି। ମୁଁ ଆପଣଙ୍କୁ ବାରମ୍ବାର ନମସ୍କାର କରୁଛି ॥ ୨୧ ॥ ଦୈତ୍ୟ ଓ ଦାନବମାନଙ୍କୁ ମୋହିତ କରିବା ନିମନ୍ତେ ଆପଣ ଶୁଦ୍ଧ ଅହିଂସାମାର୍ଗର ପ୍ରବର୍ତ୍ତକ ବୁଦ୍ଧଙ୍କ ରୂପ ଗ୍ରହଣ କରିବେ। ମୁଁ ଆପଣଙ୍କର ସେହି ବୁଦ୍ଧରୂପକୁ ନମସ୍କାର କରୁଛି। ପୃଥିବୀର କ୍ଷତ୍ରିୟମାନେ ମ୍ଲେଚ୍ଛପ୍ରାୟ ହୋଇଗଲେ, ସେମାନଙ୍କୁ ବିନାଶ କରିବା ନିମନ୍ତେ ଆପଣ ହିଁ କଲ୍କିରୂପରେ ଅବତୀର୍ଣ୍ଣ ହେବେ। ମୁଁ ଆପଣଙ୍କୁ ନମସ୍କାର କରୁଛି ॥ ୨୨ ॥

ମ୍ଲେଚ୍ଛପ୍ରାୟକ୍ଷତ୍ରହନ୍ତ୍ରେ ନମସ୍ତେ କଲ୍କିରୂପିଣେ ॥ ୨୨

ଭଗବଞ୍ଜୀବଲୋକୋଽୟଂ ମୋହିତସ୍ତବ ମାୟୟା।
ଅହଂମମେତ୍ୟସଦ୍ଗ୍ରାହୋ ଭ୍ରାମ୍ୟତେ କର୍ମବର୍ତ୍ମସୁ ॥ ୨୩

ଭଗବନ୍ ! ଏହି ସମସ୍ତ ଜୀବ ଆପଣଙ୍କ ମାୟାରେ ମୋହିତ ହେଉଛନ୍ତି ଏବଂ ସେହି ମୋହ ହେତୁ 'ମୁଁ-ମୋର'ରୂପୀ ମିଥ୍ୟାଜାଲରେ ପଡ଼ି ବାଟବଣା ହୋଇ କୁମାର୍ଗରେ ବୁଲୁଛନ୍ତି ॥ ୨୩ ॥ ହେ ମୋର ସ୍ୱାମୀ ! ସ୍ୱପ୍ନରେ ଦେଖିଥିବା ପଦାର୍ଥ ଯେପରି ମିଥ୍ୟା, ଏହି ଦେହ-ଗେହ, ପତ୍ନୀ-ପୁତ୍ର ଓ ଧନ-ଜନ ଆଦି ସେହିପରି ମିଥ୍ୟା ହୋଇଥିଲେ ବି, ମୁଁ ମଧ୍ୟ ଏହି ମିଥ୍ୟା ମୋହରେ ପଡ଼ି ପଥଭ୍ରଷ୍ଟ ହୋଇ ବୁଲୁଛି ॥ ୨୪ ॥

ଅହଂ ଗୃତ୍ସମଦୋଜାଗାରଦାରାର୍ଥସ୍ୱଜନାଦିଷୁ।
ଭ୍ରମାମି ସ୍ୱପ୍ନଜକ୍ଲେଷୁ ମୂଢ଼ଃ ସତ୍ୟଧିୟା ବିଭୋ ॥ ୨୪

ମୋର ମୂର୍ଖତାକୁ ଦେଖନ୍ତୁ, ପ୍ରଭୁ ! ମୁଁ ଅନିତ୍ୟ ବସ୍ତୁକୁ ନିତ୍ୟ, ଅନାତ୍ମାକୁ ଆତ୍ମା ଓ ଦୁଃଖକୁ ସୁଖ ବୋଲି ଧରିନେଇଛି। ଏହି ବିପରୀତ ବୁଦ୍ଧିରେ ମୁଁ ଭ୍ରାନ୍ତ ହୋଇଯାଇଛି। ଅଜ୍ଞାନ ହେତୁ ମୁଁ ସଂସାରିକ ସୁଖ-ଦୁଃଖ ଆଦି ଦ୍ୱନ୍ଦ୍ୱରେ ହିଁ ମଜ୍ଜିଯାଇଛି ଏବଂ ଆପଣ ଯେ ମୋର ପ୍ରକୃତ ବନ୍ଧୁ, ମୁଁ ତାହା ସମ୍ପୂର୍ଣ୍ଣ ଭୁଲିଯାଇଛି ॥ ୨୪ ॥ ଅଜ୍ଞଲୋକ ଯେପରି ଜଳ ପାଇଁ ପୁଷ୍କରିଣୀକୁ ଯାଇ ମଧ୍ୟ ସେଠାରେ ଜଳସ୍ତର ଘାସପତ୍ର ଓ ଜଳରେ ଆବୃତ ହୋଇ ରହିଥିବାରୁ ସେଠାରେ ଜଳ ନାହିଁ ବୋଲି ଭାବି ଫେରିଆସେ ଏବଂ ଜଳ ପାଇବାକୁ ମୃଗତୃଷ୍ଣା ପଛରେ ଧାଏଁ, ମୁଁ ସେହିପରି ମାୟା ପରଦାର ପଛରେ ଲୁଚି ରହିଥିବା ଆପଣଙ୍କ ଆଡ଼କୁ

ଅନିତ୍ୟାନାତ୍ମଦୁଃଖେଷୁ ବିପର୍ଯ୍ୟୟମତିର୍ହ୍ୟହମ୍।
ଦ୍ୱନ୍ଦ୍ୱାରାମସ୍ତମୋବିଷ୍ଟୋ ନ ଜାନେ ତ୍ୱାଽଽତ୍ମନଃ ପ୍ରିୟମ୍ ॥ ୨୫

ଯଥାବୁଧୋ ଜଳଂ ହିତ୍ୱା ପ୍ରତିଚ୍ଛନ୍ନଂ ତଦୁଦ୍ଭବୈଃ।
ଅଭ୍ୟେତି ମୃଗତୃଷ୍ଣାଂ ବୈ ତଦ୍ବତ୍ତ୍ୱାହଂ ପରାଙ୍ମୁଖଃ ॥ ୨୬

ନୋତ୍ସହେଽହଂ କୃପଣଧୀଃ କାମକର୍ମହତଂ ମନଃ।
ରୋଦ୍ଧୁଂ ପ୍ରମାଥିଭିଶ୍ଚାକ୍ଷୈର୍ହ୍ରିଯମାଣମିତସ୍ତତଃ ॥ ୨୬

ଅଗ୍ରସର ନ ହୋଇ ସୁଖ ପାଇବା ଆଶାରେ ବିଷୟ ପଛରେ ଧାଇଁଛି ॥ ୨୬ ॥ ମୁଁ ଅବିନାଶୀ ଅକ୍ଷର ସମ୍ବନ୍ଧରେ ଜ୍ଞାନ ଲାଭ କରିନାହିଁ। ତେଣୁ ମୋ ମନରେ ବିନାଶଶୀଳ ଭୌତିକ ବସ୍ତୁ ପାଇଁ କାମନା ଜାଗ୍ରତ ହେଉଛି ଏବଂ ତାହା ପାଇବାକୁ କର୍ମ କରିବା ପାଇଁ ସଂକଳ୍ପବିକଳ୍ প ଜାତ ହେଉଛି। ତା'ଛଡ଼ା ଇନ୍ଦ୍ରିୟମାନେ ଅତି ବଳବାନ୍ ହୋଇଥିବାରୁ ସେମାନେ ମୋ ମନକୁ ମଥନ କରି ବଳପୂର୍ବକ ଏମେତେରେ ଟାଣି ନେଉଛନ୍ତି। ତେଣୁ ମୁଁ ମନକୁ ଅଟକାଇ ରଖି ପାରୁନାହିଁ ॥ ୨୬ ॥ ଏପରିଭାବରେ ଲକ୍ଷ୍ୟଭ୍ରଷ୍ଟ ହୋଇ ବୁଲୁ ବୁଲୁ ଆପଣଙ୍କର ଯେଉଁ ଚରଣକମଳ ଦୁଷ୍ଟମାନଙ୍କ ପକ୍ଷରେ ଦୁର୍ଲଭ, ମୁଁ ଆସି ସେହି ଚରଣକମଳର ଛତ୍ରଛାୟାରେ ପହଞ୍ଚିଯାଇଛି। ହେ ମୋର ସ୍ୱାମୀ ! ଏହାକୁ ବି ମୁଁ ଆପଣଙ୍କର କୃପାପ୍ରସାଦ ବୋଲି ଭାବୁଛି; କାରଣ ହେ ପଦ୍ମନାଭ ! ଜୀବର ସଂସାରରୁ ମୁକ୍ତି ପାଇବାର ସମୟ ଆସିଗଲେ, ସତ୍‌ପୁରୁଷମାନଙ୍କ କୃପାରୁ ତାର ଚିତ୍ତବୃତ୍ତି ଆପଣଙ୍କ ଠାରେ ଲାଗିଯାଏ ॥ ୨୮ ॥ ହେ ପ୍ରଭୁ ! ଆପଣ ହେଉଛନ୍ତି କେବଳ ବିଜ୍ଞାନସ୍ୱରୂପ, ବିଜ୍ଞାନଘନ। ଯେତେସବୁ ପ୍ରତୀତି ରହିଛି, ଯେତେସବୁ ବୃତ୍ତି ରହିଛି ବା ଜାତ ହୋଇଛି, ଆପଣ ହିଁ ସେସବୁର କାରଣ ଓ ଅଧିଷ୍ଠାନ। ଆପଣ ହିଁ ଜୀବରୂପରେ ଏବଂ ଜୀବର ସୁଖଦୁଃଖ ଆଦିର ନିମିତ୍ତ ହେଉଥିବା କାଳ, କର୍ମ, ସ୍ୱଭାବ ତଥା ପ୍ରକୃତିରୂପରେ ରହିଛନ୍ତି। ଆପଣ ହିଁ ହେଉଛନ୍ତି ସେସବୁର ନିୟନ୍ତା। ଆପଣଙ୍କର ଶକ୍ତି ଅନନ୍ତ। ଆପଣ ସ୍ୱୟଂ ବ୍ରହ୍ମ। ମୁଁ ଆପଣଙ୍କୁ ନମସ୍କାର କରୁଛି ॥ ୨୯ ॥ ହେ ପ୍ରଭୁ ! ଆପଣ ହିଁ ବାସୁଦେବ; ଆପଣ ହିଁ ସକଳ ଜୀବଙ୍କର ଆଶ୍ରୟ (ସଂକର୍ଷଣ); ତଥା ଆପଣ ହିଁ ବୁଦ୍ଧି ଓ ମନର ଅଧିଷ୍ଠାତୃ ଦେବତା ହୃଷୀକେଶ (ପ୍ରଦ୍ୟୁମ୍ନ ଓ ଅନିରୁଦ୍ଧ)। ମୁଁ ଆପଣଙ୍କୁ ବାରମ୍ବାର ନମସ୍କାର କରୁଛି। ହେ ପ୍ରଭୁ ! ଆପଣ ଏହି ଶରଣାଗତଜୁ ରକ୍ଷା କରନ୍ତୁ ॥ ୩୦ ॥

ସୋଽହଂ ତବାଙ୍ଘ୍ର୍ୟୁପଗତୋଽସ୍ମ୍ୟସତାଂ ଦୁରାପଂ
ତଚ୍ଚାପ୍ୟହଂ ଭବଦନୁଗ୍ରହ ଈଶ ମନ୍ୟେ।
ପୁଂସୋ ଭବେଦ୍ ଯର୍ହି ସଂସରଣାପବର୍ଗ-
ସ୍ତ୍ୟବ୍ଜନାଭ ସତୁପାସନୟା ମତିଃ ସ୍ୟାତ୍ ॥ ୨୮

ନମୋ ବିଜ୍ଞାନମାତ୍ରାୟ ସର୍ବପ୍ରତ୍ୟୟହେତବେ।
ପୁରୁଷେଶପ୍ରଧାନାୟ ବ୍ରହ୍ମଣେଽନନ୍ତଶକ୍ତୟେ ॥ ୨୯

ନମସ୍ତେ ବାସୁଦେବାୟ ସର୍ବଭୂତକ୍ଷୟାୟ ଚ।
ହୃଷୀକେଶ ନମସ୍ତୁଭ୍ୟଂ ପ୍ରପନ୍ନଂ ପାହି ମାଂ ପ୍ରଭୋ ॥ ୩୦

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ଦଶମସ୍କନ୍ଧେ ପୂର୍ବାର୍ଦ୍ଧେ ଅକ୍ରୂରସ୍ତୁତିର୍ନାମ ଚତ୍ୱାରିଂଶୋଽଧ୍ୟାୟଃ ॥ ୪୦ ॥

+++

ଅଥୈକଚତ୍ୱାରିଂଶୋଽଧ୍ୟାୟଃ

ଶ୍ରୀକୃଷ୍ଣଙ୍କର ମଥୁରାରେ ପ୍ରବେଶ

ଶ୍ରୀଶୁକ ଉବାଚ

ସ୍ତୁବତସ୍ତସ୍ୟ ଭଗବାନ୍ ଦର୍ଶୟିତ୍ୱା ଜଳେ ବପୁଃ।
ଭୂୟଃ ସମାହରତ୍ କୃଷ୍ଣୋ ନଟୋ ନାଟ୍ୟମିବାତ୍ମନଃ ॥ ୧

ଶ୍ରୀଶୁକଦେବ କହିଗଲେ—ହେ ପରୀକ୍ଷିତ ! ଭଗବାନ ଶ୍ରୀକୃଷ୍ଣ ଅକ୍ରୂରଙ୍କୁ ଜଳମଧ୍ୟରେ ତାଙ୍କର ଦିବ୍ୟରୂପ ଦର୍ଶନ କରାଇଲେ। ତାହା ଦେଖି ଅକ୍ରୂର ଏପରି ସ୍ତୁତି କରୁଛନ୍ତି; ଠିକ୍ ଏତିକିବେଳେ ଅଭିନେତା ଯେପରି ମଞ୍ଚରେ